# ପ୍ରତିବିମ୍ବ

ବଳରାମ ପଟ୍ଟନାୟକ

ପ୍ରକାଶିକା
ଶ୍ରୀମତୀ ସରୋଜିନୀ ପଟ୍ଟନାୟକ
ବାସେଲୀସାହି
ପୁରୀ

ପ୍ରାପ୍ତିସ୍ଥାନ
ଶାନ୍ତିନିବାସ ବାଣୀମନ୍ଦିର
ପୁରୀଘାଟ ରୋଡ଼
କଟକ-୧

ମୂଲ୍ୟ ତିନିଟଙ୍କା ପଚିଶ ନୂଆ ପଇସା

ପ୍ରଥମ ପ୍ରକାଶ
ଫେବୃୟାରୀ, ୧୯୫୯

ମୁଦ୍ରାକର
ପଣ୍ଡିତ ଭୁବନେଶ୍ୱର ମିଶ୍ର
ପ୍ରଭାତୀ ପ୍ରେସ
କଟକ-୨

# ଉପହାର

"ପୁଅ ବଡ଼ ହେଲାନି, ଲେଖାଟା ତୁମର ଏମିତି ବଡ଼ ହେଲା ?" ସେଦିନ କଅଁଳ ଖରାରେ ବସି ବଡ଼ ଅଭିମାନଭରା ସ୍ୱରରେ ତୁମେ କହିଥିଲ—"ଏଇଟି ମୋର ଯମଅଇଁଠା, ଗୋଟିଏ ବୋଲି ଛୁଆ । ସିଏ କ'ଣ ତୁମ ଲେଖାଠୁ ବଡ଼ ନୁହେଁ ? ଲେଖାଠୁ କ'ଣ ପୁଅକୁ ତୁମେ ବେଶୀ ଭଲ ପାଅନି ?"

ସେତେବେଳେ ଏଇ ଲେଖାଟିକୁ ମୁଁ ରୂପ ଦେଉଥିଲି । କେବଳ ସେଇଥିପାଇଁ ତୁମ ହାତରୁ ପୁଅକୁ ନେଇ ପାରିଲିନି । ତୁମେ ରାଗ ଗରଗର ହୋଇ ଚାଲିଗଲ । କଥା କହିଲନି । ଅଭିମାନରେ ଅଭିମାନରେ ଏମିତି କେତେବେଳ ବିତିଗଲା । ତା'ପରେ ପାଣିଫୋଟକା ଭଳି ସେ ସବୁ କୁଆଡ଼େ ମିଳେଇ ଗଲା ।

ତୁମର ସେଇ କଥାଟି ମୋର ଏବେ ବି ମନେ ଅଛି । ଆମ ଛୁଆଟିକୁ ଭଲ ମଣିଷଟିଏ କରିବାକୁ ଆମେ ଦିନରାତି ଭାବୁଥିଲୁ । ମୁଁ ସେତେବେଳେ ଆମ ଗାଁ ଗହଳର ଛୁଆପିଲାଙ୍କ କଥାଇ ଭାବୁଥିଲି । ସେଇମାନେ କିପରି ଶିକ୍ଷିତ, ସ୍ୱାସ୍ଥ୍ୟବାନ ଓ ବଳଶାଳୀ ହୋଇ ପାରିବେ କେବଳ ସେଇ କଥା ମୋ ମନଭିତରେ ସେ ଦିନ ଲହଡ଼ି ମାରୁଥିଲା ।

ତୁମର ଗୋଟିଏ ନବଜାତ ଶିଶୁଭଳି ମୋର ସେଇ ଲେଖାଟି ଆଜି ଜନ୍ମଲାଭ କରିଛି । ଏଇ ଉପହାରଟି ଆଜି ତୁମରି ପାଇଁ ।

ତୁମରି......

ଶ୍ରୀଯୁକ୍ତ ବଳରାମ ପଟ୍ଟନାୟକ

ସୁହୃଦ୍‌ବରେଷୁ !

'ପ୍ରତିବିମ୍ବ' ପଢ଼ିଲି । ସବୁ ସମାଜରେ ପୁରୁଣା ଲୋକେ ନୂଆ ଲୋକଙ୍କର ସୁପାରିସ୍ କରିଥାନ୍ତି । ମୋର ମନେ ହୁଏ ଲେଖକ ସମାଜରେ ନୂଆ ଲୋକ ହିଁ ପୁରୁଣା ଲୋକର ସୁପାରିସ୍ କରିବାକୁ ଅଧିକାରୀ ।

ବନ୍ଧୁଭାବରେ ବୋଧହୁଏ ହୃଦୟବତ୍ତା ଦେଖାଇ ଆପଣ ମୋତେ ଆପଣଙ୍କର ପୁରସ୍କୃତ ଉପନ୍ୟାସ ପ୍ରକାଶ ପାଇବା ପୂର୍ବରୁ ପଢ଼ିବାକୁ ଦେଇ ମୋର ବିଶେଷ ସୁବିଧା କରି ଦେଇଛନ୍ତି । ମୁଁ ସର୍ବାନ୍ତଃକରଣରେ ଆଶୀର୍ବାଦ କରୁଛି ଯେ ଆପଣଙ୍କର 'ପ୍ରତିବିମ୍ବ' ଆଗାମୀ ଦିନର ଲକ୍ଷ ଲକ୍ଷ ଓଡ଼ିଆ ପାଠକଙ୍କର ଅନୁଭୂତିର ପ୍ରତିବିମ୍ବ ହୋଇ ରହିଥିବ ।

ଆପଣ 'ପ୍ରତିବିମ୍ବ' ଉପନ୍ୟାସ ସହିତ ଜୀବନରେ ଆଗେଇ ଯିବେ । କିନ୍ତୁ ମୋର ଆଶା, 'ପ୍ରତିବିମ୍ବ' ସବୁଦିନେ ତରୁଣ ରହି ତରୁଣମାନଙ୍କ ମନକୁ ଘେନିବ ।

ପ୍ରତ୍ୟେକ ଘରେ ଅନ୍ତତଃ ଜଣେ ଲୋକ ଏହି ଉପନ୍ୟାସଟିକୁ ପଢ଼ିବା ଉଚିତ । ବହିଟି ସୁଖପାଠ୍ୟ । ଅଯଥା ଆଦର୍ଶବାଦ ଦ୍ୱାରା ଆକ୍ରାନ୍ତ ହୋଇନାହିଁ । ଚରିତ୍ରଗୁଡ଼ିକ କାଳ୍ପନିକ ବୋଲି ମନେ ହୁଏନି । ପରିବେଶ ଆଧୁନିକ ଓ ସମସ୍ତଙ୍କର ପରିଚିତ । ମୋର ବିଶ୍ୱାସ ସବୁ ଶ୍ରେଣୀର ପାଠକଙ୍କ ମନକୁ ଉପନ୍ୟାସଟି ଘେନିବ ।

ପୁରୀଘାଟ ରୋଡ୍, କଟକ

ଆପଣଙ୍କର ସୌଜନ୍ୟମୁଗ୍ଧ

ତା ୭ । ୨ । ୫୯

ରାଜକିଶୋର ପଟ୍ଟନାୟକ

## ଲେଖକଙ୍କର ପ୍ରକାଶିତ ରଚନା

୧ । ଶିକାର
୨ । ଗୋଟିଏ ଜୀବନର କାହାଣୀ
୩ । ସ୍ପନ୍ଦନ
୪ । ପ୍ରତିବିମ୍ବ
୫ । ହେ ମୋର ଅଧମ ଶିଶୁ (କବିତା)

## ଅପ୍ରକାଶିତ ରଚନା—

୬ । ଅପଦାର୍ଥ
୭ । ନ ଥିଲା ଘରର ଝିଅ
୮ । କୁହାମୁଣ୍ଡା କପିଳା
୯ । କାହିଁ କଳପନା କାହିଁ ଜୀବନ (କବିତା)

ଓଡ଼ିଶା ସରକାରଙ୍କ ସାମାଜିକ ପ୍ରୌଢ଼ଶିକ୍ଷା ଦପ୍ତର ଏ ବହିଟିର ପାଣ୍ଡୁଲିପିକୁ ଉପଯୁକ୍ତ ବିବେଚନା କରି ପୁରସ୍କାର ପ୍ରଦାନ କରିଥିଲେ । ଏହାଦ୍ୱାରା ମୁଁ ଉତ୍ସାହିତ ହୋଇଥିଲି ।

କିନ୍ତୁ ମୋର ସହୃଦୟ ପାଠକ ପାଠିକା ତଥା ଦେଶର ଜନସାଧାରଣ ଯେବେ ଏହାକୁ ଭଲ ହୋଇଛି ବୋଲି କହନ୍ତି, ତା'ହେଲେ ହିଁ ବାସ୍ତବ—ଲେଖାଟି ମୋର ସାର୍ଥକ ହୋଇଛି ।

ବିନୀତ

ଲେଖକ

—ଏକ—

ମାନସିଂହ ପାଟଣାର ସାଆନ୍ତରା ବୁଢ଼ା ।

ତା ସାଙ୍ଗରେ ଆଉ କେହି ପାକେଲ ବୁଢ଼ା ସେ ଗାଁରେ କ'ଣ ଆଖପାଖରେ ବି ନ ଥିବେ । ଯୋଉମାନଙ୍କୁ କନ୍ଧୁଆ କରି ସେ ଭାଗବତ ଘରେ ସାଗି କୋରା, ନଡ଼ିଆ କୋରା ଓ ନାଲି ଉଖୁଡ଼ା ଆଦି ଖୁଆଇ ଦଉଥିଲା, ସେମାନେ ଏବେ ବାଡ଼ି ନ ଧରିଲେ ଚାଲି-ପାରୁ ନାହାନ୍ତି । ବାଳ ପାଚିଗଲାଣି । ଜଉରଗାଡ଼ିକୁ କେବଳ ଅପେକ୍ଷା । ତାଙ୍କର ପୁଣି ପିଲା ଝିଲ । ବୁଢ଼ାର ନାତି, ଅଣନାତି ଆଉ ପଣନାତି ।

ବୁଢ଼ାକୁ କେତେ ବର୍ଷ ଯେ ହବ, କେବଳ ତା ଛଡ଼ା ଆଉ କେହିହେଲେ କହି ପାରିବେନି । ନାତିଏ ବାଡ଼ି ଛଡ଼େଇ ନେଇ ପୁସ ଚଉରେ ବସିଲେ ବୁଢ଼ା ଗାଁ ମୁଣ୍ଡ ବରଗଛଟା ଦେଖେଇଦିଏ । ସେ ଯେତେବେଳେ ଆଠ, ଦଶ ବରଷର ପିଲା, ତାଙ୍କ ଗାଁର ନଆ ପଡ଼ିଆ, ବର ଗଛ ଆଉ ଓସ୍ତ ଗଛଟେ ଆଣି ଗାଁ ମୁଣ୍ଡେ ରୋହାକରି ଦେଇଥିଲା । ଗାଁ ସାକର ସମସ୍ତେ, ଢଅଁଙ୍କ ପୋଖରୀରେ ଗାଧୋଇ ଯାଇ ଆସିଲା ବେଳେ, ତା ଉପରେ ପାଣି ଢାଳି ଢାଳି ସେଇଟା ଆଜି ବଡ଼ ଦ୍ରୁମ ହୋଇ ଠିଆହୋଇଛି । ସେଥିରୁ ଓହଳ ଖସି ଗଛଟା ଗାଁ ବନ୍ଧ ଉପରେ ଛତା ଟେକିଲାଣି । ବହୁତ ରେ ଲଗେଇଲେ, ବୁଢ଼ା ଆଙ୍ଗୁଠି ଗଣାଗଣି କରି କହେ— ପାଞ୍ଚକୋଡ଼ି ତେର । ଗାଁମୁଣ୍ଡର ବୁଢ଼ା ବରଗଛ ଓ ସାଆନ୍ତରା ବୁଢ଼ା ।

ହାଡ଼ କେଇଖଣ୍ଡ ଜାବୁଡ଼ି ଧରିଛି, ବୁଢ଼ା ଦେହରେ କୁଞ୍ଚୁକୁଞ୍ଚିଆ ଚମ । ବହୁ ଦିନର ଖଣ୍ଡେ ପୋକଖିଆ କାଠ ଗଣ୍ଡି । ବୟସ, ରସତକ କୋରେଇ ନେଇ ଝଦରା ରଖିଦେଇ ଗଲେ ବି ଭିତର ମଂଜରେ ଏ ପର୍ଯ୍ୟନ୍ତ ପୋକ ଲାଗିନି । ବୁଢ଼ାର ହାତ ଥରେ । ଗୋଡ଼ ଠିକ୍ ଜାଗାରେ ପଡ଼େନି । ଆଖି ଦି'ଟାରୁ ଅନବରତ ପାଣି ଗଡ଼େ । ଗୋଟେ ଆଖିରେ ପରିଲ ମାଡ଼ି ଗଲାଣି । ମୁଣ୍ଡରେ କେଠରେ ହବ ଝୋଟ ଭଳି ଧଳା ବାଳ । ବୁଢ଼ା ବେଳେବେଳେ ଜଡ଼ା ଟିକଏ ଲଗେଇ ସେଇଟା ବାନ୍ଧିଦିଏ । ଘରେ ହାଣ୍ଡିଆ ଖଣ୍ଡେ ଗାମୁଛା । ସେଥିରେ ବନ୍ଧାଥାଏ ମେଞ୍ଚେ ହବ ଧୁଆଁ ପତ୍ର । ବୁଢ଼ା ଅଣ୍ଟାଳିଆ ନାତିଟେ ପାଇଲେ ତା ହାତରେ ଚୂନ ଟିକିଏ ମରେଇ ପଠାଏ । ନେଡ଼ିରେ ଟୁଆଁ ପତ୍ର ଭରିଡ଼ି ନେଉଳ କଳରେ ଜାକି ଟେଣ୍ଡ ପିଣ୍ଡା ଉପରେ ବସିଥାଏ । ପାଖରେ ଥାଏ ଖଣ୍ଡେ ସାଉଁଳିଆ ବଙ୍କୁଲି ବାଡ଼ି । ଦିନ ଭିତରେ ସେଇଟା କେତେ ଥର ଯେ ହଜେ କହି ହବନି । ମଜା ଦେଖିବାପାଇଁ ଗାଁର ବକଟେ ବକଟେ ଟୁଆ ବୁଢ଼ାକୁ ହଇରାଣ କରନ୍ତି । ବୁଢ଼ା, ନାତୁଣୀ ବୋହୂ ଓ ଅନେନାତି-ମାନଙ୍କର ସ୍ତ୍ରୀ କଥା ପକେଇ ନାନା ଆଡ଼ୁ ନାନା କଥା କହେ । ଥଟ୍ଟା କରେ । କେତେ ବୁଢ଼ା ବୁଢ଼ୀ, ଟୋକା ଟୋକୀ ଏ ଗାଁରେ ମରି ଜନ୍ମ ହେଲେଣି । କେତେବର୍ଷ ତଳେ ଗାଁରେ ଲାଗିଥିବା ଝାଡ଼ା ବାନ୍ତି କଥା, ଗାଁ ମୁଣ୍ଡରେ ଥିବା ଚଟୁଗୁଣି ପିନ୍ଧୁଗୁଣି କଥା ଓ ଠାକୁଆ-କୁମର ଆଢ଼ି କଥାମାନ କହି ବୁଢ଼ା ସାନ ସାନ ପିଲାଝିଲିମାନଙ୍କୁ ସଦାବେଳେ ପାଖରେ ବସେଇ ଥାଏ । ବାର-ଆଡ଼ୁ ବାର କଥା ସେ କହେ । ଗୋଳିଆ ପୋଳିଆ କଥା । ବୁଢ଼ା ନିଜ କଥା ଗୁଡ଼ାକ ମିଶେଇ ଜରି କହେ । ନିଜ ବୁଢ଼ୀ କଥା । କଥାଶୁଣି ପିଲାଏ ହସି ହସି ଗଡ଼ି ଯାଆନ୍ତି । ବୁଢ଼ାକୁ କେତେ କ'ଣ ଥଟ୍ଟା

କରନ୍ତି । ଗୋଟେ ଗୋଟେ ଛତରା ଟୋକା ବୁଢ଼ାର ଚୁଟି ଉଡ଼ି-ଦେବାକୁ ଛାଡ଼ନ୍ତିନ । ସଦାବେଳେ ଖାଲି ସେଇ ବୁଢ଼ୀ କଥା । ବୁଢ଼ୀ କଥା ଗପିବା ପାଇଁ ବୁଢ଼ା, କଥା ସାଙ୍ଗରେ ନଥା ପକାଏ । କେତେ ଆଖ୍ରୁ କେତେ କଥା ଖଂଜେ । ପିଲାଗୁଡ଼ାକ ତୁନିତାନ୍ ଶୁଣୁ-ଥାଆନ୍ତି । ବେଳେ ବେଳେ ଦେଖନ୍ତି—ବାଁପଟ ପରଳ ମଡ଼ା ଆଖିରୁ ଝର ଝର ପାଣି ଗଡ଼ୁଛି । ବୁଢ଼ା ଆଗରେ ଆସି ନାଚ ଯାଉଛି ତାର ବୁଢ଼ୀ । ବନ୍ଧାରପୁରର ଦଳବେହେରା ଝିଅ । ବୁଢ଼ାକୁ ଏକେଲା କରି ଛାଡ଼ି-ଯିବାର ଆଜକୁ ହେଇଗଲାଣି ସତର ବରଷ ।

ସତରଟା ବରଷ ତ କାଲିକା କଥା । ବୁଢ଼ାର ଆଜି ମନେ ପଡ଼ି ଯାଉଛି—କାଳିଆ ବୋଉ ଯୋଉଦିନ ପ୍ରଥମ କରି ଏ ଘରେ ପାଦ ପକେଇ ଥିଲା, ସେ ବାହାରେ ତାର ସେତେବେଳେ ଭରି ରହିଥିଲା ଶହ ସିଂହର ବଳ । ଗୁଲିଗଲେ ଗାଁଦାଣ୍ଡ ଦୁମୁକି ଉଠୁଥିଲା । ବାଟ ଛାଡ଼ି ଦଉଥିଲା ଗଉଁଣୀ ଗାଈ । ବାଡ଼ି ବାଡ଼ି ଜମି । ବାପ ସରବରା-କାର । ଧାନ କୁଣ୍ଡଳ, ଗାଈ ଗୋରୁ ଆଉ ଦୁଧ ଘିଅରେ ଘର ଭର୍ତ୍ତି । ତା' ସାଙ୍ଗକୁ ଘରେ ଆସି ପାଦ ଦେଲା ହାସ । ଚନ୍ଦ୍ରଉଦିଆ ଭଳି ବୋହୂ । ଶାଶୁ ଶଶୁରଙ୍କ ପେଟ ପୁରି ଉଠିଲା । ବାହା ହେବାର ଠିକ୍ ବର୍ଷେ ପୂରିଲା ବେଳକୁ ଜନ୍ମ ହେଲା ରଘୁ, ତା ପରେ ସେବଣ୍ଟି, ସେବଣ୍ଟି ପରେ ବସି । ସବା ଶେଷକୁ କୋଢ଼ ପୋଛା ପୁଅ କାଳିଆ ।

ଝିଅ ତିନିଟା ଆସି ବୁଢ଼ୀ ହେଲେଣି । ସେମାନଙ୍କର ପୁଅ ଝିଅ, ନାତି ନାତୁଣୀ ହୋଇ ଗୋଟେଛ । କାଲିକା ପିଲା କାଳିଆ କହୁଥିଲା—ଆଖିକି ତାର ଜାଲୁଜାଲୁଆ ହୋଇ ଦେଖାଗଲାଣି କାମକୁ ଆଉ ପାରୁନି । ବେଶୀ ବାଟ ଗୁଲବୁଲ କରିଦେଲେ ଧଇଁ ପାହାରି ପଡ଼ୁଛି । ଏ ଗୁଡ଼ାକ ଆମ ବେଳକୁ କ'ଣ କରିବେ

କେଜାଣି ? ବକଟେ ବକଟେ ପିଲା । ଏମାନଙ୍କର ବାଳ ପାଚିଲାଣି; ଦାନ୍ତ ପଡ଼ିଗଲାଣି, ଆଖିକି ପୁଣି ଦିଶୁନି ।

ବୁଢା ବସି ବସି ଏମିତି କେତେ କ'ଣ ଭାବୁଛି । ଘରପାଖେ ତାକୁ ଘେରି ବସିଛନ୍ତି—ଅଗାଧୁ, ମଗୁନିଆ, ରବି, ବଇଁଶୀ ଓ ନାତି ଟୋକା ଲୋକେ । ଗୋଟି ଗୋଟି ହୋଇ ସମସ୍ତେ ଝପାଝପ୍ ପିଣ୍ଡାରୁ ଦାଣ୍ଡକୁ ଡେଇଁ ପଡ଼ିବାରୁ ବୁଢ଼ା ପାଟିକଲା—କରେ, କୁଆଡ଼େ ଗଲ କରେ । ଅସ୍ତ୍ରାଳି ଦେଲି ବେଳକୁ ବାଡ଼ିଟା ବି ନାହିଁ । କୋଉ ନାତି ଶଳା ନେଇ ପଳେଇଛି ।

ଗାଁ ଯାକର ଲୋକବାକ ସମସ୍ତେ ଯାଇ ବାନା ପଧାନ ଦୁଆରେ ମୁହାଁରେ । ପିଲାଗୁଡ଼ାକ ଉପରକୁ ଅନେଇଛନ୍ତି । ବାନା ପଧାନର କଦଳୀ ବାଡ଼ିକି ଲାଗି ପୋତା ହୋଇଛି ଗୋଟେ ମସ୍ତବଡ଼ ଲୁହା ଖୁଣ୍ଟି । ତିନି ଚାରିଜଣ ଲୋକ ଦଉଡ଼ି ଲଗେଇ ସେଇଟାକୁ ଗାଡ଼ ଭିତରେ ପୂରେଇ ଦେଇସାରିଲେଣି । ଖୁଣ୍ଟି ମୂଳଟା ଗୋଡ଼ି ସିମେଣ୍ଟ ପକେଇ ଶକ୍ତ କରି ଦିଆ ଯାଇଛି । କେଡ଼େ ବଡ଼ ଲୋ ଏ ଲୁହା ଖୁଣ୍ଟିଟା । ଚାହିଁଲେ ଆଖି ପାଉନି । ଗାଁକୁ ବାଉଁଶ ନାଟ ଆସିଲା ବେଳେ କେଲୁଣୀ ନାହି ତଳେ ଫରୁଆ ରଖି ଶୂନ୍ୟରେ ଯୋଉ ବାଉଁଶ ଉପରେ ଘୂରେ ତା'ଠୁ ବି ବଡ଼ ହବ ଏଇ ଲୁହା ଖୁଣ୍ଟିଟା ।

ଲୋକେ ଅନେଇଛନ୍ତି—କାମ କରୁଥିବା ଲୋକ ଜଣକ ଚହୁଁ ଚହୁଁ ଖୁଣ୍ଟି ଭିତରେ ପାଦ ଦେଇ ଉପରକୁ ଉପରକୁ ଉଠିଗଲା । ନଡ଼ିଆ ଗଛରେ ଚଢ଼ିଲା ବେଳେ ବି ଗୋଡ଼ରେ ଦଉଡ଼ି ବାନ୍ଧି ଚଢ଼ିଥିବାକୁ ହୁଏ । କିନ୍ତୁ ଏ ଲୋକଟା ତ କିଛି ହେଲେ ବାନ୍ଧିଲାନି । ଚହୁଁ ଚହୁଁ ଯାଇ ଖୁଣ୍ଟି ଉପରେ ? ଝଣ୍ଡେ ହାତେ ଲମ୍ବର ଲୁହା ଉପରେ ଛ'ଟା ଶଙ୍ଖା ତିନା ପେଚ ଲଗେଇ ସେ କଣି

ଲାଗିଛି । ମାନସିଂହ ପାଠଶାଳାର ଆଗ ଗାଁ ତାଳପଡ଼ା ପର୍ଯ୍ୟନ୍ତ ଲୁହା ଖୁଣ୍ଟି ପଡ଼ି ତାର ଟଣା ସରିଲାଣି । ଶଙ୍ଖ ଗିନା ଲାଗିସାରିଲା ପରେ ତାର ଆସି ଲାଗିବ ମାନସିଂହ ପାଠଶାଳା ଖୁଣ୍ଟିରେ । ଗାଁକୁ ଗାଁ, ବିଲକୁ ବିଲ, ଖୁଣ୍ଟିକି ଖୁଣ୍ଟି ଡେଇଁ ଡେଇଁ ବିଜୁଳି ତାର କୋଉ ଆଡ଼କୁ ଯେ ଯିବ ତାର କଳନା ନାହିଁ । ଯୋଉ ଯୋଉ ଗାଁ ଦେଇ ଯିବ ସେ ଗାଁର ଭଗବତ ଘର ଓ ଆଖଡ଼ା ଘରକୁ ବିନା ପଇସାରେ ଆଲୁଅ ଯୋଗେଇ ଦିଆଯିବ ।

ଗାଁ ଲୋକେ ପୋଲାଙ୍ଗ, ଜଡ଼ା ଓ ତିଳ ତେଲ ଛଡ଼ା ବିଜୁଳି ଆଲୁଅ କ'ଣ ଜାଣିନାହାନ୍ତି । ଯୋଉ କେତେ ଜଣ ରେଙ୍ଗୁନ କଲିକତା କି କାଳିମାଟି ଯାଇଛନ୍ତି; ସେମାନେ ପିଣ୍ଡାଟି ଉପରେ ବସି ବିଜୁଳି ଆଲୁଅ ଉପରେ ବକ୍ତୃତା ଦେବାରେ ଲାଗି ଯାଇଛନ୍ତି । ଯିଏ ପୁଣି କଟକ ଦେଖିଛି ସିଏ ବି କହୁଛି ନା କହୁଛି କହିବାକୁ ଛାଡୁନି ।

ଶଙ୍ଖ ଗିନା ଖଂଜା ସରିଲାପରେ ଆଗ ଖୁଣ୍ଟି ସାଙ୍ଗେ ସଂଯୋଗ କରି ତାର ଭିଡ଼ା ଲାଗିଛି । ଯୋଉ ଲୋକ ଜଣକ ତାର ଟାଙ୍ଗୁଥିଲା ଦି' ହାତରେ ତା'ର ଦି'ଟା ରବର ଖୋଳ । କିଏ କିଏ ତଳେ ଠିଆ ହୋଇ, କିଏବା ପିଣ୍ଡା ଉପରେ ବସି ଅନେଇ ଥାଆନ୍ତି । ସମସ୍ତଙ୍କ ନଜର, ସେଇ ଖୁଣ୍ଟି ଉପରେ । କେତେବେଳେ ଆସି ସଞ୍ଜ ହବ । ଭଗବତ ଘରେ ଓ ଆଖଡ଼ା ଘରେ ଆଜି ସବା ପ୍ରଥମେ ବିଜୁଳିବତି ଲାଗିବ । ପିଲାଗୁଡ଼ାକ ହେଣ୍ଡିମାରି ତଆଁ ତେଇଁ କରୁଛନ୍ତି । ଗାଁଟା ଯାକ ହସରେ ଉଛୁଳି ପଡ଼ୁଛି ।

ବୁଢ଼ୀଆ ପରିଡ଼ାର ପଥର ପିଣ୍ଡା ଉପରେ ବସିଛି ଗୋଟେ ଗ୍ରୁଟକାଟର ସଭା । ଗୋବିନ୍ଦ ରଣା, ବଇଁଶି ମାନସିଂହ, ସୁବଳ ଦଳବେହେରା ଓ କାଳିଆ ସାଆନ୍ତରା ବସି ମାମଲତ କରୁଛନ୍ତି ।

ଯୋଉ ଲୁହା ଖୁଣ୍ଟା ପୋତା ହେଲା, କାଲି ତା' ଘରପାଖେ ବାଡ଼ ଦିଆ ସରିଥିବ । କିନ୍ତୁ କାହାକୁ ନ କହି, ନ ପଚାରି, ଇଆ ଘର ବାଡ଼ରେ ତା' ଦୁଆର ମୁହଁରେ ଘେର ବୁଲେଇ ନଉଛନ୍ତି । ବାପ ଚଉଦ ପୁରୁଷି ନା କ'ଣ ? ଯେମିତି ଯେବେ ଦରକାର ପଡ଼ୁଛି ସରକାରୀ ଜାଗାରେ ଖୁଣ୍ଟ ପୋତୁ ନାହାନ୍ତି ? ଖାସମାହାଲର ତ ଏତେ ଜାଗା ପଡ଼ିଛି ।

ବଇଁଶୀ ମାନସିଂହ କହିଲା—ଇଏ ପରା ସରକାରୀ କାମ ।

ଆରେ ଯା—କେତେ କୋର୍ଟ କଚେରୀ, ଜଜ୍ କଲକ୍ଟର ମୁଁ ଦେଖି ଆସିଛି । କାଳିଆ ସାଆନ୍ତଙ୍କର ତୁମ ଯେତିକ ସେ କଚେରୀରେ ହାକିମ ଦେଖିଛି ସେତିକ । ଦେଖାଯାଉ, ଖୁଣ୍ଟା କେମିତି ସେମାନେ ପୋତି ଦେବେ ।

କରେ, ଖୁଣ୍ଟା ପଲା ପୋତା ସରିଲାଣି । ଗୋବିନ୍ଦ ରଣା ଖେଁ କରି ହସି ପକାଇଲା ।

କାଳିଆ ସାଆନ୍ତ ସାପ ଭଳି ଫଁ କରି ଗର୍ଜି ଉଠିଲା । କରେ, ତୁମେ ସବୁ ତା ହେଲେ କାଳିଆ ସାଆନ୍ତଙ୍କର କାରାମତି କେତେ ଦେଖିନ ? ଦେଖିବ, ରାତାରାତି ଖୁଣ୍ଟା କେମିତି ଉପୁଡ଼ା ସରିଥିବ ?

କାଳିଆ ସାଆନ୍ତ ଦେଖିବାକୁ ଠିକ୍ କେନ୍ଦୁକାଠ ପରି । ମୁଣ୍ଡବାଳ ତାର ମେଣ୍ଢାଲୁମ ଭଳି କୁଞ୍ଚୁ କୁଞ୍ଚିଆ, ମୋଡ଼ା ମୋଡ଼ା । ବୟସ ପଇଁତାଳିଶ ପୁରି ଛଇତାଳିଶ ଚାଲୁଛି । ଗାଲ ଉପର ଠୁଙ୍ଗ, ବେକ ତଳର ହାଡ଼ ଆଉ ପିଠିର ମଝି ହାଡ଼ ବାହାରି ପଡ଼ିଲାଣି । ନାକ ତଳକୁ ଦି ପଠା ନଶ । ସକାଳେ ବିଲକୁ ବାହାରିବା ଆଗରୁ କାଳିଆ ବଡ଼ ବେଲାରେ ବେଲେ ହବ ନାଲି ଚୁହା ପାଣିରେ ମୁଢ଼ି ମୁଠାଏ ହବ ପକାଇ ପିଇ ନ ଦେଲେ ବଳଦ ହଁ'ଟା

ଚଳନ୍ତିନ । ତା ଛଡ଼ା ହପ୍ତାକେ ଥରେ ଦିଥର ପୁଲିସ ତାର ଦଉଡ଼ିବାର କଥା । କାହା ମକଦ୍ଦମାରେ ସାକ୍ଷୀ ତ କୋଉଥିରେ ସେ ଆପେ ମୁଦାଲା । ତା ଛଡ଼ା ବନ୍ଧ ଦଣାହଣି ନେଇ କାହା କାହା ଭିତରେ କଳି ଲାଗିଲେ, କାହାର ଭାଇଭାଗ ବଣ୍ଟା ହେଲେ, କାଳିଆ ସାଆନ୍ତର ବଳେ ପଶି ମଙ୍ଗଳବାଡ଼ କରେ । କଟାସ୍ତ ହେଲା ମାସକେ ଚାରି ପାଞ୍ଚଥର ବୁଲି ନ ଆସିଲେ ଭାତ ତାର ଜୀର୍ଣ୍ଣ ହୁଏ ନା ।

କାଳିଆ କଥା ଶୁଣି ସମସ୍ତେ ଭୁମତାନ ହୋଇଗଲେ । ଝୁଣ୍ଟି ଉପରେ ତାର ଭଙ୍ଗା ଚାଲଟି ଉପରେ ଲାଗିଥିବା ଶଙ୍ଖ ଚିନା ଭିତରେ ପବନ ଘେରଂ ଖାଇ କଳ ଚାଲିଲା ଭଳି ଶବ୍ଦ କରୁଥିଲା । ଆଗ ଜଣା ପଡ଼ୁ ନଥିଲା ଶବ୍ଦଟା କୋଉଆଡ଼ୁ ଆସୁଛି । ଗାଁର ଟୋକା, ବୁଢ଼ା, ପିଲା ପିଚିକା ସମସ୍ତେ ଏବେ ଜାଣି ଗଲେଣି—କଳଟି ନାହିଁ, ପବନଟା ଏମିତି ହଉଛି ।

ପ୍ରକାଣ୍ଡକାୟ ରାକ୍ଷସ ଭଳି ଖଣ୍ଡେ କଳାହାଣ୍ଡିଆ ମେଘ କୋଉଆଡ଼ୁ ଉଡ଼ିଆସି ମାନସିଂହ ପାଟଣା ଉପରେ ଘେର ଖାଉଛି । ଗାଁ ମୁଣ୍ଡର ତାଳଗଛ ଧାଡ଼ିଏ, ଠିକ୍ ସୈନ୍ୟ ଭଳି ସେଇ ରାକ୍ଷସର ଆକ୍ରମଣ ପ୍ରତିରୋଧ କରିବାକୁ ସତେ ଅବା ଠିଆ ହୋଇଛନ୍ତି । ଦି' ଧାଡ଼ି କଳା ଗଛ ମଝିରେ ଗୋହିରିଆ ରାସ୍ତା ଦେଇ ଆଗେଇ ଗଲେ ପଡ଼େ ଗାଁ ମହାଦେବଙ୍କ ଦେଉଳ । ଆଗକୁ ସିମେଣ୍ଟ ଚଟାଣ । ଦେଉଳ କଡ଼କୁ ଯୋଡ଼ ପୋଖରୀ, ନାଁ ତାର ବଉଁଙ୍କ ପୋଖରୀ । ଗଡ଼ ମାଠିଆରେ ସେଥିରୁ ପାଣି ବୁହା ଚାଲିଛି । ଗାଁର ଝିଅ ବୋହୂଏ ଓଡ଼ଣା ଟାଣି ଗୋଡ଼ କାଢ଼ି ଚାଲି ଯାଉଛନ୍ତି । ତୁଠ ମୁହଁରେ ପଶିଛନ୍ତି ଦି ହଳ ବଳଦ । ଜଣେ କିଏ ପାଳ ମେଞ୍ଚେ ଧରି ସେମାନଙ୍କ ଦେହରେ ଘଷିବାରେ ଲାଗିଯାଇଛି । ତୁଠର ଆରପାଖ ଅଣ୍ଟୁଠ ହେଲେ ବି ପାଦଚିହ୍ନ ପଡ଼ି ଗୋଟେ ରାସ୍ତା ହୋଇ ସାରିଲାଣି ।

ପାଣିରେ ପଶି ଜଣେ କିଏ ଶଉଚ ହେଉଛି । ପୋଖରୀ ମଝିରେ ଫୁଟିଛି କେଇଟା କଇଁ ଫୁଲ । ପାଣି ଉପରେ କଳମ ଶାଗ ଲଟେଇଛି । କୂଳରେ ନାଲି କଇଁର କଢ଼ଟିଏ ପାଖୁଡ଼ା ମେଲେଇ ଅଳ୍ପ ହସି ପକଉଛି ଲାଜ ସୁଡ଼ୁ ବୁଡ଼ୁ କୁନି ବୋହୂଟିଏ ଭଳି । ଦେଉଳ ଭିତରେ ମୁଖାସ୍ତି ହର ହର ମହାଦେବଙ୍କୁ ଡାକ ଛୁଡ଼ୁଛି । ଠିକ୍ ପାହାଚ ତଳକୁ କରି ଶୋଇଛି ଗୋଟେ ବାରବୁଲା କୁକୁର । ଜିଭ ଲହ ଲହ କରି ଲାଳ ବୁହେଇ ଲାଗିଛି । ଗୋଡ଼ ଲମ୍ବେଇ କୁକୁରଟା ଶୋଇ ଯାଇଛି । ଝୁଣ୍ଟି ଲାଗିଛନ୍ତି ତାର ଘୁରିଟା ହବ ଚୁଆ । ତା ପାଖକୁ ଲାଗି ପଡ଼ିଛି ଲଣ୍ଡେ ହବ ଗୋବର । କୁକୁଡ଼ା ଏ'ଟା ତା' ଭିତରୁ କ'ଣ ଠୁଙ୍କି ଲାଗିଛନ୍ତି । ଗୋବର ଡାଳିଆଟେ ମୁଣ୍ଡରେ ରଖି ଗୋବର ଲଣ୍ଡିକ ଆଡ଼କୁ ଆଖି ନପକେଇ ଅନେଇଛି ଗୋଟିଏ ଝିଅ । କେମିତି ଆସି ସେ ଲଣ୍ଡିକ ନେଇଯିବ । ଦଅଁଙ୍କ ଗୁଢ଼ମା ଉପରେ ତେଲ ଲଗେଇ ଦଶ ବାର ଜଣ ଲୋକ ଅପେକ୍ଷା କରିଛନ୍ତି । ଗପ ଲାଗିଛି । କେତେ ଆଡ଼ର କଥା । କଥା ସେଇ ବଜୁଳିବର୍ଣ୍ଣ ବଷପୁରରେ । ଆଜି ସନ୍ଧ୍ୟାବେଳେ ଗାଁ ସାରା ଆଲୁଅ ହେଇଯିବ । ଗାଁ ମଣ୍ଡି ଦେଉଳଠୁଁ ଚାରିଆଡ଼କୁ ଚାରୋଟି ରାସ୍ତା ପଡ଼ିଛି । ଗୋଟିଏ ଧୋବା ସାଇ ଆଡ଼େ । ପଧାନ ସାଇ, ବ୍ରାହ୍ମଣ ସାଇ ଓ ଗଉଡ଼ ଗୁଡ଼ିଆ ସାଇ ଆଡ଼େ ତିନୋଟି ରାସ୍ତା । ଯିଏ ଗାଧେଇବାକୁ ଆସୁଛି, ଟିକିଏ ନା ଟିକିଏ ସେ ଗୁଢ଼ମା ଉପରେ ଆସି ବସିଯାଉଛି । କିଏ ଠିଆ ଠିଆ ହୋଇ କଥାରେ ଭାଗ ନଉଛି । ଗାଁ ମଝିରେ ସରୁ ସରୁ ରାସ୍ତା ଲମ୍ବି ଯାଇଛି ତଳ ଆଡ଼େ । ବନ୍ଧେ ବନ୍ଧେ ଗଲେ ବନ୍ଧ ଗୁଳିଛି ଗୋଟିଏ ଜୋର । ବଙ୍କେଇ ବଙ୍କେଇ କାହିଁ କୋଉ ନଈରେ ଯାଇ ସେଇଟା ମିଶିଛି । ତାର ଧାରେ ଧାରେ ବନ୍ଧ । ବନ୍ଧ ତଳକୁ ଧାନ କିଆରୀ । ପ୍ଲେଟ ପ୍ଲେଟ

ବନ୍ଧ ଘେରା ଧାନ କିଆରୀ ଓ ବଙ୍କୁଲ ନଈ ଜାଲ ବୁଣି ବୁଣି ଯାଇ ମିଶିଛନ୍ତି ଦୂର ଦିଗ୍‌ବଳୟ ଆଡ଼େ ।

ବୁଢ଼ା ବୁଢ଼ା ତକ ଗାଧେଇ ସାରିଲେଣି । ଭେଣ୍ଡିଆ ଯାକ ବସିଛନ୍ତି । ମହାଦେବଙ୍କ ଗୁନ୍ଦମୀ ଉପରେ ଚାଲିଛି ଗପ୍ ସପ । ସାଆନ୍ତରା ବୁଢ଼ାର ପୁଅ କାଳିଆ ସାଆନ୍ତରା, ତା'ର ପୁଅ'ଲୋକ କହି ଚାଲିଛି—ବୁଝିଲ ଭାଇମାନେ, ଆମେ ସବୁ ମିଶି ଆଜି ଗୋଟେ କାମ କରିବା । ନରକୋଳି ପତ୍ର ଓ ଆମ୍ବ ପତ୍ର ଆଣି ଗୁନ୍ଥି ନେଇଠା ବେଳକୁ ଆଖେଡ଼ା ଘର, ଭଗବତ ଘର ଚାଳରେ ଓ ଦୁଆର ବନ୍ଧ ଉପରେ ଟାଙ୍ଗି ଦେବାକୁ ପଡ଼ିବ । ଆମ ଘରେ ଧ' ଫର୍ଦ୍ଦ ନାଲି ନେଳି କାଗଜ ରହିଛି । ଆଗତ ବର୍ଷ ମେଳଣ ସମୟରୁ ବଳିଥିଲା । କାଗଜ ଶିକୁଳି କାଟି, ଅଠା ଲଗେଇ ଆଜି ଘର ଯାକ ସଜେଇବାକୁ ପଡ଼ିବ । ସଞ୍ଜ ବେଳକୁ ବୋଲା ହେବ ଦଶମସ୍କନ୍ଧ । ଯୋଉ ମିସ୍ତ୍ରୀ-ମାନେ ଆସି ଆମ ଗାଁରେ କାମ କରୁଛନ୍ତି ସେମାନଙ୍କୁ ଡକାଯିବ । ଦଶମସ୍କନ୍ଧ ବୋଲା ସରିଲାପରେ ଲାଗିବ ଗୋଟେ ଭୋଜି । ଚୁଡ଼ାଘସା, ଉଖୁଡ଼ା ଓ ସୁଜିଖିରି । କ'ଣ କହୁଛ କହିଲ—

ସମସ୍ତେ ମୁଣ୍ଡ ହଲେଇଲେ ।

ଖାଲି ହଁ କରିଦେଲେ ତ ହେବନି । ବଡ଼ା ବୁଢ଼ାମାନଙ୍କ ଭିତରୁ କେହି କେହି ମନା କରିବେ, କେହି କେ... ହଁ ବି କରିବେ । ଆମେ ସବୁ ଗୁହାରି କରି ଏ କାମଟା ଉଠେଇ ଦବା । କେତେ ଜଣ ପୁରୁଖା ପୁରୁଖା ଲୋକଙ୍କୁ ବି ନିହାତି ଡାକିବାକୁ ପଡ଼ିବ ।

କିଏ କେତେ ଚୁଡ଼ା ଦବ, କିଏ କେତେ ନଡ଼ିଆ, ଲିଆ, ଗୁଡ଼ ଓ ଅନ୍ୟାନ୍ୟ ଦରବ ସବୁ ମୁହେଁ ମୁହେଁ ଠିକ୍ ହୋଇଗଲା । ମିସ୍ତ୍ରୀ-ମାନଙ୍କୁ ଆଗୁଆ ଖବର ଦିଆ ହୋଇଗଲା ।

ଜଣେ ଜଣେ ଢେଣ୍ଡିଆ ଆସି କଥାରେ ଯୋଗ ଦେଉଥାଆନ୍ତି । ମାନସିଂହ ପାଟଣା ଗାଁରେ ଆଜି ପ୍ରଥମ କରି ବିଜୁଳିବତି ଜଳିବ । ଯାହା ବାପ ଚଉଦ ପୁରୁଷରେ ଦେଖା ନଥିଲା । କେତେ କେତେ ବୁଢ଼ା ବି କହି ସାରିଲେଣି ବିଜୁଳି ଆଲୁଅ ଜଳିଲେ ହବ କ'ଣ ଦେଖିବ ପଛକୁ । କିନ୍ତୁ ଗୋଟେ ବିପତ୍ତି ନିଶ୍ଚେ ହେଲେ ଏ ଗାଁରେ ଆସି ପଡ଼ିବ ।

ଲୋକ ସମସ୍ତଙ୍କ ଆଗରେ କହି ସାରିଲଣି---ଏ ଗୁଡ଼ା— ନିହାତି ବାଜେ କଥା । ହଉରେ ଏ ଗୁଡ଼ାକ କି କଥା ? ଦେଖିବ, ସେଇ ବୁଢ଼ାଏ ଆଜି ସଞ୍ଜବେଳେ କେମିତି ପୋକ ମାଛି ଭଳି ଆଲୁଅ ପାଖରେ ଆସି ଜମା ହେବେ । ଗାଁର ବୁଢ଼ା ବୁଢ଼ାମାନଙ୍କୁ ଆମେ ଦଶମସ୍କନ୍ଧ ଶୁଣିବାକୁ ଡାକିବା । ଦେଖିବ, ଭଗବତ ଘର, ଆଖେଡ଼ା ଘର ଓ ଗାଁ ଗୋଟାକ ଯାକ କେମିତି ଝଲକି ଉଠିବ । ମାନସିଂହ ପାଟଣା ଗାଁ ବିଜୁଳି ଆଲୁଅରେ ଭାସିବ । ପୋଥି ପାଖରେ ଆମେ ପୋଲଙ୍ଗ ତେଲ ଦୀପଟା ପଟେ ରଖିଦବା । କ'ଣ କହୁଛ---

ଲୋକ ମୁହଁକୁ ଚାହିଁ ସମସ୍ତେ ହଁ କରିଲେ ।

ସାଆନ୍ତରା ବୁଢ଼ାର ନାତି ଓ କାଳିଆ ସାଆନ୍ତାଣୀର ପୁଅ ଲୋକ ସାଆନ୍ତାଣୀର ବୟସ କୋଡ଼ିଏ ଏକୋଇଶି ଭିତରେ । ଗୋଡ଼ ହାତ କୁନ୍ଦା ଦେଲା ଭଳି । ଦେହରେ ତାର ଅକଳନା ବଳ । ଧମନୀରେ ଫୁଲି ଫୁଲି ଉଠୁଛି ଉଷୁମ ରକ୍ତ ଠିକ୍ ଦେଢ଼ଶ ପବନ ଖିଆ ସାପ ଗୁଡ଼ିଏ । ହସ ହସ ମୁହଁ, ମିଠା ମିଠା କଥା । ଦେହରୁ ଚିକ୍କଣ ବୋହି ପଡ଼ିଲା ଭଳି ଜଣାପଡ଼େ । ଚାଲିଗଲେ ଗାଁ ଦାଣ୍ଡ ପୂରି ଉଠେ । ପିଲଟି ଦିନୁ ତା' ନେଜ ପାଖରେ ସନ୍ତର ଫଳା, କଣ୍ଡା ଗଣ୍ଡା ଓ ପାହି ପଶିକଆ ସେ ସାରି ଦେଇଛି । ଗାଁ ନମ୍ବ୍ରାଇ-

ାଗୀ ସ୍କୁଲରେ ସେ ପଢ଼ା ଶେଷ କରି ଦେଇଥିଲା । ବୃତ୍ତି ପରୀକ୍ଷାକୁ ବ ବୋଲି ଠିକ୍ ହୋଇଥିଲା । ପରୀକ୍ଷା ଥିଲା ଦୁ' ମାସ ବାକି । ସେ ର୍ଷ ଏମିତି ଷେତ ହେଲା ଯେ ଧାନ କିଆରୀସବୁ ଫାଟି ପଡ଼ିଲା । ଗ ବରିରେ କିଆରୀ ଭର୍ତ୍ତି । ସାଆନ୍ତରୀ ଘରର ଏତେ ଗୁଡ଼େ ଜମି-ାଡ଼ି । କାଳିଆଠା ମାମଲା-ଖୋର ହେଲା । ରୂରି ବଳକତ ରୂହା । । ସାଙ୍ଗକୁ ଅଫିମ ଆଉ କଠା କଠା ବଡ଼ି । ଫୁଙ୍କି ଦେଲେ ପଡ଼ି-ବ । କି ଜମିବାଡ଼ି ସିଏ ଦେଖିବ ? ବୁଢ଼ା ସାଆନ୍ତରୀ ପଛକୁ ରରି ଯେବେ କିଏ ମାନ୍ ରଖିବ ସିଏ ହଉଛି ଲୋକ । ଲୋକ ାଲକୁ କାଳିଆ ସାଆନ୍ତାଣୀର ଝିଅ ତିନୋଟି । ବଡ଼ ଝିଅକୁ ଉଦ । ମଝିଆଁଟି ପାଞ୍ଚ ଛ' ବର୍ଷର । ସବା ସାନଟି କୋଳ ପୋଛୁ । ାଠ କମ୍ ପଢ଼ିଲେ କ'ଣ ହବ ଲୋକ ନାନା ଆଡ଼ର ନାନା ଥା ଜାଣେ । ଆଖେଡ଼ା ପଇସାରେ ଗାଁକୁ ଖବର କାଗଜ ମଗାଏ । ଭଣ୍ଡିଆଙ୍କ ଭିତରେ ସେ ମୁଖିଆ । ସମସ୍ତେ ତା' କଥା ମାନନ୍ତି । ାଁର ଯିଏ ଯେଉଁ ଅବସ୍ଥାରେ ଡାକଦେଉ, ଲୋକ ସଙ୍ଗେ ସଙ୍ଗେ ାହାର ପଡ଼େ । ନରଣପୁର ମାନସିଂହ ପାଟଣାଠୁ ବାଟ ତିନି ା'ର ରାସ୍ତା । ସେ ଗାଁର ଗୋକୁଳ ବାବୁ । ଉଚ୍ଚ ଶିକ୍ଷିତ ଭଦ୍ର ୋକ । କି ଗୋଟେ ବଡ଼ ଚାକିରୀ କରୁଥିଲେ । ଚାକିରୀ ଛାଡ଼ି ଗାଁରେ ଷି ଆରମ୍ଭ କରିଛନ୍ତି । କୁକୁଡ଼ା ଚାଷ, ମାଛ ଚାଷ, ଓ ଏଣ୍ଡିପୋକ ଷ । ଗାଁ ଗାଁ ବୁଲି ଯୁବକ ସଙ୍ଘ ତିଆରି କରିବା ହେଲା ତାଙ୍କର ାମ । ଭେଣ୍ଡିଆ ପିଲାଙ୍କ ଆଗରେ କେତେ କଥା ଆସି ଗପନ୍ତି । ାନା ଦେଶର କଥା । ସେଠା ଲୋକଙ୍କ ଆଚାର ବ୍ୟବହାର ଓ ାଲି ଚଳଣି ବିଷୟରେ ଲୋକ ଗୋକୁଳ ବାବୁଙ୍କଠୁ ଅନେକ କଥା ଶିଛି । ଲୋକର କାମ ହେଲା ଗାଁ ଲୋକଙ୍କୁ, ବିଶେଷତଃ ଗାଁ ଭଣ୍ଡିଆଙ୍କୁ ସେ ସବୁ ବିଷୟରେ ବୁଝେଇବା । ଲୋକବି ଅନେକ କଥା

ଜାଣେ । କଳି ଭାଙ୍ଗେ । ସମସ୍ତଙ୍କୁ ଏକାଠି କରେ । ମିଠା କଥାରେ
ସମସ୍ତଙ୍କୁ ଭୁଲେଇ ଦିଏ । ଗାଁର କାହା ସଙ୍ଗେ ତା'ର କଳି ଲଗିବାର
କେହି କେବେ ଦେଖିନ ।

ଲୋକେ ସାଧୁକୁ ପାଖକୁ ଡାକି କହିଲେ—ବୁଝିଲୁ ସାଧୁ, ତୁ
ଗୋଟେ କାମ କରିବୁ ?

କି କାମ ଲୋକେ ଭାଇ ?

ଖିଆପିଆ ସାରିଦେଇ ତୁ ଟିକିଏ ନରଣପୁର ଯିବୁ ।
ଗୋକୁଳ ବାବୁଙ୍କୁ ଯାଇ ଖବର ଦବୁ—ସେ ଆମ ଗାଁକୁ ଆଜି
ଯେମିତି ହେଲେ ଆସିବେ । ଗାଁରେ ବିଜୁଳିବତୀ ଲାଗିବ, ଦଶମସ୍କନ୍ଧ
ପଢ଼ା, ପୁଣି ଭୋଜି । କ'ଣ କହୁଛୁ କହିବୁ ଟି ? ବାହାର ଲୋକ
ଭିତରେ ମିସ୍ତ୍ରୀ ଗୁରୁଜଣ ଓ ଗୋକୁଳ ବାବୁ । ବାକି ଆମେ ସବୁ ।
ଦବା ଯେମିତି ଖାଇବା ସେମିତି । କ'ଣ କହୁଛୁ କହିଲୁ ।

ସାଧୁ ନରଣପୁର ଯିବ ବୋଲି ସମ୍ମତି ଜଣେଇଲା ।

ଆଉ ସମସ୍ତେ କହିଲେ—ହଉ ଚାଲ, ଗାଧୋଇ ସାରି ଯିଏ
ଯାହାର ବ୍ୟବସ୍ଥା କରିବା । ଚୂଡ଼ା, ଗୁଡ଼, ନଡ଼ିଆନ, ନଡ଼ିଆ ଆଦି
ବେଳ ଥାଉ ଥାଉ ଠିକ୍ ନ କଲେ ନ ଚଳେ ।

କଥା ଦ'ଧାଡ଼ି ମଝିରେ ଧାଇଁ ଯାଇଥିବା ସରୁ ଗୋହିରିଆ
ରାସ୍ତା ଦେଇ ଚାଲି ଆସୁଚନ୍ତି ଜଣେ ଫୁଲପ୍ୟାଣ୍ଟ ପିନ୍ଧା ବାବୁ ।
ଗୁଦାମୀ ଉପରୁ ଉଠି ସମସ୍ତେ ଗାଧୋଇବାକୁ ବାହାରିଛନ୍ତି । ଖରା
ଆସି ମୁଣ୍ଡ ଉପରେ ହେଲେଣି । ସମସ୍ତଙ୍କ ଆଖି ସେଇ ବାବୁଙ୍କ
ଉପରେ । ମନେ ମନେ ଭାବୁଛନ୍ତି—କିଏସେ—କିଏସେ—କିଏସେ
ଇଏ ବାବୁ—

ଚମ୍ପତି ସାପୁଙ୍କ ପୁଅ ସୁଦାମ ବାବୁ ସିଧିର ବଜାରେ
ପଳସିଛନ୍ତି ।

ଜଣେ କଏ ଅଧବାଟରେ ଆସି ପଚାରିଲା—ବାବୁ, ଏତେ ଇମଇ ଖରାରେ କୁଆଡ଼େ ଯାଇଥିଲେ ?

ନରଣପୁର ।

ସାଇକେଲ କୁଆଡ଼େ ଗଲା ?

ଅଧବାଟରେ ଲିକ୍ ହୋଇଗଲା । ତାଳ ପଡ଼ାରେ ଥୋଇ ଦେଇ ଆସିଛି । କଥା କହିବା ଭିତରେ ସୁଦାମ ବାବୁ ନାକରେ ମାଲ ଦେଇଥାନ୍ତି ।

ବାଟ ମଝିରେ କଏ ଏଇନେ, ସାଙ୍ଗେ ସାଙ୍ଗେ ଝାଡ଼ା ଫେରି ଦେଇ ଯାଇଛି । ବେଦେରେ ହବ ସଜ ଗୁହ । ନାକ ଫାଟି ପଡ଼ୁଛି । ଆ ବୁଢା ମୂଳରୁ ନେଉଳ ପିଲାଟେ ଚରଚର ହୋଇ ଦଉଡ଼ି ଲେଇଲା ଆଉ କଥା ମୂଳ ଆଡ଼କୁ । ରାସ୍ତାକରର କଇଁଆ ଗଛ ରକୁ ଗୁଣ୍ଡୁଚି ମୂଷା ଦ'ଟା ଚଢ଼ି ଯାଉଛନ୍ତି, ଓହ୍ଲେଇ ଆସୁଛନ୍ତି । ଗା ତୁଳା ଭଳି ଉପରେ ଧାଇଁ ବୁଲୁଛି ମେଞ୍ଚା ମେଞ୍ଚା ମେଘ ।

ଲୋକ ପଠେଇ ଦେଇଛି ରଘୁକୁ । ସେ ଆସି ପଚାରିଲା— ଦାମ ବାବୁ, ଆଜ ସଞ୍ଜବେଳେ ଗୋଟେ ଗ୍ରେଟ କାଠର ଖିଆପିଆ ହାର ଅଛି । ଚୁଡ଼ାଘଷା ଉଖୁଡ଼ା ଓ ସୁଜି ଖିରି । ଭଗବତ ଘରେ ଗମସ୍ତଳ ବି ବୋଲହବାର ଅଛି । ମିସ୍ତ୍ରୀ ଗୁରଜଣ ଓ ନରଣପୁର ଗୋକୁଳ ବାବୁଙ୍କୁ ଡକାଯାଉଛି ।

ଆମ ଗାଁ ଲୋକଗୁଡ଼ାଙ୍କ କଥା ଆଗ ଦେଖିଲୁଣି—ସୁଦାମ ବୁ ଆରମ୍ଭ କଲେ—ବାଟ ଘାଟରେ, ଏମାନେ ଝାଡ଼ା ଫେରୁଛନ୍ତି ।

ଯେତେ ଯାହା କହିଲେ କଛି କ'ଣ ଫଳ ହଉଛି । ଗାଉଆକୁ ସେଇଆ ।

ଆଛା ରଘୁ କ'ଣ କହୁଥିଲୁଟି—ହଁ ଆଜ ଏ ଖିଆପିଆର ରଣ ?

ଆମ ଗାଁରେ ପ୍ରଥମ ହୋଇ ଆଜି ବିଜୁଳିବତି ଲାଗିବ ।

ସୁଦାମ ବାବୁ ଅଳ୍ପ ସମୟ ତୁନି ରହିଲେ । ଟିଏକ ରହି କହିଲେ — ଊଁ— ଆଚ୍ଛା—

ରାଧୁ କେବଳ ଠିଆ ହୋଇ ଲକ୍ଷ୍ୟ କରୁଥିଲା ।

ଇଏ ସବୁ କ'ଣ ଲୋକର କାମ ?

ଆମେ ସବୁ ଠିକ୍ କରିଛୁ ।

ଭଲ କଥା । ମତେ କ'ଣ କହୁଛୁ ? ସୁଦାମ ବାବୁ ଗୃହ ଯାଉଥିଲେ ।

ଆପଣ ଏଥିରେ ଯୋଗ ଦେବେ । ଆଉ ଟଙ୍କା ପାଇଁ—

ଆଚ୍ଛା ମୁଁ ପଠେଇ ଦେବି । ସିଗିର ଜଳେଇ ଗୁଳାଲେ ସୁଦାମ ବାବୁ । ଓଠରେ ତାଙ୍କର ସତେଅବା ଉଛୁଳି ଉଠୁଥିଲା ହସର ଢେଉ ।

ମାନସିଂହପାଟଣା ଚମ୍ପତିରାୟଙ୍କ ପୁଅ ସୁଦାମ ବାବୁ । ଏକ ବର୍ଷ ବାହାଘର ହୋଇଥାଆନ୍ତା । ବାଇଶି ପଶିଛି ବୋଲି ସମସ୍ତେ ମନା କଲେ । ଶ୍ରୀ ଅକ୍ଷର ବଳୁଣେଇ ପାହାଡ଼ । ନାଆଁଟା କେବଳ ଇଂଲିଶ୍‌ରେ ଦସ୍ତଖତ କରି ଜାଣନ୍ତି । ତା' ଛଡ଼ା ଦଶ ପନ୍ଦର ହବ ଇଂଲିଶ ଶବ୍ଦ ତାଙ୍କ ପାଟିରେ ଅନବରତ ବସାବାନ୍ଧି ରହିଛି । ନାକ ତଳକୁ ସରୁ [illegible] ଦି' ଧାଡ଼ି ନିଶ ଛନ୍ଦୁଥାଏ [illegible] ଦି ପଟକୁ ଲମ୍ବି ଯାଇଛି । ମାସେକେ ଥରେ ଦି' ଥର ସହରକୁ ବୁ[illegible] ଯାଆନ୍ତି କେବଳ ସିନେମା ଦେଖିବାକୁ । ବାପାଙ୍କର ଅଗଣାଗଣ ସମ୍ପତ୍ତି । ଶହ ଶହ ଏକର ଜମି । କୋଠି କୋଠି ଧାନ । ବାଡ଼ିବଗି ଆଉ ଟଙ୍କା ସୁନା । ଗୋଟିଏ ବୋଲି ପୁଅ । ତିନି ପୁରୁଷ ବଞ୍ଚିବ ଘରେ ବାପା ବୋଉ ଆସି ବୁଢ଼ା ବୁଢ଼ୀ ହେଲେଣି । ପୁଅ ଅପାଠୁ ହେଲେ ବି ଆପତ୍ତି ନାହିଁ । ମନରେ ଦୁଃଖ ନାହିଁ । ସମ୍ପତ୍ତି ପଡ଼ିଛି ଆୟୁଷ ହେଉନ ଆସିଥାଉ । ଭୋଗ କରିବ ଆଉ କିଏ ସେ

ବୋଷ୍ଟ୍‌ମିଏ ଘରକୁ ଆଣି ନାଚ ନାଚୁଣୀ ଦେଖିଲେ ବୁଢ଼ା ବୁଢ଼ୀ ଶାନ୍ତିରେ ଦେହ ଛାଡ଼ିବେ ।

ଗାଧୁଆ ବେଳ ଗଡ଼ି ଯାଉଛି । ମନସିଂହ ପାଟଣା ପୋଖରୀ କୂଳେ ଗାଁ ଭେଣ୍ଡିଆଙ୍କର ଭିଡ଼ । ଗାଧୁଆ ସାରି ପୁଞ୍ଜେ ପୁଞ୍ଜେ ହବ ଖାଇ ଦେଲେ ଯିଏ ଯାହା କାମରେ ଲାଗିଯିବେ । ନଡ଼ିଆ ପତ୍ର ଓ ଆମ୍ବପତ୍ରର ମାଳ । ନେଳି ନାଲି କାଗଜର ଶିକୁଳୀ । ଚା ସାଙ୍ଗକୁ ଚୂଡ଼ା ଘସା, ଝୁଣ୍ଟୁଡ଼ା ଓ ମୁଢ଼ି ଖିରୀ । ମିସ୍ତ୍ରୀ ଲୁହରଙ୍କୁ ଡକରା ସରିଲାଣି । ରଘୁ ଖାଲି ବେଗେ ଯାଇ ଗୋକୁଳ ବାବୁଙ୍କୁ ଡାକି ଦେଇ ଆସିବ । ନୋହିଲେ ସାଙ୍ଗରେ ନେଇ ଆସିବ ।

ଲୋକ ପାଣିରେ ପଶି ଗାମୁଛାରେ ଘଷାଘଷି ହଉଛନ୍ତି । ଜଣେ ଜଣେ ଗାଧୋଇ ସାରି ଲୁଗା ବଦଳିବାରେ ବ୍ୟସ୍ତ । ସମସ୍ତେ ଘର ଆଡ଼େ ମୁହାଁଇଲେଣି । ଲୋକର ଘଷାଘଷି ସରୁନି ।

ବାଆଁଙ୍କ ପୋଖରୀ ନାକ ସିଧା ରାଘବ ପରିଡ଼ାର ଚୂନଦିଆ ଆଟୁଘର । ଦାଣ୍ଡ ଆଡ଼ର ଝରକା ଭିତରୁ ଦିଶି ଯାଉଛି ଦୁଇଟି ଜଳଜଳ ଆଖି । ଲୋକର ନଜର ପଡ଼ୁଛି ସେଇ ଝରକା ଭିତରେ ।

ରାଘବ ପରିଡ଼ା ଝିଅ ଗଉରୀ, କାଳ ଆଡେଇ ଅନେଇଛି । ଆଖି ଦି' ହଳ ବେଳେ ବେଳେ ମିଶି ଯାଉଛନ୍ତି । ଦି' ହଳ ଓଠ ସନ୍ଧିରେ ଟିକିଏ ବଙ୍କୁଲି ହସ, ଠିକ୍ ଅଗସ୍ତି ଫୁଲ ଭଳି ।

ଦି' ଜଣ ଲୋକ ଲୋକଙ୍କ ଅପେକ୍ଷା କରିଛନ୍ତି । ଲୋକ ତର-ତର ହଉଛନ୍ତି । ଘରେ ଯାଇ ଖାଇ ସାରିଲେ କରିବାକୁ ତାର ଅନେକ କାମ ପଡ଼ିଛି ।

—ଦୁଇ—

ଗଉରୀ ପାଣି ଗିଲାସକ ଧରି ଝରକା ପାଖରେ ଠିଆ ହୋଇ ପାରୁନି । ଯାଇ ବି ପାରୁନି । ଦିଅଁଙ୍କ ପୋଖରୀ ଭିତରେ ଗାଧୋଉଛନ୍ତି ଲୋକ ଭାଇ । ସମସ୍ତଙ୍କ ସାଙ୍ଗରେ ହସ ହସ ମୁହଁରେ କଥା ହଉଛନ୍ତି । କି' ସୁନ୍ଦର ତାର ହସ । ଶାଳ ଗଜା ଭଳି ଦେହରେ ପ୍ରଫୁଲ୍ଲା ହସ ଏଇ ଦିଅଁଙ୍କ ପୋଖରୀରେ ଫୁଟିଥିବା ନାଲି କଇଁ ଭଳି । ଗଉରୀ ଲୋକ ଭାଇ ଆଡ଼କୁ ଏକ ଲୟରେ ଅନେଇଛି । ପୋଖରୀର କଇଁ-ଫୁଲକୁ ବି ସେ ଲକ୍ଷ୍ୟ କରୁଛି । ଦୁହିଁଙ୍କି ସେ ଏକାଠି କରି ଗୁନ୍ଥୁଛି ।

ଗୋଡ଼ ତାର ଠିକ୍ ହୋଇ ରହି ପାରୁନି । ବାପା ଆଗଘରେ ଏଣେ ଖାଇ ବସିଛନ୍ତି । ଖିଆ ସରି ଆସିଲାଣି । ପାଣି ପିଇବେ । କିନ୍ତୁ ଝରକା ପାଖରୁ ସେ ଯାଇ ପାରୁନି । ଲୋକ ଭାଇ ଗାଧୋଇ ସାରିଲେଣି । ଏଇବାଟେ ଘରକୁ ଯିବ । ଏଇ ତ ଅନେଇଛନ୍ତି । ଓଠତଳେ ପୁଣି ହସ ଟିକିଏ । ବୋଧେ ମତେ ଦେଖି ସାରିଲେଣି ? ଏଇ—ଝରକା ଆଡ଼କୁ ତ ଅନେଇଛନ୍ତି ? ନାଁ—ଆଉ କୁଆଡ଼େ ? କିଏ ଜାଣିଛି ?

ଗଉରୀର ଶରୀରଟା ଭିଡ଼ି ହୋଇ ପଳେଇ ଯିବାକୁ ବସିଛି । ମନ କିନ୍ତୁ ଜାବୁଡ଼ି ଧରିଛି ସେଇ ଝରକାର ବାଡ଼ କେଇଟାକୁ । ଲୋକ ଭାଇ ଆଡ଼କୁ ତା ଆଖିର କଜଳ ଗାର ଲମ୍ବି ଯାଇଛି । ଯାଇ ଗୁଡ଼େଇ ଘୁଡ଼େଇ ହୋଇ ଯାଉଛି ତା' ଦେହରେ ।

ଲୋକ ଭାଇର ସାରା ଶରୀରକୁ ଗଜସୀର ଆଖି ହଳକ ବାନ୍ଧି ପକେଇଛନ୍ତି ।

ଗଜସୀ—ବୋଉ ଆରଘରୁ ଡାକ ଛାଡ଼ିଲା ।

ଏ'ରକା ପାଖଦେଇ ଚାଲିଯାଉଛନ୍ତି, ଫୁଲପ୍ୟାଣ୍ଟ ପିନ୍ଧା ସୁଦାମ ବାବୁ ।

ଚମକି ପଡ଼ିଲା ଗଜସୀ । ଗୋଡ଼ ତାର ଅସମାନରେ ପଡ଼ିଗଲା । ହାତରୁ ଖସିଗଲା କାଚ ଗିଲାସଟା । ଏକଦମ୍ ଚୁନଚୁନା । ଘରେ ଗୋଟିଏ ବୋଲି କାଚ ଗିଲାସ ଥିଲା । ଗଜସୀର ଆଖି ଭଙ୍ଗା କାଚ ଖଣ୍ଡ ଉପରେ । ବୋଉ କାଲେ ଗାଳି ଦବ ? ଛାତି ପଡ଼ୁଛି ଉଠୁଛି । ଦେହ ମୁଣ୍ଡରୁ ବହି ଆସୁଛି ଗୋଟେ ଝାଳ । ଘରଯାକ ଛଟେଇ ହୋଇ ପଡ଼ିଛି ଛୋଟ ଛୋଟ କାଚଖଣ୍ଡ । ଗଜସୀ ଭଙ୍ଗା କାଚ ଗିଲାସର ପ୍ରତ୍ୟେକ ଖଣ୍ଡକୁ ଅନଉଛି । ସବୁଥିରେ ଲୋକ ଭାଇର ମୁହଁ । ଅସୁମାରି କାଚ ଖଣ୍ଡରେ ଅଗଣିତ ଲୋକ ଭାଇ ।

କେଉଁଠି ଅଥରପିଠେ କଲେ ତୁ—ବୋଉ ଆସି ଖପା ହେଲା ।

ଗଜସୀ ମୁଣ୍ଡ ପୋତି କାଚଖଣ୍ଡ ଗୁଡ଼ାକ ଗୋଟଉଛି ।

ବାପା ଆରଘରୁ ପାଟି କଲେ—କାଚ ଗିଲାସଟେ ତ ଭାଙ୍ଗିଗଲା, ଠହେଲା କ'ଣ ? କାହିଁ ତାକୁ କ'ଣ କହୁଛ—

ବାପଆଡ଼େ ଖଟ ଗଦା ପାଖରେ ଭଙ୍ଗା କାଚ ଗୁଡ଼ାକ ଫୋପାଡ଼ି ଦେଇ ଗଜସୀ ହାଣ୍ଡିଶାଳେ ଆସି ପଶିଲେ । ବାପାଙ୍କ ଅଇଁଠା ଥାଳି ପଡ଼ିଛି । ମା'ଝିଏ ବେଳେ ପଖାଳ ସାଙ୍ଗରେ ଶାଗ-ଖରଡ଼ା ଆଉ ସନ୍ତୁଳା ଟିକିଏ ଆଣି ବସିଯିବେ ।

ବୋଉ ଅଗଣା ଆଡ଼ୁ ଡାକିଲା—ଆଲୋ ଝିଅ, ମୁଁ ବାଡ଼ୁଛି କି, ତୁ ଚଟେଇରୁ ଶୁଖୁଆ ମଥା ଖଣ୍ଡିକ ନେଇ ପୋଡ଼ି ଆଣିଲୁ । ଚୁଲିରେ ନିଆଁ ନଥିଲେ କୁଟା ପୁଞ୍ଜେ ଜାଳିଦବୁ ।

ବାପା ଯାଇ ଆଉ ଘରେ ପାନ ବଟା ପାଖରେ ବସିଲେଣି । ବୋଉ ହାଣ୍ଡିଶାଳେ ଭାତ ବାଢ଼ୁଛି । ଗଉରୀ ଶୁଖୁଆ ପୋଡ଼ିବାରେ ଲାଗିପଡ଼ିଲା ।

ରାଧୁ ଏଣେ ଗାଧୋଇ ସାରି ଆସି ଅଗଣା ବାଉଁଶରେ ଲୁଗା ଶୁଖଉଛି । ବୋଉ ରାଧୁପାଇଁ ବାଢ଼ୁଛି—ତତଲା ଭାତ, ମୁଗ ଡାଲି, ସାରୁ ବାଇଗଣ ସନ୍ତୁଳା ଓ ଶାଗ ଖରଡ଼ା ।

ରାଧୁ ଗମ୍ଭୀର ଘରେ ଖାଇ ବସିଛି ।

ବୋଉ ପଚାରିଲା—କାଲିଁ ତରତର ହଉଛୁ ରାଧୁ ?

ଏଇନେ ନରଣପୁର ଯିବ । ଗୋକୁଳ ବାବୁଙ୍କୁ ଶୀଘ୍ର ଯାଇ ଖବର ଦେଲେ ସେ ସଞ୍ଜବେଳକୁ ଗାଁକୁ ଆସିବେ । ଲୋକ ଭାଇ ଠିକ୍ କରୁଛି । ଆଜି ଗାଁରେ ଭୋଜି । ମୋ ଉପରେ ଗୁନ୍ଧା ପଡ଼ିଛି ଚୂଡ଼ା ଗଉଣୀଏ । ଆଖଡ଼ା ଘରେ ଓ ଭାଗବତ ଘରେ ଆଜି ଖିଆପିଆ ହବ । ଗାଁରେ ନୂଆହୋଇ ବନ୍ଦୋବସ୍ତ ଲାଗୁଛି ।

ଗଉରୀ, ବୋଉ ସାଙ୍ଗରେ ଚୁଲିମୂଳେ ଖାଇ ବସିଛି । ଶୁଖୁଆ ମୁଣ୍ଡଟା ପାଉଁଶ ଲଟପଟ । ତୋରାଣିରେ ବି ପାଉଁଶ ମିଶିଗଲାଣି । ଅମାନିଆ କୁଆଟେ ଚାଳେ ପଡ଼ିଥିବା ଭାତଗୁଡ଼ାକ ଠୁଙ୍କିଲାଗିଛି । ଧାନ ହେଁସୁଟେ ତଳ ଅଗଣାରେ ଶୁଖୁଛି । ତା' ଉପରେ ଆସି ପଡ଼ିଗଲେ ପଲେ ହବ ପାରା ଆଉ କୁଆ । ଭାତଗୁଣ୍ଡାକ ବେଲାରେ ପକେଇ ଦେଇ ହା—ସୁ କରି ଦେବାରୁ ପକ୍ଷୀଗୁଡ଼ାକ ଉଡ଼ିଗଲେ । ଧାନତକ ଏକାଠି କରିଦେଇ ଗଉରୀ ତା'ଉପରେ ମୁନ୍ଦୁସଟେ ପକେଇ ଦେଲା । ପୁଣି ଆସି ବସିପଡ଼ିଲା ଭାତ ବେଲା ପାଖରେ ।

ରାଧୁ ଇଆ ଭିତରେ କୁଞ୍ଚୁକୁଞ୍ଚା କରି ଲୁଗା ପିନ୍ଧି ସାରିଲାଣି । ବାପାଙ୍କ ଛତାଟାକୁ ଅଲୁଆରୁଣିରୁ ଆଣି ଧରିଛି । ବାହାରେ ଟିଁ ଟିଆଁ

ଖବର । ଛତାଟା ନ ହେଲେ ନଚଳେ । ଗୋଡ଼କାଟି ଘୂଲିଗଲେ ନରଣପୁରରୁ ଖବର ଥାଉ ଥାଉ ସେ ଫେରିଆସିବ ।

ମା'ନ୍ନିଏ ଚୂଲିମୁଣ୍ଡେ ଖାଇ ବସିଛନ୍ତି । ପାଞ୍ଚହାତ ଦୂରରେ ଗୋରୁକୁଣ୍ଡ । ସବୁ ଦିନର ପେଜ, ପଖାଳ-ତୋରାଣି, ପଚ୍ଚ ସଢ଼ା ଭାତ ଯିଏ ଯାହା ପାଇଲା ସେଇଥିରେ ଆଣି ଢାଳନ୍ତି । କୁଣ୍ଡ ତଳଟା ସଦାବେଳେ ଚଟଚଟ; ସନ୍ତସନ୍ତିଆ । ମାଟି ସାଙ୍ଗେ ଆମ୍ବିଳ ତୋରାଣି ମିଶି ଦୁର୍ଗନ୍ଧ ବାହାରୁଛି । ସେଇ ଚଟଚଟିଆ ପଙ୍କ ଭିତରେ କିଆନାଡ଼ କେଇଟା ଲଟପଟ ହେଉଛନ୍ତି । ଅଗଣାପାକ ଢେଲଗୁଣି ପୋକ । କୁଣ୍ଡ ପାଖକୁ କରି ଥୁଆ ହୋଇଛି ଗୋଟେ କୁଣ୍ଡା ବସ୍ତା, ମୁଗ ଓ ବିରି କୋଳଚ । ପିମ୍ପୁଡ଼ି, ଧାର ଲାଗିଛନ୍ତି । ଠିକଏ ଗୁଣ୍ଡ ଠିଆ ହେଇଛି ଓଳେଇ ଗାଈ; ନେତ । ବେକରେ ଝାର ଝୁଲୁଛି ହାତେ ଦେଢ଼ହାତ ଲମ୍ବର କାଠ ଖଣ୍ଡେ । ଦଉଡ଼ି କରି ଗଲେ ଏମିତି ଜୋରରେ ତା' ଦେହରେ ବାଜେ ଯେ ସେ ଯାଇ ପାରେନା । ନେତ କେତେଥର କାଞ୍ଜିଆହୁଦା ଯାଇ କେତେଥର ଯେ ଫେରି ଆସିଛି ତା'ର ହିସାବ ନାହିଁ । ଆଜି ସବୁ ଗୋରୁଗାଈ ଯାଇ ଗୋଠରେ ।

ଅଗଣାରେ ନେତ ସାଙ୍ଗକୁ ହେଲିଟିଏ । କଅଁଳିଆ ଛେଳିଛୁଆ ତିନୋଟି । ପେଟରୁ ଚେର ଗୁଡ଼ନ । ନେତ ଦୁରୁଦୁରୁ କରି ମୁତୁଛି । ଛିଟିକା ଆସି ପଡ଼ୁଛି ମା'ନ୍ନିଅଙ୍କ ଦେହରେ । ନେତ ଥୋଇ ଦେଲଣି ଲଣ୍ଡିଏ ଗୋବର । ସକାଳେ ଲଣ୍ଡେ ପୁଣି ଏଇନେ ଲଣ୍ଡେ । ଭାତ ଗୁଣ୍ଡେ ପାଟିରେ ପୂରେଇ ଗଉଣୀ ବୋଉ ଭାବୁଛନ୍ତି— ଖାଇ ସାରିଲା ପରେ କେମିତି ଯାଇ ଗୋବର ଲଣ୍ଡିକ ଉଠେଇ ଆଣି ବାରିଆଡ଼େ ଫିଙ୍ଗି ପାରି ଦେବେ । ଖାଇଲା ଭିତରେ କିଏ ଯେବେ ଘର ଭିତରକୁ ପଶି ଆସି ସେତକ ଉଠେଇଲା, ଗୋବର

ଲଣ୍ଡେ ପାଇଁ ସେ' ବା କାହାକୁ କ'ଣ କହିବେ ? ଜାମୁ କୋଳି ଭଳି ଅଗଣାଯାକ ବୁଣିହୋଇ ପଡ଼ିଛି ଗ୍ରେଠ ଗ୍ରେଠ ଛେଳି ଲଣ୍ଡି ।

ଲଙ୍କାମରିଚଟା ଜହର ଭଳି ରାଗ । ମା'ଟିଏ ସୁ-ସା ହଉଛନ୍ତି । ରାଧୁ ନରଣପୁର ବାହାରି ପଡ଼ିଲାଣି । ଖରା ଥାଉ ଥାଉ ଫେରିଆସିବ ।

ବୋଉ ଗୋରୁ କୁଣ୍ଡ ପାଖରେ ଯାଇ ହାତ ଧୋଇଲା । ଗଉରୀ ଗମ୍ଭିରୀ ଘରୁ ଖାଇଙ୍କର ଅଇଁଠା ଥାଳି ଗୋଟେଇ ସାରି ଚୁଲି ମୁଣ୍ଡ ଅଇଁଠାଟା ବି ଗୋଟେଇ ସାରିଲାଣି । ଗୋରୁ କୁଣ୍ଡ ପାଖରେ ଥୁଆ ହୋଇଛି ଝୁଣ୍ଟୁକନା । ସେଇଟାକୁ ଆଣି ସେ ଅଇଁଠା ମାରିଦେଲା ।

ଅଇଁଠା ବାସନ ନେଉ ଉପରେ ରଖି ଗଉରୀ ଗୁଳିଲା ବାରିଆଡ଼ ଝୁଣ୍ଡ ଗଡ଼ିଆ ଆଡ଼େ । ବାସନତକ ପାଉଁଶ ଲଗେଇ ଗାଡ଼ିଆରେ ବୁଡ଼େଇ ଦବ । ରାଘବ ପରିଡ଼ାର ଗୋଟିଏ ବୋଲି ଷୋଳ ବରଷର ଝିଅ ଗଉରୀ । ବଣ ହଳଦୀ ଭଳି ଦେହ । ବଳି ଦେଲାପରି ଗୋଡ଼ହାତ । ବୟସ ତା' ଶରୀରରେ ଆଣି ଅଜାଡ଼ି ଦେଇଛି ରାଇଜଯାକର ସୁଷମା । ଫେଟା ଖଣ୍ଡେ ବେଢ଼େଇ ଦେଇ ଖାଲଠିପୁଆ ଶରୀରକୁ ସେ ଢାଙ୍କେଇ ରଖିଛି । ବାଁ ପଟ ନାକ ପୁଡ଼ାରେ ବସିଛି ଗୋଟେ ପଥରବସା ଡମ୍ଫ । କାନରେ ଝଲେ ମାଙ୍କିଡ଼ି । ହାତରେ ରୁପା କାଚ ଦି'ଦି ପଟି । ଗାଁକୁ ବିକା ଆସିଥିବା କାଚବାଲାଠାରୁ ଦି ମୁଠା କଳା କାଚ ଏଇ ପନ୍ଦର ଦିନ ହେଲା ସେ ଲଗେଇଛି । ଅଇଁଠା ବାସନ ହାତରେ ଧରି ଗଉରୀ ଗାଡ଼ିଆ ଆଡ଼କୁ ହଲିଦୋହଲି ଗୁଳିଛି । ଦି' ପଟେ କୋଶଳା କିଆରୀ ବାଇଗଣ କିଆରୀ; ଜହ୍ନି, କାକୁଡ଼ି, ଚଲଣା ଆଉ ଛଚିନ୍ଦ୍ରା ବାରିଆଡ଼ଯାକ ରଞ୍ଜା ଉପରେ ଲଟେଇଛି । ଗାଡ଼ିଆ ପାଖକୁ ପାଏ

ହବ ଜମିରେ ସାରୁ ଲଗିଛି । ଭାସି ଆସୁଛି ସାରୁ ଫୁଲର ବାସନା । ଗଉଷ୍ଟ ଚେଣ୍ଡ୍ରୁ, ଅଁଳା ଓ ମଲ୍ଲୀ ଗଛ କେଇଟା ଆଣି ଗାଡ଼ିଆ ବାଡ଼କୁ କରି ଲଗେଇଛି । ଦେବଦାରୁ ଗଛକୁ ଗୁଡ଼େଇ ଧରିଛି ମାଧବୀ ଲତାଟିଏ । ମାଧବୀ ଫୁଲରେ ଗଛଟା ଅଜାଡ଼ି ହୋଇ ପଡୁଛି । ପାଖ ଗୁଳିଆ ଗଛରେ ଡାକୁଛି ଗୁଳଜିଆ । ସବୁଗୁଡ଼ାକ ବନେଇ ଆସିଲାଣି । ଗଙ୍ଗଶିଉଳି ଗଛରୁ ଫୁଲ କେଇଟା ଖସିପଡ଼ିଲା । ଗଉଷ୍ଟ ଯାଇ ଗାଡ଼ିଆ କୂଳରେ । ଖୁବ ପାଞ୍ଚଟା ହବ ବେଙ୍ଗ ଟପ୍‌ଖାପ୍ ପାଣିକି ଡେଇଁ ପଡ଼ିଲେ । ଗଉଷ୍ଟ ବାସନଯାକ ଗାଡ଼ିଆ ଭିତରେ ବୁଡ଼େଇ ଦେଇ ପାଣିକି ଅଳ୍ପ ଆଡେ଼ଇ ଦେଲା । ତଳେ ହବ ପାଣି ଆଣି କୁଳୁକୁଞ୍ଚା କଲା । ପଛ ଆଡ଼କୁ ବାରମ୍ବାର ଅନେଇ, ଅନେକ ସମୟ ଧରି କେବଳ କୁଳୁକୁଞ୍ଚା କରିବାରେ ସେ ଲାଗିପଡ଼ିଲା ।

ଗଉଷ୍ଟର ଛାତି ଧଡ଼୍‌କରି ପଡ଼ିଗଲା । ଗାଡ଼ିଆ ପାଣିରେ ଲୋକ ଛାଇର ଛବି । କୁଳୁକୁଞ୍ଚା ପକେଇ ସାରି ଗଉଷ୍ଟ ଲକ୍ଷ୍ୟ କଲା—ଛାଇଟା ଲହଡ଼ିରେ ଭାଙ୍ଗି ଭାଙ୍ଗି ଯାଉଛି ଠିକ୍ ତା ଖିଲ-ଖିଲଆ ହସ ଭଳି । ଲୋକ ଭାଇ କ'ଣ ପଛଆଡେ଼ ଆସି ଠିଆ ହୋଇଛି ? ଗଉଷ୍ଟ ପଛ ଆଡ଼କୁ ଅନେଇ ଦେଲା—କାହିଁ କେହି ନାହିଁ ତ ?

ପୁଣି ସେ ଗାଡ଼ିଆ ଭିତରକୁ ଅନେଇଲା । କି ଅସମ୍ଭବ କଥା । ପାଣି ଭିତରେ ନିଜ ଛାଇ ବଦଳରେ ସେ ଲୋକ ଭାଇର ପ୍ରତିବିମ୍ବ ଦେଖିବାକୁ ପାଉଛି ।

ଗଉଷ୍ଟର ମନେ ପଡ଼ିଯାଉଛି—

ଆଗତ ବର୍ଷ ଶେଷପାଳି ଖୁଦୁରୁକୁଣୀ କଥା । ମାନସିଂହ ପାଟଣା ଗାଁରେ ଦୁ' ଜଣଙ୍କ ଘରେ ଖୁଦୁରୁକୁଣୀ ପୂଜା ହୁଏ । ଆଉ ସମସ୍ତେ ସେଥିରେ ଭାଗ ନିଅନ୍ତି । ଗାଁ ମୁଣ୍ଡେ ସାଧବ ପରିଡ଼ା ଘରେ

ଦକ୍ଷିଣ ପଟେ ପଧାନ ସାଇର ଚମ୍ପତିରାୟଙ୍କ ଘରକୁ ଲାଗି ବନା ମାନସିଂହ ଘରେ । କାହାର ବେଶୀ ଫୁଲ ଆସିବ, ମଙ୍ଗଳାଙ୍କ ଗଳାରେ କିଏ ବଡ଼ ବଡ଼ ଫୁଲଧଣ୍ଡା ଓ ବେଣୀଆ ହୋଇଥିବା ଲେମ୍ବା ଲେମ୍ବା କଇଁଫୁଲ ଲମ୍ବେଇ ଦେଇ ପାରିବ ? କିଏ କାହାକୁ ଟପି ଯିବ ? ଗାଁର ଝିଅପୁଅଙ୍କ ଦୁ' ଦଳ । ଭାଇମାନେ ଫୁଲ ତୋଳା, ବାଣମରା ଓ ଚୂଡ଼ାଘଷା ତିଆରରେ ଭଉଣୀମାନଙ୍କୁ ସାହାଯ୍ୟ କରନ୍ତି । ଗାଁ ଲୋକେ କୋଉ ଦଳକୁ ସାବାସ କରିବେ ?

ଗଉରୀ ତା' ଦଳର ଝିଅମାନଙ୍କୁ ପଠେଇ ଦେଉଛି ଫୁଲ-ତୋଳା । ଯିଏ ଯାହାର ଫୁଲ ତୋଳିବାରେ ଲାଗି ଯାଇଛନ୍ତି । କେତେ କେତେ ପିଲା ପହଁରି ପହଁରି ଦଅଙ୍କ ଗାଡ଼ିଆରୁ କଇଁଫୁଲ ଗୁଡ଼ାକ ଭିଡ଼ି ଆଣୁଛନ୍ତି । ଗଉରୀ ସେଦିନ ଏଇ ଗାଡ଼ିଆ କୂଳ ତରାଟ ଗଛ, ଗଙ୍ଗଶିଉଳି ଗଛ ଓ ଦେବଦାରୁ ଗଛରେ ଲଟେଇଥିବା ମାଧବୀ ଲତାରୁ ଫୁଲ ତୋଳୁଥିଲା ।

ମାଧବୀ ଫୁଲ, ରାଘବ ପରିଡ଼ା ଛଡ଼ା ଗାଁର ଆଉ କାହା ବାଡ଼ିରେ ମିଳିବନି । ପ୍ରତି ବେବାର ପାଳିକ କେବଳ ଫୁଲପଣ କରି ସେଇଥିରୁ ବେଙ୍କେ ହବ ଆଣି ମଙ୍ଗଳାଙ୍କୁ ପିନ୍ଧେଇ ଦେଲେ ଭାରି ସୁନ୍ଦର ଦେଖାଯାଏ । ଗଉରୀ ସେଦିନ ଦେବଦାରୁ ଗଛ ଉପରେ ଚଢ଼ି ମାଧବୀ ଫୁଲ ତୋଳୁଥିଲା ।

ସେଆଡ଼ୁ ଫଗି ଆସିଲା ଲୋକ ଭାଇ । ବାପା ଢୋଲରେ । ବୋଉ ହାଣ୍ଡିଶାଳେ । ରାଧୁ ଭାଇ ଗାଁରେ କାହା ସାଙ୍ଗେ କଥା ହଉଥିଲା । ଲୋକ ଭାଇ କାହାକୁ କିଛି ନ କହି ସିଧା ଆସି ଗଛମୂଳେ ହାଜର୍ ।

ହଣ୍ଡାଏ ହବ ପାଳ ଭିତରେ, ପାଉଁଶ ଟିକଏ ଦେଖି ଗଉରୀ ବାସନ ମାଜୁ ମାଜୁ ଭାବୁଛି—

କ'ଣ ବା ସେ କରିଥାନ୍ତା ? ଏତେ ଲାଜ କଥା । ସିଏ ଚଢ଼ିଛି ଗଛ ଉପରେ । ଲୋକ ଭାଇ ଆସି ତଳେ ଠିଆହୋଇ ସାରିଲାଣି ।

ମାଇକିନିଆ ଝିଅଟେ । ଗଛରେ ଯାଇ ଚଢ଼ିଛି । ଗୋଡ଼ ହାତ ଭାଙ୍ଗିଗଲେ ତ ଶାଶୂ ଘରକୁ ଯାଇ ପାରିବୁ ନି ? ଲୋକ ଭାଇ ତାକୁ ଭାରି ଜୋରରେ ଗାଳି ଦେଲା । ତାର ମୁରବୀ ଭଳି କଥା କହିବା ଦେଖି ଗଉରୀ ମନେମନେ ଦବି ଯାଉଥାଉ ହସି ପକେଇଲା । ତାପରେ ଆସ୍ତେ ଆସ୍ତେ ଗଛ ଉପରୁ ଓହ୍ଲେଇ ଆସିଲା ।

ଗଉରୀ ଆଖି ଆଗରେ ଜଳଜଳ ହୋଇ ନାଚି ଯାଉଛି ସେ ଦିନର ଘଟଣା । ଗଛ ଉପରେ ଚଢ଼ି ଲୋକ ଭାଇ ଫୁଲତକ ଆଖି ପିଛୁଳାକେ ତୋଳି ଆଣିଲା । ରଘୁ ଭାଇକି କହିଲେ, ସେ ମୋଟେ ହେଲେ ଶୁଣେନି । ସେଥର କେବଳ ଲୋକ ଭାଇ ଯୋଗୁ ତାଙ୍କର ମଙ୍ଗଳା ପଧାନ ସାଇ ମଙ୍ଗଳାଙ୍କଠୁ ଟପିଗଲେ । ଆଉ ସାଇ-ବାଲାଙ୍କୁ ଚମ୍ପତିରାୟଙ୍କ ଘର ବାଣ ଜିତେଇ ଦେଇଥିଲେ । ଆରିଷା ପିଠା, ଚୂଡ଼ାଘଷା, ଆଉ ସୁଜି ଖିରିରେ ତାଙ୍କର ଧଳା ଉଡ଼ିଥିଲା । ହେଲେ ଆମ ଭଳି ମଙ୍ଗଳାଙ୍କୁ ସେମାନେ ଫୁଲରେ ମଣ୍ଡନ କରି ପାରି ନଥିଲେ ।

ଫୁଲ ତୋଳିସାରି ଲୋକ ଭାଇ ସେଦିନ ଡାକିଥିଲା—ଆଲୋ ହେ, ଦେଖିଲୁଣି, ଗୋଟେ ନାଳି ଟହ ଟହ ଗୁଡ଼ୁଲିଆ । ମାଙ୍କଡ଼ି ଭଳି ସାଙ୍ଗେ ସାଙ୍ଗେ ସେ ଡାଳକୁ ଡାଳ ଡେଇଁ ଗୁଡ଼ୁଲିଆଟା ଛିଣ୍ଡେଇ ଆଣିଲା । ଖପ୍ କରି ଆସି ତା' ଆଗରେ ଠିଆ ହୋଇ ପଡ଼ିଲା । ଦି' ହାତକୁ ତା'ର ଧରି ପକେଇ କହିଲା—ମେଲା କର ପାଟି । ଆଖି ବୁଜ୍ । କଥା ନ ମାନିବାକୁ ତା'ର ଗୁରୁ ନାହିଁ । ହସି ହସି ସେ ଆଖି ବୁଜି ପାରୁ ନ ଥାଏ । ପୁଣି ସେଇ ମୁରବୀ ସୁରରେ ଲା ଗୋଟେ ପାଟି । ଆଁ କରୁନୁ ତି । ଡରି ମରି ଆଖି ବନ୍ଦ କରି

ସେ ପାଟି ଆଁ କଲା । ନାଲି ଟହ ଟହ ଗୁଞ୍ଜଲିଆଟା ଗୋଟା ସୁଙ୍ଘା ତା ପାଟିରେ ନେଇ ପକାଇ ଦେଇଥିଲା ଏଇ ଲୋକ ଭାଇ ।

ହାଣ୍ଡିଶାଳରୁ ଦୌଡ଼ି ଆସିଥିଲା ବୋଉ । କହିଲା—ଭାଇ ଭଉଣୀ ଦି'ଟା କ'ଣ ଏଇଠି ଖୁମ୍ପୁଟାଖୁମ୍ପୁଟି ହଉଚ ?

ଦେଖିଲଣି ମାଉସୀ । ଗଉରୀ ପାଚିଲା ଗୁଞ୍ଜିଆଟେ ଗୋଟା ସୁଙ୍ଘା କେମିତି ପାଟିରେ ପୂରେଇଛି, ଟିକିଏ ହେଲେ ମତେ ଦେଲାନି । ଲୋକ ଭାଇ ହସ ଗୋଟାଏ ହସି ଦେଇ ସାଙ୍ଗେ ସାଙ୍ଗେ ଚମ୍ପଟ୍ କଲା ।

ଗଡ଼ିଆ ଭିତରକୁ ଚୁହିଁ ଗଉରୀ ଚମକିପଡ଼ିଲା । ଦେବଦାରୁ ଗଛ ପଛପଟେ ଲୋକ ଭାଇ ଆସି ଲୁଚୁନି ତ ?

× × × ×

ମଇଳା ବାସନତକ ହାତରେ ଧରି ଘର ମୁହାଁ ଚାଲିଛି ଗଉରୀ । ଭୁଲୁଲତା ଉପରେ ଆସି ଝୁଲୁଛି ତାର ଲୋକ ଭାଇ । ବାଡ଼ିଆଡ଼ପାକ ଅନେଇ ଅନେଇ ସେ ଘରକୁ ଫେରୁଛି । ଉପରୁ ଖସି ଆସୁଛି ଓଢ଼ଣା । ଏତେ ବେଳ ହେଇଗଲାଣି । ବୋଉ ସିଆଡ଼େ ରାଗୁଥିବ, ବେଗେ ବେଗେ ପାଦ ପକେଇ ଘରଆଡ଼େ ସେ ଚାଲିଗଲା ।

ବାପା ଦାଣ୍ଡ ଘର ଆଉଜେଇ ଟିକିଏ ପଡ଼ି ଯାଇଛନ୍ତି । ସାଙ୍ଗେ ସାଙ୍ଗେ ଉଠି ବିଲକୁ ଯିବେ । ବିଲରେ ବଛାବଛି ଲାଗିଛି । ବାପାଙ୍କ ସାଙ୍ଗକୁ ଚୁରକଣ ହବ ମୂଲିଆ । ବୋଉ ରୋଷେଇ ଘରେ ଗୋଡ଼ ଲମ୍ବେଇ ପାନବଟା ପାଖରେ ବସିଛି । ଧାନ ହେଁସକ ଖରାରେ ଶୁଖୁଛି । ଟୁଇ ନେଉଟି ପଡ଼ିଲେ ଢିଙ୍କିରେ ନେଇ ପଶି ଦେବେ । ଆଗରେ ଦଶହରା, କୁଆଁର ପୁନିଅ । ଅରୁଆ ଚାଉଳ

ପୁଞ୍ଜେ ନ କୁଟିଲେ ନ ଚଳେ । ଗଉରୀ ହାଣ୍ଡିଶାଳେ ପଶି ଭାତ ପଖାଳିଲା ଓ ହାଣ୍ଡି ଧୁଆଧୋଇ କରିବାରେ ଲାଗିପଡ଼ିଲା । ତା' ପରେ ଘର ଓଳା । ଆସି ଦେଖେ ତ ବୋଉ ବାରନ୍ଦରେ ପବନ ଆଡ଼କୁ ମୁଣ୍ଡ କରି ଟିକଏ ଘୁମେଇ ପଡ଼ିଛି ।

ସଉପଟେ ଲମ୍ବେଇ ଗଉରୀ ତା' ଉପରେ ଲଟେଇ ପଡ଼ିବାକୁ ଯାଉଥିଲା । କାହିଁକି କ'ଣ ମନ ହେଲା—ଚାଲିଗଲା ସେଇ ଝରକା ପାଖକୁ । ଏଇ ବାଟେ ଦେଇ ଚାଲିଗଲେ ସୁଦାମ ବାବୁ । ଝରକା ପାଖକୁ ଲାଗି ଲାଗି । ଲୋକ ଭାଇ ବି ଏଇ ବାଟ ଦେଇ ଗଲା । ମୁଣ୍ଡ ପୋତି ପୋତି । ସୁଦାମ ବାବୁ ଓ ଲୋକ ଭାଇ । ଗଉରୀ ଦର୍ପଙ୍କ ପୋଖରୀ ଆଡ଼କୁ ଅନେଇ ଦାହିଁକି ତଉଲ କରୁଥିଲା ।

ଏଇ ସୁଦାମ ବାବୁ । ଏତିକି ବଦମାସ୍ ସିଏ । ସରଗକୁ ନଶୁଣି ନାହିଁ କି ବଡ଼ ଲୋକକୁ ଉତ୍ତର ନାହିଁ । ରୁକୁଣୀଟି ବଗ୍ଭର କେଡ଼େ ନ୍ତ ଶିଷ୍ଟ ଝିଅଟିଏ । ବାପର ଜମି ଦଶମାଣ ଚାଷ । ସୁରୁଖୁରୁରେ ନମାନ ଚାଲିଯାଉଥିଲେ । ହେଲକି ଲଟଗଇ ଦେଲେ କ'ଣ ନା— କୁଣୀକି ନେଇ ବାହା ହେବେ । ବାପ ବଳଆ ମଙ୍ଗରାଜର ଖୁସି ହ୍ବିଲେ ନ ସରେ । ବୋଉ ମନେ ମନେ ଝିଅ ତାଙ୍କର ରାତାରାତି ଜମିଦାରୀ ହୋଇଯିବ । ଚମ୍ପତରାୟ ଘରର ଗୋଟିଏ ବୋଲି ଅଲିଅଳ ଅ । କ'ଣ ତାଙ୍କର ନାହିଁ । ସିଏ ଯେବେ ଜିଦ୍ ଧରେ, ବାପ ମା' ମାଡ଼ ମୋଡ଼ ହୋଇ ତାରି କଥାରେ ଆସି ପଡ଼ିବେ । ସୁଦାମ ବାବୁ ନେକ ସମୟରେ ରୁକୁଣୀ ଘର ଆଡ଼େ ଯା' ଆସ କରନ୍ତି । ହି ପଡ଼ଶା ଠାହି ଠାପରା କରନ୍ତି । ବଡ଼ ଲୋକ ପିଲା । ଭରସି ରି କହିବ କିଏ ସେ ?

ଛ' ମାସ ଯାଇଛି କି ନାହିଁ ସକାଳେ ଦିନେ ଦେଖିଲାବେଳକୁ କୁଣୀ ଗାଁ ଗଡ଼ିଆରେ ଫୁଲିକରି ଭାସୁଛି । ବାପା ବୋଉ ଜାଣନ୍ତି

ରୁକୁଣୀ ଘରେ ଶୋଇଛନ୍ତି । କେତେ କେତେ ଲୋକ କହିଲେ ରୁକୁଣୀକୁ ପହଁରା ଜଣା ନ ଥିଲା । ଗୋଡ଼ ଖସି ଯାଇଥିବ । ଏଡ଼େ ବଡ଼ ଝିଅଟେ, ପାଣିରେ ବୁଡ଼ିଗଲା ? କେହି ହେଲେ ଜାଣି ପାରିଲେନି ? ମରିବାର ଦିନ ପନ୍ଦରଟା ପରେ ଛତ୍ରୁପର କଥା ଫୁଟି ବାହାରିଲା । ସୁଦାମବାବୁ ଦି' ମାସ ଧରି ମଙ୍ଗରାଜଙ୍କ ଘରକୁ ଆଉ ଯା ଆସ କରୁ ନ ଥିଲେ । ଏମିତିକି ବୁଢ଼ା ଚମ୍ପତିରାୟ ପୁଅ କଥାରେ ପଡ଼ି ଜମି ପାଞ୍ଚମାଣ ଧିଳଭାଗ ଦେଇଥିଲେ, ସେତକ ବି ଛଡ଼େଇ ନେଲେ । ରୁକୁଣୀ ମରିବାର ସଠିକ କାରଣ କେହି ହେଲେ କହି ପାରିଲେନି । ନେଟେଇ ଧୋବଣୀ କେବଳ ଏତିକି କହିଲା—ତିନି ମାସ ଧରି ରୁକୁଣୀର ସେ ମାସଉଆରି ଲୁଗା ନଉ ନଥିଲା । ବର୍ଷର ଗୋଟିଏ ଅରୁଆ ଗୁଜଳରେ ଗଢ଼ିଦେଲାଭଳି । କେଡ଼େ ସୁନ୍ଦର ତଉଲତାଉଲ ଝିଅଟିଏ । କାହାକୁ କିଛି କହେନି । କେତେବେଳେ ହେଲେ ସାଙ୍ଗ ଗୁଡ଼ିବନି । ଗଉରୀର ଆଖି ଜକେଇ ଆସିଲା । ଏଇ ବଦମାସ ସୁଦାମବାବୁ ଯୋଗୁ ବିଚାରି ସେ ବୁଡ଼ିମଲା । ଗଉରୀର ତଳ ଓଠଟା ଦାନ୍ତ ତଳେ ଚୁପି ହୋଇଗଲା ।

କେହି ଯିବା ଜାଣି ନଥିବେ, ଗଉରୀ କିନ୍ତୁ ଭଲ କରି ତାଙ୍କୁ ଚିହ୍ନିଛି । ପକେଟରେ ଗୋଟେ ବାସନାତେଲ ଶିଶି ଆଣି କେହି ନଥିଲା ବେଳେ ଦିନେ ତାକୁ ବାରିଆଡ଼କୁ ଡାକୁଥିଲେ । ସତରେ ସେଦିନ ପାଚିଯାଇଥିଲା ଗଉରୀ । ଆଉ କିଏ ହୋଇଥିଲେ ଗୋଟେ ଯୋଡ଼େ ଚେଲା ନିଶ୍ଚେ ସେ ଛାଡ଼ି ଦେଇଥାଆନ୍ତା । ବଡ଼ ଲୋକ ପୁଅ ତ ଆଉ କରି ଥାଆନ୍ତା କ'ଣ ? ଧଡ଼୍ ଧାଡ଼ ବାରି ଦୁଆରଟାକୁ କିଳିଦେଇ ଆସି ଘର ଭିତରେ ।

ଆଉ ଦିନେ ସେମିତି ଲୁଚି ଛାନି କାହାକୁ କିଛି ନ କହି ଘରେ ଆସି ହାଜର । କାନ୍ଧରେ କଣ ଗୋଟେ ଡବା ଓହଳେଇଛନ୍ତି ।

କ'ଣ ନା—ଗୋଟେ ଫଟୋ ଉଠେଇବେ । ବାପା ବୋଉଙ୍କୁ ଖୁବ୍ ଖୁସି ଲାଗିଲା । ସହରରେ ଯାଇଁ ଲୋକେ ଫଟୋ ଉଠାନ୍ତି । ଗଉରୀ କିନ୍ତୁ ସିଧା ସଳଖ ମନା କରିଦେଲା । ସେ ଫଟୋ ଉଠାଇବାକୁ ଠିଆ ହୋଇ ପାରିବନି । ତାର ଅଧାକପାଳି ବିନ୍ଧୁଛି । ସେଦିନଟା ସେମିତି ସେମିତି ଗଲା ।

ସିଏ କଣ ଶୁଣିବା କଥା । ବାପା ବୋଉଙ୍କୁ ମନେଇ ଷାଠିଏ ବର୍ଷର ବୁଢ଼ା ବାଆଜି ତିଆଡ଼ିଙ୍କ ହାତରେ ଘରକୁ ଭଲଲୋକ ପଠେଇଲା ବାହାଘର ସକାଶେ । ବାପା ବୋଉଙ୍କ ଗୋଡ଼ ଏ କଥା ଶୁଣି ପାଞ୍ଚ ହାତରେ ପଡ଼ିଲା । ଚମ୍ପତିରାୟ ଘର ବନ୍ଧୁ କରିବାକୁ ଭଲଲୋକ ପଠେଇଛନ୍ତି । ବୋଉ ସାଙ୍ଗେ ସାଙ୍ଗେ ଜାଗୁଲେଇଙ୍କି ମେଣ୍ଢା ଗୋଟେ ଯାଚି ଦେଇଛି ବୋଲି କହୁଥିଲା । ଗଉରୀ ହସି ପକେଇଲା । ବୋଉ ମନେ ମନେ ଝିଅ ଯାଇଁ ଚାରି ଶହ ଶହ ଏକର ଜମିର ମାଲିକ ହବ । କୋଠା ଘର, ଟଙ୍କା ସୁନାରେ ବୁଡ଼ିଯିବ; ଆଉ ଭାବନା କ'ଣ—

ଗଉରୀର ସେଦିନ ପୁଣି ସେଇ ଅଧାକପାଳୀ ବିନ୍ଧିଲା । ସଂଜ ବେଳକୁ ଆସିଗଲା ଜର । ସତକୁ ସତ କୋଉଆଡ଼ୁ ଚାଣ ଚ ମାଡ଼ିଆସିଲା । ସେ ଦିନଟାଯାକ ଗଉରୀ କଞ୍ଚା ପାଣି ଟିକିଏ ହେଲେ ତୁଣ୍ଡରେ ଦେଇନି । ବାହାଘର କଥା ପଡ଼ିଲେ ଚିଡ଼ ଚିଡ଼ ହଉଥାଏ । ବୋଉ ସୁଦାମର ଏ ହେଁକେଡ଼ା କଥା କେତେକଙ୍କଠୁଁ ଶୁଣିଛି । ତା ମନେ ମନେ ସିଏ ସବୁ ପିଲାଳିଆ କଥା । ସଦାବେଳେ କ'ଣ ସେ କଥାଗୁଡ଼ାକ ରହୁଥାଏ ?

ଏମିତି କେତେ କ'ଣ ଭାବି ଗଉରୀ ଝରକା ବାଡ଼ଟାକୁ ଜୋର୍‌ରେ ଭିଡ଼ି ଧରି ଖରା ନିଶ୍ୱାସଟାଏ ଛାଡ଼ିଲା । ଝରକାକୁ ଲାଗି ଲାଗି ବୁଲିଗଲେ ସୁଦାମ ବାବୁ । ଲୋକ ଭାଇ ଆଡ଼କ ଯେ ସେ

ଅନେଇ ଥିଲା, ଏ କଥା ସୁଦାମ ବାବୁ ନିଶ୍ଚୟପୂର୍ବକ ଜାଣିଥିବେ । ଭାବିଲେ ଭାବୁଥାଆନ୍ତୁ । କେବଳ ତାଙ୍କର ଯୋଗୁଁ ଏତେ ସୁନ୍ଦର କାଚ ଗିଲାସଟେ ହାତରୁ ପଡ଼ି ଭାଙ୍ଗିଗଲା ।

ଗଉରୀ ସଉପଟା ଉପରେ ଗଡ଼େଇ ଗଡ଼େଇ ହବାକୁ ଯାଉଥିଲା । ବାପା ବିଲକୁ ବାହାରିଲେଣି । ବୋଉ ଉଠିଲେ ଅରୁଆ ଧାନଗଡ଼ ଢିଙ୍କିରେ ପଣା ହବ । କୁଟା ମରୁ ସରୁ ସଞ୍ଜ । ତା ପରେ ସଞ୍ଜ ବଳା, ଘର ଓଳା, ଡିବି ଲଣ୍ଠନ ପୋଛା ଓ ଦୋଅଡ଼ା ଗିଆଳୁ ଶାଗ ଖରଡ଼ା ।

ଗଉରୀ ଅଳ୍ପ ଟିକିଏ ଆଖି ବୁଜି ଦବାକୁ ଚେଷ୍ଟା କଲା । ମୁଦା ଆଖି ଭିତରେ ଦି'ଜଣ ତାକୁ ଦେଖାଗଲେ—ନେଳିକ ଭାଇ ଆଉ ସୁଦାମ ବାବୁ ।

## —ତିନି—

ସୁଦାମ ଗାଁ ଭିତରକୁ ପଶି ଆସିଲା ବେଳେ ରାଘବ ପରିଡ଼ା ଘରର ଝରକା ଦେଇ ଠିକ୍ ଲକ୍ଷ୍ୟ କରିଛି—ଗଉରୀ ସେତେବେଳେ ଏକଲୟରେ ବାଆଁଙ୍କ ପୋଖରୀ ଆଡ଼କୁ ଅନେଇ ଥିଲା । ଗାଧୁଆ ପାଧୁଆ ସାରି ପୋଖରୀରୁ ଉଠି ଆସୁଥିଲା ଲୋକ । ସୁଦାମର ଦେହ-ମୁଣ୍ଡ ସତେ ଅବା ଜଳିଗଲା । ଶିରା ପ୍ରଶିରାର ରକ୍ତ ଫୁଟିଲା ଭଳି ତାକୁ ଜଣାପଡ଼ିଲା । ଝୋଲା ପଞ୍ଝା ମିସ୍ତ୍ରୀ ଗୋଟେ ପାଳ ଲଟେଇ-

ଛନ୍ତ । ଦେଖି ଦେବା—କେମିତି ଆଜି ଭୋଜି କରିବେ ? କାହାଠୁ
ଚୂଡ଼ା ମୁଠେ, କାହାକୁ ନଡ଼ିଆଟେ, କିଏ ଦବ ଗୁଡ଼, ନଡିଆ
।ଢ଼ିଏ ପାଇଁ ଗଉଡ଼ ପାଖରେ ନେହୁରା । ଖିଆପିଆ କେମିତି ହୁଏ
ଏମାନେ ଆଗ ଜାଣିଲେଣି ?

ସେତେବେଳେ ସୁଦାମର ପେଟ ଜଳୁଥିଲା । ଉଦୁଉଦିଆ
ଖରା । ସାଇକେଲ୍‌ଟା ଚାଳପଡ଼ାରେ ଥୋଇ ଦେଇ ଚାଲିଚାଲି
ଆସିଛି । ଏତେ ଗୁଡ଼େ ବାଟ । ବୋଉ ପୁଅକୁ ଦେଖି କୋଟିନିଧି
ପାଇଲା ଭଳି ସାଙ୍ଗେସାଙ୍ଗେ ଚାଲିଗଲେ ହାଣ୍ଡିଶାଳ ଭିତରକୁ ।
ପାପା ଦାଣ୍ଡଘରେ ଥାଇ ଖପା ହେଲେ । ମୁଣ୍ଡଫଟା ଖରାରେ
ଲୁଆଡ଼େ ଯାଇ ସେ ବୁଲୁଥାଏ କେଜାଣି ?

ଭାତଥାଳି ପାଖରେ ଯେମିତି ଆସି ବସିଯାଇଛି,
ସୁଦାମକୁ ଆଉ ଭୋକ ହେଲାନି । ସରୁ ଚାଉଳ ଭାତ ଉପରେ
ପଧଛଟାଙ୍କିଏ ହବ ଖାଣ୍ଟି ଗୁଆ ଘିଅ । ଭାକୁର ମାଛ ବେସର ।
ତୁର ପାଞ୍ଚ ପ୍ରକାର ଭଜାଭଜି । ବେଶୀ ବେଳ ହେଇଯିବାରୁ
ବାଉ ଗିନେ ହବ ବସା ଦହି ଆଣି ରଖିଥିଲା । ସୁଦାମ ସବୁ-
ରେ ହାତ ମାରିଦେଇ ଉଠିଗଲା । ଯେତେ ବଳେଇ କରି ଖାଣ
କେଇଲେ ଶୁଣିଲାନି । ବୋଉ କହିଲେ—ଖରାରେ ପେଟ ଗରମ
ହଇଯାଇଛି । ଟିକିଏ ଶୋଇପଡ଼ । ଉଠିଲେ ସଜ ପଖାଳ ଗଣ୍ଡେ
ାଇ ଦେବି । ସୁଦାମ କିନ୍ତୁ ଭଲ କରି ଜାଣେ—କାହିଁ ତାର
ାଇବାକୁ ଇଚ୍ଛା ହେଲା ନି । ପେଟ ଭିତରଟା ତାର ସେତେ-
ବଳେ ଫୁଟୁଥିଲା । ସେଦିନ ଫଟ ଉଠାଇବାକୁ ଗଲା—କହିଲା କ'ଣ
, ଅଧାକପାଳୀ ହଉଛି । ଏତେ ଯୋଗାଡ଼ କରି ଭଲଲୋକ
ଠେଇଲା । ଶୁଣୁ ଶୁଣୁ କ'ଣ ନା—ତାକୁ ଜର ଆସିଯାଉଛି ।

ଛାତିରେ ଦେହ ଗଇ ଫୁଟୁଛି । ସୁଦାମ ଭାବି ଭାବି ଠିକ୍ କରି ପାରିଲା ନାହିଁ—କ'ଣ ସେ କରିବ ।

ହାତ ଧୋଇ ପଲଙ୍କ ଉପରେ ଯାଇ ଗଡ଼ପଡ଼ୁଛି । ଅଣ୍ଟା ଗୁଡ଼ାଖେ ବେଢ଼େଇ ଦେଇଛି—ନୀଳ ରଙ୍ଗର ଗୋଟେ ଶିଲ୍କି ଲୁଙ୍ଗି । ଦି' ଜଙ୍ଘ ମଝିରେ ଚାପି ଧରିଛି ଗୋଟେ ମୋଟା ତକିଆ । ମୁଠୁଣିଏ ଉଚ୍ଚର ଗଦି ଉପରେ ସୁଦାମ ଏପଟ ସେପଟ ଗଡ଼େଇ ଗଡ଼େଇ ହେଉଛି । ପଲଙ୍କ ପାଖ ଟେବୁଲ ଉପରେ ଥୁଆ ହୋଇଛି ଗୋଟେ ଆଲବମ୍; ଅପଲଙ୍ଗଳା ସ୍ତ୍ରୀ ଛବି, ଚାହୁ ଯାକ ଚଳ ଚିତ୍ର ତାରକାମାନଙ୍କର ରଙ୍ଗୀନ ଛବିରେ ପରିପୂର୍ଣ୍ଣ । ଟ୍ରଙ୍କ ସୁଟ୍‌କେଶ୍‌ରେ ଘରଯାକ ଖୁନ୍ଦା ।

ସୁଦାମ ଝରକା ଦେଇ ତଳ ଘର ଆଡ଼େ ଅନେଇଛି । ହଳିଆମାନେ ଅନେକବେଳୁ ହଳ କାମ ସାରିଦେଇ ଆସିଲେଣି । ବାରିଆଡ଼େ ବନ୍ଧା ହୋଇଛନ୍ତି ଆଠ ଦଶ ହଳ ବଳଦ । ତିନିଟା ଦୁଧିଆଳୀ ଗାଈ । ଗୁଡ଼କର ଟୋକା ଗୋପାଳିଆ କୁଣ୍ଡା କୁଟୁଚି ପକେଇ ଗାଈ ଗୋରୁଙ୍କୁ ଦାନ୍ତ ଖାଇବାକୁ ଦେଉଛି । ବୋଉ ଗୋପାଳିଆକୁ କହୁଛନ୍ତି ଇଆ ଆଗରେ ବଡେ ହବ ନଡ଼ା ପକେଇ ଦେ । ଇଆ କୁଣ୍ଡରେ ଚୋରୁଣି । ତାକୁ କୁଣ୍ଡା ଦି'ମୁଠା । ସୁଦାମ ଆଖି କି ଏବେଣେ ନିଦ ଆସୁନି । ଶୋଇ ଶୋଇ ସେ ଭାବୁ ଗୁଲିଛି ।

ମାନସିଂହ ପାଟଣା ଗାଁ ଭିତରେ ଚମ୍ପତିରାୟଙ୍କ ଘରଟି କେବଳ କୋଠା । ସୁଦାମର ବାପା ଶ୍ୟାମସୁନ୍ଦର ଚମ୍ପତିରାୟ ତାଙ୍କର ଅମଳରେ ଏଡ଼େ ବଡ଼ ପଥର କୋଠା ତିଆରି କରିଛନ୍ତି । ତା' ଭଳିଆ ଘର ଖଣ୍ଡେ ଏଇ ଖଣ୍ଡମଣ୍ଡଳରେ ନ ଥିବ । ଆଠ ଦଶ ବଖରା ଘର । ଆଗ ପଟଟା ମରଦ ଖଞ୍ଜା । ତଳ ସାଆନ୍ତକ

ଆଇପିମାନଙ୍କ ପାଇଁ । ବାଉଆଡ଼େ ଗୁଳଆ ଧାଡ଼ିଏ ଠିଆ ହୋଇଛନ୍ତି । ଲମ୍ବ ବଖରାଟି ଗୁହାଳ । ତା' ପାଖ ଘର ଗୁକରବାକରମାନଙ୍କ ରହିବା ସକାଶେ । ତା' ତଳକୁ ଚମ୍ପତିରାୟଙ୍କର ବଡ଼ ବାଡ଼ି । ଭିନ ଗୁରଟା ଖଳା । ଖଳା ଗୁରପାଖେ ବେଢ଼େଇହୋଇ ମସ୍-ହୋଇଛି ଅସୁମାର ଧାନ ଗଦା । ବାଉଆଡ଼େ ଧାନ କୋଡ଼ିଏ ଭରଣ ଅରକ କେବଳ ଖଣି ପଡ଼େ । ଧାନ ଅମଳ ସରିଲେ ପାଳ ଦଉଡ଼ି ମେଣ୍ଢେଇ ମାଣ୍ଡିକରି ଗଦା ଗଦା ଧାନ ଜମା ରହେ । ଚମ୍ପତିରାୟଙ୍କ ଖଳାରେ ବ୍ୟବହାରର ପ୍ରଶ୍ନ ନାହିଁ । ବାଡ଼ିରେ ଗୋଟେ ପଥର ପାହାଚଦିଆ ପୋଖରୀ । କାଚ କେନ୍ଦୁଭଳି ପାଣି । ପିଲା ମାଇପେ ସେଥିରେ ଗାଧୁଆ ପାଧୁଆ କରନ୍ତି । ବେଳେ ବେଳେ ସାଇପଡ଼ିଶାର ବୋହୂ ଭୂଆସୁଣୀଏ ଅନ୍ଧାରୁ ଅନ୍ଧାରୁ ଗାଧୋଇ ନ ଥିଲେ ଚମ୍ପତି-ରାୟଙ୍କ ପୋଖରୀରେ ଆସି ଗାଧୋଇ ଯାଆନ୍ତି । ପୋଖରୀଟା ଗୋଟେ ଧାଡ଼ି ଜାଗାରେ ଅଛି । ତା' ଛଡ଼ା ସେଇ ବାଡ଼ି ଭିତରେ ଭିନ-ପ୍ରକାରଟା ହବ ଗାଡ଼ିଆ । କଦଳୀ ବାଡ଼ି, ବାଇଗଣ କିଆରୀ, ଫୁଲ ବଗିଚା ଆଉ ଧାଡ଼ି ଧାଡ଼ି ନଡ଼ିଆ ଗଛରେ ଚମ୍ପତିରାୟଙ୍କ ବାଡ଼ି-ଗୁଡ଼ାଟା ବଡ଼ ସୁନ୍ଦର ଦେଖାଯାଏ । ଗାଁ ଲୋକେ କହନ୍ତି— ଚମ୍ପତିରାୟଙ୍କ ବାଡ଼ିରେ ଯୋଉ ଦକ୍ଷିଣା ପବନ ପିଟୁଛି, ଖାଲି ରବାକୁ ଟିକିଏ ଯାଇ ସେଠି ବସି ପଡ଼ିଲେ ନିଦ ଆସିଯାଏ । ତାଙ୍କ ଘର ଦେଖିଲେ ଯେମିତି ପେଟ ପୂରିଯାଏ, ସେମିତି ତାଙ୍କ ବାଡ଼ିଆଡ଼ର ଫଳଫୁଲର ଗଛସବୁ ଦେଖିଲେ ବଡ଼ ଖୁସି ଲାଗେ । ଭାତ ନଖାଇ ତାଙ୍କ ବଗିଚାରେ କେବଳ ପବନ ଖାଇ ଲୋକ ବଞ୍ଚିଯାଇ ପାରିବ ।

ହେଲେ ଶ୍ୟାମସୁନ୍ଦର ଚମ୍ପତିରାୟଙ୍କର ପୈତୃକ ସମ୍ପତ୍ତି ଖାଲି ଥିଲା ଚଉଦ ପନ୍ଦର ମାଣ ଜମି । ଏବେନେ ତାଙ୍କର ଶହ

ଶହ ଏକର ଜମି, କୋଠାଘର, ଟଙ୍କାସୁନା, ଲୁହା ସିନ୍ଦୁକ, ଶହ ଶହ ଭରଣ ଧାନ, ଗୋରୁ ଗାଈ, ଚାକର ଚାକରାଣୀ କେତେ କ'ଣ ଯେ ଅଛି କଳି ହବନ । ଏଇ ଅଳ୍ପଦିନ ଭିତରେ ଚମ୍ପତିରାୟ ଏ ସବୁ ସମ୍ପତ୍ତି କେମିତି ଯେ କରି ପକେଇଲେ ତା'ର ଗୋଟେ କାରଣ ଅଛି । ସେ ଥିଲେ ଭାରି ମାମଲାଖୋର । ସଦାବେଳେ କଚିରିକି ଦଉଡ଼ । ଓକିଲ, ମୋହରିରମାନଙ୍କ ସଙ୍ଗେ ତାଙ୍କର ଗାଢ଼ ବନ୍ଧୁତା ଥିଲା । ମସୁଧା ବି ଥିଲା । ଚମ୍ପତିରାୟଙ୍କ ଘରର ଯୋଡ଼ ଜାଗାରେ ଏଇନେ କୋଠା ତୋଳା ହୋଇଛି ଆଗେ ସେଠି ଥିଲା ବଶି ପଧାନର ଘର । ଭାରି ହେଳାଦସ୍ତ ଲୋକ । ଖଜଣା ମୁଠାକ ଠିକ୍ ଭାବରେ ଦେଇ ପାରିଲାନି । ଫଳରେ ଘରଦ୍ୱାର ଜମିବାଡ଼ି ସବୁ ନିଲାମ ହୋଇଗଲା । ଠିକ୍ ସେଇ ସମୟକୁ ଶ୍ୟାମ ଚମ୍ପତିରାୟ ଯାଇଥିଲେ ସୁଝି । ଯୋଗକୁ ସେ ନିଲାମ ଧରିଲେ । କେତେ କଳି-କଜିଆ, ମୁଣ୍ଡ ଫଟାଫଟି ଆଉ ପୁଲିସ ପିଆଦା ପରେ ଚମ୍ପତିରାୟ ସମୁଦାୟ ଜମି ଆଉ ଡିହ ଖଣ୍ଡିକ ଦଖଲ କଲେ । ବଶି ପଧାନ ବଡ଼ ଦାଣ୍ଡିକୁ ଗଲା । ଚମ୍ପତିରାୟଙ୍କ ଧନସମ୍ପତ୍ତି ଏଣେ ହୁ ହୁ ହୋଇ ମାଡ଼ିଗଲା । ପାଞ୍ଚଟା ବରଷ ଯାଇଛି କି ନାହିଁ, ଚମ୍ପତିରାୟଙ୍କର ଶାଳଗ୍ରାମପରି ତେଣ୍ଡିଆ ପୁଅ ଦି'ଟା ଖାଣ୍ଡା ବାଣ୍ଟିରେ ଠିକ୍ ଠାକ୍ ମରିଗଲେ । ସମସ୍ତଙ୍କ ତୁଣ୍ଡରେ—ପଧାନର ନିଶ୍ୱାସ ପଡ଼ିଗଲା । ଗୋଟିଏ ବୋଲି ଯମ ଅଁଠା ପୁଅ ସୁଦାମ । ଯେତେବେଳେ ଯେ ଯାହା କହେ, ପାଟିରୁ ତାର କଥା ବାହାରିବା ଆଗରୁ ସବୁ ପୂରଣ ହୋଇଯାଏ । କେହି ମ'ଅ ବୋଲି କହନ୍ତିନି । ଶ୍ୟାମ ଚମ୍ପତିରାୟ ଗାଁ ମୁଣ୍ଡେ ଏବେ ଦେଉଳଟେ ତିଆରି କରି ଦେଇଛନ୍ତି । ସେଠି ପୂଜା ଆଉ ଭୋଗରାଗ ପ୍ରତିନିତ୍ୟ ଟଞ୍ଜା । ଦିବୁଦିନ ସଞ୍ଜବେଳେ ବ୍ରାହ୍ମଣ ତିନିମୂର୍ତ୍ତି ଆସି ନିଶ୍ଚେ ପ୍ରସାଦ ପାଇପିବାର କଥା । ସୁଦାମର

ବୋଉ ସତ୍ୟାନେ ଗୁରୁବାର ବ୍ରତ ଉପାସ କରନ୍ତି । ଧନ ସମ୍ପତ୍ତିରେ ତାଙ୍କର ଅଭାବ ନାହିଁ । ଯିଏ ଯାହା ମାଗିଲା ସାଙ୍ଗେ ସାଙ୍ଗେ ଦେଇଦିଅନ୍ତି । ଚିନ୍ତା ଅଛି ବଞ୍ଚି ରହୁ ।

ସୁଦାମ ଚୌକିଟା ଉପରେ ଗଡ଼ିଗଲେ ଚିତ୍ ହୋଇ ଭାବୁଛି କେତେ କ'ଣ । ଭାବୁଛି ତା' ପିଲା ଦିନର କଥା । ଗଉରୀ, ରୁକୁଣୀ, ନେଳି, ସାବି ଆଉ ସୁରୁବାଳା ସମସ୍ତଙ୍କ ସାଙ୍ଗେ ସେ ଲୁଚକାଳି ଓ ବୋହୂଚୋରୀ ଖେଳୁଥିଲା । ଚୌଧୁରୀଙ୍କ ଗେଲ-ବସର ପୁଅ । ତା ସାଙ୍ଗେ ଖେଳିବା ବଡ଼ ଭାଗ୍ୟର କଥା ବୋଲି ସେମାନେ ଭାବୁଥିଲେ । ସହରର ସୁଖ ବି ସେ ବୋଲି ଜାଣି ପାରିବ । ସୁଦାମଙ୍କୁ ଯେତେବେଳେ ଚୌଧୁରୀ ପରି ସହର ବୁଝାଲା, ତ' ସଙ୍ଗୀ ସାଥୀ ସୁଦ୍ଧା ନୀ ବଡ଼ ହୋଇ ଘରେ ରହିଗଲେ । ବାହାରକୁ ବାହାରିଲେନି । ସୁଦାମ ତ ବଡ଼ ଲୋକର ପୁଅ । ତାକୁ ପାଠ ପଢ଼ୁଛି ଅବା କେଏସେ । ଚଳେ ଚଳେ ଯାଇ ସମସ୍ତଙ୍କ ଘର ଭିତରେ । ଉଣିଶ କୋଡ଼ି ଥରକୁ ନୋଡ଼ିଏ ବୁଲିଲେ ବେଳକୁ ରୁକୁଣୀ ବୁଢ଼ୀ ହେଲଣି । ସୁଦାମ ମନେ ମନେ ହସି ପକେଇଲେ । ବାପା ତୁଣି ଯୁବାଙ୍କ ଘରେ ବନ୍ଦ କରିଆଣିଛନ୍ତି ?

ହସିବା ସାଙ୍ଗେ ସାଙ୍ଗେ ମନଟା ତାର ଫିକା ପଡ଼ିଗଲା । ବଞ୍ଚିଥାଆନ୍ତା କି ହେଲେ ? କିନ୍ତୁ ହେଲେ ତା' ପାଇଁ ସେ କରି ପାରିଲାନି । ସୁଦାମ ଭୋଜି ଖାଇଲେ କ'ଣ ଗୋଟେ ବେଦନା ଅନୁଭବ କଲା । ଏବେ ବି ସେ ସାଙ୍ଗ ରହିଛି ରୁକୁଣୀର ଗୋଟେ ଫଟୋ । ଖାଲି ସ୍ନେହ ବଡ଼ ଦେହରେ ଲୁହାଟା ସପି ଯାଇଛି । ପାଟିଖୋଲି ଚୁପ ଯେ ଟିକେ ଆଉ ଆଳରେ ଉଠେଇ ନେଇଥିଲା ତାର ଫଟୋକଲ ଛବି । ସେଠାକୁ ଅନେଇ ଥାଆ ଆକାଶକୁ ଅନେଇ ସୁଦାମ କେତେ କ'ଣ ଭାବୁଥିଲା—

ଦେହ ତା'ର ଅବଶ ଲାଗୁଛି । ହାଇ ଉପରେ ହାଇ । ଆଉ ପଟେ ଚକଆଟା ଆଣି ମୁଣ୍ଡତଳକୁ କରି ରଖିଦେଲା । ଖସି ଆସୁଥିବା ଲୁଙ୍ଗିଟାକୁ ସଜାଡ଼ି ଦେଲା ।

ଖସି ଆସୁଥିବା ଲୁଙ୍ଗିଟାକୁ ସୁଦାମ ଟେକି ଅାଣୁଅାଣୁ ଆଖି ଆଗରେ ଆସି ନାଚିଗଲା ଗଉଣି । ତାଆର ସାଙ୍ଗେ କେତେ ଦଉଡ଼ା ଦଉଡ଼ି ସେ ଖେଳିନି ? ତାଙ୍କ ଖଳାବାଡ଼ିର ଛଣଗଦା ପଛପଟେ, ଗୁଡ଼ଉଳଆ ଗଛ ଉହାଡ଼ରେ, ନଡ଼ିଆ ଗଛ କରରେ ଆଉ ବାଉଁଶ ବୁଦା ସନ୍ଧିରେ । ତାଙ୍କ ଗାଡ଼ିଆରୁ କେତେଥର ଗଡ଼ଶା ଓ ଖଙ୍କାରଖାଇ ମାଛ କାନଖିଅ ଟେକେଇ ବା ସେମାନେ ଧରି ନାହାନ୍ତି ? ସୁଦାମର ଏବେ ବି ମନେ ଅଛି— ଗଉଣି ଆଉ ସିଏ ଦିନେ ଦଉଡ଼ା ଦଉଡ଼ି ହେଉଥିଲେ ଗଉଣି ଗୋଟେ ପାଳଗଦା ପଛଆଡ଼େ ଯାଇ ଲୁଚିଗଲା । ଯେତେ ଚେଷ୍ଟା କଲେ ସୁଦାମ ତାକୁ ଧରି ପାରିଲାନି । ବୁଲିପଡ଼ି ଦୋଷାଡ଼ି ଆଣିଲା ପାଳଗଦା ଉପରକୁ । ଫସ୍କା ପାଳ ଗୁଡ଼ାକ ତାଙ୍କ ଉପରେ ଅଜାଡ଼ି ହୋଇପଡ଼ିଲା । ପାଳଗଦା ଉପରେ ଗଉଣି । ତା ଉପରେ ସୁଦାମ । ସୁଦାମ ଉପରେ ପାଳ । ଦିହେଁ କାଲିକଲିଆ ହୋଇ ଉଠିଗଲେ । ଗଉଣି ଏକାମୁହାଁ ହୋଇ ତା' ଘରଆଡ଼େ ଦଉଡ଼ି ପଳେଇଲା । ସେତେବେଳେ ତାକୁ ବାର ବରଷ ଆସି ହେଲାଣି । ସୁଦାମର ଏଇନେ ମନେ ପଡ଼ୁଛି—ଗଉଣିର ମୁହଁଟା ତା' କାନ ମୂଳରେ ଆସି ଲାଗିଗଲା ବେଳେ ସତେ ଅବା କିଏ କୁଢ଼େଇ ଦେଲା ଆଣି ଉଙ୍କେ ହବ ରଡ଼ ନିଆଁ । ଆଉ ଥରେ ପୋଖରୀ କୂଳେ ଗରେ ପାଣି ନେଇ ସେ ଫେରୁଥିଲା । ହାତଟା ତାର ଯେମିତି ସେ ଧରି ପକେଇଛି ଚେହେଁକ ଉଠିଲା, ଠିକ ଚମ୍ପ ସାପ ଭଳି । ଏକା ଡିଆଁକେ ଯାଇ ଘରେ ।

ସୁଦାମ ଭଲକରି ଜାଣେ—ବାପା ବୋଉ ତା’ର କେବେହେଲେ ।ଧବ ପଡ଼ିଆଙ୍କୁ ସମ୍ବନ୍ଧ କରିବାକୁ ମଙ୍ଗିବେନି । ତଥାପି ସେ ଯନ୍ଧ ।ାଳ କରେ ? ଜିଦ୍ ଧରି ବସେ ? ନ ଖାଏ ନ ପିଏ ? ମୁଷାମାଟି ।ଣ ବଣ, ଓ ବାଟେଇ ଗୁହ ସଣ ସଣ ଘରେ ଯାଇ ଶୁଏ ? ମୋଟେ ହେଲେ ନ ଉଠେ—?

ସୁଦାମ ଆପେ ଆପେ ହସି ପକେଇଲା । ଆଖି ତା’ର ଘାଡ଼େଇ ହୋଇପଡ଼ୁଛି । ହାଇ ଉପରେ ହାଇ । ବେଳ ଏଣେ ।ଡ଼ି ସାରିଲାଣି । ଯୋର ଦେଇ ହସି ଆସୁଛି ଥଣ୍ଡାଳିଆ ପବନ । ।ାଖିପତା ତା’ର ନଇଁ ଆସୁଥିଲା ।

ମେଲେଇଲା ବେଳକୁ ବୋଉ ତା’ ବାହାକୁ ହଲେଇ ଡାକୁଛି -ସୁଦାମ ଏତେବେଳ ହେଲା ଶୋଇପଡ଼ିଲୁଣି । ଭାତରେ ତ ସରେବେଳେ ହାତ ମାରିଲୁନି, ଆ—ପୂଜେଞ୍ଚ ସଜ ପଖାଳ ଇଦବୁ ।

ସୁଦାମ ସାଙ୍ଗେ ସାଙ୍ଗେ ଉଠି ଗଲା । ବୋଉ ହାଣ୍ଡିଶାଳ ଆଡ଼ୁ କ ଗୁଡ଼ୁଥିଲା—ହାତ ଧୋଇ ବେଗେ ଗ୍ଲାସିଆ, ସୁଦାମ ।

ଗ୍ରୀଷ୍ମ ବେଳେ ସୁଦାମର ସବୁଦିନ ବରାଦ ଥାଏ । ଦ’ଟା ଡ୍ରା ଭଜା ଆଉ କପେ ଚା । ଚା ପରେ ପରେ ସିଗାରେଟ୍ । ଦିନ ।ାମ୍ ସେ ସିଗାରେଟ୍ ଟାଣେ । ସୁଦାମ ସିନେମା ଦେଖିବାପାଇଁ ମ୍ବା ଆଉ କୌଣସି କାରଣନେଇ ସହରକୁ ଫେରି କରି ଆସିଲା ।ଲେ ମାସେ ପନ୍ଦର ଦିନ ପାଇଁ ଏସବୁ କିଣି ନିଏ । ହାତେବା ।ନା । ମଫସଲର ଯେ କୌଣସି ଜିନିଷ ତାକୁ ଗନ୍ଧାଏ । ପଙ୍କ କଟା ଅପରିଷ୍କାର ଲୋକଗୁଡ଼ାକ । ସ୍ୱାସ୍ଥ୍ୟରକ୍ଷାର ଜ୍ଞାନ ନାହିଁ । ।ରିରେ ଦେଖିଲା—କେମିତି ଲମ୍ବା ଲମ୍ବା ପିଚ୍ ରାସ୍ତା, ସଫା

ଲୁଗାପଟା, ମଚମଚ ଯୋତା, କୋଠାବାଡ଼ି ଆଉ ସିନେମା ଥିଏଟର । ମଳି ବୋଲି ଦେହରେ ଟିକିଏ ହେଲେ ଲାଗିବନି ।

ସୁଦାମ ପେଟ ପୂରେଇ ଖାଇ ନଥିଲା । ବୋଉର ଡାକ ସେ ଏଡ଼ିପାରିବନି । ନାକ ଟେକି ଯାଇ ପଖାଳ ବେଲା ପାଖରେ ବସି ପଡ଼ିଲା ।

ଅଗଣା ବାରେଣ୍ଡାରେ ସେ ଖାଇବସିଛି । ହିରକା ଦେଇ ବାହାରକୁ ଅନେଇଲା—ଖରା ଆସି ଚୂଳ ଉପରେ ହେଲାଣି । ଆଜି-ପରା କ'ଣ ଲୋକହେଇଁକା ଖିଆପିଆ କରୁଥିଲେ ? ସଞ୍ଜବେଳେ ନରଣପୁରର ଗୋକୁଳବାବୁ ପୁଣି ଆସିବେ । ଲୋକ ସାଆନ୍ତସ୍ତ ହବ ମାମଲତକାର ? କଟ୍ଟି ଗୋଟେ ନ ଦେଖେଇ ଦେଲେ ସିଏ, ଆଉ ଶ୍ୟାମସୁନ୍ଦର ଚମ୍ପତିରାୟ ପୁଅ କ'ଣ ? ଅଚ୍ଛା ଦେଖାଯାଉ—

ସୁଦାମ ତରତରରେ ଖାଇଦେଇ ଗାଁ ଦାଣ୍ଡକୁ ବାହାରି ପଡ଼ିଲା ।

—ଚାରି—

ଲୋକ ଗାଧୋଇସାରି ଅଗଣା ବାଉଁଶରେ ଓଦା ଲୁଗାଟା ଶୁଖେଇ ଦେଲା । ବଡ଼ ପାଟିକରି ଡାକ ଛାଡ଼ିଲା—ବୋଉ ବେଗେ ଭାତ ବାଢ଼ିବୁଟି ।

ବୋଉ ତରବର ହୋଇ ହାଣ୍ଡିଶାଳେ ଭାତ ବାଢ଼ିବାରେ ଲାଗି ପଡ଼ିଲା । ବାଢ଼ୁ ବାଢ଼ୁ ଭାବୁଥିଲା—ପୁଅକୁ ତା'ର ଝୋଲା ମାରିଗଲାଣି । ସକାଳ ପହରୁ ଆଜି ଖାଇନି ।

ବାପା ଦାଣ୍ଡଘରୁ ଥାଇ କହିଲେ—କିରେ—ହାଟରେ ଆସିଚ୍ ନା ଘୋଡ଼ାରେ ଆସିଚୁ ମ ? ଏତେ ତରତର କାହିଁକି ? ବଡ଼ା ହେଲେ ତ ଖାଇବୁ । ଗାଁ ପିଲାମାନେ ମିଶି ଗୋଟେ ପାଲା କରୁଛ ? ନାଇଁରେ ? ସେଥିରେ ସେବେ କିଛି ଅଡ଼ୁଆ ମୁସକିଲ୍ ଥାଏ ? ବାପାଙ୍କ ସାଙ୍ଗରେ ଦାଣ୍ଡଘରେ କିଏ ଜଣେ କଥା ହେଉଥିଲା । ଲୋକ କାନରେ କେତିକି ଆସି ପଡ଼ିଗଲା—ଆଜିଠ ଗାଁରେ ବଜ୍ରକବାଟ ଜଳିବ । ଯାହା କେବେ ବାପ ଚଉଦ ପୁରୁଷ ଆମର ଦେଖି ନଥିଲେ । ଦେଖିବ ଗାଁ ମୁଣ୍ଡ ବୁଢ଼ୀ ମଙ୍ଗଳାଙ୍କ ପ୍ରକୋପ । ଆରବର୍ଷ ଏତେବେଳକୁ ଗାଁ ପଦା ହୋଇଯାଇଥିବ । ଗୋଟିଏ କେହି ନଥିବେ । ଦିନ ସାକ୍ଷୀଟାରେ କ'ଣ ହଉଛି ଆଗ ଦେଖ ।

ଲୋକ ଅଗଣାରେ ଥାଇ ଦାଣ୍ଡଘରକୁ ଆଖି ଟିକିଏ ପକେଇ ଦେଲା । ବାପା, ଅନ୍ଧବୁଢ଼ା ଭାଇଗ ଜେନା ସାଙ୍ଗେ କଥା ହଉଛନ୍ତି । ତା' କଥା ଶୁଣି ଲୋକ ହସି ପକେଇଲା ।

ମନ ସାଙ୍ଗେ ଜଡ଼ି ରହିଥିବା, ଲୋକ ହସର ସାନ ସାନ ତେଉ ବାଡ଼େଇ ହଉଥିଲା ଯାଇ ରାଘବ ପରିଡ଼ାର ଦାଣ୍ଡ ଝରକା ପାଖରେ । ଗଉରୀ ଝରକା ବାଡ଼ ଧରି ଠିଆ ହୋଇଥିଲା । ଗୁହିଁ ରହିଥିଲା ପୋଖରୀ ଆଡ଼େ । ଆଖି ଦି'ଟା ତାର ହସି ଉଠୁଥିଲା । ଗଉରୀ ଆଜି ନୁହେଁ, କାଲି ନୁହେଁ—ମାସ ମାସ ବର୍ଷ ବର୍ଷ ଧରି ଏମିତି ଅନେଇଥାଏ । କିନ୍ତୁ ଆଶ୍ଚର୍ଯ୍ୟ କଥା—ସେ ଆସୁଥିବାର ଦେଖିଦେଲେ ଗଉରୀ ଚମକି ପଡ଼େ । ଏବେ ଲୋକ ଆସନ୍ତି । କିନ୍ତୁ

ବୋଲି କିଛି ନାହିଁ । ଝୁଣ୍ଟାଟା ଭଳି ସେମିତି ଠିଆ ହୋଇଥିବ କିନ୍ତୁ ସିଏ ଝରକା ଆଗକୁ ଆସିଥିବ କି ନାହିଁ, ସାଙ୍ଗେ ସାଙ୍ଗେ ଆଖି ପିଛୁଳିଲା ବେଳକୁ ଦଉଡ଼ି ଦଉଡ଼ି ଯାଇ ଘରେ ।

ବୋଉ ଭାତ ବାଢ଼ି ଅପେକ୍ଷା କରିଛି ।

ଲୋକ ତରତର ହୋଇ ଖାଇବସିଲା । ଆଜି ପିଛୁଳାକେ ମାକେଣ୍ଡ ମାଛ ଠୁକୁଠୁକା ଓ ଶାଗ ଖରଡ଼ା ସାଙ୍ଗେ ଭାତ ଥାଳିକ ଶେଷ କରିଦେଲା । ରାଧୁ ଯାଇଛି ନରଣପୁର । ଗୋକୁଳବାବୁ ଆସିଲେ ରହିବେ କେଉଁଠି ? ଖାଉ ଖାଉ ଲୋକ ଭାବୁଥିଲା— ଛନା ଅସୁବିଧାରେ କାମଟା ହୋଇଯିବ କି ହେଲେ ?

ଲୋକ ଖାଇସାରି ଗାଁ ମୁଣ୍ଡ ମଙ୍ଗଳାଙ୍କ ପାଖକୁ ଗଲା । ରନ୍ଧାବଢ଼ା ଓ ଖିଆପିଆଟା, ସେଇଠି କରିଲେ ସୁବିଧା ହବ । ଭାଗବତ ପଢ଼ା ସରିଲା ପରେ ଗୋଟିଏ ଗ୍ଲେଟକାଟର ସଭା ସେସବୁ ହବ ଭଗବତ ଘରେ ।

ଗାଁର ଏ ମୁଣ୍ଡେ ମହାଦେବଙ୍କ ମନ୍ଦିର, ଭଗବତ ଘର ଓ ଆଖେଡ଼ା । ଶେଷ ମୁଣ୍ଡକୁ ମଙ୍ଗଳା । ଗୋଟେ ଗୁଳଘରେ ସିନ୍ଦୂର ବୋଳାହୋଇ ପୂଜା ପାଉଛନ୍ତି । ଗୁଳଘର ପାଖକୁ ଗୋଟେ ମସ୍ତବଡ଼ ଦ୍ରୁମ ଓସ୍ତଗଛ । କେତେ କାଳର ଯେ ସେଇଟା ହେଲାଣି କହି ହବନି । ସେଇ ଗଛମୂଳେ ଶଗଡ଼େ, ଦି'ଶଗଡ଼ ହବ ଗ୍ଲେଟ ବଡ଼ ପଥର ଜମା ହୋଇଛି । ସବୁ ପଥରରେ ଲାଗିଛି ସିନ୍ଦୂର । ପଥର ପଛପଟକୁ ତିନି ଗୁରିଟା ହବ ବେତ ବାଡ଼ ଘୋଡ଼ା ହୋଇଛି । ତା ପାଖକୁ ମୁଣ୍ଡ ଗୋଜିଆ ଖଣ୍ଡେ କାଠପଟା । ମାନସିଂହ ପାଟଣାର କେନାଘର ବୁଢ଼ୀ ସବୁଦିନ ଗଛମୂଳଟା ପହଁରେଇ ଦେଇ ଶୁଖିଲା ଓସ୍ତପତ୍ର ଗୁଡ଼ାକ ଫୋପାଡ଼ି ଦିଏ । ଖଇ କୋରା ଭୋଗ ଲଗାଏ ଓ ସଞ୍ଜ ଦିଏ । ଗାଁରେ କିଛି ବିପତ୍ତି ପଡ଼ିଲେ ମଙ୍ଗଳା ଯେନା[illegible]ର

ବୁଢ଼ୀକି ସପନରେ କେତେ କ'ଣ କହନ୍ତି । ମଙ୍ଗଳାଙ୍କ ଆଗରେ ଗୋରୁଗାଈଟେ କରି ଦେଲେ ଗାଁ ଲୋକେ ଝାଡ଼ଝୁଡ଼ି ହୋଇ ବସନ୍ତି ।

ମଙ୍ଗଳାଙ୍କ ଦୁଆର ପିଣ୍ଡେରେ ଲୋକ ଦେଖେ ତ ଘରଟା ଅଳିଆ ଆବର୍ଜନାରେ ଭର୍ତ୍ତି । ଘରୁ କେମିତି ଗୋଟେ ବାସ୍ନା ବାହାରୁଛି । ଲୋକ ତା ଲୁଗାଟା ଟେକିଦେଇ ଘର ଓଳେଇ ବସିଲା । ଝରକାଟା ଖୋଲି ଦେଲା । ଅଳିଆ ଗୁଡ଼ାକ ବାହାରକୁ ଫୋପାଡ଼ି ଦେଇ ସେ ମଙ୍ଗଳାଙ୍କୁ ଆସି ନମସ୍କାର କଲା ।

ଅନେକ ସମୟ ଧରି ସେ ଚାହିଁଲା । ମଙ୍ଗଳା ସିଂହବାହିନୀ । ହାତରେ ଖଡ଼୍ଗ ତ୍ରିଶୂଳ ଆଦି ଅସ୍ତ୍ର । ଆଉ ହାତରେ ଅସୁର ପାଟିକି ସେ ଫାଡ଼ିପକେଇଛନ୍ତି । ମୁହଁରୁ ଫୁଟି ଉଠୁଛି ହସ । ଓଠ ଦୁ'-ଫାଳରେ ଭରି ରହିଛି ଷୋଡ଼ଶୀର ରୂପସଂଭାର । କଟାକ୍ଷରେ ଭୁବନମୋହିନୀ ମନ୍ତ୍ର । ବକ୍ଷରେ ଯୌବନର ସୁଷମା । ସୁନ୍ଦରୀ ସ୍ତ୍ରୀ ମୂର୍ତ୍ତି । କୌଣସି ଏକ ଶିଳ୍ପୀର ନିହାଣ ମୂନରେ ଜୀବନ୍ତ ହୋଇ ଉଠିଛି । ଲୋକ ମଙ୍ଗଳାଙ୍କ ଆଡ଼କୁ ଯେତିକି ଅନେଇଲା, ସେତିକି ପରିମାଣରେ ସେ ନାରୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇପଡ଼ିଲା । ମନରେ ଆସି ଧକ୍କା ଖାଇଲା ଗଉରୀ । ମଙ୍ଗଳାଙ୍କ ଶରୀର ସଙ୍ଗେ ଗଉରୀ ଶରୀରକୁ ସେ ଅଜାଣତରେ ଅବା ତଉଲ କରୁଥିଲା । ଅଥବା ସେହି ସିଦ୍ଧହସ୍ତ ଶିଳ୍ପୀ, ଠାକୁରାଣୀଙ୍କ ନାରୀ ରୂପରେ ଚିତ୍ରଣ କରିଛି । ସେହି ହାସ୍ୟମୟୀ ନାରୀ, ଯିଏ ପୁରୁଷକୁ ରୂପର ନାଗ-ପାଶରେ ଆବଦ୍ଧ କରି ରଖେ । ସେଇ ମଙ୍ଗଳା, ସେଇ ଗଉରୀ । ଲୋକ ମୁହ୍ୟପ । ତା'ର ସଂସ୍କାରଗ୍ରସ୍ତ ମନ ମଙ୍ଗଳା ଆଉ ଗଉରୀ ଦୁହିଁଙ୍କ ଦେହରେ ଅବା ଗୁଡ଼େଇ ହୋଇ ଯାଉଥିଲା ।

ମଙ୍ଗଳାଙ୍କ ଘରକୁ ଲାଗି ଖଣ୍ଡେ ଚୁଳିଆ । ସେଥିରେ ଦୁ'ତିନଟା ହବ ବଡ଼ ବଡ଼ ଚୁଲି । କାହାର ଖିଆପିଆ, ଦାହା ପୁଆଣି କ

ମଉଜ ମଜଲିସ୍ ହେଲେ ତା'ଭିତରେ ବଡ଼ ବଡ଼ ହଣ୍ଡା ବସେ । ସୁଜିଖିର, ପାଳୁଅଖିର ନୋହିଲେ ଖିରି । ଚୂଡ଼ାଘସା, ଉଖୁଡ଼ା ଓ ବରା ବହିରେ ଧୂଳା ଉଡ଼େ । ମାଛ ମାଂସ ତ ନା ହବାକୁ ଅଲଗା ଚୂଲି । ଲୋକ ସେ ଘରଟା ବି ଯାଇ ସଫା କରିଦେଲା । ଖିରି ବସିବ । ସୁଜି ପଦ ନହାନ୍ତି ନ ମିଳେ ? ତା'ହେଲେ ଆମିତ ପାଳୁଅ । ପାଳୁଅ ନ ମିଳିଲେ ଗାଡ଼ ମଇଁଷି ଦୁଧରେ ସରୁ ଅରୁଆ ଚାଉଳ ସେଥିରେ ହବ ପକେଇ ଦେଲେ ପାଟିରୁ ଗୁଡ଼ିବନି । କିଏ ଆଉ କ'ଣ ଆଣୁଛନ୍ତି ଆଣନ୍ତୁ—

ବାପା ତ ଏମିତି ଚଢ଼ଚଢ଼ ହଉଛନ୍ତି ? ମନା କଲେ; ବୋଉକୁ କହି ଚୂଡ଼ା ଉଖୁଡ଼ା ଯାହା ଦରକାର ସେ ସବୁ ଏବିକାବେଳୁ ଭଜା ଭଜି ନକଲେ ସଞ୍ଜବେଳକୁ ହୋଇ ପାରିବନି ।

ମଙ୍ଗଳାଙ୍କ ଘରର ଦୁଆର ଦେଇ ଲୋକ ଗାଁ ଆଡ଼େ ମୁହେଇଁଲା । କ'ଣ ହେଲା କ'ଣ ନାହିଁ ? ସିଏ ନ ଦେଖିଲେ ଆଉ ଦେଖିବ କିଏ ?

ନିର୍ଦ୍ଧୂମ ଖରାବେଳ । ଗାଧୁଠା ନରଣପୁର ଯାଇଛି । ବଣୁଆ ଖରାରେ ପଡ଼ିଲା । ଲୋକ, ବାଆଜି ଡିଆଙ୍ଗ ଘରର ପଥର ଟେକି ଆଉଜି ବସିପଡ଼ିଛି । ସିଏ ଯାହାର ବାଲିରୁ ଆସି ଶାଗ ମୁଠ କରି ପୁଞ୍ଜେ ପୁଞ୍ଜେ ଖାଇଦେଇ ବିଶ୍ରାମ ନେଉଛନ୍ତି । ଲୋକର ଆଖି ଆଗରେ ଗାଁର ଦି' ସାଆନ୍ତ ଘର । ଇଆ ତୁଅକୁ ତା ତୁଅ, ଇଆ ପିଣ୍ଡାକୁ ତା ପିଣ୍ଡା, ଇଆ ଚୂଲକୁ ତା ଚୂଲ । କେତେ କାଳ ଆଉ କେତେ ଯୁଗ ଧରି ଗାଁର ଏଇ ସାଆନ୍ତ ସାଆନ୍ତ ଘର ମାନସିଂହ ପାଟଣା ଗାଁକୁ ଗୋଟିଏ ପରିବାରଭଳି ଆବଦ୍ଧ କରି ରଖିଛି । କାହାର ଛୁଆକଥା କି କାହାର ମୃତ୍ୟୁକଥା ହେଲେ ସାରା ଗାଁ ଉପାସ । ସମସ୍ତିଙ୍କର ନୂଆ ହାଣ୍ଡି । ଏଇ ଆଗଡ଼ ବର୍ଷ କଥା । ଗାଁ ମୁଣ୍ଡ ଧୋବା

ସାଇ ଆଉ ଧରିଲା ନିଆଁ । ସାଙ୍ଗେ ସାଙ୍ଗେ ଡେଇଁଲା ଦକ୍ଷିଣ ସାଆନ୍ତ ଘରକୁ । ଗାଁଯାକର ଲୋକେ କେବଳ ଆବା ଆବା ହେଉଥାନ୍ତି । ଗରା ମାଠିଆରେ ପାଣି ଆଣି ଢକେଇଲେ କି ସେ ନିଆଁ ଲିଭେ ? ତା ସାଙ୍ଗେ ଦକ୍ଷିଣା ପିଠିଟି । ସମସ୍ତେ ଖାଲି ଜଗନ୍ନାଥଙ୍କୁ ଡାକି ଗୁହାରିଲେ । ଯାହା ଯାହା ଘରେ ନୂଆ ଲୁଗା ସବୁ ଥିଲା ପକେଇଲେ ନିଆଁ ଭିତରକୁ । ତା ସାଙ୍ଗେ ଗୁଆଘିଅ ଆଉ ନବାତ । ଏମିତି ଲୋକଗୁଡ଼ାକ ଏମାନେ ? ସିଏ ଯଦି ଚାଳ ଉପରେ ନ ଚଢ଼ି ଦ'ଗୁରଟା ଚାଳ ହାଣି ଦେଇ ନ ଥାଆନ୍ତା ନିଆଁ ଗାଁ ଗୋଟାକୁ ଚଦା କରି ପକେଇ ଥାଆନ୍ତା । ଠିକ୍ ରାଘବ ପରିଡ଼ା ଘରଠୁ, ତା'ର ପ୍ରାଣାନ୍ତକ ଚେଷ୍ଟା ଯୋଗୁ ଘରସବୁ ରକ୍ଷା ପାଇଗଲା ।

ଯେମିତି ସେ ଚାଳ ଉପରୁ ଓହ୍ଲାଇଛି, ସମସ୍ତେ ତାକୁ କୁଣ୍ଢେଇ ପକେଇଲେ । ଗଉରୀ ବୋଉ "ମୋ ପୁଅ ଲୋ" ବୋଲି କହି ତାକୁ ଯାଇ ଜାକିଧରିଲେ । ରାଘବ ପରିଡ଼ାର ହସ କହିଲେ ନ ସରେ । ଗଉରୀ ଆସି ଅଗଣାରେ । ବଡବାଟେ ଆଣି ତାକୁ ବିଞ୍ଚିବାରେ ଲାଗିପଡ଼ିଥିଲା ।

ଗଉରୀ ସାଙ୍ଗେ ସାଙ୍ଗେ ପାଣି ଢାଳେ ଥୋଇଦେଇ ସେ ଦିନ ହାଣ୍ଡିଶାଳ ଘରକୁ ଚାଲିଗଲା । ବେଳେ ହବ ମଜା ମଶାଲ । ଲୁଣ ଲଙ୍କା ବି ବେଶୀ ଲାଗିଥିବ । ତା ସାଙ୍ଗକୁ କଞ୍ଚା ପିଆଜ ଓ ଖଟା ଟିକିଏ । ନେମ ପୁଞ୍ଜିକ, ସେ ଦିନ ତାକୁ ଅମୃତଭଳି ଲାଗିଲା ।

ତାକୁ ଆଉ ସେମାନେ ଘରକୁ ଛାଡ଼ିଦେଲେନି । ଭରି ହାଲିଆ ହୋଇ ସଉପ ଖଣ୍ଡେ ଉପରେ ଗୁଡ଼ିକାଡ଼ି ଲମ୍ବେଇ ସେ ପଡ଼ିଗଲା । ଗଉରୀ ବୋଉ ଅଗଣାରେ ଥାଇ କହିଲେ—ଲୋକ ଭାଇକି ଟିକିଏ ମୋଡ଼ି ଦେ' ଲୋ ଝିଅ ।

ଗଉଣୀର ସରୁ ସରୁ ଆଙ୍ଗୁଠି ଧରି ବୁଲାଲା ତା'ର ଦେହ ସାରା । ଧି' ପାପୁଲିରେ ତା'ର ଗୋଡ଼ ହାତ ଓ ପିଠିରୁ ସେ ଦରଜ ଛଡ଼େଇ ଦେଲା । ଲୋକର ଆଜି ମନେ ପଡ଼ୁଛି—ଗଉଣୀ ଘଷି ଦେଲା ବେଳେ ତାର ଶରୀରର ସମସ୍ତ ଭାର ଆଗକୁ ଝୁଲି ପଡ଼ୁଥିଲା । ଆଖି ଦରମେଲା କରି ଯେତେବେଳେ ସେ ଅନାଏ—ଗଉଣୀ ଦାନ୍ତ ପାଟି ଚିପି ଘଷିବାରେ ଲାଗି ପଡ଼ୁଛି । ତାର ହାତ ଦେହରେ ବାଜୁ ନ ବାଜୁ ଲୋକ ଦେହରୁ ନାଆଁ ଲାଗି ବେଳର ଦରଜ ସାଙ୍ଗେ ସାଙ୍ଗେ ଉଭେଇ ଗଲା, ଠିକ୍ କୋଉ ଏକ ଯାଦୁକରର ମନ୍ତ୍ର ରହସ୍ୟ ଭଳି । ସାଙ୍ଗେ ସାଙ୍ଗେ ତାକୁ କୋଉଆଡ଼ୁ ନିଦ ମାଡ଼ିଆସିଲା ।

ଲୋକ ପଥର ଖୁଣ୍ଟିକି ଆଉଜି, ଗଉଣୀର ଆଙ୍ଗୁଠି ଓ ତା ପାପୁଲିର ସ୍ପର୍ଶ ମନେ ପକଉଥିଲା । ସେ ଅନୁଭବ କଲା—ତା'ର ଶିରା ପ୍ରଶିରାର ରକ୍ତ ପ୍ରବାହରେ ଅସୁମାରି ଢେଉ ତାଳ ପକେଇ ଛୁଟିଛି । ସେ ଶୋଇ ରହି ଗୋଡ଼ର ବୁଢ଼ା ଆଙ୍ଗୁଠିଟା ପଥର ଉପରେ ଘଷୁଥିଲାବେଳେ ଦାନ୍ତରେ ହାତ ଆଙ୍ଗୁଠିରୁ ସେ ନଖ ଛିଣ୍ଡଉଥିଲା ଓ ଫାଙ୍କା ଆକାଶକୁ ଚାହିଁ କେତେ କଅଣ ଭାବୁଥିଲା ।

ଦେଖିଲା—ପିଲାଗୁଡ଼ାକ ଧଅଁଙ୍କ ପୋଖରୀଆଡ଼େ ଦଉଡ଼ୁଛନ୍ତି । ଭେଣ୍ଡିଆ ଆଉ ବୁଢ଼ା ଲୋକେ ବି ଚାଲିଛନ୍ତି ଗାଁମୁଣ୍ଡ ଆଡ଼େ । କଥା କ'ଣ—?

ଲୋକ ପିଣ୍ଡାଉପରୁ ଡେଇଁ ପଡ଼ି ସାମ୍ନାକୁ ଚାଲିଲା । ମିସ୍ତ୍ରୀ ଗୁରୁ ଜଣ ଖୁଣ୍ଟରୁ ତାର ଆଣି ଭଗବନ୍ତ ଘର ଓ ଆଖେଡ଼ା ଘରେ ନେଇ ଯୋଖି ସାରିଲେଣି । କାନ୍ଥରେ ପଟା ଧଆହୋଇ ସାରିଲା ପରେ ତାର ଆସି ଲାଗିବ । ଆଜି ସନ୍ଧ୍ୟା ବେଳଟା ପାଇଁ ଏ କାମସବୁ ଜୋରସୋରରେ ଚାଲିଛି । ଭାଗବତ ଘର କାନ୍ଥରେ ଚଉଖୁଣ୍ଟିଆ

ନେହାଇ ସେମାନେ କଣ ଗୋଟେ ଆଣି, ଲୁହାକଣ୍ଟା ନେଇ ଲଗେଇ ଦେଲେ । ସେଥିରେ ଦୁ'ଟା ଚିପିବାକୁ ଅଛି । ଚିପି ଦେଲେ ଜଳିବ ଓ ଚିପି ଦେଲେ ଲିଭିବ ।

ମିସ୍ତ୍ରୀମାନେ ସମସ୍ତିଙ୍କି କହୁଛନ୍ତି—ଏଇ ଅଧଘଣ୍ଟେ ଭିତରେ ସେମାନେ ଆଲୁଅ ଜଳେଇ ଦେଖେଇଦେବେ । ଭଲ ଭାବରେ ଲାଗିବ ସଞ୍ଜବେଳେ । ଆଲୁଅରେ ଗାଁ ଝଲସି ଉଠିବ । ଗାଁ ଲୋକେ ସମସ୍ତେ ଅପେକ୍ଷା କରିଛନ୍ତି । ବିଜୁଳି ଆଲୁଅ ଏଇନେ ଜଳିଉଠିବ ? ବଡ଼ ଆଶ୍ଚର୍ଯ୍ୟର କଥା—

ଲୋକେ ଭାଗବତ ଘରେ ଯାଇ ଦେଖିଲେ, ଅଗାଧୁ, ମଙ୍ଗୁଲିଆ ଓ ରବି ଏକାଠି ଠିଆ ହୋଇଛନ୍ତି । ଗୋଟେ କଣକୁ ଜମା ହୋଇଛି ବେତ ହବ ଚୂଡ଼ା, ଚଉଦ ପନ୍ଦର କଡ଼ା ନଡ଼ିଆ ଓ ବଡ଼ ଡେକଚିରେ ଗୁଡ଼ । ଅଗାଧୁ କହୁଛି—ଆଉ ଦଶ ଘରର ବାକି ଅଛି । ଲୋକ ପଠିଆଯାଇଛି । ସେତକ ଆସିଗଲେ ଆଉ ଚିନ୍ତା ନାହିଁ । ବାକି ଯାହା ରହିବ ନଡ଼ିଆଣି । ଅଇଁଠା ବେହେରା କହୁଛି ବେଳ ଘଡ଼ିଏ ଥାଇ ନଡ଼ିଆମାନ ଆଣି ପହଞ୍ଚେଇଦବ । ବାକି ରହିଲା କଣ୍ଟୁ ଭାଇନା । ତାକୁ ତ ଡକରା ହେଇଛି । ଇଆଡେ଼ ଚାଲିଥିବ ସଭା ଓ ଭାଗବତ ପଢ଼ା । ତେଣେ ମଙ୍ଗଳାଙ୍କ ପାଖରେ ହାଣ୍ଡିରେ ବସିଥିବ ଖୁଦଖିରି ।

ଲୋକେ ଦେଖିଲେ—ତାରରୁ ଝୁଲିଥିବା ଚକା ହୋଇ ଲାଗିଥିବା କାଚଟା ଜଳି ଉଠିଲା । ସବୁଆଡ଼େ ହୋଇଗଲା ଆଲୁଅମୟ । ଭାଗବତ ଘରର ଅନ୍ଧାରରେ ବିଜୁଳି ଆଲୁଅ ଯାଇ ପଶିଗଲା । ବୁଢ଼ୀଆଣୀ ଜାଲ ଓ ଘରେ ଜମି ରହିଥିବା ଅଳିଆ ଅସନାଗୁଡ଼ାକ ଆଲୁଅରେ ପରିଷ୍କାର ଦେଖାଗଲା । ପିଲାଏ କାବା ହୋଇଗଲେ । କେତେ କେତେ ତାଳି ମାରି ନାଚିବାକୁ ଆରମ୍ଭ

କରିଦେଲେ । କେତେ କେତେ ହଲା କଲେ । ବୁଢ଼ାବୁଢ଼ୀମାନଙ୍କ ମତରେ—ଗାଁରେ କିଛି ନା କିଛି ବଡ଼ ବିପତ୍ତି ଆସି ପଡ଼ିବ । ଏ ବିଷୟରେ ସେମାନେ ସ୍ୱତଃସିଦ୍ଧ ।

ଦପ୍‌କରି ଆଲୁଅ ଲିଭିଗଲା ।

ମିସ୍ତ୍ରୀମାନେ କାମ ବନ୍ଦ କରିଦେଇ ଗୁଳିଗଲେ । ବିଶ୍ରାମ ନେବେ । ପୁଣି ଯାଇ ସଜାଡ଼ିବେ ।

ସୁଦାମ ଗାଁ ଦାଣ୍ଡକୁ ବାହାରି ପଡ଼ିଲା ବେଳକୁ ଲାଗିଛି ଏଇ କାଣ୍ଡ । କଣ ନା ବିଜୁଳି ଆଲୁଅଟା ଜଳୁଥିଲା ପୁଣି ଲିଭିଗଲା । ଜଣେ କିଏ ଆସି ତାକୁ ଏଇ ଖବରଟା ଦେଇଦେଲା । ସୁଦାମ ତା' କଥା ଶୁଣି ହସିବ ନା ତା ଉପରେ ମାଡ଼ି ଚଢ଼ିଯିବ ? କିଛି ହେଲେ ସେ ଜାଣି ପାରିଲାନି ।

ଏଗୁଡ଼ାକ ଏତେ ଓଲୁ ? ମଫସଲ ହେଲେ କଥା ସରିଲା । ବିଜୁଳିଆଲୁଅଟେ ତ ଜଳିଲା, ଆଜ ହେଇଗଲା କ'ଣ ? ଏମାନେ କେବେ ସଭ୍ୟ ହେବେ କେଜାଣି ? ସହରକୁ ତ ଗଲେନି । ଆଜ ଜାଣିବେ କେମିତି ? ସୁଦାମ ଭାବୁଥିଲା—

ଭଗବତ ଘରୁ ଫେରିଆସୁଛି ଲୋକ । ଏପଟୁ ଯାଉଛନ୍ତି ସୁଦାମ ବାବୁ । ଗାଁ ଦାଣ୍ଡରେ ଦୁହିଁଙ୍କର ଭେଟ ହୋଇଗଲା । ସୁଦାମ ବାବୁ ଆଡ଼େଇକିହୋଇ ଗୁଳିଯାଉଥିଲେ । ଲୋକ ଟିକଏ ଆଗେଇଯାଇ ସୁଦାମ ବାବୁଙ୍କର ହାତ ଦି'ଟା ଧରିପକେଇ କହିଲା—

କ'ଣ କରିବା ଭାଇ ଆପଣ ଟିକଏ ତ ସାହାଯ୍ୟ ନକଲେ ହବନି ? ସୁଦାମ ତା ହସ ଟାକୁ ଚୋଟି ଠାରୁ ପାଟି ପର୍ଯ୍ୟନ୍ତ ଲମ୍ବେଇ ଦେଇ କହିଲା— ମତେ, କ'ଣ ଦବାକୁ ହବ କହୁନ ? ମୁଁ କ'ଣ

ଦବାକୁ ମନାକରୁଛ ? ସୁଦାମର ମନ ଭିତରେ ସତେ ଅବା କିଏ ଗୁଡ଼ାଏ କଣ୍ଟା ଅଣି ଫୋଡ଼ିପକାଉଥିଲା । ଆଖି ଆଗରେ ଦିଶିଯାଉଥିଲା ଆସି ଗଉରୀ ।

କ'ଣ ଦେବେ, ସେଇଟା ଆପଣଙ୍କ ଇଚ୍ଛା ; କିନ୍ତୁ ଅସଲ କଥା ହେଲା—ଆପଣ ସଞ୍ଜବେଳେ ଭଗବତ ଘରକୁ ଆସିବେ । ନରଣ-ପୁରରୁ ଗୋକୁଳବାବୁ ବି ଆସୁଛନ୍ତି ।

ନ ଆସିବାର ତ କାରଣ ନାହିଁ । କିନ୍ତୁ ସଞ୍ଜବେଳେ ମୋର ଗୋଟିଏ କାମ ଅଛି । ସେ କାମଟା ସରିଗଲେ ମୁଁ ନିଶ୍ଚୟ ଆସିବି । ସୁଦାମ ବାବୁ ଚାଲି ଯାଉଥିଲେ—

ଲୋକ ପଛରୁ ଡାକି କହିଲା– ଆପଣଙ୍କ ଘରେ ସୁଜି ଥିଲେ ଦେବେ । ସୁଜି ଟିକେ । ତା ଛଡ଼ା ଆଉ ସବୁ ଆମେ ଯୋଗାଡ଼ କରି ଦେଇଛୁ । ଠିକ୍ ହୋଇଛି—କିନ୍ତୁ ଭାଇନା ମଙ୍ଗଳାଙ୍କ ଭୋଗଘରେ ସୁଜିଖିର ବସେଇବେ ।

ହଉ, ଯାଙ୍ଗେଯାଙ୍ଗେ ପଠେଇ ଦଉଛି । ସୁଦାମବାବୁ ସିସିର ବଜେଇ ଚାଲିଗଲେ ।

ଲୋକ ଫେରିଆସୁଥିଲା । ଦେଖିଲା—ଚମ୍ପତରାୟ ଘର କଦଳୀ ବାରି ଚାରିପଟେ ଯୋଉ ପାଚେରୀ ଘେରାହୋଇଛି ତାକୁ ଲାଗି ଦି' ତିନି ବୁଦା କଣ୍ଟାସିଜୁ ଗଛ । ଯିଏ ଯାକି ଚାରି କଣ୍ଟା କାଣ୍ଟା ! ଲମ୍ବା ଲମ୍ବା ... ପେଶିଆ ... ହୋଇଛି । ସେଥିରେ ଫୁଟିଛି ଦି' ଚାରିଟା ଫୁଲ, ଠିକ୍ ଚମ୍ପା ଫୁଲ ଭଳି । କେତେ ସୁନ୍ଦର ଫୁଲ । କଣ୍ଟା ଗଛ ସବୁ ସତେ ଅବା ଦେବୀଙ୍କ ଫୁଲ ଉଠୁଛନ୍ତି ।

ଲୋକ ମନେ ପଡ଼ିଲା ଗୋକୁଳବାବୁଙ୍କ କଥା—ଦିନେ ସେ କହୁଥିଲେ—

ଏଇ କଣ୍ଟା ସିଜୁ ଭଳି ଯେକୌଣସି ଖରାପ ଲୋକ ଭିତରେ କେତେ କେତେ ଭଲ ଗୁଣ ଯେ ଭରି ରହିଛି, ସେ ସବୁ କେବଳ ଫୁଟିପାରିଲେ ହେଲା । ମନେ ମନେ କଣ୍ଟା ସିଜୁ ଫୁଲ ସଙ୍ଗେ ସୁଦାମ ବାବୁଙ୍କୁ ତଉଲ କରୁକରୁ ଘରେ ଯାଇଁ ସେ ପହଞ୍ଚିଗଲା ।

—ପାଞ୍ଚ—

ମାନସିଂହ ପାଟଣା ଗାଁ ମୁଣ୍ଡରୁ ବନ୍ଧେବନ୍ଧେ ଗଲେ ଯୋଡ଼ ଯୋରଠା ପଡ଼େ, ସେଥିରେ ଆଣ୍ଠୁଏ ବୋଲି ପାଣି । ଦି' କୂଳ ବାଡ଼ି ଜମି ଡେଇଁଗଲେ ପଡ଼େ ତଳସାଇ । ଦଶ ବାରଟି ଘର । ଛୋଟିଆ ଗାଁଟିଏ । ତା ପାଖକୁ ବାଉରୀ ସାଇ । ଦି' କୂଳରଠା ବାଉରୀ ଘର ଅଛନ୍ତି । ତଳସାଇ ଓ ବାଉରୀସାଇ ବାଆଁ ପଟେ ଯୋରଠା ଗୁଡ଼େଇ ହୋଇ ଚାଲିଯାଇଛି । ଗୋଟେ ଟୋଟେ ଢିପ ଜମି ଉପରେ ଚୂଳଆ କେଇଠାକୁ ଘେରି ରହିଛି ସଜନା ଗଛ, ଶବ ଗଛ ଓ ଦେବଦାରୁ ଗଛ । ସମସ୍ତଙ୍କ ଚୂଳଆରେ କଖାରୁ ଆଉ ପାଣି କଖାରୁ ମାଡ଼ିଛି । ବାଉ ଆଡ଼େ ପୋଖା, ରଞ୍ଜାରେ ଲଟେଇଛି ଜହ୍ନୀ, କାକୁଡ଼ି, ଓ କଲରା ଗଛ । ତା'ର କରେ କରେ ଗୋଟେ ସରୁ ରାସ୍ତା ଦେଇ ଆଗେଇ ଗଲେ ପଡ଼େ ବାଉରୀ ସାଇ । ଗାଁ ମୁଣ୍ଡ ଖଡଗଦା ପାଖରେ ଦି' ଆଡ଼ିକ ଯୋଉ ଦି'ଠା ରାସ୍ତା ପଡ଼ିଛି, ସେହି ରାସ୍ତାରେ ଡାହାଣହାତ ଗଲେ ପଡ଼େ ତାଳପଡ଼ା । ତାଳପଡ଼ାରୁ ରାସ୍ତା ଟଙ୍ଗରା । ଶଗଡ଼ ଚାଲେ,

ସାଇକେଲ ବି ଯା'ଆସ କରେ । ତାଳପଡ଼ା ଡେଇଁଲେ ଗୋଟିଏ ବୋଲି ଗମ୍ଭାର । ସିଧା ରାସ୍ତା । ଠିକ୍ ଯାଇ ମିଶିଛି ନାରଣପୁର ଗାଁମୁଣ୍ଡେ ।

ନରଣପୁର ମାନସିଂହ ପାଟଣାଠୁ ବାଟ ତିନ ପାଆ । କଟକ କଲିକତା ଆଡ଼ୁ ଖୋର୍ଦ୍ଧା ଦେଇ ଦକ୍ଷିଣ ଆଡ଼କୁ ଯୋଉ ରେଲ ଲାଇନ ପଡ଼ିଛି, ନରକାରପୁର ତା' ଭିତରେ ଗୋଟିଏ ଗ୍ରେଟିଆ ଷ୍ଟେସନ । ଖୋର୍ଦ୍ଧା ପରେ ଦୁଇଟି ଷ୍ଟେସନ ଡେଇଁଲେ ପଡ଼େ ନରକାରପୁର । ଦିନ ଭିତରେ ସେ ଷ୍ଟେସନରେ ଦି' ଚାରିଥର ଗାଡ଼ି ରହେ । ଶହଶହ ଲୋକ ସେଇ ଷ୍ଟେସନରୁ କୁଲିଗିରି କରିବାକୁ ଆସାମ, କଲିକତା ଟିକେଟ୍ କାଟନ୍ତି । ଲୋକ ଜନ୍ତାଜନ୍ତ । ଟେମେଣି ଚଢ଼େଇଭଳି ଯେକୌଣସି ପ୍ରକାରେ ଲୋକେ ଗାଡ଼ି ଉପରେ କେବଳ ଲଖିଯାଆନ୍ତି । ଯେତେ ଲୋକ ଚଢ଼ିଲେ ବି ଷ୍ଟେସନଟା ଆଗ ଭଳି ସେମିତି ଗ୍ରେଟିଆ ହୋଇ ପଡ଼ି ରହିଛି । ଅକସ୍ମାତ୍ ଆଉ ଗୋଟେ ଗାଡ଼ି ଆସି ରହି ଯିବାକୁ ଲାଇନ୍ଟିଏ ବି ନାହିଁ । ସିଏ ଯେତେ ପାଟିକଲେ ଲୋକମାନଙ୍କ କଥା ଶୁଣୁଛି କିଏ ?

ନରକାରପୁର ଷ୍ଟେସନଠୁ ନରଣପୁର ବଜାର କୋଶେ ବାଟ । ସିଧା ବାଟ ପଡ଼ିଛି ।

ଉଦୁ ଉଦିଆ ଖରାବେଳ । ନ ଗଲେ ନ ଚଳେ । ରାଧୁ ଛତା ଖଣ୍ଡିକ ହାତରେ ଧରି ଚାଲିଛି । ଆଗରେ ତାଳପଡ଼ା । ତାଳପଡ଼ା ଡେଇଁଲେ ନରଣପୁର । ମଝିରେ କେବଳ ବଡ଼ ଗମ୍ଭାରଟିଏ ।

ବେଗେ ବେଗେ ଗୋଡ଼ ପକେଇ ରାଧୁ ଚାଲିସି ଥିଲା । କେମିତି ଯାଇ ଗୋକୁଳବାବୁଙ୍କୁ ଡାକିଆଣିବ । କିଛି ବୋଲି କିଛି ନ ଥିଲା । ଝଡ଼ ବି ପଡ଼ିଛି । କୁଆଡ଼ୁ ଖସିଆସିଲା ଟେକା

ମେଘ ଖଣ୍ଡେ । ଫୁଲ ଝର ଭଳି ଅଳ୍ପ ଝିପ୍ରି ଝିପ୍ରି କରିଦେଇ ଚାଲିଗଲା । ଖରା । ଖରା ମଝିରେ ପୁଣି ବର୍ଷା । ଛତାଟା ନ ଆଣି ଥିଲେ କେତେ ଅସୁବିଧା ଭୋଗ କରିବାକୁ ପଡ଼ିଥାନ୍ତା ? ରାଧୁର ମନେ ପଡ଼ିଗଲା—ଖରା ହେଉଛି, ବର୍ଷା ହେଉଛି, ବିଲୁଆ ନନାଟି ବାହା ହେଉଛି ।

ଆପେ ଆପେ ଆସି ମନେ ପଡ଼ିଯାଉଛି—ଲୋକଙ୍କ କଥା । କେତେ ଭଲ ମଣିଷ ଏଇ ଲୋକଙ୍କ ? ନିଜ ବଡ଼ ଭାଇ ବି ଏମିତି କରିବନି । କେତେବେଳେ ହେଲେ ପାଖରୁ ସେ ତାକୁ ଛାଡ଼େନି । ଜାନିଯାତ୍ରା ଆଉ ଯେତେ ଯୁଆଡ଼େ ଗଲେ ତାକୁ ସାଙ୍ଗରେ ନ ନେଇ ସେ କୁଆଡ଼େ ହେଲେ ଯାଇପାରେନି ।

ଦିନେ ସେ ଦାଣ୍ଡଘରେ ଘୋଡ଼େଇ କରି ଶୋଇଥିଲା । ବାପା ବୋଉଙ୍କ ମନେ ମନେ ରାଧୁ ନିଦ୍ରୋଡ଼ି ନିଦରେ ଶୋଇ ସାରିଲାଣି । ପଡ଼ୁଛି, ଗଉରୀର ବାହାଘର କଥା । ଯେତେବେଳେ ସୁଦାମ-ବାବୁଙ୍କ ଘରୁ ଭଲଲୋକ ଆସିସାରି ଥାଏ । ବୋଉର ଇଚ୍ଛା, ସୁଦାମବାବୁଙ୍କୁ କରିବା । ଭାଗ୍ୟର କଥା । ଧନ ଦଉଲତ, କୋଠା-ବାଡ଼ି, ଟଙ୍କା ସୁନା ଆଉ ଗୋଟିଏ ବୋଲି ଅଲିଅଳ ପୁଅ । ବାପାଙ୍କର ଜିଗର୍—ନାଇଁ ସେଇ ଲୋକ ପାଇଁ ସେ ବାହାଘର ନିଶ୍ଚୟ କରିବେ । ଅନେକ ସମୟ ଧରି ବାପା ବୋଉ କଥା ହେଲେ । ସାରା କ'ଣ ହେଲା ସେ ଜାଣେନି । କୁଆଡ଼ୁ ତାକୁ ନିଦ ମାଡ଼ିଆସିଲା । ଶେଷ ଯାଏଁ କ'ଣ କେତେବେଳେ ସେ ଶୋଇ ପଡ଼ିଲା ତା'ର ମନେ ନାହିଁ ।

ରାଧୁ ମନେ ମନେ ଠିକ୍ କଲା—ଲୋକଙ୍କ ଭଳି ପାଇଁ ଧନ ନ ହୁଏ ସେ ବାହାଘର କରେଇ ଦେବନି । ସୁଦାମବାବୁଟା ଲୁଚ୍ଚ

ଲୋକର ପିଲା । ତାଙ୍କର ଜମି ଆମେ ଧୂଳିଭାଗ ଧରିଛୁ । ତଥାପି ତା' ମିଞ୍ଜାସଟା ବଡ଼ ଶ୍ରେଷ୍ଠ । ଦେଖାଯାଉ—

ପୁଣି ଝୁରୁ ଝୁରୁ ବରଷା । ପୁଣି ଖରା । ବର୍ଷା ସାଙ୍ଗେ ଖରା । ଛଟା ଠେକ ଆଉ ଏମିତି କେତେ କ'ଣ ଭାବ ସାଧୂ ଯାଇ ନରଣପୁର ଗାଁ ମୁଣ୍ଡେ ହୋଇଗଲା ।

ନରଣପୁର ଗୋଟେ ମସ୍ତବଡ଼ ଗାଁ । ପାଞ୍ଚଶ' ଘର ବସ୍ତି । ଚଷା, ଖଣ୍ଡାୟତ, ବ୍ରାହ୍ମଣ, କରଣ, ଗଉଡ଼, ଗୁଡ଼ିଆ, ଧୋବା ଓ ବାରିକ ସମସ୍ତେ ଏଇ ଗାଁରେ ଚଳବଚଳ ହୁଅନ୍ତି । ସମସ୍ତେ ଖାଆନ୍ତି ପିଅନ୍ତି ଓ ନିଶ୍ୱାସ ମାରନ୍ତି । ଏଇ ଗାଁର ଖିଲଖିଲିଆ ପବନରେ ସମସ୍ତଙ୍କର ଦେହ ଗୁଡ଼େଇ ତୁଡ଼େଇ ହୋଇଯାଏ । କିଏ ଘିଅ ଦୁଧ ଖାଇଲେ, କିଏ ଖାଏ ପଖାଳ ତୋରାଣି, କିଏ ଗେଣ୍ଡା କୋଟିଆ ଖାଏ । କିଏ ପାଟ ପିତାମ୍ବରୀ ପିନ୍ଧିଲେ, କିଏ କଚିଆ ଗାମୁଛା ପିନ୍ଧେ, କିଏ ବା ଅଧା ଲଙ୍ଗଳା ରହେ । କିଏ ପୁଅକୁ ପାଠ ପଢ଼ାଏ, ପୁଅ ବଡ଼ ଚାକିରୀ କରି ବଡ଼ଲୋକ ହୁଏ, ଗାଁର ପାଖ ମାଡ଼େନା, ଗାଁ ତାକୁ ଚହାଏ । କିଏ ବର୍ଣ୍ଣବୋଧ ସାରିଦେଇ ଲଙ୍ଗଳ ଧରେ ଆଉ ମାଟି ସାଙ୍ଗରେ ମାଟି ହୋଇ ମିଶିଯାଏ । ଆଉ କିଏ ମାଟି ସଙ୍ଗେ ମିଶିବାକୁ ନାଜର ବୋଲି ମାଟି ଟିକିଏ ବି ପାଏନା । କିନ୍ତୁ ତା ସାଙ୍ଗେ ସାଙ୍ଗେ କେତେ ଲୋକ ଏଇ ଗାଁରେ ଜନ୍ମ ହୁଅନ୍ତି, ବଂଚି ରହନ୍ତି ଆଉ ମରନ୍ତି । ଏଇ ବଂଚି ରହିବା ଭିତରେ ଜୀବନ ସଂଗ୍ରାମ କଳିକଜିଆ, ଭେଦଭାବ, ଲୋଭ, ହିଂସା, ଭଲ ଆଉ ଭେଲ । କେତେ କେତେ ଲୋକଙ୍କୁ ଏଇ ନରଣପୁର ଦେଖି ଆସିଛି ।

କିନ୍ତୁ ଗୋକୁଳବାବୁଙ୍କ ଭଳି ଜଣେ ଲୋକ ଏ ଗାଁକୁ କେବେ ହେଲେ ଆସି ନ ଥିଲେ । ଏ ଗାଁରେ କେବେ ଜନ୍ମ ବି ହୋଇ

ନ ଥିଲେ । ନିଜ ଗାଁ ତାଙ୍କର ନରଣପୁର ନୁହେଁ । ଗାଁରେ ଆସି ଦଶବାର ବର୍ଷ ହବ ରହିଲେଣି । ତାଙ୍କର ସଠିକ୍ ଘର କେଉଁ ଜାଗାରେ, କେହିହେଲେ ଏ ପର୍ଯ୍ୟନ୍ତ ଜାଣିନାହାନ୍ତି । ପ୍ରଥମେ ପ୍ରଥମେ ଗାଁ ଲୋକେ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ତାଙ୍କ ନାଁରେ କେତେ ମିଛ ଅପବାଦ ଉଠେଇବାକୁ ବି ଲୋକେ ଛାଡ଼ି ନ ଥିଲେ । କିନ୍ତୁ ବର୍ତ୍ତମାନ କଥା ଅଲଗା । ଗୋକୁଳବାବୁ ଏଇନେ ସମସ୍ତଙ୍କର । ମୂର୍ତ୍ତିକଥା, ଛୁତକଥା, ଭୋଜିଭାତ, ଭୋକ ଉପାସ ଓ ହସ କାନ୍ଦ ସବୁଥିରେ ଏଇ ଗୋକୁଳ ବାବୁ । ଏ ଗାଁ ସାଙ୍ଗେ ନିଜକୁ ଖାପ ଖୁଆଇ ନେଇଛନ୍ତି । ସମସ୍ତଙ୍କ ଘରେ ଯାଇ ବସନ୍ତି, ଗପନ୍ତି ଆଉ ପିଲାଙ୍କୁ ପଢ଼ାନ୍ତି । ଗାଁ ଲୋକଙ୍କୁ କେତେଆଡୁ କେତେ କଥା ସେ କହନ୍ତି । ନିଜ ଦେଶ କଥା । ଦେଶ ବିଦେଶର କଥା । କିନ୍ତୁ ନିଜ କଥା ସେ କେବେ ହେଲେ କହନ୍ତି ନି । କେବେ କିଏ ତାଙ୍କ କଥା ପକେଇଲେ ସେ କେବଳ ତୁନି ରହନ୍ତି । ସେ ଆସିବା ଦିନୁ ଗାଁକୁ ପ୍ରତିଦିନ ଗୋଟାଏ ଦି'ଟା ଖବର କାଗଜ ଆସେ । ଗାଁରେ ମହୁ ଚାଷ, କୁକୁଡ଼ା ଚାଷ ଆଉ ଏଣ୍ଡି ପୋକ ଚାଷ ବିଷୟରେ ସେ ଲୋକମାନଙ୍କୁ ବୁଝାନ୍ତି । ଅନେକେ ବି ଏ ସବୁ କରି ଖୁବ୍ ଲାଭବାନ୍ ହେଲେଣି । ସାର ଲଗେଇ କେମିତି ବିଲରୁ ବେଶୀ ଫସଲ ଆଦାୟ କରାଯାଇ ପାରିବ, ସେଇ ବିଷୟରେ ସ୍ପଷ୍ଟ ଧାରଣା ଦେଇ ଥାଆନ୍ତି ଗୋକୁଳବାବୁ ।

ରଘୁ ଯାଇ ନରଣପୁରରେ ହେଲାବେଳକୁ ଗୋକୁଳ ବାବୁ ଗାଁ ମାଇନର ସ୍କୁଲରେ ବସି କଥା ହେଉଥାଆନ୍ତି । ସେ ଦିନ ରବିବାର । ପଢ଼ାପଢ଼ି ନାହିଁ । ଖିଆପିଆ ଅନେକ ବେଳୁ ସରିଲାଣି । ତାଙ୍କ ଚାରିପାଖେ ବେଢ଼ିଛନ୍ତି ଦଶ ବାର ଜଣ ହବ ଗାଁବାଲା । ଗୋକୁଳ ବାବୁ କେତେ କଣ କହି ଚାଲିଛନ୍ତି—

ଛଡା ଖଣ୍ଡିକ ବନ୍ଦ କରି ଦେଇ ରାଧୁ ଗୋକୁଳବାବୁଙ୍କୁ ନମସ୍କାର କଲା ।

କିଓ ରାଧୁ—ତୁମେ ଏତେ ଝଡରେ କୁଆଡେ ?

ଲୋକଭାଇ ପଠେଇଛନ୍ତି । ଗାଁରେ ଆଜ ଆମର ନୂଆ ହୋଇ ବିଜୁଳିବତି ଲାଗୁଛି । ସେଥିପାଇଁ ଭଗବତ ଘରେ ଆଜ ଦଶମସ୍କନ୍ଧ ବୋଲା ସରିଲାପରେ ଖିଆପିଆଟେ ହବ ବୋଲି ଠିକ୍ ହୋଇଛି । ଗ୍ରେଟକୋଟର ସଭାଟିଏ ବି ହବ । ଆପଣ ସଭାରେ କିଛି କହିବେ ବୋଲି ଲୋକଭାଇ କହୁଥିଲା । ମାନସିଂହ ପାଠଶା ଯୁବକ ସଂଘ ତରଫରୁ ଆପଣଙ୍କୁ ନିମନ୍ତ୍ରଣ କରାଯାଇଛି । ରାଧୁ ଏକା ନିଶ୍ୱାସକେ ଏ ସବୁ କହିଗଲା ।

ଆଜ ସମସ୍ତେ ତା' ଆଡକୁ ଅନେଇଥାଆନ୍ତି ।

ଗୋକୁଳ ବାବୁ ପଚାରିଲେ—ସନ୍ଧ୍ୟା ବେଳକୁ ନା—

ରାଧୁ ମୁଣ୍ଡ ହଲେଇ ହଁ କଲା ।

ହଉ ଯିବା । ତୁମେ ଟିକଏ ବିଶ୍ରାମ ନିଅ । ଖଣ୍ଡେ ଚଟେଇ ବଢେଇଦେଇ ଗୋକୁଳ ବାବୁ ରାଧୁକୁ ବସିବାକୁ ଇଙ୍ଗିତ ଦେଲେ ।

କହି ଚାଲିଲେ ଗୋକୁଳବାବୁ—"ଯେତେବେଳେ ମୁଁ ଦଶ ବାର ବର୍ଷର ପିଲା, ବାପା ମୋର ମରିଗଲେ । ବୁଢ଼ା ହୋଇ ଯାଇଥିଲେ, ମରିବାର କଥା ମରିଗଲେ । ସେତେବେଳେ ମୁଁ ମାଇନର ପଢୁଥାଏ । ଉପରକୁ ତିନୋଟି ବଢ଼ିଲା ଭଉଣୀ । ବାପା ବାହା କରେଇବେ କରେଇବେ ହୋଇ କରି ପାରିଲେନି । ମଲା ବେଳକୁ ସେଇତକ ଅବଶୋଷ ତାଙ୍କର ରହିଗଲା । କେମିତି ଅବା ସେ ବାହାଘର କରିଥାଆନ୍ତେ ? କରଣ ଘର । ପରିବାରର ସୁନାମ ଅଛି । କେଶବାସ ଓ ଚାଲିଚଳଣରେ ଚାକ୍‌ଚିକ୍‌କଣ ଅଛି ।

ଯୋଉମାନେ ସାଧାରଣତଃ ବାହାରର ଯୁବକଚକ୍‌କଣ ରକ୍ଷା କରି ଥାଆନ୍ତି, ନିମ୍ନ ମଧ୍ୟବିତ୍ତ ପରିବାରର ହୋଇଥିଲେ ସେମାନଙ୍କୁ ପେଟରେ ଓଦା କନା ପକେଇ ଶୋଇବାକୁ ପଡ଼େ । ଶାଗ ଖାଇ ମାଛ ଖାଇଛି ବୋଲି ନ କହିଲେ ସେମାନେ ଚଳିପାରନ୍ତିନି । ସେ ଯାହାହେଉ, ବୋଉ ମୋର ଭରି ଗୁଣିଲ୍ । ସେ ଠିକ୍ କଲା— ଝିଅ ତିନିଟାକୁ ଶାଶୁ ଘରକୁ ନ ଛାଡ଼ିଦେଲେ ପୁଅକୁ ସେ ପଢ଼େଇ ପାରିବନି । ସେଥିଲାଗି ବିକି ଲାଗିଲା ଜମି । ତିନି ମାଣ ଜମି ରଖି-ଦେଇ ଆଉ ସବୁ ସେ ବିକ୍ରୀ କରିଦେଲା । ଯୌତୁକ ଦେଇ ଝିଅମାନଙ୍କୁ ଭଲ ଭଲ ଜାଗାରେ ଅବଶ୍ୟ ବାହା ଦେଇଛି । ବଡ଼ ଭଉଣୀଟି ବାହା ହୋଇଛି କଟକରେ । ଭିଣେଇ କଲେକ୍‌ଟର ଅଫିସ୍‌ରେ ପେଷ୍କାରକାମ କରନ୍ତି । ମଝିଆଁ ଭିଣେଇ ସେଲ୍‌ଟ୍ୟାକ୍‌ସ ଇନସ୍‌ପେକ୍‌ଟର । ସମ୍ବଲପୁରର ବରଗଡ଼ରେ ଥାଆନ୍ତି । ସାନ ଜଣକ ଆଗ ସେକ୍ରେଟେରିଏଟ୍‌ରେ କିରାଣି କାମ କରୁଥିଲେ । ଏଇଥର ପରୀକ୍ଷା ଦେଇଛନ୍ତି । ବୋଧେ ସବଡେପୁଟୀ ହୋଇଯିବେ । ଅନେକ ଦିନର କଥା । ମୋର ମନେ ଅଛି—ବାହାଘର ସମୟରେ ମଝିଆଁ ଭିଣେଇଙ୍କ ସାଇକେଲ୍‌ଟା ଗଲେ ବଦଳରେ ବି. ଏସ୍. ଏ. ହୋଇ-ଗଲା ବୋଲି ଭାବି ସେ ବେଦି ଉପରୁ ଉଠି ଯାଉଥିଲେ ।

ଭଉଣୀମାନେ ବାହାହୋଇ ସାରିଲା ବେଳକୁ ମୁଁ ମାଟ୍ରିକ୍ ପାଶ୍ କରିଥାଏ । ଧୋଇରେ ବାଲିବାଢ଼ ଭାସି ଯାଉଛି । ଜମିରେ ଫସଲ ଥିବାରୁ ବୋଉ ଯେ କୌଣସି ପ୍ରକାରେ ଚଳେଇ ନେଉଥିଲା । ଫସଲ ନ ହେବାରୁ ମୁଣ୍ଡିକୁ ହାତ ଦେଇଲାଆ ବସୁ କାମୁଡ଼ିଲା । ବୋଉ କେତେ ଆଶା କରିଥିଲା—ପୁଅକୁ ତାର ପାଠ ପଢ଼େଇ ଉଚ୍ଚ ଶିକ୍ଷିତ କରିବ । ହେଇ ପାରିଲାନି । ମାଟ୍ରିକ୍ ପାଶ୍ କରିବା ସାଙ୍ଗେ ସାଙ୍ଗେ ମୋତେ ଚାକିରି ଖଣ୍ଡେ କରିବାକୁ ପଡ଼ିଲା । ଚାକିରି ସାଙ୍ଗକୁ

ଟିଉସନ୍ । ସେଥିରେ ବି ପେଟ ପୂରେନା । ଯୋଉ ହାଁ—ହାଁକୁ ସେଇ ହାଁ—ହାଁ । ଦଶ ତାରିଖ ପରେ ବାନ୍ଧ ବାଢ଼ିଗଲେ ବି ପଂଠା ପାହୁଲାଟିଏ ବାହାରିବନି । ଧାର ଉଧାର କରି ଲୋକ ଉପାସ ରହି ମାସଟା ଚଳେଇ ଦବାକୁ ପଡ଼େ । ଏମିତି ମାସ ଛ'ଟା ଯାଇଛି କି ନାହିଁ ବୋଉ ଗୋଟେ ସାଙ୍ଘାତିକ ବେମାରିରେ ପଡ଼ିଲା । କଥାବାର୍ତ୍ତା କରୁଥିଲା । ଜର ବି ବେଶି ନ ଥିଲା । ଜର ହବାର ମୋଟେ ଯୋଡ଼େ ଦିନ ହେଇଛି—ଠିକ୍ ଖରା ବେଳକୁ ବୋଉ ବିଳିବିଳେଇ ଉଠିଲା । ବାପାଙ୍କ କଥା ସବୁ ଗପି ଲାଗିଲା । ଦେହରେ ହାତ ମାରି ଦେଲା ବେଳକୁ ଖଇ ଫୁଟୁଛି । ତା ସାଙ୍ଗେ ଅସରା ଅସରା ଗାଧେଇ ଦେଲା ଭଳି ଝାଳ । ଡାକ୍ତର ଆଣି ଘରେ ଠିକ୍ ପହଞ୍ଚିଲା ବେଳକୁ ବୋଉ ଯାଇସାରିଲାଣି । ବେକ ତା'ର ତକିଆ ତଳକୁ ଝୁଲିପଡ଼ିଛି ।"

ଗୋକୁଳବାବୁ ଅଳ୍ପ ଚୁପ୍ ରହିଲେ—ଝରକା ଦେଇ ବାହାରେ ସେ ଆଖି ବୁଲେଇ ଆଣିଲେ ।

ତା' ପରେ—ଜଣେ କିଏ ପଚାରିଲା ।

"ତା ପରେ ମନରେ ମୋର ଆସିଲା ଝୁଙ୍କି । ବୋଉ ଚାହୁଁଥିଲା, ପାଠ ପଢ଼େଇ ପୁଅକୁ ତାର ଉଚ୍ଚ ଶିକ୍ଷିତ କରିବ । ଯେ କୌଣସି ପ୍ରକାରେ ତା ଇଚ୍ଛା ପୂରଣ କରିବାକୁ ପଡ଼ିବ । କିନ୍ତୁ ଇଆ ଭିତରେ ଆଉ ଗୋଟେ ଘଟଣା ଘଟିଲା । ମୁଁ ଯୋଉ ଚାକରିଟା କରୁଥିଲି ସେଥିରେ ବେଶ୍ ଦୁଇ ପଇସା ମିଳୁଥିଲା । ମୋତେ ଲାଞ୍ଚ ନେଇ ଆସେନି । ସେ ସବୁ ପେଞ୍ଚପାଞ୍ଚ ମୋତେ ମାଲୁମ ନ ଥିଲା । ମୋ' ଉପରର ବୁଢ଼ା କିରାନୀ ଜଣକ ଲାଞ୍ଚ ନେବା ସକାଶେ ମୋତେ ବାଧ୍ୟ କଲେ । ମୁଁ ନ ନେଲେ ନିଜେ ସେ ପଦାରେ ପଡ଼ିଯିବେ । ମୁଁ କିନ୍ତୁ ସିଧାସଳଖ ମନା କରିଦେଲି । ଫଳ ହେଲା ଭିନ୍ନ ଧରଣର । ଦିନେ ଦେଖିଲି ବେଳକୁ ମୋ ଜାଗାରୁ ଗୋଟେ ଦରକାରୀ ଫାଇଲ୍ କୁଆଡ଼େ

ହକି ଯାଉଛି । ସେଇ ବୁଢ଼ା କାରଣୀ ଜଣଙ୍କ ଯେ କୋଉଠି ନେଇ ଲୁଚାଇ ଦେଇଥିବେ ଏ କଥା ବୁଝିବାକୁ ମୋର ବାକି ରହିଲାନି । କିନ୍ତୁ ପ୍ରମାଣ କ'ଣ ? ସେଥିଯୋଗୁ ଚାକିରିରୁ ମୁଁ ତଡ଼ା ଖାଇଲି । ଚାକିରି ସିନା ଗଲା, ଟିଉସନ୍‌ଟା କିନ୍ତୁ ହାତରେ ଥାଏ । ଜଣେ ବୋଲି ଲୋକ । ଗୋଟିଏ ପେଟ । ବୋଝ ତ ଅନେକ ଦିନୁ ଛାଡ଼ି ଚାଲିଯାଇଥିଲି । ଟିଉସନଟା ଧରି ବଡ଼ କଷ୍ଟରେ ମୁଁ ବି. ଏ. ପାଶ୍ କଲି । ପାଠ ପଢ଼ିବା ବେଳେ ମୁଁ ମନ ଦେଇ ପାଠ ପଢ଼େ ଯେମିତି ସହରର ଗଳି କନ୍ଦିରେ ନିର୍ଦ୍ଧୂମ ବୁଲେ ବି ସେମିତି । ହାଡ଼ିସାହି, ରିକ୍ସାବାଲା ବସ୍ତି, କୁଲି ମଜୁରିଆଙ୍କର ସରୁ ସରୁ ଅଣଓସାରିଆ ଗଳି କନ୍ଦିରେ ବୁଲି ମୁଁ ଦେଖିଛି—ଲୋକେ କେଡ଼େ ଅସୁବିଧାରେ ଚଳୁଛନ୍ତି । କେମିତି ହେକ ଉପାସରେ ଜୀବନ କାଟୁଛନ୍ତି । କେଡ଼େ ହୀନମାନିଆ ଜୀବନ ତାଙ୍କର । କି ହୀନସ୍ଥିତିରେ ହୁଅନ୍ତି ସେମାନେ ମଣିଷ ପିଲା, ମଶା ମାଛି ଭଳି ସାଲୁବାଲୁ ହୋଇ ରାସ୍ତା କଡ଼ରେ ମରି ଗଡ଼ିଯା'ନ୍ତି । ତୁମେସବୁ ବିଶ୍ୱାସ କରିବନି । ତୁମକୁ ଗୋଟିଏ ଦିନର ଅନୁଭୂତି କହିବି । ନିଜେ ମୁଁ ଦେଖିଛି—ସହରର ଗୋଟିଏ ଅମୁହାଁ ଗଳିରେ ଭଙ୍ଗା ଘରଟିଏ । ଘରେ ଥାଏ ଗୋଟିଏ ବୁଢ଼ା । ଷାଠିଏ ସତୁରି ବର୍ଷର ଶ୍ୱାସ ରୋଗୀ । ବୁଢ଼ୀର ଅଣ୍ଟା ନଇଁପଡ଼ିଲାଣି । କିନ୍ତୁ ଆଖି ପିଛୁଳାକେ କୋଉଶି ବାଟେ ସେ ଚାଲିଯିବ । ଛତରା ପୁଅଟିଏ । ଗୁଡ଼େ ଛତରା ପିଲାଙ୍କ ସଙ୍ଗେ ମିଶି ଗୁଲି ଖାଏ । ବଡ଼ ଠାଣେ ଆଉ ଜୁଆ ଖେଳେ । ଝିଅଟିଏ ଦେଖିବାକୁ ଠିକ୍ ପ୍ରତିମା ଭଳି । ବୁଢ଼ୀ ଝିଅକୁ ସବୁଦିନେ ସଞ୍ଜବେଳେ ବେଶବାସ କରି ଗୋଟେ ହୋଟେଲରେ ନେଇ ଛାଡ଼ିଦେଇ ଆସେ । ବୁଢ଼ା ବୁଢ଼ୀ ଝିଅ ଆସିବାକୁ ଚାତକ ଭଳି ଅନେଇ ରହିଥାଆନ୍ତି । ଛତରା ପୁଅଟା କୁଆଡ଼ୁ ବୁଲି ବୁଲି ଆସି ଦାଣ୍ଡ ପିଣ୍ଡାରେ ଶୋଇଯାଇଥାଏ । ଝିଅ ହୋଟେଲରୁ

ଫେରୁ ଫେରୁ କୋଉଦିନ ବାରଟା ତ କୋଉଦିନ ଗୋଟେ । ହାତରେ ତାର ଗୁଞ୍ଜା ହୋଇଥାଏ ତିନି ଚାରିଟା ଟଙ୍କା । ବେଳେ ବେଳେ ସେ ଶାଢ଼ୀ ଭିତରେ ଲୁଚେଇ ଆଉ ଟଙ୍କେ ଦି' ଟଙ୍କା ବି ଆଣେ । ହୋଟେଲ ମାଲିକ ଯେମିତି ଜାଣି ପାରିବେନି । ଫେରିଲାବେଳେ ହୋଟେଲରୁ ଭାତ, ଡାଲି, ତର୍କାରି ସେ ସାଙ୍ଗରେ ନେଇ ଆସେ । ନିଶା ଗର୍ଜିଲା ବେଳକୁ ଘଣ୍ଟେ ରିକ୍ସା କରି ସେ ଘରକୁ ଫେରେ । ବୁଢ଼ା ବୁଢ଼ୀ ସେତେବେଳକୁ ଶୋଇ ନଥାନ୍ତି । ଗୁଲିଖିଆ ପୁଅଟା ମଶାରେ ବାଡ଼େଇ ଛେଚା ହଉଥାଏ । ଝିଅ ଆସି ଦୁଆରେ ଡାକ ଛାଡ଼ିଲେ ବୁଢ଼ା ବୁଢ଼ୀଙ୍କ ପିଣ୍ଡରେ ପ୍ରାଣ ପଶେ । ଦାଣ୍ଡ ପିଣ୍ଡାରେ ପଡ଼ିଥିବା ଟୋକାଟାର ନିଦ ସାଙ୍ଗେ ସାଙ୍ଗେ ଭାଙ୍ଗିଯାଏ । ବୁଢ଼ା ବୁଢ଼ୀ ଆଉ ପୁଅ ଆଗ ଖାଇଲାଗନ୍ତି । ପେଟ ଟିକିଏ ଶୀତଳ ହୋଇଗଲେ ବୁଢ଼ୀ ଝିଅଆଡ଼କୁ ଅନାଏ । ଦେଖେ, ଝିଅର ମୁଣ୍ଡ ବାଳ ଆଲୁବାଲୁ ହୋଇଯାଇଛି ଓ ମୁହଁଟା ତାର ଛେଚେଇ ପଡ଼ି ଯାଇଛି । ମୁଁ ଥାଏ ବୁଢ଼ା ଘରଠୁ ପାଞ୍ଚ ଛ'ଟା ଘର ଛଡ଼ା । ତାଙ୍କ ଘର ଭିତରଟା ଆମ ଝରକା ଭିତରୁ ଭଲଭାବରେ ଦେଖାଯାଏ । ଏମିତି ଅନେକ ଅନେକ କଥା—

ସମସ୍ତେ ଗୋକୁଳବାବୁଙ୍କ ଆଡ଼କୁ କେବଳ ଅନେଇ ଥାଆନ୍ତି । ରାଧୁ ବି ଅଟକନିଶ୍ୱାସୀ ହୋଇ ଅନେଇଛି । ଆଖିରେ ତାର ପଲକ ପଡୁନି ।

"ଏଇସବୁ ଦେଖି ମୁଁ ଠିକ୍ କଲି—ଆମରି ଏଇ ସ୍ଥାନମାନଆ ଆଉ ହତଭାଗ୍ୟ ଲୋକଗୁଡ଼ାକ କେମିତି ମୁଠେ ମୁଠେ ଖାଇବାକୁ ପାଇବେ । ପିନ୍ଧିବେ ଓ ଶିକ୍ଷା ପାଇବେ । ମୋ ହାତରେ ବା ଅଛି କ'ଣ ? କ'ଣ ବା ମୁଁ କରିପାରିବି ? ଆଗରୁ ତ ବ୍ଲକରେ ଯାଇଛି । ଦିନେ ଠିକ୍ କଲି ବ୍ଲକରେ ଆଉ କରିବିନି । ଭଉଣୀମାନେ ଆସି

ଅନେକ ବୁଝେଇଲେ । ତିନି ଭଉଣୀଯାକ ଗାଳିଦେଲେ । ବାପର ନାଁ ପକେଇବ । କୁଳ ବୁଡ଼େଇଦେବ ବୋଲି ବି ସେମାନେ କହିଲେ । କନ୍ୟାଟିଏ ଠିକ୍ କରି ଦେଇଥିଲେ ବାହା କରିଦବାକୁ । ହାତକୁ ଦି'ହାତ ହେଇଗଲେ ମନ ଘର ଧରିଯିବ । କିନ୍ତୁ ଦିନେ— ମୁଁ କାହାକୁ କିଛି ନକହି ଲୁଗାପଟାତକ ଓ ଆଉ କିଛି ଆବଶ୍ୟକୀୟ ଜିନିଷ ସାଙ୍ଗରେ ଧରି ଘରୁ ଚାଲିଆସିଲି । ଘର ପାଖର ଜଣେ ଲୋକକୁ ଘରଟା ଦେଇଦେଇ ଆସିଛି । ଯାହା କିଛି ଟଙ୍କା ଘର ଭଡ଼ାରୁ ମିଳେ, ସେ ମାସକୁ ମାସ ପଠେଇ ଦିଏ । ସେଇଦିନୁ ମୁଁ ଆଉ ଘରକୁ ଯାଇନି । ଚିଠି ବି କାହା ପାଖକୁ ଦେଇନି । ଠା'କୁ ଠା ବୁଲି ଏଠେଇ ଆସି ପହଞ୍ଚିଛି । ନରଣପୁର ଗାଁଟା ମୋତେ ଭଲ ଲାଗୁଛିବୋଲି ମୁଁ ଏତେ ଦିନ ଏଠାରେ ରହିଗଲିଣି । ଗୋକୁଳ-ବାବୁ ତଳକୁ ମୁହଁ ପୋତି ଚୁପ୍ ରହିଲେ ।

ତାଙ୍କ ପାଖେ ଘେରି ବସିଥିବା ଲୋକେ କହିଲେ— ଆମେ ଆପଣଙ୍କୁ ଛାଡ଼ି ଦବୁନି, ଗୋକୁଳବାବୁ ।

ରଘୁ ଯେତେବେଳକୁ ତା' ଯାଗାରୁ ଉଠି ଗୋକୁଳବାବୁଙ୍କ ପାଖକୁଲାଗି ଠିଆହୋଇଛି । ତାଙ୍କୁ ଗାଁକୁ ଡାକି ନବାକୁ ଯେ ସିଏ ଆସିଛି ଏ କଥା ବି ରଘୁ ଭୁଲିଗଲା । ଆଜି ଗୋଟେ ନୂଆ କଥା । କେବେହେଲେ ନିଜ ବିଷୟରେ ସେ ଏତେ ସମସ୍ତ ଧରି ଗପନ୍ତିନି । ତାଙ୍କ ସାଙ୍ଗରେ ନରଣପୁରରେ ଯେଉଁ ଲୋକେ ଚଳ ପ୍ରଚଳ ହୁଅନ୍ତି ସେମାନେ ଆଜି ନୂଆ କରି ଏକଥା ଜାଣୁଛନ୍ତି । କଥା ଭିତରେ ଏତିକି—ଗୋକୁଳବାବୁ ପଅରିଦିନ କ'ଣ ଗୋଟେ ଲଫାପା ଚିଠି ପାଇଛନ୍ତି । ସେଇଟାକୁ ଦିନସାରା ସେ ପଢ଼ୁଛନ୍ତି । ପକେଟରେ ପକେଇଛନ୍ତି । ଯୋଉଠି ଟିକିଏ ବସିପଡ଼ିଲେ ପକେଟରୁ କାଢ଼ି ସାଙ୍ଗେ ସାଙ୍ଗେ ଧରିଲେ ଚିଠି ।

ଗାଁ ଲୋକେ ଗୋଟି ଗୋଟି ହୋଇ ସେମାନଙ୍କ ଘରଆଡ଼େ
ାରିଲେଣି । ଆଉ ଯୋଦ୍ଧାମାନେ ଏପଟ ସେପଟ ହଉଥିଲେ
ାକୁଳବାବୁ ସେମାନଙ୍କୁ ଡାକି କହିଲେ—ତୁମେ ସବୁ ଯାଅ ।
ଡାକିବାକୁ ଆସିଛି । ମୁଁ ଆଜି ମାନସିଂହ ପାଟଣା ଯିବି ।

କାହିଁ—? ଗାଁ ଲୋକଙ୍କରୁ କିଏ ଜଣେ ପଚାରିଲା ।

ଗଲା ମାସରେ ବଜ୍ରକୋଟ ଲାଗିଲା ଦିନ ଆମ ଗାଁରେ ଯେମିତି
ଟେ ଗ୍ରେଟକାଠର ଖିଆପିଆ, ଭାଗବତ ପଢ଼ା ଓ ଖେଳ
ସା ହୋଇଥିଲା ସେ କଥା ମୁଁ ଲୋକଙ୍କ କହିଥିଲି । ମାନସିଂହ
ଣାର ଆଉ କେତେ ଲୋକଙ୍କୁ ବି କହିଥିଲି । ଆମ ଗାଆଁ
ରେ ସେମାନେ ବୋଧେ ସେମିତି ଗୋଟେ ଆରମ୍ଭ କରିଛନ୍ତି ।

ଖେଳ ତାମସା କିଛି ନାହିଁ । ଲୋକ ଖାଇ କହିଛି କେବଳ
ଧରଣର ସଭାଟିଏ ହବ ।

ଗାଁ ବାଲା ଯିଏ ଯାହା ଘରଆଡ଼େ ଗଲେ ।

ଠିଆ ହୋଇଥାଆନ୍ତି କେବଳ ରାଧୁ ଆଉ ଗୋକୁଳବାବୁ ।

ଏଇନେ ତା'ହେଲେ ଯିବା ? ଗୋକୁଳବାବୁ ପଚାରିଲେ—
ତୁମେ ଆଗରେ ଚାଲିଯିବ ମୁଁ ପଛରେ ଯିବି ।

ଆପଣଙ୍କ ଇଚ୍ଛା ।

ମୋର ଅଳ୍ପ ଡେରି ହବ । ଜରୁରୀ ଚିଠି ଖଣ୍ଡେ ଆଜି
ରେ ଉତ୍ତର ଦବାକୁ ଅଛି । ଝାଡ଼ା ଝପଟ୍‌ଟା ବି ସାରୁ ଦବାକୁ
।

ତା'ହେଲେ ମୁଁ ଅପେକ୍ଷା କରୁଛି ?

ତୁମର ଆଉ କିଛି କାମ ନାହିଁ ତ ?

ନାଁ—

ନଂ.........
ତା.........
ରାଉରକେଲା

ଅଳ୍ପ ଅପେକ୍ଷା କର । ଏହି ଅଧଘଣ୍ଟା ଭିତରେ ମୁଁ ସବୁ ସାରି ଦେଉଛି । ଗୋକୁଳବାବୁ ରଘୁକୁ ତାଙ୍କ ଘର ଭିତରେ ନେଇ ବସେଇଲେ । ତା' ଆଗରେ ପକେଇ ଦେଲେ ଖଣ୍ଡେ ଖବରକାଗଜ କହିଲେ—ରଘୁ, ତୁମେ ପଢୁଥାଅ କି ମୁଁ କାମତକ ସାରିଦିଏ ।

ରଘୁ ଖବର କାଗଜ ପଢୁଛି ଏଣେ ଭାବୁଛି ଗୋକୁଳବାବୁଙ୍କ କଥା ।

ଗାଁ ମାଇନର ସ୍କୁଲକୁ ଲାଗି ଗୋଟିଏ ଛୋଟିଆ ବଖର ପିଲାଙ୍କ ହଷ୍ଟେଲ ଆଡ଼କା । ସେଇଠି ରହନ୍ତି ଗୋକୁଳବାବୁ । ସ୍କୁଲ ସହିତ ସେ ଘରର ସଂପର୍କ କିଛି ନାହିଁ । ଘର ଗୃହପାଖେ ଛୋଟ ବଗିଚୁଟିଏ । ବଗିଚୁଟା ସଦାବେଳେ ହସି ଉଠୁଥାଏ । ଗୋକୁଳ ବାବୁ ହାତେ ହାତେ ସବୁ କାମ କରନ୍ତି । ମାଟି କୋଡ଼ିବାଠୁ ଆରମ୍ଭ କରି ପାଣି ଦବା ପର୍ଯ୍ୟନ୍ତ । ଜହ୍ନି, ଭେଣ୍ଡି ବାଇଗଣ ଓ କୋଶଳ ଗଛରେ ବଗିଚୁଟି ଭରା । ପରିବା ସକାଶେ କାହାକୁ ନିର୍ଭର କରିବାକୁ ପଡ଼େନି । ବଗିଚୁର ଫାଟକ ପାଖରେ ଠିଆ ଦି'ଟା ଗୁଆଗଛ ବାଡ଼ରେ କଂଚନ ଫୁଲ ଫୁଟିଛି । କଂଚନ ଆଉ କାଇଁଚଳ ବଗିଚୁ ବାଡ଼ର ବାଇଗବା ଗଛ ଉପରେ ଲଟେଇ ହସ କୁରୁ କୁ ମୁହଁରେ ମୁଣ୍ଡ ହଲେଇ କେତେ କ'ଣ ଗୀତ ଗାଇ ଯାଉଛି ।

ଏଇଠି ରହନ୍ତି ଗୋକୁଳ ବାବୁ ଆଠ ଦ'ଶ ବର୍ଷ ହେ ରହିଲେଣି । ସେଇ ଘରେ ଖବରକାଗଜ ପଢୁ ପଢୁ ରଘୁ ଗୋକୁଳ ବାବୁଙ୍କ କଥା ମନେ ମନେ ଭାବୁଥିଲା ।

କେଡ଼େ ଭଲ ମଣିଷ ଏଇ ଗୋକୁଳବାବୁ । କେଡ଼େ କେ ଜାଗାରେ ଭଉଣୀମାନଙ୍କୁ ବାହା ଦେଇଛନ୍ତି । ଘର ଛୁ ବାବନାଭୂତ ଭଳି ଏଣେ ତେଣେ ଘୂରି ବୁଲୁଛନ୍ତି । ଏ ଗାଁ ସେ ଗାଁ । ଏ ଜଗାକୁ ସେ ଜାଗା । ଯୋଉ ଜାଗାରେ ଦେଖ

ଲୋକମାନଙ୍କର ଶିକ୍ଷାଦୀକ୍ଷାର ଅଭାବ, ଲୋକେ ଅନ୍ଧାରରେ ଅଛନ୍ତି, ସେଇଠି ତାଙ୍କ ଆସ୍ଥାନ ଜମେଇଲେ । ବୟସ ପଞ୍ଚତିରିଶ, ତିଶ । ତମ୍ବା ରଙ୍ଗର ବର୍ଣ୍ଣ । କୁଂଚୁକୁଂଚିଆ ବାଳ । ମୋଟା ମାଟା ନଶ ଦ'ପଟା । ମାଷ୍ଟ୍ର କ ମ' କହ୍ନବେନ । ତାଙ୍କଠୁ କଥା ଶୁଣିବାକୁ ଭାରି ଭଲଲାଗେ । ଆଜ୍ଞା, ଆପଣ ଛଡ଼ା ତାଙ୍କ ପାଠିରୁ ାଜ କରୁଛି ବାହାରେନ । ଲୋକଙ୍କୁ କ'ଣ ଗୋଟେ ବିଷୟରେ ବୁଝେଇଲା ବେଳେ, କି ପିଲାଙ୍କୁ ପାଠ ପଢ଼େଇଲାବେଳେ ତାଙ୍କୁ ଭକ ଶୋଷ କରେନ ।

ରାଧୁ ଖବରକାଗଜରୁ କ'ଣ ଯେ ପଢ଼ୁଛି ନଜେ ଜାଣିପାରୁନ । ଏକଲୟ ଆଉ ଏକ ଧ୍ୟାନରେ ସେ ଭାବୁଛି ଗୋକୁଳବାବୁଙ୍କ କଥା ।

ଲୁଗାପିନ୍ଧି ସେ ବାହାରି ପଡ଼ଲେଣି । ରାଧୁ କାଗଜ ଆଡ଼କ ନେଇଛି । ମନ ତା'ର କାହିଁ କୁଆଡ଼େ ଘୂରି ବୁଲୁଥିଲା । ଆଗରେ ଦେଖିଲା ଗୋକୁଳବାବୁ ।

ବଦେଁ ବାହାରିଲେ ମାନସିଂହ ପାଟଣା । ଖରା ଥାଉ ଆଜ ହଞ୍ଚିଗଲେ ଅତି ଉତ୍ତମର କଥା ।

## —ଛଅ—

ଗଉସ ଆଖି ଟିକିଏ ପକେଇ ଦେଇଛି କି ନାହିଁ ବୋଉ ଆସି ଡାକିଲା—ଉଠିଲୁଲ ଝିଅ, ଧାନତକ ପଣିଦବା ।

ନିଦ ତାର ଗୁଉଁକିନା ଭାଙ୍ଗିଗଲା । ଉଠିବାକୁ ଇଚ୍ଛା ହଉନ । ଟିକିଏ ହେଲେ ଆଖି ବୁଜିହଅନ୍ତା କି ? କଣ୍ଠା ଉପରେ ଲଟେଇଥିବା ନଖୁଆ ଲତାଟିକୁ ଭିଡ଼ିଆଣିଲେ ତାର କଅଁଳ କଅଁଳ ଡଙ୍କଗୁଡ଼ିକ ଯେପରି ଛିନ୍ଡି ଉଡ଼ିଯାଏ, ଗଉସର ମନ ବୋଉ ଡାକରେ ସେହିପରି ଛତ ବିଛତ ହୋଇଯାଉଥିଲା । ଉଠିବାକୁ ତାର ଇଚ୍ଛା ନାହିଁ । ସେ ଶୋଇ ରହି କେତେ କଣ ଭାବିବ । ଆଖି ଦରମେଲା କରି ଅଧା ଘୁମ ଓ ଅଧା ନିଦ ଅବସ୍ଥାରେ ସେ କେବଳ ମନେ ପକେଇବ ଲେଙ୍କା ଭାଇ କଥା ।

କିନ୍ତୁ ନ ଚଳେ ନ ଚଳେ । ସୋଦସ୍ତବୋଉଟା ହେଲେ ଆସିଯାଆନ୍ତା ? ଢିଙ୍କିରେ ଆସି ଅଳ୍ପ ଗୋଡ଼ ଲଗେଇ ଦିଅନ୍ତା । ଗଉସ ଉଠିବସିଲା । ହାତ ଆଙ୍ଗୁଠିଗୁଡ଼ାକ ତା'ର ଫୁଟେଇଲା । ଗୋଟେ ଯୋଡ଼େ ହାଇ ମାରିଲା । ଉଠିପଡ଼ି ସାଙ୍ଗେ ସାଙ୍ଗେ ଧରିଲା ଯାଇ ଟୋକେଇ । ମୁନ୍ଦୁରରେ ଶୁଖୁଥିବା ଧାନ ଟୋକେଇଏ, ଟୋକେଇଏ କରି ସେ ଢିଙ୍କିରେ ନେଇ ପଣିଦବ ।

ବୋଉ ଆଗୁଆ ଯାଇ ଗୁଞ୍ଜୁଣୀରେ ଢିଙ୍କିମୂଳଟା ଓଳେଇବାରେ ଲାଗିପଡ଼ିଛି । ସେ ଶୁଖେଇ ଦବ । ଗଉସ ବେଗେ ଟିକିଏ ଗୋଡ଼ ଚଳେଇ ଦେଲେ ଆଖି ପିଛୁଳାକେ ଅରୁଆ ଚାଉଳ ତକ ନେଇ ଢିଙ୍କିଶାଳରୁ ସେମାନେ ବୁଲିଯିବେ ।

ଗଉରୀ ଖୋସଣିଟା କୋଉରରେ ଭିଡ଼ି ଦେଇ ଅଣ୍ଟା ଗୃହପାଖେ ପଣତଟା ଗୁଡ଼େଇ ଆଣିଲା । ମୁହଁ ଉପରେ ତାର ଦୋଳଖେଳୁଛି ଅଡ଼ୁଆତଡ଼ୁଆ ବାଳ । କାନମୂଳ ପାଖରୁ ସେଗୁଡ଼ାକ ଉଡ଼ିଆସୁଛି । ହଳଦିବୁଡ଼ା ଲୁଗାଟା ଦେହରେ ସମାନ ହୋଇ ରହିପାରୁନ । ଅଡ଼ୁଆ ବାଳଗୁଡ଼ାକ ମୁଣ୍ଡ ଉପରକୁ ଉଠେଇନେଇ ଗଉରୀ ଲୁଗାଟା ସଜାଡ଼ି ନେଲା । ଧାନତକ ଆସ୍ତେ ଆସ୍ତେ ବୋହି ଆଣିଲା । ଅଣ୍ଟା ଉପରେ ଟେକେଇ ଥୋଇ ଦଶ ଗଉଣୀ ଧାନକୁ ଦି'ଥରରେ ସେ ନେଇ ଆସିଲା । ବୋଉ, ଆଗରୁ ଆସି ଢିଙ୍କିମୁଣ୍ଡେ ବସିରହିଛି ।

ଚାଲିଲା ଧାନକୁଟା—

ଢିଙ୍କିଶାଳଟା ଏଡ଼ିକି ଟିକିଏ ଘର । ଝୁଣ୍ଟି ଦି'ଟା ଦି'ପଟେ ଢିଗ ଦିଆହୋଇ ଚାଳଆଟେ ଠିଆହୋଇଛି । ଚାଳଆରେ ହଜାରେଟା ହବ ଜଳା । ବର୍ଷା ହେଲେ ତ କଥା ଛାଡ଼ି ଦିଅ । ଖରାବେଳେ କୁଟିଲେ ଚାଳର ବଡ ବଡ ଫାଙ୍କ ଦେଇ ଖରା ଏତେ ଜୋରରେ ଆସେ ଯେ ସେଇଥିରେ ଗୋଟା ଗୋଟା ଝାଳ ବୋହିଯାଏ । ଅଳନ୍ଧୁ ଓ ବୁଢ଼ୀଆଣୀ ବସାରେ ଚାଳଯାକ ଭର୍ତ୍ତି । କାନ୍ଥଯାକ କୁଣ୍ଡାରେ ଭରା । ଘରର କଣକୁ କର ଅଳିଆ ଗୁଡ଼େ ଜମାହୋଇଛି । ତା'ର ଉପରେ ବରାଡ଼ଟେ ଝାଡ଼ାଫେରିଛି । ଗନ୍ଧରେ ନାକ ଫାଟିପଡୁଛି । ବାହାରେ ନେଇ ପକେଇଦେଲେ ହୁଅନ୍ତା । ଝାଡ଼ା ଫେରିଲାବେଳୁ ସମସ୍ତେ ବାଡ଼ି ଖଣ୍ଡେ ଖଣ୍ଡେ ଧରି ବରାଡ଼କୁ କେବଳ ମାରି ଗୋଡ଼େଇଛନ୍ତି । ଝାଡ଼ାତକ ବାହାରେ ନେଇ ଫିଙ୍ଗିଦେବାକୁ କାହାରି ଖିଆଲ ନାହିଁ । କାହା ମନକୁ ବ ଆସୁନ ।

ଢିଙ୍କିଟା ଜୋର୍‌ରେ କୁଟି ଲାଗିଛି । ନାଲି ନାଲି ଗୁଳଳ କୁଣ୍ଡା ଓ ଚଷୁ । ଢିଙ୍କିଟା ଥରେ ଉଠିଗଲା ବେଳକୁ ବୋଉ ଧାନତକ ଭଇଣ୍ଡି ଭିତରୁ ଖେଳେଇ ଆଣୁଛି । ଗଉଷ ତା ଆଗରେ ଝୁଲୁଥିବା ଗୋଟେ ପାଲଦଉଡ଼ି ଉପରେ ଦି' ହାତକୁ ଭର ରଖି କୁଟି ଲାଗିଛି । ଏଣେ ମନେ ମନେ ଭାବୁଚାଲିଛି—ସୋଦଷ ବୋଉଟା ହେଲେ ଆସି ଯାଆନ୍ତା କି ?

ବାଡ଼ ଖଣ୍ଡେ ଧରି, ସରୁ ଓଢ଼ଣା ପକେଇ, ବାଉଆଡ଼ ଆସ୍ତେ ଆସ୍ତେ ଘର ଭିତରକୁ ପଶି ଆସୁଥିଲା ସୋଦଷବୋଉ ।

ଗଉଷ ଢିଙ୍କିଟା ବନ୍ଦ ରଖି କହିଲା—ବୁଝିଲ, ସୋଦଷ ବୋଉ—କେତେ ଦିନ ଯେ ତୁ ବଞ୍ଚିବୁ, ସେ କଥା କହିହବନି ତୋରି କଥା ଭାବୁ ଭାବୁ ତୁ ଆସି ପହଞ୍ଚିଗଲୁଣି ।

ସୋଦଷବୋଉ ଏଡ଼େ ପାଟି କରି କହିଲା—ବୁଝିଲୁ ପଇତ୍ର ଘର ଝିଅ, ତୁ ଏ ଭୁଆସୁଣୀ ଝିଅଟାକୁ କାହିଁ ଢିଙ୍କିରେ ଚଢ଼େଇଛୁ। ତୋତେ କ'ଣ ଆଉ କେହି ହେଲେ ମିଳିଲେନି ?

ମନ୍ତୁ ଖୋଜୁଥିଲା ଯୋଉଆ, ବଇଦ ବତେଇଲା ସେଇଆ । ଗଉଷ ସୋଦଷ ବୋଉର ହାତ ଧରି ଢିଙ୍କି ଉପରେ ଆଣି ଚଢ଼େଇ ଦେଲା । ଆପେ ଓହ୍ଲେଇ ଆସିଲା । କୋଣଲା କଆଷ, ବାଇଚ କଆଷ ଓ ନେଉଟିଆ କଆଷରେ ସେ ପାଣି ପକେଇବ । ତା ପରେ ଘରଓଳା ଆଉ ସଞ୍ଜ ଦବା ।

ଗଉଷ ହାଣ୍ଡିଶାଳକୁ ଯାଇ ଗରାଟା ନେଇଆସିଲା । ସି ସିଧା ଚାଲିଲା ଗାଡ଼ିଆ କୂଳକୁ । କାଖରେ ଗରା । ହଲି ଦୋହ ସେ ଚାଲିଛି । ଚାଲିରେ ତାର କୋଉ ଏକ ପ୍ରାଣମତାଣିଆ ରାଗିଣୀ ଛନ୍ଦ । ଚାହାଣୀରେ ଭବିଷ୍ୟତ ଜୀବନ ତା'ର ଆସି ଉଙ୍କି ମାରୁଛି ବାଉଆଳିଆ ଡଗଟେ, ଅଁଳା ଆଉ ମଧମାଳଣ୍ଣ ଗଛ ଆଗରେ ।

ଛୁଇଁଦେଲାବେଳେ ଗଛରେ ଧରିଥିବା କଡ଼ଗୁଡ଼ାକ ଫଟିଥିବା ଫୁଟି ଉଠିଲା । ପାଦ ତଳର ଘାସ, ଗାଛ ସବୁଜିତ ହୋଇଉଠିଲା ଗଉଣୀର ପରଶପାଇ ।

ଗଡ଼ରେ ପାଣି ଆଣି ସେ କୋଣଲା କଆଣ୍ଡରେ ପକେଇଲା । ତାର ମୁହଁପାଖରେ ହାତଦେଇ ସେ କଆଣ୍ଡପାକ ଛୁଞ୍ଚ ଛୁଞ୍ଚ ପକେଇବାରେ ବ୍ୟସ୍ତ । ତା'ପରେ ନେଉଟିଆ କଆଣ୍ଡ । ପାଣି ପକେଇ ଗଉଣୀ ଅନେଇଲା—ପାଣି ପଡ଼ି ଶୁଖିଲା ଶାଗ କଆଣ୍ଡ ଗୋଡ଼ାକ ବଡ଼ ସୁନ୍ଦର ଦେଖାଯାଉଛି । ତା'ପରେ ସେ ଗୁଲିଲା ବାଇଗଣ କଆଣ୍ଡଆଡ଼େ ।

ତଳକୁ ଅନେଇ ଦେଇ ଗଉଣୀ ହେଣ୍ଡିଟେ ଆଗ ମାରିଦେଲା । ଁ' ତିନଥର ତେଇଁ ନାଚିଗଲା । ଗଣ୍ଠା ଶାଗ କଆଣ୍ଡରେ ଥୋଇ ଦେଇ ଡାକିଲା—ବୋଉ—ଏ ବୋଉ – ଦେଖିଲୁଣି ଲୋ—

ବୋଉ ଅଖାରେ ଗୁଡ଼ଳଡଜ ସାଇତି ରଖୁଥିଲା ଗମ୍ଭିରୀ ରେ । ଗୁଡ଼ଳ ରଖୁ ରଖୁ କହିଲା—କ'ଣ କଲୁ ଗଉଣୀ—

ଗଉଣୀ ଘର ଭିତରକୁ ଦଉଡ଼ିଗଲା । ବୋଉ ହାତରୁ ଉଡିଟା ଛଡ଼େଇନେଇ ତଳେ ରଖିଦେଲା । ତେଣୀଠା ତା'ର ଡ଼ି ଧରି ନେଇଆସିଲା । ଆ—ଦେଖିବୁ ଆ—

କ'ଣ ତା ମାଁ—ନାଇଁ—

ଆ'ସେ ମାଁ—

ଗଉଣୀବୋଉକୁ, ବାଇଗଣ କଆଣ୍ଡ ପାଖକୁଆଣି ନଇଁପଡ଼ି ନେଇବାକୁ କହିଲା—ହେଇଟି—ତା'ରି ସନ୍ଧିରେ, ଦେଖିଲୁଟି ?

ମତେ ତ ଦିଶୁନି—

ଗଉରୀ କିଆରୀ ଭିତରକୁ ପଶିଗଲା । ଲୁଗା ଟା ବାଇଗଣ କଣ୍ଟାରେ ଲାଗିଯାଉଛି । ସିଆଡ଼କୁ ତା'ର ନଜର ନାହିଁ । ପତର-ଗୁଡ଼ାକ ଉପରକୁ ଟେକିଦେଇ କହିଲା—ଦେଖିଲୁଣି ?

କଳା କଳା ହୋଇ ଲମ୍ବା ବାଇଗଣ ଯୋଡ଼ାଏ କଷି ଧରିଛି । ଫୁଲରେ ଗଛ ଅଜାଡ଼ି ହୋଇପଡ଼ୁଛି । ଧାଡ଼ି ଧାଡ଼ି ହୋଇ ମୁଣ୍ଡ ହଲଉଛି ବାଇଗଣ କିଆରୀ । ଶାଗ କିଆରୀରୁ ଗଗଟା ଉପାଡ଼ି ନେଇ ଗଉରୀ ପୁଣି ଚାଲିଲା ଗାଡ଼ିଆଆଡେ । କଷି କଷି ବାଇଗଣ ଗୋଟେ ପୋଡ଼ିଦେଇ ଲୁଣ ଲଙ୍କା ଟିକିଏ ମକଚିଦେଲେ ସକାଳର ପଖାଳ ବେଳକୁ ସାଙ୍ଗେ ସାଙ୍ଗେ ଉଠିଯିବ । ଗଉରୀ ମନେ ମନେ ଭାବୁଛି—ବାଇଗଣ କିଆରୀଯାକ ଯେତେବେଳେ ଲମ୍ବା ଲମ୍ବା କଳା ବାଇଗଣ ଓହଳି ପଡ଼ିବ କେତେ ସୁନ୍ଦର ଦେଖାଯିବ ? ଆଜି ସେ ବାପାଙ୍କୁ କହିବ—କିଆରୀ ଚାରିପାଖେ କଣ୍ଟା ବୁଜିଦେବେ । କାହାର ନଈଁ ସିଆ ଗୋରୁ ପଦେ ଆସି ପଶିଲେ ସବୁ ଲଣ୍ଡୁ କରିଦେବ । ଗଉରୀ ଗାଡ଼ିଆରୁ ପାଣି ଆଣୁ ଆଣୁ ଭାବୁଛି—ବାଇଗଣ କିଆରୀରେ ଆଜି ବେଶିକରି ସେ ପାଣି ପକେଇବ ।

ବୋଉ ଚାଲିଲା ଗମ୍ଭିରୀ ଘରକୁ । ଚୂଲିଲ ତଳ ଥୁଆ ସରି ଏଇଥିପାଇଁ ଗଉରୀ ଉଡ଼ିଆସିଲା ? ଘର ଭିତରକୁ ପଶି ଯା... ଯାଉ ରଞ୍ଜାରେ ଲଟେଇ ଥିବା କାକୁଡ଼ି ଗଛରୁ କଷି କାକୁଡ଼ି... ଉପରେ ଅଳ୍ପ ଟିକିଏ ନଜର ପକେଇ ଦେଇ ସେ ତରତର... ଚାଲିଗଲା ।

ଗଉରୀର ବାଆଁ ପଟ ଅଣ୍ଟା ଓ ଜଙ୍ଘ ଉପର ଲୁ... ପାଣିରେ ଭିଜିଗଲାଣି । ପାଣିରେ ସପି ଯାଇଥିବା ଲୁଗା ଭିତରୁ ତା'... ଖୁନ୍ଦିଦେଲା ଭଳି ଦେହ ଫୁଟି ଦେଖା ଯାଉଥିଲା । ନିଖୁଣ ମ... ଓ ନିଖୁଣ ଶରୀର । ନିଜ ଦେହ ଆଡ଼କୁ ଗଉରୀର ନଜର ନା...

ଲୁଗାଟା ଖସିଗଲେ ବି ସେ ସଜାଡ଼ି ଦଉନି । କେହି କୁଆଡ଼େ ହେଲେ ନାହାନ୍ତି । ଆଉ ବାଡ଼ିରେ ଶନିଆଁ ଟା ସଜନା ଗଛରେ ଚଢ଼ି ସଜନାଛୁଇଁ ପାରୁଛି । ଶନିଆଁ ଟା ପିଲାଟେ ।

ଗଉଣ୍ଣି ଦେହର ଲୁଗାପଟା ସଜାଡ଼ିଲାନି । ଭୂତ ଲାଗିଲା ଭଳି ଗରାକୁ ଗରା ପାଣି ଆଣି ସେ ବାଇଗଣ କିଆରିରେ ପକେଇ ଲାଗିଲା । ତା'ପରେ ସଞ୍ଜବେଳା ଝୁଣି ଘର ଓଳିଆ । ସାଧୁଭାଇ ନରଣପୁର ଯାଇଛି । କେତେବେଳେ ଫେରୁଛି କେଜାଣି ? ଗାଁରେ ଆଜି ବିଜୁଳିବତୀ ଲାଗିବ । ଭୋଜି ଭାତ ଓ ସଭା କରେଇଛି ଲୋକ ଭାଇ । ତା'ର ଲୋକ ଭାଇ—

## —ଯାତ—

ଗୁଣ୍ଡଲ ମାନେ କାନରେ ବାନ୍ଧି ସୋଦଣ୍ଣିବୋଉ ବାଡ଼ି ଠୁକ୍ ଠୁକ୍ କରି ଘରଆଡ଼ୁ ଚାଲିଆସୁଥିଲା । ବୁଢ଼ୀର କୁଠାମୁଲା । ଘରେ ତା'ର କେହି ବୋଲି କେହି ନାହାନ୍ତି । ଗୋଟିଏ ବୋଲି ପୁଅ ରେଙ୍ଗୁନ ଯାଇଥିଲା । ପ୍ରଥମେ ପ୍ରଥମେ ଟଙ୍କା ଓ ଚିଠି ପଠଉଥିଲା । ଗୁର ପାଞ୍ଚବର୍ଷ ପରେ ଚିଠିର ଦେଖାନାହିଁ କି ଟଙ୍କାର ଦେଖାନାହିଁ । ତା' ପାଖକୁ ତାର କଲେ ବି ତାର ଫେରିଆସିଲା । ପୁଅ ଆଉ ସେ ଜାଗାରେ ନାହିଁ । ଆଉ କୁଆଡ଼େ ଚାଲିଗଲାଣି । ଗାଁ ପାଖର ଜଣେ ଏବେ ଦଶବର୍ଷ ପରେ ରେଙ୍ଗୁନରୁ ଫେରିଛି । ସେ କହୁଥିଲା, ସୋଦଣ୍ଣିବୋଉର ପୁଅକୁ ବର୍ମାର ଗୋଟେ ପାହାଡ଼ ତଳ ଗାଁରେ

ସେ ଦେଖିଆସିଛି । ସେ ଗୋଟେ ବର୍ମା ମାଇକିନିଆ ରଖିଛି । ସେଠା ମାଇକିନିଆମାନେ ଓଷୁଅ କରି ଜାଣନ୍ତି । ତାଙ୍କ ପାଲରେ ପଡ଼ିଲେ ମଣିଷ ମେଣ୍ଢା ହୋଇଯାଏ । ତା' ସାଙ୍ଗେ ସାଙ୍ଗେ ଗୋଠ ଗୋଠ ଗାଈ, ଘର ଦୁଆର, ଧନ ଦଉଲତ, ଆଉ ବଣିଜ ବେପାର । ସେସବୁ ଛାଡ଼ି ଏ କାଙ୍ଗାଳ ଜାଗାକୁ ସେ ଆସିବ କାହିଁକି ? ସୋଦଶି ବୋଲି ଝିଅଟି । ବୁଢ଼ୀ ପାଟଖଦି, ସୁନାମୁଦି ଦେଇ ଭେଣ୍ଡା ଜୋଇଁଟିଏ ପାଇଥିଲା । ପୁଆଣି ହୋଇ ଯିବାର ଠିକ୍ ବର୍ଷେ ପୂରିଲା ବେଳକୁ ସୋଦଶିର ଦଶମାସ ଗର୍ଭ । ଶାଶୁ ତାକୁ ଦେଖି ପାରେନା । ପୁଅ ଧାନ ନେଇ ନାହାରେ ବେପାର କରିବାକୁ ଯାଇଥିଲା । ସୋଦଶିର କଷ୍ଟ ଆରମ୍ଭ ହେଲା । ଏମିତି ଗୋଟେ ବୋହୂ ଖାଇ ଶାଶୁଟେ ପାଖ ମାଡ଼ିଲାନି । ସୋଦଶି ଜନ୍ମ କରି ପାରିଲାନି । ସନ୍ନିପାତ ଘୋଟି ଆସିଲା । ମା' ପିଲା ଏକାଥରକେ ଶେଷ । ବୁଢ଼ୀର ଆଉ କେହି ବୋଲି କେହି ନାହାନ୍ତି । ଇଆ ତା'ଠୁ ଖୁଦମଲୁଖି ପୁଞ୍ଜିଏ, ଶାଗ କେରେ, ସାରୁପୁଆଏ କି ବାଇଗଣଟିଏ ମାଗିଯାଏ ବୁଢ଼ୀ ଦିନ ଚଳେଇ ନିଏ । ଦିନ କି ରାତି ସବୁବେଳେ ତା'ଭଙ୍ଗା ଘରଟିରେ ବସି ବାହୁନେ ।

ସୋଦଶିବୋଉ ଡାକିଲା—ଗଉରୀ, ଶୁଣିଲୁଲି ଝିଅ ।

କ'ଣ କଲି ? ଗଉରୀ ଚାଲି ଗରାଟା କାଖରେ ଧରି ବୁଢ଼ୀ ପାଖକୁ ଆସିଲା ।

ଅଇସୁଲୁଖୁଣୀ ହୋଇଥା ଲୋ ଝିଅ । ମା ମଙ୍ଗଳା କରନ୍ତୁ—ତୁ ଯୋଉ ବରଟିଏ ପାଉଛୁ, ସେ ତୋ ଭାଗ୍ୟର ଫଳ । କୋଉ ଜନ୍ମରେ ମହାଦେବଙ୍କ ମୁଣ୍ଡରେ ଲକ୍ଷେ ରମ୍ଭା ତୁ ଚଢ଼େଇ ଥିଲୁ କେଜାଣି ?

ଗଉରୀ ବୁଢ଼ୀକି ଆଖି ଠେରା କରେ । ଆଲୋ—ଯା'ଲି ବୁଢ଼ୀ, କେତେ ପାଟି କରୁଛୁ । ଗଉରୀ ମିଛିମିଛିକିଆ ରାଗିଯାଇ

କହିଲା—ତୋ ବାଟରେ ଭୁ ଗୁଳିଯା, ତୋର ଇଏ ସବୁ ବାହାଘର ପୁଆଣିଘରରେ କ'ଣ ଅଛି ।

ବୁଢୀ ହସୁଟେ ହସି ଦେଇ କହିଲା—କ'ଣ ହେଲା, ମୋର କଚ୍ଛି ନାହିଁ ? ହଇଲେ ତୋ ବାହାଘର ହେଲେ ଆଉ ହେଣ୍ଡି ମାରିବ କଏ ସେ ? ନାତୁଣୀ ଜୋଇଁଙ୍କି ଅଠାଡାମସା ଆଉ କରିବ କଏ ?

ଲୋକ ବୋଲି ଯୋଉ ପୁଅନା—ହାଉ ଖଣ୍ଡେ । ମାନସିଂହ ପାଟଣା ଗାଁଯାକ ବୁଲିଆସିଲୁ, ତା ଭଳି ପିଲାଟାଏ ଯଦି କଏ ଦେଖେଇ ଦେବ ମୁଁ ମାଲାସାଁ ସିଆର ଝିଅ ନୁହେଁ, ହାଡ଼ି ଝିଅ । କ'ଣ ନ କରୁଛି ସିଏ ସେ ଦିନ— କହି ଗୁଲିଲା ବୁଢ଼ୀ —ଗାଁ କୁ ଆସିଲା କଣ୍ଟିଲ ଧାନ । ଦି' ବର୍ଷ ହେଲା ଫସଲ ହେଇନି । ବିହନ ବାନ୍ଧିବାକୁ ଧାନ ପୁଞ୍ଜିଏ ବି ନାହିଁ । ଲୋକେ ହାଁ—ହାଁ ହଉଛନ୍ତି । ମାଣ୍ଡିଆ ଯାଉ, ଚୀନା ଭାତ ସାଙ୍ଗକୁ କଳମ ଶାଗ ଓ କଖାରୁ ଡଙ୍କ ସିଝା । ଗମିଆ ସାଉ ଧାନ ଆଣିଲା । କଣ୍ଟିଲରେ ବିକବ । ପାଞ୍ଚ ଶଗଡ଼ ହବ ଧାନ ବୁହା ହେଇ ଆସିଲା ଗାଁକୁ । ସେତକ ସରିଲେ ପୁଣି ଆସିବ । ରାତି ପାହିଲା ବେଳକୁ କ'ଣ ନା ଧାନ ଶେଷ । ଦି'ଗୁର ବସ୍ତା ତା' ଦୋକାନରେ ପଡ଼ିଛି । ତା' ପାଇଁ ବାଡ଼ିଆ ବାଡ଼ି କଳକଳିଆ ଆଉ ମାଡ଼ି ମରାମରି । ଗମିଆ ସାଉ ଖାତା ତିଆର କରି ଦେଇଥିଲା । ଟିପ ଚିହ୍ନ ଦସକତ ବି ଦେଖେଇଲା । ରାତିକ ଭିତରେ ଧାନ ବିକା ସରିଲାଣି । ଲୋକ କୁଆଡ଼ୁ ଶୁଣିଲା, ସାହୁ ପୁଅ ଧାନ ଡକ ଚଡ଼ା ଦାମରେ ଆଉ କୋଉ ଗାଁର ଗୋଟେ ବେପାରୀକି ବିକି ଦେଇଛି । ଲୋକ ଠିକ୍ କରି ଟୋକାଆକୁ ଖବର ଦେଲା । ଟୋକାଏ ଗାଁ ମୁଣ୍ଡେ ରାସ୍ତାରେ ଜଗିବସିଲେ । ଧାନ ଶଗଡ଼ ରେସ୍ତାରେ ଯେତେବେଳେ ଗାଁ ପାର ହୋଇ ଯିବାକୁ

ବସେ, ଗୁଣ୍ଡ ଦେଲେନ । ତାକୁ ଧମକେଇଲେ । ନ ମାନିଲେ ଥାନା ବାଲା ଜାଣିବେ, ଜେଲ ହୋଇଯିବ । ଧାନ ସବୁ ଆଣି ଗାଁ ଲୋକଙ୍କ ଭିତରେ ସେମାନେ ବାଣ୍ଟି ଦେଲେ । ସାଉ ପୁଅ ବି ତା'ର ଦାମ୍ ପାଇଗଲା । ଯୋଉମାନଙ୍କ ଘରେ ମୋଟେ ଧାନ ନ ଥିଲା, ସେମାନଙ୍କୁ ଦିଆଗଲା ଆଗ । ନେଲିକ ଆପେ ଟୋକେଇଏ ହବ ଧାନ ଆଣି ସେଦିନ ମୋ ଅଗଣାରେ ଅଜାଡ଼ି ଦେଇଥିଲା । କହିଲା, ପଇସା ମତେ ପରେ ଦବୁ । ତା ପାଇଁ ମୁଁ ଦେଇଦେଉଛୁ । ମୁଁ ଅଲକ୍ଷଣୀଟା ତା'ର ପଇସାତକ ଏ ପର୍ଯ୍ୟନ୍ତ ଦେଇପାରିନି । କହିସାରି ବୁଢ଼ୀ ନିଜ ପୁଅକୁ ବାହୁନି ବାହୁନି କାନ୍ଦିବାକୁ ଲାଗିଲା ।

ଗଉରୀ ଗରାଟା ରଖିଦେଇ ସୋଦରୀ ବୋଉ ଆଖିରୁ ଝର ପାଣି ଭଳି ବୋହିଆସୁଥିବା ଲୁହର ସୁଅକୁ ବୁଝେଇ ସୁଝେଇ ସେଥିରେ ବନ୍ଧ ପକେଇବାକୁ ଚେଷ୍ଟା କଲା । ଗଉରୀ ଯେତିକି ବୁଝେଇଲା, ବୁଢ଼ୀ ଲୁହର ସୁଅ ଅଡଡା ଭାଙ୍ଗି ସେତିକି ଜୋରରେ ବହି ଗ୍ଲିଲା । ତୁ ସବୁବେଳେ ଗୁଡ଼େ ଗପୁ କାହିଁକି ? ପୁଣି କାନ୍ଦୁ କାହିଁକି ? ଗଉରୀ ବାଡିରୁ ଗୃରିଟା ହବ ଜହ୍ନୀ, ମୁଠେ ହବ କଞ୍ଚା ଲଙ୍କା ଓ ବେଙ୍ଗେ ହବ କୋଶଳା ଶାଗ ବୁଢ଼ୀ ଅଣ୍ଟିରେ ପୁରେଇ ଦେଇ କହିଲା—କାହାକୁ କିଛି ନ କହି ତୁ ଆଗ ବେଗେ ବେଗେ ଗ୍ଲିଗଲୁ ।

ବୁଢ଼ୀ ତା ଘର ଆଡ଼େ ମୁହେଁଇଲା ।

ଗଉରୀର ପାଣି ପକା ସରିଲାଣି । ତା' ପରେ ସଂଜବୋଳା ଆଉ ଘର ଓଳଆ ।

ଲୁଗା ବଦଳି ଦେଇ ଗଉରୀ ପାନିଆଟା ଆଣି ମୁଣ୍ଡ ଆଗକୁ ଚଢ଼ିଥିବା ବାଳଗୁଡାକ 'ସାଉଁଳି ବସିଲ । ମୁଣ୍ଡ ଫିଟେଇ ବାନ୍ଧି ଦବାକୁ ସମୟ ନାହିଁ । ବାସି ଧୋବ କନା ଖଣ୍ଡେ ଅଳଗୁଣିରେ

ଝୁଲୁଥିବା କନା ବୁଜୁଳାରୁ ଭଡ଼ିଆଣି ଅଗଣାରେ ସେ ସଂଜ ବୋଳି ବସିଲା ।

ଦାଣ୍ଡଆଡ଼ୁ କାହାର ପାଟି ଶୁଭୁଛି । ଗଉରୀ କନା ଖଣ୍ଡିକ ରଖି ଦେଇ ଝରକା ପାଖକୁ ଦଉଡ଼ିଗଲା । ସୁଦାମବାବୁ କାହାକୁ ଡାକ ଛାଡ଼ୁଛନ୍ତି । ଆଉ ଜଣେ କଏ ହାତଯୋଡ଼ି ଠିଆହୋଇଛି । ତା'ର ବାପ ଚଉଦ ପୁରୁଷଙ୍କ ଉଦ୍ଦେଶ୍ୟରେ ଅନେକଗୁଡ଼ାଏ ଖରାପ ଶବ୍ଦ ସେ ବ୍ୟବହାର କରୁଛନ୍ତି ।

ଗୁଖଣ୍ଡେ ହବ ଜିଭ କାଢ଼ିଦେଇ ପୁଣି ସେ ଦଉଡ଼ି ଆସିଲା ତଳ ଅଗଣାକୁ । ଦାଣ୍ଡ ଦୁଆରଟା ଯାଇ ଦେଇଦେଲା । ବାପା ଯାଇ ବାଲରେ । ବୋଉ ବାଡ଼ିଆଡ଼େ କାହାସଙ୍ଗେ କଥା ହଉଛି ।

ଅଗଣା ସଜନା ଗଛ ଅଗରେ ସୂର୍ଯ୍ୟକିରଣ ସେତେବେଳେ ବିଚ୍ଛୁରି ହୋଇ ପଡ଼ିଥିଲା । ପଚେଇ ହବ ଚଟିଆ କୋଉଆଡ଼ୁ ଉଡ଼ିଆସି ଗହଳି ଲଗେଇ ଥାଆନ୍ତି । କୁଆଡ଼େ ପଲ ପଲ ହୋଇ ଉଡ଼ିଯାଆନ୍ତି । ଗୋଟିଏ ଗୋଟିଏ ହୋଇ ଆସି ପୁଣି ଗହଳି କରନ୍ତି । କାନ ଅତଡ଼ା ପକେଇ ଧାଆନ୍ତି ସେମାନେ । କୁଆ ପଲେ ହବ ଚୁଲି ଉପରେ ବସି ସଭା କରିବାରେ ବ୍ୟସ୍ତ । କମଳା ରଙ୍ଗର ସୂର୍ଯ୍ୟକିରଣ ଚୁଲି ଉପରେ ଗୋଟେ ଲାଲ-ଶାଢ଼ୀ ଅବା ଆଣି ଢାଙ୍କିଦେଇଛି । ଦାଣ୍ଡଆଡ଼ୁ ହମା-ହମା ରଡ଼ି ଶୁଭିଲଣି । ଗୋରୁ ବାହୁଡ଼ିବାର ସମୟ ।

ଦ'ଟା ହବ ସଞ୍ଜ ବୋଳିଦେଇ ଗଉରୀ ପୁଣି ଥରେ ଦୁଆର ଫିଟେଇଦେଲା । ଗାଁ ଦାଣ୍ଡ ଧୂଳିରେ ଭରି, ଗୋଠରୁ ଗାଈ ଆସିଲେଣି । ଗଉଡ଼ ଡାକ ଛାଡ଼ୁଛି । ବଳଦ ହଳେ, ନେତ ସାଙ୍ଗର ଗାଈ, ରଙ୍ଗ ଓ କପରା ବାଛୁରୀଟା ଘର ଭିତରକୁ ପଶିଆସିଲେ । ଗଉରୀ ସମସ୍ତଙ୍କି ଖୁଣ୍ଟରେ ନେଇ ବାନ୍ଧିଦେଲା । ଆଗରେ ପାଳ ପୁଞ୍ଜେ ପୁଞ୍ଜେ କି ନେଇ ପକେଇଦେଲା ।

ସଞ୍ଜ ବୋଲ ବସିଲା ଗଉଣୀ । ତାର ସାଉଁଳିଆ ଗୋରା ତକ-ତକ ଜଙ୍ଘ ଉପରେ ସେ ଖଣ୍ଡ ଖଣ୍ଡ ଧୋବ କନା ଥୋଇ ପାପୁଲିରେ ମୋଡ଼ି ଆଣୁଥିଲା ।

ସଞ୍ଜବୋଳୁ ବୋଳୁ ଗଉଣୀ ଭାବୁଥିଲା—

ଦି'ପଟେ ତା'ର ଦି'ଜଣ । ସୁଦାମ ବାବୁ ଓ ଲୋକ ଭାଇ । ଲୋକ ଭାଇ କଥା ପଡ଼ିଲେ ବୋଉ ମୁହଁ ମୋଡ଼ି ଚାଲିଯାଏ । କ'ଣ ତା'ର ଅଛି । ବାପଟା ବଗୁଲିଆଟେ । ଅଫିମଖୋର ଓ ମାମଲା-ବାଜ୍ । ଗୋଟେସେଇଁବାପ ଯୋଉ କାଠର ନାତି ସେଇ କାଠର । ପିଲାଟା ଅବଶ୍ୟ ଭଲ । କିନ୍ତୁ କଥାରେ ତ ଅଛି ବାପ ଗୁଣେ ପୁଅ, ମା'ଗୁଣେ ଝିଅ ।

ସୁଦାମବାବୁଙ୍କର ହେଁକେଡ଼ା ପ୍ରକୃତି ଟିକିଏ ଅଛି । ସେ କଥା କ'ଣ ସଦାବେଳେ ରହିଥିବ ? କାଲକୁ କାଲି ଦେଖିବ ସୁଦାମର ପିଲାଝିଲା ହୋଇ ତା ସଂସାର ତାକୁ ବଳେଇଲାଣି । ବାପ ଯାହା କରଛି, ପୁଅ ତାର ଚାରିଗୁଣା କରିବ । କାହାର ପୁଅ, କେତେ ଆଡ଼େ ତା'ର ନାଁ ପଡୁଛି ।

ବାପାଙ୍କ କଥା କିନ୍ତୁ ଭିନ୍ନ ଧରଣର ।

ଗଉଣୀ ଦିହିଁଙ୍କ କଥା ଭାବୁଛି । ଆଖି ଆଗରେ ନାଚଯାଉଛି ଲୋକ ଭାଇ । ଘର ଓଳିଆ ସରିଲେ ଦାଣ୍ଡର ଚାରିଆଡ଼େ ସେ ସଞ୍ଜ ବୁଲେଇ ଆଣିବ । ସଞ୍ଜ ଗଡ଼ିଗଲେ ବୋଉ ତେଣେ ଗାଳିଦବ ।

ଗଉଣୀ ଇଆ ଭିତରେ ଘର ଓଳେଇ ସାରିଲାଣି । ସଞ୍ଜ ଦବା ବେଳ ଗଡ଼ିଯାଉଛି । ବେଳ ଗଡ଼ିଯାଇ ସଞ୍ଜ ଦେଲେ ପିଲାଝିଲାଙ୍କୁ ଦୋଷ । ଡିଆସିଲଟା ନେଇଆସିବ ବୋଲି ଚମ୍ପି ଘରେ ପଶିଗଲାବେଳେ ଗଉଣୀ ଆଶ୍ଚର୍ଯ୍ୟ ହୋଇଗଲା । ଏଡ଼େ ବଡ଼ ଗୋଟେ ଆଳୁଅ ଆଇଲା କେଉଁଠୁ ? ଦାଣ୍ଡଆଡୁ ତାଙ୍କ ଘରର

ଝରକା ଦେଇ ଆଲୁଅ ଘରଭିତରେ ଆସି ପଡ଼ୁଛି । ଝରକା ପାଖକୁ ଯାଇ ଦେଖେ ତ ଆଲୁଅରେ ଗାଁଯାକ ଭରପୁର । ଭଗବତ ଘରେ କାଚର କ'ଣ ଗୋଟେ ଝୁଲୁଛି । ଆଖେଡ଼ା ଘରେ ବି ସିମିତି ଗୋଟେ ଆଲୁଅ । ଗଉସି ଇମିତି କେବେହେଲେ ଦେଖି ନଥିଲା । ବୋଉ ଅନେକଦିନୁଁ ଲଗେଇଛିଲାଣି ଝିଅ ବାହା ହବା ଆଗରୁ ତାକୁ ଟିକିଏ କଟଣୀ କ ପୁରୀ ନେଇ ଦେଖେଇଦେଇ ଆଣ । ବାପା ହଁନବା, ହଁନବା ବୋଲି କହି ଏତେଦିନ କଟେଇ ଦେଲେଣି । ଗଉସି ତା' ସାଥି ଭାଇଠୁ ଶୁଣିଛି—ସହରଯାକ ଏଇଥିରେ ଆଲୁଅ ହେଇଯାଏ । ପଙ୍ଖା ଘୂରେ, କଳକାରଖାନା ଚାଲେ, ମଣିଷ ତା' ଇଚ୍ଛା ଅନୁସାରେ ବଡ଼ ବଡ଼ କାମ ସବୁ ଆଖି ପିଛୁଳାକେ କରିଦେଇପାରେ । ଡିଆସିଲିଟା ନବାକୁ ସେ ଯେ ଆସିଛି, ଗଉସି ସେ କଥା ବି ଭୁଲିଗଲା । ଅନେଇଛି—ଭଗବତଘର ଆଡ଼କୁ । ଲୋକ ଭେଳା ଭେଳା । କେତେ କେତେ ଝିଅ ମାଇପି ଓଢ଼ଣା ଟାଣି ଯାଇଁ ଗାଁ ମୁଣ୍ଡ ମହାଦେବଙ୍କ ପଛ ଉହାଡ଼ରେ ଲୁଚି ରହି ଉଙ୍କି ମାରୁଛନ୍ତି । ପିଲାଗୁଡ଼ାଙ୍କର ନାଚକୁଦ ଆଉ ହସଖୁସି ଦେଖେ କିଏ ? ଖଣ୍ଡେ ବୋଲି ତାର । ଖୁଣ୍ଟିକୁ ଖୁଣ୍ଟି ହୋଇଁ କୋଉଆଡ଼ୁ ଆସୁଛି କେଜାଣି ? କେତେ କେତେ ପିଲା ଆବାକାବା ହୋଇ ଅନେଇଥାଆନ୍ତି—ତେଲ ତ ପଡ଼ୁନାହିଁ, ଏ ଆଲୁଅଟା ଜଳୁଛି କେମିତି ?

ଗଉସି ଅଗଣା ଆଡ଼କୁ ଅନେଇଲା । ଅନ୍ଧାର ଘୋଟି ଆସୁଛି । ଅଧା ଅନ୍ଧାର ଓ ଅଧା ଆଲୁଅ ଭିତରେ ତରତର ହୋଇ ଡିଆସିଲିଟା ସେ ମାରିଦେଲା ବେଳକୁ ସେଇଟା ସପି ଯାଇଛି । ଦି' ତିନିଟା କାଠି ଉଡ଼ିଗଲାଣି । ଡିଆସିଲି ପେଡ଼ିରୁ ରଂଜକ ବି ଉଖୁରି ଆସିଲା । ତଥାପି ହେଲାନି । ଗଉସି ସେଇଟାକୁ ଫିଙ୍ଗିଦେଇ କୁଠା ଖିଏ ହବ

ଆଣି ଫୁଙ୍କାନଳରେ ଚୂଲ୍ଲୀଟା ଫୁଙ୍କି ଲାଗିଲା । ଗୋଟିଏ ବୋଲ ଝୁଲ । ପାଉଁଶ ଭିତରେ କୋଉଠି ମିଶିଯାଇଛି । ଚୂଲ୍ଲୀରେ କୁଟା ପୂରେଇ ଦ୍ୱ ଗୁଟିଏ ଫୁଙ୍କି ଦବାରୁ ବାହାରି ଆସିଲା ଭସ୍ ଭସ୍ ଧୂଆଁ । ଗଉଣୀ ଫଳ ଲଗେଇଦେଇ ସବୁ ଘରର ଦୁଆର ବଂଧ ଉପରେ ଗୋଟିଏ ଗୋଟିଏ ଫଳ ବଳତା ନେଇ ଥୋଇ ଦେଲା ।

ବୋଉ ତୁଳସୀ ଚଉରା ମୂଳେ ବସି କ'ଣ ଖାଳି ଗୁଣୁଗୁଣୁ ହଉଛି । ଗଉଣୀ ବି ଆସି ମୁଣ୍ଡିଆଟିଏ ମାରିଲା । କ'ଣ ଏତେ ପାଟି ହଉଛି ? ଗାଁ ଦାଣ୍ଡରେ ଏତେ ହାଲ୍ଲା ଲାଗିଛି କାହିଁକି ? କାହା କାହା ଭିତରେ ମାଡ଼ଗୋଳ ଲାଗିଗଲା କି ?

ବାଧୁ ଭାଇ ଏପର୍ଯ୍ୟନ୍ତ ଆସିନି । ଗୋକୁଳବାବୁଙ୍କୁ ଧରି ଅନେକବେଳୁ ସେ ତ ନରଣପୁରରୁ ଆସିସାରନ୍ତାଣି । କଥା କଅଣ ?

ଝରକା ପାଖକୁ ଯାଇ ଦେଖେ ତ—ଗାଁ ଦାଣ୍ଡରେ ମଣିଷ ସୁଅ ଛୁଟିଛି । ଖାଲି ହାଲ୍ଲା ଆଉ ପାଟି । ବୋଉ ବି ଚଉରାମୂଳୁ ଦୌଡ଼ିଆସିଲା ।

ବାଧୁ—ଏ ବାଧୁ—କଏ ଆସି ଦୁଆର ମୁହଁରେ ଧକ୍କା ମାରିଦେଇ ଯାଉଛି । କଳଣି ଦଅାହୋଇ ଦାଣ୍ଡ ଦୁଆରଟା କଳା ହୋଇଛି

କଏସେ ମ ଇଏ ? ଦୁଆରଟା କଣ ଭାଙ୍ଗି ଦବ ନା କ'ଣ ।

ଲୋକ ଭାଇ ତ ଡାକୁଛି । ବୋଉ ଦୁଆର ଫିଟେଇଦବୁଟି । ଗଉଣୀ ଯାଇ ଦାଣ୍ଡଘରେ । ବୋଉ ଦୁଆର ଫିଟେଇ ଦେଲା ।

ମାଉସୀ—ବେଗେ ଖଣ୍ଡେ କନା ପୋଡ଼ିଦବଟି । ବେଗେ ବେଗେ ଦଅ ।

ଗଉଣୀ କନାଖଣ୍ଡେ ଆଣି ହାଣ୍ଡିଶାଳକୁ ଦଉଡ଼ିଗଲା । ବୁଲାଟା ଲିଭନ ।

ଲୋକ ଅଗଣାକୁ ଘର ଓ ଘରକୁ ଅଗଣା ହବାରେ ଲାଗିଛୁ । ହାତ ଦ'ଟା ପଛପଟେ ସେ ଛନ୍ଦିଦେଇଛୁ

କଣ ପୁଅ—କଥା କଣ ?

ଦାସିଆ ବାଉଗୀର ମୁଣ୍ଡ ଫାଟି ଯାଇଛୁ । ଖାଲି ଖଣ୍ଡ ଖଣ୍ଡ ରକ୍ତ । ଗାଁପାକ ଭାସୁଛୁ । ଚାପି ଧରିଲେ ରକ୍ତ ବନ୍ଦ ହଉନ । ଲୋକ ପାଟିକଲା—କଣ ସରିଲା ଟୋକୀ ?

ଗଉଣୀ ସାଙ୍ଗେ ସାଙ୍ଗେ ପୋଡ଼ା କନାଟା ଆଣି ଲୋକ ଭାଇ ହାତକୁ ଦେଇଦେଲା ।

ଡ଼ଆଁ ଟେମାର ଲୋକ ଯାଇଁ ଗାଁ ଦାଣ୍ଡରେ ।

ବାପା ଏ ପର୍ଯ୍ୟନ୍ତ ବିଲରୁ ଆସିନାହାନ୍ତି । ସାଧୁ ଭାଇର ଦେଖା ନାହିଁ । ମା ଝିଏଁ ଦାଣ୍ଡ ଦୁଆରଟା ଦେଇଦେଲେ । ଗୁଳା-ଗଲେ ଝରକା ପାଖକୁ । ଝରକାଟା ଦରମେଲା କରି ଗାଁମୁଣ୍ଡ ଆଡ଼େ ଅନେଇଲେ—

—ଆଠ—

"ପୋଡ଼ା କନାଟା ବୋଉକୁ ଦେଇ ଦେଇଥିଲେ ସେ ଲୋକ ଭାଇକ ବଢ଼େଇ ଦେଇଥାଆନ୍ତା । ମୁଁ ଦେଲି ବୋଧେ, ଖରାପ ହେଲା ? ବଡ଼ ଲାଜର କଥା । ବୋଉ ତ ସହଜେ ଲୋକ ଭାଇ ପାଇଁ ଯେଉଁ

ପ୍ରସ୍ତାବ ପଡ଼ୁଛି, ସେଥିରେ ରାଜି ହଜନ । ଖାଲି ସୁଦାମ ବାବୁ, ସୁଦାମ ବାବୁ । ଟଙ୍କା ସୁନା ଆଣି କୁଢ଼େଇଦେଲେ ଦର ଇଆର ପୂର ଫାଟିଯିବ । ଯାହା ଭାବିଲେ ଭାବୁଥାଉ ।”

ଗଉରୀ ବୋଉ ଦେହକୁ ଲାଗି ଝରକା ପାଖରେ ଠିଆ ହୋଇଛି, ଏଣେ ବୋଉ କଥା ଭାବିଲାଗିଛି । ଆଖି ଆଗରେ ତା'ର ଗାଁଯାକର ଲୋକ । ସମସ୍ତେ ଖାଲି ହଲ୍ଲା କରୁଛନ୍ତି । ବିଜୁଳି ଆଲୁଅରେ ଗାଁ ଝଟକି ଯାଉଛି । ଗୋଡ଼ର ଟିପ ଉପରେ ଉହୁଙ୍କି ଗଉରୀ ଅନେଇଲା—ଦାସିଆ ବାଉରୀ ତଳେ ପଡ଼ିଯାଇଛି । ଲୋକେ ତାକୁ ଘେରିଛନ୍ତି । ଲୋକ ଭଙ୍ଗା ପୋଡ଼ା କନାଟା ନେଇ ତା' ମୁଣ୍ଡରେ ବାନ୍ଧି ଲାଗିଛି । ବାଉରୀ ବୋଲି ବାରଣ ନାହିଁ । ସାଧୁ ଭାଇ ଓ ଗୋକୁଳବାବୁ ଗାଁମୁଣ୍ଡେ ଆସି ହେଲେଣି । ବାପା ଦାଣ୍ଡ ପିଣ୍ଡାରେ ବସିଛନ୍ତି । ମିସ୍ତ୍ରୀ ଗୁଟିଜଣ ଆସି ଲୋକ ଗହଳି ଭିତରେ ।

ଗାଁ ପଣ୍ଡିତ ରାମ ମିଶ୍ରେ ଖଣ୍ଡେ ଦୂରରେ ଠିଆ ହୋଇ କେତେ କ'ଣ ପାଠି କରୁଛନ୍ତି । କର୍ମକାଣ୍ଡ ଓ ଚଣ୍ଡି ଗୁଣିବାରେ ଏ ଖଣ୍ଡ-ମଣ୍ଡଳରେ ତାଙ୍କର ନାଁ ଅଛି । ବୟସ ପଚିଶ ଭିତରେ । ପିନ୍ଧିଛନ୍ତି ଖଣ୍ଡେ କୋଚଟ ମଇଳା ଗାମୁଛା । କାନ୍ଧରେ ପଡ଼ିଥିବା ଗାମୁଛାଟା ଧୋଇଦେଲେ ଭାଇଙ୍କ ପୋଷାକ ବି ଗୋଳି ହୋଇଯିବ । ସନ୍ଧ୍ୟା କରି ଫେରୁଥିଲେ । ଦେଖିଲେ—ଲୋକସବୁ ଜମା ହୋଇଛନ୍ତି । ବିଜୁଳିବତି ଲାଗୁଛି । ତା' ସାଙ୍ଗକୁ ପୁଣି ଝିଅାପିଆ । ସୁଙ୍କିଖିର, ଚୁଡ଼ାଘସା ଆଉ ଭଜୁଡ଼ା । ଗ୍ଲୁଡ଼େ କଏ ? ଗାଁ ଲୋକେ ଭଗବତ ଘରଆଡ଼େ ଧାଉଁଥିଲେ । ପିଲା, ବୁଢ଼ା ଓ ଟୋକା । ଦାସିଆଟା ବି ବିଜୁଳିବତି ଦେଖିବବୋଲି ସେମିତି ଦଉଡ଼ି ଆସିଲା । ତାର ଖିଆଲ ନାହିଁ । ପଣ୍ଡିତେ ଠିଆ ହୋଇଛନ୍ତି । କାନଟା ତା'ର ବାଜିଗଲା । ପଣ୍ଡିତଙ୍କ ମୁଣ୍ଡକୁ ଚଢ଼ିଗଲା ପିତ । ବାଉରୀ ଗାଲକୁ

ଦେଲେ ଚଟେଇ ଗୋଟେ ବ୍ରହ୍ମ ଶୁପୁଡ଼ା । ଦାସିଆ ବିଚରା ବୁଲେଇ ବୁଲେଇ ହୋଇ ତଳେ ପଡ଼ିଗଲା । ମୁଣ୍ଡ ତଳକୁ ଥିଲା ଖଣ୍ଡେ ପଥର । ଖଣ୍ଡେ ଗୋଜିଆ ମାଙ୍କଡ଼ା ପଥର । ଅଧ ଇଞ୍ଚେ ଖାଲ କରି ଭିତରକୁ ପଶିଗଲା । ହାଡ଼ ଦେଖା ଯାଉଛି । ଗାଁ ଦାଣ୍ଡ ରକ୍ତରେ ଭାସୁଛି ।

ଗଉରି ଅନେଇଛି—ନରଣପୁରରୁ ଆସିଥିବା ଗୋକୁଳବାବୁ ସାଙ୍ଗେ ସାଙ୍ଗେ ଆସି ଦାସିଆ ବାଉରି ମୁଣ୍ଡକୁ ତାଙ୍କ ଜଙ୍ଘ ଉପରେ ରଖିଦେଲେ । ପକେଟରୁ ରୁମାଲ କାଢ଼ି ଲୋକ ଧରି ନେଇଥିବା ପୋଡ଼ା କନା ସାଙ୍ଗରେ ବାନ୍ଧିଦେଲେ । କହିଲେ—ସମସ୍ତେ ଅଳ୍ପ ଦୂରେଇ ଯାଆନ୍ତୁ । ପବନ ଟିକିଏ ଆସୁ ।

ସଞ୍ଜ ବେଳଟା । ଯିଏ ଯାହାର ହଳବଳଦ କାମ ସାରି ଗାଁକୁ ଫେରିଲାବେଳକୁ ଏମିତି ଗୋଟାଏ କାଣ୍ଡ । ନୂଆ ହୋଇ ଆଜି ବିଜୁଳିବତୀ ଲାଗୁଛି । ଆଲୁଅ ଭଗବତ ଘରୁ ଗାଁ ମୁଣ୍ଡ ବରଗଛ ପାଖକୁ ବି ଲମ୍ବି ଯାଇଛି । କେଡ଼େ ଖୁସିର କଥା । ଦାସିଆ ମୁଣ୍ଡରେ ପୋଡ଼ା କନା ବନ୍ଧା ହୋଇ ରକ୍ତ ବୁହା ବନ୍ଦ ହୋଇସାରିଲା ପରେ ଗାଁ ଲୋକେ ଗୋଟି ଗୋଟି ହୋଇ ଭଗବତ ଘର ଆଡ଼େ ଚାଲିଲେ । ବିଜୁଳି ଆଲୁଅଟା ଜଳିବାରେ ଲାଗିଛି । ଆଲୁଅ ଚାରିପାଖେ ଘେରି ଲାଗିଛନ୍ତି ଶହ ଶହ ପୋକ ।

ଭଗବତ ଘରକୁ ଲାଗି ବାନା ପ୍ରଧାନର ଯୋଉ କଦଳୀ ବାରି, ତା' ଭିତରେ କିଏ ଗୋଟେ ହଲଚଲ ହଉଛି । ବିଜୁଳି ଆଲୁଅର ଗୋଟେ ଲମ୍ବା ଛିଟିକା ଭଗବତ ଘରର ପଶ୍ଚିମ ପଟ ଝରକା ଦେଇ ପଡ଼ୁଛି କଦଳୀ ବାରିରେ । ଗାଁ ମୁଣ୍ଡରୁ ଆଖି ଫେରେଇ ଗଉରି ଠିକ୍ ଲକ୍ଷ୍ୟ କରୁଛି— କିଏ ଦି'ଜଣ ଅନ୍ଧାରରେ ଛପି ଛପି

କଥା ହଉଛନ୍ତି । ବୋଉ ସେତେବେଳକୁ ଝରକା ପାଖରୁ ଚାଲିଗଲାଣି । ଘରେ ରାଇଜପାକର କାମ ପଡ଼ିଛି ।

ଗଉରୀ ସେଇ ଅନ୍ଧାର ଭିତରେ ଲୋକ ଦି'ଟାଙ୍କୁ ଚିହ୍ନିବାକୁ ଚେଷ୍ଟାକଲା । ରାଧୁ ଭାଇ ଆସି ଆଉ ଘରେ ଲୁଗା ବଦଳାଇଲାଣି । ବାପା ଚୂନପଣ ଟିକିଏ ମାଗୁଛନ୍ତି । ନେଡ଼ିଏ ହବ ପାଟିରେ ପକେଇ ଦେଲେ ବନ୍ଧଆଡ଼କୁ ଝାଡ଼ାଫେରି ଯିବେ । ବୋଉ ଯାଇ ପାନବଟା ପାଖରେ ।

ଅଧା ଅନ୍ଧାର ଓ ଅଧା ଆଲୁଅ ଭିତରେ ଗଉରୀ ଠିକ୍ ଚିହ୍ନିଛି—ଲୋକ ଦି'ଜଣ ସୁଦାମବାବୁ ଓ ଉଦିଆ । କଦଳୀ ବୁଦା ପଛପଟେ ଲୁଚିରହି ଫୁସ୍‌ଫାସ୍ ହଉଛନ୍ତି । ସୁଦାମବାବୁ ଉଦିଆକୁ କ'ଣ ବତେଇଦେଲେ । ଆସ୍ତେ କରି ତା କାନରେ ବି କ'ଣ କହିଦେଲେ । ଉଦିଆ ଆଉ ସୁଦାମ ବାବୁ ଦିହେଁ ଦି'ଆଡ଼କୁ ଚାଲିଗଲେ । ଗଉରୀ ହାଣ୍ଡିଶାଳ ଆଡ଼େ ମୁହେଁଇଲା ।

ରାମ ମିଶ୍ରଙ୍କ ସାଙ୍ଗକୁ ଜୁଟିଗଲେଣି ଆସି ବାଳିଆ ଓଝା ଲିଙ୍ଗ ରଥେ, ହରି ମିଶ୍ରେ ଓ କୁଳମଣି ବାହିନୀପତି । ସମସ୍ତେ ବୁଢ଼ା ବୁଢ଼ା । କହୁଛନ୍ତି—କାଳ ଭ୍ରଷ୍ଟ ହୋଇଗଲା । ଜାତି ଅଜାତି ମାନୁ ନାହାନ୍ତି । ଦାସିଆଟାକୁ ଆଣି ରଖିଲେଣି ଜଙ୍ଘ ଉପରେ । ସେଇମାନେ ପୁଣି ପଶୁଛନ୍ତି ଭଗବନ୍ତ ଘରେ ଓ ମହାଦେବଙ୍କ ଦେଉଳରେ । ଭସ୍ମ ହେଇଯିବେ । ଆପେ ଆପେ ଧ୍ୱଂସ ପାଇବେ କାହାର କ'ଣ ଅଛି ?

"ଏଗୁଡ଼ାକ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି ? ରାମ ମିଶ୍ରେ କହି ଚାଲିଛନ୍ତି—ମାଇଲାଣି କ'ଣ, ଏମିତି ମାଡ଼ ଚଟେଇବ ଯେ ସେମାନେ ଆଉ ଯେମିତି ପ୍ରାଣ ପାଇବେନ ? ଲୋକଟା ପୁଣି ଗୋଟେ

ମାମଲତକାର ସାଜୁଛି ? କଟ ମଟ କରି ପୁଣି ମୋ ଆଡ଼କୁ ଅନାଉଛି । ରହିଥା, କାଳିଆ ସାଆନ୍ତଙ୍କୁ କହୁଛି ।"

ଗାଁଯାକର ଯେତେ ବାଉରି, ଭୋଇ ଓ ଧୋବା ଆଦି ଅଛୁଆଁ ଲୋକଯାକ ଆସି ଏକାଠି ହୋଇଗଲେଣି ।

ଖଣ୍ଡେ ଦୂରରେ ଉଦିଆ ପରିଡ଼ା ଆକାଶ ଫଟେଇ ପାଟି କରୁଛି—ବ୍ରାହ୍ମଣେ ଆଜି ଦାସିଆ ବାଉରିଟାକୁ ମାଇଲେ । କାଲି ଆମ ଉପରେ ମାଡ଼ ଚଢ଼େଇବେ । କ'ଣ ବୋଲି ଏମାନେ ପାଇଲେଣି କି ? ତା' ଘରପାଖେ ଠିଆ ହୋଇଥାଆନ୍ତି କାଳିଆ ସାଆନ୍ତ, ଗୋବିନ୍ଦ ରଣା, ବଇଁଶି ମାନସିଂହ ଓ ସୁବଳ ଲବେହେରା । ମାନସିଂହ ପାଟଣାର ମାମଲତକାର ଲୋକଯାକ ।

ରାମ ମିଶ୍ରଙ୍କ ପାଟି କଥା କହୁଛି । ଛାତି ଏଣେ ଧଡ଼ ଧଡ଼ ହେଲାଣି । ଗାଁ ଦାଣ୍ଡରେ ରକ୍ତ ନଈ ବହୁଛି । ଦାସିଆର ଗାଲଟା ତଉପିଠା ଭଳି ଫୁଲିଯାଇଛି । କ'ଣ ହଉଛି କେଜାଣି ?

ଉଦିଆ ପରିଡ଼ା ରାମ ମିଶ୍ରଙ୍କ ଆଡ଼କୁ ଉହୁଙ୍କି ଆସିଲା । ଚିରିଲା—କଉ ପଣ୍ଡିତେ, ଦାସିଆକୁ ଇମିତି ରକତ ବୁହା କରି ଇଲ କାହିଁକି ?

କଅଣ ଫାସି କରିବୁ କି ?

କଣଅ—?

ଯାଉ, ସିଏ କଣ କରିବ । ରାମ ମିଶ୍ରେ ଘରଆଡ଼େ ଫେରି ଉଥିଲେ ।

ଉଦିଆ ପରିଡ଼ା କଦଳୀ ବାଡ଼ରୁ ଘୁଉଁକାନ ପୂଇଡ଼ାଙ୍ଗ ଭାଙ୍ଗି ଗି ରାମ ମିଶ୍ରଙ୍କ ପିଠିକି ଦେଲା ପାହାରେ । ଆଉମାନେ ସମସ୍ତେ କୁ ଆଖିଠାର ଦଉଥାଆନ୍ତି । ଏଣେ ପାଟି କରୁଥାଆନ୍ତି, ଉ ଥାଉ—

ସାଙ୍ଗେ ସାଙ୍ଗେ ମାଡ଼ ଆସିଲେ ବ୍ରାହ୍ମଣ ସାଇଆ ।

ଉଦଆ ପରଡ଼ା ସାଙ୍ଗକୁ ଜୁଟିଗଲେ ଗାଁସାକର ଚଷା, ମହାନ୍ତି, ଖଣ୍ଡାଏତ, ଗଉଡ଼, ଗୁଡ଼ିଆ । ସମସ୍ତଙ୍କ ତୁଣ୍ଡରେ—ବ୍ରାହ୍ମଣେ ଆଜି ଦାସିଆ ବାଉରିକି ମାଇଲେ, କାଲି ତ ଆମକୁ ମାରି ପକେଇବେ ।

ଉଦଆ ପରଡ଼ା ଇଆ ଭିତରେ ଦଁ ଗୁର ପାହାର ପିଟି ଦେଇଛି ।

ରାମ ମିଶ୍ରେ ରାଗରେ ଚମଚମ । ପିଠିରେ ଏଣେ ନୋଳା ଫାଟିଯାଇଛି ।

ଗାଁସାକ ଲୋକଙ୍କର ଖାଲି ପାଟି ଆଉ ହଲ୍ଲା । କିଏ ଅବା କାହା କଥା ଶୁଣୁଛି । ଥୋକେ ଲୋକ ତୁନିଟି ହୋଇ ଯିଏ ଯାହାରି ଘରଆଡ଼େ ଫେରିବାକୁ ଆରମ୍ଭ କରିଦେଲେ ।

ଗୋକୁଳବାବୁ ଓ ଲୋକ ସେ ଆଡ଼ୁ ଧଇଁସଇଁ ହୋଇ ଦଉଡ଼ୁଛନ୍ତି । କିଏ ତାଙ୍କୁ ଖବର ଦେଇଦେଲା—ଉଦଆ, ରାମ ମିଶ୍ରଙ୍କୁ ମାଡ଼ ଦେଇଛି । ଦହେଁ ବ୍ରାହ୍ମଣ ସାଇଆଡ଼େ ଚାଲିଲେ ।

କାଳିଆ ସାନ୍ତରା ପଛରୁ ଡାକିଲା—କିରେ ଲୋକ, ଆସୁଛ କି ଇଆଡ଼େ । ଭାରି ଗୋଟେ ମାମଲତକାର ସାଜିବାକୁ ମନ ହେଇଗଲାଣି ? ଆସୁଛଟି—

ମୁଁ ଆସେ—

କାଳିଆ ସାଆନ୍ତରା ରାଗରେ ଫାଟି ଯାଉଛି । ପୁଅ ତା କଥା ମାନିଲାନି । ବଡରା କରେ କ'ଣ ?

ଚମ୍ପତିରାୟଙ୍କ ଦୁଆର ମୁହଁରେ ଚାଲିଛି ଗୋଟେ ଘୋ କାଠର ସଭା । ଗାଁର ଯେତେ ଯେତେ ମାମଲତକାରୁ ଆ ମାମଲାବାଜ ସମସ୍ତେ ଯାଇ ସେଇଠି । କାଳିଆଟି ଯାଇ ତା ପିଣ୍ଡା ଉପରେ ବସିପଡ଼ିଲା । ସୁଦାମବାବୁ କହି ଚାଲିଛନ୍ତି—ଆ

ରାତାରାତି ଦାସିଆକୁ ଡାକ୍ତରମାଇନା କରିବାକୁ ପଡ଼ିବ । କାଲି ସକାଳେ ଥାନାରେ ଖବର ଦିଆହୋଇ ଚାଲିବ ଫୌଜଦାରୀ ମକଦ୍ଦମା । ଯେତେ ଖର୍ଚ୍ଚ ପଡ଼ିବ ସବୁ ମୁଁ ଦେବି । ବ୍ରାହ୍ମଣେ ଆଜି ବାଉରିଟାକୁ ମାରି ଦେଲେ, କାଲି ତ ଆମକୁ ମାରିବେ—

ସମସ୍ତେ ଧନ୍ୟ ଧନ୍ୟ କଲେ । ଯେତେହେଲେ ବଡ଼ ଲୋକର ପିଲା ଟି ? ମିଜାଜ ବଡ଼ । ହଇଏ ଦାସିଆ ବାଉରି କିଏ ? ବାରି ଅରକ୍ଷିତଟେ । ଚମ୍ପତିରାୟଙ୍କ ଭଲିଆ ଲୋକ । ଦାସିଆ କ'ଣ ତାଙ୍କ ଘରେ ଚାକରୀ କରେ ନାଁ ବେଠି ଖଟେ । ଶହ ଶହ, ହଜାର ହଜାର ଖର୍ଚ୍ଚ କରିବାକୁ ସେ ପ୍ରସ୍ତୁତ ଅଛନ୍ତି ।

ହଇଏ କାଳିଆ ଭାଇ—ତମ ଲୋକଟା କାହିଁ ସିଏ ଗୋକୁଳି ବାବୁଟା ସାଙ୍ଗେ ସେମିତି ହଉଛି କି ? ବଲେଇ ସାଙ୍ଗେ ବଣଭୁଆ ବାଇ । ତା'ର ଚୁପଚାପ କାମ । ବଳରେ କାମ ନ କଲେ ବଳ ଉଜୁଡ଼ି ଯିବ । ତୁମେ ତ ହେଲ ନପାରିବାର ଲୋକ । ସେ ଯଦି ଏଇସବୁ କାମରେ ମାତେ, ଆଉ ହବ କ'ଣ ?

ମୁଁ ସିନା ମନା କରିବି । ମନା ନ ମାନିଲେ ଆଉ କ'ଣ ତାକୁ ମାରିବି ? ସେ କ'ଣ ଗୋଟେ ଛୁଆଟିଏ ହୋଇଛି ?

ଆଚ୍ଛା ସାଆନ୍ତରେ—ସୁଦାମବାବୁ କହିଲେ—ତୁମ ଲୋକ କ'ଣ ସେଥିରୁ ପାଉଛି, ମତେ କହିବଟି ? ତା' ସାଙ୍ଗକୁ ମିଳିଛି ଗୋଟେ ସାଧୁ । ତାକୁ ମନା କରୁନା—

କାଳିଆ ସାଆନ୍ତର ମୁଣ୍ଡ ହଲେଇ ହଁ କଲା ।

କଥା ଠିକ୍ ହେଲା—ଦି' ଚାରିଜଣ ଲୋକ ଆଜି ରାତାରାତି ଚମ୍ପତିରାୟଙ୍କ ଶଗଡ଼ରେ ଦାସିଆକୁ ପକେଇ ଖୋର୍ଦ୍ଧା ଡାକ୍ତରଖାନାକୁ ନେବେ । ମକଦ୍ଦମା ଚଳେଇବେ ନିଜେ ଚମ୍ପତିରାୟ ।

ମଙ୍ଗଳାଙ୍କ ଦେଉଳରେ କଣ୍ଟ ଭାଇନା ଏଣେ ସୁଜଖିର ଘାଣ୍ଟୁଥିଲା । ଶୁଣିଲା—ଗାଁରେ ଗୋଟେ ଗଣ୍ଡଗୋଳ ଲାଗିସାରିଲାଣି । ଗୋଟାଏ ବଡ଼ ପିତ୍ତଳ ହଣ୍ଡାରେ ଅଧ ମହଣେ ମଇଁଷ ଦୁଧ ଫଣି ଚୁଲିରୁ ସୁଜଖିର । ଚୂଲି ପାଖରୁ ଛାଡ଼ି ସେ ଯାଇପାରିବେନି । ଖିର ଯଦି ଲାଗିଯାଏ, ବଡ଼ ଅସୁବିଧା ହେବ । ମନଟା ଗାଁ ଭିତରେ ଥିଲେ ବି କଣ୍ଟ ଭାଇନା ସେ ଘର ଛାଡ଼ି ଯାଇ ପାରିଲାନି ।

ସାଙ୍ଗରେ ତା'ର କାମ କରୁଥିଲା ଷିଆଡ଼ି ଘର ହରିଆ । ତା' ମନଟା ସୁକ୍ ସୁକ୍ ହେଲା । ଗାଁରେ କ'ଣ ଗୋଟେ ଏଡ଼େ ହଲ୍ଲା ଲାଗିଛି । ସମସ୍ତେ ଖାଲି ପାଟି କରୁଛନ୍ତି । କାମ ତାର ସବୁ ସରି ଯାଇଥିଲା । କଣ୍ଟ ଭାଇନା ମନା କରିବା ସତ୍ତ୍ୱେ ହରିଆ ଯାଇ ଗାଁରେ ।

ଏକା ରହିଲା କଣ୍ଟ ଭାଇନା ।

ଚାରିଆଡ଼େ କଟିମିଟିଆ ଅନ୍ଧାର । ପାଖ ଓସ୍ତ ଗଛର ଶାଖା ପ୍ରଶାଖା ପବନରେ ଏପଟ ସେପଟ ହୋଇ କେଁକଟର ଶବ୍ଦ କରୁଛି । ପତ୍ରଗୁଡ଼ାକର ସାଇଁ ସାଇଁ ଶବ୍ଦ । ଝିଙ୍କାରି ଦି'ଟା ଝିଁ ଝିଁ ହେବାକୁ ଆରମ୍ଭ କରିଦେଲେଣି । ବେଳେବେଳେ ଓସ୍ତ ଗଛ ଭିତରୁ ଚଢ଼େଇଗୁଡ଼ାକ ଫଡ଼ଫଡ଼ ହଉଛନ୍ତି । ମଙ୍ଗଳାଙ୍କ ଦେଉଳ ପାଖ ଗୁଡ଼ୁଲିଆ ଗଛରେ ପୁଞ୍ଜେ ପାଞ୍ଚଟା ବାଦୁଡ଼ି ଆସି ଓହଳି ଗଲେଣି । ଗାଁ ପଟକୁ ଯୋର କୁଳେକୁଳେ ଆଗେଇଗଲେ ପଡ଼େ ଗାଁ ମଶାଣି । କଣ୍ଟ ଭାଇନା ଦିନବେଳେ ଦେଖିଛି, ଗୋଟେ ମଣିଷ ଖପୁରି ସେଇଠିଇ ଗଡ଼ୁଥିଲା । ଦି'ଖଣ୍ଡ ଦରପୋଡ଼ା ବାଉଁଶ, ଗୋଟେ ଶବ ମାଣ୍ଡି ଓ ଗୋଟେ ବଳଦର ପଞ୍ଜରା ହାଡ଼ ବି ସେ ଦେଖିଥିଲା ।

କଣ୍ଟୁ ଭାଇନା ଚୂଲିରେ କାଠ ପୂରେଇଦେଇ କରଚୂଲିଟା ଖୁବ୍ ଜୋର୍‌ରେ ଜାବୁଡ଼ି ଧରିଲି ଓ ସୁଜଖିର ହଣ୍ଡାଟାକୁ ଘାଣ୍ଟିବାରେ ଲାଗିପଡ଼ିଲା ।

ଝିରକା ଦେଇ ସେ ଯୋରଆଡ଼େ ଅନେଇଛି । ଧଳା ହୋଇ କିଏ ଗୋଟେ ଠିଆ ହୋଇଯାଇଛି । ମସ୍ତବଡ ଡେଙ୍ଗା । ମୁଣ୍ଡ ତାର ସରଗକୁ ଯାଇ ଲାଗିଛି । କଣ୍ଟୁ ଭାଇନାର ଛାତି ଧଡ଼ ଧଡ଼ ହେବାକୁ ଆରମ୍ଭ କଲା । ହରିଆଟା ଚାଲିଯାଉଥିଲା କାହିଁ କେଜାଣି ? କରଚୂଲିଟା ଥୋଇଦେଇ ବାହାରେ ସେ ଆଖି ବୁଲେଇ ଆଣିଲା ।

ହାଣ୍ଡିକଳା ଭଳି ଚାରିଆଡ଼ ଅନ୍ଧାର । କେହି ବୋଲି କେହି ନାହାନ୍ତି । କିଏ କାହିଁ ଆସି ଠିଆ ହବ ? ନିଜର ମନ ନିଜକୁ ଡରଉଛି । ଯୋରଆଡ଼ୁ ପବନ ଦଲକାଏ ହବ ଆସି ତା’ ଦେହରେ ବାଡ଼େଇ ହୋଇଗଲା—ମଣିଷର ମନ, ଠିକ୍ ଯେପରି ବେଳେ ବେଳେ ତା’ ବୁକୁ ଭିତରେ ଆସି ବାଡ଼େଇ ହୋଇଯାଏ ।

ପଧାନସାଇର ନଟିଆ କହୁଥିଲା—ଆର ସାଲେ ପାଣ୍ଡୁ ବଳିଆରସିଂ ରକ୍ତ ବାନ୍ତି କରି ମରିଯିବାର କାରଣ ହଉଛି— ରାତି ଘଡ଼ିଏ ହବ, ସେ ଯୋର କୂଳକୁ ଝାଡ଼ାଫେରି ଯାଇଥିଲା । ଦେଖିଲା—ତା’ ଆଗରେ ଧଳା ହେଇ କିଏ ଗୋଟେ ଠିଆହୋଇଛି । ପିନ୍ଧିଛି ଧୋବ ଫରଫର ଲୁଗା । ମାଟିରେ ଗୋଡ଼ ତା’ର ଲାଗୁନି । ତାଳଗଛ ଭଳି ମୁଣ୍ଡ ଯାଇ ସରଗରେ ଲାଗି-ଯାଇଛି । ଦେଖା ଯାଉନି । ପାଣ୍ଡୁ ବଳିଆରସିଂ ତାକୁ ଯେମିତି ଦେଖିଦେଇଛି—ତା’ର ଦେହ ଖାଲି ବରଡ଼ା ପତ୍ର ଭଳି ଥରିବାକୁ ଲାଗିଲା । ବୋବାଇଲାଗିଲା ଗୋଠାକୁ ଗୋଠା ଝାଳ । ସେଇଠି ତ ସେ ଖାଇଦେଇଥାନ୍ତା । ପାଣ୍ଡୁ ବଳିଆରସିଂ ଦଉଡ଼ ଘରକୁ

ଫଳେଇଆସିଲା । ସେଇ ରାତିରେ ଆରମ୍ଭ ହେଲା ଝାଡ଼ାବାନ୍ତି । ଖାଲି ଖଣ୍ଡ ରକ୍ତ । ସକାଳ ପାହିଲା ବେଳକୁ କୋକେଇ ବନ୍ଧା ହେଲଣି ।

କଣ୍ଠୁ ଭାଇନାକୁ ମାଡ଼ମାଡ଼ ପଡ଼ୁଛି । ପାଖରେ କେହି ବୋଲି କେହି ନାହାନ୍ତି । ଚୁଲ୍ଲୀଟା ହୁରୁ ହୁରୁ ହୋଇ ଜଳାଲଗିଛି । ଘର ଭିତରଟା ଅଧା ଆଲୁଅ ଅଧା ଅନ୍ଧାର । ଅଛି ଅଛି ଗାଁରୁ ଶୁଭିଯାଉଛି ଘାଣ୍ଟି, କାଳି କଳଆର ଗୋଳ । ବଡ଼ ଫୌଦାରୀଟେ ବୋଧହୁଏ ଲାଗିଗଲା । କଣ୍ଠୁ ଭାଇନା ସୁଜାଖିରକ ଗୁଡ଼ି ଯାଉଛି ଅବା କେତେବେଳେ ?

ଚୁଡ଼ାକୁ ନାଗସାପ ଧରିଲା ଭଳି କଣ୍ଠୁ ଭାଇନା ରହିପାରୁନି ନା ଯାଇପାରୁନି । ଝଡ଼ଏ ହବ ଇମିତି ବିତିଗଲାଣି । ଭୁମିଟି ହୋଇ ଚୁଲ୍ଲୀମୁଣ୍ଡେ ସେ ବସିଛି—ଗାଁଆଡ଼ୁ ଆସିଲେ ହରିଆ, ଲୋକ ଆଉ ଗୋକୁଳବାବୁ ।

ଲୋକ ଓ ଗୋକୁଳବାବୁ କଥାହୋଇ ପଛେପଛେ ଆସୁଥାଆନ୍ତି । ହରିଆ ଆଗୁଆ ଆସି କଣ୍ଠୁ ଭାଇନାକୁ କହି ଦେଲା—ଦାସିଆ ବାଉରିକ ରାମ ମିଶ୍ରେ ମାଡ଼ ଚଢ଼େଇଛନ୍ତି । ଉଦିଆ ପରଡ଼ା, ଉପରେ ଚଢ଼ ରାମ ମିଶ୍ରଙ୍କୁ ଧୂଳି ଡାଙ୍ଗରେ ଗୁରି ପାହାର ପିଟିଛି । ଗାଁଯାକ ଏଇନେ ବ' ମେଳ । ଚମାଡିରାପୁ ବଉଁଶ ଦାସିଆ ବାଉରି ପାଇଁ ଟଙ୍କା ଖର୍ଚ୍ଚ କରିବେ । ଗୁଲାବ ଫୌଦାରୀ ମକଦ୍ଦମା ।

ଲୋକ ଆଗେ ଆଗେ ଆସି କହିଲା—କଣ୍ଠୁ ଭାଇନା, କ'ଣ ସରିଲା ?

ହଁ, ସରିଲାଣି ।

ହଣ୍ଡାଟାକୁ ଉଚବତ ଘରକୁ ଉଠେଇନେଲେ ତ ଭଲ ହୁଅନ୍ତା ।

ସମସ୍ତେ ଧରି ନେବା ।

ଠିଆ ହୋଇଥାଆନ୍ତି ଗୋକୁଳବାବୁ । ସେ ବି ଧରିବାକୁ ଯାଉଥିଲେ । କଣ୍ଢୁ ଭାଇନା, ହରିଆ ଓ ଲୋକ । ତିନି ଜଣ ଲୋକ କ'ଣ ହଣ୍ଡାଟେ ଉଠେଇ ନେଇ ପାରିବେନି ?

ଗାଁରୁ ରାଧୁ ଦଉଡ଼ି ଦଉଡ଼ି ଆସୁଛି । ଆସି କହିଲା—ଲୋକ ଭାଇ, ବେଗେ ତୁ ଭଗବତ ଘରକୁ ଯା । ଲୋକେ ଆସି ବସିଗଲେଣି । ତେଣେ ରାମ ମିଶ୍ରଙ୍କ ଦୁଆରମୁହଁରେ ସ୍ଲେଟକାଠର ସଭାଟିଏ ବସିଛି । ଗୋକୁଳବାବୁଙ୍କୁ ସେମାନେ ଡକେଇଛନ୍ତି ।

ହଉ ରାଧୁ, ତୁ ଥାଆ ନା, ତିନିଜଣ ମିଶି ତୁମେ ହଣ୍ଡାଟା ନେଇଯିବ । ଆମେ ରାମ ମିଶ୍ରଙ୍କ ଘରଆଡ଼ୁ ଆସୁ । ଗୋକୁଳବାବୁ ଓ ଲୋକ ବେଗେ ବେଗେ ପାଦ ପକେଇ ଚାଲିଲେ । ଡେରି କଲେ ରାତି ତେଣେ ବେଶୀ ହୋଇଯିବ ।

କଣ୍ଢୁ ଭାଇନା, ରାଧୁ ଓ ହରିଆ, ତିନିହେଁ ଯାଇ ଚୁଲିମୁଣ୍ଡେ ବସି ପଡ଼ିଲେ । ହଉ ଯିବା ତ । ରାମ ମିଶ୍ରଙ୍କ ଦୁଆର ମୁହଁରେ ତାଙ୍କର କଥାବାର୍ତ୍ତା ଆଗ ତୁଟୁ ।

କଣ୍ଢୁ ଭାଇନା କହି ଚାଲିଲା—ଏ କ ଫୌଦାରି ତୁ ଦେଖଉଛୁ ହରିଆ । ମୁଁ ଥିଲି କଲିକତାର ଗୋଟେ ବଙ୍ଗାଳୀ ବାଡ଼ିରେ । ସେତେବେଳେ ମତେ ବାଇଶି କି ତେଇଶିଟା ବରଷ । ତୁ ତ ପିଲା । କିଛି ହେଲେ ଜାଣିନୁ କି ଦେଖିନୁ । ଦି' ତିନି ବର୍ଷ ଧରି ଆମ ଗାଁରେ ପଡ଼ଥାଏ ବଢ଼ି ଆଉ ମରୁଡ଼ି । ଲୋକେ ପେଟ ଜ୍ୱାଳାରେ ରେଙ୍ଗୁନ କଲିକତା ଧାଇଁଲେ । ମୁଁ କଲିକତା ଯାଇ ଅନେକ ଯାଗାରେ ଚାକିରିଟେ ଖୋଜିଲି । ବ୍ରାହ୍ମଣ ପିଲା, ପଇତା ଛଅ ଖିଅ ଅଛି । ମିଳିଗଲା ଖଣ୍ଡେ ଚାକିରି । ରୋଷେଇବାସ କରିବାକୁ

ପଡ଼ିଲି । ଖାଇପିଇ ମାସକୁ ତିରିଶି । ଭାରି ବଡ଼ଲୋକ ଘର । ମସ୍ତବଡ଼ କୋଠା । ଗୃହଣି ପୁଅ, ପାଞ୍ଚ ଝିଅ । ମାଲିକର ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ । ବର୍ଷେଖଣ୍ଡେ ବଡ଼ ସୁରୁଖୁରୁରେ ସେଠି ମୁଁ କଟେଇ ଦେଲି ।

ଲାଗିଲା ଥରେ ହାଣକାଟ୍ । କିଛି ବୋଲେ କିଛି ଜଣା, ନ ଥିଲା । ଶୁଣା ବି ନ ଥିଲା । ସକାଳ ପାହିଲାବେଳକୁ ଯାନ-ବାହାନ ଚଳାଚଳ ବନ୍ଦ ହୋଇଗଲାଣି । କଲିକତା ରାସ୍ତାରେ କାଉ କୋଇଲିର ଦେଖା ନାହିଁ । ପଂଝେ ପଂଝେ ଲୋକ ଛୁରୀ ଧରି ଘର ଭିତରକୁ ପଶିଆସନ୍ତି । ଛୁଆପିଲା, ବୁଢ଼ାବୁଢ଼ୀ, ଟୋକା ଟୋକୀ ଯାହାକୁ ପାଇଲେ ତାକୁ ମାରିଲେ । ଭଲ ମନ୍ଦର ବିଚାର ନାହିଁ । ଧର୍ମ ଅଧର୍ମ ଭାବନା ନାହିଁ । ଗୋଟେ ଗୋଟେ ଘରର ପିଲାକବିଲା ଧରି କୁଳ ବୁଡ଼େଇ ଦେଇଛନ୍ତି ସେମାନେ ।

ରକ୍ତ ନଈରେ କଲିକତା ସହର ଭାସୁଥାଏ । ମୋ ମାଲିକଙ୍କ ଘର ମାଟିଆ ବୁରୁଜ ପାଖରେ । ହଜାର ହଜାର ଓଡ଼ିଆ କୁଲିଙ୍କ ବସ୍ତି । ଗୋଟେ ଜାଗାରେ କେତେ ଶହ ଓଡ଼ିଆ କୁଲି ଦିନ ତମାମ ଖଟି ଖଟି ଆସି ରାତିରେ ଶୋଇଯାଇଥିଲେ । ସେମାନଙ୍କର ଜଣେ ମୁସଲମାନ ସାଙ୍ଗ । ପ୍ରାଣ ଦିଆ ଦେଇ । ସେ କ'ଣ କଲା ଜାଣ ?

ଗୋଟିଏ ଲୋକ ସିଏ । ଦୁଆର ମୁହଁଟାରେ ବସି କେବଳ ଗୋଟିଏ ହତିଆରରେ ଶହେ ଜଣରୁ ବେଶୀ ହବ ଓଡ଼ିଆ କୁଲିଙ୍କି କଟିଲ କରିଦେଲା । ମୁଁ ଯୋଉ ମାଲିକ ଘରେ ଥିଲି, ତାଙ୍କ ଘରେ ଗୁଣ୍ଡାମାନେ ପଶି ଧନସମ୍ପତ୍ତି ଲୁଟ୍ କରିନେଲେ । ସ୍ତ୍ରୀ ପିଲାଙ୍କର ଇଜ୍ଜତ୍ ନେଇସାରିଲା ପରେ ସେମାନଙ୍କର ଅଥାନ ଜାଗାରେ ଛୁରୀ ଭୁଷି ବଡ଼ କଦର୍ଯ୍ୟ ଭାବରେ ସେମାନଙ୍କ ପ୍ରାଣ ନେଇଛନ୍ତି । ହିନ୍ଦୁମାନେ ବି ମୁସଲମାନ ଘରେ ପଶି କମ୍ ଲୋକ ଖୁନ୍ କରି

ନାହାନ୍ତି । କି ପାଗଳା କଥା । ମନେ ପଡ଼ିଗଲେ ରୋମ ଟାଙ୍କୁରି ଉଠୁଛି ।

ଯିବାକୁ, କୁଆଡ଼େ ହେଲେ ରାସ୍ତା ନାହିଁ । ମୁଁ ଜୀବନ ଧରି କେମିତି ଆସିଲି ଜାଣିଛୁ ? ଗୋଟେ ପାଇଖାନା ଭିତରେ ଯାଇ ପଶିଗଲି । ଏକଦମ୍ ତଳେ । ଯୋଉଠି ମଇଳା ଯାଇ ପଡ଼େ । ଦି'ଦିନ ଧରି ନଖାଇ ନପିଇ ମୋତେ ସେଇ ଗନ୍ଧ ଭିତରେ ରହିବାକୁ ପଡ଼ିଲା । ଯେମିତି ଜାଣି ପାରିଲି—ଟିକିଏ ଥଣ୍ଡା ପଡ଼ି ଆସୁଛି, ରାତିରେ ଲୁଚି ଲୁଚି ଷ୍ଟେସନ ଆଡ଼େ ଧାଇଁବାକୁ ଆରମ୍ଭ କଲି । ପାଖରେ ଗୋଟିଏବୋଲି ଗୋଟିଏ ପଇସା ନଥାଏ । ବିନା ଟିକଟରେ ସିଧା ଆସିଲି ନବରଙ୍ଗପୁର ।

କଣ୍ଟୁ ଭାଇନା ଗୋଟିଏ ଗରୁଆ ନିଶ୍ୱାସ ଛାଡ଼ିଲା । ଇଏ କି ଫୌଦାରୀ ହରିଆ ? ଧର୍ ଝର୍ ହଣ୍ଡାଟା ନେଇଯିବା । ରାତି ଆସି ବେଶୀ ହେଲାଣି । ଲୋକ ତେଣେ ଅପେକ୍ଷା କରିଥିବେ ।

ହରିଆ, ରାଧୁ ଓ କଣ୍ଟୁ ଭାଇନା ତିନିଜଣଯାକ ସୁଜିଖିର ହଣ୍ଡାଟା ଟେକି ଟେକି ଭଗବତ ଘରଆଡ଼େ ଚାଲିଗଲେ ।

## —ନଅ—

ବ୍ରାହ୍ମଣ ସାଇରେ କଥାବାର୍ତ୍ତା ସାରି ଫେରିଲାବେଳକୁ ରାତି ଆସି ହେଲାଣି ଦି'ଘଡ଼ି । ଲୋକ ଆଗୁଆ ଆସି ଭଗବତ ଘରେ । ଗୋକୁଳବାବୁ, ରାମ ମିଶ୍ର, ଲିଙ୍ଗ ରଥ ଓ ବାହ୍ମାପତି ପ୍ରଭୃତିଙ୍କର ଗୋଡ଼ ହାତ ଧରି ଅନେକବେଳ ପର୍ଯ୍ୟନ୍ତ ବୁଝେଇଲେ । କାଇଁ

ଆପଣମାନେ କୋର୍ଟ କଚେରୀକୁ ଦଉଡ଼ିବେ । ଦାସିଆ ବାଉରିଙ୍କ ଚମ୍ପତିରାୟଙ୍କ ଘର ଠେଙ୍ଗା ଦେବେ । ସେ ମକଦ୍ଦମା ଲଢ଼ିବେ । ଆପଣ ବି ଉଦ୍ଧିଆ ପରିଡ଼ା ନାଁରେ ଫୌଜଦାରୀ ମକଦ୍ଦମା କରିବେ । ଫଳ ହବ କ'ଣ ନା, ହାଡ଼ି ଖାଇବେ ପଇସା । ଗୁଳବ ଜମିବାଡ଼ି ବିକା । କଳି ତକରାଳ, ମାଡ଼ମରାମରି ଆଉ ଆକ୍ରୋଶ । ଏସବୁ ସଦାବେଳେ ଲାଗି ରହିଲେ ତ ଭଲ କଥା ନୁହେଁ । ରାତି ପାହିଲେ ମୁହଁ ଚୁହାଁ ଚୁହିଁ । ଏକା ଗାଁର ଲୋକ । ଗୁଡ଼ବାଡ଼ ହୋଇ କେତେ ଦିନ ଅବା ଚଳିପାରିବେ ?

ଅନେକ ପାଠିଭୁଣ୍ଡି ପରେ ଗୋକୁଳବାବୁଙ୍କ କଥାରେ ସମସ୍ତେ ହଁ କଲେ । କେହି କୋର୍ଟ କଚେରୀକୁ ଯିବେନି । ଗାଁର ବୁଢ଼ା ବୁଢ଼ା ଜାଣିବା ଶୁଣିବା ଲୋକ କେଇଜଣ ବସି ଏ କଥାର ନିଶାପ କରିବେ । ଗାଁର ସବୁଠୁ ବଡ଼ ବୁଢ଼ା ହଉଛନ୍ତି ସାଆନ୍ତବା ବୁଢ଼ା । ଆଗ ତାଙ୍କୁ ଏ କଥାଟା ପଚରାଯିବ । ରାତି ଆସି ବେଶୀ ହେଲାଣି । ଦଶମସ୍କନ୍ଧ ବୋଲାସରିଲା ପରେ ଖିଆପିଆଟା ଆଗ ସରିଯାଉ ।

ଗୋଟି ଗୋଟି ହୋଇ ଗାଁ ଲୋକେ ଭଗବତ ଘରେ ଆସି ରୁଣ୍ଡ ହେଲେଣି । ପିଲା, ବୁଢ଼ା ଆଉ ଟୋକା । ମହାଦେବଙ୍କ ଦେଉଳରେ ଗୋଟେ, ଭଗବତ ଘରେ ଓ ଆଖେଡ଼ା ଘରେ ଗୋଟେ ଗୋଟେ ବିଜୁଳି ଆଲୁଅ ଝୁଲୁଛି । ଖାଲି ବିଜୁଳି ଆଲୁଅର ଲହଡ଼ି । କାହିଁ କେବେ ଦେଖା ନଥିଲା । କାହିଁ ଡିବି ଆଲୁଅ, କାହିଁ ବିଜୁଳିବତି ? ମାନସିଂହ ପାଟଣାର ସୁକୃତ ଯୋଗୁ ଏହା ସମ୍ଭବପର ହୋଇପାରିଛି ।

କଥା ହେଲା—ରାତି ବେଶୀ ହେଲାଣି, ଦଶମସ୍କନ୍ଧରୁ ଅଧ୍ୟାୟଟେ ବୋଲିଦେଇ ଅଙ୍କ ଶେଷକରି ଦବାକୁ ପଡ଼ିବ । ତା' ପରେ ଗୋକୁଳବାବୁ କିଛି କହିବେ । ତା' ପରେ ଖିଆପିଆ ।

ସାଆନ୍ତସ ବୁଢ଼ା ବାଡ଼ି ଖଣ୍ଡିକ ଠୁକୁରୁ ଠୁକୁରୁ କରି ଭଗବତ ଘରର ଗୋଟେ କଣକୁ କରି ଆସି ବସିଲା । ଆଉ କେତେ କେତେ ବୁଢ଼ା । ଅଧେ ଲୋକ ଘରେ, ଅଧେ ବାରଣ୍ଡାରେ । ଘର ଭିତରେ ଭଗବତ ଗାଦି ଉପରେ ବ'ହାତ ଉଚ୍ଚର ତାଳପତ୍ର ପୋଥି ଗଦାଆ ହୋଇ ଥୁଆହୋଇଛି । ଗାଦି ତଳକୁ ଗୋଟେ କାଠ ଆସନ ଉପରେ ଥୁଆ ଭାଗବତ ବହି । ପାଖକୁ ଜଳୁଛି ଗୋଟେ ପୋଲଙ୍ଗ ତେଲ ଦୀପ । ବିଜୁଳି ଆଲୁଅ ଜଳୁଥିଲେ ବି ବୁଢ଼ାବୁଢ଼ାଙ୍କ କହିବା ଅନୁସାରେ ପୋଲଙ୍ଗ ତେଲ ଦୀପଟେ ନ ଜଳିଲେ ନ ଚଳେ । ମହାଦେବଙ୍କ ପୂଜାରୀ ଖେଟେଇ ମହାପାତ୍ର ଭାଗବତ ବୋଲିବାକୁ ଆରମ୍ଭ କଲା । ଗାଁରେ ଆଉ କେତେ ବି ବୋଲାଳିବାଲା ଅଛନ୍ତି । କିନ୍ତୁ ଖେଟେଇ ମହାପାତ୍ର ପାସଙ୍ଗରେ କେହି ହେଲେ ପଡ଼ିବେନି ।

ଭାଗବତ ବୁଢ଼ା ସାଆନ୍ତସ ଯେମିତି ଶୁଣୁଛି, ବ୍ରାହ୍ମଣ କରଣଙ୍କଠୁ ଆରମ୍ଭ କରି ତେଲି, ଗଉଡ଼, ଗୁଡ଼ିଆ ଆଦି ସମସ୍ତେ ଜଙ୍ଘକୁ ଜଙ୍ଘ ପକେଇ ସେମିତି ଶୁଣିବାରେ ଲାଗି ପଡ଼ିଛନ୍ତି । ଧୋବା, ବାଉରି, କଣ୍ଡରା, ହାଡ଼ିଆଦି ଶ୍ରେଣୀ ଜାତି ବି ଭଗବତ ଘରର ପିଣ୍ଡା ତଳକୁ ବସି ଭାଗବତ ଶୁଣିବାରେ ବ୍ୟସ୍ତ । କୋଉକାଳର ଏଇ ଓଡ଼ିଆ ଭାଗବତ । ଇଆ ପାଖରେ ଜାତିଭେଦ ପ୍ରଥା ପରାଜୟ ମାନିଛି । ଉଚ୍ଚନୀଚର ଭେଦାଭେଦ ଏ ରଖିନି । ସରଳ ଓଡ଼ିଆରେ ଲେଖା ଏଇ ଭାଗବତ ପୋଥି । ଶହ ଶହ ବର୍ଷ ଧରି ଗୋଟେ ଜାତିକି ଏକାଠିକରି ବାନ୍ଧି ରଖିପାରିଛି ।

ବିଜୁଳି ଆଲୁଅ ଭାଗବତ ଘରୁ ଖସିଯାଇ ପାଖ ବରଗଛ ଉପରେ ପଡ଼ିଛି । ସମସ୍ତଙ୍କ ଆଖି ଆଲୁଅ ଉପରେ । କେତେ କେତେ ପୋକ ଆଲୁଅ ଚାରିପାଖେ ବୁଲି ତା' ତଳକୁ ଖସିପଡ଼ୁଛନ୍ତି । ସ୍ବର ପାଞ୍ଚଟା ହବ କଙ୍କି ଓ ଝିଙ୍ଗିକା, କେଇଟା ଇଆ ପିଠିରୁ ତା

କାନ୍ଧ, ତା କାନ୍ଧରୁ ଇଆ ମୁକ୍ତ ହବାରେ ବ୍ୟସ୍ତ । ଦିଅଙ୍କ ପୋଖରୀର ପାଣି ଆଲୁଅ ପଡ଼ି ଝଟକୁଛି ।

ଘରର ଗୋଟିଏ କଣକୁ କରି ବସି ବୁଢ଼ା ଏକ ଧାନରେ ଭାଗବତ ଶୁଣୁଛି । ଖେଟେଇ ମହାପାତ୍ର ଡଗ ଡଗ କରି ବୋଲି ଚାଲିଛି । ସବୁ ଦିନଭଳି ଆଜି ଆଉ ଲହର ଲଗାଉନି । ଲୋକ ତା’ ପାଖକୁ ଧୁଙ୍କିଯାଇ ଜଙ୍ଘକୁ ତାର ଅଳ୍ପ ଚିମୁଟି ଦେଲା । ଶୀଘ୍ର ସାରି-ଦିଅ । ମହାପାତ୍ର ବେଗେ ବେଗେ ଗାଇଗଲା । ସାଙ୍ଗେ ସାଙ୍ଗେ ଆସି ପଡ଼ିଲା, ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ……

ଭାଗବତ ବୋଲସରିବା ପରେପରେ ଲୋକ ଠିଆହୋଇ କହିଲା—ମାନସିଂହ ପାଟଣା ଯୁବକସଂଘ ତରଫରୁ ଆମେ ଗୋକୁଳ-ବାବୁଙ୍କୁ କିଛି କହିବାକୁ ଅନୁରୋଧ କରୁଛୁ ।

ସମସ୍ତଙ୍କ ମନରେ ଗୋଟିଏ ଆନନ୍ଦ ଖେଳିଗଲା । ବୁଢ଼ା ବୁଢ଼ା ସବୁ ବାଡ଼ି ଖଣ୍ଡମାନ ଧରି ଚାଲିଯିବାକୁ ବାହାରିଲେ । ସିଧା ଆସି ଭଗବତ ଘର ଦାଣ୍ଡ ପିଣ୍ଡା ପାଖରେ । ଅଭିପ୍ରାୟ—କ’ଣ କହୁଛି ଦେଖିବା । ଭଲ ନ ଲାଗିଲେ ଚାଲିଯିବା

ଗୋକୁଳବାବୁ ଠିଆହୋଇ କହି ଚାଲିଲେ—

ମାନସିଂହ ପାଟଣା ଗାଁରେ ଆଜି ବିଜୁଳିବତୀ ଲାଗିଛି । ଏଣେ ଫୌଦାରୀ । ଦୁଇଟି ଅଲଗା ଅଲଗା କଥା । ଆଜି ବିଜୁଳିବତୀ ଲାଗିଲା । କାଲି ଗାଁସବୁ ସଫା ହବ । ନୂଆ ନୂଆ ରାସ୍ତାରେ ଗାଁ ତିଆରି ଲାଗିବ । ଗାଁର କଳ ଗାଁରେ ଛୁଟିବ । ଶିକ୍ଷା ପାଇବାକୁ ଗାଁରେ ବସିବ ସ୍କୁଲ୍ ଓ କଲେଜ । ଗାଁକୁ ପଡ଼ିବ ପକ୍କା ସଡ଼କ । ସଡ଼କ କରେ କରେ ବିଜୁଳିବତୀ । ଗାଁ ସବୁ ସହର ପାଲଟିଯିବ । କିନ୍ତୁ ଆଜି ଯୋଉ ପ୍ରକାର ଫୌଦାରୀ ଏ ଗାଁରେ ଲାଗିଥିଲା, ସେମିତି ଯଦି ସଦାବେଳେ ଲାଗିରହେ ତେବେ ମାନସିଂହ ପାଟଣା ଆଉ

ନରଣପୁର କ'ଣ—ଆମେ ଯୋଉ ଭୂମିରେ ପଡ଼ିଛୁ, ସେଇ ଭୂମିରେ ସଦାବେଳେ ପଡ଼ି ରହିଥିବା । ମୁଁ କହୁଛି ବୋଲି ଆପଣମାନେ ମୋତେ କ୍ଷମା କରିବେ—ଦାସିଆ ବାଉରି ତ ଗୋଟେ ମଣିଷ, ପଶୁ ନୁହେ, କି ଜାନୁଆର ନୁହେଁ । ଧର ସେ ରାମ ମିଶ୍ରଙ୍କୁ ଛୁଇଁଦେଲା । ସେ ତ ଜାଣିକରି ଛୁଇଁନି । ହେଲା କ'ଣ ? ଯୁଁ ବୋଲି କ'ଣ ଗୋଟେ ବ୍ରହ୍ମହତ୍ୟା ? ଆପଣମାନେ ତ ଜାଣନ୍ତି, ଛୁଆଁଛୁଇଁ ଏବେ ଉଠିଗଲାଣି । ମଣିଷକୁ ମଣିଷ ଛୁଇଁଲେ ଯେ ଛୁଆଁ ହୋଇଯାଏ, ଆମ ସମାଜରେ ଇଏ ଗୋଟିଏ କଦର୍ଯ୍ୟ ପ୍ରଥା । ମୋତେ ଆପଣମାନେ ଭୁଲ ବୁଝିବେନି—ଯାଆନ୍ତୁ ସହରକୁ, କିମ୍ବା ଯୋଉ-ମାନେ ସହରକୁ କେବେ ଯାଇଥିବେ, ଲୋକମାନଙ୍କ ସାଙ୍ଗେ ମିଶିଛନ୍ତି, ସେମାନେ କ'ଣ କେବେହେଲେ ଛୁଆଁ ଅଛୁଆଁ ନେଇ କଳିଲଗିବା କୋଉଠି ହେଲେ ଦେଖିଛନ୍ତି ?

ହେଲା, ରାମ ମିଶ୍ରେ ଗୋଟେ ମାରିଦେଲେ, ସେ ତ ଆଉ ଜାଣି ନ ଥିଲେ ଯେ ତା ମୁଣ୍ଡିତଳକୁ ଗୋଜିଆ ହୋଇ ଖଣ୍ଡେ ମାଙ୍କଡ଼ା ପଥର ପଡ଼ିଛି । ଦାସିଆ ବାଉରିର ମୁଣ୍ଡଟା ସେଠି ପିଟି ହୋଇଗଲା । ରକ୍ତ ବୋହିଲା । ଦାସିଆ କ'ଣ ବାଉରି ବୋଲି ଆମେ ତାକୁ ଛୁଇଁବାନି ? ରକ୍ତ ଲଟପଟ ହୋଇ ସେ ତଳେ ପଡ଼ିଥିବ, ଆମେ ତା ଘା'କୁ ବାନ୍ଧିଦେବାଟା ଭଲ, ନା ସେମିତି ତାକୁ ପକେଇ ରଖିବା ଭଲ ?

ଟିକିଏ ରହି ଗୋକୁଳବାବୁ ପୁଣି କହି ଗଲେ—ଉଦ୍ଧିଆ ପରିଭାର ଏଥିରେ ବା ଥିଲା, କ'ଣ ! ଗାଁରେ ଏତେ ଲୋକ ତ ଅଛନ୍ତି, ସମସ୍ତେ କ'ଣ ରାମ ମିଶ୍ରଙ୍କ ଉପରେ ଚଢ଼ନାହାନ୍ତି ? ତାଙ୍କୁ ପଚାରି ଯାଇଥାନ୍ତା । କହୁଛି ବୋଲି କହୁଛି କଥା ନାହିଁ । ସାଙ୍ଗେ ସାଙ୍ଗେ ପୁଣି ତାଙ୍କ ଭଉଣୀ ପାହାରେ ହବ ପିଟିଦେଲା । ଇଏ କ'ଣ

ଭଲ କଥା ? ବୁଢ଼ା ବ୍ରାହ୍ମଣ । ବ୍ରାହ୍ମଣ ହୁଅନ୍ତୁ; କରଣ ହୁଅନ୍ତୁ ବା ଖଣ୍ଡାୟତ ହୁଅନ୍ତୁ, ବୟସରେ ତ ବଡ଼? ମୁଁ ଭାବୁଛି—ଊଦଆ ପରିଡ଼ା ଏ କାମ ତା ମନକୁ କରନାହିଁ । ଏମିତି ଗୋଟେ କଳି ଲଗେଇ ଦବାକୁ କଏ ତାକୁ ଫୁସଲେଇ ଦେଇଛି କିମ୍ବା ହାତଗୁଞ୍ଜା ଦେଇଛି । ଏକଥା ମୁଁ ଭାବୁଛି । କିନ୍ତୁ ସଠିକ୍ ରୂପେ କହିପାରୁନ ।

ମୁଁ ନରଣପୁରର ଲୋକ । ନରଣପୁରର ତ ନୁହେଁ, ସେଇଠି ଆସି ଅଛି । ଆପଣମାନେ ଡାକି ପଠେଇଛନ୍ତି ବୋଲି ଆସିଛି । ମୋର ଏ କଥାକୁ କେହି ଯେପରି ଭୁଲ ନବୁଝନ୍ତି । ଗାଁରେ ଦ'ଫାଙ୍କ କରି କଳି ଲଗେଇଦବା ମୋର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଆପଣମାନେ ଭଲକରି ଜାଣିଥିବେ—ଏ ଯୁଗରେ ଯେଉଁମାନଙ୍କ ପାଖରେ ଟଙ୍କା ପଇସା ଅଛି ଓ କ୍ଷମତା ଅଛି, ସେମାନେ ସଦାବେଳେ ଇଚ୍ଛା କରନ୍ତି, ଲୋକଙ୍କୁ କିପରି ଦ' ଦ'ଫାଙ୍କ କରି ସେମାନଙ୍କ ଭିତରେ କଳି ଲଗେଇଦେବେ । ତା' ହେଲେ ସେମାନଙ୍କ କ୍ଷମତା ଓ ଧନ ଅତୁଟ ରହିବ । ନିରାପଦ ହେବେ ସେମାନେ । ଆପଣମାନେ ସେଇମାନଙ୍କୁ ହିଁ ସଦାବେଳେ ଆଖି ଆଗରେ ରଖିଥିବେ ।

ଗାଁରେ ଆଜି ବଳକଳବଣ୍ଟା ଲାଗିଛି । କାଲି ରେଭିନ୍ୟୁ ଆସିବ । ଆପଣମାନେ ସବୁ ଗୁହାରି କରି ଆଣିପାରନ୍ତି । ନୋହିଲେ ସମସ୍ତେ ଦସ୍ତଖତ କରି ପଠେଇଦେଲେ ଗୋଟିଏ ହୁଏତ ମିଳିଯାଇ ପାରେ । ଘରେ ବସି ଆପଣମାନେ ଦୁନିଆଯାକର ହାଲ ଶୁଣିପାରିବେ । ତା' ପରେପରେ ଅନ୍ୟମାନଙ୍କଠାରୁ ଦେଖି ଗୋଟିଏ ଗାଁ ସଭା କରିବେ । ଗୋଟିଏ ଗୋଟିଏ ଟଙ୍କା ଦେଲେ କେତେ ପାଣ୍ଠି ହୋଇଯିବ । କାହାର ପୁଅ ଝିଅ ବାହାଘର ବା କାହାର ଶୁଦ୍ଧଘର ପାଇଁ ସେଇଠୁ ଟଙ୍କା

ଆଣି ପୁଣି ଶୁଝିଦେଇ ପାରିବେ । ମହାଜନ ପାଖକୁ ଯାଇ ଟଙ୍କାକେ ଅଣେ ଦ୍ୱ'ଅଣା ସୁଧ ଗଣିବା କି ଦରକାର ଅଛି ?

ଲୋକେ ଗୋକୁଳ ବାବୁଙ୍କ କଥା ଶୁଣି ଯାଉଥାନ୍ତି ।

ଅନର୍ଗଳ ଭାବରେ କହି ଯାଉ'ଥାନ୍ତି ଗୋକୁଳବାବୁ—ଆଚ୍ଛା, ଆପଣମାନେ କହିପାରିବେ, ମାନସିଂହ ପାଟଣା ଗାଁରେ ସମୁଦାୟ କେତେ ବାଟି ଜମି ?

କାହାକୁ ଜଣା ନାହିଁ ! ଯା' ମୁହଁକୁ ତା' ମୁହଁ, ତା' ମୁହଁକୁ ଯା' ମୁହଁ, ସମସ୍ତେ ଚୁହାଁ ଚୁହିଁ ହେଲେ ।

ଧୂଆଁ ପତ୍ର ମିଶା ଚେପ ଲଣ୍ଡାକ ଘରର ଗୋଟେ କଣକୁ ଫୋପାଡ଼ିଦେଇ ସାଆନ୍ତରା ବୁଢ଼ା କହିଲା—ବାରଶ' ବାଟି ଜମି । ଗାଁ ବସେଇଲା ବେଳେ ରାଜା ଏଇ ଜମିତକ ଦାନ ଦେଇଥିଲେ । ଦାନ ଜମି ବିକା କଣା ହୋଇ ଯା' ହାତରୁ ତା' ହାତକୁ ଯାଇ ବର୍ତ୍ତମାନ ଟିକଟିକ ହୋଇ ଯାଇଛି ।

ଆଚ୍ଛା, ବାରଶ' ବାଟି ଜମି । ଗୋକୁଳବାବୁ ପୁଣି କହିଲେ—ମାନସିଂହ ପାଟଣା ଗାଁରେ ବଳରେ କାମ କରିପାରିଲା ଭଳିଆ ବୁଢା, ଟୋକା ଆଉ ପିଲା ହୋଇ ହଜାରେ ହବ ଲୋକ ବାହାରିବେ । ସମସ୍ତେ ଏକାଠି ମିଶି ଜମିତକ ଚାଷକଲେ ? ଇଆର ଏତେ ବାଟି, ଇଆର ଏତେ ମାଣ ବା ତା'ର ଏତେ ଗୁଣ୍ଠ ବୋଲି କିଛି ରହିଲାନି । ସମସ୍ତଙ୍କ ଜମିର ବନ୍ଧବାଡ଼ ଓ ହିଡ଼ସବୁ ଉଭେଇ ଗଲା । କଳ ଲଙ୍ଗଳ ତ ଆଣିଲେ ଭଲକଥା । ଖାଲି ଆମର ଏଇ ବଳଦ ଓ ଲଙ୍ଗଳରେ ଚାଷ ହେଉନା । ଯାହା ଫସଲ ଆଦାୟ ହେଲା, ସମସ୍ତେ ବାଣ୍ଟିନେବେ । ଯିଏ ଖଟିଲା ସିଏ ଖାଇଲା । ଭୋକ ଉପାସ ରହିଲାନି । ମୋର ତୋ'ର ରହିଲାନି । କଳି ଝକଡ଼ା, ମାଡ଼ ଫୌଜଦାରୀ ଗାଁରୁ ଉଭେଇଗଲା ।

ଆପଣମାନେ ହୁଏତ ଭାବୁଥିବେ, ଏଗୁଡ଼ାକ କଥାର କଥା । ତା'ନୁହେଁ । ଅନ୍ୟ ସବୁ ଦେଶମାନଙ୍କରେ ଏହା ସମ୍ଭବ ହୋଇ ପାରୁଛି ବୋଲି ସେମାନେ ଆମଠାରୁ ସୁଖରେ ଅଛନ୍ତି । ଆପଣ ବହିପତ୍ର ପଢ଼ାପଢ଼ି କରନ୍ତୁ । ନୋହିଲେ କାହା କାହାକୁ ପଚାରନ୍ତୁ । ଏସବୁ ଜାଣି ପାରିବେ ।

ଛାଡ଼ ସେ କଥା, ଯାହା ହବାର ତ ହୋଇସାରିଲାଣି । ସେ ବିଷୟରେ ଖୋଳି ତାଡ଼ି ଆଉ ଲାଭ ନାହିଁ । ବର୍ତ୍ତମାନ କଥା ହେଲା—ଗାଁ କଳି ଗାଁରେ ତୁଟିବ । କୋର୍ଟ କଚେରୀକୁ ଯିବା ଦରକାର ନାହିଁ । ଦାସିଆର ମୁଣ୍ଡ ଘା'ଟା ଜପରେ ଶୀଘ୍ର ଭଲ ହବ । ସେ ବିଷୟ ଗରିବ ବାପୁଡ଼ା । ରାମ ମିଶ୍ରେ ଘା' ଭଲ ହେବାପାଇଁ କିଛି ଟଙ୍କା ଦେଇପାରିଲେ ଅତି ଉତ୍ତମ କଥା । ଉଦିଆ ପଚାଡ଼ା ରାମ ମିଶ୍ରଙ୍କ ଆଗରେ ତା'ର ଭୂଲ ହୋଇଛି ବୋଲି କ୍ଷମାପ୍ରାର୍ଥନା ମାଗିବ । ଏ ପ୍ରକାରେ ଏ ସବୁ ସମାଧାନ ହୋଇପାରିବ ବୋଲି ମୁଁ ଭାବୁଛି । ଗାଁରେ ଭଦ୍ରଲୋକେ ବସି ଇନସାଫ କରିବେ । ଯାହା ଠିକ୍ କରିବେ ସେଇ କଥାଇସାର ହବ । ହଁ—ଆଉ ଗୋଟିଏ କଥା—ମୁଁ ଶୁଣୁଛି, ଦାସିଆକୁ ଆଜି ରାତାରାତି ଡାକ୍ତର ମାଇନା କରି କାଲି ଥାନାରେ ଖବର ଦିଆଯିବ । ମକଦ୍ଦମା ଚାଲିବ ବୋଲି ଠିକ୍ ହୋଇଛି । ସେ ବିଷୟ କରେଇ ନ ଦବାକୁ ଆମେ ଚେଷ୍ଟା କରିବା । ଗୋକୁଳବାବୁ କହିଲେ—ମୁଁ ଯାଇ ଚମ୍ପତିରାୟଙ୍କୁ କହିବି । ନ ଶୁଣିଲେ ଗୋଡ଼ହାତ ଧରିବି । କଥାଟା ବାହାରକୁ ନ ନେଇ ଯେମିତି ହେଲେ ଗାଁରେ ତୁଟେଇବାକୁ ପଡ଼ିବ ।

ଗୋକୁଳବାବୁଙ୍କ କହିବା ଶେଷ ହୋଇ ସାରିଲାଣି । ଲୋକେ କିନ୍ତୁ ତାଙ୍କଆଡ଼େ ଚାହିଁ ରହିଛନ୍ତି । କେତେକେତେ ଲୋକ ଖିଆପିଆ ଭୁଲିଗଲେଣି ।

ରାତି ଆସି ହେଲାଣି ଦ'ଘଡ଼ି । ମାନସିଂହ ପାଟଣା ଗାଁମୁଣ୍ଡେ ଝଙ୍କୁଲ ଆଲୁଅ ଲହଡ଼ା ମାରିଯାଉଛି । ଯୋରଆଡ଼ୁ ପଞ୍ଚେ ହବ ପହରିଜଆ ବିଲୁଆ, ହୁକେ ହୋ' କହି ଭୁକିଲାଗିଲେ । ଗାଁର ପିଲାପିଚିକା କେହିହେଲେ ଏପର୍ଯ୍ୟନ୍ତ ଶୋଇନାହାନ୍ତି । ସମସ୍ତଙ୍କ ତୁଣ୍ଡରେ ଗାଁ ଫୌଦାରି କଥା ଝଙ୍କୁଳିବଣି ଓ ଗୋକୁଳ-ବାବୁଙ୍କ କଥା ! କେତେ କଥା ଜାଣିଛନ୍ତି ଏ ଗୋକୁଳବାବୁ ! ତା'ନହେଲେ ଏତେ ଟଙ୍କା ପଇସା ଖର୍ଚ୍ଚକରି ଲୋକେ ପାଠପଢ଼ାନ୍ତେ କାହିଁକି ? ସମସ୍ତଙ୍କ ମୁଁହରୁ ଗୋକୁଳବାବୁଙ୍କ ପ୍ରଶଂସା ।

ମାନସିଂହ ପାଟଣା ଗାଁ ମୁଣ୍ଡେ ଠିଆହେଲେ ତାଳପଡ଼ାଟା ଭଲ ଭାବେ ଦେଖାଯାଏ । କିଏ କାହାର ଚୁଲିଆ, କୋଉଟା କାହାର ସଜନା ଗଛ, ମାନସିଂହ ପାଟଣା ଗାଁମୁଣ୍ଡେ ଠିଆ ହୋଇ ଯେ ଇଚ୍ଛା ସେ ଲୋକେ କହିଦେଇ ପାରିବ । ରାତି ହେଲେ କିନ୍ତୁ ସବୁଆଡ଼ ଅନ୍ଧାର । ନିଜ ଶରୀରକୁ ଗୁଡ଼ି ଚାରିଆଡ଼େ ଢଙ୍କା ଥାଏ ଗାଢ଼ କଳା ରଙ୍ଗର ପରଦା । ମଣିଷର ଆଖି ତାକୁ ଭେଦକରି ଯାଇ ପାରେନ ।

ତାଳପଡ଼ା ଓ ନରଣପୁର ଗାଁ ଘଞ୍ଚଆଡ଼େ ଆକାଶଟା ସଫେଦ ଧଳା ଦେଖାଯାଉଥିଲା । ଏକାଦଶୀ, ଚନ୍ଦ୍ର ତେଣୁ ଆସ୍ତେ ଆସ୍ତେ ଉଠିଆସୁଛି । ମାନସିଂହ ପାଟଣା ଗାଁ ମୁଣ୍ଡ ବରଗଛରେ ଫାଙ୍କେ ଫାଙ୍କେ ଚନ୍ଦ୍ରକିରଣର ଛିଟିକା । ଗାଁମୁଣ୍ଡ କଆ ବୁଦା, ଧାଡ଼ି ଧାଡ଼ି ତାଳ ଗଛ, ଦିଗ୍‌ବଳୟକୁ ଲାଗି ଯାଇଥିବା ହିଡ଼ବନ୍ଧା ବିଲ, ଝଙ୍କୁଲି ଯୋର, ପୋଖରୀ ଓ ଗାଡ଼ିଆ, ସବୁଆଡ଼ ଚନ୍ଦ୍ରକିରଣରେ ଦେଖାଗଲାଣି । ଦାଆଁଙ୍କ ପୋଖରୀ କୂଳେ ଅନେଇଲେ ମନେ ହଉଛି—ଗାଁମୁଣ୍ଡର ସେଇ ଭଇଁଚକୋଳି କଣ୍ଟା ବୁଦାଟା ସତେ ଅବା ବୁଢ଼ୀ ଅସୁରୁଣୀଟିଏଭଳି ମୁଣ୍ଡପୋତି ବସିରହିଛି । ଗୋଲ୍ଲ

ଢ଼'ଟା ସେ ଲମ୍ବେଇ ଦେଇଛି । ଗୋଡ଼ ଢ଼'ଟା ତା'ର ଢ଼' ଧାଡ଼ କଥା ଗଛ ।

ଗୋକୁଳବାବୁ ବାହାରକୁ ଆସି ଅନେଇ ଦେଲାବେଳକୁ ଚନ୍ଦ୍ର ଉଇଁ ଆସିଲାଣି । ଘରେ ବିଜୁଳି ଆଲୁଅ । ବାହାରେ ଚନ୍ଦ୍ରକିରଣ । ଥରେ ଭଗବତ ଘରର ବିଜୁଳି ଆଲୁଅ ଓ ଆଉ ଥରେ ଆକାଶର ଚନ୍ଦ୍ରଆଡ଼କୁ ଅନେଇ କେତେ କ'ଣ ଭାବୁଥିଲା ଭଳି ସେ ଜଣା ପଡ଼ୁଥିଲେ । ସତେ ଅବା ଢ଼ହିଁଙ୍କି ସେ ମନେମନେ ତଉଲ କରୁଥିଲେ ।

ଢ଼ଅଁଙ୍କ ଆଗରେ ତାଳିଟେ ମାରିଦେଇ ଖେଟେଡ଼ା ମହାପାତ୍ର ଖାଇବା ଜିନଷ ସବୁ ଆଖେଡ଼ା ଘରେ ରଖି ଝୁବ ପକେଇ ଦେଇଥିଲା । ଦୁଆର ମେଲାକରିଦେଲେ କାଳେ କୁକୁର ପଶିଯିବ ।

ଚୂଡ଼ାଘଷା, ଉଖୁଡ଼ା ଓ ସୁଜିଖିରି । ମାଲ୍ ଯଥେଷ୍ଟ ଅଛି । ଢ଼'ଥର କ'ଣ ତିନିଥର ମାଗିଲେ ବି ଢ଼ଆଯିବ ।

ବିଜୁଳି ଆଲୁଅ ଏଣେ ଚନ୍ଦ୍ର କିରଣ । ଅସୁବିଧା ବା କ'ଣ ଅଛି ? ଗାଁ ଲୋକେ ଧାଡ଼ି ଧାଡ଼ି ହୋଇ ବସିପଡ଼ିଲେ । କଣ୍ଡୁ ଭାଇନା ଓ ଖେଟେଡ଼ା ମହାପାତ୍ର ଜିନଷସବୁ ଲଗେଇଲେ । ଲୋକ ଓ ଗୋକୁଳବାବୁ ବସି ପଡ଼ିଥିଲେ ବି ଭଲ ହୋଇ ଥାଆନ୍ତା । ଲୋକ ମନା କଲା । ସମସ୍ତେ ଖାଇପିଇ ଆଗ ଚାଲିଯାଆନ୍ତୁ । ଗୋକୁଳବାବୁ ଶେଷକୁ ଲୋକ ସାଙ୍ଗେ ବସିବେ ବୋଲି ଠିକ୍ ହେଲା ।

ସୁଜିଖିରିଟା ସବୁଠୁ ବଡ଼ ତାରିଫ୍ ହୋଇଥିଲା । ତା' ନ ହେଲେ କଣ୍ଡୁ ଭାଇନା ଏତେ ଦିନ ଆଉ କଲିକତାରେ ରହିଥିଲା କାହିଁକି ? ସମସ୍ତେ ଆଙ୍ଗୁଠି ଚାଟୁମି ଖାଇ ଲାଗିଲେ । ମିସ୍ତ୍ରୀ ଘୂର ଜଣ ଢ଼' ଖାଇ ବସିଥିଲେ । କେତେ ଗାଁ ଗଣ୍ଡା ସେମାନେ ବୁଲିଛନ୍ତି କେତେ ଗାଁ ଗଣ୍ଡାରେ ଯେ ସେମାନେ ଖାଇଲେଣି ତାର ହିସାବ

ନାହିଁ । ତଥାପି ଏମିତି ଗୋଟେ ସୁଜଗିର ସେମାନେ ଖାଇ ନାହାନ୍ତି ବୋଲି କହିଲେ ।

ବାଉଁଙ୍କ ଗାଡ଼ିଆରେ ହାତଟିମାନ ବୁଡ଼ାଇ ଦେଇ ଯିଏ ଯାହାର ଘରଆଡ଼େ ଗଲେ । କାହା ଆଖିକି, ଆଜି କାହିଁ ନିଦ ଆସୁନି । ଦାଣ୍ଡ ମଝିରେ ପଞ୍ଚ ପଞ୍ଚାହୋଇ, କିଏ କିଏ ବା ପିଣ୍ଡା ଉପରେ ବସି ଗପ କରିବାକୁ ଆରମ୍ଭ କରିଦେଲେଣି ।

ଲୋକ, ଗୋକୁଳବାବୁ, କଣ୍ଡୁ ଭାଇନା ଓ ଖେତେର ମହାପାତ୍ର ସବା ଶେଷକୁ ବସିଲେ । କଥାରେ ଅଛି—ଶେଷ ଶେଷୁଆଣି ମେଟେଞ୍ଚ, ନୋହିଲେ କେଞ୍ଚେ । ଜିନଷ କିନ୍ତୁ ବଳିଲାନି କ ନିଅଣ୍ଟ ହେଲାନି । ରାଧୁ ଆଗ ଖାଇଦେଇଥିଲା । ଏମାନଙ୍କୁ ଲଗେଇବାରେ ସାହାଯ୍ୟ କଲା । ଆଗରୁ ଠିକ୍ ହୋଇଥିଲା । ମିସ୍ତ୍ରୀ ଗୁରୁ ଜଣ ଓ ଗୋକୁଳବାବୁ ଭଗବତ ଘରେ ଶୋଇବେ । ଗୋକୁଳବାବୁ କିନ୍ତୁ ସେଇ ରାତାରାତି ନରଣପୁର ଫେରି ଯିବାର କଥା । ଅଡ଼ୁଆ ଭିତରେ ତେଣେ ମୁସ୍କିଲ ପଡ଼ିଛି । କଥା ହୋଇଛି କେହି କୋଠ କଚେରିକି ଯିବେନି । ତଥାପି ଚମ୍ପତିରାୟଘର ବୋଲରେ ପଡ଼ି କେହି ଯେବେ ଦାଗିଆକୁ ରାତାରାତି ଗାଡ଼ିରେ ପକେଇ ଡାକ୍ତର ମାଇନା କରିବାକୁ ନେଇଯାଏ ଓ ସକାଳେ ଯାଇ ଥାନାରେ ଖବର ଦିଏ, ତାହାହେଲେ ତ ମକଦ୍ଦମା ଲାଗିଗଲା । ତାରେ ଆଉ ତୁଟିବ କିମିତି ? ରାତିରେ ସେମାନେ ଯଦି ଯାଆନ୍ତି, ଟେଷ୍ଟ ତ ଗାଁରେ ହୋ ହୋ ବସିବ । ସେତେବେଳେ କ'ଣ କରିବାର ଥା ଦେଖାଯିବ । ଗୋକୁଳବାବୁ କେବଳ ସେଇଥି ପାଇଁ ସେ ତିରେ ନରଣପୁର ଫେରିଲେନ ।

ଭଗବତ ଘରେ ଗୁରୁଜଣଯାକ ମିସ୍ତ୍ରୀ ଓ ଗୋକୁଳବାବୁଙ୍କର ଖାଇବାର ବ୍ୟବସ୍ଥା ହୋଇଗଲା । ଲୋକ ଓ ରାଧୁ ସେମାନଙ୍କ-ଙ୍ଗେ ସାଙ୍ଗହୋଇ ଶୋଇଲେ ।

ନଂ ........
ତା ........

## — ଘଣ୍ଟା —

ଭଗବତ ଘରୁ ଫେରି ସାଆନ୍ତଘ ବୁଢ଼ା ପିଣ୍ଡା ଉପରେ ଆସି ବସିପଡ଼ିଲେ ଠିକ୍ ସେଇ ଯାଗାରେ, ଯୋଉଠି ବୁଢ଼ାର ପିଠି ଲାଗି ଲାଗି କାନ୍ଥଟା ତେଲ ଚକଟା ହେଇଗଲାଣି । କୂଅର ପଥର ଉପରେ ମାଠିଆ ଥୋଇ ଥୋଇ ସେ ଯେମିତି ଖାଲ ହୋଇଯାଏ । ବୁଢ଼ାର ପିଠି ବାଜି ବାଜି ଝାଟିମାଟି କାନ୍ଥଟା ବି ସେମିତି ଖାଲ ହେଇଗଲାଣି । ବୁଢ଼ା ଝୁରିପାଖେ ଘେରିଥାଆନ୍ତି ଅଗାଧି, ମଙ୍ଗୁଳିଆ ଓ ରବି । କେତେଟା ପିଲା, ଆସିବେ କି ନାହିଁ ଭାବିଭାବି ଏପଟ ସେପଟ ହଉଛନ୍ତି । ରାତି ଆସି ବେଶୀ ହେଲାଣି । ଆଜି ସେନ୍ତିକି ଥାଉ । ପିଲାମାନେ କି ଶୁଣିବା କଥା । ବାପା ଟିକିଏ ଆଖି ପକେଇ ଦେଇଥିବେ କି ନାହିଁ, ଦୁଆରଟିକି ଅଳ୍ପ ମେଲେଇଦେଇ ଚମ୍ପଟ୍ କରନ୍ତି । କେତେଟା ପିଲା ସେମିତି ଆସି ବୁଢ଼ା ପାଖରେ ଗପ ଶୁଣିବେ ବୋଲି ମନସ୍ଥ କରି ସାରିଲେଣି ।

ଦାଣ୍ଡରୁ ଗହଳି ଭାଙ୍ଗିନି । ଗଂଠେ ଗଂଠେ ଲୋକ ପିମ୍ଫୁଡ଼ିମଧ୍ୟ ଭଳି ଜମାହେଇ କଥା ହଉଛନ୍ତି । କାହା ଆଖିକି ନିଦ ଆସୁନି ଖାଲି କଳ୍ପନାଜଳ୍ପନା । ଗନ୍ଥର ଫାଙ୍କ ଓ ଗୁଳ ସନ୍ଧିଦେଇ ରୂପାର ପିଠଉ ଭଳି ଚନ୍ଦ୍ର କିରଣ ଗାଁ ଦାଣ୍ଡରେ ଆସି ପଡ଼ୁଛି । ଜଣା ପଡ଼ୁଛି, ପିଠଉରେ କିଏ ଅବା ଜଣେ ଚିତା ପକେଇ ଦେଇଛି । ସାଆନ୍ତଘ ବୁଢ଼ା ପିଣ୍ଡା ଉପରେ ଆସି ବସିଲାଣି । ଗୋଟେ ଗୋଟେ ପିଲା ଆସି ଜୁଟୁଛନ୍ତି । କଥା ବୋଲି କହୁ ନାହିଁ । ମିଛରେ ଖାଲି

ଘୋଡ଼ା ଭଳିଆ ହସ । ରାତି ଆସି ଛଅ ସାତ ଘଣ୍ଟା ହେଲାଣି । ସବୁ ପିଲାଙ୍କ ତୁଣ୍ଡରେ—ଜେଜେ ଗୋଟେ କଥା କହ—

ବୁଢ଼ା ବାଡ଼ିଖଣ୍ଡିକ ଜାବୁଡ଼ି ଧରିଛି । କିଏ ଯେବେ ଖେଳରେ ସେଇଟା ନେଇ ପଳାଏ, ବଡ଼ ଅସୁବିଧା କଥା । ଗାମୁଛାରୁ ଚୂନପାନ ନେଡ଼ିଏ ଉଗାଡ଼ିଦେଇ ବୁଢ଼ା ପାଟିରେ ପକେଇ ସାରିଲାଣି । ନାତି ଟୋକାଗୁଡ଼ାକ ବଡ଼ ହଇରାଣ କରୁଛନ୍ତି । ଦିନ ନାହିଁ, ରାତି ନାହିଁ ସବୁବେଳେ ଖାଲି କଥା । ଏତେ କଥା ବା ସେ ଆଣିବ କୁଆଡ଼ୁ ?

"କି କଥା କହିବି ପିଲେ—ଭୂତ ପ୍ରେତ କଥା, ବୁଢ଼ୀ ଅସୁରୁଣୀ କଥା, ରଜା ପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ, କଟୁଆଳ ପୁଅ କଥା ନା ଅଙ୍ଗେ ନିଭେଇଥିବା କଥା ? ତୁମେ ସବୁ ଯୋଉ କଥା କହିବା ପାଇଁ କହିବ, ସେଇ କଥା କହିବି ।"

ସମସ୍ତେ ଏକାଥରକେ କହିଲେ—ତୋର ଯାହା ଇଚ୍ଛା । ଆମେ କିଛି ହେଲେ କହିବୁନି ।

କଲେ ହବ ଧୂଆଁ ପନ ମିଶା ଛେପ ପିଣ୍ଡାତଳକୁ ପକେଇ ଦେଇ ବୁଢ଼ା ଆରମ୍ଭ କଲା—

ଆଜି ଯୋଉ ଚୂଡ଼ାଘସା, ଆଉ ସୁଜିଖିରି ହୋଇଥିଲା, ତୁମେ ସବୁ ଚୂଡ଼ାଘସାରୁ ମୁଠିଏ ମୁଠିଏ ଖାଇଛ କି ନାହିଁ, ପେଟ ତମର ଭର୍ତ୍ତି ହୋଇଗଲା । ଖିରି ଗୁରିହାପୁଡ଼ା ପରେ ହାତ ଆଉ ଚଳିଲାନି । ଆମ ସମୟରେ ମୁଁ ଦେଖିଛି—ଲୋକେ ଏକାଥରକେ ଢ଼'ସେର ଚୂଡ଼ା, ଗଣ୍ଡେ ନଡ଼ିଆ ଓ ବିଶେ ହବ ଗୁଡ଼ ଶେଷ କରି ଦଉଥିଲେ । ସେରେ ଘିଅଳର ଭାତ ଏକା ବକ୍ତକେ ସେମାନେ ଠୁଙ୍କି ଦଉଥିଲେ । ସେଙ୍କାକୁ ଷୋଳ ଗଉଣୀ ଧାନ, ପାଞ୍ଚ ଗଉଣୀ ମୁଗ, ଗୁଆଘିଅ ସେଇ ଲୋକଙ୍କ ପାଁସୁକା । ସେ କଥା, ତୁମେ ସବୁ ତ ବିଶ୍ୱାସ କରିବନି । କହିବ, ବୁଢ଼ା ମନରୁ ଫାନ୍ଦ କହୁଛି । ମୋ ବାପାଙ୍କଠୁ ମୁଁ ଶୁଣିଛି—

ତାଙ୍କ ବେଳେ, ଲୋକେ ଡେଙ୍ଗା ଡେଙ୍ଗା ହୋଇ ଚଉକସିଆ ମଣିଷ ହଉଥିଲେ । ତାଙ୍କ ମୁହଁଆଡ଼କୁ ଅନେଇଲେ, ତୁମର ଦେହ କ'ଣ ହୋଇଯିବ । ଲୋକଙ୍କୁ ବୟସ ଚାରି କୋଡ଼ି, ପାଞ୍ଚ କୋଡ଼ି ହେଲା-ବେଳକୁ ସେମାନେ ଭେଣ୍ଡିଆଭଳି କାମ କରୁଥା'ନ୍ତି । ଦାନ୍ତ ପଡ଼ି ନ ଥାଏ କି ଆଖିକି ଚାଳିଶା ମାଡ଼ି ନ ଥାଏ । ଆଖି ପିଛୁଳାକେ କୋଶ କୋଶ ବାଟ ସେମାନେ ବୁଲି ଆସି ପାରୁଥିଲେ ।

କି କାଙ୍ଗାଳ ଯୁଗ ଆସି ପଡ଼ିଲା ? ଏଇ ଗାଁରେ ଧାନ, ମୁଗ, ହରଡ଼ ସବୁ ଆମଦାନି ହେଲା, ଏଇ ଗାଁ ଲୋକଙ୍କୁ ପୁଣି ଧାନ ମିଳିଲାନି । ଟଙ୍କାକୁ ହେଲା ଗଉଣୀଏ ଧାନ । ଆମେ ଶୁଣିଛୁ—ନଅଙ୍କ ଯେତେ-ବେଳେ ପଡ଼ିଥିଲା, ସେତେବେଳେ ବି ଟଙ୍କାରେ ଅଢ଼େଇ ସେର ଚାଉଳ । ନଡ଼ଆନ ଘଡ଼ିଏ ଆଣିବାକୁ ଯାଅ, ଦେଖିବ ସେଥିରେ କ'ଣଗୁଡ଼େ ମିଶଉଛନ୍ତି । ସୋରିଷ ତେଲରେ ମୂଳା ମଞ୍ଜି, ଘିଅରେ ହଳଦି ପୁଟ ମୁଗଡାଲିରେ ଗୋଟି ଗୋଟି ଗୋଡ଼ି । କାଳିଆ ଥରେ କହୁଥିଲା ଚିନିରେ କୁଆଡ଼େ କାଚଗୁଣ୍ଡ ମିଶାଇ ବିକି ହେଲାଣି । ତୁମେ ତ ଏଇ ସବୁ ଖାଇବ । ଆଉ ମଣିଷ ହବ କେମିତି ?

ତୁମର ଏଇନେ ଭେଣ୍ଡିଆ ବେଳ । ସକାଳୁ ବିଲକୁ ଯିବା ଆଗରୁ ଖାଉଛ କ'ଣ ନା—ବେଳେ ହବ ଲାଲ ଚା' ପାଣି ଓ ମୁଠେ ହବ ମୁଢ଼ି । କିନ୍ତୁ ଆମେସବୁ ପିଲାଦିନେ ସକାଳ ପାଇଲା ମାତ୍ରେ ବଳଦ ଓଡ଼େଇ ଅନ୍ଧାରୁ ଅନ୍ଧାରୁ ବିଲକୁ ଚାଲିଯାଉ । ଘଡ଼ିଏ ବେଳକୁ ଘରୁ ଯାଏ, ବଡ଼ ବେଲାରେ ବେଲେ ହବ ଚୂପୁଡ଼ା ପଖାଳ ଭାତ ଓ ସଜ ଦୁହାଁ କଞ୍ଚା ଗାଈ ନଡ଼ୀଆନରୁ ଗିଲାସେ । ଲୁଣ ଟିକିଏ ପକେଇଦେଇ ଆମେ ବିଲରେ ବସି ସେତକ ଶେଷକରି ଦଉ । ଖରା ଠିକ୍ ମୁଣ୍ଡ ଉପରକୁ ଆସିଲାବେଳକୁ ଘରକୁ ଫେରୁ । ତୁମେ ସବୁ ତ ଏବେ ବାବୁ ହୋଇଗଲେଣି । ଦେଖୁ ନ, ଆମ କାଳିଆଟାକୁ—ଦି' ଓଳି ଚା' ପାଣି

ବେଲେ ବେଲେ ଚେଣ୍ଡି ଦଉଛି । ତା ସାଙ୍ଗକୁ ପୁଣି କଠା କଠା ଝଡ଼ । କିଏ ଜଣେ କହୁଥିଲା—କାଳିଆ କୁଆଡ଼େ ଲୁଚେଇ ଗୋଟେଇ ଅଫିମ ଟିକିଏ ଟିକିଏ ଖାଇଲାଣି । ହେଇଥିବ । ଧାନ-କୋଠି ସବୁ ତ ତାଙ୍କର ହାତରେ । ଅମଳ କରିବେ ଯେଉଁମାନେ । ଉଡ଼େଇବାକୁ କିଏ ଅବା ମନାକରୁଛି । କିନ୍ତୁ ଲୋକଟା ମୋର ସେମିତି ହବନି ।

ହରି ଓ ଲଖିଆ ଘର ଭିତରେ ଆସି ପିଲାମାନଙ୍କ ସାଙ୍ଗରେ ଯୋଗଦେଇ ସାରିଲେଣି । ପିଲେ ତୁନିତାନିଟି ହୋଇ ବୁଢ଼ା ମୁହଁକୁ ଅନେଇଥାଆନ୍ତି ।

ଶୁଣିବ ପିଲେ—ମୋ ଡେଣ୍ଡିଆବେଳ କଥା କହିବି ! କାଳିଆ ବୋଉ ଘରକୁ ଅଳ୍ପଦିନ ହେଲା ଆସିଥାଏ । ପିଲାପିଲି କେହି ଜନ୍ମ ହୋଇନଥାନ୍ତି । ବାପା ତ ସରବରାକାର । ବୋହୂକୁ ପାଇ ସମସ୍ତେ ମହାଖୁସି । ଘରକୁ ସତେ ଅବା ଲକ୍ଷ୍ମୀ ସାଆନ୍ତାଣୀ ବିଜେ କଲେ । ଯେମିତି ସେ ଘରେ ଆସି ପାଦ ପକେଇଛି, ବଢ଼ି ଲାଗିଲା ଜମି, ଟଙ୍କା, ସୁନା ଆଉ ଧାନ ।

ପିଲେ ମୁରୁକି ମୁରୁକି ହସିବାକୁ ଆରମ୍ଭ କରିଦେଲେ । ମଙ୍ଗୁଲିଆଟା ସମ୍ଭାଳି ନ ପାରି ଖେଁ କିନି ହସି ପକେଇଲା । ତା' ପରେ ପରେ ଆଉ ସମସ୍ତେ ।

କ'ଣ କରେ ପିଲେ—ହସୁଛ କାହିଁକି ?

ମଙ୍ଗୁଲିଆ କହିଲା—ଜେଜେ, ତମର ଖାଲି ସେଇ ବୁଢ଼ୀ କଥା । ସେସବୁ କଥା ଶୁଣିବାପାଇଁ ଆମର ବେଳ ନାହିଁ । ସଦାବେଳେ ଖାଲି ହାରି ଆଉ କାଳିଆ ବୋଉ । ଚୁଡ଼ାଘଷା ଆଉ ସୁଜିଖିରିତକ ତମର କ'ଣ ଶାନ୍ତି ହଉନି ?

ଆଚ୍ଛା, ଥାଉ ସେ କଥା—

ଅଗାଧୁ ମଙ୍ଗ୍‌ଳିଆ ଉପରେ ଟିକଏ ଖପାହୋଇ କହିଲା—ଜେଜେ, ନାଇଁ ନାଇଁ କହ—

କଥାରେ, ଝିଅ ବଦଳେଇ ସାଆନ୍ତର ବୁଢ଼ା କହି ଚାଲିଲା—ଆଜ ଗାଁରେ ଦାସିଆ ବାଉରିକି ରାମ ମିଶ୍ରେ ଚପୁଡ଼ାଟାଏ ମାରିଦେଲେ । ପଥର ଉପରେ କଚାଡ଼ି ହୋଇପଡ଼ି ତା'ର ରକ୍ତ ବୋହିଲା । ଉଦଆଟା କ'ଣ କଲା ନା—ମୂଣ୍ଡ ଡାଙ୍ଗଟେ ଆଣି ରାମ ମିଶ୍ରଙ୍କୁ ଚାରି ପାହାରେ କଷିଦେଲା । ଉଦଆଟା ଟୋକାଟେ । ରାମ ମିଶ୍ରେ ବାପ ସମାନ । ହାତ ତା'ର କେମିତି ଉଠିଲା କେଜାଣି ? ଆମ ସମୟରେ ଛୁଆଁ ଅଛୁଆଁ ଥିଲା । ଶୂଦ୍ର ଲୋକର ଛାଇ ପଡ଼ିଗଲେ ବାହ୍ମଣେ ଗାଧଉଥିଲେ । ଖାଇଲାବେଳେ କଏ ଡାକ ଦେଲେ ଉଠିଯାଉଥିଲେ । ସେକାଳ କ'ଣ ଏଇନେ ଆଉ ଅଛି ? ଏଇନେ ପରା ବ୍ରାହ୍ମଣେ ହଳ କଲେଣି । ଚୂଡ଼ା ଦୋକାନ ଦେଲେଣି । ମଦ ମାଉଁସ ଆଉ ମାଇକିନିଆ ସେମାନେ ପରା ଆଗ ଆରମ୍ଭ କରୁଛନ୍ତି । ରାମ ମିଶ୍ରେ ତ ତାଙ୍କ ଜମି ଆପେ ହାତରେ ଚାଷ କରନ୍ତି । ମୋର ନହାଜ ଅଛି, ଏଇ ରାମ ମିଶ୍ରେ କେତେଥର ବାଉରି ମୁଣ୍ଡକୁ କଲେଇ ବିଡ଼ା ଟେକି ଦେଇଛନ୍ତି । ଆଜ ଦାସିଆର କାନ ଟିକଏ ବାଜିଗଲାବୋଲି ମୁଣ୍ଡକୁ ତାଙ୍କର ପିତ୍ତ ଚଢ଼ିଯାଉଛି । ସେମିତି ବ ମଜା ପାଇଲେ । ଉଦଆଟା ମୁଣ୍ଡ ଡାଙ୍ଗରେ ପିଟିଲା । ଆମ ବେଳେ କିନ୍ତୁ ଏପରି ହଉନଥିଲା । ବଡ଼ ସାନ ବୋଲି ଗୋଟେ ଭେଦ ବିଚାରଥିଲା ।

ଘରଆଡ଼ୁ ଅଗାଧୁ ବୋଉ ଡାକ ଛାଡ଼ିଲେ—ଏ—ଅଗାଧୁ—ଆ, ବେଶୀ ରାତି ହେଲାଣି, ଶୋଇବୁ ଚାଲିଆ ।

ହିଁ—ହିଁ—ଯାଉଛି, ତୁ ଶୋଇଥା କି ମୁଁ ଯାଉଛି । ଅଗାଧୁ ଏତକ କହିଦେଇ ପଚାରିଲା—ଜେଜେ, ତା ପରେ—

ଆରେ ପିଲେ—ଲୋକଟା ଆମର କୁଆଡ଼େ ଗଲା ?

ଭଗବତ ଘରେ ଗୋକୁଳବାବୁଙ୍କ ପାଖରେ ଶୋଇଛି ।

ସେଇ ଯୋଉ ଗୋକୁଳବାବୁ ନା—ବୁଢ଼ା କହି ଚାଲିଲା—ତାଙ୍କ କଥା ଅନେକଥର ମୁଁ ଶୁଣିଛି । କଥାରୁ ତାଙ୍କର ଜାଣି ପାରିଲି, ସେ ଜଣେ ବଡ଼ ଭଲଲୋକ । ହେଲେ, ସେ ଯୋଉ କଥାଗୁଡ଼ାକ କହୁଛନ୍ତି, ସେ କ'ଣ କାମରେ ହେଇପାରିବ ? ଆମ ଭାଗବତରେ ପଢ଼ୁଛି—'ସର୍ବେ ହୋଇବେ ଏକାକାର, ନ ଥିବ ଭେଦର ବିଚାର ।' ସେଇ ସମୟ ତ ଆସି ଯାଉଛି । କିନ୍ତୁ ଗୋଟିଏ କଥା—ସବୁ ଜମି ଯେବେ ଗାଁବାଲାଙ୍କର ହେଇଗଲା, ସମସ୍ତେ ଖାଇବାକୁ ପାଇଲେ, ତାହାହେଲେ କେତେ ଲୋକ ତ କାମ ନକରି ଠକିବେ ?

ଅଗାଧୁ କହିଲା—ନାହିଁ ଜେଜେ, ଲୋକେ କାମରେ ଠକିବେନି । ଲୋକ ଭାଇ ଥରେ କହୁଥିଲା, ନିଜ ଗାଁର କାମ ହଉଛି ବୋଲି ଦେଖି ସେମାନେ ଆଉରି ଜୋର୍‌ରେ କାମକରିବେ । ମାସକର କାମ ପଚିଶ ଦିନରେ ବି ହୋଇ ଯାଇପାରିବ ।

ଲୋକ କୁଆଡ଼ୁ ଏ ସବୁ କଥା ଜାଣିଲା ? ବୁଢ଼ା ପଚାରିଲା ।

ସେଇ ଗୋକୁଳବାବୁଙ୍କଠୁ ।

ଅଗାଧୁ—ଏ ଅଗାଧୁ, ଆସୁଛୁଟି—ଘରଆଡ଼ୁ ବୋଉ ପୁଣି-ଥରେ ଡାକ ଛାଡ଼ିଲା ।

ହଉ ପିଲେ ଯାଅ । ଅନେକ ରାତି ହୋଇଗଲାଣି ।

ସମସ୍ତେ ହୋ ହୋ ହୋଇ ଉଠିଯିବାକୁ ଆରମ୍ଭ କରିଦେଲେ । କାଲି ସଞ୍ଜ ବେଳୁ ବେଳୁ ଆସିଲେ ପୁଣି କଥା ଶୁଣିବେ ।

ଅଗାଧୁ ଘରକୁ ଯାଉଯାଉ ଫେରିଆସି ବୁଢ଼ା କାନରେ ଭୁଣ୍ଡ କରି କହିଦେଲା—କ'ଣ କହିଲା, ବୁଢ଼ାକୁ ଶୁଭିଲାନି ।

କ'ଣ କରେ ଅଗାଧୁ ?

ଗାଁ ମୁଣ୍ଡେ ଯୋଉ ରାଘବ ପଗଡ଼ା ନାଇ, ତା'ର ଝିଅ ।

ହଁ, ତା' ନା'ତ ଗଉରୀ । ହେଲା କ'ଣ ?

କହୁ ଜାଣିନୁ ?

ନାଇଁ ତ—ତାକୁ ତ. ଅନେକ ଥର ମୁଁ କାନ୍ଧରେ ବସେଇ ପୋଖରୀ କୂଳଆଡ଼େ ନେଇଛି । ବୁଢ଼ା ଅଗାଧୁ କଥାକୁ ତକେଇ-ରହିଲା—

ଲୋକ ଓ ଗଉରୀ ବାହାହେବେ ବୋଲି ଆମେ ଶୁଣୁଛୁ ।

ସତେ ? ମୁଁ ତ ଜାଣିନ । ଭଲ ହୁଅନ୍ତା । ତୁ କାହାଠୁ ଶୁଣୁଥିଲୁ ?

ସମସ୍ତେ କଥା ହଉଛନ୍ତି । ଅଗାଧୁ ଢୁଲି ଯାଉଥିଲା ।

ଶୁଣ୍ ଶୁଣ୍—

ନାଇଁ ଜେଜେ, ମୁଁ ଯାଉଛି । ବୋଉ ତେଣେ ରାଗିଲାଣି । ପୁଣି କାଲିକି ।

ବୁଢ଼ା ଆଖି ଆଗରେ ନାଚିଗଲା ଆସି ତା' ନାତି ଝୋକା ଲୋକ । ତା' ସାଙ୍ଗକୁ ଗଉରୀ । ଭାବିଦେଲା ବେଳକୁ ବୁଢ଼ା ଦେହର ରୁମଗୁଡ଼ାକ ଟାଙ୍କୁର ଉଠିଲା ।

ରାତି ଆସି ଅଧ ହେଲାଣି । ଗାଁ ଶୁନ୍ଶାନ୍ । ଲୋକଟା ଭଗବତ ଘରେ ଶୋଇଲାଣି । କାଳିଆଟାର ଏ ପର୍ଯ୍ୟନ୍ତ ଦେଖା ନାହିଁ । କାହାଘରେ ବସି କେତେ କ'ଣ ମସୁଧା ପକେଇଥିବ । ହେଲେ ଦାଣ୍ଡ ଦୁଆରଟା କ'ଣ ମେଲା ରହିବ ? ବୁଢ଼ା ମନେ ମନେ କାଳିଆ ଉପରେ ଭାରି ବିରକ୍ତ ହେଲା । ବାଡ଼ି ଖଣ୍ଡିକ ଧରି ବୁଢ଼ା ଘର ଭିତରେ ପଶିଯାଇ ଡାକିଲା—ବୋହୂ ! ଏ ବୋହୂ !

ଲୋକ ବୋଉ ଡିବିଟିଏ ଧରି ବାରଘରଆଡ଼ୁ ଆସିଲେ । ବାଁ ହାତରେ ଡିବି । ଡାହାଣ ହାତରେ ଗୋଟେ ବାଉଁଶିଆ । ପବନରେ ଲିଭିଯିବା ଭୟରେ ଡିବିଟାକୁ ବାଉଁଶିଆ ଭିତରେ ରଖି ସେ ଆସି ପହଞ୍ଚିଗଲେ ।

ଏ' ନାକରେ ତାଙ୍କର ଏ'ଟା ଡିମ୍ବ । ନାକ ତଳକୁ ପଥର ବସା ଦଣ୍ଡି । ହାତରେ ଗୁଜୁରି ଖଡ଼ୁ । ବାହାରେ ବାଜୁବନ୍ଧ । ଗୋଡ଼ରେ ଗୋଡ଼ଖଡ଼ୁ ଆଉ ମଲ୍ଲି । ଦେହରେ ଖଣ୍ଡେ କୋଚଟ ନାଲି କନା ।

ବୁଢ଼ାଙ୍କ ପାଇଁ ଲୋକବୋଉ ହେଁଶ ପାରିଦେଲେ । ଦାଣ୍ଡ-ଦୁଆରଟା ସେମିତି ଆଉଜା ହୋଇଛି । ଡିବିଟା ପବନରେ ଲିଭି-ଯାଇଛି । ସେଇ ଅନ୍ଧାରେ ଅନ୍ଧାରେ ତଳ ଘରଆଡ଼େ ସେ ଚାଲିଗଲେ ।

× × × ×

କୋଉ କାଳର ଖଣ୍ଡେ ପୁରୁଣା ହେଁସ ଉପରେ ଚିରା କନ୍ଥାଟେ ପକେଇଦେଲେ, ହୋଇଗଲା ସାଆନ୍ତରା ବୁଢ଼ାର ଶେଯ । ମୁଣ୍ଡ ତଳକୁ ତେଲ ଚିକିଟା ଓ ମଇଳା ସୁଡ଼ୁବୁଡ଼ୁ ମାଣ୍ଡିଟିଏ । ବୁଢ଼ା କାନ୍ଥରେ ତିନିଥର ମୁଣ୍ଡିଆ ମାରି ପୂବକୁ ମୁଣ୍ଡକରି ଶୋଇଲା । ଗୋଡ଼ ଆସି ବାଜୁଛି ଗୋଟିଏ ଧାନ ଓଳିଆରେ । ଲିଆଭଜା ଧାନ ପାଖକୁ କାର୍ତ୍ତିକରେ ଅରୁଆ ଖାଇବାପାଇଁ ଅଛି ଆଉ ଗୋଟିଏ ଓଳିଆ । ଏ'ଟା ଉସୁନା ଚାଉଳ ଓଳିଆ ଗୋଟିକ ଉପରେ ଗୋଟିଏ ଥୁଆହୋଇଛି । ସବା-ଶେଷକୁ ଗୋଟେ ଅଖାରେ ଗୋରୁ ଖାଇବାକୁ ରହିଛି ବିର କୋଳଚ ଓ କୋଳଥ କୋଳଚ । ଘରର ଚଟାଣ ଓ କାନ୍ଥ, ମାଟି ଗୋବରରେ

ଲିପା । କାନ୍ଥରେ ଚିତା ପଡ଼ିଛି । ଦେଖିଲେ କଣାହୋଇ ଗୋବର ଲିପା ହୋଇଥିଲେ ବି ଆରବର୍ଷ ମଗୁଶିର ମାସ ଗୁରୁବାରର ଚିତା କାନ୍ଥରୁ ଏ ପର୍ଯ୍ୟନ୍ତ ଲିଭିନି । ଗୋଟିଏ ଠଣା କେବଳ କଳାରେ ଭର୍ତ୍ତି । ଡିବି ହଉ, ପୋଲିଙ୍ଗ ବା ଜଡ଼ାତେଲର ଦୀପ ହଉ, ସେଇଠି ରଖାଯାଇଥାଏ । ଠଣା ଉପରକୁ କରି କଳାର ଧାର ଲମ୍ବିଯାଇଛି । ବାଁ ପଟକୁ ଗୁରିଖଣ୍ଡ ମାଙ୍କଡ଼ା ପଥର ଉପରେ ପଟା ଖଣ୍ଡେ ପଡ଼ି ତା' ଉପରେ ଥୁଆ ହୋଇଛି ଗୋଟିଏ ପେଟେରା । କାଣ୍ଡିଆ, ଟେଦାପୁଷି ଓ ମଠା ଖଣ୍ଡେ ପଶି ସେଇଟା ଗୁବ ପଡ଼ିଛି । ତା' ପାଖକୁ ଖଣ୍ଡେ କାଠ ପେଡ଼ା । ବାରପ୍ରକାର ଆଳମାଳରେ ଭର୍ତ୍ତି । କାନ୍ଥକୁ ଆଉଜା ହୋଇ ଦି'ଟା ମାଠିଆ ଥୁଆହୋଇଛି । ମାଠିଆ ଦି'ଟା ବଗଡ଼ା ଜସୁନା ଗୁଞ୍ଜିଲରେ ଭର୍ତ୍ତି । ଡାହାଣପଟେ ଗୋଟିଏ ବଡ଼ ଡୋଳିରେ ଧାନ ଭର୍ତ୍ତି ହୋଇ ରହିଥିଲା । ଏବେ, ଧାନ ଦଶ ବାର ଗଉଣି ହବ ପଡ଼ିଥିବ । ଘରଯାକ ଚୁଚୁନ୍ଦ୍ରଙ୍କର ମେଳା । ଚେଁ ଚେଁ ହୋଇ କେତେ ଯେ ଇଆ ଭିତରେ ଯା'ଆସ କରୁଛନ୍ତି, ତାର ସୀମା ନାହିଁ । ଘରର କାନ୍ଥଯାକ ଅସରପା, ଝିଟିପିଟି ଓ ମାକଡ଼ସାରେ ଛେଇ ହୋଇଯାଇଛି । ବେଙ୍ଗ ଦି' ଗୁରିଟା ଖପ୍‌ଖାପ୍ ଡେଉଁଛନ୍ତି । ଘରଯାକ ଖାଲି ମଶା । ଭିଁ ଭିଁ ହୋଇ ସେମାନେ ଗୀତ ଆରମ୍ଭ କରିଦେଲେଣି । ଡୋଳି ଭିତରୁ ଧାନ ପୋକ ସବୁ ବାହାରି ଗୁରିଆଡ଼େ ଉଡ଼ୁଥାଆନ୍ତି । ଘରଯାକ ଖାଲି ମଶା ଆଉ ଧାନ ପୋକ । ଓଳିଆରେ ବାଜୁଥିବା ବାଁ ଗୋଡ଼ଟାକୁ ଉପରକୁ ନେଇଗଲା ବେଳକୁ ବୁଢ଼ା ଅନୁଭବ କଲା—ତା'ର ଡାହାଣ ଗୋଡ଼ଟା କିଏ ଜଣେ ଭିଡ଼ି ଧରିଛି ।

କିଏ ?—ବୁଢ଼ା ଆସ୍ତେ କରି ପଚାରିଲା ।

ମୁଁ—

ବୋହୂ ? ଏତେ ରାତିରେ କାହିଁ ଆସିଲୁ ? ଯା—ଯା, ଶୋଇ ପଡ଼ିବୁ ଯା । ବୁଢ଼ା ଗୋଡ଼ ଦି'ଟା ଛଡ଼େଇ ଆଣୁଆଣୁ ପଚାରିଲା କାଳିଆ କ'ଣ ଏ ପର୍ଯ୍ୟନ୍ତ ଆସିନି ?

ନାଇଁ—ଲେଙ୍କବୋଉ ଓଢ଼ଣା ଭିତରୁ ଜବାବ ଦେଲେ । ଶଶୁର ବୁଢ଼ାଙ୍କର ଗୋଡ଼ ଆଣି ସେ ତଳପାରେ ସୋରିଷ ତେଲ ମାଲିସ କରିବାକୁ ଲାଗିପଡ଼ିଲେ ।

ବୋହୂର ହାତ ବୁଢ଼ାକୁ ବେଶ୍ ଭଲ ଲାଗେ । ଆରାମ୍ ଦିଏ । ତାକୁ ମନା କଲେ ବି ସେ ନଛୋଡ଼ବନ୍ଧା । ଦୁଆଁଙ୍କ ଫୁଲ ତୁଳସୀ ବନ୍ଦ ହୋଇଯାଇପାରେ କିନ୍ତୁ ଲେଙ୍କବୋଉ ଶଶୁର ବୁଢ଼ାଙ୍କର ଗୋଡ଼ରେ ହାତ ଅଳ୍ପ ଟିକିଏ ବୁଲେଇ ନ ଆଣିଲେ ତାଙ୍କୁ ନିଦ ଆସେନି । ବୁଢ଼ା ଜାଣେ—ବୋହୂ ଗୋଡ଼ ଘଷିଦେଇ ସବୁଦିନ ଦୁଆରଦେଇ ଶୋଇବାକୁ ଚାଲିଯାଏ । ସେତେବେଳ-ଯାଏଁ ସୁଦ୍ଧା କାଳିଆ ଘରକୁ ଆସି ନ ଥାଏ । ଗାଁ ଭିତରେ ଥାଏ ନା ଆଉ କୁଆଡ଼େ ଯାଏ, ବୁଢ଼ା କହିପାରିବନି । କାଳିଆ ଯେତେ ରାତିକି ପଛେ ଘରକୁ ଫେରୁ, ବୁଢ଼ାକୁ ସେ ପର୍ଯ୍ୟନ୍ତ ନିଦ ଆସି ନ ଥାଏ । ପୁଅ ଉପରେ ମନେ ମନେ ସେ ଭାରି ଖପା ହୁଏ । ଅଲକ୍ଷଣା, କୁଳାଙ୍ଗାର ଓ ଘୋଡ଼ା ମୁହାଁ ବୋଲି କେତେ କଣ ଗାଳି ଦିଏ । କିନ୍ତୁ ଶୁଣୁଛି କିଏ ? ଦିନେ ଦିନେ କାଳିଆ ରାତିରେ ଘରକୁ ଫେରେନି । ମାମଲତ୍ ସାରି ଫେରିଲାବେଳକୁ ରାତି ଅଧକରୁ ବେଶୀ ହୋଇଗଲେ, ସାଙ୍ଗ ହୋଇ କାହା ପିଣ୍ଡାରେ ଶୋଇ ପଡ଼େ । ଖାଇବାଟା କାହାରୁ ଚଳିଯାଏ । ରାତି ଯାକ ପଡ଼େ କେତେଆଡ଼ର ମସୁଧା । ସାଆନ୍ତର ବୁଢ଼ା ଖପା ହୋଇ ସକାଳେ କହେ—ରାତିରେ ନିଜ ଘର ଛାଡ଼ି ଅନ୍ୟ କୁଆଡ଼େ ଯାଇ ଶୋଇଲେ ଘରୁ ଲକ୍ଷ୍ମୀ ଛାଡ଼ିଯାଆନ୍ତି । ଭଲ ମଙ୍ଗଳ ହୁଏନି । କେତେ କେତେ ଲୋକଙ୍କର

ଘର ଏମିତି ଭାଙ୍ଗିଯାଇଛି । ଧାନ କୋଠି ଖାଲି ହୋଇଯାଇଛି । କାଳିଆ ଏସବୁ ଶୁଣେ । କିନ୍ତୁ ଯୋଉଆକୁ ସେଇଆ ।

ବୋହୂ, ଗୋଡ଼ ହାତ ଓ ଅଣ୍ଟା ପିଠି ଘଷିମାଜି ଦେଉଛି । କାଳିଆଟା ଏ ପର୍ଯ୍ୟନ୍ତ ଆସିନି । କେତେବେଳେ ସେ ଆସୁଛି କେଜାଣି ? ବୋହୂଟା କେତେ ରାତି ଯାଏଁ ଇମିତି ଅପେକ୍ଷା କରି ବସିଥିବ ? ସାଆନ୍ତର ବୁଢ଼ାର ଆଖି, ଅଧା ମୁଦା ଓ ଅଧା ମେଲା । ହାଡୁଆ ଦେହକୁ କାଟିବ ବୋଲି ବୋହୂ ଜାଣିଶୁଣି ନ କାଟିଲା ଭଳି ଘଷି ଦଉଛି । ଖୁବ୍ ଆସ୍ତେ ଦେହ ସାରା ହାତ ବୁଲେଇ ଆଣୁଛି । ବୁଢ଼ାର ମନେ ପଡ଼ିଯାଉଛି—କାଳିଆ ବୋଉ କଥା । ଆଖି ବନ୍ଦ କରି ବୁଢ଼ା ଅନ୍ଧକାର ଭିତରେ ଦେଖିବାକୁ ଚେଷ୍ଟା କରୁଛି । ନାଚି ଗଲା ଆସି କାଳିଆ ବୋଉ । ନାକରେ ନୋଥ, ମୟୂରବସା ଗୁଣା ଆଉ ନାକଚଣା, କାନରେ କାନଫୁଲ ପେଣ୍ଡି ହାତରେ ଖଡ଼ୁ, ବଟଫଳ ଓ ବାଜୁବନ୍ଧ । ବେକରେ କୁରୁଜାତକ ମାଳି । ବଟା ହଳଦି ପରି ଦେହ । ଗହଳିଆ ଭ୍ରୂଲତା ତଳକୁ ଗାଢ଼ ନୀଳରଙ୍ଗର ଦୁଇଟି ଆଖି । ହରଗଉରୀରେ ପଚେଇଦେଲା ଭଳି ଦ' ଫାଳ ଓଠ । ସବୁ ଆସି ବୁଢ଼ାର ମୁଦା ଆଖିପତା ଆଗରେ ନାଚିଗଲା । ହାରା ଏଇଠି ଥିବ, ଏଇଠି ନାହିଁ । ଘରଟାଯାକର କାମ କରିବ ସେ ନିଜେ । ଶାଶୂଙ୍କୁ କିଛି ହେଲେ ଛୁଏଇଁ ଦବନି । ଧାନ ଉସୁଆଁ, ଧାନ କୁଟାଠୁ ଆରମ୍ଭ କରି ବେଲ ରଡରଡ ଦେଖି, ହାତେ ଲମ୍ବର ଓଢ଼ଣା ଟାଣି ଗାଡ଼ିଆରୁ ପାଣି ବୋହିଆଣିବ । ରାତି ଘଡ଼ିଏ ଖଣ୍ଡେ ଥିବ, ଫକା ତାରା ଠିକ୍ ଉଠିଆସିଲା ବେଳକୁ କେତେବେଳେ ଶେଯରୁ ଉଠି ଆଗ ଯାଇ ଅଗଣା ଓ ବାରିଆଡ଼ ପହଁରେଇ ପକେଇବ । ଗୋବର ପାଣି ପକେଇଦେଇ ବାଡ଼ିଆଡ଼ ସଜନା ଗଛ ତଳ ଖଡଗଦାରେ ଝାଡ଼ାଫେରି ଗାଁ ପୋଖରୀରେ ଅନ୍ଧାରୁ

ଅନ୍ଧାରୁ ସେ ଗାଧୋଇସାରି ଫେରିଆସିଥିବ । ସମସ୍ତେ ଉଠିଲା ବେଳକୁ ଧାନ ଦି' ତିନି ହାଣ୍ଡି ସେ ଉସେଇଁ ସାରିଲାଣି । ସିଝା ଧାନ ଭିତରେ ବାଇଗଣଟେ, ଫଳଆଳୁ କି ଜହ୍ନୀ ଭେଣ୍ଡିଟେ ପୋଡି ଦେଇ ସେ ପଖାଳ ବେଳେ ପକେଇଦେଇ ଚାଲିଯାଏ । ବୁଢ଼ା ଆଖି ବୁଜି ଭାବୁଥିଲା—ସକାଳୁ ପଖାଳ ବେଳେ ପକେଇଦେଇ ସାରି ଦିନଯାକ ବିଲରେ ରଗଡ଼ା ମାଟିକି ଚୁରୁମାର କରି ସମତୁଲ କରିବା ଥିଲା ତାର କାମ । ବିଲରେ ବଳଦ ବୁଲେଇ ପୁଷ ମାଘକୁ ସେ ଧାନ ଅମଳ କରେ । ଏଣେ ହାରା ତାଳୁଡ଼ି ଭଳି ଦିନଯାକ ଘରସାରା ଦୂରିବୁଲେ । ରାତି ପହରେ ଛ' ଘଡ଼ି ବେଳକୁ ଘର ଶୂନଶାନ ହେଇଗଲେ ସେ ଆସ୍ତେ ଆସ୍ତେ ଗୋଡ଼ ଟିପି ଟିପି ତାର ଶୋଇଲା ଘରକୁ ପଶି ଆସେ । ତା'ର ଦି' ହାତ, ଗୋଡ଼ରେ ବାଜୁ ତାକୁ ଯେତେ ବଡ଼ ନିଦ ହୋଇଥିଲେ ବି ଚାଉଁକିନା ଭାଙ୍ଗିଯାଏ । ଦିନଯାକ କାମ କରି କରି ଭାରି ହାଲିଆ ଜଣା ପଡ଼ୁଥାଏ । ତଥାପି ହାରାର ଆଙ୍ଗୁଠି ବାଜିଗଲେ ଦେହରୁ ତାର ଅବଶ ଉଭେଇ ଯାଏ । ସେ ଅନୁଭବ କରେ—ଦେହରେ ତାର ଭରି ଉଠୁଛି ସିଂହର ବଳ । ଦି'ହାତ ମେଲା କରି ସାଙ୍ଗେ ସାଙ୍ଗେ ହାରାକୁ ସେ ନିଜ ଦେହରେ ଆଣି ଲଟେଇ ଦିଏ । ସକାଳେ ଆଖି ମେଲେଇଲା ବେଳକୁ ହାରା ଗାଧେଇକରି ଆସୁଛି । ବିଲକୁ ହଳସବୁ ଚାଲିଲାଣି । ସାଙ୍ଗେ ସାଙ୍ଗେ ବଳଦ ଯୋଚି ତା' ଭେଣ୍ଡାବେଳେ ସେ ବିଲକୁ ବାହାରି ପଡ଼ୁଥିଲା ।

ସାଆନ୍ତର ବୁଢ଼ାର ଭେଣ୍ଡିଆବେଳ କଥା ଆପେ ଆପେ ଆସି ତା' ଆଖି ଆଗରେ ଭାସି ଯାଉଥିଲା । ବୋହୂର ହାତ ତା' ଦେହରେ ବାଜିଲାବେଳେ ସେ ଅନୁଭବ କରୁଥିଲା ସତେଅବା କାଳିଆ ବାଉ ତା' ଆଖି ଆଗରେ ଆସି ଠିଆ ହୋଇ ଯାଉଛି । ଅଗାଧୁ

ଆଜ କହୁଥିଲା—ଲୋକ ଗଉଗୀଙ୍କୁ ବାହା ହଉଚ୍ଛ । ଖୁବ୍ ଭଲ ହୁଅନ୍ତା । କାଳଆ ତ ଗୋଟେ ଭଙ୍ଗୁଣିଆ । ଦେଖାଯାଉ । କନ୍ତୁ ଭଙ୍ଗ ଭଉଣୀଭଳ ଦିଶନ୍ତେ । ବୁଢ଼ା ମନେ ମନେ ହସି ପକେଇଲା ବୋହୂର ଘଷା ତ ସବୁଦନ ଖାଉଚ୍ଛ । ପୁଣି ଖାଇବ ନାତୁଣି ବୋହୂର ଘଷା । ହାଃ—ଲୋକବୋଉ—ପୁଣି ଲୋକର ଭାରଜା ବୁଢ଼ା ତା ଛୋଟି ଭିତରେ ବଡ଼ ହସଟାଏ ହସିଲା ।

ଗୋଡ଼କୁ ଭିଡ଼ିଆଣି ବୁଢ଼ା ଖପା ହେଲା । ଯା ବୋହୂ, ସଞ୍ଜ ଆସି ବେଶୀ ହେଲାଣି । କୁଆଡ଼େ ଯାଇଚ୍ଛ ସେ କାଳଆଟା, ଆସୁ ଆଜ । ଶୁଣିବ ଆଜ ଗୋଟେ ଗାଳ ।

ବୋହୂ ଦୁଆର ଆଉଜେଇ ଚାଲିଗଲା ପରେ ବୁଢ଼ା ଘରଭ ଅନ୍ଧାର ଆଡ଼କୁ କେବଳ ଅନେଇରହିଲା । ପରଳପଡ଼ା ଆଖିରୁ ଝରି ଆସିଲା ଲୁହ । ଅନ୍ଧାରରେ ବୁଢ଼ା ଦେଖିବାକୁ ଚେଷ୍ଟାକଲା ଯେତେ ଚେଷ୍ଟା କଲେ ବି ଆଖିକ ନଦ ଆସୁନ । ନଶା ଗର୍ଜୁଚ୍ଛ ତଥାପି କାଳଆ ଆସିଲାନ ।

## —ଏଗାର—

ଦାସିଆ ବାଉର ଉପରେ ମାଉ ବସିସାରଲା ପରେ ଚମ୍ପତରାୟଙ୍କ ପଥର ପିଣ୍ଡା ଉପରେ ଗ୍ଲୋବକାଟର ଗୋଟେ ସ ବସିଥିଲା । ନକେ ଶାମ ଚମ୍ପତରାୟ ବି ଏଥିରେ ଭାଗ ନେଇଥିଲେ କାଳଆ ସାଆନ୍ତର, ସୁବଳ ଦଳବେହେରା, ବଇଶୀ ମାନସିଂ

ାବ୍ଦ କେତେ ମୁଖିଆ ମୁଖିଆ ଲୋକ । ଚଉକସିଆ ଚକାମୁଣ୍ଡ ଟି-
ାନ ପକେଇ ଫୁସ୍ ଫୁସ୍ ହଉଥିଲେ । ପାଟି ଭୁଣ୍ଡର ବଗମ
ାହିଁ । ଏ ଗାଁରେ ଆଉ ଚଳି ହବନି । ମାଡ ଫୌଦାଗ୍ରରେ ଆସି
ଆ ରହିଲାଣି । ଦେଖାଯାଉ, କଏ କାହାକୁ ବଳି ଯାଉଚି ?

ଗାଁରେ ବିଜୁଳିବଣ୍ଟ ଲାଗିଲା । ଦଶମସ୍କନ୍ଧ ବୋଲା ହେଲା ।
ଆପିଆ ହେଲା । ଆଜି ସଭ୍ୟ ଗୃହିଲିଟି । ଲୋକ ଓ ଗୋକୁଳବାବୁ
ନେକ ଥର ଆସି ମେମାନଙ୍କୁ ଡାକଲେ । ଅନେକ ମୁଖିଆ ମୁଖିଆ
ାକଙ୍କୁ ହାତ ଧରି ଉଠେଇଲେ । ସମସ୍ତେ କେବଳ କହିଲେ
ଯାଉଛୁ । ସେମାନେ ମନା କରିନାହାନ୍ତି । ନସାପଠା ଆଗ
ରିଯାଉ । 'ଦବା ଦବା କହୁଥିବା, ନ ଦେବା ନାହିଁ ନ କରିବା ।'
ାରେ ବସିଥିବା ଗାଁର ମାମଲତକାରପଞ୍ଚ ଯିବାକୁ ମନା କରି
ହାନ୍ତି କିନ୍ତୁ ଖାଇବା ପିଇବାବେଳକୁ କାହାର ଦେଖା ମିଳିଲିନି ।
ା କୁଆଡ଼େ ଯାଇ ଲୁଚିଲେ । ଦୁଆରେ ଡାକ ଛୁଡ଼ିଲେ ବି ଦୁଆର
ିଲାନି ।

କାଲିଆ ସାଆନ୍ତର ଥାଇ ଠିକ୍ ହେଲା—ମକଦ୍ଦମାଟେ ରୁଜୁ
କଲେ ଏଗୁଡ଼ାର ମୁହଁ ବଡ଼ିଯିବ । ଆଜି ଦାସିଆକୁ ମାଇଲେଣି,
ଲି କି କାଲି ଆମକୁ ମାରିବେ ।

ଗାଁ ଯାକ ଲୋକ ଯାଇ ଭଗବତ ଘରେ । ରାତି ଆସି ପହରେ
ାଘଡ଼ି ହବଣି । କାକର ଅଜାଡ଼ି ହୋଇପଡ଼ୁଚି । ଚମ୍ପତିରାୟଙ୍କ
ା ପାଲଗଦାର ଗୋଟେ କଡ଼କୁକରି ଠିଆ ହୋଇଛନ୍ତି—
ାଆ ସାଆନ୍ତର ଓ ଉଦିଆ ପରିଡ଼ା । କଦଳୀପତ୍ର ଉପରେ
କା ଦଲକା ଚନ୍ଦ୍ରକିରଣ ଅବା ଥୁଆ ହୋଇଚି । ନଡ଼ିଆ ଗଛ
ରେ ଟିପି ଟିପି ରୂପାର ରଙ୍ଗ । ଫାଟକ ପାଖରେ କୁକୁରଟା
ଅଛି, ବେଳେ ବେଳେ ଭୁକି ଦଉଚି । ଝିଙ୍କାରି ଢ'ଠା ଗାହା

ଧରିଛନ୍ତି । ଟିକିଏ ରହି କାଳିଆ ସାଆନ୍ତରା ପଚାରିଲା—ଉଦିଆ, କେତେଟା ହବ ଚକ ଅଣ୍ଟାରେ ମାରିଲୁଣି ?

କି ଚକ ?

ମୋଟେ ହବ ହେଲେ ଜାଣିଥିବୁ କି ? ହଇରେ ଉଦିଆ, ତୁ କାହାକୁ ଲୁଚେଇଛୁ ? ମୁଁ ପରା କାଳିଆସାଆନ୍ତରା । ଏତିକ ମଧ ତୁ ଭୁଲି ଯାଇଛୁ ?

ଯୋଉ ଗୁଣ କହିବୁ ସେ ଗୁଣ ପକେଇବ । ଯିଏ ଯାହା ଖାଏ, ତାର ସିନା ସେଇ ହେକୁଟି ଆସିବ । ତୁ ସିନା—

ହଉ—ହଉ—ଆଉ ବେଶୀ କହନା । ମୁଁ ପରା ସେଇ କଦଳୀ ବାରି ପାଖରେ ଠିଆହେଇଥିଲିରେ । ତୁ ଆଉ ଲୁଚେଇଛୁ କ'ଣ ?

ଉଦିଆ ପାଟିରୁ ଆଉ କଥା ବାହାରିଲାନି । ମୁଣ୍ଡ ତଳକୁ ପୋତି ସେ କେବଳ ଠିଆ ହୋଇ ରହିଲା ।

ଠିକ୍ କହ କେତେ ମିଳିଲା ?

ମୋଟେ ଟଙ୍କା ପାଞ୍ଚଟା ।

ପୁଣି ମିଛ କହୁଛୁ—

ସତରେ ଭାଇ, ତୋ ଦିହ ଛୁଉଁଛି ।

ଏତେ ନାଆଁ ମିଛେ ତୁ । କହୁ କହୁ ଦିହ ଛୁଇଁ ସାରିଲୁଣି ତୋତେ ତ ମୋଟେ ତା ହେଲେ ବିଶ୍ୱାସ ନାହିଁ ।

ତୁ ତ ବିଶ୍ୱାସ କରିବୁନି । ମୋଟେ ଭଲ ପାଞ୍ଚଟା ଟଙ୍କା ।

ଘଣ୍ଟାକ ତଳେ ବାହ୍ମଣ ସାଇର ଲକ୍ଷ୍ମଣ ମହାପାତ୍ରଙ୍କୁ ସୁ ମୂଳ ମିଶେଇ ଷୋଳ ଟଙ୍କା ଆଠଣା ଦେଇ ତୁ ବାଜୁବନ୍ଧ ହଳ ମୁକୁଳେଇନୁ ? ସତ କହିଲୁ—

ତତେ ଭାଇ ଆଉ ପାରିହବନି । ମୁଁ ଦେଖୁଛି—ତୋର ପାରା ଭଳିଆ ଆଖି । ତୋ ଆଖି ଆଗରୁ ଖସିପାରିବାଇ ମୁସ୍କିଲ

କାଳିଆ ସାଆନ୍ତଘର ହାତ ଦି'ଟା ଧରିପକେଇ ଭିଦିଆ ପରିଡ଼ା କାନ୍ଦି ଗୁଳିଲା—କ'ଣ କରିବ ଭାଇ, ଛଅ ମାସ ହେଲା ରମାବୋଉର ବାଜୁବନ୍ଧ ହଳକ ବନ୍ଧା ପକେଇ ଥିଲି। ଶ୍ରେଷ୍ଠ ପଣତ। ଯୋଡ଼ି ଆଉ ଧରିଲେ ସିଆଡ଼ିକ ପାଉନି। ଟଙ୍କାକୁ ଗୁରି ସେର ଧାନ। ଖାଇବାକୁ ଛଅ ପ୍ରାଣୀ କୁଟୁମ୍ବ। ଦିନକୁ ଦେଢ଼ ଗୌଣୀ ଧାନରେ ପାଣି ପଡ଼ିବନି। ଏହାନ ଢିଳିଆରୁ ବି ଖଣ୍ଡିଆ କରି ଦେଇଥିଲି। ଚିଲି କଣି ନ ଆଣିଥିଲେ ରୁଆ ହୋଇ ପାରି ନଥାନ୍ତା। ଏ ବର୍ଷ ଯାଉ ବର୍ଷା ହେଲାଣି, ଧାନ ଫସଲ ଯାହା ତ ହବ ଆଗୁଆ ସବୁ କଣା ପଡ଼ିଯାଉଛି। ତୁ ତ ଜାଣିଛୁ ଭାଇ—ମାସକ ତଳେ ପବନ କମିତି ପିଟିଦେଲା। ଧାନ ସିନା ନାଁକୁ ଠିଆ ହୋଇଛି। ଗର୍ଭରେ ପନ୍ତୁ ଅଗାଡ଼ ହୋଇ ସାରିଲାଣି। ଦି' ବର୍ଷର ଏଣେ ଖଞ୍ଜଣା ବାକି। ନିଆ କଲିକତା ଗଲାବେଳେ ଟଙ୍କା ଶହେଟା ଦେଇଥିଲା ବୋଲି ।ମେ ଯେବେକେବେ ଚକଯାଉଛୁ। ଧାମ ଉଜ୍ଜିଗଲା। ନୋହିଲେ କତେ ଦିନୁ ହାଡ଼ ଯାଇ ଗଙ୍ଗାରେ ପଡ଼ି ସାରନ୍ତାଣି। କ'ଣ କରିବ ଇ—ବୂଢ଼ା ବାହ୍ମଣଟାକୁ ମାରିବାକୁ ମତେ କ'ଣ ଭଲ ଲାଗୁଥିଲା।

ରାମ ମିଶ୍ରଟା ଉପରେ ପାହାରେ ବି ବସି ଯାଇଛି, ଖୁବ୍ ଭଲ ହୋଇଛି। ଯାହା ସେ ହଉଛି—

ଆଜ୍ଞା କାଳିଆଇ। ଠିକ୍ କଥା ଗୋଟେ ମନେ ପଡ଼ି ଇଛି। ତୁ କାଇଁକି ଯେ ଏ କଥାଟା ଖାଲି ଗଡ଼ଉଛୁ ମୁଁ କଛି ାଲେ ବୁଝି ପାରୁନି।

କ'ଣ ଭାଇ ?

ଏଇ ସୁଦାମବାବୁଙ୍କ ବାହାଘର କଥା।

କ'ଣ ହେଲା କି ?

ବ୍' ଦିନ ତଳେ ସେ କହୁଥିଲେ, ଯେବେ ରାଘବ ପରିଡ଼ା ଘରୁ ବାହାଘର ପ୍ରସ୍ତାବ ଆସେ, ତମେ ଏକଦମ୍ ମନା କରିଦବ । ତାହାହେଲେ ସେ ବାପାଙ୍କୁ କହି ଦଶ ମାଣ ହବ ଧୂଳିଭାଗ ଜମି କରେଇ ଦେବେ । ତା'ଆଗଙ୍କୁ ଶହେ ଠଙ୍କା । ରଜସ୍ୱ ବୋଲି କ'ଣ ଲେଖା ହେଉଛି । ତୁ ଏବେ ମନା କରି ଦଉନୁ । ମାହାଳିଆରେ ମାଛ ମଞ୍ଜି ଭଳି ପାଞ୍ଚ କୋଡ଼ି ଠଙ୍କା ଗଣି ନବୁ । ପୁଣି ଶୁଦ୍ଧ ସୁବର୍ଣ୍ଣ ଭଳି ଦଶ ମାଣ ଜମି । ଲୋକେ ସଲାମି ଦେଇ ବି ଏ ସମୟରେ ମାଣେ ଧୂଳିଭାଗ ଜମି ପାଉନାହାନ୍ତି । ଲୋକଙ୍କ କ'ଣ ଝିଅ ମିଳୁନି ? କାର୍ତ୍ତିକ ଭଳି ପୁଅ । ବୋହୂଘର ଆସି ଗଡ଼ଗଡ଼େଇବେ । କିନ୍ତୁ ଏମିତି ସୁବିଧା ତୁ ଆଉ ଥରେ ପାଇବୁଟିକି ?

ମୁଁ କ'ଣ ସେ କଥାକୁ ମନା କରୁଛି ? ଲୋକବୋଉଟା ବଡ଼ ହାଇରାଣ କରୁଛି । ବାପା ବୋଧେ ଏ କଥା ଜାଣିଲେଣି । ସମସ୍ତଙ୍କ ଇଚ୍ଛା, ରାଜୀବ ପରିଡ଼ା ଘରେ ବାହାଘରଟା ହଉ । ତଥାପି ଦେଖିବା । ଘରେ ମୁଁ ଏ କଥା ଆଗ ପକାଏ । ସୁଦାମବାବୁଙ୍କୁ ଜବାବ ଦବୁନି । କେବଳ କହୁଥିବୁ ।

କୁକୁରଟା ଜୋରରେ ଭୁକି ଲାଗିଲା । ରାତି ଆସି ଅନେକ ବୋଲି ଅନେକ ହେଲାଣି । ଗାଁରେ ଗହଳ ଲାଗିଛି । କିଏ ଯେବେ କହେ ଚୋର ବି'ଟା ଆସି ଛପିକରି କଥା ହଉଛନ୍ତି, ତାହାହେଲେ ଚୋରି ନ କରୁ ନ କରୁ ବି ସମସ୍ତେ କହିବେ ଚୋର । ଚାଲ, ଚାଲିଯିବା—

ଦାସିଆ ବାଉରି ଆଜି ପାହାନ୍ତିଆରୁ ଯିବ ନା ? ଉଦ୍ଧିଆ ପରିଡ଼ା ପଚାରିଲା ।

ତୁ ସାଙ୍ଗରେ ଯାଉନୁ କି ? ମତେ ପରା ଆଜି ତାଙ୍କ କଣରା
ପରେ ଶୋଇବାକୁ କହିଛନ୍ତି । ଖିଆପିଆ ତାଙ୍କର ଝରେ । ଘରକୁ
ଛଡୁନାହାନ୍ତି । ଗଲେ କାଲେ ନ ଆସି ପାରିବ ?

ବାରଆଡୁ ଦହେଁ ଗାଁ ଦାଣ୍ଡ ଆଡ଼କୁ ଚାଲିଲେ । ସମସ୍ତେ
ଖିଆପିଆ କରି ଫେରୁଛନ୍ତି । କାଲେ ସେମାନଙ୍କୁ ଦେଖିଦେବେ ?
ଦାଣ୍ଡଆଡ଼କୁ ନ ଆସି ଉଦିଆ ପରଜା ଓ କାଳିଆ ସାଆନ୍ତରା
ଗାଁ ଶେଷରେ ଜଣଙ୍କ କାନ୍ଥ ପଛଆଡ଼େ ଲୁଚିଗଲେ ।

ଉଦିଆ ପରଜା ପଚାରିଲା—କାଳିଆଇ କ'ଣ କରିବା
ଧାଖି କହିଲୁ ।

କିଛି ବୋଲି କିଛି ନାହିଁ । ଖାଲି କ'ଣ କରିବା । କ'ଣ
ଉଚ୍ଛି କହୁନୁ ? ପକେଟରୁ ଦ'ଖଣ୍ଡ ବଡ଼ ବାହାରକରି କାଳିଆ
ସାଆନ୍ତରା ଆପେ ଖଣ୍ଡେ କାମୁଡ଼ି ଧରିଲା । ଉଦିଆ ପରଜାକୁ ଖ
ଣ୍ଡେ ବଢ଼େଇଦେଲା । ତୁଚ୍ଛି ପକେଟରୁ ଡିଆସିଲି କାଢ଼ି ଦହେଁ
ଡ଼ରେ ନିଆଁ ଧରେଇଲେ ।

ଉଦିଆ ପରଜା କହିଲା—ବୁଝିଲୁ କାଳିଆଇ, ଆମର ସିଏ
ଛ ମୂଳ କଥାଟା ବନ୍ଦ ନ କଲେ ଆଉ ଚଳି ହବନି । ଆସନ୍ତା
ଧ ଫଗୁଣରେ ରମାର ବାହାଘର ହବ ବୋଲି ଜାତକ ଶୁଝିଛି ।
ସଦନ ତ ମାଳ ଠେକା ହୋଇଯାଇଛି, ତୁ ଜାଣିଛୁ । ଜମିଟା
ନ୍ଦୀ ହବ ବୋଲି ସମସ୍ତେ ଜାଣିଲେଣି । କେବଳ ଛକା ପଂଝାରେ
ଛନ୍ତି । ଶାଗ ମାଛ ମୂଳରେ ଜମିଟି ସେଇଟା କିଣି ନେଇଯିବେ ।
ଟିକିଏ ଇଆ ଭିତରେ ପଶି ଦୋଧେଇ ନ କଲେ ଜମିଟା
କର ହୋଇପାରିବନି । ଜମି ବନ୍ଦୀ ନ ହେଲେ ରମାର
ହାଘର ହୋଇ ପାରିବ ନି ।

ଗୋଟେ କାମ କରିବା—

କ'ଣ କାଳିଆଇ ?

ଚାଲ, ଜମିଟାକୁ ବନ୍ଧକ ରଖି କୋଉଠୁ ଟଙ୍କା ଆଣିବା। ଇଆ ଭିତରେ ବୁଝିବା, ଜମି କିଏ ନେଉଛି ନା ନାହିଁ ବନ୍ଧକ ପକେଇଥିବା ଜମିଟାକୁ ପୁଣି ବିକି ଦେବା । ଜମି ନେବା ବାଲା ଓ ବନ୍ଧକ ରଖିଥିବାବାଲା ଦୁହିଁଙ୍କ ଭିତରେ ବାଡ଼ିଆପିଟା ଲାଗିଥିବ । ଆମର ଲାଭ ହେଲେ ଗଲା ।

ଭଦିଆ ପରିଡ଼ା ମନା କଲା । ନାଇଁ ଭାଇ, ଏତେ ଅଡୁଆରେ ମୁଁ ପଶି ପାରିବିନି । ସମସ୍ତେ ମିଶି ମତେ ଯଦି ପିଟିଲେ ?

ଭାରି ପିଟିଲାବାଲା । ତୋ ହାତରେ କ'ଣ ପୋକ ପଡ଼ିଛି, ନା ତୁ ପେଜ ପିଉଛୁ । ହେଇତେ ସେମାନେ କରିବେ କ'ଣ ? କାଳିଆ ସାଆନ୍ତରଠୁ ସେମାନେ କ'ଣ ଟପିଯିବେ ? ତୋ ପଛକୁ ପରା ରହିଛି ମୁଁ । ତୋତେ କିଛି ହେଲେ କରିବାକୁ ପଡ଼ିବନି। ପକେଟରେ ପଇସା ରଖି କଚେରୀକି ଆସିଲେ ତୁ ନାହିଁ ନ ଥିବା କାମ କରିପାରିବୁ । ନାହିଁ ନାହିଁ କରୁଥିବେ, ପକେଟରେ ତୁ ଗଳେଇ ଦେଉଥିବୁ । ସିଗାରେଟ୍ ଡବା, ଡଆସିଲା, ଜର୍ଦ୍ଦା, କିମାମ ଆଉ ପିପରମେଣ୍ଟଦିଆ ପାନ । ହଁ, ଆଉ ଗୋଟେ କଥା—ଭଲ ଅଟୁଟ ଚାଉଳ; କୃଷ୍ଣ ଭୋଗ ନ ହେଲେ ତ ଚଳିବ ନି । ଖାଣ୍ଟି ଗୁଆଘିଅ ସାଇତି କରି ରଖିବାକୁ ପଡ଼ିବ । ତାରିଖ ଦିନକୁ ବଡ଼ ବଡ଼ ବାଇଗଣ କଦଳୀ କି ଦେଶୀ ଆଳୁ ଧରି ସକାଳୁ ସକାଳୁ ବାବୁଙ୍କୁ ତାଙ୍କ ଘରେ ଯାଇ ଦେଖା କଲେ ସଞ୍ଜ ବେଳକୁ ଦେଖିବୁ—ପ୍ରତିବାଦୀ ପକ୍ଷର ଯାହା କିଛି ଜବାବ୍ ସୁଆଲ, ସବୁ କିଛି ଫସର ଫାଟିଯାଇଛି । ଡାକ ବକେଇ ମକଦ୍ଦମା ତୁ ଜିତିଯିବୁ । ସତକୁ କେବଳ ମିଛ କରି ପାରିଲେ ହେଲା । ସେଇଥି ପାଇଁ ଫନ୍ଦି ଫିକର ଲୋଡ଼ା ।

ଉଦିଆ ପରିଡ଼ା ଆଁ କରି ତା ଆଡ଼କୁ ଅନେଇ ରହିଥିଲା ।

କାଳିଆ ସାଆନ୍ତରି କହି ଚାଲିଛି—ମୁଁ ଥରେ ଶୁଣୁଥିଲି ଗୋଟିଏ ମକଦ୍ଦମାରେ ମୁଦାଲି ଜିତିଛି, ଦରକାର ପଡ଼ିଲା ମୁଦାଲିକୁ ମାରିଦବାକୁ ପଡ଼ିବ । ତା ନ ହେଲେ ମକଦ୍ଦମା ଡିଗ୍ରୀ ହୋଇ-ପାରିବନି । ଡାକ୍ତର, ଲୋକକୁ ଦେଖିନି । ଲୋକ ସଂବନ୍ଧରେ କିଛି ହେଲେ ଜାଣିନି । ଲେଖିଦେଲା, ହଇଜା ରୋଗରେ ମରିଯାଇଛି । ମୁଦାଲି କିନ୍ତୁ ବର୍ ଦାଣ୍ଡରେ ଯା' ଆସ କରୁଥାଏ । କଚେରୀ ଆଗରେ କେତେ ଲୋକଙ୍କୁ ବି ପଚରିଛି । ପାଗଳା ବୋଲି କହି ସମସ୍ତେ ତା' କଥାକୁ ଉଡ଼େଇଦେଲେ । ଯେତେ ପାଟି କଲେ ବି କେହି ଶୁଣିଲେ ନି । ଲୋକଟା ବଞ୍ଚି ଥାଉଁ ଥାଉଁ କାଗଜ କଲମରେ ମରିଗଲା । ଜମି ଓ ସମ୍ପତ୍ତି ବାଡ଼ିରୁ ଭାଗ ପାଇ ପାରିଲାନି । ମୁଦେଇର ମକଦ୍ଦମା ଡିଗ୍ରୀ ହେଲା । ଇମିତି ଅନେକ ଅନେକ କଥା । ଟଙ୍କା କଣ ନ ପାରିବ ? ତୁ ଏଇ କଥାକୁ ମନେ ରଖିଥିବୁ । ଯେତେବେଳେ ଦରକାର ପଡ଼ିବ ମତେ ଆସି ପଚାରିଲେ ମୁଁ ଠିକ୍ ବାଟ ବତେଇ ଦେବି । କାଳିଆ ସାଆନ୍ତରି ପତେଇ ପକେଟରୁ ଗୋଟିଏ ଡବାଟି ବାହାର କଲା । ଉପରୁ ଖୋଲଟା ଖୋଲି ସେ ଅନ୍ଧାରରେ ବୁଢ଼ା ଆଙ୍ଗୁଠି ଆଉ ବଶି ଆଙ୍ଗୁଠି ସନ୍ଧିରେ କଣ ଗୋଟିଏ ଗୁଳା ରଖି ବଳିବାରେ ଲାଗିପଡ଼ିଲା ।

ଉଦିଆ ପରିଡ଼ା ପଚାରିଲା । କାଳିଆଇ କଣ କରେ ଇଏ ?

କଳା କୃଷ୍ଣ । ଟିକିଏ ପାଇବୁ କି ?

ସେତକ ବି ଚଳିଲାଣି ?

ତୁ କଣ ଆଜି ନୂଆଁ ଦେଖୁଛୁ ।

ନାଁ ଭାଇ, ମୁଁ ଆଗରୁ କେବେ ହେଲେ ତୋ ଅଫିମଖିଆ ଜାଣି ନଥିଲି ।

ସତେ ? ହଉ, ଚାଲ ଚାଲ । ସବୁଆଡ଼େ ଶୂନଶାନ୍ ହୋଇ-ଗଲାଣି । ଚମ୍ପତିରାୟ ଟିକିଏ ଯେବେ ଡାକନ୍ତି, ତାହାହେଲେ କାମ କରିବାକୁ ପଡ଼ିବ । କିନ୍ତୁ ଆମେ ବଳେ ପଶି ମଙ୍ଗଳବାର କରିବା ନା । ବୁଝିଲୁ ଉଦିଆ—

ଉଦିଆ ମୁଣ୍ଡ ଟୁଙ୍ଗାରି ଘରଆଡ଼େ ଚାଲିଗଲା । କାଳିଆ ସାଆନ୍ତରା ବୁଲପଡ଼ି ଚାଲିଲା, ଗୁଡ଼ିଆ ସାଇଆଡ଼େ ।

× × × ×

ପଧାନ ସାଇର ବାଁପଟ ସାଆଲ ଆଡ଼କୁ ଯୋଉ ସାଇଟା ଲମ୍ବି ଯାଇଛି ତା'ର ଗୋଟିଏ ସାଆଲରେ କେବଳ ଗୁଡ଼ିଆ ଘର । ତିନୋଟି ଘରଗୁଡ଼ି ଚମ୍ପି ଗୁଡ଼ିଆଣିର ଘର । ଅନେକ ଦିନ ଧରି ଘରଟା ଭଙ୍ଗାରୁଜା ହୋଇ ପଡ଼ିଥିଲା । ତିହରେ କଦଳୀ ଲଗିଥିଲା । ବାଇଗଣ ବି ଫଳିଥିଲା । ସମସ୍ତେ ନିକାପଞ୍ଜାରେ ଥିଲେ । ଚମ୍ପି ଗୁଡ଼ିଆଣୀର ଭିହଟା ବନ୍ଧୀ ହବ । ଜମି କଥା ଭିନ୍ନ ପ୍ରକାର, କିନ୍ତୁ ତିହକୁ ପୁଚ୍ଛେ କିଏ ? ମାନସିଂହ ପାଟଣା ଗାଁରେ ଏବେ ଏତେ ଲୋକ ଯେ ଜନ୍ମ ହଉଛନ୍ତି ତାର ସୀମା ନାହିଁ । ଜମିସବୁ ଖାଲି ଟିକି ଟିକି ହେବାରେ ଲାଗିଛି । ଗୋଟେଇଁ ବାପା ଯୋଡ଼ିଏ ଭାଇ ହୋଇଥିଲେ ବାପା ବେଳକୁ ଚାରିଭାଇ । ପୁଅବେଳକୁ ହେଲେଣି ଆଠଜଣ । ତିନପୁରୁଷପରେ ମାଣେ ଜମି ଆଠଭାଗ ହେଲାଣି । ଗାଁରେ କିନ୍ତୁ ରହିବାକୁ ସ୍ଥାନର ବଡ଼ ଅଭାବ । ତେଣୁ ସମସ୍ତେ ଠାକକରି ବସିଥିଲେ । ଚମ୍ପି ଗୁଡ଼ିଆଣୀ ଯେମିତି ବିକିବା ନାଁ ଧରିଛି, ବଡ଼ି ଲାଗିଲେ । ଯେତେ ଦାମ୍ ପଡ଼ୁ ପଛକେ କିଣାଯିବାର କଥା ।

କିନ୍ତୁ ଫଳ ହେଲା ଠିକ୍ ଓଲଟା । ଦିନେ ସକାଳ ପାଇଲା ବେଳକୁ ଚମ୍ପି ଗୁଡ଼ିଆଣୀ ଜଟଣୀରୁ ବରା ଛିଆକି ଦୋକାନ ଖୋଲି

ଆସି ଗାଁରେ ହାଜର । ସାଙ୍ଗରେ ଗୋଟିଏବୋଲ ଝିଅ ସେବଣ୍ଣା । ସମସ୍ତେ ସାବ ସାବ ବୋଲ ଡାକନ୍ତି । ବୟସ ବାଇଶି ଭିତରେ । ସେବଣ୍ଣା ଫୁଲଭଳି ଦେହ । କୋଉଠି ହେଲେ ଖୁଣି ଦବାକୁ ନାହିଁ । ସାବା କୁ ଦେଖି ଗାଁ ବାଲା ଚମ୍ପୀ ଗୁଡ଼ିଆଣୀର ଝିଅ ବୋଲି ଚିହ୍ନି ପାରିଲେନ । ଯେ କୌଣସି ଲୋକ ବିଶ୍ୱାସ କରିବ, ସାବା ଗୋଟିଏ ବଡ଼ଲୋକର ଝିଅ । ମାଆକୁ ଚାଳିଶି ବର୍ଷ ଉପରେ ଆସି ହେଲଣିବ । ତଥାପି ତା ଦେହର ତେଜ ଭାଙ୍ଗିନି । ଚମ୍ପୀ ଗୁଡ଼ିଆଣୀର ବରା ପିଆଜି ଜଟଣୀରେ ଡାକ୍ । ତା ଦୋକାନକୁ ବେଶୀ ଆସନ୍ତି, ମଟର ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଷ୍ଟେସନ କୁଲି ଆଉ ଖବର କାଗଜ ହକର୍ । ଦୋକାନରେ ବସିବାର ସୁବିଧା ନ ଥାଏ । ବରା ପିଆଜି ସେତେ ଭଲ ବୋଲି ବି କୁହାଯାଇ ପାରିବନି । ତଥାପି ତା ଦୋକାନକୁ ଯେ ଥରେ ଆସିଛି, କେବେ ଥରେ ଜଟଣୀ ଆସିଲେ ସେ ନିଶ୍ଚେ ହେଲେ ସେଠିକି ଆସିବ । ଚମ୍ପୀ ଗୁଡ଼ିଆଣୀର ବରା ପିଆଜି ସାଙ୍ଗେ ତା ଗୋରା ମୁହଁର ପୁରୁଣା ହସ, ବରା ପିଆଜିକୁ ଆଉରି ସୁଆଦ କରିଦିଏ । ତା' ସାଙ୍ଗେ ଆଉରି ଭଲଲାଗେ ସାବାର ଫାଜିଲାମି । ସାବା ବାବୁମାନଙ୍କୁ ଗିଲାସରେ ପାଣି ଆଣି ଦଉଦଉ ପଛପଟୁଆ ହୋଇ କ'ଣ ଗୋଟିଏ ସିନେମା ଗୀତ ଗୁଣୁଗୁଣୁ ହୋଇ ଗାଉଥାଏ । ପାଣି ଦେଲାବେଳେ ମୁରୁକି ମୁରୁକି ହସେ । ଡ୍ରାଇଭର ଦିନଯାକ ଷ୍ଟିଅରିଂ ଧରି ଧରି ତା' ହସ ଦେଖିଲେ ଦିନକର କ୍ଳାନ୍ତି ଭୁଲିଯାଏ । ଖବର କାଗଜ ହକର୍ ଦିନଯାକ ଖରାରେ ବୁଲିବୁଲି ତା'ର ମୁଣ୍ଡବଥା ଭୁଲେ । ବୁଲି ବକାଲି ତା'ର ଦିନଯାକର ଲାଭ କ୍ଷତି କେତେ ହେଲା, ତା' ଭାବିବାକୁ ସମୟ ପାଏନି । ବେଳେ ବେଳେ ଚମ୍ପି ଗୁଡ଼ିଆଣୀ ଦୋକାନରେ ନିହାତି ଅସୁବିଧା ପଡ଼ିଲେ ଜଣେ ଜଣେ ରାସ୍ତାରେ

ବିଶ୍ରାମ ନିଅନ୍ତି । କିନ୍ତୁ ତା କହିବା ମୁତାବକ ରାତି ଥାଉ ଥାଉ ସେମାନେ ଚାଲିଯା'ନ୍ତି । କେହି ଯେପରି ଜାଣି ନ ପାରିବେ ।

ବହୁତ ଖୋଜିସାରିବାପରେ ସେବତୀପାଇଁ ଗୋଟେ ବରଘର ଠିକ୍ ହୋଇଥିଲା । ବରହମ୍ପୁରରେ ତା'ର ଦୋକାନ ଅଛି । ବର୍ଷେ ଦି'ବର୍ଷ ବିତେଁ ଭଲ ଭାବରେ ଚଳିଲେ । ଦିନେ ତା' ବର ସେବତୀକୁ ଛାଡ଼ପତ୍ର ଦେଇଦେଲା । କେତେକଙ୍କଠୁ ଶୁଣାଯାଏ ସେବତୀର ସେ ଖରାପ ପ୍ରକୃତି କ'ଣ ଦେଖିବାକୁ ପାଇଲା । ସେବତୀ ବରହମ୍ପୁରରୁ ଖୋର୍ଦ୍ଧା ଆସୁଥିବା ଗୋଟେ ମଟର ଡ୍ରାଇଭର ସାଙ୍ଗେ ରାତି ଥାଉ ଥାଉ ଚାଲିଆସିଲା । ଚମ୍ପି ଗୁଡ଼ିଆଣୀ ଝିଅର ଏ ଘଟଣା ଦେଖି ଭାଙ୍ଗିପଡ଼ିଲା । ଭାବିଥିଲା—ଗାଁ ଘର ବିକିଦେଇ ଜୋଇଁକି ବରହମ୍ପୁରରୁ ଡକେଇ ଆଣିବ । କଟଣିରେ ବଡ଼ ଜଳଖିଆ ଦୋକାନଟେ ସେମାନେ ଆରମ୍ଭ କରିବେ । ଝିଅ ଜୋଇଁ ସୁଖରେ ଚଳିବେ । ଯେତେବେଳେ ସେ ଦେଖିଲା, ଜୋଇଁ ଝିଅକୁ ଛାଡ଼ିଦେଲାଣି, ସେ ଠିକ୍ କଲା କଟଣିରୁ ଦୋକାନ ଭାଙ୍ଗି ଗାଁ'କୁ ଫେରିଆସିବ ଓ ସେଇଠି ତା'ର ଶେଷ ନିଶ୍ୱାସ ମାରିବ । ଯଦି ମିଳେ ଝିଅକୁ ଦୁଷ୍ଟପୁ କରି ଛାଡ଼ିଦେବ ।

ଚମ୍ପି ଗୁଡ଼ିଆଣୀ ଘରଟା ଏବେ ଭଲକରି ତୋଳି ସାରିଲାଣି । ଗାଁରେ ଦୋକାନଟିଏ ବି ଦେଇଛି । ଭଲ ବିକ୍ରୀ ହୁଏ । ଅନେକ-ଆଡ଼େ ଆଖି ବୁଲେଇଛି । ସାବା ଦୁଷ୍ଟପୁ ହୋଇପାରିନି ।

କାଳିଆ ସାଆନ୍ତର ମକଦ୍ଦମା ତାରିଖ ନେଇ ପୁରୀ ଗଲାବେଳେ ଚମ୍ପି ଗୁଡ଼ିଆଣୀ ସାଙ୍ଗେ ଦେଖା ହୋଇଯାଏ । ଯୋଉ ଥରକ ସେ ଦୋକାନରେ ବରାପିଆଜି ଖାଇକରି ଯାଇଛି, ସେ ଥର ତା'ର ମକଦ୍ଦମା ଡିଗ୍ରୀ ହୋଇଛି । ଡିଗ୍ରୀ ସରିଲାପରେ କାଳିଆ ସାଆନ୍ତର ସେଇଦିନ ରାତିଟା କଟଣିରେ କଟେଇ ତା' ଆରଦିନ

ସକାଳେ ମାଛଗାଡ଼ିରେ ନବଙ୍କାରପୁରରେ ଆସି ଓହ୍ଲାଏ । ଚମ୍ପି ଗୁଡ଼ିଆଣୀ ସଙ୍ଗେ ତା'ର ସମ୍ପର୍କ ଭାରି ପୁରୁଣା । କାଳିଆ ସାଆନ୍ତର ଗୃ'ଖୋର । ଜଟଣିରେ ବର୍ଷ ବର୍ଷ ଧରି ରହିଆସିଛି ଚମ୍ପି ଗୁଡ଼ିଆଣୀ । ତା' ଗୃ' ଛଡ଼ା କାଳିଆ ସାଆନ୍ତରଙ୍କୁ ଆଉ କିଛି ହେଲେ ଭଲ ଲାଗେନି । ସାଙ୍ଗ ବି ବେଳେବେଳେ ଗୃ'ରେ ଦୁଧ ଟିକିଏ ଆଣି ଢାଳିଦିଏ ।

ଉଦିଆ ପରଡ଼ାକୁ ଛୁଡ଼ିଦେଇ କାଳିଆ ସାଆନ୍ତର ଭାବିଥିଲା ଘରଆଡ଼େ ଯିବ । କିନ୍ତୁ ପାଦଟା ତା'ର ପଡ଼ିଲା ଗୁଡ଼ିଆ ସାଇ ଆଡ଼େ । ଅଫିମ ବି ଟିକେ ପଡ଼ିଯାଇଛି । ଦୋଟି ଆସୁଛି ମଧୁରିଆ ନିଶା । ଗୋଡ଼ ଅବା ତଳେ ଲାଗୁନି । ଇନ୍ଦ୍ର ଭୁବନରେ ରହିଲା ଭଳି ଜଣାପଡ଼ୁଛି । କାଳିଆ ଆସ୍ତେ କରି ଚମ୍ପି ଗୁଡ଼ିଆଣୀ ଦୁଆରେ ହାତ ମାରିଲା । ଅନ୍ଧାରିଆ କରି ତା' ଦୁଆରେ ଠିଆହେଲା । କିଏ କୁଆଡ଼େ ନାହାନ୍ତି ତ ? କିଳଣୀଟା ଖୁବ୍ ଆସ୍ତେ ଶବ୍ଦ କଲା । ଘର ଭିତରକୁ ପଶିଗଲା କାଳିଆ । ସାଙ୍ଗେ ସାଙ୍ଗେ ଦୁଆର ବନ୍ଦ । କାଳିଆ ସାଆନ୍ତର ଓ ଚମ୍ପି ଗୁଡ଼ିଆଣୀ । ତା' ସାଙ୍ଗେ ସାଙ୍ଗେ ଗାଳି । ଅଫିମ ଟେଳେ ଆଗୁଆ ପଡ଼ିଛି । ଏଣେ ପାହାନ୍ତିଆରୁ ଉଠି ଆସିଆ ବାଉରିକ ଶଗଡ଼ରେ ପକେଇ ମୁଖ ହଉ କି ଖୋର୍ଦ୍ଧା ହଉ କାଉଠି ହେଲେ ଡାକ୍ତର ମାଇନା କରିବାକୁ ପଡ଼ିବ ।

କାଳିଆ ସାଆନ୍ତରଙ୍କୁ ସରଗ ଏଇନେ ଦି' ଆଙ୍ଗୁଳ ।

ସଂଘ ଲାଇବ୍ରେରୀ
ନଂ...........
ତା...........

# — ବାର —

ରାଧୁ ବନ୍ଧୁର, ଧନଯାକ ଆଜ ଖାଟିଛି । ଉଦୁଉଦଆ ଖରାରେ ନରଣପୁର ଯାଇ ଫେରିଥିଲା । ସୁଜଙ୍ଗିର ହାଣ୍ଡି ବୋହିବାଠୁ ଆରମ୍ଭ କରି ତାଙ୍କୁ ଯିଏ ଯାହା ବତେଇଛନ୍ତି, ସବୁ ସେ କରିଛି । ତା ସାଙ୍ଗେ ସାଙ୍ଗେ ଗାଁ ଲୋକଙ୍କୁ ଖାଇଲାବେଳେ ସେ ପରଷିଛି । ଅନେକ କଷ୍ଟ ଧାଁ ଧପଡ଼ କରିଛି ରାଧୁ ।

ଭଗବତ ଘରେ ଶେଯ ଶୁଙ୍ଘି ଶୁଙ୍ଘି ତାକୁ ନିଦ ଘୋଟି ଆସିଲା । ଟିକିଏ ଯାଇଛି କି ନାହିଁ ଲୋକ ଡାକିଲା ରାଧୁ । ଆଉ ରାଧୁ ନା ଫାଧୁ—ଅନେକବେଳୁ ନିଘୋଡ଼ ନିଦରେ ସେ ଶୋଇ ସାରିଲାଣି । ଘୁଙ୍ଗୁଡ଼ି ମାରୁଛି । ମିସ୍ତ୍ରୀ ଦୁଇଜଣ ଧନଯାକ ଅନେକ ପରିଶ୍ରମ କରିଛନ୍ତି । ସେମାନେ ସେତେବେଳକୁ ଶୋଇ ଯାଇ ଥିଲେ ।

ଗୋକୁଳବାବୁଙ୍କ ଆଖିକି କାହିଁ ନିଦ ଆସୁନି । ଘରେ ଲଣ୍ଠନଟାଏ ଧକ୍ ଧକ୍ ହୋଇ ଜଳୁଛି । ଚାଳର ରୁଅ ଗୁଡ଼ାକୁ ଲକ୍ଷ୍ୟ କରୁ କରୁ ଗୋକୁଳବାବୁ କେତେ କ'ଣ ଭାବି ଲାଗିଛନ୍ତି । ମଶାରିର ବ୍ୟବସ୍ଥା ହୋଇ ପାରି ନ ଥିଲା । ଚମ୍ପତିରାୟଙ୍କ ଘରେ କାହାକୁ ହେଲେ ଦେଖା ନାହିଁ । ମିଳିଥିଲେ ତାଙ୍କର ଘରୁ ମଶାରି ଖଣ୍ଡେ ମିଳିଥାନ୍ତା । ଦେହରେ ଗୁଦର ଘୋଡ଼ିହୋଇ ଶୋଇ ହଉନି । ଗରମ ଲାଗୁଛି । ଦେହ ମେଲାକରି ଶୋଇଲେ ଲାଗୁଛନ୍ତି ପଲ ପଲ ମଶା । ଘରଯାକ ଭୁରୁ ଭୁରୁ ବଇଁଶୀ ବଜାଇବାକୁ ଆରମ୍ଭ କରି ଦେଲେଣି ।

ଲୋକ ଶୋଇନ । ହାଇ ଉପରେ ହାଇ ଆସି ତା' ଆଖିର ଦି' ପତା ମଝିରେ ଅଠା ବୋଳିଦଉଛି । ଗୃହଆଡ଼ ଶୂନ୍‌ଶାନ୍ । କାହାର ସୋର ଶବଦ ନାହିଁ । ବେଳେ ବେଳେ କୁକୁର ଗୋଟେ ଦି'ଟା ଭୁକି ଦବାକୁ ଛାଡ଼ୁ ନାହାନ୍ତି । ମାନସିଂହ ପାଟଣା ସତେ ଅବା ହାଲିଆ ହୋଇ ପଡ଼ିରହିଛି ।

ଲୋକକୁ ହଲେଇଦେଇ ଗୋକୁଳବାବୁ ଆସ୍ତେ କରି ତା' କାନରେ କହିଦେଲେ,'ଲୋକ ବାହାରକୁ ଆସିଲୁ—ଆସ୍ତେ ଆ—

ଲୋକ ଧଡ଼ପଡ଼ ହୋଇ ଉଠିଲା । ଖୁବ୍ ଆସ୍ତେ କଳଣି ଖୋଲି ଦୁହେଁ ଆସି ବାହାରେ । ଗୃହଆଡ଼କୁ ଅନେଇଲେ । କାହାରି ଦେଖା ମିଳିଲାନି । ଗାଁ ଦାଣ୍ଡରେ ଫାଳେ ଆଲୁଅ, ଫାଳେ ଅନ୍ଧାର । ଚନ୍ଦ୍ରକିରଣ ଗୃହ ଉପରେ ପଡ଼ି ଗାଁ ଦାଣ୍ଡକୁ ଭାଗ ଭାଗ କରି ଦଉଛି ।

ଲୋକ ଗୋକୁଳ ବାବୁଙ୍କ ଆଡ଼କୁ କେବଳ ବକ୍ ବକ୍ କରି ଚାହିଁଛି । କିଛି ହେଲେ ପଚାରି ପାରୁନି ।

—ଗୋଟେ କାମ କରିବା ଲୋକ, ଗୋକୁଳବାବୁ କହିଲେ । ଚାଲ, ଟିକିଏ ଦାସିଆ ଘରଆଡ଼େ ବୁଲି ଆସିବା ।

ରାତି ଆସି ଅଧାଅଧି ହେଲାଣି । ବାଟରେ ଜହ୍ନଜୁହ୍ନା । ଗାଁର ଆରମୁଣ୍ଡେ ଦାସିଆ ବାଉରିଘର । ନଗଲେ କ'ଣ ଚଳିବନି ?

ଗଲେ କିନ୍ତୁ ଖୁବ୍ ଭଲ ହୁଅନ୍ତା ।

ଲଣ୍ଠନଟେ ଆଣୁଛି ? ଲୋକ ପଚାରିଲା ।

ବରଂ ଲିଭେଇ ଦେଇ ଆ । ଆମେ ଯିବାର କେହି ଯେପରି ଜାଣି ନ ପାରନ୍ତି ।

ବାହାରପଟୁ କଳଣୀରେ ଦଉଡ଼ି ଲଗେଇ ଦିହେଁ ବାହାରିଲେ ଗାଁ ଆରମୁଣ୍ଡ ଆଡ଼େ । ଗାଁ ଭିତର ଦେଇ ଯିବାକୁ ଗୋକୁଳବାବୁ ମନା କଲେ । ଗାଁ ତଳେ ପୋଖରୀ ହୁଡ଼ା କରେ କରେ ଯୋଉ ସରୁ ଅଣଓସାରିଆ ରାସ୍ତାଟା, ଦିନ ବେଳେ ଲୋକେ ଯାହା ଉପରେ ଝାଡ଼ା ଫେରନ୍ତି, ସେଇ ରାସ୍ତା ଦେଇ ସେମାନେ ଦାସିଆ ବାଉରି ଡିହ ଉପରେ ଲାଗିଥିବା କଳସୀ ମନ୍ଦା ପାଖରେ ଯାଇ ପହଞ୍ଚିବେ । ଚନ୍ଦ୍ର ପକ୍ଷ । ରାସ୍ତାଟା ଅନ୍ତତଃ ବାରି ହୋଇଯିବ ।

ବାଡ଼ି ଖଣ୍ଡେ ଧରି ଲୋକ ଆଗେ ଆଗେ ଚାଲିଲା । ଗୋକୁଳବାବୁ ପଛେ ପଛେ । ହିଡ଼ ଉପରେ କୋଇଲଖିଆ କଣ୍ଟା । ଧାନ କିଆରୀରେ ପାଚିଲା ଧାନ ପୁରି ଫାଟି ପଡ଼ୁଛି । ଧାନ କେଣ୍ଡା ଗୁଡ଼ାକ ହିଡ଼ ଉପରେ ଆସି ପଡ଼ୁଛି । ଗୋଟେ ଗୋଟେ କିଆରୀରେ ଧାନ ପାଚି ଗଲାଣି । ଠାଏ ଠାଏ ଦରପାଚିଲା କିଆରୀ । ଅତି ବେଶି ହେଲେ ମାସେ କି ପନ୍ଦର ଦିନ ଗଲେ କଟା ହେବ । ଉତ୍ତରୀ ପବନ ଧାନ କିଆରୀ ଦେଇ ଦିହିଁଙ୍କ ଦେହରେ ଆସି ବାଜୁଛି । କେଉଁ ଏକ ସୁନ୍ଦରୀ ତରୁଣୀର ଗୋରା ଚକ୍ ଚକ୍ ମାଂସଳ ବାହୁରେ ସୁଦଶା ବ୍ରତର ସୁତାଖିଏ ଟାଣହୋଇ ବନ୍ଧା ହୋଇଥିଲାଭଳି, ପାଚିଲା ଧାନରେ ଅଜାଡ଼ି ହୋଇ ପଡ଼ୁଥିବା ଧାନ କିଆରୀ ମଝିରେ ଚାଲି ଯାଇଛି ଏଇ ଅଣଓସାରିଆ ହିଡ଼ । ତା ସାଙ୍ଗେ ସାଙ୍ଗେ ଚାରିଆଡ଼ ଚନ୍ଦ୍ର କିରଣରେ ପଲସ୍ତରା ହୋଇଛି । ଲୋକ ଓ ଗୋକୁଳବାବୁ ଗୋଡ଼ ଟିପି ଟିପି ଚାଲିଛନ୍ତି । ଜୋର କୂଳର ମାଛରଙ୍କା ଚଢ଼େଇଟା ଏତେ ରାତିରେ ବି ଡାକ ଛାଡ଼ୁଛି ।

ଦିହେଁ ଆସି ରମିଆ ସାହୁ ବାରିଆଡ଼ର ସାରୁ କିଆରୀ ପାଖରେ ପହଞ୍ଚିଗଲେ । ଗାଁଯାକ ସମସ୍ତେ ଶୋଇ ସାରିଲେଣି । କାହା ଘରେ ଗୋଟିଏ ହେଲେ ଦୀପ ଆଉ ଜଳୁନି । କିନ୍ତୁ

ରମିଆ ସାହୁର ବାଁ ପଟ ସାଆଲରେ ଲଣ୍ଠନଟେ ଖୁବ୍ ଜୋରରେ ଏ ପର୍ଯ୍ୟନ୍ତ ବି ଜଳୁଛି । ଲୋକ ଝରକା ଦେଇ ଅନେଇଲା—ରମିଆ ସାହୁର ଧାନ ମପା ସରିନି । କିଏ ଜଣେ ଅଖା ମେଲେଇଛି । ରମିଆ ସାହୁ ତା' ଭିତରେ ଧାନ ଅଜାଡ଼ିବାରେ ଲାଗି ଯାଇଛି । ପାଖରେ ବସିଛନ୍ତି ଆଉ ଦି' ତିନିଜଣ ଲୋକ । ଲୋକ ସେମାନଙ୍କୁ ଚିହ୍ନି ପାରିଲାନି । ରମିଆ ସାହୁ ରାତିଯାକ ଶୁଏନି । ସମସ୍ତେ ଶୋଇଲେ ତା'ର କାରବାର ଆରମ୍ଭ ହୁଏ । ରାତି ରାତି ଗମ୍ଭୀରକୁ ଗମ୍ଭୀର ଡେଇଁ, ଗାଁକୁ ଗାଁ ଡେଇଁ ତା'ର ଧାନ କାରବାର । କଣ୍ଟ୍ରୋଲ ଧାନ ଆଣି ବ୍ଲେକରେ ସେ ବିକ୍ରୀ କରେ । ଗଞ୍ଜେଇ ଓ ପତ୍ର, ବ୍ଲେକରେ ଡବଲ ଦାମ ନେଇ ଲୋକଙ୍କୁ ଯୋଗାଏ । କେହି ହେଲେ ତାକୁ ଧରି ପାରନ୍ତିନି । ଖସି ନ ପାରିଲା ଭଳି ଅବସ୍ଥା ଆସିଲେ ସେ ଧରେଇ ଦିଏ ବେଙ୍କେ ହବ' ନୋଟ୍ । ବାବୁଭେୟାଙ୍କ ପକେଟ୍‌ରେ ସେତକ ପଶିଗଲେ କିଛି ଆଉ ବିପଦ ନାହିଁ । ଲୋକ ଓ ଗୋକୁଳବାବୁ ବେଗେ ବେଗେ ସେ ଖଣ୍ଡିକ ପାର ହୋଇଗଲେ । କାଲେ କିଏ ଚୁଲ ଆସିବ ? ପଚାରିବ, ଏତେ ରାତିରେ କୁଆଡ଼େ ? ବାର ହେଙ୍ଗାମ୍ କଥା ।

ଦାସିଆ ବାଉରି ଡିହ ଉପରେ ବାଟକୁ କରି ନଇଁ ପଡ଼ିଥିବା ଗବ ଗଛଟା ଅଳ୍ପ ଟେକି ଦେଇ ଦୁହେଁ ଆସି କଲରା ମନ୍ଦା ପାଖେ ପହଞ୍ଚିଲେ । କୁକୁରଟା ସାଙ୍ଗେ ସାଙ୍ଗେ ଭୁକି ଲାଗିଲା । ଦାସିଆ ବାଉରିର କଳା ମଚ୍ ମଚ୍ ମସ୍ତ ବଡ଼ କୁକୁର । ହାତରେ ବାଡ଼ି ଖଣ୍ଡେ ଥିଲା ବୋଲି । ନୋହିଲେ ଭଣ୍ଡିଭଣ୍ଡା କରି ପକେଇଥାନ୍ତା । ତାଟି କବାଟଟା ମେଲେଇଦେଇ ଦାସିଆର ଆଠ ବର୍ଷର ଝିଅ ଶିଘ୍ର ଦୁଆରେ ଆସି ଠିଆହେଲା । ଦେହରେ ତା'ର କିଛି ନାହିଁ ।

କଉପୁନଟେ ମାରିଛି । ଅଟେନଇଦେଇ ଘର ଭିତରକୁ ପଶିଗଲା । ଲୋକ ଓ ଗୋକୁଳବାବୁ ବାହାରେ ଠିଆ ହୋଇଥାନ୍ତି ।

ଆଖି ପିଛୁଳାକେ ଲୁଗା ଖଣ୍ଡେ ବଦଳଦେଇ ଶିଶୁ ଆସି ପଚାରିଲା— କ'ଣ କି ସାଆନ୍ତେ ?

ତୋ ବା' କାହିଁ ?

ଘରେ ଶୋଇଛି । ତାର ମୁଣ୍ଡ ଫାଟି ଯାଇଛି । ସେଇ ଗଛଜଳା ରାମ ମିଶ୍ର ତାକୁ ପଥର ମାରିଛି ।

କୁକୁରଟା ତା'ର ଭୁକିବା ବନ୍ଦ କରିନି । ଅଳ୍ପ ଅଳ୍ପ ବେଳେ ବେଳେ ଭେଁ କରି ଭୁକିଦେଉଛି । ଗୋକୁଳବାବୁ କହିଲେ— ଆମେ ତୋ ବା' ପାଖକୁ ଯିବୁ । ବୋଉ କୋଉଠି ଅଛି ?

—ଚୂଲି ମୁଣ୍ଡେ ।

ଆସୁ ଚାଲ—ଦୁହେଁ ଭିତରକୁ ଚାଲିଲେ ।

ଶିଶୁ ଆବାକାବା ହେଇ ଅନେଇଛି । ସାଆନ୍ତ ଦୁ'ଜଣ ଘରେ କେମିତି ପଶି ଯାଉଛନ୍ତି ? ଏମାନେ କ'ଣ ଛୁଆଁ ହେଉନାହାନ୍ତି ?

ଦାସିଆ ବାଉରି ଉଠିପଡ଼ିଥିଲା । ଗୋକୁଳବାବୁ ତା' ପାଖକୁ ଯାଇ ତାକୁ ଶୁଆଇ ଦେଲେ ।

ଖଣ୍ଡେ ଛିଣ୍ଡା ହେଁସ ଉପରେ ଶୋଇଛି ଦାସିଆ ବାଉରି । ଘୋଡ଼ି ହୋଇଛି ଖଣ୍ଡେ ନାଲି ଆଲୁଆନ୍ । ସେଥିରେ ସାତ ଆଠ ଯାଗା ଚିରା । ଅନେକ ଯାଗା ସିଲେଇ ହୋଇଛି । ସୁଦାମବାବୁଙ୍କ ପାଇଁ ବର୍ଷେ ଶୀତଦିନଯାକ ସକାଳୁ ସକାଳୁ ସଜ ଖଜୁରି ରସ ଆଣି ଦେଇଥିବାରୁ ବାବୁ ଖୁସି ହୋଇ ତାକୁ ଏଇଟା ଦେଇ ଥିଲେ । ଦାସିଆ ସେଇଟାକୁ ଘୋଡ଼ି ହେବାର ଆସି ଚାରି ବର୍ଷ ହେଲାଣି । ଗୋଟିଏ ବୋଲି ବଖରା । ଘରର ଗୋଟେ କଣକୁ ଚୁଲି

ପାଞ୍ଚ ଗୌଣୀ ହବ ଧାନ କୁଡ଼ାହୋଇଛି । ଦାସିଆର ହନକଆ ମଜୁଷ୍ଠ । ଅଖାରେ ରହିବାକୁ କେବେହେଲେ ବଳେନ । ସାଆନ୍ତଙ୍କ କୋଠିରୁ ଆସି ଗର୍ଭରେ ପଶେ । ଆଉ ଗୋଟେ କଣକୁ ଦ'ଠା ହାଣ୍ଡି ଥୁଆ ହୋଇଛି । ଆଉ ଗୋଟେ ହାଣ୍ଡି ଗଡ଼ୁଛି । ବଗଡ଼ଟେ ତରତର ହେଇ କ'ଣ ଖାଇ ଲଗୁଥିଲା । ଶିଶ୍ମ ଆସି ବାଡ଼େଇ ଦବାରୁ ପାହାରକୁ ଗୃଲଗଲା । ଦାସିଆ ବାଉରିର ଦାଣ୍ଡ ଦୁଆରଠା ଛାଟି କବାଟ । ପଛପଟଠା ମେଲା । କବାଟ ନାହିଁ । ଶୋଇଲା ବେଳକୁ ତ୍ରା ଅଖା ଖଣ୍ଡେ ଟ୍ରୁଲେଇ ଦଆଯାଏ । ଘରର ଜିନଷ ଭିତରେ ପାନ୍ଥରେ ଗୋଟେ କଣ୍ଠା ମଗ ହୋଇ ବାଉଁଶିଆଟେ ଠଙ୍ଗା ହୋଇଛି। ତା' ଭିତରେ ଶିଶ୍ମର ଖଣ୍ଡେ ନାଲି ଫେଟା, ପାନଆ ଓ ଦର୍ପଣ । ଶିଶ୍ମର ସାନ ଭାଇ ସନଆର ନୂଆ ପେଣ୍ଟ ଖଣ୍ଡେ ବ ସେଥିରେ ଅଛି । ଲୁଗା ଖଣ୍ଡେ ପାରିଦେଇ ସନଆ ତଳେ ଶୋଇଯାଇଛି । ତା' ଗୋଡ଼ ତଳକୁ ଗୋଟେ ଟୋକେଇରେ ଥୁଆ ହୋଇଛି ଗୁଡ଼ାଏ ଧାନ ଶୀଂଶା । ଶିଶ୍ମ ଆଉ ସନଆ ହନବେଳେ ବିଲରୁ ଗୋଟେଇକରି ଆଣିଥିଲେ ।

ଗୋକୁଳବାବୁ ଘରପାକ ଆଖି ବୁଲେଇ ଆଣିଲା ବେଳକୁ ଦାସିଆ ବାଉରି ପଗୃରିଲା—ସାଆନ୍ତେ ? ଆପଣ କାହିଁକ ? ଆଁ ତ ହୋଇ ସାରିଲେଣି । ଏତେ ରାତିରେ ଲୁଗା ପୁଣି ଧୋଇବେ କେମିତି ?

ଗୋକୁଳବାବୁ କହିଲେ ଆମେ ଆସିଛୁ ବୋଲି ତୁ କାହାକୁ କହିଲେ କହିବୁନ । ଚମ୍ପତିରାଯ୍ଙ୍କ ଘର ତୋତେ ଠଙ୍କା ସାହାଯ୍ୟ ଦେଇ ରାମ ମିଶ୍ରଙ୍କ ନାଁରେ ମକଦ୍ଦମା ଚଳେଇବେ ବୋଲି ଠିକ୍ କରିଛନ୍ତି । ତୋର ଇଚ୍ଛା କ'ଣ ?

ମୋର ଇଚ୍ଛା କ'ଣ ବାବୁ—ମତେ ଏ ସବୁ ଭଲ ଲାଗୁନି । ସାଆନ୍ତଙ୍କ କଥା ନ ମାନିଲେ ସେ ଯେବେ ମାଡ଼ ଚଢ଼େଇବେ, ସେତେବେଳେ ପିଠିରେ ପଡ଼ିବାକୁ କେହି ହେଲେ ନ ଥିବେ । ମତେ ଏ ଗାଁରେ ଠାବ ମିଳିବନି । ପିଲା ମାଇପେ ମୋର ନ ଖାଇ ନ ପିଇ ମରିଯିବେ ।

ଆଚ୍ଛା ଦାସିଆ—ଠିକ୍ କଥା—ସେ କଥା ମୁଁ ବୁଝିଛି । କିନ୍ତୁ ଆଜି ରାତିରେ ଡାକ୍ତର ମାଇନା ହବାକୁ ଖୋର୍ଦ୍ଧା କି ପୁରୀ ଡାକିଲେ ତୁ ଯିବାକୁ ମନା କରିଦେବୁ ।

ସତେ ସାଆନ୍ତେ—ମୁଣ୍ଡ ଧରି ଯାଉଛୁ । କେବେ ହେଲେ ମୁଁ ଯାଇ ପାରିବନି ।

ମୋ ଇଚ୍ଛା, ଏ କଥାଟା ଗାଁରେ ବୁଲେଇ ଦବା ।

ଏଥିପାଇଁ ଆପଣମାନେ ଆସିଥିଲେ ?

ହଁ—ଏଇ ଗୋଟେ କଥା ପାଇଁ କାହିଁକି ଏତେ ଅନର୍ଥ ସୃଷ୍ଟି ହବ ।

ଦାସିଆର ସ୍ତ୍ରୀ ବାରି ଦୁଆରର ଛୁଣ୍ଡା ଅଖା ଫାଙ୍କ ଦେଇ ଘର ଭିତରକୁ ଅନେଇଥିଲା । ଶିଶୁ ବି ତା' ବୋଉ କାନିକି ଧରି ଠିଆହୋଇଥିଲା ।

ନେଳକ ଓ ଗୋକୁଳବାବୁ ଯିବାକୁ ବାହାରିଲେ । ଶିଶୁ ଛାତି କବାଟଟା ଦେଇଦେଲା । କୁକୁରଟା ପୁଣି ଆଉରି ଜୋରରେ ଭୁକି ଲାଗିଲା ।

ବାହେଁ ସେମିତି ଗାଁ ତଳେତଳେ ପଡ଼ି ଗାଁ ମୁଣ୍ଡ ଭଗବତ ଘରକୁ ଚାଲିଯିବେ । ସେମାନେ ତରତର ହଉଛନ୍ତି । ନିଶା ଗର୍ଜୁଛି । ରାଧୁ କାଳେ ଉଠିଥିବ ? ଦେଖିବ କେହି ନାହାନ୍ତି—ଯଦି ସମସ୍ତିଙ୍କି ଡକା ଗୁଡ଼ିଲା, ତାହାହେଲେ ସରିଲା କଥା । ତା' ସାଙ୍ଗେ ସାଙ୍ଗେ

ବି ମନକୁ ଆସିଯାଉଛି—ଦିନଟାଯାକ ସେ ଆଜି ଅନେକ ଖାଟିଛି । ହାଲିଆ ହୋଇ କୋଉଠି ଶୋଇ ଯାଇଥିବ ।

ଧିରେ ଚାଲିଛନ୍ତି ଠିକ୍ ଦଉଡ଼ିଲାଭଳି । ଗୋଡ଼ରେ କଣ୍ଟା ଫୋଡ଼ି ହୋଇ ଯାଇପାରେ । ଅଣଓସାରିଆ ହିଡ଼ ଉପରୁ ଗୋଡ଼ ଖସିଗଲେ ପାଚିଲା ଧାନ ଉପରେ ଅଜାଡ଼ି ହୋଇ ପଡ଼ିବା ହିଁ ସାର ହେବ । ସେଆଡ଼କୁ ତାଙ୍କର ନଜର ନାହିଁ । କେମିତି ଯାଇ ଭଗବତ ଘରେ ପହଞ୍ଚିବେ ।

କିଏ ଗୋଟିଏ ଦଉଡ଼ି କରି ପଳେଇଛି । ଲୋକ ଓ ଗୋକୁଳବାବୁ ଚମକି ପଡ଼ିଲେ । ଲୋକଟା ଏତେ ରାତିରେ ଦଉଡ଼ିଛି କାହିଁକି ?

ଲୋକ ଅନେଇଲା—ସୁବଳ ଭଳି ଦେଖାଯାଉଛି । ଲୋକ ଚନ୍ଦ୍ର କିରଣରେ ଠିକ୍ ଲକ୍ଷ୍ୟ କରିଛି ଲୋକଟା ତା'ଛଡ଼ା ଆଉ କେହି ନୁହେଁ । ଗାଁରେ କଥା ପଡ଼ିଲେ ସିଏ ମାମଲତକାର ସାଜେ । ବଡ଼ ବଡ଼ କଥାମାନ କହେ । ଆକାଶରୁ ତୋଳି ଆଣିଲାଭଳି କଥା । ଗାଁ ଲୋକଙ୍କର ଧାରଣା—ସୁବଳ ଭଳି ଜଣେ ସଚ୍ଚୋଟ ଲୋକ ଖୁବ୍ କମ୍ ମିଳିବେ । ଗାଁର ନ୍ୟାୟ ନିଶାପରେ ସେ ଭାଗ ନିଏ । ତା' କଥାର ଗୋଟିଏ ଓଜନ ଅଛି । ସିଏ ପୁଣି ଏତେ ରାତିରେ ଦଉଡ଼ି ପଳେଇଲା କାହିଁକି ? ଆମକୁ କ'ଣ ଜଗିଥିଲା ? ତାକୁ କ'ଣ ଚମ୍ପତିରାୟଙ୍କ ଘର ପଠେଇଥିଲେ ? କଥା କ'ଣ ?

ଲୋକ ଓ ଗୋକୁଳବାବୁ ଅନେକ ସମୟ ଧରି ସେଇ ହିଡ଼ଉପରେ କେବଳ ଠିଆହୋଇ ରହିଲେ । ଯେତେଶୀଘ୍ର ଭଗବତ ଘରକୁ ଫେରିଯାନ୍ତି, ସେତେ ମଙ୍ଗଳ ।

ଲୋକର ମନ ହେଲା, ସୁବଳ ଦଳବେହେରା ଯୋଉଆଡ଼ୁ ଦଉଡ଼ିଗଲା ସେ ଆଡ଼କୁ ଟିକିଏ ଯିବ । ଧିରେ ସିଆଡ଼େ ଚାଲିଲେ ।

ଘରର ପାଞ୍ଚଟା କଥାଖି ତେଣିକି ସେମାନେ ଯାହା ଦେଖିଲେ, ସେଥିରେ ସେମାନେ କେବଳ ଆବାକାବା ହୋଇ ଠିଆ ହୋଇ ରହିଲେ । ଦି'ତିନଟା ଅଖାରେ ପାକଲ ଧାନ ଶିଂଶା ଦା'ରେ କଟା ହୋଇ ଭର୍ତ୍ତି ହୋଇଛି । ଦା'ଟା ବି ତା'ପାଖରେ ପଡ଼ିଛି ।

ଏଇ ସୁବଳ ଦଳବେହେରା ଦି'ଦିନ ତଳେ ଗାଁରେ ଘରି ପାଟିଭୁଣ୍ଡ କରିଥିଲା—ଗାଁରେ କଏ ଦଳେ ଲୋକ ଅଛନ୍ତି, ସେମାନଙ୍କର କାମ ହଉଛି କେବଳ ପର ବିଲରୁ ଧାନ ଚୋରି କରିବା । ଗାଁ ଲୋକଙ୍କୁ ସେ ପୁଣି ମେଳେଇଥିଲା । ସମସ୍ତେ ରାତିରେ ଯାଇ ଜଗିରହିବେ । ଦେଖିଲା ବେଳକୁ—ସେଇ ସୁବଳ ଦଳବେହେରା ରାତିରେ ଆସି ଚୋରି କରୁଛି । ସକାଳେ ପୁଣି ସଭା ବସେଇ ଭଲଲୋକ ସାଜିବ । ଗାଁରେ ଲାଗିବ ପାଲା ।

ଗୋକୁଳବାବୁ ଲୋକର ହାତଧରି ଭିଡ଼ିଆଣିଲେ । ସିଏ ଯୋଉ ଲୋକ, ଗାଁର ଆଉ କାହାକୁ ଯାଇ ଏଇନେ ଉଠେଇ ଆଣିବ । କହିବ—ଆମେ ଦିହେଁ ରାତି ଅଧରେ ଧାନ ଚୋରି କରୁଛୁ । ଯେତେ ଶୀଘ୍ର ଏ ଯାଗାରୁ ଚାଲିଯିବା, ସେତିକି ମଙ୍ଗଳ ।

ଲୋକ ମୁଣ୍ଡକୁ କାଲୁ ରାଗ ଚଢ଼ିଯାଇଛି । ଦୁନିଆଁରେ ପୁଣି ଇମିତି ଖରାପ ଲୋକ ଅଛନ୍ତି । ଯୋଉମାନେ ଚୋରି କରନ୍ତି, ସେଇମାନେ ପୁଣି ଭଲେଇ ହୁଅନ୍ତି । ଛି—ଛି—ଛି ଏମିତି ଲୋକ-ଗୁଡ଼ାକ ଏମାନେ ।

ଦିହେଁ ତରତର ହୋଇ ଚାଲିଗଲେ । ଭଗବତ ଘରର କଳଣିଟି ଆଗଭଳି ଦଉଡ଼ି ଖଣ୍ଡିକରେ ଅଟକି ରହିଥିଲା । କେହି ହେଲେ ଉଠିନାହାନ୍ତି । ରାତି 'ଆସି କେତେବୋଲି କେତେ ହେଲାଣି । ଲୋକ ଓ ଗୋକୁଳବାବୁ ଚୁନି ଚୁନି, ଗୋଡ଼ ଚିପି ଚିପି ନିଜ ନିଜ ଜାଗାରେ ଯାଇ ଶୋଇପଡ଼ିଲେ ।

## —ତେର—

ରାମ ମିଶ୍ରଙ୍କ ଉପରେ ସୁଦାମବାବୁଙ୍କର କାହିଁକି ଏତେ ଯେ
ାଗ, ନିଜେ ଓଡ଼ିଆ ପରୀକ୍ଷା ବି କହି ପାରିବେନି । ଓଡ଼ିଆଟା
ଙ୍କାର ଚାକର । ନେଲା କୋଡ଼ିଏଟା ଟଙ୍କା । ବୁଢ଼ା ବ୍ରାହ୍ମଣ ରାମ
ମିଶ୍ରଙ୍କୁ କଷିକରି ପାନେ ହବ ଚଢ଼େଇ ଦେଲା । କାରଣ ଜାଣିବାକୁ
ଓଡ଼ିଆର ଦରକାର ବା କ'ଣ ଅଛି ?

କଦଳୀବାର ଭିତରେ ସୁଦାମବାବୁ ଓଡ଼ିଆ ପରୀକ୍ଷା
ାତରେ ଟଙ୍କା କୋଡ଼ିଏଟା ଗୁଞ୍ଜି ଦେଇ ପରୀକ୍ଷା କରିବାର ବାହାନା
ରି ଗାଁ ଦାଣ୍ଡକୁ ଚାଲିଆସିଲେ । ସେତେବେଳେ ତାଙ୍କ ମନ
ଭିତରୁ କଳକଳା ରଡ଼ ଗୁଡ଼ ଦଉଡ଼ ଆସୁଥିଲା ଗୋଟାଏ ପ୍ରକାଣ୍ଡ-
ାୟ ଦୈତ୍ୟ । ଦେହ ଯାକ ତା'ର ଲମ୍ବା ଲମ୍ବା ଲୋମ । ଆଖି
'ଟା ତାର ସତେଅବା ଦି'ଖଣ୍ଡ ରଡ଼ ନିଆଁ । ଦାନ୍ତ କଡ଼ମଡ଼
ରି ତାଙ୍କ ମନ ଭିତରୁ ସେ ଧାଇଁଆସୁଥିଲା । ସବୁ ଜା... ପୋଡ଼ି ଧ୍ୱଂସ
ରିଦବ । ତା ସାଙ୍ଗେ ବହି ଆସୁଥିଲା ଅଣଚାଶିଆ ବତାସ । ଗାଁ
ାଣ୍ଡରେ ଚାଲି ଯାଉଯାଉ ସୁଦାମବାବୁଙ୍କ ମନରେ ଆସି ଧକ୍କା
ାଉଥିଲା କେତେ କେତେ ଅଗଣିତ ଭାବନା । ତାର ସୁମାରି
ାହିଁ । ତା ମନ ଭିତରେ ଗୁଡ଼ିଆ ଭୁଡ଼ିଆ ଭାବନା ସତେଅବା
ଭଲା ଭେଲା ଟୋଖର ସାପ ।

ରାମ ମିଶ୍ରଙ୍କ ଝିଅ ଊଷା । ଚଉଦ ପୂରି ପନ୍ଦର ଚାଲୁଥିଲା ।
ା ଖଡ଼କାଭଳି ଦେହ । ଛନଛନିଆ ଚେହେରା । କଅଁଳ

ଅଙ୍ଗୁରଲତାର ଢଙ୍ଗ ଭଳି ତାର ଅବୟବ । ମାଇନର ବୃତ୍ତି ପରୀକ୍ଷାକୁ ଯାଇଥାନ୍ତା । ନରଣପୁର ସ୍କୁଲର ଛାତ୍ରୀ । ପରୀକ୍ଷା ଆଉ ମାସେ ଅଛି । ଘରଯୋଗ୍ୟ ହୋଇଗଲା । ସେହି ଦିନଠାରୁ ତା'ର ପଢ଼ାପଢ଼ି ବନ୍ଦ ।

ବୃତ୍ତି ପରୀକ୍ଷାଟା ସେମିତି ସେମିତି ଗଲା । ଉଷା ବେଳେ ବେଳେ ସୁଦାମବାବୁଙ୍କଠୁ ଗପ ଓ ଉପନ୍ୟାସ ବହି ମାଗିଆଣି ପଢ଼େ । ପଢ଼ିସାରି ଫେରେଇ ଦିଏ । ଗୁଇନ୍ଦା ଗପ ଓ ଶସ୍ତା ପ୍ରେମ ବହି ଅଣନିଶ୍ୱାସୀ ହୋଇ ପଢ଼ିବା ସୁଦାମବାବୁଙ୍କର ପିଲା ଦିନର ଅଭ୍ୟାସ । ସହରକୁ ଗଲେ ସେଇଥିରୁ ଲେଣ୍ଡେ ଲେଣ୍ଡେ କିଣି ଆଣନ୍ତି । ଖରାବେଳଟା ତାସ୍, ପଶା ନୋହିଲେ ଏହି ପ୍ରକାର ବହି ସବୁ ପଢ଼ି ବଡ ହାଲକାଭାବରେ ସେ ଦିନ କଟେଇ ଦିଅନ୍ତି ।

ଆଗେ କୌଣସି ପିଲାଝିଲା ଦେଖିଲେ ତା'ର ହାତରେ ସେ ବହି ପଠେଇ ଦଉଥିଲେ । ବହି ବି ସେମିତି ଫେରିଆସୁଥିଲା । କିନ୍ତୁ ଉଷା ଟିକିଏ ଆଖି ଦୁରୁଶିଆ ହେଲାଠୁ ସେ ଆଉ କାହା ହାତରେ ନ ପଠେଇ ଆପେ ଆପେ ବୁଲିଆସନ୍ତି । ସଞ୍ଜ ଲାଗିଲାଗି ଆସୁଥିବ, ଯିଏ ଯୁଆଡ଼େ କାମରେ ବ୍ୟସ୍ତ ଥିବେ ଏଇ ସମୟ ଭିତ୍ରି ସେ ରାମ ମିଶ୍ରଙ୍କ ଘରକୁ ଯାଇ ବହି ଦେଇ ଯାଆନ୍ତି । ନେଇ ବି ଆସନ୍ତି । ମିଛରେ ଗୁଡେ ଏଣୁ ତେଣୁ କଥା ପଚାରନ୍ତି । ବହିରୁ କଣ ଶିଖିଲୁ ? ସାର କଥା କହ ? ବହି ଦିଆନିଆ କଲାବେଳେ ଅନେକ ଥର ଉଷାର ଆଙ୍ଗୁଠି ଅଜାଣତରେ ତାଙ୍କର ଆଙ୍ଗୁଠି ତଳେ ଚାପି ହୋଇ ଯାଇଥାଏ ।

ଉଷା ଘରଯୋଗ୍ୟ ହୋଇ ଯାଇଥାଏ । ଅନେକ ଦିନ ଧରି ରାମ ମିଶ୍ରଙ୍କ ଘରକୁ ସେ ଆସି ନଥାନ୍ତି । ବଢ଼ିଲା ଝିଅ । କେମିତି

ାହାକୁ ଦେଖା ଦବ ? ଲୋକେ କ'ଣ କହିବେ ? ଦିନେ ବନ୍ଧ
ିବା ାନାରେ ସେ ଯାଇଛନ୍ତି । ଉଷା ଦୂରେଇ ହୋଇ ଠିଆ
ହୋଇଛି । ଶିଘ୍ର ପ୍ରଶିଘ୍ରରେ ତାଙ୍କର ଖେଳଗଲା କେମିତି ଗୋଟେ
ମକ । ହାତଟା ନେଇ ତା' କାନ୍ଧ ଉପରେ ରଖିଦେଲେ । ଏଇ
ମସ୍ତୂରେ ହାଣ୍ଡିଆଡୁ ଚାଲି ଆସୁଥିଲେ ରାମ ମିଶ୍ରେ । ଝରକା ଦେଇ
ସବୁ ସେ ଦେଖିଛନ୍ତି । ସେତେବେଳକୁ ତିନି ଚାରି ମାସ ହେଲା
କୁଣୀ ପାଣିରେ ବୁଡ଼ି ମରିଥାଏ । ତାଙ୍କ ଯଶର ମହକ,
ାର ପିଲାକବିଲାଙ୍କଠୁ ଆରମ୍ଭକରି ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ସମସ୍ତଙ୍କ
ାଖରେ ଚହଟି ଯାଇଥାଏ । ରାମ ମିଶ୍ରେ ଗୋଟେଅଧେ ବଢେଇ
ଦେଇଥା'ନ୍ତେ । ଭଲ ଲୋକର ପୁଅ ତ, କରିବେ କ'ଣ ? ଝିଙ୍ଗାସ
ରି ଅନେକକଥା କହିଲେ । ଅପମାନ ଆଉ ଧମକ ଦେଲେ ।
ାଙ୍କ ସପ୍ତପୁରୁଷଙ୍କ ଚରିତ୍ର ଉପରେ ଆକ୍ଷେପକରି କେତେ କଥା
ଯେ ସେ କହିଲେ ଏ ପର୍ଯ୍ୟନ୍ତ ସେ ସବୁ ତା'ର ମନେ ଅଛି । ସେଦିନ
ଧାମ ଲାଜରେ ଜଳିଗଲା । କହିବାକୁ ଆଉ କିଛି ବାଟ ନାହିଁ ।
ଲୁର ଭଳି ଲାଙ୍ଗୁଡ଼ଜାକି ଘରକୁ ଫେରିଆସିଥିଲା । ବାପା ଶ୍ୟାମ
ମିତ୍ରାୟଙ୍କ କାନକୁ ଏକଥା ବି ଯାଇଥିଲା । ବୋଉ କ'ଣ ବୁଝେଇ
ଥିଲେ—ପୁଅକୁ ତାଙ୍କର କିଏ ଏମିତି କହିବ ? ସେଗୁଡ଼ା ସବୁ
ଆ ମିଛ । ବାପା ବି ସେଇଥିରେ ଭଳି ଗଲେ । ସେଇଦିନଠୁ
ଧାମ ଖୋଜୁଥିଲା ଗୋଟାଏ ଆଳ । ଅପମାନଟା ସୁଝେଇବାକୁ
ଧା ସୁଯୋଗଟାଏ ଆସି ମିଳିଗଲା । ରାମ ମିଶ୍ରେ ଦାସିଆ ବାଉରିକୁ
ଉ ଚଢ଼େଇଛନ୍ତି । ସମସ୍ତେ ତାଙ୍କ ଉପରେ ଚିଡ଼ ଚିଡ଼ । ଉଦିଆ
ଡ଼ା ହାତରେ ମାଉଦେଇ ପ୍ରଚାର କରିଦେଲା—ଗାଁରେ ବ୍ରାହ୍ମଣ-
ମାଙ୍କର ମୁହଁ ବଢ଼ିଗଲାଣି । ବ୍ରାହ୍ମଣ ପଣେ ହେଲେ ଚଷା ତିନି
। କରିବେ କ'ଣ ସେମାନେ ? କଥାଟାକୁ ଜାତିଆଣ କଲା

ଭିତରେ ପୂରେଇଦେଲେ କଥା ଶେଷ । ଲୋକେ ଜାତି ଜାତି ଭିତରେ କଳି ଲଗେଇଥିବେ । ସେ ଆଗେ ବସି ମଜା ଦେଖୁଥିବ ।

ପରିଶ୍ରା କରିବାର ବାହାନା କରି ସୁଦାମ ବାଣ୍ଡ ପିଣ୍ଡାରେ ଆସି ପହଞ୍ଚିଲାବେଳକୁ କେତେ ବା ସମୟ ଲାଗିଥିବ । ଇସ୍ପାର ଭିତରେ ଏସବୁ ଗତ କଥା ତା' ଆଖି ଆଗରେ ଆସି ନାଚି ଯାଉଛି । ଉଦିଆ ପରିଡ଼ା, କାଳିଆ ସାଆନ୍ତରା, ସୁବଳ ଦଳବେହେରା ଆଦି ସମସ୍ତିଙ୍କି ମେଳେଇ ଚଳାବ ମକଦ୍ଦମା । ବ୍ରାହ୍ମଣର ଚୁଟିକି ତଳେ ଯଦି ଘୋଷାରି ନ ଦେଇଛି, ମୋ ନାଁ ସୁଦାମ ଚମ୍ପତିରାୟ ନୁହେଁ ।

ସଞ୍ଜ ପହରରେ ଲୋକ ଓ ଗୋକୁଳବାବୁ ଦାସିଆ ବାଉରିକି ତା' ଘରେ ନେଇ ଛାଡ଼ିଦେଇ ଆସିବାର ଘଣ୍ଟାକ ବା'ଦେ ସୁଦାମବାବୁ, ଉଦିଆ ପରିଡା ଓ କାଳିଆ ସାଆନ୍ତରାକୁ ସାଙ୍ଗରେ ନେଇ ତା' ଘର ପାଖକୁ ଯାଇଥିଲେ । ଦାସିଆ ବାଉରିର ଘର ଆଗରେ ନାକରେ ଗୋଟେ ରୁମାଲଦେଇ ସେ ଛିଡ଼ାହୋଇଥାନ୍ତି । ବାଉରିଠା କଇଁଚ କି କୋଚିଆ ସିଝେଇ ଖାଇଥିବ । ପାହାଚ ତଳକୁ ପଡ଼ିଥିଲା ଗୁଡ଼ାଏ ଗେଣ୍ଡା ଖୋଳ । ଦୂରରୁ ଭାସି ଆସୁଥିଲା ପଚ୍ଚ ଗନ୍ଧ । ବରାଡ଼ିଟେ କେତେ ଦିନ ହେଲା ମରି ଗନ୍ଧେଇଲାଣି । ଦାସିଆ ଘରଠୁ ଦି' ପାହୁଣ୍ଡ ଗଲେ ବେଦେରା ବେଦେରା କଞ୍ଚା ଗୁହ । ସଞ୍ଜବେଳୁ ବେଳୁ ଧୁଆ ହୋଇଛି । ସୁଦାମବାବୁ ନାକରେ ରୁମାଲଦେଇ ଦାସିଆକୁ ଡାକିଲେ । ବାଉରି ବିଚରା ବଡ଼ କଷ୍ଟରେ ଉଠି ବସି ବାବୁଙ୍କ ସାମନାକୁ ଆସିଲା । ମୁ ତା'ର ଫୁଲେଇ ହୋଇଯାଉଥାଏ । ସୁଦାମବାବୁ ତାକୁ ବହ ଦେଲେ । ଟଙ୍କା ପଇସା ପାଇଁ ଡର ନାହିଁ ବୋଲି କହିଲେ । ରା ଥାଉଥାଉ ଶଗଡ଼ରେ ପଡ଼ି ଖୋର୍ଦ୍ଧାକୁ ଚାଲିଗଲେ ସେଠାରେ ଡାକ୍ତର ମାଇନା ହବ ।

ସୁଦାମବାବୁ—ଉଦିଆ ପରଡ଼ା—ଓ କାଳିଆ ସାଆନ୍ତର । ସୁବଳ ଦଳବେହେରା ଆସି ତାଙ୍କ ସାଙ୍ଗରେ ଯୋଗଦେଲା । କିଏ ଖଣ୍ଡେଇତ ତ କିଏ ଚଷା । ଦାସିଆଟା ବାଉରି । ତା ଛୁଇ ପଡ଼ିଲେ ମାରା । ସେ ଅଛୁଆଁ । ସାଆଁନ୍ତଙ୍କ ଅଇଁଠା ପତର ଗୋଟି ତା ସାତ-ପୁରୁଷି ଚଳି ଆସିଛନ୍ତି । କାମ କିନ୍ତୁ ସମସ୍ତଙ୍କର ଏକା । ସକାଳ ପାହିଲେ ସମସ୍ତେ ଯାଇ ହଳ ବୁଲାନ୍ତି । ଆଣ୍ଟୁ ପକେଇ ବାଳୁଙ୍ଗା ବାଛନ୍ତି ଓ ଧାନ କାଟନ୍ତି । ସମସ୍ତଙ୍କର ବାହୁ ବଳରେ ଠାଙ୍ଗରା ମାଟି ଶାଗୁଆ ହୁଏ । ହସି ଉଠେ । ଲକ୍ଷ୍ମୀ ସାଆନ୍ତାଣୀ ପାଦପକେଇ ଧୀରେ ଧୀରେ ମାଣବସା ଗୁରୁବାର ଦିନ ଚଷା ଘରକୁ ଯେମିତି ଆସନ୍ତି, ହାଡ଼ି, ପାଣ ଓ ବାଉରି ଘରକୁ ବି ସେମିତି ଆସନ୍ତି । ପ୍ରଭେଦ ଭିତରେ ବାଉରିର ନିଜର ବୋଲି ମାଟି ନାହିଁ । ଅନ୍ୟର ଜମି ଗୁଣ୍ଠ କରି ସେ ଦିନକିଆ ମଜୁରି ଖଟେ । ସାଆନ୍ତଙ୍କ କୋଠିରେ ଧାନ ପକେଇ ଝାଳନାଳହୋଇ ଘରକୁ ଫେରେ ନଗୌଣିଏହବ ମୂଲ ନେଇ ।

ଦାସିଆ ବାଉରିର ଦୁଆର ସାମନା ଠିଆହୋଇ ମାନସିଂହ ପାଟଣା ଗାଁର ମାମଲତକାର ପଞ୍ଚାକ ତାକୁ ଅନେକ କିଛି ବୁଝେଇଲେ । ତାଙ୍କ କଥା ନ ମାନିବାକୁ ବାଉରିର ଗୁରା ନାହିଁ । ନୋହିଲେ ପିଲାମାଇପେ ଉପାସ ରହିବେ । ଯାହା ତ ହବାର ହେଲାଣି । ଗଣ୍ଡଗୋଳରେ ପଶିବାକୁ ଦାସିଆର ଇଚ୍ଛା ନ ଥିଲା । ସାଆନ୍ତମାନେ ତ ଦୁଆରକୁ ଆସିଛନ୍ତି । ବାଧ୍ୟ ହୋଇ ସେ ହଁ ଭରିଦେଲା ।

ସୁଦାମବାବୁ, କାଳିଆ ସାଆନ୍ତର, ଉଦିଆ ପରଡ଼ା ଓ ସୁବଳ ଦଳବେହେରା ବାଉରିର ପିଣ୍ଡା ଉପରକୁ ଉଠୁନଥାନ୍ତି । ଛୁଆଁ ହୋଇଯିବେ । ତଳରେ ଥିଲେ ଭିନ୍ନପ୍ରକାର କଥା । ଗାଧୋଇସାରି ଯାଇ ଘରେ ପଶନ୍ତେ । ରାତିରେ ଲୁଗାପଟା ଧୋଇହବନି ।

ଗୃରଜଣଙ୍କ ସନ୍ଦମିତ ମନ ଭିତରେ ହାଉଯାଉ ହେଉ-ଥାଆନ୍ତି, କୁସଂସ୍କାରର ବୀଜାଣୁ । ଦାସିଆ ଅଛୁଆଁ । ସେମାନେ ବଡ଼ ଜାତି । ପୁରୁଷ ପୁରୁଷ ଓ ଯୁଗ ଯୁଗ ଧରି ଏ ବୀଜାଣୁ ମନ ଭିତରେ ପ୍ରବେଶ କରିଛି । ସମାଜର ମେରୁଦଣ୍ଡ ଭିତରେ ପଶି ପୋକଡ଼ା କରି ସାରିଲାଣି । ମଣିଷର ମନ ଓ ସଂସ୍କାର । ସେଇଥିରୁ ଏ ସମାଜ ଗଢ଼ି ଉଠୁଛି । ତାପରେ ଛୁଆଁ ଓ ଅଛୁଆଁ ।

ସମସ୍ତେ ଖାଇଭଲ ଫେରିଆସିଲେ । ଦାସିଆଟା ଭାରି ଭଲ ମଣିଷ । ସୁଦାମବାବୁଙ୍କ ବାରିଆଡ଼ର ମଫି କୁକୁରଭଳି । ସେମାନେ ଗୋଟେ କଥା କହିବେ, ସେଥିରୁ ପୁଣି ଦାସିଆ ବାହାରିଯିବ !

ସାଆନ୍ତମାନେ ଫେରିଲା ପରେ ପରେ ଦାସିଆ ଠେଲା ଠେଲି ହେଂଶ ଉପରେ ଯାଇ ବସିପଡ଼ିଲା । ମୁଣ୍ଡଟା ଚକାଭଉଁରିଭଳି ଘୂରିବାକୁ ଆରମ୍ଭକଲା । ଗରିବ ବାଉରି ବିଚରା । ପରର ଗୋଲାମି କଲେ ପେଟ ପୋଷିବ । ଏ ସବୁ ମକଦ୍ଦମା କରିବାକୁ ତା'ର ସମ କାହିଁ ? ଶିଷ୍ଟ ଓ ଶିଷ୍ଟାଚାର ତା' ହାତଧରି ହେଂସ ଉପରେ ନେ ବସେଇଦେଲେ ।

ଉଦିଆ ପରିଡ଼ା ସେଦିନ ରାତିରେ ରମ୍ପୋତିରାୟଙ୍କ ଘରେ ଖାଇବ ବୋଲି କଥା ହୋଇଥିଲା । ରାତି ନ ପାହୁଣୁ ଦାସିଆ ବାଉରିକି ଶଗଡ଼ରେ ପକେଇ ସେ ଖୋର୍ଦ୍ଧା ନବ । ଘରକୁ ଗଲେ ଫେରିପାରିବା ମୁସ୍କିଲ । ଖାଇସାରି ବାବୁଙ୍କ ଘରେ ସେ ଶୋଇବ ପାହାନ୍ତିଆରୁ ଶଗଡ଼ ଅଡ଼େଇବେ ଖୋର୍ଦ୍ଧା । କିନ୍ତୁ ଖାଇସାରି ଗଲ ସେ କୁଆଡ଼େ ? ଖାଇବା ଆଗରୁ ବାବୁ ଉଦିଆକୁ ବହୁ ଖୋଜିଲେ । ଖିଆପିଆ ସାରି ଘଣ୍ଟେ ହବ ଅପେକ୍ଷା କଲେଣି । ମନେ ମନେ ଭାବୁଛନ୍ତି—ଆଉ କ'ଣ ଘରେ ଯାଇ ଶୋଇପଡ଼ିଲା ? ନାଁ, ଉଦିଆ ତ ସେମିତି ନୁହେଁ ?

କଚେରି ଘରର ଆଗମ ଚୌକରେ ଉଦଆକୁ ଅପେକ୍ଷା କରି
ଜଣ ସୁଦାମବାବୁଙ୍କୁ ନିଦ ଆସି ଯାଇଥିଲା । ମଝିରେ ବୋଉ ଆସି
ଦି'ଥର ଉଠେଇଛି । ସୁଦାମ ତା'ଉପରେ ବିରକ୍ତ ହୋଇ କହିଲ
—ତୁ ଶୋଉନୁ କାହିଁକି ?

କଳଣୀ ଦେଇ ସେ ଶୋଇବାକୁ ଯାଉଛି, ଉଦଆ ପରିଡ଼ା
ଆସି ପହଞ୍ଚିଗଲା । ତାକୁ ଦେଖି ବାବୁଙ୍କର ଭାରି ରାଗ । କୁଆଡ଼େ
ଥିଲୁ ଏ ପର୍ଯ୍ୟନ୍ତ ? କହିକରି ଗଲୁନି ? ବଡ଼ ହଟହଟା ମୁଁ ହେଲିଣି ।

ଉଦଆ ପରିଡ଼ା ଦୋଷ ମାଗିନେଇ କହିଲା—ଆଜ୍ଞା, କେବଳ
ଆପଣଙ୍କ ପାଇଁ ମୋର ଡେରି ହୋଇଗଲା ।

କରେ—କ'ଣ ମୋ ପାଇଁ ? ସୁଦାମବାବୁ ତା'ପାଖକୁ
ଘୁଞ୍ଚିଗଲେ ।

ଆପଣ ଯୋଉ କଥା ମୋତେ କହିଥିଲେ—?

କୋଉ କଥା, ତା'ର ନାଁ ନାହିଁ ?

କାଳିଆ ସାଆନ୍ତଙ୍କୁ ପଚାରିବାକୁ ।

ଓହୋ—ତୁ ପଚାରିଲୁ ?

ଆଜ୍ଞା ।

କ'ଣ ସେ କହିଲା ?

ତା'ର ମତ ଅଛି । ତା' ସ୍ତ୍ରୀ ଓ ବାପର ଇଚ୍ଛା—ଗଉଣିକି
ବୋହୂକରି ଆଣିବାକୁ । ତେବେ କାଳିଆତ ଜବାବ ଦେଇଛି ।
ଘରେ ସିଏ କଥା ପକେଇବ । ଦେଖାଯାଉ—

ବହେଁ ଅଳ୍ପ ସମୟ ତୁନି ରହିଲେ ।

ଆଚ୍ଛା, ସୁଦାମବାବୁ—ଆପଣ କିଛି ଖରାପ ଭାବିବେନି ।
ସେଇ ଗଉଣୀ ପାଇଁକି ଆପଣଙ୍କର ଏତେ ରସ କାହିଁକି ଲାଗିଛି ଯେ ?
ଟଉଣୀଟା କ'ଣ ସମସ୍ତଙ୍କଠୁ ସୁନ୍ଦର ?

ସୁଦାମବାବୁ ଅଳ୍ପ ସମୟ ଚୁପ୍ ରହିଲେ । ବୁଝିଲୁ ଉଦିଆ—ମୋର କାଇଁ ଭ'ରି ଇଚ୍ଛା ହୋଇଯାଉଛି । ବାପାଙ୍କ କାନକୁ ଅବଶ୍ୟ କଥାଯାଇନ । ବାପା ଶୁଣିଲେ ଦୂରଦୂର ବାଡ଼ିଆ କରିବେ । ଖପ ହେବେ । କାଇଁ ଶ୍ୟାମ ଚମ୍ପତିରାୟ, କାହିଁ ରାଘବ ପରିଡ଼ା ? ଚେତେବ ହୋଇ ଯେବେ ବାପାଙ୍କୁ ବୁଝେଇ ଦିଏ, ସେ ହଁ କରି ଦେବେ

ସେ ଝିଅଟାର ଭାଗ୍ୟ ବଡ଼ ଠାଣି ମୁଁ ଦେଖୁଛି । ଶୋଷ ସିନା ପାଣି ପାଖକୁ ଯାଏ, ପାଣି ଏବେ ଶୋଷ ପାଖକୁ ଆସୁଛି । ପୂର୍ବ ଜନ୍ମରେ ସେମିତି ତପସ୍ୟା କରିଥିଲେ କି ମହାଦେବଙ୍କ ଉପରେ ଲକ୍ଷେ ଚମ୍ପା ଚଢ଼େଇଥିଲେ ସେ ଆପଣଙ୍କ ଘର ପାଇବ ।

ସୁଦାମବାବୁ ତାଙ୍କ ଶୋଇଲାଘର ଆଡ଼େ ବାହାରିଲେ । ପୁଣି ଥରେ ଫେରି ପଡ଼ି କହିଲେ—ତୁମ୍ଭେମାନେ ସବୁ ଗଲାବେଳେ ମତେ ଟିକେ ଡାକି ଦବ । ନିଦ ଭାଙ୍ଗିଗଲେ ମୁଁ ନିଷ୍ଟୟ ଆସିବି ।

ମଶିଣାଟେ ଓ ମାଣ୍ଡ୍ରିଖଣ୍ଡେ କଣରେ ଆଉଜା ହୋଇଥିଲା । ଉଦିଆ ପରିଡ଼ା ମଶିଣାଟା ମେଲେଇଦେଇ ଗଡ଼ିପଡ଼ିଲା । କୁଆଡ଼ୁ ମାଡ଼ି ଆସିଲା ନିଦ ।

## —ଚଉଦ—

ରାମ ମିଶ୍ରଙ୍କ ଉପରେ ମାଡ଼ ବସିସାରିବା ପରେ ଗଉସ ଭଲ ଭାବେ ବୁଝି ପାରିଲା, ସୁଦାମବାବୁ କବଳୀବାର ଭିତରେ ଉଦିଆକୁ କ'ଣ କହୁଥିଲେ । ରାଧୁ ଭାଇ ନରଣପୁରରୁ ଦଉଡ଼ି ଦଉଡ଼ି ଫେରୁଛି ।

ବାପା ବଲରୁ ଆସିଛନ୍ତି । ଭାତ ରନ୍ଧାସରିବା ଉପରେ । ବାଢ଼ି ଢବାଠା ଖାଲି ବାକି ଅଛି । ଦେଖିଲା ବେଳକୁ ଗାଧୁଆଇ ଘରେ ନାହିଁ । ଦାଣ୍ଡ ଦୁଆର କଳଣୀରେ ଦଉଡ଼ିଟେ ଲଗେଇଦେଇ ଗଲା-ବେଳେ ବୋଉକୁ ମନାକରିଦେଇ ଯାଇଛି । ସେ ଆଜି ଖାଇବ ନି । ଦାସିଆର ମୁଣ୍ଡ ଫାଟିବା ଦେଖି ବାପା ସେତିକବେଳୁ ଭୁନଟି ହୋଇ ବସି ଯାଇଛନ୍ତି । ଶୋକ ଶୋଷ ହଉନ । ଗଉରୀ ତାଙ୍କ ପାଇଁ ଭାତ ବାଢ଼ିବ କି ନାହିଁ ପଚାରିବ ପଚାରିବ ହୋଇ ପଚାରି ପାରୁ ନଥିଲା । ରାମ ମିଶ୍ରଙ୍କ ପାଟି ସାଙ୍ଗକୁ ଏଣେ ଉଦିଆ ପରିଡ଼ାର ମାଡ଼ । ଗଉରୀ, ପୁଣି ଥରେ ଝରକା ପାଖକୁ ଦଉଡ଼ି ଆସିଲା ।

ଖାସା ବଜୁଳିବଣ୍ଟି ଲଗିଲା । ଗାଁରେ ଯେତକଯାକ ଅନର୍ଥ ସବୁ ଆଜି । ବଜୁଳି ନଲଗିଥିଲେ କ'ଣ ବା ମାରି ହୋଇଯାଇ ଥାନ୍ତା ? ଗଉରୀ ଭଗବତ ଘରଆଡ଼େ ଅନେଇ ଦେଖିଲା—ଆଳୁଅରେ ଘର ପୂରି ଫାଟିପଡ଼ୁଛି । ଆଳୁଅର ଗୋଟେ ଗୋଟେ ଟୁଟିକା ବଉଁଙ୍କ ପୋଖରୀରେ ପଡ଼ି, ପାଣିର କାହିଁ ତଳକୁ ତଳକୁ ଖୁଲିଯାଉଛି । ଗଉରୀ ଠିକ୍ ଲକ୍ଷ୍ୟ କରୁଛି—ପାଣିରେ ପବନ ଟିକେ ଆସି ବାଜି ଗଲେ ଛୋଟ ଛୋଟ ଲହଡ଼ି ସବୁ ଆଳୁଅକୁ ଅବା ପୋଖରୀ ଭିତରେ ଚୂନା କରି ପକଉଥିଲା ।

ଦାସିଆର କାନଠା ଟିକେ ଅବା ବାଜିଗଲା । ସିଏ ତ ଜାଣି କରି ବକେଇନ । ଇଆ ବୋଲି କ'ଣ ମାଡ଼ ? ଲୋକ ଭାଇ ସାଙ୍ଗେ ସାଙ୍ଗେ ପୋଡ଼ାକନା ବାନ୍ଧିଦେଇଛି । ଖୁବ୍ ଭଲ କରିଛି । ତା' ପରେ ପରେ ଗୋକୁଳବାବୁ । ଲୋକ ଭାଇ ଗୋକୁଳବାବୁଙ୍କଠୁ କେତେ କଥା ଶିଖିଲାଣି କେଜାଣି ?

ଏଇ ବର୍ଷେ ଦି'ବର୍ଷ ତଳେ ଯେତେବେଳେ ସେ ପିଲା ହୋଇ ଥିଲା, ଲୋକ ଭାଇ କହୁଥିଲା—ଥରେ କଟକରେ ଗୋଟେ ଜଳଖିଆ

ଦୋକାନ । ଜଣେ ହରିଜନ । ଟୋଉମାନଙ୍କୁ ପାଣି, ହାଣ୍ଡି ଓ
ବାଉରି ବୋଲି ଡାକନ୍ତି । ସେମାନେ ଅଛୁଆଁ । ସେ ଆସି ଜଳଖିଆ
ଓ ଚା’ ମାଗିଲା । ଦୋକାନି କହିଲା—ତଳେ ବସ । ଏକଲେ
ତାକୁ ଚା’ ଦେଲା । ପତରରେ ଜଳଖିଆ । ସେ ଯାଇ ସାଙ୍ଗେ ସାଙ୍ଗେ
ମକଦ୍ଦମା ଦାଏର୍ କଲା । ଦୋକାନୀକ ହେଲା ପଚିଶ ଟଙ୍କା ଜୋରି-
ମାନା । ଧମକ ହିଆହେଲା ଯେତେବେ ଆଉ କୌଣସି ହରିଜନ
ଲୋକଙ୍କୁ ଏମିତି କେବେ ଖାଇବାକୁ ଦେଉ, ତାହାହେଲେ ସେ
ଦୋକାନ କରିପାରିବନି । ସମସ୍ତଙ୍କଭଳି ସେ ବି ଯାଇ ଚଉକିରେ
ବସିବ । କପ୍ ପିଆଲାରେ ଚାହା ପିଇବ । ଶଙ୍ଖ ଥାଳିଆରେ ଜଳ-
ଖିଆ ଖାଇବ ।

କାହିଁ କଟକ ସହର, କାହିଁ ଏ ମାନସିଂହ ପାଟଣା ଗାଁ ।
ସହରରୁ ଯେତେବେଳେ କଥା ବାହାରିଲାଣି, ଯେମିତି ହେଲେ ତ
ଦିନେ ନା ଦିନେ ଗାଁ ଭିତରେ ଆସି ପଶିବ । ଏଇନେ ସିନା ଲୋକେ
ମାନୁନାହାନ୍ତି । ଆଉ ଦଶବର୍ଷ ଗଲେ— ?

ଗଉରୀ ତରତର ହଉଥିଲା । ବାପା ଖାଇ ନାହାନ୍ତି
ବୋଉ ଡାଲି ବଘାରିଲାଣି । ଶୁଖୁଆ ଠିକେ ଭଜାହବ । ଝରକା
ପାଖରୁ ସେ ସିଧା ଚାଲିଆସିଲା ହାଣ୍ଡିଶାଳ ଭିତରକୁ । ବାପା
ଭୁନଟି ହୋଇ ଅଗଣା ବାରଣ୍ଡାରେ ବସି ଯାଇଥିଲେ । ରାଧୁ ଭାଇ ତ
କହୁଥିଲା, ଭଗବତ ଘରକୁ ଖାଇବାକୁ ଯିବ ବୋଲି । ଆଗେ
ଏ ଅଉଆ ତୁଣ୍ଟୁ । ତା’ପରେ ଖିଆପିଆ ।

ରୁକୁଣୀ ତ ବୁଢ଼ିମଲା । ତା’ପରେ ପରେ ଊଷାକୁ ଧରିଲେ ।
ଗାଁର ଖୁବ୍ କମ୍ ଲୋକେ ଏକଥା ଜାଣନ୍ତି । କିନ୍ତୁ ସେ ଖବରଟା
ଗଉରୀ କାନରେ ଆସି ବାଜିଯାଇଛି । ରାମ ମିଶ୍ରେ ସେଦିନ ଗୁଣ୍ଡି

ଦେଲେ ବୋଲି ସିନା । ଏତେ ଖରାପ ଲୋକ ସିଏ । ମା' ଭଉଣୀ ହିସାବ ରଖୁନାହାନ୍ତି ।

ବୋଉ ପୁଣି ଲଗେଇଛି—ଧନଦରବ ଅଛି, ଜମିବାଡ଼ି ଅଛି । ରାଜରାଣୀ ହବୁ । କାହିଁକି ଅମଙ୍ଗ ହଉଚୁ ।

ରୁକୁଣୀଭଳି ଶେଷକୁ ଏମିତି ବୁଡ଼ି ମରିବା ହିଁ ସାର ହବ । ରୁକୁଣୀ କଥା ମନେ ପଡ଼ି ଆଖି ତା'ର ଛଳଛଳ ହୋଇଗଲା । ଦିନେ କଇଁଆ ଗଛମୂଳେ । କଅଁଳ କଇଁଆପତ୍ର ଆଣି ସେଥିରେ ଲୁଣ ଲଙ୍କା ମିଶେଇ ସେ ଦୁହେଁ ଖାଉଥିଲେ । ନରକୋଳି, କରମଙ୍ଗା ଓ ବରକୋଳି ଆଣି ସେମାନେ ପାଳଗଦା ପଛଆଡ଼େ ନୋହିଲେ ଧାନଗଦା ସନ୍ଧିରେ କେତେ ଯେ ଲୁଚେଇ ଲୁଚେଇ ଖାଇଛନ୍ତି, ତାର ସୀମା ନାହିଁ । ଏଇତ—ତା'ର ମରିବା ବର୍ଷକ ଆଗରୁ । ଦିନେ ସଞ୍ଜବେଳେ, ଦିହେଁ ଝାଡ଼ାଫେରି ଘରଆଡ଼େ ଆସିଲାବେଳେ ବରଚୁଇଁ ତୋଳି ଆଣିଥିଲେ । ଝାଡ଼ା ଫେରସାରି ଗୋଟି ଗୋଟି କରି ପାଟିରେ ପକେଇ ବରଚୁଇଁତକ ଅଣ୍ଟିରୁ ସରିଗଲା । କିନ୍ତୁ କଥା ତାଙ୍କର ସରି ପାରିଲା ନ ।

ଗଉରୀ ହାଣ୍ଡିଶାଳେ ବୋଉକୁ ରୋଷେଇରେ ସାହାଯ୍ୟ କରୁଥିଲା, ଏଣେ ଭାବ ଲଗିଥିଲା—

ସେଇଦିନ ରାମ ମିଶ୍ରଙ୍କ ଉପରେ ଯୋଉ ରାଗ ? ସେ ରାଗଟା ଆଜ ଏମିତି ତାହାହେଲେ ତୁଟିଲା ? ରାଗ ପୁଣି ଶାନ୍ତ ହୋଇନ । କହୁଛନ୍ତି ଦାସିଆକୁ କୁଆଡ଼େ ଟଙ୍କା ସାହାଯ୍ୟ କରିବେ । ସେ ଯାଇ ରାମ ମିଶ୍ରଙ୍କ ନାଁରେ ମକଦ୍ଦମା ଲଢ଼ିବ । ତା'ର ବା ଗୃହ କ'ଣ ଅଛି ? ବାବୁଙ୍କ କଥା ନ ମାନିଲେ ଗୁଣ୍ଡେ ହବ ଜମି ସେ ଚଷି ପାରିବ ନ । ମୁଲ ଗଉଣୀଏ ଙ୍କ ଗାଁରୁ ପାଇବ ନ । ପିଲାମାଇପେ ତା'ର ଉପାସ ରହିବେ ।

ଦେହ ତା'ର ରାଗରେ ଜଳି ଯାଉଥାଏ । ସମସ୍ତେ କହୁଛନ୍ତି—ବଡ଼ ଲୋକର ପୁଅ । ମିଜାସ ବଡ଼ । ବାଉରିଙ୍କ ସାହାଯ୍ୟ କରୁଛନ୍ତି । କାହିଁ ? ଦାସିଆ ଯେତେବେଳେ ରକ୍ତ ସାଲୁବାଲୁ ହୋଇ ତଳେ ପଡ଼ିଥିଲା କେହି ତ କାହିଁ ଆସିଲେ ନା ? ଏଇନେ ଆସି ଭଲେଇ ହଉଛନ୍ତି ।

ଗଉରୀ ବାପାଙ୍କ ପାଇଁ ଗରମ ଭାତ, ଡାଲି, ଶୁଖୁଆ ଭଜା ଓ ଶଜନା ଶାଗ ଖରଡ଼ା ଆଣି ଥୋଇଦେଲା । ବାଉଁଶିଆ ଭିତରେ ଡିବିଟିଏ ରଖି ବାପାଙ୍କ ଖାଇବା ପାଖରେ ଆସି ଠିଆହେଲା ।

× × × ×

ରାଧୁ ଭାଇଙ୍କ ଅନେଇ ଅନେଇ ରାତି ଆସି ଅଧ ହେଲାଣି । ଖାଇଲାତ ନା । କହିଦେଇ ଯାଆନ୍ତା ନ ହେଲେ—ଘରେ ଶୋଇବ କି ନାହିଁ । ବାପା ଦାଣ୍ଡଘରେ ମସିଣା ଖଣ୍ଡେ ପାରିଦେଇ ଶୋଇ ସାରିବେଣି । ବୋଉ ଚୁଲିମୁଣ୍ଡଟା ପାଖରେ ବସି ଢୁମୋଉଛି । ଢୁମୋଉ ଢୁମୋଉ ଲୁଗାପଟାରେ ଯଦି ନିଆଁ ଲାଗିଯାଏ ? ଶୋଇ-ପଡ଼ିବାକୁ ଯେତେ କହିଲେ ବି ଶୁଣୁନି । ହାତ ଧରି ହଲେଇଦେଲେ ଆଖି ମେଲେଇ ପଚାରି ଦଉଛି—ରାଧୁ ଆସିଲାଣି ?

ଗଉରୀ ଝରକା ପାଖକୁ ଇଆ ଭିତରେ ଦି' ତିନି ଥର ଯାଇ ସାରିଲାଣି । ଭଗବତ ଘରେ ରାଧୁ ଭାଇ ଶୋଇବ ବୋଲି କଥା ହଉଥିବା ତା' କାନରେ ଯେମିତି ଆସି ବାଜୁଛି, ବୋଉକୁ ନିଦରୁ ଉଠେଇ ଦେଇ ସେ ଡାକିଲା—ବୋଉ—ବୋଉ—ବୋଉ—ଆ, ଶୋଇବାକୁ ଯିବା ।

ଡିବିଟା ହୁରୁହୁରୁ ହୋଇ ଜଳିଲାଗିଛି । ବୋଉ ଆସି କହିଲା—ଏତେ ଝିଅଟିଏ ଆସି ହେଲୁଣି, ତୋର ଟିକିଏ ହେଲେ ବାଗବରଗ ନାହିଁ ? ଡିବିଟାକୁ ସେତିକିବେଳୁ କାହିଁକି ମଶାଲ

ଭଳି ଜାକିଦେଇଛନ୍ତି ? ଗଉରୀ ହେଁସ ଉପରେ ଲୁଗା ଖଣ୍ଡେ ପକେଇ ଦେଇଥିଲା । ତା' ପାଇଁ ଖଣ୍ଡେ ମାତ୍ରି । ବୋଉର ଗୋଟେ ପିଢ଼ା । ତା' ଉପରେ ଲୁଗାଟା ପକେଇଦେଲେ ଚକଆର କାମ ଦବ । ଟାଣ ନ ହେଲେ ବୋଉକୁ ଭଲ ଲାଗେନା । ଡିବିଟାକୁ ଲିଭେଇ ଦେଇ ଗଉରୀ ଯାଇ ଗଡ଼ିପଡ଼ିଲା । ବୋଉ ହେଁସ ଉପରେ ବସି ଜାନୁରେ ଦି'ତିନିଥର ମୁଣ୍ଡିଆ ମାରିଲା । ଶୋଇ ପଡ଼ୁ ପଡ଼ୁ ମାଡ଼ି ଆସିଲା ନିଦ । ଦିନଯାକ ବଗୁଲା ଖାଟୁଛି । ବୁଢ଼ୀ ଆସି ହେଲାଣି । ବୟସ ଖସି ଆସିଲାଣି ।

ଗଉରୀ ଆଖିକି କିନ୍ତୁ ନିଦ ଆସୁନି । ଦିନସାରା ଘର ଗୋଠା–ନର କାମ ନିଜେ ସେ କରିଛି । ଗୋଡ଼ ହାତ ଭାଙ୍ଗି ଭାଙ୍ଗି ପଡ଼ୁଛି । ନିଦ ଆସି ତା' ଭ୍ରୁଲତା ଉପରେ ଘେର ଖାଇଲାଣି । ମନ, ଆଖିର ତୋଳାଯୋଡ଼ାକ ଭିଡ଼ି ଧରିଛି । ତା' ସାଙ୍ଗେ ସାଙ୍ଗେ ବୋଉର ଘୁଙ୍ଗୁଡ଼ି । ନିଘୋଡ଼ ନିଦ । ଘରର ଅନ୍ଧାର ଭିତରକୁ ଆଖି ମେଲେଇ ସେ ଅନେଇଲା । କେତେ କ'ଣ ଭାବବାରେ ଲାଗିପଡ଼ିଲା । ଗାଇଜ ଯାକର କଥା ତା' ମନରେ ଆସି ହାବୁଡ଼ି ଯାଉଥିଲା । ଟେକାଟିଏ ପକେଇଦେଲେ ପୋଖରୀ ଭିତରେ ଅସଂଖ୍ୟ ଢେଉଟ ବଡ଼ ଢେଉ, କୂଳରେ ଆସି ବାଡ଼େଇହେଲାଭଳି କେତେ କେତେ କଥା ତା' ମନରେ ଆସି ଧକ୍କା ଖାଇଲା ।

ଗଉରୀ ବାଁ କଡ଼ ମାଡ଼ି ଶୋଇଲା । ଲୁଗାପଟାରେ ଠିକ ନାହିଁ । ଦିନଯାକ ଲୋକ ସମାଗମ । ଲାଜ ସରମ । ଦିହରେ ଲୁଗାଟାକୁ ନ ବେଢ଼େଇଲେ ନଚଳେ । ଅଧରାତି । ଦୁଆରେ କଳିଣି ଦିଆ ହେଇଛି । ବୋଉ ଅନେକ ବେଳୁ ଶୋଇଲାଣି । ରାତିର ସେଇ ଘନ ଅନ୍ଧକାର ଶୋଇଲା ଘର ଭିତରେ ଆଉରି ଗାଢ଼ତର ହୋଇ ଉଠୁଥିଲା । ଅଣ୍ଟା ଗୁହ୍ୟପାଖ ଛଡ଼ା ତା' ଦେହରେ ଲୁଗା ନାହିଁ ।

ଗୋଡ଼ ହାତରେ ଛନ୍ଦି ହୋଇ ଯାଇଛି । ସେ ଆଡ଼କୁ ତାର ନଜର ନାହିଁ । ଝୁଣ୍ଡ ଦେଲାଭଳି ଶରୀରର ସମୁଦାୟ ଭାର ଗୋଟେ କରକୁ କରି ଅଜାଡ଼ି ହୋଇପଡ଼ିଛି । ମନ ତା'ର ଶରୀର ତଳେ ଚାପି ହୋଇ ଯାଇଛି । ଶରୀର ତା'ର ଫୁଟନ୍ତା କଇଁଫୁଲଟିଏ ଭଳି । ଚନ୍ଦ୍ରର ଶୀତୁଳିଆ କିରଣକୁ ଅବା ଅପେକ୍ଷାକରି ରହିଛି । ପୋଖରୀର କଇଁ ଆଉ ଆକାଶର ଚନ୍ଦ୍ର । ଶରୀର ତଳେ ଚାପି ହୋଇ ରହିଯାଇଥିବା ଗଉରୀର ମନ, ତା'ର ଭବିଷ୍ୟତ ଆଡ଼କୁ ସଂତ ଅବା ଉଙ୍କି ମାରୁଥିଲା ।

ଆଖିର ଉପର ପତା ହାଲକା ତା'ର ତଳ ପତା ଉପରେ ବି ଏଣେ ଲାଗି ଯାଉଥିଲା—

× × × ×

ରାତି ସରି ନଥିବ କି ଦିନ ଆରମ୍ଭ ହୋଇ ନଥିବ—ଏଇ ସମୟଟା ଗାଁର ମାଇପି ମହଲରେ ବଡ଼ ଜଣାଶୁଣା । ଯୋଉମାନେ ପାଞ୍ଚ, ସାତ ବର୍ଷ ହେଲା ଘରକୁ ବୋହୂ ହୋଇ ଆସିଲେଣି, ଗୋଟେ ଦି'ଟା ପିଲାଛୁଆ ଜନ୍ମ କଲେଣି, ମରଦ ଦେଖିଲେ ଯୋଉମାନେ କଣରେ ନ ପଶି ଓଢ଼ଣା ଦେଇ ଆଡେଇ ଆଡ଼େଇ ଚାଲିଯାଆନ୍ତି, ସେମାନେ ଫିକାତାରା ଉଇଁଲା ବେଳକୁ ତରତର ହୋଇ ହେଁସରୁ ଉଠି ଅଗଣାଟା ଆଗ ଯାଲିଁ ପହଁରେଇ ଆଣନ୍ତି । ଗୋବର ପାଣି ପକେଇ ସାରି ଖତଗଦାରେ କି ବନ୍ଧତଳେ ଝାଡ଼ାଫେରି ଗାଡ଼ୁଆ କି ପୋଖରୀରେ ବୁଡ଼ ପଡ଼ ରାତି ଥାଉ ଥାଉ ଆସି ଘରେ । ଗଉରୀ ବୋଉ ଆସି ବୁଢ଼ୀ ହେଲେ ବି ବୋହୂବେଳର ଏ ଅଭ୍ୟାସଟା ତାଙ୍କର ଛୁଡ଼ିନ । ଅଣ୍ଟା ବନ୍ଧୁଥିଲେ ଅଣ୍ଟାରେ ଗୋଟେ ହାତ ଭରି, କି ମୁଣ୍ଡ ବଥାଉଥିଲେ ଗୋଟିଏ ହାତରେ ସେ କାମ କରିଯାଆନ୍ତି ।

ଗଉରୀ କିନ୍ତୁ ବଡ଼ ହେଲା ଦିନୁ, ବୋଉକୁ ଏ ସବୁ କାମ କରେଇ
ଦିଏନା । ବୋଉ ଉଠିଲା ବେଳକୁ ଘରଯୋଗାଡ଼ର କାମ ସେ ସାରି
ଦେଇଥିବ । ବୋଉ ବେଳେ ବେଳେ କହେ—ଶାଶୁଘରକୁ ଗଲେ ତ
ଟିକା କାମ ତୁ କରିବୁ । ତତେ କ'ଣ କାମଦାମ କରିବାକୁ ମୁଁ
ଡାକୁଛି ? ବୋଉ ଏସବୁ କହୁଥିଲାବେଳେ, ଘର କଣଟା ଏଣେ ଟିକିଏ
ଝାଡ଼ି ଦଉଥିବ । ଚୂଲିରେ ଛୁଇଁ କନାଟା ବୁଲେଇ ଆଣୁଥିବ ।
ଉହୁନା ଧାନ ହାଣ୍ଡିଟେ ଟେକି ଆଣି ଚୂଲିଉପରେ ବସେଇ ଦଉଥିବ ।
ବାହାବେଳର କୁରୁଜାତକ ମାଳି, ବାଜୁ ବନ୍ଧ, ପାହୁଡ଼ ଓ ଖଡ଼ୁ
ଆଦି ପିନ୍ଧିବାକୁ ବେଳେ ବେଳେ ସେ ଜିଦ୍ କରେ । ମୋଟା ମୋଟା
ରୂପା ଜିନିଷଗୁଡ଼ାକ ପିନ୍ଧିବାକୁ ଗଉରୀକୁ ଖରାପ ଲାଗେ । ପୁରୁଣା
ପୁରୁଣାକାଳିଆ ଜିନିଷ । ବେଳେ ବେଳେ ବୋଉର କୁରୁଜାତକ
ମାଳଟା ଲଗେଇ ଦର୍ପଣରେ ମୁହଁ ଦେଖୁ ଦେଖୁ ବୋଉ ଆସି
କହେ—ଆଲୋ ଝିଅ, ଆସିବୁଟି—ମୁଣ୍ଡଟା ତୋର କୁଣ୍ଡେଇ ଦେବି ।
କେଡ଼େ ଅଡ଼ୁଆ ତଡ଼ୁଆ ହୋଇ ପଡ଼ିଛି । ହଳଦୀ ଟିକିଏ ନ ବାଜି
ଝିଅଟା ମୋର କେମିତି ଆସି ଦେଖାଗଲାଣି । ବୋଉର ଗୋଟିଏ
ବୋଲି ଝିଅ ଗଉରୀ ।

ସେଦିନ ରାତିରେ ଝିଅକୁ କୋଳରେ ପୂରେଇ ବୋଉ
ଶୁଆଇ ଦେଇଥିଲା । ଗଉରୀକି ନିଦ ଲାଗି ଆସିଲା । ତାଙ୍କ ଆଖିକି
ନିଦ ନାହିଁ । ଝିଅ ଶୋଇଛି—ଏଣେ ବିଳିବିଳେଇ ଉଠୁଛି ।
ଲୋକ ଭାଇ—ଲୋକ ଭାଇ—

ଲୋକଟା ପ୍ରକୃତରେ ଭାରି ଭଲ ପିଲା । କାହା କଥାରେ
ନ ଥିବ । ଗାଁଯାକର ସମସ୍ତେ ଆପଣାର । କାହାର ଆପଦ ବିପଦ
ପଡ଼ିଲେ ସାଙ୍ଗେ ସାଙ୍ଗେ ଦଉଡ଼ିଯିବ । ଠିକ୍ ତାର ଜେଜେ ବାପା
ଭଳି । ବାପଟା ଭଲ ଲୋକ ନୁହେଁ । ସେଥିପାଇଁ ସିନା ମନ ମାନୁନି—

ଆଜି ସୁଦାମ ବାବୁ । ଝିଅ ସିନା ଭୁଟି ପାରୁନି, ଭା—ରି ସୁଖରେ ଚଳନ୍ତା । ପିଲାଝିଲା ଗୋଟେ ଦ'ଟା ହୋଇଗଲେ କିଏ ଆଉ କାହାକୁ ପଚାରେ ? ମାଇପର ଶୁଖିଲା ମୁହଁ, ଓଷା ଉପାସ, ପିଲାଝିଲାଙ୍କ ରୋଗ ବଇରାଗ, ସେମାନଙ୍କର ହସ କୁରୁଡ଼ି, ଗୁରୁଣ୍ଡିବା ବେଳର ଖନେଇ ଖନେଇ କଥା, ଠିଆ ଠିଆ ପାଣି ମାଠିଆ ଗୁଳା ଗୁଳି ନଈ ବାଲି, ବାପ୍ପା, ବାପା ଡାକ, ମିଠେଇ ଆଣି ଦବାପାଇଁ ଅଳି, କାଖେଇକରି ବୁଲେଇ ନବାପାଇଁ କାନ୍ଦ, ତାଙ୍କର କାନ ଫୋଡ଼ା, ପାଠ ପଢ଼ା, ବାହାଘର ଓ ପୁଅକୁ ମଣିଷଟିଏ କରିବାପାଇଁ ବାପ ମନର ଯୋଉ ପ୍ରବଳ ଇଚ୍ଛା—ନଈ ବନ୍ଧରେ ଅଚଡ଼ା ଖାଉଥିବା ଉବୁକା ଭଳି ସୁଅ ତାର । କେତେ କେତେ ଅରଣା ମଣିଷଙ୍କୁ ଖୁଣ୍ଟରେ ମେଣ୍ଟା କରି ସେ ବାନ୍ଧି ରଖିପାରିଛି । ସୁଦାମ ଗୋଟେ ମଣିଷ । ସିଏ ପୁଣି ବଳିପିବ ? ହଉ, ଝିଅର ଯାହା ଇଚ୍ଛା ।

ଗଉରୀ ବୋଉଙ୍କ ମନରେ ସେଦିନ ବାରଆଡ଼ୁ ବାର କଥା ଆସି ଲହଡ଼ା ମାରୁଥିଲା । ଶୋଇବାକୁ ଯେତେ ଚେଷ୍ଟାକଲେ ଆଖିକି ତାଙ୍କର ନିଦ ଆସିଲାନି । ଝିଅକୁ ବେଳେବେଳେ କୋଳକୁ ଆଉଜେଇଆଣି ସେ ମନେ ମନେ ଠିକ୍ କରୁଥାଆନ୍ତି—ଲୋକ କଥା ସେ ଆଉ ଶୁଣିବେନି । ଗଉରୀ ବାପାଙ୍କର ଇଚ୍ଛା, ପୁଅର ଇଚ୍ଛା, ଝିଅର ଇଚ୍ଛା, ମୁଁ ବା କାହିଁକି ମନା କରିବ ?

ଏମିତି କେତେ କ'ଣ ସେ ଭାବି ଲାଗିଛନ୍ତି । ରାତିସାରା ତାଙ୍କୁ ନିଦ ନାହିଁ । ଝିଅଟା କେମିତି ବେଗେ ଶାଶୂଘରକୁ ଚାଲିପିବ । ତା'ପରେ ବଧୂ । ବୋହୂଟିଏ ଆଣି ନାତି କି ନାତୁଣୀଟିଏ ଦେଖିଦେଲେ ଯାଧୂ ମୁହଁରେ ଲୁଗା ପକେଇଦେବ ।

ଆର ସାଇର ବୋହୂଟିଏ ଉଠି ଘର ଦୁଆର ଓଲେଇଲାଣି । ଗୋଡ଼ର ପାହୁଡ଼ ଶବ୍ଦ ଓ ହାତର କାଚ ଝୁଣୁଝୁଣୁ ଶୁଭୁଛି ।

ଗଉଗୀବୋଉ ଝିଅ ଉପରେ ଲୁଗାଟେ ଘୋଡ଼େଇଦେଇ ବାହାରେ
ଶୌଚ କରିବାକୁ ଆସିଲେ । ଦୁଆରଟା ଆଉଜେଇ ଦବାକୁ ମନେ
ପଡ଼ିଲାନ ।

ମନେ ନ ପଡ଼ିବାର କାରଣ—ଗାଁ ଆର ମୁଣ୍ଡେ ସେତେ-
ବେଳେ କ'ଣ ଗୋଟେ ପାଟିତୁଣ୍ଡ ହଉଥିଲା । ଦି' ଚାରିଜଣ କଥା
ହଉଥିଲେ । କିଏ ଜଣେ ଆଉ କାହାକୁ ଭାରି ଜୋରରେ ଗାଳି
ଦଉଥିଲା । ଗାଁ ଲୋକେ କେହି ବୋଲି କେହି ଉଠିନାହାନ୍ତି ।
ରାତିରେ କିଏ ଗୋଟେ ଏଡ଼େ ବଡ଼ ପାଟି କରୁଛି ? କାହିଁକି ପାଟି
ହଉଛି ବୋଲି କାନ ପାରିବାକୁ ଲାଗିଲା ବେଳକୁ ଦୁଆରଟା
ଆଉଜେଇ ଦବାକୁ ସେ ଭୁଲିଯାଇଥିଲେ । ରାତିରେ ଆଉ ଗୋଟେ
ଉଦାସୀ ଲାଗିନ ତ ?

ସକାଳର କହଲିଆ ପବନ ଦାଲକା ଦାଲକା ଘର ଭିତରକୁ
ପଶି ଆସୁଥିଲା । ଗଉଗୀର ଗହମ ନିଦ ଅଣ୍ଟା ପବନ ବାଜି
ଝୁଣ୍ଡିକିନ ଭାଙ୍ଗିଗଲା । ଉଠିଯାଇ ସେ ଦେଖେତ—ବୋଉ ନାହିଁ ।
ଆର ସାଇର କିଏ ସବୁ ଉଠିଲେଣି । ବୋଉ ଆସି ଅଗଣାରେ ଠିଆ
ହୋଇଛି । ଫିକା ତାରାଟା ଆକାଶର ଅନେକ ଦୂରକୁ ଉଠି ଆସି-
ଲାଣି । ଗାଁ ଆରମୁଣ୍ଡ କାହାର ପାଟି ଶୁଭୁଛି । ଗଉଗୀ, ବୋଉ
ଆଙ୍ଗରେ ଅଗଣାରେ ଯାଇ ଠିଆ ହୋଇ ସେ କଥା ଆଡ଼କୁ କାନ
ପାରିଲା ।

ମା ଝିଏ ଘର ଭିତରକୁ ପଶି ଯାଉଥିଲେ । କାହାର କ'ଣ
ଲାଗିଛି ଲାଗିଥାଉ । ଆମର କ'ଣ ଅଛି ? ଗଉଗୀର ଇଚ୍ଛା—ବୋଉ
ଆଉ ଟିକିଏ ଶୋଇପଡ଼ୁ । ସିଏ ବାସି ପାଇଟିତକ ସାରିଦବ ।

ଗଉଗୀ ପହଁରାଟା ଆଣି ଅଗଣା ଓଳେଇବାକୁ ଆରମ୍ଭ କରି-
ଦେଲା ।-ବୋଉ ଆଉ ଶୋଇବାକୁ ଯିବ କ'ଣ, ଉଷୁନାଧାନ

ହାଣ୍ଡିଏ ଚୂଲ୍ଲିରେ ନେଇ ବସେଇ ଦେଲା । କୁଠା କେରେ ହବ ଚୂଲ୍ଲିରେ ପୂରେଇ ଡ଼ିଆସିଲଠେ ମାରଦବାରୁ ଚୂଲ୍ଲି ହୁରୁ ହୁରୁ ହୋଇ ଜଳିଉଠିଲା ।

## —ପନ୍ଦର—

ଆରଦିନ ସକାଳେ—

ମାନସିଂହ ପାଟଣା ଘରପାଖେ ଢେର ଖାଉଥାଆନ୍ତି ପଞ୍ଝା ପଞ୍ଝା କୁଆ । ଗଛରୁ ଘର ଉପର, ଘର ଉପରୁ ଡ଼ିପ ଜାଗା, ପାଳ ଗଦା, ପୋଖରୀ ପାଖ, ବନ୍ଧ ଉପର ଓ ଝାଡ଼ାଫେରିବା ସ୍ଥାନମାନଙ୍କରେ ବସି, ହଲା କରିକରି ଲୋକଙ୍କୁ ଉଠେଇବାରେ ସେମାନେ ବ୍ୟସ୍ତ । କୁକୁଡ଼ା ଗୋଟେ ଯୋଡ଼େ, ରହିରହି, ବେଳେ ବେଳେ ଡାକ ଛୁଡ଼ୁଥାଆନ୍ତି । ଅଶିଣ ମାସର ଶେଷଶେଷୁଆଣି ନଈ କୂଳିଆ କହ୍ଲଆ ପବନ, ଯୋର ଆଉ ଭାସିଆସି ଗାଁରେ ଲହଡ଼ିମାରି ଯାଉଥିଲା । ପାଚିଲା ଧାନ, ଗଛ ଲଟା, ହିଡ଼ ଓ ଘାସ, ସବୁଥିରେ ଝରିଲା ରୂପା ଭଳି ଟୋପା ଟୋପା କାକର । ଗାଁମୁଣ୍ଡ ତାଳଗଛ ପଛଆଡ଼ୁ, ତାଳ-ପଡ଼ା ଓ ନରଣପୁରର ବର, ଓସ୍ତ ଓ ଦେବଦାରୁ ଗଛ ଉହାଡ଼ରୁ ଆକାଶଟା ସଫା ଫିଟି ଆସୁଥିଲା । ପୂର୍ବ ଆକାଶର ଗୋଲାପୀ ରଙ୍ଗ ପାଣି ଫାଟି ଯିବା ଉପରେ । ଗଛ ଉହାଡ଼ରୁ ଉଠି ଆସୁଥିଲା ଅବା ସତେ ଗୋଟିଏ ଫଗୁବୋଳା ସୁନ୍ଦର ଚକାମୁହଁ । ଗଛ ଅଗରେ ସାଙ୍ଗେ ସାଙ୍ଗେ ଟିପି ଟିପି-ହୋଇ ଲାଗିଗଲାଣି କମଳା ରଙ୍ଗର ଖରା ।

ଆକାଶରେ ଧାଡ଼ି ଧାଡ଼ି ଗେଣ୍ଡାଳିଆ । କେତେଟା ପଛରେ ପଡ଼ି ଯାଇଛନ୍ତି, ଛୁଣ୍ଡା ହାରିଟିଏ ଭଳି ।

ଲୋକେ ଗୋଟି ଗୋଟି ହୋଇ ବିଲକୁ ବାହାରିଲେଣି । କାହା ହାତରେ ଦାଆ ତ କାହା ହାତରେ ଦଉଡ଼ି । କେତେ ଲୋକ ଯୋର ଆଡ଼େ, କେତେ ନଈକୂଳ ଆଡ଼େ ଚାଲିଛନ୍ତି । ଧାନ କଟା ପାଖେଇ ଆସିଲାଣି । ବେଶୀ ହେଲେ ଦିନ ପନ୍ଦରଟା ଗଲେ ବଡ଼ କଥା । ଠାଏ ଠାଏ ପାଚିଲାଧାନ ତଳେ ଲୋଟିପଡ଼ିଛି । ଆଗୁଆ କଟା ହବ । ବେଶୀ ହେଲେ ଦିନ ପନ୍ଦରଟା ଯିବ । ଏ ସାଲେ ଷୋଳଣା ଧାନ ଫସଲ । କଲେଇ ବଡ଼ା ଉଠେଇ ହବନି । ଲୋକଙ୍କ ଆନନ୍ଦ କହିଲେ ନ ସରେ । କିନ୍ତୁ ଧାନ ଦର କମିବାର ଖୁବ୍ କମ ଆଶା । ଯୋଉ ଛ' ସେର ଅଧେକୁ ସେଇ ଛ' ସେର ଅଧେ ।

କାମିକା ଲୋକେ ବିଲକୁ ଚାଲିଗଲେଣି । ଏଇନେ ବେଶି କିଛି କାମ ନାହିଁ । ଧାନ ପାଚିବାକୁ କେବଳ ଅପେକ୍ଷା । ଯାହାର ଖଣ୍ଡେ ଖଣ୍ଡେ ପାଚି ଯାଉଛି ସିଏ ଯାଇଁ କାଟିଆଣୁଛି । କେତେ କେତେ ଲୋକ ଦାଣ୍ଡପିଣ୍ଡାରେ କଅଁଳ ଖରାକୁ ପିଠି କରି ବସିଛନ୍ତି । ଜଣେ ଜଣେ ନଈକୂଳ ଆଡ଼େ ନୋହିଲେ ପୋଖରୀ ଗାଡ଼ିଆ ବନ୍ଧ ତଳକୁ ଯାଇ ଝାଡ଼ାଫେରି ବସିଛନ୍ତି । ଗାମୁଣ୍ଡି ଆଡ଼ୁ ବଇଁଶି ମାନସିଂହ ପାଟି କରି କରି ଆସୁଛି । ତା' ପାଟିରେ ଗାଁ ସାରା ଫାଟି ପଡ଼ୁଛି ।

ବଇଁଶି ମାନସିଂହ, ମାନସିଂହ ପାଟଣା ଗାଁର ତିନି'ଶ ଷୋଳ କୋଡ଼ି ଚଷା ଘର ଭିତରୁ ଜଣେ ପୋଖତ ଚାଷୀ । ଭୂଇଁ ଦଶ ବାର ମାଣ ଉଷ୍ଣ । ଜମିରୁ ଯାହା ଆଦାୟ କରେ ସେଥିରେ ତା'ର ପାଞ୍ଚପ୍ରାଣୀ କୁଟୁମ୍ବ ବର୍ଷକ ଖାଇ ଶହେ ଦି'ଶ ଟଙ୍କାର ଧାନ ବିକ୍ରୀ କରନ୍ତି । ଦୋଫସଲି ବିଲରେ ମୁଗ, ବିରି ଆଦି ଆଦାୟ ହେଇ

ପାରିଲେ ବଇଁଶି ସେ ସବୁ ଘରେ ଆଣି ରଖିଦିଏ । ଯେତେବେଳେ ଦେଖେ, ଦର ଟିକିଏ ଚଢ଼ା ହୋଇଗଲା, ସେତିକି ବିକିଦେଇ ଲୁଣ, ତେଲ ଖର୍ଚ୍ଚ ତୁଲାଏ । ଟିକସ, ଖଜଣା ଦିଏ । ବନ୍ଧୁ ବାନ୍ଧବ, ଗୁଆଦିଆ, ଓଷା ଉପାସ, ଯାନିଯାତ୍ରା ସବୁ ସେଇଥିରୁ ସେ ତୁଲାଏ । ବଣ୍ଡାଘର କି ଶୁଦ୍ଧଘର ପଡ଼ିଗଲେ, ଜମି ମାଣେ ଅଧେ ଆଣି ତା ସଂପତ୍ତିରେ ମିଶେଇଲେ କି ଘରର କାନ୍ଥ ପଥରରେ ତିଆରି କରିବାକୁ ଇଚ୍ଛାକଲେ ତା'ର କୋଡ଼ିଏ ବର୍ଷର ପୁଅ ଅର୍ଜୁନାକୁ କଲିକତା ପଠାଏ । କାମ ଉଠେଇ ଦବାକୁ ମହାଜନ କି ସାହୁ-କାରଠୁ ଯୋଉ ଟଙ୍କା ଆଣିଥାଏ କଲିକତା ଟଙ୍କାରେ ସେସବୁ ସୁଝି ପଡ଼େ । ବିଲରେ ସାରୁ ବାଇଗଣ ଲଗାଏ । ବାରିରେ କଦଳୀ, କଖାରୁ, କୋଶଳା, ଜହ୍ନୀ, କାକୁଡ଼ି, ଲଙ୍କାମରିଚ ଓ ଭେଣ୍ଡି । ଘରେ ଖାଇ ବଳିଲେ ନରସିଂପୁର ହାଟରେ ସେ ଶଗଡ଼ରେ ନେଇ ବିକିଦେଇ ଆସେ । ସାରୁ ବାଇଗଣ ବିକା ଟଙ୍କାରେ ଆଉ ସାଲେ ବୋହୂପାଇଁ ସେ ମଲ ହତଲେ କରିଛି । ଦି' ନାକ ପୁଡ଼ାକୁ କରିଛି ଦି'ଟା ମାଛି ଓ ହାତକୁ ବଟଫଳ । ଅର୍ଜୁନା ବର୍ଷେ ହେଲା ବାହା ହେଲଣି । ପୁଅ ବୋହୂ, ସାନପୁଅ ଓ ସିଏ । ମାମୁଁ ମାଇଁ ଦି' ପ୍ରାଣୀ । ସମସ୍ତେ ମିଶି ଘରେ ପାଞ୍ଚ ଜଣ । ସୁଦ୍ଧ ସୁବର୍ଣ୍ଣ ଦଶ ମାଣ ଜମି । ସୁରଖୁରରେ ସେମାନେ ଚଳି ଯାଆନ୍ତି ।

ସେଦିନ ସକାଳେ ବଇଁଶୀ ମାନସିଂହ ତା' ବିଲକୁ ଯାଇ ଯେମିତି ଅନେଇ ଦେଇଛି ତାର ପାଲୁକ ଶୁଖିଗଲା । ଟୋଟି ଅଠା ଧରିଆସିଲା । ଆଖିରୁ ବାହାରିଲା ନିଆଁ ଝୁଲ । ଗୋଡ଼ ହାତ ରାଗରେ ଥରିଲା । ବିଲରେ ପାଚିଲା ଧାନ । ଶୀଷାଗୁଡ଼ାକ ଦାଆରେ କାଟି କିଏ ଅଖାରେ ନେଇ ପୂରେଇଛି । କେତେଟା ଅଖା ସେ

ସେ ବୋହି ନେଇ ସାରିଲେଣି କହି ହବନି । ଏଡ଼ିକି ଚୋରଗୁଡ଼େ ଏ ଗାଁରେ ଅଛନ୍ତି ? ବଳି ମୁଣ୍ଡରୁ ପାଟିତୁଣ୍ଡ କରି ଓ ସେ ଲୋକ ଉଦ୍ଦେଶ୍ୟରେ ଗୁଡ଼େ ଗାଳିଫଜିତ୍ କରି କରି ସେ ଗାଁ ଆଡ଼େ ଫେରିଲା । ଯେମିତି ଆସି ଗାଁ ମୁଣ୍ଡରେ ହେଇ ଯାଇଛି ପାଟି ତା'ର ଆଉର ଚୌରଗୁଣ ବଢ଼ିଗଲା । ଶହେ ଜଣ ହବ ଗାଁ ବାଲା ଆସି ଜମା ହୋଇଗଲେ । ଯିଏ ସବୁ ନିଦରୁ ଉଠି ଶେଯରେ ଗଡ଼େଇ ଗଡ଼େଇ ହଉଥିଲେ ସେମାନେ ଦାଣ୍ଡଦୁଆରମାନଙ୍କୁ ଚାଲି ଆସିଲେ । ସବୁଆଡ଼େ ଖାଲି ହୋ-ହୋ ଆଉ ଟୁପ୍‌ଟାପ୍ ।

ନିଦରୁ ଉଠି ଲୋକ, ଗୋକୁଳବାବୁ, ରାଧୁ ଓ ମିସ୍ତ୍ରୀ ଚାରିଜଣ ଭଗବତ ଘରେ କଥା ହଉଥିଲେ । ଯିଏ ଯୁଆଡ଼େ ଯିବାର କଥା ଯିବେ । ପାଣିଢାଳ ଥୁଆ ହୋଇଛି । ମୁହଁ ବି ସେମାନେ ଧୋଇନାହାନ୍ତି । ସକାଳ ନ ପାହୁଣୁ ପୁଣି ଆଉ ଗୋଟେ ପାଟି । କଥା କ'ଣ ? ସମସ୍ତେ ଯିଏ ଯାହାର ବାହାରକୁ ଚାଲି-ଆସିଲେ । ବଇଁଶି ମାନସିଂହ ଆକାଶ ଫଟେଇ ପାଟି କରୁଛି ।

ଗୋକୁଳବାବୁଙ୍କ ପାଖକୁ ଦଉଡ଼ି ଆସି ବଇଁଶି ବଡ଼ ନେହୁରା ହୋଇ କହିଲା—କ'ଣ କରିବି ବାବୁ, ପିଲାଛୁଆ ମୋର ଏ ବର୍ଷ ସିପିବେ ।

କଣ ହେଲା ବଇଁଶି ? ଗୋକୁଳବାବୁ ପଚାରିଲେ ।

ମୋ ପାଚିଲା ଧାନଗୁଡ଼ାକ କିଏ ରାତାରାତି କାଟିନେଇ ଯାଇଛି । କଳେଇ ଖଣ୍ଡା ବିଲରୁ ବୋହି ନବା ପାଇଁ ଅସୁବିଧା ହବ ବୋଲି ଶୀଷାସବୁ ଦାଆରେ କାଟି ବସ୍ତା ବସ୍ତା କରି ବୋହି ନେଇଛି । ବଇଁଶି ରାଗରେ କାନ୍ଦି ପକେଇଲା ।

କିଏ ନେଇଥିବ ବୋଲି ତୁମେ ଭାବୁଛ ?

ମୁଁ ତ ବାବୁ ନେଲବେଲେ କାହାକୁ ଦେଖିନ । କାହା ନାଆଁ କହିବ ? କିନ୍ତୁ ଯୋଉ ଲୋକ ନେଇଛି ସିଏ ନିଶ୍ଚେ ଆମ ଗାଆଁ ର ଲୋକ ।

ଏ କଥାରେ ଠିକ୍ଏ ହେଲେ ଭୁଲ ନାହିଁ । ମାନସିଂହ ପାଟଣା ଗହୀରରୁ ତାଳଯୋଡ଼ା କି ନରଣପୁରର ଲୋକ ଆସି ତ ଧାନ କାଟି ନେବେନି ? ତେବେ ସେ ଲୋକଟା କିଏ ଆମେ କ'ଣ ଜାଣି ପାରିବାନି ?

ଧାନ ଚୋରି ଆଉ କଲେଇ ଚୋରି ଏ ବର୍ଷ ନୂଆ କଥା ନୁହେଁ ? ସବୁ ବର୍ଷ ଏମିତି ଲାଗିଛି । ଗାଁଗାଁରେ ସମସ୍ତେ ଚୋରି କରୁଛନ୍ତି । ତେବେ ଶୀଷାକାଟି ଧାନ ଚୋରି କରିବା ଏଇ ବର୍ଷଠୁ ଆରମ୍ଭ ହେଲା ।

ଚଉକିଆ ଏ ଗାଁରେ ଜଗୁଛିଟି ?

ସିଏ କ'ଣ କରିବ ?

ଠିକ୍ କଥା । ତାକୁ ଆଖି ଦେଖେଇ ଦେଲେ କି କଲେଇ ବିଡ଼ା କେଇଟା ଜାଚ ଦେଲେ ତ ସରିଲା କଥା । ଆଖି ଥାଉ ଥାଉ ସେ ଆଖି ବୁଜି ଦବ ।

ସେତେବେଳକୁ କେତେ ଲୋକ ଆସି ଜମା ହେଇଗଲେଣି । ଲୋକ କ'ଣ ହେବେ । ସମସ୍ତଙ୍କ ମନରେ—ଆଜ ବଇଁଶିଆର ଗଲା—କାଲି ଆମର ଯିବ – ପଅର ଦିନ ତା'ର ଯିବ । ଆମେ ସବୁ ଚଳିବା କେମିତି ? ଇଏ ଗାଁରେ ତ ଆଉ ଚଳି ହବନି । ସମସ୍ତେ ସମସ୍ତଙ୍କ ମୁହଁକୁ କେବଳ ଚୁହାଁଚୁହିଁ ହେଲେ ।

ସୁବଳ ଦଳବେହେରା ଲୋକଗହଳ ଭିତରୁ ବାହାରି ପଡ଼ି କହିଲା – ଗୋଟିଏ କାମ କରିବାକୁ ପଡ଼ିବ ।

କି କାମ ? ସମସ୍ତେ ତା ଆଡ଼କୁ କେବଳ ଚାହିଁ ରହିଲେ ।

ଆମେ ସବୁ ପାଳିକରି ଧାନ ବିଲ ଜଗିବା । ଯାହା ପାଳିରେ ଧାନ ଚୋରି ହେଲା, ଜାଣିବା — ସିଏ ଆଉ କାହା ସଙ୍ଗରେ ସଲା ହୋଇ ଏ ଚୋରି କରୁଛି ।

ଠିକ୍ କଥା — ସମସ୍ତଙ୍କ ମନକୁ ଏ କଥାଟା ପାଇଲା ।

ଗୋକୁଳବାବୁ ମୁଣ୍ଡ ଠେଙ୍ଗାଇଲେ । ହେଲେ ତାଙ୍କ ଓଠ ଦୁ' ପାଳିକ ଶୁଖି ଶୁଖି ଯାଉଥିଲା । ସତ କଥାଟା ସେ କହିପାରୁ ନାହାନ୍ତି । କହିଲେ ଅସୁବିଧା, ବିପଦ ।

ଲୋକ ତାଙ୍କ ପଛଆଡ଼େ ଠିଆହୋଇ ଭାବୁଛି — ଏଇ ସୁବଳ ପାଲି ରାତିରେ ଧାନ ଚୋରି କରୁଥିଲା । ଆଜି ଆସି ଭଲେଇ ହେଉଛି । ଆମେ ଆସିବାରୁ ଦାଆ ଆଉ ଅଖା ଛାଡ଼ି ଦେଇ ଦଉଡ଼ି-ଗଲା । ସିଏ ପୁଣି ଭଲଲୋକ ସାଜିଲାଣି । ବ୍ରହ୍ମା, ବିଷ୍ଣୁ ଆସିଲେ ବି ଏମାନଙ୍କୁ ପାରିବେନି । ଏଇ ସବୁ ଲୋକେ ଯେବେ ଧରା ନ ପଡ଼ନ୍ତି ତ, ଏମାନଙ୍କୁ ଧରି କଠିନ ଶାସ୍ତି ଦିଆ ନ ଯାଏ, ତା' ହେଲେ ଲୋକଙ୍କର କେବେ ହେଲେ ମଙ୍ଗଳ ହେବନି କି ଏ ଗାଁର ଉନ୍ନତି ନାହିଁ । ଲୋକେ ଯେବେ ଭଲ ନ ହୁଅନ୍ତି ତା' ହେଲେ କିଛି ହେଲେ କରାଯାଇ ପାରିବନି ।

ସମସ୍ତେ ଥାଇ ଠିକ୍ ହେଲା — ଗାଁରେ ନିଶାପ ହବ । ଭଲ-ଲୋକ ହେବେ ବୁଢ଼ା ଚମ୍ପତିରାୟ । ସୁଦାମବାବୁ ହଁ କଲେ । ଲୋକେ ଜାଣିଲେ ନ୍ୟାୟ ହବାଟା ପକା ହୋଇଗଲା । ଚୋରି ଏଥର ଧରା ପଡ଼ିଯିବ ।

ଗୋକୁଳବାବୁ ମନେ ମନେ ଭାବୁ ଥାଆନ୍ତି — ଲୋକଙ୍କର କାହା କିଛି ମଙ୍ଗଳ କଲେ ବା ସେମାନର ଜୀବନ ଧାରଣର ମାନ ଯଦିବେ ଉନ୍ନତି କଲେ ବି ସେମାନଙ୍କ ନୈତିକତାର ଯଦି ଉନ୍ନତି

ନ ହୁଏ, ସେମାନେ ଯେବେ ସାଧୁ ଓ ସଚ୍ଚୋଟ ନ ହୁଅନ୍ତି ତା' ହେଲେ କୌଣସି କାମ ଏ ଦେଶରେ ଆଗେଇ ପାରିବନି । ଯେତେ ଟଙ୍କା ଖର୍ଚ୍ଚ କଲେ ବି ସେ ସବୁ ମହାନଦୀର ସୁଅରେ ଭାସିଯିବ ।

ଧାନ ସମସ୍ତଙ୍କ ବିଲରେ ପାଚିଛି । ଏମିତି ଧାନଚୋରି ଯେବେ ଲାଗିରହେ ତା'ହେଲେ ଗାଁଲୋକେ ହଇରାଣ ହେଇଯିବେ । ଇଏ ଗୋଟିଏ କଥା—ଏଥିରେ ବଇଁଶି ମାନସିଂହର ଯେମିତି ସ୍ୱାର୍ଥ ଅଛି, ଶ୍ୟାମ ସୁନ୍ଦର ଚମ୍ପତିରାୟଙ୍କର ବି ସେମିତି ସ୍ୱାର୍ଥ ଅଛି । ଦାସିଆ ବାଉରିର ବି ସ୍ୱାର୍ଥ ଅଛି । ଚୋରିଗଲେ କାହାକୁ ଖୋଜି ନପାଇଲେ, ସମସ୍ତେ କହିବେ—ଦାସିଆଟାର ତ ଖାଇବାକୁ କିଛି ନାହିଁ । ଚଉକିଆ ସାଙ୍ଗେ କଥାହୋଇ ବୋଧେ ଧାନକାଟି ନେଇଥିବେ ।

× × × × ×

ସକାଳୁ, ଦିନଯାକର ବେଳ ଅଛି । ଉଠ୍ ଉଠୁ ଗାଁରେ ଗୋଟେ ଚୋରି । ଦିନଟା ଆଜି କେମିତି ଯାଉଛି କେଜାଣି ? ଲୋକ ଓ ଗୋକୁଳବାବୁ ଗୋଟେ ବିଷୟନେଇ ଭାରି ଖୁସି ଥାଆନ୍ତି । ଯାହା ହବାର ହଉ । ଦାସିଆ, ଗଲା ରାତିରେ ଯାଇ ପାରିନି । ଉଦିଆ ପଶିଗଲା ଶୋଉ ନଶୋଉ ନିଦ ଭାଙ୍ଗିଲାନି । କାଲିଆ ସାଆନ୍ତଙ୍କ ଘରକୁ ବି ସେ ଆସିନି । ସୁଦାମବାବୁ ଉଠି ଉଠୁ ଆଠଟା ପାଖାପାଖି । ଦାସିଆ କାଇଁ ଅବା ଜାଣି ଜାଣି ହାଣକୁରାଢ଼ିଟା ବେକରେ ଆଣି ଲଗେଇବ । ସକାଳ ପାଇଯିବାରୁ ସମସ୍ତେ ଯିଏ ଯାହା ମୁହଁକୁ ଚାହିଁ ଚୁପ୍ ରହିଲେ । ଉଦିଆଟା ଗାଁ ଦାଣ୍ଡରେ ଆସି ଗୁଡ଼େ ପାଟି କଲା । କେବଳ ସଫେଇ ଦବା ପାଇଁ ।

ସୁଦାମବାବୁ ଉଠିଲେ ଜାଣିବେ—ଉଦଆର କିଛି ହେଲେ ଦୋଷ ନାହିଁ । ଅନ୍ୟମାନେ ସବୁ କେନ୍ଦ୍ରହେଲେ ବାହାରିଲେନ । ସିଏତ ଏକେଲା ଶଗଡ଼ ନେଇପାରି ନ ଥାଆନ୍ତା ?

ବଇଁଶି ମାନସିଂହର ଏ ପାଟି ଶୁଣି ସମସ୍ତେ ଆସି ଗାଁ ଦାଣ୍ଡରେ ଜମା ହେଇଗଲେ । କାଳିଆ 'ସାଆନ୍ତର ଗୁଡ଼ିଆ ସାଇ ତଳେ ତଳେ ପଡ଼ିଥିବା ସରୁରାସ୍ତା ଦେଇ ନଈକୂଳ ଆଡ଼େ ଝାଡ଼ାଫେର ଯାଉଥିଲା । ସିଏ ବି ଏ ବିଷୟ କିଛି ଜାଣିନି । ଉଦଆ, ବାବୁଙ୍କ ଘରେ ଶୋଇଥିଲା । ପାଟି ଶୁଣି, ସାଙ୍ଗେ ସାଙ୍ଗେ ଚାଲି ଆସିଛି । ପାଟିରେ ସୁଦାମବାବୁଙ୍କ ନିଦ ବି ଭାଙ୍ଗିଗଲା । କ୍ଷେତରେ ପାଚିଲା ଧାନ । ଯେ କୌଣସି ମତେ ଚୋରକୁ ଧରିବାକୁ ପଡ଼ିବ ।

କାଲି ରାତିରେ ମାଡ଼ ମରାମରି, ଆଜି ସକାଳ ପାଉ ପାଉ ପୁଣି ଚୋରି । କୋଉ କଥା ଏବେ ମଣିଷ ବୁଝିବ । ଇଏ ସବୁ ହୁଅନ୍ତାନ । ସମସ୍ତେ କହୁଛନ୍ତି—ଏ ବର୍ଷ ତ ଷୋଳଅଣା ଫସଲ । କାହାର ପରବାଏ ଅଛି, ନା କିଏ କାହାକୁ ଖାତିର୍ କରୁଛି । ଟଙ୍କାକୁ ଛ'ସେର ଅଧେ ଧାନ । ଲୋକେ ତ ଧାନ ପାଇବେନି । ପାଇବେ ଗଉଣୀ ଗଉଣୀ ଟଙ୍କା । ବଡ଼ା ବଡ଼ା ନୋଟ୍ । ସେଇଥିପାଇଁ ଏମିତି ଅମରମତା ହଉଛନ୍ତି । ଫଉଦାରୀ, ଚୋରି, ବନ୍ଧ ଭଣାହଣି, ଗାଳିଫଜିତ୍ ଓ ଭାଇଭାଗ ବଣ୍ଟାରେ ସେତିକି ଯେମିତି ସରିଯିବ, ଯୋଉ ମାଣ୍ଡିଆ ଯାଉ ଓ ଚନାଭାତ, ଧାନ ନମିଳିବା ବର୍ଷ ଖାଉଥିଲେ ତାକୁଇ ପୁଣି ଖାଇବେ । ଧାନ ସବୁ ବିକାକିଣା କରିଦେଇ ସହରରେ ହାକିମ, ଓକିଲ, ମୋହରିର, ପେସ୍କାର ଓ ଚପରାଶି ଆଦି ସମସ୍ତଙ୍କି ନେଇ ସେତିକି ବୁଝେଇଦେଇ ଆସିବେ । ପିଲାଙ୍କ ପାଇଁ ଖଣ୍ଡେ ପେଣ୍ଟ କୁରୁତା କି ଖଣ୍ଡେ ସିଲଟ ଏମାନଙ୍କ ହାତରେ ହବନି । ପିଲାଙ୍କୁ ପରୀକ୍ଷାର ପରିଛନ୍ନ ରଖି ଭଲ ମଣିଷଟିଏ

କରିବା ତ ଦୂରର କଥା, ଧାନତକ ବିକିଦେଇ ଟଙ୍କାକୁ ହାଣ୍ଡି ଖୁଆଇ ପାରିଲେ ଆଣିବେ ଧାନ କରଜ । ସୁଧ ମୂଳ କରି ଦେଇ ନପାରିଲେ ଜମି ଖଣ୍ଡେ ଖଣ୍ଡେ ବିକି ଲାଗିବେ । କେତେ କେତେ ଜମି ଏମାନେ ଜାଣି ନପାରି ନିଲାମ ହୋଇଯାଇଛି । କିଏ ଯେବେ ଏମାନଙ୍କର ଭଲ କରିବାକୁ ବସେ, ଓଲଟି ତା'ର ଉପରେ ଏମାନେ ଘୋଡ଼ା ଚଢ଼ିବେ । ତାକୁଇ ତଳତଳାନ୍ତ କରିବାକୁ ଏମାନେ ଛାଡ଼ିବେନି । ଏ ଲୋକଙ୍କୁ କ'ଣ ପରିବର୍ତ୍ତନ କରିହବନି ? ଦୁନିଆରୁ ଭଲ ଲୋକଙ୍କର ସଂଖ୍ୟା କ'ଣ ଲୋପ ପାଇଲା ? ଏଇମାନେ କ'ଣ ଭଲଲୋକ ହୋଇ ପାରିବେନି ? ସମସ୍ତେ କହନ୍ତି—ଗାଁ ଲୋକେ ସହର ଲୋକଙ୍କ ଅପେକ୍ଷା ସରଳ, ସତ୍ୟବାଦୀ, ସାଧୁ ଓ ସଚ୍ଚୋଟ୍ । କିନ୍ତୁ ଏବେ ଯାହା ହେଲାଣି—ସହରରେ ବରଂ ଚଳିହବ, ମଫସଲରେ ମୁହୂର୍ତ୍ତେ ହେଲେ ଚଳିହବନି । ଗୋକୁଳବାବୁ ଭଗବତ ଘର ପିଣ୍ଡା ଉପରେ ବସି କେତେ କ'ଣ ଆକାଶ ପାତାଳ ଭାବୁଥିଲେ ।

ବଡ଼ ଭଉଣୀ ଚିଠି ଲେଖିଛି । ତିନିଦିନ ଭିତରେ ନ ଗଲେ ନଚଳେ । ନଗଲେ ତିନି ଭଉଣୀଯାକ ସାଙ୍ଗହୋଇ ନିସ୍ତାକାର ପୁରରେ ଆସି ଓହ୍ଲାଇବେ । ସିଧା ସିଧା ନରଣପୁର ଚାଲି ଆସିବେ ବୋଲି ସେମାନେ ଲେଖିଛନ୍ତି । ଆଜି ଶେଷଦିନ । କଟକରେ ଆଜି ପହଞ୍ଚିବାର କଥା । ନଗଲେ ସେମାନେ ସବୁ ଯେବେ ଗାଁକୁ ଆସନ୍ତି ଭାରି, ତା'ହେଲେ ଅପ୍ରସ୍ତୁତ ହବାକୁ ପଡ଼ିବ । ଯୋଉ ଲୋକ ଘରଭଡ଼ା ଟଙ୍କାଟା ମାସକୁମାସ ପଠେଇ ଦିଏ, ତା'ଠୁ ବୋଧେ ଠିକଣାଟା ସେମାନେ ସଂଗ୍ରହ କରିଛନ୍ତି । ଭଉଣୀମାନେ ନେହୁରା ହୋଇ, ରାଗିଯାଇ, ଚିନ୍ତିତ ହୋଇ, ବିଚଳିତ ହୋଇ, ଓ ଅନୁରୋଧ କରି ଚିଠି ଲେଖିଛନ୍ତି । ଗୋଟିଏ ବୋଲି ଭାଇ ।

ଲୁଆଡ଼େ ଯାଇ ବୁଲୁଛି । କହୁଛି ବୋଲି କହୁଛି ଠିକ୍ ନାହିଁ । ବାହା ହେଇସାରି ଲୋକଙ୍କର କ'ଣ ଉପକାର କରାଯାଇ ପାରିବନି ? ଏଧାବେଳେ ସେଇ ଫୁଲଫାଙ୍କିଆ କଥା । ଲଫାପା ଚିଠିଟା କୁର୍ତ୍ତ ପକେଟରେ ପଡ଼ିଛି । ଗୋକୁଳବାବୁ ଚିଠିଟା ପାଇଲାବେଳୁ ସେଇଟାକୁ କେତେଥର ଯେ ପଢ଼ିଲେଣି ତାର ହିସାବ ନାହିଁ । କାଲି ଉତ୍ତର ଦେଇଛନ୍ତି—ଆଜି ସନ୍ଧ୍ୟା ମାଛଗାଡ଼ିରେ ସେ କଟକ ଯିବେ । ଗୋକୁଳବାବୁ ଖରାକୁ ପିଠି କରି କେତେ କ'ଣ ଭାବୁଥିଲେ ।

ଯେ କୌଣସିମତେ ଏ ମକଦ୍ଦମାଟା ଫଇସଲା କରିବାକୁ ପଡ଼ିବ । ଏଇ ଧାନଚୋରି ବିଷୟରେ ଯେବେ ଚନାଧନା ଆରମ୍ଭ-ହୁଏ, ତେବେ କାଲି ରାତିର ଫଉଜଦାରୀ କଥାଟା ଲୋକଙ୍କ ମନରୁ ପାଶୋରି ଯିବ । ନିଜ ନିଜର ଧାନ ଜଗିବା ପାଇଁ ଲୋକେ ଧାଇଁବେ ନା ମକଦ୍ଦମା ଲଗେଇବାକୁ ଅଣ୍ଟା ଭିଡ଼ିବେ । ଉଦିଆ ପରିଡ଼ା ହଉ କି କାଳିଆ ସାଆନ୍ତରା ହଉ, ନଚେ ସୁବଳ ଦଳବେହେରା—ସିଏ କାଲି ରାତିରେ ଧାନ ଚୋରଙ୍କର ଆଜି ଭଲେଇ ହେଇ ପାରୁଛି, ସିଏ ବି ତା' ନିଜର ପାଚିଲା ଧାନକିଆରିକି ଯାଇଁ ଜଗି ବସିବ ।

ଗୋକୁଳବାବୁ ଅନେଇଲା ବେଳକୁ—ସୁଦାମବାବୁ ଗାଁ ଦାଣ୍ଡରେ ଉଦିଆ ପରିଡ଼ା ସାଙ୍ଗେ କ'ଣ କଥା ହଉଛନ୍ତି । ଗୋକୁଳ-ବାବୁଙ୍କ ପାଇଁ ପାଣି ତାଲେ ଥୁଆ ହେଇଛି । ଦାନ୍ତ ଘଷିବା ପାଇଁ ଲିମ୍ବ ଦାନ୍ତକାଠି ଓ ମଇଁଠାପାଉଁଶ । ଲୋକ ଘରଆଡ଼େ ଚାଲି-ଗଲେଣି । ରାଧୁ ତାଙ୍କ ଦୁଆରେ ଚୁଲକୁ ଧରି ଯାଇଁ ଠିଆ ହୋଇଛି । ଗହଳ ଭାଙ୍ଗି ସିଏ ଯାହାର କାମ ଦାମରେ ଲାଗିଗଲେଣି ।

ମାନସିଂହ ପାଟଣା ଗାଁଦାଣ୍ଡରେ ସକାଳର ନରମ ସୂର୍ଯ୍ୟକିରଣ ଆସି ପଡ଼ୁଛି । ଗାଁଯାକ ଗୋଡ଼ଖପରା, ଅଡ଼ୁଆ ଚଡ଼ୁଆ ପାଲ ଓ ଧୂଳି-ଧୂସରରେ ଭର୍ତ୍ତି । ବଳଦ ଦଶ ବାରହଳ ପିଣ୍ଡାତଳକୁ ଖୁଣ୍ଟପୋତା

ହୋଇ ଗାଁ ଦାଣ୍ଡରେ ଖୁଣ୍ଟରେ ବନ୍ଧା ହୋଇଥିଲେ । ଯାହା ଗୁହାଳରେ ଥାନ ନାହିଁ, ସେମାନେ ଗାଁ ଦାଣ୍ଡରେ ଗାଈ ବଳଦ ନେଇ ବାନ୍ଧନ୍ତି । ଗୋରୁ ମୂତ ଓ ଗୋବରରେ ରାସ୍ତା ଚଟଚଟ ଓ ପଙ୍କୁଆ ହୋଇଯାଇଛି । ହ’ଗୁରୁଣ୍ଠା ଛୋଟ ଛୋଟ ପିଲା ବାନା ମାନସିହ ବାଡ଼ପାଖକୁ ଧାଆଡ଼ ହୋଇ ବସି ଝାଡ଼ା ଫେରୁଛନ୍ତି । ଗାଁଦାଣ୍ଡରେ ବାଟକୁ କରି କିଏ ଜଣେ ପଥର ଆଣି ଜମେଇଛି । ଚଇତ ମାସ ପଶନ୍ତି, ଖରା ଉପୁଡ଼ା ସରିଲେ ଘର ଛଆଣି ଆରମ୍ଭ କରିବ । ବେହେରା ଡାକ ଶୁଭୁଛି—ଗାଈ ଫିଟେଇ ଦିଅ—ଗାଈ ଫିଟେଇ ଦିଅ । ଗୋଠକୁ ଯିବେ ବୋଲି ଗାଈ, ବଳଦ, ଛୁଆ, ଛେଳି, ମେଣ୍ଢା ଓ ବାଛୁରୀ ଆସି ଜମା ହେଲେଣି । ହମା—ହମା ରଡ଼ିରେ ଗାଁ ଉଚ୍ଛୁଳି ପଡ଼ୁଛି । ଧୂଳି ଉଡ଼ି ଗାଁଯାକ ଭର୍ତ୍ତି ହୋଇଗଲାଣି । ସବୁ ଗୋରୁଗାଈ ବାହାରି ଆସିଲେ ଗଉଡ଼ ସେମାନଙ୍କୁ ଅଡ଼େଇ ନେଇ ଗୋଠରେ ଛାଡ଼ିଦେବ । ଦିନଯାକ ଚରି, ବୁଲିବୁଲି କରି ଫେରିଲା ବେଳକୁ ମୁହଁ ସଞ୍ଜ । ଜଣେ ଜଣେ ଲୋକ ଗିଲାସଟିଏମାନ ଧରି ଛୁଟିଛନ୍ତି ଗଉଡ଼ ଘରଆଡ଼େ । ଦୁଧ ଟିକିଏ ଆଣିଲେ ଚା’ କରିବେ । ଚମ୍ପି ଗୁଡ଼ିଆଣୀ ବରା ଛାଣିଲାଣି । ଗରମ ଗରମ ବରା ସାଙ୍ଗକୁ ଲଙ୍କାମରିଚ ଦିଆ ସୋଲସିଝା, ମୁଢ଼ି ଆଉ ଉଖୁଡ଼ା । ଯିଏ ଯେତେ ଚା’ କରିବ, ଚମ୍ପି ଗୁଡ଼ିଆଣୀ କାଠିରେ ହବନ । ପଞ୍ଚୋହବ ଲୋକ ଚା’ ଦୋକାନରେ ଯାଇଁ ବସିଛନ୍ତି । କାଳିଆ ସାଆନ୍ତରା ଅନେକ ବେଳୁ ସେଇଠି ବସି ରହିଛି । ଉଠିବାକୁ ଇଚ୍ଛା ହଉନି । ଆଖି ତା’ର ଘରଆଡ଼େ ଘୂରିବୁଲୁଛି । ଦୋକାନ ଭିତରେ ଆଉ ବାହାରେ । ଅଗଣାରେ ସେବକ୍ଷି ଗାଧେଇ ସାରି ଆସି ଖରାକୁ ବାଳ ଦେଖେଇ ମୁଣ୍ଡ ଶୁଖଉଛି । ସୁନ୍ଦର ଲାଗୁଛି । ପାନିଆ ଧରି ମୁଣ୍ଡରେ ପାତା ପକଉଛି । ଦାଣ୍ଡରେ ଉଦିଆ ପରିଡ଼ା, ସୁବଳ ଦଳବେହେରା ଓ

ସୁଦାମବାବୁ । ଚା'ଠା ଖାଇ ସାରିଲେ ସେମାନେ ଚାଲିଯିବେ । ଗାଁଆ ଦାଣ୍ଡେ ଦାଣ୍ଡେ ଅଶୀ ବରଷର ବୁଢ଼ୀ ଅଇଁଠା ବୋଉ ଗୁଡ଼ଆଣୀ, ପଣତ ଭିତରେ ବାଉଁଶିଆ ପୂରେଇ ଗୋଡ଼କାଟି ଚାଲି ଯାଉଛି । ବାଉଁଶିଆ ଭିତରେ ମୁଡ଼ି, ରାଶିକୋରା, ନଡ଼ିଆକୋରା, ଆରିଷା-ପିଠା ଓ ସୋଲପୁଆ । ଦାଣ୍ଡପିଣ୍ଡାରେ ବସି କେତେଲୋକ ଦାନ୍ତ ଘଷୁଛନ୍ତି । ଜଣେ ଜଣେ ଗୁଡ଼ାଖୁ ମେଞ୍ଚେଲେଖେଁ ଧରି ନଈକୂଳ ଆଡ଼େ ଯାଉଛନ୍ତି । ଜଣେ ଜଣେ ହୁଡ଼ ଠାଣିବାରେ ଲାଗି ପଡ଼ିଲେଣି ।

ଦାନ୍ତ ଘଷିସାରି ଗୋକୁଳବାବୁ ଚମ୍ପତିରାୟଙ୍କ ଘରଆଡ଼େ ଚାଲିଲେ । ଖରା ଠାଣି ଧରି ଆସୁଛି । ତାଙ୍କ ନିଜ ଛାଇଠା ଲମ୍ବି-ହୋଇ ଗାଁ ଦାଣ୍ଡରେ ପଡ଼ିଛି । ଡାହିଆ ବାଉରି ମକଦ୍ଦମା, ଧାନଚୋରି ଓ କଟକ ଯିବା କଥା । ନରଣପୁର ହୋଇ ସନ୍ଧ୍ୟାବେଳକୁ ସେ ମାଛଗାଡ଼ି ଧରିବେ । ଛାଇଠା ତାଙ୍କର ଅନେକ ଦୂର ଯାଏଁ ଲମ୍ବି-ଯାଇଛି । ଅନେକ ଆଡ଼ୁ ଅନେକ କଥା ଭାବି ଭାବି ଓ ନିଜର ଛାଇ କୁଦି କୁଦି ଗୋକୁଳବାବୁ ସୁଦାମବାବୁଙ୍କ ପାଖରେ ଯାଇଁ ପହଞ୍ଚିଗଲେ ।

ଉଦିଆ ପଣଡ଼ା ଘରଆଡ଼େ ମୁହେଁଇଲା । ସୁଦାମବାବୁଙ୍କ ଓଠରେ ହସ ଟିକଏ ଲାଖିଗଲା । ଗୋକୁଳବାବୁଙ୍କ ଓଠରେ ବି ହସ ।

କୁଆଡ଼େ ଚାଲିଲେ—ସୁଦାମବାବୁ ପଚାରିଲେ ।

ଆପଣଙ୍କ ପାଖକୁ । ଚାଲନ୍ତୁ ବାପାଙ୍କ ପାଖକୁ ଯିବା । ବାପା ଯେବେ ସେ ଧାନଚୋରି କଥାଟା ନ ବୁଝନ୍ତି, ତା'ହେଲେ ଲୋକେ ବଡ଼ ହଇରାଣ ହୋଇଯିବେ । ଆଜି ବଇଁଶି ମାନସିଂହ ବିଲରୁ କିଏ ଧାନ ଚୋରେଇ ନେଲା, ସେକଥା ଯେବେ ବିଚାର ନ କରାଯାଏ କି ଧାନ ଜଗିବାକୁ ଲୋକେ ଆଜିଠାରୁ କୌଣସି ବ୍ୟବସ୍ଥା ନ କରନ୍ତି

ତା'ହେଲେ ସେଇ ବଇଁଶି ମାନସିଂହ ଓଲଟି ପଡ଼ିବ । ଅନ୍ୟ କାହ ବିଲରୁ ଧାନ ଚୋରିକରି ଆଣି ସେ ତା'ର ରାଗ ମେଣ୍ଟେଇବ । ଯାହାର ଚୋରିଯିବ, ସେ ଆଉ କାହାର ଚୋରି କରିବ । ଚୋ ଏମିତି ବଢ଼ି ଚାଲିବ । ଚୋରି ସାଙ୍ଗକୁ ଫଉଦାରି, ମୁଣ୍ଡ ଫଟାଫଟି, କଳିକଜିଆ ଓ ଅଶାନ୍ତ । ଆପଣ କ'ଣ ଭାବୁଛନ୍ତି—

ମୁଁ ଆଉ ଭାବିବି କ'ଣ ? ଆପଣ ଯାହା ଯାହା ସବୁ କହୁଛନ୍ତି ସେସବୁ ଅକ୍ଷରେ ଅକ୍ଷରେ ସତ । କହିବା ସାଙ୍ଗେ ସାଙ୍ଗେ ସୁଦାମ-ବାବୁ ଏଣେ ଭାବିଚାଲିଛନ୍ତି—ଇଏ ଜଣେ ଆର ଗାଁର ଲୋକ, ଏ କାଇଁ ଆସି ଭଲଲୋକ ସାଜୁଛନ୍ତି ? କିନ୍ତୁ ଗୋକୁଳବାବୁଙ୍କର ଭଦ୍ରାମି ତାଙ୍କର ପାଠପଢ଼ା, ଧୀର ସ୍ୱଭାବ ଓ ଆଜ୍ଞା ଆପଣ ଡକା, ସେଥି ବଳିଯାଇ ତାଙ୍କୁ ଗୋଟେ କଥା କହିଦବାର ସତ୍‌ସାହସ ସୁଦାମ-ବାବୁଙ୍କର ନଥିଲା ।

ଚାଲନ୍ତୁ ଯିବା—ବାପା, ବୋଧେ ଦାଣ୍ଡଦୁଆରେ ବସି ଦା ଘଷୁଥିବେ ।

ଲୋକ କୁଆଡ଼େ ଗଲା ? ଗୋକୁଳବାବୁ ପଚାରିଲେ ।

ମୁଁ ତ ଜାଣିନ । ଲୋକ କଥା ଶୁଣିବାକୁ ସୁଦାମବା ମୋଟେ ଭଲ ପାଉ ନଥିଲେ । କହିଲେ—ଗୋକୁଳବାବୁ ଆ ଘରେ ଆପଣ ଆଜି ଚୁଁଠା ଖାଇବେ ।

ଖୁବ୍ ଭଲ କଥା ।

ସୁଦାମବାବୁ ଚାଲିଲେ ଆଗେ ଆଗେ । ଗୋକୁଳବା ପଛେ ପଛେ ।

ଗୋକୁଳବାବୁ କହିଲେ—ସୁଦାମବାବୁ, ଆପଣଙ୍କୁ ଗୋ କଥା ପଚାରିବି । କିଛି ଖରାପ ଭାବିବେନି ।

କ'ଣ କହୁନାହାନ୍ତି—

ରାମ ମିଶ୍ରଙ୍କ ନାଁରେ ମକଦ୍ଦମା ନକର କଥାଟା ଆପଣଙ୍କ ବାପାଙ୍କର ଭଲଲୋକରେ ଭୁଟେଇ ଦେଲେ ଭଲହୁଅନ୍ତାନି ?

ଖୁବ୍ ଭଲ କଥା । କିନ୍ତୁ ଏମାନେ ସବୁ ଯାହା ହଉଛନ୍ତି, ଏମାନଙ୍କୁ ଝିଂଗୁରଥର କଟକି ବାଳିରେ ନେଇ ବୁଲେଇ ନ ଆଣିଲେ ଏମାନେ ସାଧୁ ହେବେନି ।

ଉଦ୍ଧଆଟା କ'ଣ ଭଲ ଲୋକଟିଏ ?

ସମସ୍ତେ ଏକା ସମାନ । ଗୋକୁଳିବାବୁଙ୍କର ଏ ପ୍ରକାର କଥା ସୁଦାମବାବୁଙ୍କୁ ଭଲ ଲଗୁ ନଥାଏ ।

ଗୋକୁଳିବାବୁ କହିଲେ—ଆଉ ଗୋଟେ ଗୁପ୍ତ କଥା ଅଛି । ଶୁଣ ପକେଇଲେ, କାହାକୁ କହିବେନି ତ ?

ମତେ କ'ଣ ଅବିଶ୍ୱାସ କରୁଛନ୍ତି ?

ମୋଟେ ହେଲେ ନୁହେଁ ।

ଦିହେଁ ଯାଇଁ ସୁଦାମବାବୁଙ୍କ ଘରର ପଥର କୋଠା ପାଖରେ ପହଞ୍ଚିଲେ ।

## —ଷୋହଳ—

ଦାନ୍ତକାଠି ଖଣ୍ଡେ, ଗଇଁଠାପାଉଁଶ ଟିକିଏ ଓ ପାଣି ଡାଳେ ନେଇ, ଲୋକ ଭଗବତ ଘର ପିଣ୍ଡାରେ ଥୋଇଦେଇ ଆସିଲା । ଗୋକୁଳବାବୁଙ୍କ ଦାନ୍ତଘଷା ସରୁ ସରୁ ସେ ଟିକିଏ ଘରଆଡ଼େ ଯାଇଁ ବୁଲି ଆସିବ । ଘରେ ଆସି ବୋଉଠୁ ଶୁଣିଲା—ବାପା କାଲି

ରାତିରେ ଘରକୁ ଆସିନାହାନ୍ତି । ବେଳ ଆସି ଘଡ଼ିଏ ହବ ହେଲଣି ତଥାପି ତାଙ୍କର ଦେଖାନାହିଁ । କୁଆଡ଼େ ଆଉ ଯାଇଥିବେ ? ସୁଦାମବାବୁଙ୍କ ସାଙ୍ଗେ ଚାଲିଥିବ କେତେ ବୋଲି କେତେ ଆଡ଼ର ମସୁଧା ! ରାତିସାରା କ'ଣ ସେ ଶୋଇଥିବେ ? ଲୋକ ମୁଣ୍ଡ ପୋତି ଅଳ୍ପ ଭୁଜ ରହିଲା ।

ବସିଥିବେ ଏଇନେ ଚମ୍ପି ଗୁଡ଼ିଆଣୀ ଦୋକାନରେ । ଧନ୍ୟ ସେ ଚମ୍ପି ଗୁଡ଼ିଆଣୀ । ଧନ୍ୟ ତା' ଗୁହା । ବୁଢ଼ା ଆସି ହେଲେଣି । କାଲିକି କାଲି ପୁଅ ବାହା କରିବେ । ନାତିନାତୁଣୀ ଦେଖିବେ । ସଦାବେଳେ ସେଇ ଗୁଡ଼ିଆଣୀ ଦୋକାନ ଓ ବାଡ଼ି । ବୁଝିଲୁ ପୁଅ— ଅଫିମ ବି ଏବେ ଚାଲିଲାଣି । ଚମ୍ପି ଗୁଡ଼ିଆଣୀ କି ଗଦ ମୁଙ୍ଘେଇଲା, କି ମନ୍ତ୍ରଯନ୍ତ୍ର କଲା କେଜାଣି, ଗୁଣଦେଲା ଭଳି ମୋଟେ ହେଲେ ତା' ଦୋକାନ ସେ ଛାଡ଼ୁ ନାହାନ୍ତି । ମୁଅଁଟା ମୋର ଇଆଡ଼େ ବଡ଼ ହାଇରାଣ ହେଲାଣି । ପୁଅ ମୋର ହଳପାଳ କରିବ, ଧାନ କାଟିବ ନା ଧାନ ଅମଲ କରିବ ? ଇଏ ବସି ଭୋଜନ ପକେଇବେ ଓ ଲମ୍ବା ଲମ୍ବା କଥାମାନ କହିବେ । ସରଗରୁ ତୋଳ ଆଣିଲା ଭଳି କଥା । ଋଇଥା ଆଉ । ଖାଇବାଟା ବନ୍ଦକରି ଦଉଛି । କୋଉ ମାଇପ ଖାଇବାକୁ ଦବ ଆଜି ଦେଖିବ ।

ଲୋକବୋଉ ଗୋଟେ ଡ଼ାଲିଆରେ ଚୂଲୀରୁ ପାଉଁଶ କାଢ଼ୁ କାଢ଼ୁ ଏ ସବୁ କହି ଚାଲି ଥାଆନ୍ତି । ଏଡ଼େ ବଡ଼ ଘର । ଉପର ଅଗଣାରୁ ତଳ ଅଗଣା । ଖଳା ବାଡ଼, ବାରଆଡ଼ ଓ ଘର ଦୁଆର ଓଳିଆ ପୋଛିଆ କରି, ଚୂଲୀରୁ ପାଉଁଶ କାଢ଼ି, ଚୂଲୀ ଲିପି, ଗୁହାଳ ପୋଛି, ବାଡ଼ରୁ କଇଁଆ ଦାନ୍ତକାଠି ଖଣ୍ଡେ ଭାଙ୍ଗି ପୋଖରୀକି ଗାଧେଇଗଲା ବେଳକୁ, ବେଳ ଆସି ହ' ଘଡ଼ି ହୋଇଯାଏ । ଗବ ଗରା, ମାଠିଆ ମାଠିଆ କରି ପୋଖରୀରୁ ପାଣି ଆଣିବା, ଗୋଛି

ନିଚ୍ଛେଇବା, ବାନ୍ଧିବା, ତାଙ୍କ ଆଗରେ ପାଳ ପକେଇବା, ଦହଣ୍ଡି ଖାଇବାକୁ ଦବା, ଧାନ ଉଁସେଇବା, ହେଁସରେ ନେଇ ଶୁଖେଇବା, ଧାନ ଘାଣ୍ଟିବା ଓ ଧାନ କୁଟିବାଠୁ ଆରମ୍ଭ କରି ଘରର ସମସ୍ତିଙ୍କି ଖାଇବାକୁ ଦବା ଆଦି କାମ କରୁକରୁ ସକାଳ ପାଇ କେତେବେଳେ ଯେ ରାତି ହୁଏ ସେ ଜାଣି ପାରନ୍ତିନି । ଶଶୁର ବୁଢ଼ାଙ୍କ ପାଇଁ ଟିକିଏ ଅଲଗା କାମ । ତାଙ୍କୁ ଚୂନ ପତର ଦବାଠୁ ଆରମ୍ଭ କରି ତାଙ୍କର ଭଲମନ୍ଦ, ଖିଆ ପିଆ, ଦେହମୁଣ୍ଡ ସବୁ ସେ ବୁଝନ୍ତି । ବୁଢ଼ା ବୋଉ ଉପରେ ଭା— ରି ଖୁସି । ପୁଅଟେ ବି ସେମିତି ଜନ୍ମ କରିଛି । ହେଲେ କାଳିଆଠା କୁଳାଙ୍ଗାରଟେ ପଡ଼ିଲା । କାହାର ଧୋଇ ଗଲା କି ମରୁଡ଼ି ଗଲା, ଆମର ଯାଏ ଆସେ କ'ଣ ? ପର କଥାରେ ଆମେ କାହିଁ ଏତେ ମୁଣ୍ଡ ଖେଳେଇବା ? ପୁଣି ସମସ୍ତଙ୍କ ସାଙ୍ଗେ ବାଧୁଛା । ଘରର କାହାକୁ ହେଲେ ଏ କଥା ଭଲ ଲାଗେନି । ଲୋକ ବୋଉ ଅନେକ ଦିନ ଧରି ଲୋକ ବାପାଙ୍କୁ କଥାବାର୍ତ୍ତା କରନ୍ତିନି । ଭାତ ଦବାର କଥା—ପିଢ଼ା ପକେଇ ଭାତ ଥାଳିଟା ଆଣି ଆଗରେ କରି ଦିଅନ୍ତି । ଡାଲି କି ତର୍କାରି ଟିକା ଥୋଇଲା ବେଳେ ଇଡ଼ିପାଏ । କାନ୍ଥକୁ, ବାଡ଼ିକୁ ଦେଖେଇ କ'ଣ ଦିଆ ହବ ବୋଲି ପଚାରନ୍ତି । ରାତିରେ ଶଶୁର ବୁଢ଼ାଙ୍କୁ ଘଷି ଦେଇ ସାରିଲା ପରେ ବେଲାରେ ଭାତ ରଖି ତାଙ୍କୁ ଘୋଡ଼େଇଦେଇ ଥୋଇଦିଅନ୍ତି । ନିଜ କାମଦାମ ସାରି, ଦୁଆର କିଳି, ଘରେ ମାଳଟିକି କୋଡ଼ରେ ଧରି ଯାଇ ଶୁଅନ୍ତି । ବଡ଼ ଝିଅ ଯୋଡ଼ିକ ପାଖକୁ ଲାଗି ଶୋଇ ଥାଆନ୍ତି ।

ମାଳକୁ ସାତ ବରଷ । ପିଲାଟିଏ । କ'ଣ ସିଏ କରିବ । ତଥାପି ବୋଉର ପିଚ୍ଛୁ ଧରିଥିବ । ଘର ପୋଛେଇ ଦଉଥିବ, ଅଇଁଠା ଗୋଟେଇ ନଉଥିବ, ଡାଳି ଡାଳି କରି ପୋଖରୀରୁ ପାଣି ବୋହି

ଆଣୁଥିବ । ମନାକଲେ ସେ ଶୁଣିବନି । କରି ଲାଗିଥିବ । ମାଇକିନିଆ ପିଲା । ପର ଘରକୁ ଯାଇ ହାଣ୍ଡି ଧୋଇ ଖାଇବାକୁ ତାଙ୍କର ଜନମ ।

ଲୋକ ବାରିଆଡ଼େ ଚାଲି ଯାଉଥିଲା । ବୋଉ, ପଛରୁ ଡାକ କହିଲା—ବୁଝିଲୁ ପୁଅ, ତୁ ତ ଆସି ବଡ଼ ହେଲୁଣି । ସମସ୍ତଙ୍କର ଇଚ୍ଛା । କେତେ ତ ଅନେଇ କରି ବସିଛନ୍ତି । ତାଙ୍କର ବି ସେଇଟି ଇଚ୍ଛା । ବାପା ମନାକଲେ, ମନା କରୁଥାଆନ୍ତୁ । ମୁଁ ଗଉଣୀ ପାଇଁ ରାଘବ-ପରିଡ଼ା ଘରେ ଜବାବ୍ ଦେଇଦଉଛି । ଏକେଲା ଲୋକ । ଏତେ ଏତେ କାମ ଆଉ କରି ପାରିବନି । ବେମାର ହୋଇଯିବ । ବୋଉ କହି ସାରି ବାହୁନିବାକୁ ଆରମ୍ଭ କରିଦେଲା ।

ଲୋକ ହଁ କରି ପାରିଲାନି କି ମନା କରି ପାରିଲାନି । ଏତିକି କହିଲା—ତତେ ଯାହା ଭଲ ଦିଶିବ କରିବୁ, ମତେ ଆଉ ପଚାରୁଛୁ କ'ଣ ? ମୁଁ ଯାଉଛି, ଗୁଡ଼ିଆ ଘରୁ ଜଳଖିଆ ଯାହାଥିବ ଆଣିବି । ତୁ ଗାଈ ଟିକିଏ ଦେଖି ଦେଇ ଚୁଲି ବସେଇ ଦେ । ମୁଁ ଏଇ ସାଙ୍ଗେ ସାଙ୍ଗେ ଆସୁଛି । ଲୋକ ପୋଖରୀ କୂଳ ଆଡ଼େ ଚାଲିଲା । ଦାନ୍ତଟା ଆଗ ଘଷି ପକେଇବ । ତୁ' ଜଳଖିଆ ଖାଇ ସାରିଲା ପରେ ଗୋକୁଳବାବୁ ଓ ସେ ସାଙ୍ଗ ହୋଇ ନଈକୂଳ ଆଡ଼େ ଝାଡ଼ା ଯିବେ ।

ଲୋକ ପୋଖରୀ କୂଳରେ ଯାଇ ଦେଖିଲା ପାଣି ଉପରେ ଗୋଟେ ସର ପଡ଼ି ଯାଇଛି । ପୋଖରୀଯାକ ଦଳରେ ଭର୍ତ୍ତି । ଦଳ ଉପରେ ଦି' ତିନିଟା ହଳ କାଣ୍ଠିଆ ବଗ, ମାଛକୁ ଅନେଇ ବସି ରହିଛନ୍ତି । ଦଳ ଟିକିଏ ଆଢ଼ୁଆଳ ହୋଇଗଲେ ପୁଣି ଆସି ଦଳ ଉପରେ ବସି ଯାଉଛନ୍ତି । ତୁଠରେ ବସି ଦି' ତିନି ଜଣ ଦାନ୍ତ ଘଷୁଛନ୍ତି । ପାଣିକି ଖଙ୍କାରି, ଛେପ ଓ ଅଇଁଠା ଦାନ୍ତକାଠି ପକେଇବାରେ ଏମାନେ ଅଭ୍ୟସ୍ତ । ଲୋକ, ଅଣ୍ଟୁଟିଆ ହୋଇ ଗୋଟେ ବାଲି ଜାଗାରେ ପାଣିରୁ ସର କାଢ଼ି ଦେଇ କୁଳୁକୁଳୁ

କଲା । ପାଣି ଆଡ଼େଇ ଦବାରୁ ଦଳ ଟିକଏ ଦୂରକୁ ଘୁଞ୍ଚିଗଲା । ଜଭ ଛେଳ କୁଳୁକୁଞ୍ଚା କଲା ବେଳକୁ ଆରପଟେ ଆଉ ଜଣେ ଲୋକ ଆସି ଶଉଚ ହେଲାଣି ।

ଲୋକ ମନଟା କାହିଁ କେମିତି ଖରାପ ହେଇଗଲା । ଗୋକୁଳ-ବାବୁ କହୁଥିଲେ—ଗାଁର ପିଇବା ପାଣିଟାକୁ ଆଗ ଭଲ ରଖିବା ଦରକାର । ନୋହିଲେ, ରୋଗ ଓ ଦେହ ବ୍ୟସ୍ତ ଏମିତି ଲାଗି ରହିଥିବ । ପ୍ରକୃତ କଥା—ଲୋକେ କ'ଣ ଏ ବିଷୟ ବୁଝୁ ନାହାନ୍ତି ? ବୁଝୁଛନ୍ତି । କିନ୍ତୁ କରୁଛି କିଏ । ଜଣେ କିଏ ଯେବେ କହିଲା—ଗାଁ ପୋଖରୀଟା ଉଖାଳିବା, ତା' ହେଲେ ପଞ୍ଚେ ମାମଲତକାର ତା ଭିତରେ ପଶି, ଲୋକଙ୍କଠୁ ଚାନ୍ଦା ସଂଗ୍ରହକରି, ବଡ଼ ବଡ଼ କଥାମାନ କହି, ଦରଖାସ୍ତରେ ଗାଁ ବାଲାଙ୍କ ଦସ୍ତଖତ ଆଣି, ଟଙ୍କାତକ କେମିତି ଚକେଇଦେବେ, ଏଇ ହେଲା ମୂଳ କଥା । ଯିଏ ସମସ୍ତିଙ୍କି ଠକି ପାରିଲା, ମିଛ କହି ପାରିଲା, କୋର୍ଟ କଚେରୀକି ଯାଇ ପାରିଲା, ପରଧନ ଖାଇ ପାରିଲା ଓ ପର ଘର ବୁଡ଼େଇପାରିଲା, ସେଇ ହେଲା ଏ ସମୟରେ ଗୁଣିଲୋକ୍ ଲୋକ ।

ଦାନ୍ତଘଷା ସାରି ଲୋକ ବନ୍ଧ ଉପରକୁ ଉଠି ଆସିଲା ବେଳକୁ ମାଗା ପଧାନ ସେ ଆଡ଼ୁ ଧାଇଁ ସାଇଁ ହୋଇ ଧାଉଁଛି । ଲୋକ ହାତ ଦି' ଟାକୁ ଧରି ପକେଇ ସେ କହି ଲାଗିଲା—ପୁଅ ଲୋକ, ତୁ ଟିକଏ ନ ବୁଝିଲେ ହବନି । ଗାଁରେ ଏତେ ଭଲଲୋକ ବସୁଛନ୍ତି ମୋ ପାଇଁ କ'ଣ ଭଲଲୋକ ନାହାନ୍ତି ? ତୁମେମାନେ ଥାଉ ଥାଉ ବୁଢ଼ାଟା ନଖାଇ ନପିଇ ଏମିତି ମରିଯିବ ?

କଅଣ ମଉସା ? କହୁନ, ତମର କ'ଣ ହେଇଛି ? ଲୋକ ପଚାରୁ ପଚାରୁ ଦେଖିଲା—ବୁଢ଼ାର ଦି' ଆଖିରୁ ଲୁହ ଦି' ଧାର ଗଡ଼ି ଆସୁଛି ।

ପିନ୍ଧିଥିବା ମଇଳା ଗାମୁଛାଟାରେ ଲୁହ ପୋଛିଦେଇ ବୁଢ଼ା କହି ଚାଲିଲା—ପିତୃ ଅର୍ଜିତ ଜମି ବୋଲି ଥିଲା ପାଞ୍ଚ ମାଣ । ମୁଁ ଜୀବନଯାକ ଖଟି ଖଟି, କେତେ ଫନ୍ଦି ଫିକର କରି ଆଉ ପନ୍ଦର ମାଣ ସେଥିରେ ମିଶେଇଛି । ସେଇଥିପାଇଁ କଲିକତାରେ କୁଲିଗିରି କରିଛି । ଗାଁରେ ବଢ଼େଇ କାମ କରିଛି । ଭଡ଼ା ଶଗଡ଼ ବୋହିଛି । ପେଟକୁ ବି ଭଲ କରି ଗଣ୍ଡେ ଖାଇନି । ପଇସା ଖର୍ଚ୍ଚ ହୋଇଯିବ ବୋଲି ପାନ କି ଚୂନପତ୍ର ଟିକିଏ ପାଟିରେ ପକାଏନି । କେତେ ପ୍ରକାରେ ଆତ୍ମାକୁ କଷ୍ଟ ଦେଇ ମୁଁ ତିଆରି କରିଥିଲି ପନ୍ଦର ମାଣ ଜମି । ବୁଢ଼ା 'ବେଳକୁ ମୁଁ ପୁଣି ଖାଇବାକୁ ପାଇଲିନି । ସତ କହୁଚି ପୁଅ— ଚାରିମାସ ଧରି ବେଳକେ ଛଡ଼ା ଦି' ବେଳ ମୁଁ ଖାଇନି । ଆଜି ଛଅଣା ଥିଲେ କାଲିକି ଲୁଣ ନାହିଁ । କେତେ ଦିନ ଏମିତି ବଞ୍ଚି ପାରିବି ? ମୋ'ର ପୁଅ ପୁଣି ଏମାନେ । ମୋଠୁ ଏମାନେ ଜନମ । ଏମାନେ ପୁଣି ମୋତେ ଉପାସ ରଖିଛନ୍ତି । ଏଣେ ମାଇପମାନଙ୍କ ବେକକୁ କୁରୁଜାତକ ମାଳି କ'ଣ ଦେଖିବ, ଗୋଡ଼କୁ ପାଉଜି କଣ ଦେଖିବ । ତା ସାଙ୍ଗକୁ କୁମ୍ଭପକା ପେଟା । ଖଣ୍ଡେ ଓଡ଼ିଶା କନା ବି ପୁଣି ମତେ ମିଳିଲାନି ।

ବୁଢ଼ା ଆଖିରୁ ଲୁହ ବୋହିଯାଉଥିଲା । ତା ମନ ଭିତରର ପାଚିଲା ଲୁହା ଭଳି ଲାଲ ଟହଟହ ରାଗ ଆଖିବାଟେ ଅବା ତରଳି ପଡ଼ୁଥିଲା । ଯେତେହେଲେ ନିଜ ପୁଅ ତ । ନିଶ୍ୱାସ ପକେଇଲେ, ଲୁହ ଗଡ଼େଇଲେ କି ଅଭିଶାପ ଦେଲେ ସେମାନଙ୍କ ଉପରେ କାଳେ ପଡ଼ିଯିବ ? ବୁଢ଼ା ପାଟି ଫିଟେଇ କିଛି କହି ପାରୁନି, ଏଣେ ଦୁଃଖ ଆଉ ଭୋକ ଉପାସରେ ସଢ଼ି ସଢ଼ି ଯାଉଛି ।

ହେଲା କ'ଣ ମଉସା ? ତୁମକୁ ଗୋଲଖ, ବାରି ଓ ହରିଆ କ'ଣ ପଚାରୁ ନାହାନ୍ତି ?

ଅଣ୍ଟାଟା ଚିପିଧରି ମାଗା ପଧାନ ତଳେ ବସିପଡ଼ିଲା । ବୁଢ଼ା, ଲୋକ ହାତ ଧରି ସେଇଠି ପୋଖରୀ ହୁଡ଼ା ଉପରେ ବସେଇଦେଲା । ଲୋକ ଡରିଡରି ହଉଚ୍ଛି । ଗୋକୁଳବାବୁ ଏଣେ ଅପେକ୍ଷା କରିଥିବେ ।

ଲୋକ, ତୁ ତ ମୋ'ର ପୁଅ । ଶୁଣିଲୁଣି—ମୋର ଦୋଷ ହେଲା ଏତିକ । ବଡ଼ ବୋହୂ ଓ ମଝିଆ ବୋହୂଙ୍କୁ ଘରକୁ ଆଣିଲା ବେଳେ ମୋ ଉପାର୍ଜନରୁ ସେମାନଙ୍କ ପାଇଁ ପାଁ'ଶ ଲେଖାଏ ଟଙ୍କାର ଅଳଙ୍କାର କରିଦେଇଥିଲି । ଦୁହିଁଙ୍କ ବେକକୁ ଗୋଟେ ଗୋଟେ ଧାନୁଆ ମାଳି, କାନକୁ କାନଫୁଲ ପେଣ୍ଡି, ମୁଣ୍ଡକୁ ପାନ କେତକୀ । ସାନ ପୁଅ ହରିଆଟା ତ ପିଲା । ବାହା ହବାର ବରଷେ ଖଣ୍ଡେ ହବ । ମୋ'ର ତ ବଳ ବୟସ ଆଉ ନାହିଁ । ରୋଜଗାର ବି କରୁନି । ପଇସାଟିଏ ଆଣିବାକୁ ସମର୍ଥ ନାହିଁ । ମୁଁ କହିଲି—ଜମି ଦି' ମାଣ ହବ ବିକିଦେଇ ସାନ ବୋହୂପାଇଁ ଅଳଙ୍କାର କିଣିଦେବି । ପୋଖରୀ ପାଖ ଜମି ନେଇ ଆମର ଯୋଉ ମକଦ୍ଦମା ଲାଗିଥିଲା, ସେଥିସକାଶେ ଟଙ୍କା ଛ'ଶ ପଚିଶ ମୁଁ କରଜ କରିପକେଇଚ୍ଛି । କିନ୍ତୁ ସେମାନଙ୍କ ପାଇଁ ସୁଦ୍ଧ ସୁବର୍ଣ୍ଣ ଜମି କମେଇ ଯାଇଚ୍ଛି । ବଜାରି ଆଠ, ନ'ହଜାର ଟଙ୍କାର ସମ୍ପତ୍ତି । ନଈ କୂଳିଆ ଜମି । ସେମାନେ କହିଲେ— ଟଙ୍କା ଶୁଝିଲେ ଆମେ ଜମି ବିକେଇ ଦବୁନି କି ଜମି ବିକଲେ ଆମେ ଟଙ୍କା ଶୁଝିବୁନି । ଦିନେ ତାଙ୍କର ମୋ'ର ଏଇ ବିଷୟ ନେଇ ଦି'ଗୁଟିପଦ ବୋଲିବୋଲି ହେଇଗଲା । ମୁଁ କହିଲି—ମୋ'ର ଜମି, ମୁଁ ସାନ ପୁଅକୁ ଦିଏ, ବନ୍ଧା ପକାଏ, କି ବିକେ ଯାହାଙ୍କେ, ତୁମର ସବୁ କ'ଣ ଅଚ୍ଛି ? ବୁଝିଲୁ ପୁଅ ଲୋକ, ବଡ଼ ବୋହୂଟା ଟିକିଏ ହେଲେ ରକ୍ଷା ଅଚ୍ଛି । ମଝିଆଁ ବୋହୂଟା ଗୋଟେ କଳିହୁଡ଼ି ଆଉ ନଆଁଗିଳ । ଘରେ ଯେତିକ ପାଲି ସବୁ

ତାଆର ଭାଆଣ । ଘଇତାକୁ କ'ଣ ଶିଖେଇ ଦେଲା କେଜାଣି ? ଦି' ଭାଇ ବିଲରୁ ଧାନସବୁ କାଟିଆଣି ବେଙ୍ଗଳା ପକେଇ, ନିଜ ନିଜ ଭିତରେ ବାଣ୍ଟିନେବେ ବୋଲି କହୁଛନ୍ତି । ହରିଆଟା ତ ଦୁର୍ବଳିଆ ପିଲା । ସେ କ'ଣ ସେମାନଙ୍କ ସାଙ୍ଗେ ପାରିବ ? ଦି' ଦିନ ତଳେ ଗହିରରୁ କଞ୍ଚା ଧାନଗୁଡ଼ାକ, ଭଲରୂପେ ପାଚିନ, ସେଗୁଡ଼ାକ କାଟିଆଣି ଦି' ଭାଇ ଭାଗବାଣ୍ଟି ନେଇଗଲେ । କାଲି ସେମିତି ଆଉ ଗୋଟେ ବେଙ୍ଗଳା ପକେଇଥିଲେ । ସାନ ବୋହୂ, ହରିଆକୁ ମତେ ଏକଘରିକିଆ କରି ରଖିଛନ୍ତି । ପାଟିତୁଣ୍ଡ କଲେ, କହୁଛନ୍ତି ଠେଙ୍ଗା—

ମାଗା ପଧାନର ବୟସ ଅଶୀରେ ଆସି ଧାପ ଦେଲାଣି । କଳା ମଚ ମଚ ଦେହରେ ଟୁଡ଼ୁ ଧୁଡ଼ୁ ପାଉଁଶିଆ ଚମ । ମୁଣ୍ଡରେ ଧଳା ବାଳର ଚୁଟି । ମୁହଁରେ ବୋଟିଏ ହବ ରୁଢ଼ । ଦେହରେ ଖଣ୍ଡେ ବାର କୋଚଟ ମଇଳା ଗାମୁଛା । ବାଡ଼ି ନଧରିଲେ ସେ ବାଟ ଚାଲିପାରେନା । ବୁଢ଼ାର ତିନିପୁଅ, ଚାରିଝିଅ । ଝିଅମାନେ ସବୁ ବାହାହୋଇ ସାରିଛନ୍ତି । ହରିଆ ସାନ ପୁଅ । ପଧାନ ବୁଢ଼ୀର ଏଇ ଦି'ତିନି ବର୍ଷ ହେଲା କାଳ ହୋଇଯାଇଛି ।

ଲୋକ ଠିଆହୋଇପଡ଼ି ପଚାରିଲା—ମଉସା କ'ଣ କହୁଛ ବେଗେ କୁହ । ମୁଁ ଯାଉଛି । ତେଣେ ମୋର କେତେ କାମ ପଡ଼ିଛି ।

ମୁଁ ଶୁଣୁଛି—ଆଜି ଗାଁରେ ଚମ୍ପତିରାୟଙ୍କ ଭଲଲୋକରେ ସଭା ବସିବ । ନ୍ୟାୟ ନିଶାପ ହବ । ମୋ' କଥାଟା ବି ସେଥିରେ ପକେଇବ । ବଡ ଦି'ଭାଇ କାହିଁକି ଆମ ସମସ୍ତିଙ୍କି ଏକ ଘରିକିଆ କରି ରଖିଛନ୍ତି ? ଯେବେ କିଛି ନ ହୁଏ ତା' ହେଲେ ବଞ୍ଚି ଥାଉ ଥାଉ କଚେରି ଯାଇ ଜମିକିଛି ବିକ୍ରି କରିଦେବି । ନୋହିଲେ, ମୋ ଅର୍ଜିତ ଭାଗଟିକ ସାନପୁଅ ନାଁରେ କରିଦେବି । ଜୀବନ ଥିଲା ପର୍ଯ୍ୟନ୍ତ ସାନପୁଅ ସାନବୋହୂଙ୍କ ପାଖରେ ଖାଇପିନ୍ଧି ଚଳିଯିବି ।

ମୁଁ ଆଖି ବୁଜି ସାରିଲା ପରେ ଭାଇଭାଇ ଭିତରେ ସେମାନେ ମରାମରି, ହଣାହଣି ଯାହା ହେବେ ହେଉଥାଆନ୍ତୁ । ମୁଁ ତ ଆଉ ଦେଖିବାକୁ ଆସିବିନି ।

ତା' ହେଲେ ସଭା ହେଲାବେଳକୁ ତୁମେ ଆସିବ । ଲୋକ ଏତିକି କହିଦେଇ ସିଧା ଚାଲିଲା ଭଗବତ ଘରଆଡ଼େ । ସକାଳୁ ଆସି ଏତେବେଳ ହେଲାଣି । ଗୋକୁଳବାବୁ କ'ଣ ବୋଲି ଭାବୁଥିବେ କେଜାଣି ? ବୋଉ ସେଆଡ଼େ ଚୂଲା କରିସାରିଲାଣି କି ନାହିଁ ଜଣାପଡ଼ିଲାନି । ଗୁଡ଼ିଆ ଦୋକାନରୁ ତେଣେ ଜଳଖିଆ ଆଣିବାକୁ ପଡ଼ିବ । ଗୋକୁଳବାବୁ କହୁଥିଲେ—ସେ ନରଣପୁର ଦେଇ କଟକ ଯିବେ । ନୋହିଲେ ସିଧା ଏଇଠୁ ନରକାରପୁର ଚାଲିବେ । ତାଙ୍କ ବ୍ୟାଗଟା ବି ସାଙ୍ଗରେ ଆଣିଛନ୍ତି । ଲୋକ ମନେ ମନେ ଠିକ୍ କଲା—ପୋଖରୀ ହୁଡ଼ା ତଳେ ତଳେ ସେ ଶୀଘ୍ର ଯାଇ ଭଗବତ ଘରେ ପହଞ୍ଚିଯିବ ।

ଲୋକ ପୋଖରୀ ହୁଡ଼ାତଳେ ପଡ଼ିଥିବା ସରୁ ରାସ୍ତା ଦେଇ ବେଗେ ବେଗେ ଚାଲିଲା । ହୁଡ଼ା ତଳେ ତଳେ ସାରୁ ଓ ବାଇଗଣ କିଆରୀ । ସାରୁ ପତ୍ର ଓ ବାଇଗଣ ଗଛ ଉପରୁ ଏ ପର୍ଯ୍ୟନ୍ତ କାକର ଲିଭିନି । ଖରା ବାଜି ଶୁଖି ଶୁଖି ଯାଉଛି । ହିଡ଼ ଉପର ଘାସରେ ଲାଗି ରହିଛି ଟୋପା ଟୋପା କାକର । ଗାଁ ବାଟେ ଯାଇଥିଲେ ବୁଲ ପଡ଼ିଥାଆନ୍ତା ।

ଦି'ଚାରି ମାଣ ଜମି ଡେଇଁଲେ ଗାମୁଣ୍ଡିକୁ ଯୋଡ଼ି ଗୋହିରୀଆ ରାସ୍ତାଟା ପଡ଼ିଛି, ସେଇବାଟେ ଗଲେ ଭଗବତ ଘର ଆଡ଼କୁ ସିଧା ରାସ୍ତା । ଲୋକ ସେଇଠି ହେଲାବେଳକୁ ଦେଖିଲା—ସାଧୁଘର ବାରିରେ କିଏ ଜଣେ ଠିଆ ହୋଇଛି । ଦୂରରୁ ଦେଖାଯାଉନି । ମାଇପି ଜଣେ । ଆଉ ଟିକିଏ ପାଖକୁ ଯାଇ ଦେଖିଲା—ଗଉରୀ ଜେଜୀ

ଗଛରୁ କହ୍ଲୀ ତୋଳୁଛି । କଖାରୁଫୁଲଗୁଡ଼ାକ ଆଣି ବାଉଁଶିଆରେ ପୂରେଇଛି । ମୁଣ୍ଡରୁ ତା'ର ଲୁଗା ଖସିଯାଇଛି । ସେଆଡ଼କୁ ଗଉଣୀର ନଜର ନାହିଁ ।

ଲୋକର ପାଦ ଦ'ଣ୍ଡ ଆଉ ଚଳିଲାନି । ତେଣେ ଡେରି ହେଇଗଲାଣି । ଗୋକୁଳବାବୁ କ'ଣ ବୋଲି ଭାବୁଥିବେ ? ଗଉଣୀକୁ ସେ ଡାକିଦବ କି ? ଲୋକ ଗୁହଆଡ଼କୁ ଅନେଇଲା । ନାହିଁ, ଆଉ କେହି କୋଉଆଡ଼େ ନାହାନ୍ତି ତ—

କେହି କୁଆଡ଼େ ନାହାନ୍ତି । ଲୋକର ପାଦ ଆସ୍ତେ ଆସ୍ତେ ପଡ଼ୁଛି । ଭାବୁଛି—ଗଉଣୀ ସାଙ୍ଗେ ଟିକିଏ କଥା ହେଇ ଯାଆନ୍ତା କି ? କଥା ହବାର ତ ତା' ସାଙ୍ଗେ କିଛି ନାହିଁ । ଏଇ ଗଉଣୀ—ଦି'ତିନି ବର୍ଷ ତଳେ ଲଙ୍ଗଳା ହେଇ ଡେଉଁଥିଲା । ଆଗତବର୍ଷ ଘଟଣା— କଥାଟିଏ ଶୁଣିବ ବୋଲି ପାଖକୁ ଲଗିକରି ଆସି ବସିଯାଏ । ହସକଥା ଶୁଣିଲେ ଦୋହ୍ଲାଭଳି ହସେ । କଅଁଳା ବାଛୁରୀ ଭଳି ଡିଆଁଡେଇଁ କରେ, ଦଉଡ଼େ ଓ କୁଦାମାରେ । ସାଙ୍ଗହୋଇ ନରଣପୁର ହାଟକୁ ଯାଏ । ମିଠେଇ କି ଖଜାଟିଏ ପାଇଁ କେତେ ସେ ଅଳି କରେ । ବୋହୂବୋହୂକା ଖେଳେ । ଦଉଡ଼ା ଦଉଡ଼ି ପୁଚି ଓ କାପ୍‌ଡାକାପ୍‌ଡି ।

ଆଜି ସେ ମାଇପି ଭଳି ଦେଖାଗଲାଣି । ଲୋକ କେତେକଙ୍କଠୁ ଶୁଣିଛି—ମାଇକିନିଆ ଝିଅ ଝଟଗଦା । ହସୁଥିବେ, ଡେଉଁଥିବେ, ପିଲାଥିବେ । ଛ ମାସ କି ବର୍ଷକ ପରେ ଦେଖିଲେ ବେଳକୁ ବୋହୂ ଭଳି ଦେଖାଗଲେଣି । ସେମାନଙ୍କୁ ଆଉ ଚିହ୍ନି ହଉନି ।

ଲୋକ ତା' ମନେ ମନେ ଭଗବତ ଘରଆଡ଼େ ଗୁଲୁଛି । କିନ୍ତୁ ଗୋଡ଼ ତା'ର ଗାଧୁ ଘରଆଡ଼େ ପଡ଼ୁଲାଣି । ତା'ର ଖିଆଲ

ନାହିଁ । ଗଉରୀଆଡ଼କୁ ଚାହିଁ ଚାହିଁ ସେ ଚାଲିଛି । କେତେ କ'ଣ ଭ ଭାବ ଚାଲିଛି । ଗଉରୀ ତାକୁ ଅନେଇନ । ମୁଣ୍ଡରୁ ଲୁଗା ଖସି ପିଠି ଉପରେ ଯାଇଁ ପଡ଼ିଲାଣି । ତଳୁ ଉହୁଁକ ପୂଇ ଗଛକୁ ଲଟେଇଥିବା ଜହ୍ନୀ ଗଛରୁ ସେ ଜହ୍ନୀ ତୋଳୁଛି ।

ରାଧୁ ଆସି ପଛପଟୁ ଡାକିଲା—ଲୋକ ଭାଇ ।

ଗଉରୀ ଧହିଁଙ୍କଆଡ଼କୁ ଅନେଇଦେଇ ଝିଅର ଲୁଗାଟା ଆଗ ଟାଣି ନେଲା । ତଳେ ବାଉଁଶିଆଟା ଥୁଆ ହୋଇଛି । ଜହ୍ନୀ, ଭେଣ୍ଡି ଓ କଖାରୁ ଫୁଲରେ ଭରା । ବାଉଁଶିଆଟା ନବାକୁ ତା'ର ନେ ନାହିଁ । ଦଉଡ଼ି ଦଉଡ଼ି ସେ ଘରଆଡ଼େ ପଳେଇଲା ।

ଲୋକ ଚମକି ପଡ଼ିଲା । ଯୁଆଙ୍କ ବାଡ଼ିଆଡ଼କୁ ସେ କେତେବେଳେ ଯେ ଆସିଗଲାଣି ତାର ଖିଆଲ ନାହିଁ । ରାଧୁକୁ ସେ ଟେଳିଇ କରି କହିଦେଲା—ତୋତେ ମୁଁ ଖୋଜିବାକୁ ଆସିଥିଲି ।

କାହିଁକି ?

ଗୋକୁଳବାବୁଙ୍କ ପାଇଁ ଜଳଖିଆ । ତାଙ୍କ ଖିଆପିଆର ବନ୍ଦୋବସ୍ତ । କହୁଥିଲେ—ନରଣପୁରରେ ଯାଇଁ ଖାଇବେ । ଛ ଗାଡ଼ିରେ ଆଜି ସେ କଟକ ଯିବେ । ସେ ଯେତେବେଳେ ଆମ ରେ ରହିଲେଣି, ଆମେ ତାଙ୍କ ପାଇଁ ଖାଇବାଟା ବନ୍ଦୋବସ୍ତ କରିବା ଦରକାର । ମିସ୍ତ୍ରୀ ଚାରି ଚାରିଜଣ ଗଲେ କୁଆଡ଼େ ?

ସେମାନେ ଚାଲିଗଲେଣି । ଗୋକୁଳବାବୁ ସୁଦାମବାବୁଙ୍କ ର ଆଜି ଚା' ଖାଇବେ ।

ତୁ କିମିତି ଜାଣିଲୁ ? ଲୋକ ପଚାରିଲା ।

ସୁଦାମବାବୁ କହୁଥିଲେ ।

ସତେ ? ଲୋକଙ୍କ ଘର ଝୁମି ଲାଗିଲା । ଗଡ଼ଗଣ ଯାଇଥିବା ଦୁଆର ଆଡ଼େ ସେ ଆଖି ବୁଲେଇ ଆଣିଲା । ପଚାରିଲା—ସମସ୍ତେ ତା' ହେଲେ ଚମ୍ପତିରାୟଙ୍କ ଦୁଆର ମୁହଁରେ ? ଆ—ସିବା—

ମୁଁ ଟିକିଏ ଯାଇ ବିଲଆଡ଼େ ବୁଲିଆସେ ।

କେତେ ଡେରି ହବ ?

ଏଇ ସାଙ୍ଗେ ସାଙ୍ଗେ ଆସୁଛି । ରାଧୁ ବିଲଆଡେ ଚାଲିଲା ।

ଲୋକ ଚାଲିଲା ଚମ୍ପତିରାୟଙ୍କ ଘର ଆଡ଼େ । ମନେ ମନେ ଭାବୁଥାଏ—ତା'ର ବି ବିଲରେ ଅନେକ କାମ ଅଛି । ଯୋଉ ଧାନ ଖଣ୍ଡିକମାନ ପାଚି ଯାଇଛି, ତାକୁ କାଟି ଆଣିବାକୁ ପଡ଼ିବ ।

—ସତର—

ଚମ୍ପତିରାୟଙ୍କ ଦୁଆର ମୁହଁରେ କଥା ପଡ଼ିଛି । ବୁଢ଼ା ଏ ପର୍ଯ୍ୟନ୍ତ ଘରୁ ବାହାରି ନାହାନ୍ତି । କିଏ ଜଣେ ବଧାରପୁରରୁ ଆସି ଲାଗେଇଛି, ଟଙ୍କା କରଜ ନବ । ଶୁଦ୍ଧଘର । ମା' ମରିଯାଇଛି। ଦିନ ପନ୍ଦରଟା ଗଲେ ଧାନ ଅମଳ । ସାଙ୍ଗେ ସାଙ୍ଗେ ଧାନ ଦିକ- ଦେଲେ ଦର ହବନି । ସେ କହୁଛି—ଟଙ୍କା ତିନିଶ' ଏଇନେ କରଜ ନବ । ଫସଲ ଆଦାୟ ହେବା ସାଙ୍ଗେସାଙ୍ଗେ ଟଙ୍କାଟଙ୍କା ଶୁଝି ଦବ । ଘଣ୍ଟାଏ ପାଖାପାଖି ହେଲା ସେ ବସିଲାଣି । ଲୋକଟା ଏତେ ଦୂରରୁ ଆସିଛି । ଥରେ ଟଙ୍କା ଓ ଧାନ କରଜ ନେଇଥିଲା। ତା' ଜବାବ ମୁତାବକ ସୁଧମୂଳ କରି ଠିକ୍ ସମୟରେ ସୁଝି

ଦେଇଛନ୍ତି । ସେଇଥିପାଇଁ ଚମ୍ପତିରାୟ ବୁଢ଼ା ତା' କଥାକୁ କାନ ଦଉଛନ୍ତି । ତା' ହେଇ ନଥିଲେ, ମୁଣ୍ଡ ଛିଣ୍ଡିଗଲେ ବି ସେ ଶୁଣନ୍ତେନି । ଜବାବ୍ ଅନୁସାରେ ନେଇ ଦେଇଦେଲେ ରାତି ପାଞ୍ଚପହରେ ବି ସିନ୍ଦୁକ ଫିଟେଇ ଗୁରୁବାର ନାଇଁ, ଅମାସ୍ୟା ନାଇଁ, ସଂକ୍ରାନ୍ତି ନାଇଁ, ସେ ଟଙ୍କା ବାହାରକରି ଦିଅନ୍ତି । ବେଳେ ବେଳେ ଅସମୟରେ, ରାତି ଅଧରେ, ଉଠି ଟଙ୍କା ଦେଇ ସେ ଲୋକଙ୍କୁ ସାହାଯ୍ୟ କରନ୍ତି । ସକାଳ ପାଇଲେ ହାଣ୍ଡନୋଟ୍, ଷ୍ଟାମ୍ପ, ପଇସିକିଆ କାଗଜ, ଟିପଚିହ୍ନ କି ଦସ୍ତଖତ । ଚମ୍ପତିରାୟଙ୍କ କଥାରେ ସତ୍ ଅଛି ।

ବୁଢ଼ା ଗାମୁଛା ଖଣ୍ଡେ ପିନ୍ଧିଛନ୍ତି । ଦେହରେ ଗୋଟେ ଗେଞ୍ଜି । ଗେଞ୍ଜି ଉପରେ ସୁଏଟର୍ । ପାହାନ୍ତିଆ ପହରୁ ଏବେ ଶୀତ ପକେଇଲା ଦିନଠୁ ସେ ସୁଏଟର୍ ଓ ଚଦର ବ୍ୟବହାର କରୁଛନ୍ତି । କଚେରୀ ଘରେ ଗୁମାସ୍ତା ଖାତାଟିଏ ମେଲେଇ ବସିଛି । ଗୁମାସ୍ତାର ନାକ ଅଗରୁ ମୁଣ୍ଡବାଳ ପର୍ଯ୍ୟନ୍ତ ସରୁ ତିଳକ, କାନରେ ପାନ । ନାକ ଅଗକୁ କରି ଲାଗିଛି ଗୋଟେ ଚଷମା । ବୁଢ଼ାଙ୍କ କହିବା ତାବକ ସେ ଖାତାରେ ଲେଖି ଚାଲିଛି । ଗୋଟିଏ ଖାତାରେ ଲେଇ ହିସାବ, ଆଉ ଗୋଟାକରେ ଧାନ, ଟଙ୍କା କରଜ, ସୁନା-ରୂପା ବନ୍ଧା ରଖି ଟଙ୍କା ଦବାକୁ ଆଉ ଗୋଟେ ଖାତା, ହାତ ଉଧାର ଓ ହାଣ୍ଡନୋଟ୍ । ଘରଖର୍ଚ୍ଚ ସକାଶେ ଆଉ ଗୋଟେ ବଡ଼ ଖାତା । ସବୁ ଅଲଗା ଅଲଗା । ଲୋକଟା ବେକରେ ଗାମୁଛା କେଇ ଦୁରେଇହୋଇ ବସିଛି । କଚେରୀ ଘରେ ଗୋଟିଏ ବଡ଼ ଆଲ୍ମାରି, ଚଉକି ଦି'ଖଣ୍ଡ, ବାଡ଼ ଦିଆ ଗୋଟେ ପଲଙ୍କ, ଧାନ ଳିଆ, ଗୁଡ଼ଳ ଓଳିଆ, ବାକ୍ସ ଓ ସିନ୍ଦୁକ । ଲୋକ ଜଣକ ଟଙ୍କା ନଇ ସାରିଲେ ସେ ବାହାରକୁ ଆସିବେ । ସୁଦାମ ଆସି ଖବର

ଦେଇ ଯାଇଛି । ଦାଣ୍ଡ ଦୁଆରେ ଅନେକ ଲୋକ ଅପେକ୍ଷା କ
ବସିଛନ୍ତି ।

ଲୋକ ଆସି ପହଞ୍ଚିଲା ବେଳକୁ ଗୋକୁଳବାବୁ ଚ
ପିଉଛନ୍ତି । ସୁଦାମବାବୁଙ୍କ ହାତରେ ବି ହଳେ କପ୍ ପିଆଲ
ହେଁ ଝଣ୍ଟେ ସପ ମସିଣା ଉପରେ ବସିଛନ୍ତି । ତାଙ୍କ ଚାରପାଖେ
ଘେରି ବସିଛନ୍ତି ଗାଁର କେତେ ଜଣ ଲୋକ । ସୁବଳ ବଳଦେବହେ
ଉଦିଆ ପରଡ଼ା, କାଳିଆ ସାଆନ୍ତରା ଓ ବଇଁଗି ମାନସିଂହ ସମସ୍ତେ
ତାଙ୍କ ଚାରପାଖେ । ଖଣ୍ଡେ ଦୂରରେ ଗୋଟେ ପଥର ପିଣ୍ଡା ଉପରେ
ବସିଛନ୍ତି—ରାମ ମିଶ୍ରେ, କୁଳମଣି ବାହିନୀପତି ଓ ବାଆକ ତିଆଡ଼
ଆଉ ଗୋଟେ ପିଣ୍ଡାରେ ଟିକେ ଦୂରକୁ ବସିଛନ୍ତି, ମାନସିଂ
ପାଟଣାର ପିଲା ପଞ୍ଝାକ—ଅଗାଧୁ, ମଙ୍ଗୁଳିଆ, ରବି, ହରିଆ
ଆଉ କେତେ । କେତେଟା ପିଲା ଖାଲି ଦାଣ୍ଡକୁ ଘର ଓ ଘର
ଦାଣ୍ଡ ହବାରେ ଲାଗିଛନ୍ତି । ବେଳ ଆସି ତିନଘଡ଼ି ହେଲାଣି ।

ଗୋକୁଳବାବୁ ଲୋକକ ପାଖକୁ ଡାକଲେ—ଆ, ମସି
ଉପରକୁ ଆ ।

ଲୋକ ଗୋକୁଳବାବୁଙ୍କ ପାଖକୁ ଗଲା । ଅନେଇଲା—ବା
ବସିଛନ୍ତି । ମସିଣା ଉପରେ ସେ ବସିଲାନି । ଗୋଟେ କର
ଆଡ଼େଇ ହୋଇ ବସିଲା ।

ସୁଦାମବାବୁ ଗୋକୁଳବାବୁଙ୍କ ସାଙ୍ଗରେ କେତେ କ
କଥା ହଉଥିଲେ । ସହରର ଚାଲିଚଳଣି ଓ ଲୋକମାନଙ୍କର ଆଗ
ବ୍ୟବହାର ବିଷୟରେ । ସହରଲୋକେ ନିଜ ନିଜ କଥା ନେଇ କେତେ
ବ୍ୟସ୍ତ । ଅନ୍ୟ କଥା ଭାବିବାକୁ ତାଙ୍କର ସମୟ ନଥାଏ । ଆଜିକା
ଗାଁମାନଙ୍କର ଅବସ୍ଥା ଯାହା ହେଇଛି, ସେଠାରେ କୌଣସି ଭଦ୍ର
ଲୋକ ଆସି ଚଳିପାରିବେନି । ସଦାବେଳେ, କିଏ କ'ଣ ଖାଇ

ଏ କ'ଣ ପିନ୍ଧିଲା । କଏ ଜମି କିଣିଲା' କାହାର ଟଙ୍କା ପଇସା ଦ୍ଧଶୀ ହେଲା, କାହାର ଶାଶୂ ବୋହୂଙ୍କ ତୋଣ୍ଟା, ଭାଇ ଭାଇରେ ମୁଣ୍ଡ ଫାଟଫଟି, ଭାଇଭାଗ ବଣ୍ଟରା, ଇଞ୍ଚେ ହବ ଯାଗା ପାଇଁ ମାଡ଼ ମରାମରି ଶାହଣି ଆଉ ଫଉଦାରୀ । ପରର ଛିଦ୍ର ଖୋଜି ଖୋଜି ଓ ଅନ୍ୟର ଗାଇ ଖୋଳି ଖୋଳି ଏମାନଙ୍କର ଦିନ କଟିଯାଏ । ଏଗୁଡ଼ାଙ୍କୁ ପଛେ ଆଖି ଦେଖେଇ ରଖିଥିବ, ଏମାନେ ସେତିକି ଭଲରେ ବେ । ସିଧା ଆଙ୍ଗୁଠିରେ ଏମାନଙ୍କ ସଙ୍ଗେ ଘିଅ କାଢ଼ିଲେ ସରିଲା ଥା । ସବୁ କହୁଥିବ କିନ୍ତୁ ଅକଲ ଶିଖେଇବନି । ଏମାନେ ତୁଙ୍କୁ ଶଗା କାଟିଦେବେ ।

ଗୋକୁଳବାବୁ କହୁଥାନ୍ତି—ଠିକ୍ ସତ କଥା, ମୁଁ ଏତେ ର୍ଷ ହେଲା ଏ ଅଞ୍ଚଳରେ ଆସି ଚଳିଲଣି, ଏଠା ଲୋକମାନଙ୍କର ଥା କ'ଣ ମୁଁ ଏ ପର୍ଯ୍ୟନ୍ତ ବୁଝିପାରୁନି ? ଏମାନଙ୍କୁ ବଦଳେଇବା ଡ଼ି କଷ୍ଟକର ବ୍ୟାପାର । କିନ୍ତୁ ଆମର ଭାବିବାର କଥା—ଏ ସବୁ ଉଚ୍ଛି କାଇଁକି ? ପ୍ରଥମ କଥା ଆମ ଲୋକମାନଙ୍କର ଦାରିଦ୍ର୍ୟ ଓ କ୍ଷାର ଅଭାବ । ଲୋକେ ଯେବେ ପାଠଶାଠ ପଢ଼ୁଥାନ୍ତେ, ନାନା ଥା, ଦେଶ ବିଦେଶର ହାଲ୍ ଜାଣୁଥାଆନ୍ତେ, ଶିକ୍ଷିତ ଲୋକମାନଙ୍କ ାଙ୍ଗେ ମିଶୁଥାଆନ୍ତେ, ଅନ୍ୟ ଆଡ଼ର ଲୋକ ସବୁ କଣ କରୁଛନ୍ତି ଏ କଥା ଜାଣୁ ଥାଆନ୍ତେ ତା' ହେଲେ ଭାବନ୍ତେ, ସେମାନେ କେତେ ଛିରେ । ଅନ୍ୟମାନଙ୍କ ସାଙ୍ଗେ ଏକ ହେବାକୁ ଅବା ସେମାନେ ଚେଷ୍ଟା କରନ୍ତେ । ନିଜ ଅବସ୍ଥାର କିପରି ଉନ୍ନତି ହବ, ପିଲା-ଲା ସୁଖରେ ଚଳିବେ, ପାଠଶାଠ ପଢ଼ିବେ, ନାନା କଥା ଜାଣିବେ । ହେଲେ ସିନା କିଛି କାମ ହୁଅନ୍ତା । ଏମାନେ ତ ସ୍କୁଲ ଗୁହାଳି ଡ଼ିବେନି । ନରଣପୁରରେ ଗୋଟିଏ ବୋଲି ମାଇନର ସ୍କୁଲ । ଥିରେ ପିଲା ହଉନାହାନ୍ତି ? ଏ ପାଞ୍ଚ କୋଶ ଆହାନ୍ତରେ ସ୍କୁଲ

ନାହିଁ । ଗୋଟିଏ ବୋଲି ହାଇସ୍କୁଲ । ସେଥିରେ ଗୁଳାଚ୍ଛି, ମାଷ୍ଟ୍ର ମାଷ୍ଟ୍ରଙ୍କ ଭିତରେ କଳି ଓ ପିଲା ମାଷ୍ଟ୍ରଙ୍କ ଭିତରେ କଳି । ସ୍କୁଲ କମିଟି ଓ ମାଷ୍ଟ୍ରମାନଙ୍କ ଭିତରେ ମନ ମିଳୁନି । ଏ ବର୍ଷ ଭଲ ଧାନ ଫଳିଲା—ମାଟିରେ ପଡ଼ୁଛି ହଉ, ଘରଟିମାନ, ସଫା ସୁତରା କରି ରଖି ତିଆରି କରିବା, ଗାଁ ପୋଖରୀ ଉଖାଳିବା, ଗାଁ ସଫାକରିବା ଗାଁକୁ ସଡ଼କଟିଏ ପକାଇବା ଆଦି କାମ କଲେ କିନା ହୁଏ ? ଖାଲି ମାଡ଼ ମରାମରି, ଗୋରୁଗାଡ଼ିକାମୁଡ଼ି ଓ ପରର ଛିଦ୍ର ? ମୁଣ୍ଡ ଖାଲି ଭୁଣ୍ଡରେ ମାରି ଯୋଉ ଧାନତକ ଆଦାୟ କରୁଛନ୍ତି—ମାଲି—ମକଦମାରେ ତାକୁ ହାଡ଼ ଖାଉଛି ।

ଗୋକୁଳବାବୁ ଏ ସବୁ କହି ଯାଉ ଯାଉ ଦେଖିଲେ—ମୁଣ୍ଡ ଆଣ୍ଠୁ ବାଡ଼ି ଖଣ୍ଡେ ଧରି ମାଗା ପଧାନ, ଲସର ପସର ହୋଇ ଧାଇଁଛି । କେତେ କ'ଣ ସେ ଆପେ ଆପେ କହି ଯାଉଛି । ବୁଢ଼ା ମୁହେଁଇଛି ସଭାଆଡ଼େ । କେତେ ଲୋକଙ୍କଠୁ ଶୁଣିଲାଣି ଗାଁରେ ଆଜି ଗୋଟିଏ ନ୍ୟାୟ ନଶାପ ହଉଛି । ନଜେ ଚମ୍ପତିରାୟ ବୁଢ଼ା ହଉ-ଛନ୍ତି ଭଲଲୋକ ।

ଲୋକ ଉଠିଯାଇ ବୁଢ଼ାକୁ ଆଉ ଗୋଟିଏ ପିଣ୍ଡାରେ ଗୁଣ୍ଡି ଜାଗାରେ ନେଇ ବସେଇ ଦେଲେ । କଥା ପଡ଼ିଲେ ତା' କଥା କୁହାଯିବ । ଖବର ଏଣେ ମାଡ଼ି ମାଡ଼ି ଆସୁଛି ।

ଶ୍ୟାମ ଚମ୍ପତିରାୟ ବାହାରକୁ ଆସି ଦେଖିଲେ ଅନେକ ଲୋକ ରୁଣ୍ଡ ହୋଇ ଗଲେଣି । ତାଙ୍କୁଇ କେବଳ ଅପେକ୍ଷା କରିଛନ୍ତି । ଅନ୍ୟ କିଛି କଥା ହୋଇଥିଲେ ତ, ଲୋକଙ୍କୁ ଡାକଲେ ସେମାନେ ଆସନ୍ତେନି । ରାସ୍ତରେ ଧାନ ଗୋରୁ ଯାଇଛି । କଥାଟି ପଡ଼ି କିଛି ଗୋଟେ ଯାହା ସାରା ନ ହୁଏ, ବାଲରୁ ବାଲରୁ ପାଚିଲା ଧାନ

ୂଲି ଯିବ । ସେଇ ସକାଶେ କେବଳ ଆସିବାର କଥା । ଗୋଟିଏ
ଥାରେ ଆଉ ସବୁ ଗଣ୍ଡଗୋଳ ତୁଟିଯିବ ।

କହିଲେ—ସାଆନ୍ତର ବୁଢ଼ାକୁ ଡାକ । ଗଲୁରେ ଉଦଆ—
ରେ ସେ ସବୁଠୁ ହଉଛନ୍ତି ବଡ଼ ବୁଢ଼ା । ତାଙ୍କୁ ନ ଡାକ ନ୍ୟାୟ
ଶାପ କ'ଣ କରିବ ?

ଉଦଆ ସାଙ୍ଗେ ସାଙ୍ଗେ ଚାଲିଲା ।

ସଭାରେ ଯିଏ ସବୁ ବସିଥିଲେ, ସମସ୍ତେ ଧନ୍ୟଧନ୍ୟ କଲେ ।

ସୁଦାମବାବୁ ଉଠିଯାଇ ଉଦଆ ପରଡ଼ା କାନରେ କ'ଣ ସବୁ
ଫୁସ୍ଫୁସ୍ କରି କହିଦେଲେ । ପୁଣି ଆସି ବସିପଡ଼ିଲେ ମସିଣା
ପରେ ।

କାହା ତୁଣ୍ଡରେ କଥା ନାହିଁ, ସାଆନ୍ତର ବୁଢ଼ା ଆସିଗଲେ
ାପ ଆରମ୍ଭ ହବ । ଜଣେଅଧେ ଟିପୁରଟାପର ହେଉ-
ଆନ୍ତି । ଏଥର ପାଳକଟା ବେଶ୍ ଭଲ ପଡ଼ିଥିଲା । ଏଥର ଯାହା
ନ ହେଉଛି ତିନପୁରର ବର୍ଷହେଲା ଏମିତି ଫଳ ନଥିଲା । ଏଥର
ଖିବ, ଗାଁକୁ କେତେ ନାଟ ତାମସା ଆସିବ । ମାଲି ମକଦ୍ଦମା
ଆ କେମିତି ବଢ଼ିଯିବ ।

ଆଉ ଜଣେ କହୁଛି—ଆମ୍ବ ଏଥର ଭଲ ଫଳିବନି ।
ଖିବୁ—ଯୋଉ ବର୍ଷ ଭଲ ଧାନ ଫଳିବ, ସେ ବର୍ଷ ଆମ୍ବ
ବନି । ଯୋଉ ବର୍ଷ ଧାନ ହବନି ସେ ବର୍ଷ ଏତେ ଆମ୍ବ
ବ ଯେ ଗୋରୁ ଗାଈ ଚରିଯିବେ ।

ଆଉ ଜଣେ କଥାରେ ଭାଗ ନେଇ ଭୁନ ଭୁନ କହୁଛି—ଧାନ
କ ବିଲରୁ ଖଳାକୁ ନ ଆସିଲା ଯାଁ କେ ଧାନ ପାଇଲୁ ବୋଲି
ସ ହଉନି । ଏ ଶଶୁରପୁଏ, ଯାହା ହଉଛନ୍ତି, ଖାଲି ଗୈରି,
ପିଟାପିଟି, ପାଟି ତୁଣ୍ଡ ଓ କଳକଜିଆ । ଗାଁଟାକୁ ଗ୍ରାସଖାଉ

କରି ଦେଲେ ଏଇମାନେ । ଏଇ କେତୁଟା ଅଛନ୍ତି ସେମାନଙ୍କୁ ପିଟି ସାବାଡ଼ ନ କଲେ ଗାଁଟା ଆମର, ଭଲ ହବନି ।

ଏମିତି ଅନେକ ଅନେକ କଥା ଚୁନ ଚୁନ ପଡ଼ୁଛି । ସମସ୍ତେ ସାଆନ୍ତରା ବୁଢ଼ାକୁ ଅପେକ୍ଷା କରି ବସିଛନ୍ତି ।

ଖବର ମାଡ଼ି ମାଡ଼ି ଆସୁଛି ।

× × × ×

ଜଣେ କିଏ ଆସି କହିଦେଲା—ମାଗା ପଧାନର ମଝିଆଁ ପୁଅ ଗୋଲଖର ଝାଡ଼ାବାନ୍ତି ହଉଛି । ଢେ'ଟା ଝାଡ଼ା ହେଇ ସାରିଲାଣି । ଆଉ ଉଠି ପାରୁନି । ତା' ସାଙ୍ଗେ ସାଙ୍ଗେ ବାନ୍ତି । କାଲି ରାତିରେ ସେ ନିରାକାରପୁର ଷ୍ଟେସନ ଆଡ଼େ ବୁଲି ଯାଇଥିଲା । ସିଆଡ଼ୁ ଆସୁଆସୁ ବେଶୀଗୁଡ଼ାଏ ରାତି ହେଇ ଯାଇଥିଲା । ବଜାରରେ ସେ ଜଳଖିଆ ଖାଇ ଆସିଥିଲା ।

ଖବରଟା ବିଜୁଳି ଭଳି ସମସ୍ତଙ୍କ ପାଖରେ ଯାଇ ପହଞ୍ଚି ସାରିଲାଣି । ମାଗା ପଧାନ ଆସିଥିଲା—ପୁଅ ବଟୁଢିରେ ଫେରାଦ୍ ହବାକୁ । ସାନ ପୁଅ, ସାନ ବୋହୂ ଓ ବୁଢ଼ା ବାପାକୁ, ବଡ଼ ଢେ' ଭାଇ ଏକାଘରିକିଆ କରି ରଖିଛନ୍ତି । ଯେମିତି ସେ ଶୁଣି ଦେଇଛି ଗୋଲଖର ଝାଡ଼ାବାନ୍ତି ହଉଛି—ଦାଣ୍ଡ ଧୂଳିକି ଆଗ ସିଏ ବୁହେ ଦରଣ୍ଡି ପକେଇଲା । ପାଞ୍ଚଣ ଭଳି ଆଖିରୁ ଲୁହ ଗଡ଼େଇ ବୁଢ଼ା ବାଡ଼ି ଖଣ୍ଡିକ ଧରି ଘରଆଡ଼େ ପଳାଇଲା । ତା' ପଛକୁ ଗାଁର ଆଉ ସବୁ ଲୋକେ ଗୋଟିଗୋଟି ହେଇ ଗୁଳିପିବାକୁ ଆରମ୍ଭ କରିଦେଲେ । ଟଲୁବେଳେ ପିଲାମାନଙ୍କୁ ସାଙ୍ଗରେ ଡାକି ନଉଥାନ୍ତି । ଖବରଟା ଶୁଣି ସମସ୍ତଙ୍କ ମୁହଁ କଳାକାଠ ପଡ଼ିଗଲା ।

ବ୍ରାହ୍ମଣ ପଞ୍ଜିକ ବସିଥିଲେ । କହିଲେ—ଗାଁରେ ପଡ଼ିଲା ଆସି ଚଉଡ଼କ । ଷୋଳପଣି ଧାନ ହେଉଛି ବୋଲି ଇନ୍ଦ୍ର ଚନ୍ଦ୍ର ମାନୁ-ନାହାନ୍ତି । ବ୍ରାହ୍ମଣଙ୍କୁ ହାତ ଉଠଉଛନ୍ତି । ଆରମ୍ଭ ତ ହେଲାଣି । ଏଥର ଦେଖିବେ ।

ଗାଁର ଅଳ୍ପ କେଇ ଜଣ ମୁଖିଆ ମୁଖିଆ ଲୋକଙ୍କ ଛଡ଼ା ଆଉ ସମସ୍ତେ ସଭା ଛାଡ଼ି ପଳେଇଲେ । ଚମ୍ପତିରାୟ ବୁଢ଼ା ଆଉ ଜଣଙ୍କ ହାତରେ କହି ପଠେଇଲେ—ଉଦିଆକୁ ମନା କରି ଦିଅ । ବୁଢ଼ା ଏଇନେ ଆସିବା ଦରକାର ନାହିଁ । ଗାଁରେ ଆଉ ଗୋଟେ ବିପତ୍ତି ଆସି ପଡ଼ିଲାଣି । ତାକୁ ଆଗ ସମ୍ଭାଳ ।

ସମସ୍ତଙ୍କ ମୁହଁ ଶୁଖିଲା । କାହା ପାଟିରୁ କଥା ବାହାରୁନି । ସମସ୍ତେ ଇଆ ମୁହଁକୁ ତା' ମୁହଁକୁ ଚୁହାଁଚୁହିଁ ହଉଛନ୍ତି । କ'ଣ କରାଯିବ ?

ଚମ୍ପତିରାୟ ବୁଢ଼ା ପୁଅକୁ ଡାକଲେ—ସୁଦାମ, ଘରକୁ ଆ । ଆଖି ଆଗରେ ଆସି ନାଚଲେ ତାଙ୍କର ଦି'ଟା ଭେଣ୍ଡା ପୁଅ । ସୁର ଓ ରଘୁ । ଏଇ ଝାଡ଼ା ବାନ୍ତିରେ ମରି ଯାଇଛନ୍ତି ।

ସୁଦାମ ଉଠିବାକୁ ଯାଉଥିଲା ।

ଗୋକୁଳବାବୁ ଲୋକ ମୁହଁକୁ ଅନେଇଥାନ୍ତି ।

ଲୋକ ଗୋକୁଳବାବୁଙ୍କ ମୁହଁକୁ ଚାହିଁ ଥାଏ ।

ଗୋକୁଳ ବାବୁ ହଠାତ୍ ଉଠି ଠିଆ ହେଲେ । ଲୋକଙ୍କ ପଚାରିଲେ—ମାଗା ପଧାନର ଘର କୋଉଆଡ଼େ ?

ଲୋକ ଦେଖେଇ ଦେଲା—

ଗୋକୁଳବାବୁ ଚାଲିଲେ । ତାଙ୍କ ପଛେ ପଛେ ଲୋକ ।

ପଛରୁ କାଳିଆ ସାଆନ୍ତର ଡାକ ଛାଡ଼ିଲା—ଲୋକ ଆସୁଛନ୍ତି କିଆଡ଼େ ?

ଲୋକ ବାପା ଆଡ଼କୁ ଅନେଇଲା । ସେ ଆଖି ଚଗଲି ଅନେଇଛନ୍ତି । ଡେଣା ଧରି ଘରକୁ ଭିଡ଼ି ନେଇଯିବେ । ତାଙ୍କ ଆଡ଼କୁ ସେ ଗୃହିଁଲାନି । ମୁହଁ ବୁଲେଇ ଦେଲା । ଧରିଲା ଗୋକୁଳ-ବାବୁଙ୍କ ପିଚ୍ଛା ।

ମାଗା ପଧାନ ଦୁଆର ମୁହଁରେ ହେଲାବେଳକୁ ଗୋଲଖ ବାରଘରେ ମୁହଁମାଡ଼ି ପଡ଼ିଛି । ଝାଡ଼ାରେ ଘରଯାକ ଭର୍ତ୍ତି । ପାତଳା ଝାଡ଼ା । ତା' ସାଙ୍ଗକୁ ବୁହାକୁ ବୁହା ବାନ୍ତି । ମାଛି ଭଣଭଣ । କେହି ବୋଲି କେହି ପାଖରେ ନାହାନ୍ତି । ଧାନୁଆ ମାଳ ଓ କାନଫୁଲ ପେଣ୍ଡି ପିନ୍ଧିଥିବା ମଝିଆଁ ବୋହୂ ସେ ଘରକୁ ଆସୁନି । ତାକୁ ଡର ମାଡ଼ୁଛି । ଗୋଲଖର ମୁହଁ କମିତି ବକୁଡ଼ିଆ ଦେଖା ଗଲାଣି । ଗୋଲଖର ସ୍ତ୍ରୀ ଦୁଆର ମୁହଁକୁ ଠିଆ ହୋଇଛି । ଭାଇ ଭାଉଜ ଆର ଘରେ । ପାଖ ମାଡ଼ୁନାହାନ୍ତି । କିନ୍ତୁ ବୁଢ଼ା ମାଗା ପଧାନ ପଶିଛି ସେଇ ଘର ଭିତରେ । ସେ ପୁଅକୁ ପାଣି ଦଉଛି । ଝାଡ଼ା ପୋଛି ଦଉଛି । ବାନ୍ତି ସଫା କରୁଛି । ପୁଅକୁ ଦି'ହାତରେ ଜାକିଧରି ଆଖିରୁ ଲୁହ ଗଡ଼େଇ ଲାଗିଛି । ଜଗନ୍ନାଥେ, ସମଲା, ଜାଗୁଲେଇ ସମସ୍ତେ ତା' ତୁଣ୍ଡରେ ଆସି ବସା ବାନ୍ଧିଛନ୍ତି । ସେ କୋଦା ଦବ । ହୋମଯାଗ କରିବ । ସୁନା, ରୁପାନରେ ହାତ ଗୋଡ଼ ତିଆରିକରି ମହାଦେବଙ୍କ ଲିଙ୍ଗ ଉପରେ ଫୁଲ ବେଲପତ୍ର କରି ପାଣିଲାଗି କରେଇବ । ହେ ଜଗନ୍ନାଥେ, ଲୋକନାଥେ—ଇଏ ମୁଣ୍ଡଟା ରଖିଦଅ । ମୋର ଭେଣ୍ଡା ପୁଅ । ଯେତେ ଯାହା କଲେ ମୋ ପୁଅ ତ ? ତା' ଉପରେ ମୁଁ ଅସନ୍ତୋଷ ହଉନି । ହେ ଦିଅଁ— ସେ ମୋର କଛିହେଲେ କରିନି । ମୋ ମୁଣ୍ଡଟା ପଛେ ନିଅ, ତା'ର ଯେମିତି କଛି ନ ହଉ । ବୁଢ଼ା ମନେ ମନେ କେତେ କ'ଣ କହି ଲାଗିଥିଲା ।

ଗୋକୁଳବାବୁ ମାଗୀ ପଧାନର ଘର ଭିତରକୁ ପଶିଯାଇ ଏ ସବୁ କାରବାର ଦେଖି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ । ଅଶୀ ବର୍ଷର ବୁଢ଼ା ଏତେ କାମ କରୁଛି ଅଥଚ ଭେଣ୍ଡା ପୁଅମାନେ ପାଖ ମାଡ଼ୁ ନାହାନ୍ତି ।

ଲୋକ ତାଙ୍କ ପଛପଟେ ଠିଆ ହୋଇ ଭାବୁଛି—ଭଲ ମାଇପ, ଭଲ ଭାଇ ଭାଉଜ । ଏଇମାନଙ୍କ ସାଙ୍ଗେ ପଡ଼ି ବୁଢ଼ାକୁ ମାନଆଦର କରୁଥିଲେ । ହରିଆଟା ଗାଁରେ ନାହିଁ । ଏ ଘରକୁ ଆସିବାକୁ ବୁଢ଼ା ସାନ ବୋହୂକୁ ମନା କରିଦେଇଛି । ଲୋକ ଗୋକୁଳବାବୁଙ୍କୁ କହିଲା—ବୁଢ଼ା ଏଇନେ ଯାଇଥିଲା ଫେରାଦ ହବାକୁ । କାହାକୁ କିଛି ନ କହି ଗୋକୁଳବାବୁ ନିଜ ସାର୍ଟଟା ଆଗ ଖୋଲି ଦେଲେ । ତାହାରେ ଖଣ୍ଡେ ଧୋତି ଓ ଖଣ୍ଡେ ଗେଞ୍ଜି । ବୁଢ଼ାକୁ କହିଲେ—ଆର ଘରକୁ ସେ ଚାଲିଯାଉ । ବୁଢ଼ା କି ସେ ଘରୁ ଯାଏ ? ଯେତେ କହିଲେ ବି ସେ ଶୁଣିଲାନି । ଗୋକୁଳବାବୁ କହିଲେ ଆଇଓଡ଼ ଆଣ । ଆଣ ମିଶ୍ରି ସର୍ବତ । ଲୋକ ସାଙ୍ଗେ ସାଙ୍ଗେ ଯୋଗାଡ଼ କରିଦେଲା । ଲୋକକ ପାଖକୁ ଡାକି ଗୋକୁଳବାବୁ କହିଲେ—ତୁ ଯା—ଆଖ ପାଖରେ ଡାକ୍ତର ଖାନା ନାହିଁ । ନିରାକାରପୁରରେ ଯୋଉ ଡାକ୍ତରଖାନାଟି ଅଛି ସେ ଥିବା ଯାହା ନ ଥିବା ସେଇଆ । ଷ୍ଟେସନରେ ତୁ ଯାଇ ଖବର ଦେଇଦବୁ । ତାଙ୍କୁ କହିବୁ ସେ ଖୋର୍ଦ୍ଧାକୁ ତାର କରିବେ । ଗାଁର ଜଣେ ଯେତେବେଳେ ପଡ଼ିଲାଣି, ଗାଁ ଯାକ ଯେ ଇଏ ବ୍ୟାପି ନଯିବ କିଏ କହି ପାରିବ । ଆଉ ଗୋଟେ କଥା—ଗାଁରେ ଖବର ଦେଇଦେ, ଲୋକେ ପୋଖରୀ ଗାଡ଼ିଆରୁ ପାଣି ପିଇବେନି । ନଈ ପାଣି ସିଝେଇ କରି ଖାଇବେ । ସଫାସୁତରା ରହିବେ । ଖାଇବା ଜିନିଷରେ ମାଛି ବସେଇ ଦେବେନି ।

ଲୋକ ଶୁଣିସାରି କେବଳ ଠିଆ ରହିଲା ।

ଠିଆ ହେଲୁ କାହିଁକି ? ଲୋକ ?

ମୁଁ ଯାଉଛି । ଆପଣ ?

ମୁଁ ଏଇଠି ରହିଲି ।

ଗୋକୁଳବାବୁ କହିବା ମୁତାବକ ଲୋକ ଗାଁରେ ଯାଇ ସମସ୍ତିଙ୍କି କହିଦେଲା । କୋଉ ଆଡ଼କୁ ନ ଚାହିଁ ସିଧା ଚାଲିଲା ନିରାକାରପୁର । ସେଠାରୁ ଖବର ଦେଇଦେଲେ ଯେତେ ଶୀଘ୍ର ଡାକ୍ତରବାବୁ ଆସନ୍ତି ସେତିକି ମଙ୍ଗଳ । ଦଉଡ଼ି ଦଉଡ଼ି ସେ ଚାଲିଲା । ଉଦୁଉଦିଆ ଖରାବେଳ । ସକାଳୁ କଞ୍ଜି ପାଣି ଟିକିଏ ହେଲେ ତୁଣ୍ଡରେ ଦେଇନି । ତାକୁ ଭୋକ ଶୋଷ ଜଣା ପଡ଼ୁନି । ଖବର ଦେଇ ଆସିଲେ ସେ ଖିଆପିଆ କରିବ ।

ପଛରୁ କିଏ ଜଣେ ଡାକ ଶୁଭୁଛି—ଲୋକ—ଏ—ଲୋକ ।

ଲୋକ ପଛକୁ ଅନେଇଲା । ଦେଖିଲା ଆଉ ଜଣେ କିଏ ଦଉଡ଼ୁଛି, ତାଳ ମାରୁଛି ଓ ଡାକ ଶୁଭୁଛି । ପାଖକୁ ପାଖକୁ ଘୁଞ୍ଚି ଆସିବାରୁ ସେ ଚିହ୍ନିଲା ତା' ବାପା । କୁଆଡ଼େ ଆସୁଛନ୍ତି ? ମତେ କ'ଣ ଫେରେଇ ନେବେ ? ଏଇଟା ତ ଖରାପ କାମ ନୁହେଁ । ବାପା ବାଧ କଲେ ମୁଁ ଯିବିନି । ଗାଁଟାକୁ ଯେ କୌଣସିମତେ ଏ ବିପଦରୁ ରକ୍ଷା କରିବାକୁ ପଡ଼ିବ । ଲୋକ ବାପାଙ୍କୁ ଅପେକ୍ଷା କରି ମନେ ମନେ ଏ ସବୁ ଭାବି ଯାଉଥିଲା ।

ସେ ଯାହା ଭାବୁଥିଲା ଠିକ୍ ସେଇ କଥା । ବାପା ଆସୁଛନ୍ତି ତାକୁ ଫେରେଇ ନେବେ । ଲୋକ ମନା କଲା । ଖବର ନ ଦେଲେ ସେ ଯିବନି । ବାପା କହିଲେ, ବୋଉ ପଠେଇଛି । ଆଜି ସକାଳୁ ତୁ ଖାଇନୁ । ଲୋକ କହିଲା, ମୁଁ ଗଲେ ଖାଇବି ।

କାଳିଆ ସାଆନ୍ତର ବାଧ୍ୟ ହୋଇ ପୁଅ ସାଙ୍ଗେ ଚାଲିଲା । ପୁଅ ଆଗେ ଆଗେ, ବାପ ପଛେ ପଛେ । ଖବର ଦେଇ ଫେରିଲା ବେଳକୁ ଦିଅଁ ଆସି ମୁଣ୍ଡ ଉପରେ ହେଲେଣି ।

× × × ×

ବାପ ପୁଏ ମାନସିଂହ ପାଟଣା ମଟିଗଡ଼ାରେ ହୋଇଛନ୍ତି, ଶୁଣିଲେ—ଗାଁଟା ବାଜାରେ କମ୍ପି ଉଠୁଛି । ଲୋକେ ପାଟି କରୁଛନ୍ତି ଝାଡ଼ାବାନ୍ତି ହଉଛି ବୋଲି ଖବର ଦେଇ ଆସିଲାବେଳକୁ ଗାଁରେ ପୁଣି ଏ କ ପାଲ । ଦୁହେଁ ପାଦ ପକେଇ ଖୁବ୍ ଜୋର୍‌ରେ ଚାଲିଛନ୍ତି । ବାଜା ବାଜିବାର କାରଣ କିଛି ଜାଣି ହଉନି ।

ଦେଖିଲା ବେଳକୁ ଗାଁ ଏ ପଟେ ମଙ୍ଗଳାଙ୍କ ପାଖରେ ଲାଗିଛି ଭିଡ଼ । ପଂଚେ ହବ ଲୋକ ଜମା ହୋଇଛନ୍ତି । ବୁଢ଼ା ବୁଢ଼ୀ ଆଉ ଟୋକା ଟୋକୀ । ଦି' ତିନ ଜଣ ହାଡ଼ି ଢୋଲ ପିଟିବାରେ ବ୍ୟସ୍ତ । ଜେନା ଘର ବୁଢ଼ୀ ବାଳ ମୁକୁଳା କରି ନାଚୁଛି । ଜେନା ଘର ବୁଢ଼ୀ ସବୁଦିନ ଓସ୍ତଗଛ ତଳେ କୁଢ଼ା ହୋଇଥିବା ଗୋଟେ ବଡ଼ ପଥରରେ, ବେତ ବାଡ଼ରେ ଓ ପୋତା ହୋଇଥିବା ମୁଣ୍ଡ ଗୋଳଆ ପଟା ଖଣ୍ଡିକରେ ସିନ୍ଦୂର ବୋଳି ପୂଜା କରେ । ଭୋଗ ଲଗାଏ । ମୁଣ୍ଡିଆ ମାରେ । ଗାଁରେ ଆଜି ବିପତ୍ତି ପଡ଼ିଛି । ଦିଅଁଙ୍କ ପାଖରେ ଯିଏ ଯାହା ପାଇଲା—କିଏ ପଇଡ଼, କିଏ ମିଶ୍ରି, କିଏ ନୂଆ ଲୁଗା, ନବାତ, କୋରାଖଇ, କମଳା, କଦଳୀ, ନଡ଼ିଆ, କାକୁଡ଼ି, ଯିଏ ଯାହା ପାଇଲା ଗୋଟେ ଗୋଟେ ଭୋଗେଇରେ ଆଣି ଥୋଇ ଦେଇ ଯାଉଛନ୍ତି । ଜେନା ଘର ବୁଢ଼ୀ ବାଳ ମୁକୁଳା କରିଛି । ଦି' ହାତରେ ବେତ ବାଡ଼ି ଧରିଛି । ଝୁଣା ଧୂଆଁ ଖାଉଛି ଓ ନାଚୁଛି । ଯିଏ ଯାହା ପ୍ରଶ୍ନ ପଚାରୁଛି, ତାର ଉତ୍ତର ଦଉଛି ।

ବୁଢ଼ୀଙ୍କ ପଚାଶ ବର୍ଷ ଉପରେ ଆସି ହୋଇଯିବ । ନଇଁ ନଇଁ ଚାଲେ । ଜାଲୁ ଜାଲୁଆ ହୋଇ ତାକୁ ଦେଖାଯାଏ । କାମଦାମକୁ ସେ ପାରେନା । ବେତବାଡ଼ି ଧରି ନାଚିଲାବେଳେ ତା' ଦେହରେ ସତେ ଅବା ଆସି ପଶିଯାଇଛି ସିଂହର ବଳ । ଗାଁ ଲୋକଙ୍କ ମନରେ, ବୁଢ଼ୀ ତ ନାଚୁନି । ତା' ଦେହରେ ଏତେ ବଳ ଅବା ଆସିବ କୁଆଡ଼ୁ ? ମଙ୍ଗଳା ତାକୁ ନଚଉଛି ।

ଜେନାଘର ବୁଢ଼ୀ ମାନସିଂହ ପାଟଣା ଗାଁରେ ସବୁ ମହଲରେ ଜଣାଶୁଣା । କାହା ପୁଅ ପେଟରେ ଡାହାଣୀ ପଶିଛି, କାହା ପୁଅ ଫାଲୁଫାଲୁ କରି ହଗି ହଉଛି, ପେଟ କାହାର କାଟି କାଟି ହଉଛି, ଜେନାଘର ବୁଢ଼ୀଠୁ ଲୁଣ ଟିକିଏ ମନ୍ତୁରେଇ ଆଣିଲେ ସାଙ୍ଗେ ସାଙ୍ଗେ ଭଲ ହୋଇଯାଏ । ଲୁଣ ମନ୍ତୁରିଲା ବେଳେ ବୁଢ଼ୀ ଟୁପ୍ ଟୁପ୍ ହୋଇ କେତେ କ'ଣ କହେ । ମନ୍ତ୍ର ବୋଲୁ ବୋଲୁ ଲୁହ ଗଡ଼ାଏ । ପାଟି ମେଲା କରି ବଡ଼ ବଡ଼ ହାଇ ମାରେ । କୋଉ ଡାକିନୀ, ଖାଇଲା ବେଳେ ପୁଅ ପେଟରେ ପଶିଯାଇଛି । ଲୁଣରେ ପାଣି ଟିକିଏ ମିଶେଇ ଖାଇଦେଲେ ପେଟ ମୋଡ଼ା, ପଡଲା ଝାଡ଼ା ଆଦି ସବୁ ଭଲ ହୋଇଯାଏ । କିଏ ଚମକି ପଡ଼ୁଛି, ଅନ୍ଧାରରେ କାହା ଦେହରେ ଚହିଁକା ପଶିଯାଇଛି, କୋଉ ପିଲା ଗୁରୁବିକ ଦେଖି ଡରିଯାଇଛି, ବୁଢ଼ୀ ଆଗରେ ଆଣି କୋଳରେ ପୂରେଇ ବସିଲେ, ସେ ଝାଡ଼ି ଦିଏ । ପାଞ୍ଚ ଆଙ୍ଗୁଠି ତା'ର ଦେହଯାକ ବୁଲେଇ ଆଣେ । ତା' ମୁହଁକୁ ତିନି ତିନି ଥର କରି ସାତ ଥର ଫୁଙ୍କେ । ବାଆଦୁଆର ଦାଣ୍ଡଦୁଆର, ଅଧଃ, ଊର୍ଦ୍ଧ୍ୱ ସବୁଦିଗ କିଳିଦିଏ । ଡାହାଣୀ ଗାଁ ଡେଇଁ ଆସି ପାରିବନି । ବୁଢ଼ୀର ଗୋଟେ ଝୁଲି ମୁଣିରେ ଥାଏ କେତେ ରକମର ଜଡ଼ି ବୁଟି । ଛୁଆ ଜନ୍ମ ନ କରି ଭଙ୍ଗେଇଦବା, ବଶ୍ୟ କରିବା, ପୋହଳା ମାରୁଥିଲେ ଛଡେଇବା ଏମିତି ବାର

ପ୍ରକାର ଔଷଧ ବୁଢ଼ୀ ହାସଲ କରି ପାରିଛି । ତା'ର ମନ୍ତୁର ଦିଅ ଯେ ଥରେ ଖାଇଛି, ସେ ରୋଗ କ'ଣ ଦେଖିନ । ବୁଢ଼ୀର କେହି ବୋଲେ କେହି ନାହାନ୍ତି । ପୁଅ, ଘଇତା ଯିଏ ଥିଲେ ସମସ୍ତେ ମରି ଯାଇଛନ୍ତି । ଲୋକେ କହନ୍ତି—ଯିଏ ଗୁଣିଗାରେଡ଼ି କଟରେ, କୁଳରେ ତା'ର ପାଣି ଦବାକୁ କେହି ରହନ୍ତିନ ।

ବାପ ପୁଏ ଆସି ଓସ୍ତଗଛ ମୂଳେ । ଅଳ୍ପ ସମୟ ଠିଆ ହେଲେ । ଦେଖିଲେ—ଜେନା ଘର ବୁଢ଼ୀ କେତେ ବେଳ ହେଲା ନାଚିଲଣି । ଭଲ ଲୋକ ହୋଇଥିଲେ, ତା'ର ଗୋଡ଼ହାତ ଦରଜ ହୋଇ ସେ ବସିବା ଯାଗାରୁ ଉଠି ପାରନ୍ତାନ । କିନ୍ତୁ ବୁଢ଼ୀର କିଛି ବୋଲି କିଛି ହଉନି । ଝୁଣା ଧୂଆଁ ଖାଇ ସେ ପଛକେ ଜୋରରେ ଜୋରରେ ନାଚୁଛି, ହାଲିଆ ହେଲାଭଳି ଜଣା ପଡ଼ୁନି ।

ଲୋକ ଗହଳି ଭିତରୁ କିଏ ଜଣେ ପଚାରିଲା—ମାଆ, କାହିଁକି ଏ ଗାଁରେ ବିରାଜମାନ କଲୁ ? କ'ଣ ଖାଇବୁ ? ଯାହା ମାଗିବୁ ତା' ଦବୁ । ତୁ ଏଠୁ ଚାଲି ଯା । ଲୋକଟା ଗୋଡ଼ ତଳେ ଲମ୍ବ ହୋଇ ପଡ଼ିଗଲା ।

ଏ ଗାଁରୁ ମୁଁ ତିନି ମୁଣ୍ଡ ନେବି । ନେବି—ନେବି—ନିଶ୍ଚେ ନେବି । ବେତ ଧରି ଜେନାଘର ବୁଢ଼ୀ ନାଚି ନାଚି କହିଲା—ମୁଁ ଆସି ନ ଥାନ୍ତି । ଏ ଗାଆଁ ଲୋକେ ଅତି ଉତ୍ପାତ ହେଲେ ।

ସତ କଥା । ଠାକୁରାଣୀ ଠିକ୍ ସତ କଥା କହୁଛି । ସମସ୍ତେ ଗ୍ରାଟିକଲେ—ଉତ୍ପାତ ହଉଥିଲେ, ପାଆନ୍ତୁ ଏବେ ଭୋଗ ।

ଜେନାଘର ବୁଢ଼ୀ ଆଉ ଗୁଡ଼େ ଝୁଣା ଧୂଆଁ ଖାଇ ସିଂହ ବିକ୍ରମରେ ଡେଇଁବାକୁ ଆରମ୍ଭ କରିଦେଲା ।

କାଳିଆ ସାଆନ୍ତର ପୁଅକୁ ଗୁଡ଼ ଦଉ ନ ଥିଲା । ମାଗା ପଧାନ ଦୁଆରବାଟେ ଗଲାବେଳେ ଗୋକୁଳବାବୁ ଦାଣ୍ଡ ଦୁଆରେ ବସିଥିଲେ । ଲୋକ ବୁଝିଲା, ଜଳଖିଆ ଖାଇ ସାରିଛନ୍ତି । ଗୋଲଖ ଅଳ୍ପ ଭଲ ଅଛି । ପଚାରିଲେ—ଲୋକ କହିଦେଇ ଆସିଲୁ ?

ମୁଣ୍ଡ ହଲେଇ ଲୋକ ହଁ କଲା ।

ହଉ, ଯା—ସକାଳୁ ଖାଇନୁ । ଗଲୁ ଆଗ ଖାଇବୁ ।

ଆପଣ କୋଉଠି ଅଛନ୍ତ ?

ମୁଁ ଏଇଠି ବସିଛି ।

ଲୋକ, ବାପା ସାଙ୍ଗେ ଘରଆଡ଼େ ଚାଲିଗଲା ।

## —ଅଠର—

ଉଦିଆ ପରିଡ଼ା ସାଆନ୍ତର ବୁଢ଼ାକୁ ଡାକିଗଲାବେଳେ ସେ ଦାଣ୍ଡ ପିଣ୍ଡାରେ ଚୁପ୍ଚାପ୍ ହୋଇ ବସିଥିଲା । କଲରେ ଜାକିଥିଲା ମେଞ୍ଚେ ଚୂନପତ୍ର । ବାଁ କରକୁ ବଙ୍କୁଲି ବାଡ଼ି । ସବୁଦିନ ଭଳି ପିଲାଏ ଚାରିପଟେ ତାକୁ ଘେରି ବସି ନ ଥିଲେ । ସମସ୍ତେ ଥିଲେ ସଭ ପାଖରେ । ସଭରେ କ'ଣ ସାର ହଉଛି, ଶୁଣିବେ । ବୁଢ଼ା ବ ଜାଣେ ଗାଁରେ ଗୋଟେ ନ୍ୟାୟ ନିଶାପ ହଉଛି । ହଡ଼ାବଳଦ ଭଳି ସେ ଏବେ ବେଦରକାରୀ ହୋଇଗଲାଣି । ମୁଣ୍ଡ ଗାଡ଼ଠା ଖାଲି ବାକି ଅଛି । ତେଲ ଚିକଟା ଲାଗିଥିବା କାନ୍ଥରେ ପିଠି ଆଉଜେଇ ଦେଇ

ବୁଢ଼ା ପିଣ୍ଡା ତଳକୁ କଳ କଳ କରି ଚୂନପତ୍ର ମିଶା ଛେପ ପକାଉ-ଥିଲା । ପରଳମଡ଼ା ଆଖିରୁ ଅନବରତ ପାଣି ନଗିଡ଼ି ଆସୁଥିଲା ।

ଉଦିଆ ଡାକିଲା—ମଉସା, ଟିକିଏ ନ ଆସିଲେ ଗାଁର ନ୍ୟାୟ ହେଇ ପାରିବନି । ସବୁଠୁ ଗାଁରେ ତୁମେ ପୁରୁଖା ଲୋକ ।

କିଏ—ଶାମ ଡାକୁଛୁ ?

ବୁଢ଼ାକୁ ଶୁଭିଲା ଭଳି ଉଦିଆ ବଡ଼ପାଟିରେ ହଁ କଲା ।

ମତେ ଆଉ କାଇଁକି ସେ ହାଇରାଣ କରୁଛୁ ? ତୁମେ ସବୁ ଯାହା ଠିକ୍ କରିବ ସେଇଆ ତ ସାର ହବ । ମୁଁ ଯାଇ ବେଶୀ ବା କ'ଣ କରି ପାରିବ ?

ମଉସା ଶୀଘ୍ର ଟିକେ ଆସ । ସେଆଡ଼େ ଅନେକ ଲୋକ ଅପେକ୍ଷା କରି ବସିଛନ୍ତି । ଉଦିଆ ବୁଢ଼ାକୁ ଉଠେଇଦବ ବୋଲି ଯାଉଥିଲା ।

କୋଉ କଥା କରେ ଉଦିଆ ? କାଇଁକି ଆଜି ଗାଁରେ ନ୍ୟାୟ ହଉଛି ? କାଳିଆଟା ତ କାଲି ରାତିରୁ କୁଆଡ଼େ ଯାଇଛି ଏପର୍ଯ୍ୟନ୍ତ ଆସିନି । ଲୋକବୋଉ ତା ଉପରେ ରାଗି ରାଗି ରକ୍ତ ଗିଳୁଛି ହେବଉଛି । ଘରେ ଏଣେ ଅସୁବିଧା । କହୁଛୁ ଯଦି, ଚାଲ ଯିବା—ବୁଢ଼ା ଠିଆ ହେବାକୁ ଆରମ୍ଭ କଲାବେଳକୁ ଆଉଜଣେ କିଏ ପଛରୁ ଡାକି କହିଲା—ଉଦିଆ'ଇ, ଥାଉ ଥାଉ ମଉସା ଆସିବା ଦରକାର ନାହିଁ ।

ଉଦିଆ କିଛି ହେଲେ ବୁଝି ପାରିଲାନି । ଲୋକ ଜଣକ ତା' କାନରେ ଫୁସ୍ ଫୁସ୍ କରି କ'ଣ କହିଦେଲା ।

ଉଦିଆ ଆଶ୍ଚର୍ଯ୍ୟ ହୋଇ ପଚାରିଲା—ଏ କ'ଣ ସତ କଥା ?

ଆଉ କ'ଣ ମିଛ କହୁଛି ?

କ'ଣ କରେ ଉଦିଆ ? ବୁଢ଼ା ପଚାରିଲା ।

ମାଗା ପଧାନ ମଝିଆଁ ପୁଅ ଗୋଲଘର ଝାଡ଼ାବାନ୍ତି ଆରମ୍ଭ ହେଲଣି । ଆଜି ସଭା କ'ଣ ହେବ ?

ସାଆନ୍ତରବୁଢ଼ା ବସିପଡୁପଡୁ ଠିଆ ହେଇଗଲ । ପଚ୍ଚରଲ—ଉଦଆ, ଲୋକ କାଇଁ ?

ସଭା ପାଖରେ ବସିଥିଲ୍ଲ । ହେଇଟି ଆସିଲଣି ।

ମୋ ଆଖିକି ତ ଭଲରୂପେ ଦେଖାଯାଉନ । ତାକୁ ଡାକ ଦବୁଟି ।

ଉଦଆ କହିଲ—କାଳିଆ ବି ତା ସାଙ୍ଗରେ ଅଛୁ ।

ବାପ ପୁଅ ଦୁହିଁଙ୍କି ଡାକ ଦବୁଟି ରେ ଉଦଆ ।

ବୁଢ଼ା ବାଡ଼ି ଠୁକ୍ ଠୁକ୍ କର ଘରଭିତରକୁ ଗ୍ଭଲଗଲ ବୋହୂ,କୁ ଖବର ଦେଇଦବ । ସେମାନେ ସାବଧାନ ହେବେ ପିଲିଝିଲାର ଘର । ଆଜ ଭଲ ଅଛୁ, ମନ୍ଦ ଅଛୁ । ବାପ କି ପୁଅ କାହାର ବୋଲ କାହାର ଦେଖା ନାହିଁ । ଦି' ଜଣ ଛତର ଭଳି ବାହାରେ ବାହାରେ ବୁଲୁଛନ୍ତି । ବିଲରେ ପଡ଼ିଛୁ ପାଚଲ ଧାନ ବାପକୁ ବାପ ବଳ, ପୁଅକୁ ପୁଅ ବଳ । ଭି'ର ଗୋଟେ କାମରେ ଲାଗିଛନ୍ତି । ସେଥିରୁ କ'ଣ ଆମକୁ ପଇସାଟିକର ହେଲେ ଲାଭ ମିଳୁଛି ? ଏମିତି କେତେ କ'ଣ ଗପି ଗପି ବୁଢ଼ା ଘର ଭିତରକୁ ପଶିଯାଇ ତଳ ଅଗଣା ଆଡ଼େ ପଶିଗଲ । ଗଲବେଳେ ବୁଢ଼ା ମନେ ମନେ କେତେ କ'ଣ ଗୁଣୁ ଗୁଣୁ ହଉଥିଲ ।

ଉଦଆ ପରଡ଼ା ସଭାଆଡ଼େ ଗ୍ଭଲଲ । ନଜ ଘରଆଡ଼େ ଗଲେ ପିଲମାନଙ୍କୁ ହେଲେ ସାବଧାନ କରଦେଇ ଆସନ୍ତା । ସଭାଟା ହେଲେ ଭାଙ୍ଗି ଯାଆନ୍ତା କି ଆଜ ?

ସାଆନ୍ତର ବୁଢ଼ା ବାଡ଼ି ଖଣ୍ଡିକ ଧର ଘରଯାକ ଖାଲି ଏପଟ ସେପଟ ହବାକୁ ଲଗିଲ । ଠିଆ ହେଇ ପାରୁନ କି ବସି

ପାରିଲାନ । ବାପ ଯିମିତ ପୁଅ ସିମିତ । କମ୍ପୀର ନେଇ ମକ୍ଷି ନଈରେ କଲଣି, ପିଲଙ୍କ ନବ ଭାଙ୍ଗୁନ । ଦାଣ୍ଡଘରୁ ଗମ୍ଭୀର ଘର, ଗମ୍ଭୀର ଘରୁ କୋଠିଘର, କୋଠିଘର ଓ ବନ୍ଧନ ଘରୁ ବୁଅଁ ଙ୍କ ଘର, ବୁଅଁ ଙ୍କ ଘରୁ ଅଗଣା, ଅଗଣାରୁ ହାଣ୍ଡିଶାଳଆଡ଼କୁ ଗଲାବେଳେ ବୁଢ଼ା ଡାକଲା—ବୋହୂ—

ସେଆଡ଼ୁ ଜବାବ ନାହିଁ ।

ଏ ବୋହୂ —

ପୁଳାଏ ହବ ପାଳ ଧ' ହାତରେ ଧରି ଲୋକବୋଉ ବାଡ଼ିଆଡ଼ ପାଳଗଦା ପାଖରୁ ହାଣ୍ଡିଶାଳକୁ ଆସୁଥିଲେ । ଘଷି ଗୁଡ଼ିର ଫଡ଼ା ଥିଲା । ସରି ଗଲାଣି । ପାଳତକ ଜାଳଦେଇ ବାଇଗଣ ଭଜା ଓ ଶାଗ ଖରଡ଼ା କରିଦେବେ । ପାଳତକ ହାଣ୍ଡିଶାଳେ ଥୋଇ ସେଥିରୁ ବେଙ୍କେ ହବ ଚୁଲ୍ଲୀ ଭିତରେ ପୂରେଇ ସାରି ଲୋକ ବୋଉ ଆସି କହିଲେ—ବାପା, ମତେ ଡାକୁଥିଲେ ?

ଆଲୋ ହେ, ଶୁଣିଲୁଣି ?

ଲୋକ ବୋଉ, ପାଖକୁ ଲାଗି ଆସିଲେ ।

ମାଗା ପଧାନର ମଝିଆଁ ପୁଅ ଗୋଲଖକୁ ଝାଡ଼ାବାନ୍ତି ହଉଛି । ଗାଁରେ ଏତେ ବଡ଼ ସଭାଟାଏ ଆଜି ହବାର ଥିଲା, ଏତେ ଲୋକ ଆସି ଜମା ହେଇଥିଲେ । ଗାଁ ଦାଣ୍ଡରେ ଏଇନେ କାଉ କୋଇଲିର ଦେଖା ନାହିଁ ।

ଲୋକବୋଉ ବଡ଼ଲଡ ହୋଇ ପଡ଼ିଲେ । ପାଟିରୁ କଥା ବାହାରିଲାନ ।

ଆମର ଟୋକା ଯୋଡ଼ାକ ସକାଳ ପହରୁ ଯାଇ ଦାଣ୍ଡଆଡ଼େ । କାଲି ରାତିରୁ କେହିହେଲେ ଘର ମାଡ଼ିବାକୁ ନାହାନ୍ତି । କଉ ବଢ଼ିଆ ହେଲେ ଏମାନେ ।

ଲୋକବୋଉ ବୁଢାଙ୍କୁ ଠିଆ ହୋଇଥାଅବୋଲି କହି, ଛୁଟିଲେ ବାରଆଡ଼େ । ଦେଖିଲେ ବାରଆଡ଼େ ଆଉ ଗହଳ ନାହିଁ । ପାଲି ଆଣିଲାବେଳେ ଦେଖି ଆସିଥିଲେ ପଧାନ ଘର ସାଇର ଫଂଟେ ହବ ମାଇପି କାମଦାମ ସାରି, ନଈକି ଗାଧୋଇ ଯିବେ ବୋଲି ଦାନ୍ତକାଠି, କିଏ ଘାଉଁଶ ତ କିଏ ଗୁଡ଼ାଖୁ ଟିକେ ଟିକେ ଧରି ଖରାରେ ବସିଥିଲେ । କେତୋଟା ଗ୍ଲୁଟ ଗ୍ଲୁଟ ପିଲା ଦାଉଡ଼ା ଦଉଡ଼ି ହଉଥିଲେ । ଦି'ଟା ଛତରା ଟୋକା ଗୋଟେ କୁକୁରର ଘାଟି ମେଲା କରି ତା ଭିତରେ ମୁଢ଼ି, ଗୁଜିଲଭଜାଆଦି ପୂରେଇ ତା ସାଙ୍ଗେ ଖେଳୁଥିଲେ । କେତେଜଣ ବାଡ଼ରୁ କହ୍ଣି, ବାଇଗଣ ଆଦି ତୋଳୁଥିଲେ । ଅଧା ଖରା ଓ ଅଧା ଛାଇରେ ପଧାନ ସାଇର ଗ୍ଣିଜଣ ମାଇପି ବସି କଥା ପକେଇଥିଲେ—କାହାର ବୋହୂଟା ହାଣ୍ଡିଖାଇ, କିଏ କଳିହୁଡ଼ି, କିଏ ଶାଶୁକୁ ଜବାବ ଦଉଛି, ଘଇତାକୁ ଶିଖଉଛି, କିଏ ଦିଅରକୁ ଦୁଷ୍ଟାଅ ହେଲା, କାହାର କେତେଟା ପିଲାଝିଲା, କିଏ ବଂଝା, କାହାର କାଳିଗାଈ ଜନ୍ମ କରିଛି, ଦୁଧ ଦଉଛି ବକଟେ ହବ, ଆଗରେ ହରବଡ଼, ଅରୁଆ ଗୁଜିଲ, ମୁଗଡାଲି; ସାରୁ ଉଉ ଓ କମଳା ଆଜଠୁ ଠିକ୍ କରିବାକୁ ପଡ଼ିବ । ଏମିତି କେତେ କ'ଣ । ବାରଆଡ଼ୁ ବାରପ୍ରକାର କଥା ତା'ର ଗାଣ୍ଡିମୁଣ୍ଡ ନାହିଁ କି ଆଦିଅନ୍ତ ନାହିଁ ।

ପାଲି ପୁଞ୍ଜାକ ହାଣ୍ଡିଶାଳେ ନେଇ ଥୋଇଦେଇ ଆସିଲା ବେଳକୁ ସମସ୍ତେ ଚମ୍ପଟ କରିଛନ୍ତି । କାହାର ହେଲେ ଦେଖାନାହିଁ ଯିଏ ଯାହାର ପିଲା କବିଲାଙ୍କୁ ଘରେ ପୂରେଇ, ବାହାରୁ ବାହାନ୍ଦୁ ଛାଟି କବାଟ ଦେଇ ସାରିଲେଣି । ଘାଟିରୁଣ୍ଡ ଆଉ କାହାର ଶୁଭୁନି । ଘଡ଼ିକେ ପହରକେ ଗୋଟେ ଗୋଟେ ଲୋକ ଯା'ଆସ କରୁଛନ୍ତି । ଲୋକବୋଉ ବାରିଆଡ଼େ ଠିଆ ହେଇ ଗ୍ଣିରିଆଡ଼କୁ

ଲକ୍ଷ୍ୟ କଲେ । କାହା ହାତରେ ଖବର ଦେବେ—ଲୋକଙ୍କ ଯାଇ ଡାକି ଆଣିବ । ଲୋକ ବାପା ତ କାଲି ରାତିଠୁ ଘରକୁ ଆସି ନାହାନ୍ତି । ତାଙ୍କ ଉପରେ ହାଡ଼ କଡ଼କଡ଼ ଉଠୁଛି । ଅନେକ ସମୟ ପର୍ଯ୍ୟନ୍ତ ସେ ଅନେଇଲେ । ବାଟେଇ ପିଲାଟିଏ ବି ଦେଖା ମିଳିଲାନି । ଏ ସମୟରେ କାହାକୁ ପଠେଇଲେ କିଏ ବା ଯିବ ? ମନରେ ସାତପାଞ୍ଚ ହେଇ ପୁଣି ସେ ଘରଆଡ଼େ ଆସିଲେ । ମନ ଭିତରଟା କେମିତି ଗୋଳେଇ ଘାଣ୍ଟି ହଉଛି । ଲୋକେ ହସଖୁସି ହଉଥିଲେ । ସାଙ୍ଗେ ସାଙ୍ଗେ ସବୁ ବଦଳି ଗଲା ?

ତରତର ହେଇ ଘରଆଡ଼କୁ ପଶିଗଲା ବେଳକୁ ଲୋକ ବାପା ସେଆଡ଼ୁ ଚାଲି ଆସୁଛନ୍ତି । କହୁଛନ୍ତି—ହେ, ଶୁଣିଲଣି, ଲୋକ ନବରଙ୍ଗପୁର ଯାଇଛି । ଟେସନରୁ ଖୋର୍ଦ୍ଧାକୁ କ’ଣ ତାର କରିବ । ଡାକ୍ତର ଗାଁକୁ ଆସିବେ ।

ଏକଥା ଶୁଣି ଲୋକବୋଉଙ୍କର ହାଡ଼ରେ ଅବା ନିଆଁ ଲାଗିଗଲା । ନିଆଁ ଲଗା ମରଦ, ତମ୍ପି ବୁଢ଼ିଆଣୀ ଘରେ ବସି ବସି ଏତେ ବେଳକୁ ଆସି ଭଲେଇ ହଉଛି । ଅନ୍ୟ ଦିନ ହେଇଥିଲେ ଭାତ ହାଣ୍ଡି କି ଡାଲି ଆଣ୍ଠିକାଟା ସେ କରି ଦେଇଥାନ୍ତେ । ମୁହଁ ଦୁଆଡ଼ ବାଉଆଡ଼େ ଚାଲିଯାଇଥାନ୍ତେ । ଜବାବ ଦବା ତ ଦୂରର କଥା, ମୁହଁକୁ ବି ଅନେଇ ନଥାନ୍ତେ । ଆଜି କଥା କିନ୍ତୁ ଅଲଗା । ବାବୁ ରାଗତଙ୍କ ପେଟରେ ଡାଲି ପକେଇ ରଖିଦେଇ ସେ କହିଲେ—ପୁଅ ମୋର ସକାଳ ପହରୁ ଖାଇନି । ଯାଅ ତାକୁ ଲଜଟେଇ ଆଣିବ । କାଲି କ’ଣ, ବେଲ କ’ଣ, କହୁଛନ୍ତି ଆସି ଥି, ସେ ନବରଙ୍ଗପୁର ଯାଇଛି ।

ଲୋକବୋଉ ଖୁବ୍ ଆସ୍ତେ ଏକଥା ତକ କହିଗଲେ । କିନ୍ତୁ ତାଙ୍କର ଆଖି, ଠିଆ ହବାର ଭଙ୍ଗି, ଦାନ୍ତ ଚିପି ଚିପି କଥା,

ଲୁହାଭଳି ଚାଣ ଓଠ, ଏସବୁ ଦେଖି ଲୋକିବାପାକୁ ଡର ମାଡ଼ିଲା । ମନେ ମନେ ସେ ଭାବୁଥିଲା—କାଲି ରାତିରେ ଚମ୍ପି ଗୁଡ଼ିଆଣୀ ଘରେ ବଣାଇଥିବା କଥା ଏ କ'ଣ ଜାଣିଗଲା କି ? କେବେ କିଛି ଅବଶ୍ୟ ସେ କହେନ, ତଥାପି କାନ୍ଥକୁ ବାଡ଼କୁ ଦେଖେଇ ସେ ଅନେକ କଥା କହେ, ଯୋଉଥିରୁ କ ବୁଝାଯାଏ, ଚମ୍ପି ଗୁଡ଼ିଆଣୀ ସାଙ୍ଗେ ତା' ସମ୍ପର୍କଟାକୁ ସେ ସନ୍ଦେହ ଆଖିରେ ଦେଖୁଛି । ସେ ଯାହା ହେଉ । ଏତେ କଥା ଭାବିବାକୁ ଆଉ ବେଳ ନାହିଁ ।

କାଳିଆ ସାଆନ୍ତର ବାରଦୁଆରକୁ ଆସି ସେଇଠୁ ଦଉଡ଼ିବାକୁ ଆରମ୍ଭ କରିଦେଲା । ଲୋକି ଅନେକ ବାଟ ଯାଇ ସାରିଲାଣି । ଗାଁମୁଣ୍ଡ ଡାକିଲେ ବି ତାକୁ ଶୁଭିବନି । ଭଲ ବାଟିଏ ହବ ଦଉଡ଼ିଗଲେ ବା ଶୁଭି ପାରେ ? ଲୋକି ଆଗେ ଆଗେ ଚାଲିଛି । ବାପ ଦଉଡ଼ୁଛି ।

ଲୋକିବୋଉ ବାରଦୁଆରଟିରେ ଠିଆହେଇ ଅନେଇ ଥାଆନ୍ତି ।

ଶାଗ ଖରଡ଼ା କ ଆଉ ଯାହା କିଛି ତରକାରି ଥିଲା, ସବୁ ବନ୍ଦ ରହିଲା । ଭାତ ଡାଲି ରନ୍ଧା ସରିଛି । ବାଇଗଣ ଦି' ଚାରିଟା ଭାଜି ନ ଦେଲେ କେହି ଖାଇ ପାରିବେନି । ଚଡ଼େଇରେ ପିତା ଶୁଖୁଆ ଥିଲା । ସେଥିରେ ବଡ଼ ବାଇଗଣ ଓ ଦେଶୀ ଆଳୁ ପକେଇ ବେଶର କରି ଦେଇଥିଲେ ସମସ୍ତେ ଖାଇଥାଆନ୍ତେ । ସମୟ ଭଲ ନୁହେଁ । ଲୋକବୋଉ ମନ ବଳେଇଲେନି । ଚାଳପଡ଼ା କେଉଟୁଣୀ, ସକାଳୁ ପାଭୁଆ ମାଛ ଅଧବଶେ ହବ ଦେଇ ଯାଇଛି । ସେତକ ପୋଡ଼ା ହବ ପଛକେ ହାଣ୍ଡିକ ପିବନି ।

ବୁଢ଼ା ଚୂଲି ମୁଣ୍ଡ ପାଖରୁ ଅଳ୍ପ ଟିକଏ ଘୁଞ୍ଚି ଦୂରେଇ ହୋଇ ବସିଛି । ଲୋକବୋଉ ଚାରି ପାଞ୍ଚଟା ହବ କୁଟା ଚୂଲିରେ ପୂରେଇ-

ଛନ୍ତି । ବାଇଗଣରୁ ପାଣି ମରୁଛି । ଲୁହା ଖଡ଼ିକାଟେ ଧରି ଭଜା ବାଇଗଣଗୁଡ଼ାକ ସେ ଏପଟ ସେପଟ କରୁଛନ୍ତି । ଆଉ ଚୂଲି ଭିତରକୁ ଅନେଇ ଦେଖୁଛନ୍ତି—ପାଲଗୁଡ଼ାକ ଜଳି ଜଳି କପର ସାଙ୍ଗେ ସାଙ୍ଗେ ପାଉଁଶ ହୋଇ ଯାଉଛି । ବେଳେ ବେଳେ ଲୁହା ଖଡ଼ିକାଠି କରେଇରେ ଆଉଜେଇ ଦେଇ ସେ ବାରଦୁଆରଆଡ଼େ ଆଖି ବୁଲେଇ ଆଣୁଛନ୍ତି । ପୁଣି ଆସି ଚୂଲିମୂଣ୍ଡେ । ବାଇଗଣ ଗୁଡ଼ିକ ଭାଜିବା ଭିତରେ ସେ ତିନିଥର ହବ ବାରଦୁଆରକୁ ଯାଇ ଆସିଲେଣି ।

ବୁଢା ମନକୁ ମନ କହି ହେଉଛି—ଥରେ ମୋ ପିଲାଦିନେ ବାପା ବୋଉ ସମସ୍ତେ ଥାଆନ୍ତି । କାଳିଆ ବୋଉ ଘରକୁ ଆସିବାର ହୋଇଥାଏ ଦି' ତିନିବର୍ଷ । ରଙ୍ଗ ହୋଇଥାଏ ବର୍ତ୍ତକର । ସେବର୍ଷ ଥାଏ ପେଟରେ । ଏଇ ମାନସିଂହ ପାଟଣା ଗାଁରେ ଲାଗିଲା ଝାଡ଼ା-ବାନ୍ତି । ଏବେ ସିନା ଡାକ୍ତର ବାହାରିଲେ । ଡାକ୍ତରଖାନା ବସିଲା, ଇଂଗ୍ରେସନ ଫୋଡ଼ାହେଲା । ସେତେବେଳେ କାହୁଁ କଣ୍ଟି ବୋଲି କେଣ୍ଟୁ ନଥିଲା । ସେ ବର୍ଷ ଆସିଥିଲା ନାହିଁ ନଥିବା ବଢ଼ିପାଣି । ବିଲ ବାଡ଼ି ସବୁ ଧୋଇ ଯାଇଥିଲା । ଲୋକେ ମାଣ୍ଡିଆ ଯାଉ ଓ ଶିମା ଭାତ ଖାଉଥିଲେ । ବିଲରୁ ସୁଆଁ ଝାଡ଼ୁଥିଲେ । ବାର ପ୍ରକାର ଗଛର ପତ୍ର ଆଣି ସେଥିରୁ ହାଣ୍ଡିଏ ହାଣ୍ଡିଏ ହବ ସିଝେଇ ପେଟ ପୂର୍ତ୍ତି କରୁ-ଥିଲେ । ମରଦମାନେ ପେଟ ବିକଳରେ ଧାଇଁଲେ କଲିକତା, ରେଙ୍ଗୁନ ଓ କାଲିମାଟି । ଘରେ କେବଳ ମାଇପି, ପିଲା ଓ ବୁଢ଼ା ବୁଢ଼ୀ । ଠିକ୍ ଏଇ ସମୟରେ ଲାଗିଲା ଝାଡ଼ାବାନ୍ତି । ଗାଆଁରୁ ଦୁଇ-ପଣ ଲୋକ ସଫା ହୋଇଗଲେ । ଚାଟି କବାଟ ପଡ଼ିଗଲା । ମୁର୍ଦ୍ଦାର କାଢ଼ିବାକୁ ଜଣେ ଲୋକ ମିଳିଲେନି । ଗାଁସାକ ବିଲୁଆ, ଶାଗୁଣା ଭେଳ ଭେଳା ହେଲେ । ଦିନକେ ଦଶ କୋଡ଼ିଏ ଜଣ ।

କେତେକଙ୍କର ବଅଁଶ ବୁଡ଼ିଗଲା । ଆମର ଜଣେ ଦାଦା ଥିଲେ । ଦାଦା ଖୁଡ଼ୀ, ଓ ପିଲାଝିଲା ହୋଇ ତାଙ୍କ ଘରେ ଥିଲେ ଛଅ ଜଣ । ସମସ୍ତେ ସେଇଥିରେ ଗଲେ । ଆମର ଯୋଡ଼ ଡ଼ିହରେ ଏବେ ବାଇଗଣ ଓ କଖାରୁ ଲାଗିଛି, ସେଇ ଡ଼ିହଟା ତାଙ୍କର । ଦାଦାଙ୍କର ଗୋଟିଏ ବୋଲି ଝିଅ ବାହା ହୋଇ ସାରିଥିଲା । କ'ଣ ଦରକାର ପଡ଼ିବାରୁ ସେଇଟା ବିକିଦେଲା । ତା' ଶଶୁରଘର କାହିଁ ଦୂର ଦେଶରେ । ତା'ଠୁ ମୁଁ କିଣି ଆଣିଥିଲି । ଏଇ ମାନସିଂହ ପାଟଣା ଗାଁରେ ଯେତକ ଖାଲି ଡ଼ିହ ସବୁ ଦେଖୁଥାଉଁ, ସେ ସବୁ ସେସମୟର ଘଟଣା । ଗୋଟେ ଗୋଟେ ବଅଁଶ ପଦା ହୋଇ ଯାଇଛନ୍ତି । କୁଳରେ ପାଣି ଟିକିଏ ଦବାକୁ କେହି ନାହାନ୍ତି ।

ଲୋକବୋଉ ଚୁଲି ଜାଳୁ ଜାଳୁ ଶଶୁର ବୁଢ଼ାଙ୍କ କଥାକୁ କାନ ଡେରି ଥାଆନ୍ତି ।

ସେ ବର୍ଷ ପୁରୀ ଜଗନ୍ନାଥ ଦେଉଳରୁ ଗୋଟେ ପଥର ଖସି-ଥାଏ । ସମସ୍ତେ କହୁଥାନ୍ତି—ମାଳିକାରେ ଅଛି ପଥର ଖସିଲା ବର୍ଷ ନାନା ବିପତ୍ତି ଆସି ପଡ଼ିବ । ତା' ସଙ୍ଗକୁ ପଞ୍ଚଗ୍ରହ କୂଟ । ସେ ବର୍ଷ କେତେ ଲୋକ ଦେଖିଥିଲେ, ନୀଳଚକ୍ର ଉପରେ ଗୋଟେ ଶାଗୁଣା ବସିଥିଲା । ଖାଲି ତ ଏଇ ଗାଁରେ ନୁହେଁ, ସବୁ ଗାଁରେ ଧୋଇ, ମରୁଡ଼ି, ଝାଡ଼ାବାନ୍ତି, ବୁଢ଼ୀମା ଆଉ ମଡ଼କ । ଲୋକେ କହୁଥିଲେ ଏଇ ବର୍ଷ ଯେ ବଞ୍ଚି କରି ରହିବ ସେ ଘର କରିବ । ଲୋକେ କ'ଣ କମ୍ ଅନୀତି କଲେ ? ବେକରେ ମାଳି ନାହିଁ । କଣ୍ଠମଣି ନାହିଁ । ପଠାଣଙ୍କ ଭଳି ଫାଳଟା ଖଣ୍ଡେ ଖଣ୍ଡେ ମାରିଦେଇ କୁକୁଡ଼ା ଅଣ୍ଡା ଖାଇଲେ । ବଡ଼ ବଡ଼ଙ୍କ କଥା ଶୁଣିଲେନି ଓ ଦେବତା ଧରମ ମାନିଲେନି । ଏଥିରେ କି ଧରମ ସହେ ?

ବୁଡ଼ା ଏମିତି ବସି ବସି କେତେ କ'ଣ ଗପି ଲାଗିଛି । କାଲକୁ କାଲ ଛେପ ଚିକ୍କିଣାକ ଆଡ଼କ ସେ ଫୋପାଡ଼ିବାରେ ଲାଗିଛି । ଲୋକବୋଉଙ୍କର ବାଇଗଣ ଭଜା ସରିଲାଣି । କାମ ହଉଛି, କେବଳ ବାହାରଦୁଆରକୁ ଦାଣ୍ଡଦୁଆର ହବା । ଶୁଭିଲା—ବାଜା । ମଙ୍ଗଳାଙ୍କଆଡ଼ୁ ଢୋଲ ଓ ଘଣ୍ଟ ମାର୍ଦ୍ଦଳ ଶୁଭୁଛି । ମଙ୍ଗଳା ବୋଧେ ମାନଶା ହେଲେ । କେଳାଘର ବୁଢ଼ୀ ନାଚିଲାଣି । ଚାଂଠି ହାଅଁ ବନ୍ଦେ ହେଲେଣି । ଲୋକିବୋଉ ସାଙ୍ଗେ ସାଙ୍ଗେ ଆସି ବୁଡ଼ାଙ୍କୁ ଏ ଖବରଟା ଦେଇ ଦେଲେ ।

ବୁଡ଼ା ମନେ ମନେ କ'ଣ ଗୋଟେ ଖୁସି ହେଇଗଲେ । ଯାହା ହଉ ହାଅଁ ଟିକଏ ଆଗ ଅଣ୍ଡା ପଡ଼ିଯାଆନ୍ତୁ । ଭଲ କରିଛନ୍ତି । ମୁଁ ତ ସେଇଆ ଭାବୁଥିଲି ।

ବାହାରଦୁଆରେ ଗୁହାଁଳେଲା ବେଳକୁ ବାପପୁଏ ମଙ୍ଗଳାଙ୍କ ଆଡ଼ୁ ଆସୁଛନ୍ତି । ଆସୁ ଆସୁ ଲୋକି ପୁଣିଥରେ ପଛକୁ ବୁଲି ପୋଖରୀହୁଡ଼ାଦେଇ ମାଗାପଧାନ ଦୁଆରମୁହଁରେ ଗୋକୁଳ-ବାବୁଙ୍କ ସାଙ୍ଗେ କଥାହେଇ ପୁଣି ଆସି ବାପାଙ୍କ ସାଙ୍ଗେ ମିଶିଲା । ଦୁଆର ମୁହଁରେ ହେଲାବେଳକୁ ବୋଉ ବାଟ ଅଗେଇ ଠିଆ ହେଇଛି ।

ସକାଳପହରୁ କପାଳରେ ତାନା ପଡ଼ିନି । ଖରାରେ ମୁହଁ କଳାକାଠ ପଡ଼ିଗଲାଣି । ସେ କାମ ଆମର କରିନଥିଲେ କ'ଣ ହେଇ ନଥାନ୍ତା ? ଗାଆଁରେ ତ ପୁଣି ଏତେ ଲୋକ ଥିଲେ ?

ବାପପୁଏ ଆଗେ ଆଗେ ଚାଲିଲେ । ଲୋକବୋଉ ପଛେ ପଛେ । ବୁଡ଼ା ଯେମିତି କାଳଆ ଓ ଲୋକର ଭୁଣ୍ଡ ଶୁଣିବାକୁ ପାଇଛି, ଘର ଗୋଟାଏ ଖପା ହେଲା । ମନା ଯେନଲେ ସିନା ହୁଏ । କିଏ

କେତେ ଏମାନଙ୍କୁ କହିବ । ମରୁନ ବୋଲି ଭୁଣ୍ଡ କହୁଛି । ମରିଗଲେ କିଏ ଆଉ କହିବାକୁ ଆସିବ । ବୁଢ଼ା ଲୋକକୁ ପାଖକୁ ଡାକିଲା ।

ଲୋକ, ପାଖରେ ଯାଇ ଠିଆ ହବାରୁ ତା'ର ହାତ ମୁଣ୍ଡ ଗୋଡ଼ ହାତ ଓ ପିଠି ସବୁ ଆଉଁଷି ଆଣିଲା । ଅନେଇଲା—ମୁହଁ ତା'ର ଖରାରେ ତରାରେ ବୁଲି ଶୁଖିଯାଇଛି । କହିଲା ଯା—ଗାଧୋଇ ଖାଇ ଶୋଇପଡ଼ । ଦାଣ୍ଡକୁ ବାହାରିଲେ ପୁଣି ଦେଖିବୁ ।

ଲୋକ ଚେତ ଲଗେଇଲାବେଳେ ବୁଢ଼ା ପଚାରିଲା—ଯୁଆଡ଼େ ଯାଇଥିଲୁ ସେ କାମ ହେଇଗଲା ନା ?

ନଗରକାରପୁରଠୁ ତାର ହେଲା । ଲୋକେ ଯା'ଆସ କରୁଛନ୍ତି । ସେମାନେ ଖବରପାଇ ଯିବେ । ଉପରଓଳକ ବୋଧେ ଡାକ୍ତର ଆସିବେ ।

ଭଲ କଥା । ହଉ, ତୁ ଗଲୁ ଆଗ ଖାଇବୁ ।

ବାପପୁଏ ସାଙ୍ଗହେଇ ନଈକି ଗାଧୋଇ ଯାଇଥାଆନ୍ତେ । ସମସ୍ତେ ଖରାପ । ଗଲେନ । ଘରେ ପାଣିଆଣିଲା । ଦେହରେ ଅଜାଡ଼ି ହେଇ ପଡ଼ିଲେ ।

## —ଉଣିଶ—

ଗଡ଼ସି ଟିପ ଉପରେ ଠିଆହେଇ ପୂଜା ଗଛରେ ମାଡ଼ିଥିବା କହ୍ଲୀ ଗଛରୁ କହ୍ଲୀଟେ ତୋଳିବାକୁ ଉହୁଁଙ୍କି ଗଲାବେଳକୁ ତା'ର ହାତ ପାଇଲାନି । କହ୍ଲୀଟା ଝୁଲୁଛି ଯାଇଁ ଗୁଖଣ୍ଡେ ଉଚ୍ଚରେ । ପୂଜା ଭୁଗଛରେ କହ୍ଲୀଗଛଟା କିଭଳି ଲଟେଇଛି । ଗୁଡ଼ିଆଡ଼ ସବୁଜ

ଜହ୍ନୀପତ୍ରରେ ଘେରା । ଗଛରେ ଜହ୍ନୀଫୁଲଗୁଡ଼ାକ ମଳିନ ପଡ଼ିଯାଇଛି । ଅସୁମାର ଜହ୍ନୀକଷି ଠିକ୍ କାଣିଆଙ୍ଗୁଠି ଭଳି । ଗୃହଖଣ୍ଡେ ଉପରକୁ, ଗେଟମ୍—ଗାଟମ୍ ହୋଇ ଜହ୍ନୀଟିଏ ଝୁଲୁଛି । ଅନେକ ଦିନଧରି କେହି ଦେଖି ପାରି ନାହାନ୍ତି । ପତ୍ର ଗହଳରେ ଲୁଚି ଯାଇଛି ।

ଗଉରୀ ଉହୁଁକି ଗଲା ବେଳକୁ ମୁଣ୍ଡରୁ ତା'ର ଲୁଗାଟା ଖସିଗଲା । କାନ୍ଧରେ ପଡ଼ିଥିବା ଲୁଗାଟା ଯାଇ ଅଣ୍ଟା ପାଖରେ । ପିଠିରେ ଲୁଗା ନାହିଁ । ଖୁନ୍ଦଦେଲାଭଳି ତା'ର ପିଠି । ମଝି ପିଠିରେ କିଏ ଅବା ତୁଳୀରେ ଗାରଟିଏ ଆଙ୍କି ଦେଇଛି । ତା' ସାଙ୍ଗକୁ ଲଙ୍ଗଳା ବାହା । ଜହ୍ନୀଗଛ ଉପରେ ଲଟେଇ ପଡ଼ୁଛି । ଆଉ ହାତଟାରେ ସେ ଓହଳି ପଡ଼ିଥିବା ଲୁଗାଟାକୁ ଜାବୁଡ଼ି ଧରିଛି । ଯେ କୌଣସି ମତେ ଜହ୍ନୀଟି ଆଣିବାକୁ ପଡ଼ିବ ।

ତଳେ ଛିଡ଼ା ହୋଇ ମାରିଲା ଗୋଟେ ଝାମ୍ପ । ଜହ୍ନୀଟା ମୁଠା ଭିତରେ । ଅଣ୍ଟା ଉପରକୁ ଖସିପଡ଼ିଥିବା ଲୁଗାଟା ଆଉରି ତଳକୁ ଖସିଗଲା । ବେଣୀ ଫିଟିଗଲା । କେତେ ହବ ବାଳ ଆସି ମୁହଁ ଉପରେ । ଦାନ୍ତକୁ ଜାବୁଡ଼ି ଧରିଥିବା ଲୁଗାଟା ହୁଗୁଳିଗଲା । ଜହ୍ନୀଟା ହାତରେ ମୁଠେଇ ଧରି ସେ ଦାନ୍ତ ମୁଣ୍ଡରେ ଲୁଗାପଟା ଆଗ ସଜାଡ଼ି ଆଣିଲା ।

ବାଉଁଶିଆରେ ଜହ୍ନୀଟା ରଖିଦେଇ ଠିଆହୋଇପଡ଼ିଲା ଗଉରୀ । ଅନେଇ ଦେଲାବେଳକୁ—ଛିଡ଼ା ହୋଇଛି ଲୋକ ଭାଇ । ତା ପଛେ ପଛେ ଘାଧୁ ଭାଇ । ଲୋକଭାଇ ତା' ଆଡ଼କୁ ଲକ୍ଷ୍ୟ କରିଥିଲା । ଡେଇଁବାର ବୋଧେ ଦେଖି ଦେଇଛି । ଗଉରୀ ମନେ ମନେ ଦବିଗଲା । ଦେହର ଲୋମଗୁଡ଼ାକ ଟାର ଠିଆ ଠିଆ । ସରମ ଲାଗିଲା । ଖୁଦୁରୁକୁଣୀଥର ଦେବଦାରୁ ଗଛରେ ଚଢ଼ି

ମାଧବୀ ଫୁଲ ତୋଳା । ଆଜି ଜହ୍ନୀଟି ଆଣିବାକୁ ଡିଆଁ ଡେଇଁ । ଦେହରେ ପୁଣି ଲୁଗାପଟା ନଥିଲା । ଭାବିଥିବେ, କ'ଣ କେଜାଣି ?

ବାଉଁଶିଆଟା ଧରି ଗଉରୀ ତା' ଗୁଇ କୁଦା କୁଦା ବେଗେ ବେଗେ ଘରମୁହାଁ ଚାଲିଲା ।

ବାଡ଼ିଆଡ଼େ ଦୁଆର ଜଲା ଭିତର ଦେଇ ସେ ଅନେଇଲା । ରଘୁ ଭାଇ ଓ ଲୋକ ଭାଇ କିଛି ସମୟ ଠିଆହୋଇ କଥା ହେଲେ । ତା' ପଛରେ ଚାଲିଲେ ଦାଣ୍ଡଆଡ଼େ । ଗାଁରେ ସଭା ବସିବାକୁ ସେତେବେଳେ ଆୟୋଜନ ହଉଥିଲା ।

ଗଉରୀ ସେଦିନ ଲକ୍ଷ୍ୟ କରିଛି—ଲୋକ ଭାଇର ମୁହଁ କିମିତି ଶୁଖିଲା ପଡ଼ି ଯାଇଥିଲା । ଜଣା ପଡ଼ୁଥିଲା—ସେ ଯେମିତି କେତେ କ'ଣ ଭାବୁଛି । ପିନ୍ଧିଥିଲା ଖଣ୍ଡେ ଅଣଓସାରିଆ ଲୁଗା । ଦେହରେ ଖଣ୍ଡେ ଫତେଇ । ଫତେଇ ତଳେ ଦେଖାଯାଉଥିଲା, ତା'ର ପିଠି ଦେଲା ଭଳି ଚୁଡି । ଗୋରା ମୁହଁରେ ଦି'ପଟା କହରା ନଶ । ଖଣ୍ଡ ଖଣ୍ଡ ହୋଇଯାଇଥିବା ଶକ୍ତ ବାହୁ । ଗଉରୀ ଦୁଆର ଫାଙ୍କରେ ଅନେଇଥିଲା । ଦେହରେ ମୁଣ୍ଡରେ ତା'ର ଲୁଗାପଟା ନଥିଲା । ଲୋକ ଭାଇ ସେ ଅବସ୍ଥାରେ ଦେଖିଥିଲେ କ'ଣ ଭାବିଥିବ କେଜାଣି ? ଭାବୁ ଭାବୁ ଗଉରୀ ଜିଭ କାମୁଡ଼ି ଦେଲା ।

ସଜନାଶାଗ, କୋଶଳାଶାଗ, ଜହ୍ନୀ, କଖାରୁଫୁଲ ଓ ଭେଣ୍ଡି ସବୁ ସେ ବାଉଁଶିଆରେ ଆଣି ରଖିଥିଲା । ହାତରେ ଧରିଥିଲା ଚାରିଟା ସଜନା ଛୁଇଁ । କଞ୍ଚାଲଙ୍କା କେଇଟା ତୋଳି ପାରିଲାନି । ବାଉଁଶିଆଟା ଶାଗ କଅଁଆରେ ସେ ଗୁଡ଼ିଦେଇ ଆଣିଛି ।

ଗଉରୀ ଚାରିଆଡ଼କୁ ଅନେଇଲା । ଦେଖିଲା, ଲୋକ ଭାଇ ଓ ରଘୁ ଭାଇ ଚାଲିଗଲେଣି । କେହି ବୋଲି କେହି ନାହାନ୍ତି । ଲଙ୍କାମରିଚ ମଞ୍ଜା ପାଖକୁ ଯାଇ ନାଲି ଓ ପାଚିଲା ଲଙ୍କା ଦି' ଚାରି

ପୁଞ୍ଜା ଚୋଳ ବାଉଁଶିଆରେ ସେ ପକେଇଲା । ଘର ଭିତରକୁ ପଶିଆସି ଡାକିଲା—ବୋଉ ।

କ'ଣ କି ଲୋ—ବୋଉ ସେତେବେଳେ ଭାତ ରାନ୍ଧୁଥିଲା । ଗଜଗା ବାଡ଼ିଆଡ଼କୁ ଆସିଥିଲା । ପନିପରିବା ଆଣିଲେ ତରକାରୀ ବସିବ । ବପାଙ୍କର ଦେଖା ନାହିଁ । ସେ, ଏ ସବୁ ସଭା, ମାମଲତି କି ନ୍ୟାୟ ନିଶାପରେ ନଥାନ୍ତି । ତାଙ୍କ ଧାନ ଭଲ ତ ସିଏ ଭଲ । ଏଇନେ ବୋଧେ ବିଲରେ ଥିବେ । ଧାନ ଶୀଷାଟିଏ ହିଡ଼ ଉପରେ ପଡ଼ିଯାଇଥିଲେ ତାକୁ ଟେକି ଦଉଥିବେ । ହିଡ଼ ଉପରୁ ପଡ଼ିଥିବା ଶୀଷାଗୁଡ଼ାକ ଛୁଣ୍ଡେଇ ଆଣି ହାତରେ ଧରିଥିବେ । ନୋହିଲେ ଶୀଷାଗୁଡ଼ିକୁ ଅଳ୍ପ ଆଉଁଷିଦେଇ ବିଲଭିତରେ ମାଡ଼ି ଦଉଥିବେ । ଧାନ ବିଲକୁ ଚାହିଁ କେତେ କ'ଣ ଭାବୁଥିବେ । ଭଲ ଧାନ ଫଳିଥିବା କିଆରୀ ଚାରିପାଖେ ଦିନକେ ଦି' ଚାରିଥର ବୁଲି ଆସିବା ତାଙ୍କର ଗୋଟେ ଅଭ୍ୟାସ । ଦରପାଚିଲା ଧାନ ବିଲରେ ଥିଲେ ସେ ମୋଟେ ଘର ମାଡ଼ନ୍ତିନି । କିଛି ବୋଲି କିଛି କାମ ନାହିଁ । ବିଲଟାରେ ଜଗୁଆଳ ଭଳି ସିମିତି ପଡ଼ିରହିଥିବେ ।

ଗଜଗା ପନିପରିବା ଆଣି ମନକି ପଟା ଉପରେ ବସିଗଲା । ପାଖରେ ଆଣି ରଖିଲା ପରିବା ବାଉଁଶିଆ । ଜହ୍ନିରୁ ଚୋପା ଛଡ଼େଇବ । ପନିକି ତଳେ କୁଲା ରଖି କୋଶଳା ଓ ସଜନା ଶାଗ କାଟିବ । ହାଣ୍ଡିଶାଳ କାମଦାମ ସାରିଦେଇ ମା' ଝିଏ କଥା ହଉଥିବେ । ବାପା ବିଲରୁ ଆସିଲାବେଳେ ମୀନମାଛ କି ଶଉଳ ଗଡ଼ଶା ଖଣ୍ଡେ ପୋଲୁହ ପକେଇ ଯେବେ ନେଇ ଆସନ୍ତି, ଚୂଲିରେ ଆଉଥରେ ସେମାନେ ଲୁଣ୍ଡା ପୂରେଇବେ ।

ଗାଁ ଦାଣ୍ଡରେ ସଭା ବସୁଥିଲା । ଦାସିଆ ବାଉରି ଉପରେ ମାଡ଼ିହବା କଥା । ଧାନ ଚୋରୀ ଓ ଆଉ ସବୁ ଯାହାକିଛି ଗାଁ ଲୋକେ

ଏକାଠି ବସି ନଶାପ କରିଥାନ୍ତେ । ଯିଏ ଯାହାର କାମ ବନ୍ଦ କରି ଗୋଟି ଗୋଟି ହୋଇ ଆସି ପିଣ୍ଡା ଉପରେ ବସୁଥିଲେ । ଗଉରୀ ଘନଘନ ଉପରୁ ଝରକା ପାଖକୁ ଦଉଡ଼ିଯାଇ ଅନେଇଲା, ଲୋକେ-ସବୁ ଫେରିବାକୁ ଆରମ୍ଭ କଲେଣି । ପଞ୍ଚେ ପଞ୍ଚେ ଗାଁ ଦାଣ୍ଡରେ ଠିଆହୋଇ କଥା ହଉଛନ୍ତି । କାହା ମୁହଁରେ ହରଷ ନାହିଁ । ଯେମିତି, କ'ଣ ଗୋଟିଏ ବଡ଼ ଘଟଣା ଘଟିଯାଇଛି ।

ସଭା ତ ବସୁଥିଲା । ଲୋକ ଭାଇ ଓ ରାଧୁ ଭାଇ ତ ଏଇନେ ସେଇଠି ବସିଥିବେ । ଲୋକେ ପୁଣି ଫେରିଲେ କାହିଁକି ? ଗଉରୀ ଅନେକ ସମୟ ଧରି ଅନେଇଲା । କିନ୍ତୁ କାରଣ କିଛି ଜାଣି-ପାରିଲାନି । ବୋଉକୁ ଯାଇଁ ଝରକା ପାଖକୁ ଡାକି ଆଣିଲା । ମା' ଝିଅ ବୁହେ ବାରିଦୁଆରକୁ ଦାଣ୍ଡଦୁଆର, ଦାଣ୍ଡଦୁଆରକୁ ବାରି ଦୁଆର ହେଲେ । କେହି କୁଆଡ଼େ ନାହାନ୍ତି । ଦାଣ୍ଡରେ ଆଉ ସେ ହୋ ହା ନାହିଁ ।

ରାଧୁ ଭାଇ ଦୁଆରେ ଆସି ଯେମିତି ଡାକ ଦେଇଛି, ଗଉରୀ ଦଉଡ଼ି ଯାଇ ଦୁଆର ଫିଟେଇ ଦେଲା । ବୋଉ ବି ଶୀଘ୍ର ଆସିଲା । ତାଙ୍କ ମୁହଁ ଓ ଆଖିରେ ସେମାନେ ପଚାରୁଥିଲେ—ହେଲା କ'ଣ ।

ମାଗା ପଧାନ ମଟିଆଁ ପୁଅ ଗୋଲଖର ଝାଡ଼ାବାନ୍ତି ହଉଛି ।

ଆଉ ଝିଆପିଆ ନା ହସଖୁସି । ମନଟିମାନ ମରିଗଲା ।

ବୋଉ କହିଲା—ରାଧୁ, ବାପା ବିଲରେ । ସେ କେମିତି ଆସନ୍ତେ ଭା'ରି ।

ମୁଁ ଯାଉଛି ଡାକି ଆଣିବି ।

ବୋଉ ହଁ କରି ପାରିଲାନି କି ମନା କରି ପାରିଲାନି । ସମୟଟା ବଡ଼ ଖରାପ । ଖରାବେଳେ ପୁଅକୁ ଛାଡ଼ିବାକୁ ଇଚ୍ଛା ହଉନି । ଏଣେ ଡାକି ଦବାକୁ ଆଉ କେହି ନାହାନ୍ତି । ବୋଉ

ଏମିତି ହଁ—ନାଇଁ, ହଁ—ନାଇଁ ହଉଚି । ରାଧୁ ସାଙ୍ଗେ ସାଙ୍ଗେ ଦୁଆର ମୁହଁକୁ ଯାଇ ବିଲଆଡ଼େ ଚାଲିଲା । ମାଗା ପଧାନ ଦୁଆର ବାଟେ ସେ ଗଲାନି । ଗାଁମୁଣ୍ଡ ଦଅଁଙ୍କ ପୋଖରୀ କୂଳେ କୂଳେ ବିଲ ବାଟିଏ, ପଦର ମାଣ ହବ 'ଡେଇଁଗଲେ 'ବାପାଙ୍କୁ ଡାକି ଆଣିବ । ପୋଖରୀ ହୁଡ଼ା ଉପରେ ଠିଆ ହୋଇ ଡାକଟାଏ ମାରିଦେଲେ ବି ବାପା ଶୁଣିପାରିବେ । ମା' ଝିଏ ଦାଣ୍ଡଦୁଆରେ ଠିଆ ହୋଇ କେବଳ ଅପେକ୍ଷା କରିଥାନ୍ତି ।

ଅଳ୍ପ ସମୟ ଯାଇଚି । ରାଧୁ ବାପାଙ୍କୁ ଡାକି ବିଲରୁ ଫେରିନି । ଶୁଭିଲା—ଢୋଲ, ବାଜା ଓ ଘଣ୍ଟି ମାଡ଼ । ଗାଁ ଆରମୁଣ୍ଡ ମଙ୍ଗଳାଙ୍କ ପାଖରୁ ଶୁଭୁଚି । ମଙ୍ଗଳା ବୋଧେ ବିଜେ ହେଲେ । କେନାଘର ବୁଢ଼ୀ ବୋଧେ ନାଚିଲାଣି । ତା'ରିଠୁ ଜଣା ପଡ଼ିବ ମା' ଗାଁକୁ କେତେଦିନ ପାଇଁ ବିଜେ କରିଛନ୍ତି । କେତେଟା ମୁଣ୍ଡ ଏ ଗାଁରୁ ନେବେ । ଯାହାହଉ ଗୋଟେ ଭଲ କାମ ହେଲା ।

ଗଉରୀବୋଉଙ୍କ ଦିହ ବରଡ଼ାପତ୍ର ଭଳି ଥରୁଥାଏ । ମଙ୍ଗଳା ମାଜଣା ହେଲେଣି । ଉଦୁଉଦିଆ ଖରାବେଳ । ବାପ ପୁଏ ଦି'ଜଣ ଯାଇ ଗମ୍ଭୀର ବିଲରେ ।

ମା' ଝିଅ ଅନେଇଛନ୍ତି—ବାପ ପୁଏ ସାଙ୍ଗ ହୋଇ ବିଲ ଆଡ଼ୁ ଫେରିଲେ । ବଡ଼ ବଡ଼ ପାହୁଲ ପକେଇ ଦିହେଁ ଘରମୁହାଁ ଚାଲିସିଥାଆନ୍ତି । ପୋଖରୀ ହୁଡ଼ା ପାଖରେ ଆସି ହୋଇଗଲେଣି । ବାରିଦୁଆର ଦାଣ୍ଡଦୁଆରଟିମାନ ବନ୍ଦ କରିଦେଇ ଘର ଭିତରେ ସେମାନେ ରହିଯିବେ । ବାହାରକୁ ବାହାରିବା କିଛି ଦରକାର ନାହିଁ ।

ମା'ଝିଅଙ୍କ ପିଣ୍ଡରେ ପ୍ରାଣ ପଶିଲା ।

× × × ×

ଲୋକ ନଗରକାରପୁର ଯିବା କଥା ରାଧୁ ଘରେ ଖବର ଦେଇ ଦେଲା । ଡାକ୍ତର ଆସିବେ । ଇଂଜେକ୍ସନ ଦିଆଯିବ ।

ଲୋକ ଭାଇ ଇଏ ଉଦୁଉଦିଆ ଖରାରେ ନଗରକାରପୁର ଯାଇଥିବା କଥା ଯେମିତି ଶୁଣି ଦେଇଛି, ତା ମନ ଭିତରେ ଗୋଟେ ଛନକା ପଶିଗଲା । ସେ କେତେଜଣଙ୍କଠୁ ଶୁଣିଛି ମୁହଁସଞ୍ଜ ବେଳେ କି ଉଦୁଉଦିଆ ଖରାବେଳେ ଗଲେ ଲୋକେ କୁଆଡ଼େ ଭେଟଣା ହୋଇଯାଆନ୍ତି ।

ଗଜଗା ମନେ ମନେ ଦିଅଁଙ୍କୁ କେତେ କ'ଣ ଯାଚି ପକେଇଲା । ଛାତି ତା'ର ପଡ଼ୁଥିଲା ଉଠୁଥିଲା ।

ଲୋକ ଭାଇ କଥା କାହିଁକି ସେ ଏତେ ଭାବେ କେଜାଣି ? ସିଏ ତ ତାର କେହି ନୁହନ୍ତି ? ଗାଁର ଗୋଟିଏ ଜଣାଶୁଣା ଭାଇ । ଆଉ କେତେ ତ ଏମିତି ଅଛନ୍ତି ? ତଥାପି ଲୋକଭାଇ ଭାରି ନିଜରଭଳି କାହିଁ ତାଙ୍କୁ ଜଣାପଡ଼େ । ଅଇଁଠା ବାସନ ନେଇ ଉପରେ ଧରି ଗାଡ଼ିଆରେ ଧୋଇବାକୁ ଗଲାବେଳେ, ଏକଲା ଏକଲା ଝାଡ଼ାଫେରି ଗଲାବେଳେ, ରାତିରେ ସମସ୍ତଙ୍କୁ ନିଦ ଲାଗି ସାରିବା ପରେ, ଖରାବେଳେ ମସିଣା ଖଣ୍ଡିକରେ ବସି ଗାଞ୍ଜିଆ କି କାଶୀ ଘୋଟେଇ ବୁଣିଲାବେଳେ, ଚୂଲିରେ କୁଟା କି କାଠ ପୂରେଇ ଦେଇ ସେ କପରି ହୁତୁହୁତୁ ହୋଇ ଜଳୁଛି ତାକୁ ଲକ୍ଷ୍ୟ କଲା-ବେଳେ, କି ଢିଙ୍କି ଲାଞ୍ଜିରେ ଗୋଡ଼ ଦେଇ ଧାନ କୁଟିଲାବେଳେ ଏମିତି ଅନେକ ସମୟରେ ଲୋକ ଭାଇ କଥା ତା'ର ମନେ ପଡ଼େ । ତା' ମୁହଁ ଆସି ଆଖି ଆଗରେ ନାଚେ । ତା' ହସ କୁରୁକୁରୁ ମୁହଁ ସତେ ଅବା ଦିଶିଯାଏ । ଲୁଚେଇ ଲୁଚେଇ ତା କଥା ଭାବିବାକୁ ଭଲ ଲାଗେ । ତା' ପ୍ରଶଂସା ଗାଁ ଲୋକଙ୍କଠୁ ଶୁଣିଲେ ଛାତି କୁଣ୍ଢେ ମୋଟ ହୋଇଯାଏ ।

ତଥାପି ବଡ଼ ଆଗଚଲା ଓ ଆଗବୋଲା ଲୋକଟାଏ ସିଏ । ଗାଁରେ ଏତେ ଲୋକ ତ ଥିଲେ, କାହିଁ କେହି ହେଲେ ତ ଆଗୁଆ ବାହାରିଲେନି । ସବୁ କଥାକୁ ଖାଲି ଆଗୁଆ ଆଗୁଆ । ହେଲେ ବି କିଛି ଯାଏ ଆସେ ନାହିଁ । ମରଦ ପୁଅ । ଡରିବ ବା କାହିଁକି ? ସେ ତ ସୁଦାମବାବୁ ନୁହଁନ୍ତି । ଗଛଟିରେ ଚଢ଼େଇଦେଇ ମୂଳରୁ କାଟି ଦେବେ ? କାହାର ଦୁଃଖ ଅସୁବିଧା ସେ ସହିପାରନ୍ତିନି । ଅନ୍ୟର ବିପଦ ପଡ଼ିଲେ ନିଜର ବୋଲି ଭାବନ୍ତି । ବଡ଼ ଭଲ କଥା ସମସ୍ତେ ଧନ୍ୟ ଧନ୍ୟ କରନ୍ତି । ତଥାପି ଏ ସମୟଟା ବଡ଼ ଖରାପ । କେତେବେଳେ କ'ଣ ଆପଦ ବିପଦ ଆଇପାରେ ?

ଢୋଲ ଶଙ୍ଖ ଓ ଘଣ୍ଟା ମାଡ଼ ଗାଁର ଆରମୁଣ୍ଡଆଡୁ ଭାସି ଆସୁଛି । ଜଣେ କିଏ ଜୋର୍‌ରେ ଘଣ୍ଟ ପିଟିବାରେ ଲାଗିଛି । ଲୋକ ଭାଇ ଭଲରେ ଫେରି ଆସିଲେ ଗଡ଼ଗା ମଙ୍ଗଳାଙ୍କ ପାଖରେ ଗୁଆଘିଅର ଗୋଟେ ସଞ୍ଜ ବଳିତା ଜାଳିଦବ ବୋଲି ମନେ ମନେ ଠିକ୍ କଲା । ଯେବେ ପାରେ, ମଙ୍ଗଳାଙ୍କ ପାଖରେ କୋରା ଖଇ ବି ଆଣି ଭୋଗ କରିଦବ ।

ଖରା ମୁଣ୍ଡ ଉପରୁ ନଇଁ ନଇଁ ଆସୁଛି । ଗାଁ ଦାଣ୍ଡ ଶୂନ୍‌ଶାନ । କେହି ବୋଲି କେହି ନାହାନ୍ତି । ଆଉ ସବୁ ଦିନମାନଙ୍କରେ ଲୋକେ ଖାଇ ପିଇ ଏତେ ବେଳକୁ ନିଜ ନିଜ ପିଣ୍ଡାଟି ଉପରେ ବସି ଗପସପ ଲଗେଇ ଥାଆନ୍ତି । ବାର ଆଡୁ ବାର କଥା ପଡ଼ିଥାଏ । କୋଉଁଠି ତାସ୍ ପାଲି ପଡ଼ିଥିଲେ ଆଉ କେଉଁଠି ପଶାକାଠି ଗଡୁଥାଏ । କିଛି ନ ପାରିଲେ ଗୁରିଜଣ ଏକାଠି ହେଇ ବସିଯାଇ ବାଘବାଳ ଖେଳନ୍ତି । ବାଘ ବକରୀ ଖେଳ । ମଝିରେ ମଝିରେ ମାଙ୍କଡ଼ ଓ ଭାଲୁ ନାଚ, ମୁଷାର କୁଅରୁ ପାଣିକଢ଼ା, ସାଧବଘର ବୋହୂ ଦେଢ଼ଶୁର ଆସୁଛି, ଲୁଚ ପଡ଼ୁଥିବୁ, ଲୁଚ ପଡ଼ୁଥିବୁ,

ଆଜର ମାଠିଏ, ଆଜର ମାଠିଏ, କେଳାର ପଦ୍ମତୋଳା ସାଙ୍ଗରେ ସାପଖେଳ, ବାଉଁଶନାଟ, ମୁଣ୍ଡପୋତା କେଳାର ନାକରେ ଆମ ଟାକୁଆ ଲଗେଇ "ଭଲ ଭଲ" କରି ଗାଁ ସାକ ଡେଇଁବା ଏମିତି କେତେ କ'ଣ ନାଟ ତାମସା ଗାଁ କୁ ଆସେ । ଠିକ୍ ଏତକବେଳେ ଗାଁକୁ କାକଟପୁର ମଙ୍ଗଳା ଆସନ୍ତି । ଦଉଁଙ୍କ ପାଖରେ ଗୁଙ୍ଗୁଡ଼ାରେ ଗୁଡ଼ଲ ଓ ସାରୁ ପୁଆ ଲେଖେଁ ଥୋଇ ଦେଇ ଗାଁ ପିଲା କଦଳପତ୍ର ଟିକିକରେ ମଙ୍ଗଳାଙ୍କ ସିନ୍ଦୂର ଟିକଏ ଟିକଏ ନେଇ ଯାଆନ୍ତି । ଏମିତି କେତେ କୁଆଡ଼ର ଲୋକ ଖରାବେଳେ ଏଇ ମାନସିଂହ ପାଟଣା ଗାଁ କୁ ଆସନ୍ତି । ଯାହା ଆସୁ ନଥିଲେ, ଆସୁ ନଥିଲେ, ଏଥର ଷୋଳଅଣା ଫସଲ ହେଇଛି । ଦେଖିବ, କେତେ ଗାଁକୁ ଗଡ଼ିବେ ।

ଆଜ କିନ୍ତୁ ସବୁ ଶୂନ୍‌ଶାନ । ଗାଁ ଦାଣ୍ଡରେ ମୂଷା ପିଲାଟିଏ ପାଇବନି । ସମସ୍ତଙ୍କ ଛାଟି କବାଟ ବନ୍ଦ । କାହାର ସୋର ଶବଦ ନାହିଁ । ମାନସିଂହ ପାଟଣା ଗାଁ ରୁ ଆଜ ସତେ ଅବା ଶିରୀ ତୁଟି ଯାଇଛି ।

## —କୋଢ଼ଏ—

ନାଡ଼ ମିଳୁ ନ ଥିଲା, ହାତକୁ ନାଡ଼ ଆସି ଲଗିଲା । ଗୋଡ଼ରୁ ବାଲୁଲ ଉଠୁଥିଲା । ସେ ବ କମି ଆସିଲା । ଆଗ ଭଳି ଯେପରି ତୁହାକୁ ତୁହା ବାନ୍ତି ମଡ଼ଉଥିଲା, ସେ ଆଉ ନାହିଁ ।

ଅବସ୍ଥା ମୋଟ୍ ଉପରେ ଭଲଆଡ଼କୁ ଗତି କରୁଥିଲା । ଗୋକୁଳ ବାବୁ ମାଗା ପଧାନର ଦାଣ୍ଡ ଦୁଆରୁ ଘର ଭିତରକୁ ଓ ଘର ଭିତରୁ ଦାଣ୍ଡ ଦୁଆରକୁ ବେଳେ ବେଳେ ଯା' ଆସ କରୁଥାନ୍ତି । ବାପ ଛଡ଼ା ପାଖରେ ଆଉ କାହାର ଦେଖା ନାହିଁ । ଖବର ତ ପଠିଆ ସରିଛି । ଡାକ୍ତରମାନେ ଯେ କୌଣସି ମୁହୂର୍ତ୍ତରେ ଆସିପାରନ୍ତି ।

ଅଳ୍ପ ସମୟ ପରେ ଗୋଲଖର ପୁଣି ଥରେ ଝାଡ଼ା ହେଲା । ଝାଡ଼ାରେ ଘରସାରା ଭସିଲା । ଝାଡ଼ା ପରେ ପରେ ଗୋଡ଼ରୁ ବାହାରିଲା ବାକୁଳ । ଗୋଡ଼ ହାତ କାଲ ମାରିଆସିଲା । ମୁହଁ ବବର୍ଣ୍ଣିଆ ଦେଖାଗଲା । ଆଖି ଯାଇ ଗାଡ଼ ଭିତରେ । କଳା କାଠ ପଡ଼ିଯାଇ ପଚିଶ ଛବିଶ ବର୍ଷର ଗଜା ଟୋକାଟା ଠିକପଡ଼ିଲା ।

ମାଗା ପଧାନ ଘରେ, ଭାଇ ଭାଉଜ, ସ୍ତ୍ରୀ, ପୁତୁରା, ଝିଆରୀ ସମସ୍ତେ ହୋ ହୋ ହୋଇ କାନ୍ଦି ଲାଗିଲେ । ବାପ ମାଗା ପଧାନ ଭୂଇଁ ଅଣ୍ଡାଳି କେବଳ ଗଡ଼ିଲା । ଜକରଥିବା ହୋଇ ବୋବାଳି ଗୁଡ଼ିଲା । ବୁଢ଼ା ବାପ ବଞ୍ଚି ରହିଛି । ଭେଣ୍ଡା ପୁଅ ଚାଲିଯାଉଛି । ଗଛ ପତ୍ର ବି କାନ୍ଦି ଉଠୁଛନ୍ତି । ଘର ଲୋକଙ୍କର କାନ୍ଦ ବୋବାଳି ମାନସି ପାଟଣା ଗାଁର ଆଉ କାହା ଘରର ବାରଦୁଆର କି ଦାଣ୍ଡ ଦୁଆର ବାଟେ ପଶି ପାରିଲାନି । ହ' ଆଡ଼ ବନ୍ଦ । ପଶିଲା ଅଗଣା ବାଟେ । ସମସ୍ତେ ଯେମିତି ଶୁଣିଦେଲେ ମାଗା ପଧାନ ପୁଅ ଗୋଲଖ ମାଡ଼ ଖାଇଗଲା, ସମସ୍ତେ ମନରେ ହେଲେ—ଗୋଟିଏ ମୁଣ୍ଡ ଗଲା । ଆଉ ଯୋଡ଼ିଏ । ଠାକୁରାଣୀ କେନାଘର ବୁଢ଼ୀ ତୁଣ୍ଡରେ କହି ଦେଇଛି ଏଇ ଗାଁରୁ ସେ ତିନି ମୁଣ୍ଡ ନବ । ଗୋଲଖ ପରେ ପରେ ଆଉ କାହାର ପାଳି ପଡ଼ୁଛି କେଜାଣି ? କାହା ପିଣ୍ଡରେ ପ୍ରାଣ ନାହିଁ । ମାଇପିମାନେ ଯାଇ ଅଣ୍ଡାଳି ଦେଇ ଆସିଲେଣି—ଦୁଆର ସବୁ ଶକ୍ତ ଭାବରେ ଦିଆ ହୋଇଛି କି ନାହିଁ ।

ନ ଖାଇ ନ ପିଇ ପଚେ଼ ଏ ଘର ଭିତରେ ମରିବେ, ବାହାରକୁ ବାହାରିବେନି । ଧନ ଯାଇ ରାତି ଆସିବନି ଯେ କାଳ ଆସିବ ମଙ୍ଗଳାଙ୍କଆଡୁ ଘଣ୍ଟ ମାଦଳ ଶଙ୍ଖ ଆସ୍ତେ ଆସ୍ତେ ଶୁଭିଯାଉଥିଲା । ମାଜଣା ସରିଆସୁଛି । ଗୋଲଖ ମରିଯିବା ଖବର ପାଇସାରିବା ମାନେ ସମସ୍ତେ ଘରେ ଥାଇ ମଙ୍ଗଳାଙ୍କୁ କୋଟି କୋଟି ନମସ୍କାର କଲେ । କେତେ କ'ଣ ମନାସି ପକେଇଲେ ।

ଗୋକୁଳବାବୁ ସକାଳପହରେ ସୁଦାମବାବୁଙ୍କ ଘରେ ଗୁଁ ଜଳଖିଆ ଟିକେ ଖାଇଥିଲେ । ତା' ପରେ ପରେ ଏ ଘଟଣା । କିଛି ବୋଲିଲେ କିଛି ତାଙ୍କ ପେଟରେ ଏପର୍ଯ୍ୟନ୍ତ ପଡ଼ିନି । ସେତିକି ବେଳୁ ସେ ମାଗା ପଧାନ ଘରେ ଅଛନ୍ତି । ଗାଁର ଆଉ କଏ ଆସି ତାଙ୍କ ଖାଇବା ପିଇବା ବୁଝି ନାହାନ୍ତି । ସେ ବି କାହାକୁ ଯାଇ କହିବେ—ଭୋକ ଲାଗିଲାଣି । ଲୋକ କେବଳ ନରିକାରପୁର ଯିବା ଆଗରୁ ତାଙ୍କୁ ନବାତ ପାଣି ଗିଲାସଟିଏ ଦେଇଥିଲା । ଗୋକୁଳ ବାବୁ ଭାବୁଥିଲେ—ନରଣପୁର ତ ଯାଇ ହବନି । ଏ ସମୟରେ ଗୋଟେ ଗାଁରୁ ଆଉ ଗୋଟେ ଗାଁକୁ ଯିବା ବଡ଼ ବିପଜ୍ଜନକ । ରୋଗ ଗାଁକୁ ଗାଁ ବ୍ୟାପିବ । ତା' ଛଡ଼ା ଡାକ୍ତରମାନେ ଯେ କୌଣସି ସମୟରେ ମାନସିଂହ ପାଟଣା ଆସି ପାରନ୍ତି । ଲୋକଙ୍କୁ ଇଞ୍ଜେକ୍ସନ ଦିଆଇବା, ଗଡ଼ିଆ ପୋଖରୀରେ ଔଷଧ ପକେଇବା, ପଚାସଡ଼ା ଜିନିଷ ନ ଖାଇବାକୁ ଲୋକଙ୍କୁ ଉପଦେଶ ଦବା ହେଲାଣି ପ୍ରଥମ କାମ । ମାନସିଂହ ପାଟଣା ଛାଡ଼ି ସେ ଯିବେ କୁଆଡ଼େ ?

କିନ୍ତୁ ଅସଲ କଥା ହେଲାଣି ମୁର୍ଦାରଟା ଉଠିବ କିମିତି ? ବେଶୀ ସମୟ ପକେଇ ରଖିବା ମାନେ ବିପଦର ଆଶଙ୍କା । ଲୋକଙ୍କର ମନରେ ଭୟ ବଢ଼ିବ । କିନ୍ତୁ ଅନ୍ୟ କେହି ନ

ବାହାରିଲେ ତ ଚଳିବନି । ଜଣେ ଲୋକ, ଏକାରେ କ'ଣ ସେ ଏ କାମଟା କରି ପାରିବ ?

ସାନ ଭାଇଟା ପିଲାଟେ । ପଧାନ ବୁଢ଼ା ତାଙ୍କୁ ସତର ବର୍ଷ ବେଳୁ ବାହା କରି ଦେଇଛି । ସେ ବି ଗାଁରେ ନାହାଁ । ବଡ଼ ଭାଇଟା ଚ ଅଛି । ସିଏ ଟିକିଏ ହେଲେ ବାହାରିଲାନି ? କବାଟ କିଳି ଆଇକିନିଆଙ୍କ ଭଳି ସେ କାନ୍ଧ ଲଗିଛି । ବାହାରକୁ ଆସିଲେ ସିନା ପାହା କଥାବାର୍ତ୍ତା ।

ଦିନ ଥାଉ ଥାଉ ଏ କାମଟା ଯେବେ ଉଠି ପାରନ୍ତା, ଗୋଟେ ଅଡ଼ୁଆ ତୁଟନ୍ତା । ରାତି ହେଲେ ମଣିଷର ସୋର ଶବଦ ଶୁଭିବନି । ମଡ଼ା ଉଠୁ ଉଠୁ ଯାଇଁ କାଲି ସକାଳ । ଗୋକୁଳବାବୁ ମାଗା ପଧାନ ପିଣ୍ଡା ଉପରେ ବସି ଏମିତି ଆକାଶ ପାତାଳ ଭାବୁଥିଲେ । ତାଙ୍କର ପୁଣି ଆଜି କଟକ ଯିବାର ଅଛି । ସନ୍ଧ୍ୟା ଛଗାଡ଼ିରେ ।

ଜଣେ ହେଲେ କିଏ ଆସି ନେଇ ଯାଆନ୍ତାନି ? ତା ସାଙ୍ଗର ରେ ଅନେକ ଟୋକା ତ ଅଛନ୍ତି । ଦେଖିବା ମଡ଼ାଟା କେମିତି ମାନେ ଉଠାଉଛନ୍ତି ?

ଗୋକୁଳବାବୁ ଏପଟ ସେପଟ କେତେ କ'ଣ ଭାବୁଛନ୍ତି । ଧିକରେ ପେଟ ଜଳିଲାଣି । ଦେଖିଲେ—ମାଗା ପଧାନ ଦାଣ୍ଡ ଆର ସିଧା ବଳିଆରସିଂ ଘରର ଯୋଉ ବଡ଼ ବାଉଁଶବୁଦାଟା ଛି, ତା ପଛଆଡ଼ୁ ଲୋକ ଦଉଡ଼ି ଦଉଡ଼ି ଆସୁଛି । ବାଉଁଶବୁଦା ଙ୍ଗେ ବେଗୁନିଆ ଗଛ । ବାଇଗଣ କିଆରି, ଖଡ଼ିସିଜୁ, ଅମୃତଭଣ୍ଡା ସଜନା ଗଛ । ତା ପାଖରୁ ସାରୁ କିଆରି । ସାରୁ କିଆରି ରି କରେ ଯୋଉ ସରୁ ରାସ୍ତାଟା ପାହ୍ନ ପଡ଼ି ପଡ଼ି ଏବେ ଧଳା

ଦେଖା ଗଲାଣି, ସାଆନ୍ତବା ଘରଠୁ ପଧାନ ସାଇର ଆରମୁଣ୍ଡ ପର୍ଯ୍ୟନ୍ତ ସେଇ ଗୋଟିଏ ବୋଲି ରାସ୍ତା ।

ଲୋକ ବଡ଼ ବ୍ୟସ୍ତହୋଇ ଦଉଡ଼ି ଦଉଡ଼ି ଆସୁଛି । ଦାଣ୍ଡବାଟେ ଆସିନ, ବାରି ବାଟେ । ବାଉଁଶ ବୁଦା ଭିତରୁ ହଠାତ୍ ବାହାରି ପଡ଼ି ଲୋକ ଗୋକୁଳବାବୁଙ୍କ ଆଗରେ ଆସି ଠିଆ ହୋଇଗଲା । ପଚାରିଲା, ଆପଣ ତ କିଛି ଏପର୍ଯ୍ୟନ୍ତ ଖାଇ ନଥିବେ ? ମୁଁ ଆସି ପାରୁ ନଥିଲି । ବାପା, ବୋଉ କି କେଜେ କେହି ଛାଡ଼ୁ ନଥିଲେ । ସେମାନଙ୍କୁ ନ କହି ଚାଲି ଆସିଛି ।

ମୁଁ ତ ଠିକ୍ ସେଇଆ ଭାବୁଥିଲି । ତୁ ଚାଲିଯା—ସେମାନେ ବିରକ୍ତ ହେବେ ।

ହେଲେ ହଉଥା'ନ୍ତୁ ।

ଆଚ୍ଛା ଲୋକ, ଗୋକୁଳବାବୁ ପଚାରିଲେ—ମଡ଼ାଟା ଏଇନେ ନ ଉଠେଇଲେ ଆଉ ଉପାୟ ନାହିଁ । ରାତିରେ କେହି ବୋଲି କେହି ବାହାରିବେନି । ପୁଣି ହବ ଯାଇ କାଲି ସକାଳ । ପଚିଯିବ । ହଇଜା ରୋଗୀ ଫୁଲିଗଲେ ଆଉରି ବିବର୍ଣ୍ଣ ଦେଖାଯିବ । କ'ଣ କରାଯିବ କୁହ ?

ଆପଣ ଓ ମୁଁ ଦି'ଜଣ । ତା' ବଡ଼ଭାଇକ ଡାକିବା । ନ ଆସିଲେ ଜୋର୍ କରିବା । କାମ ତ ଆମର ନୁହେଁ । କାମ ତା'ର । ସେ ଆଉ ଜଣେ ଲୋକ ଠିକ୍ କରିବ । ଯେ କୌଣସି ପ୍ରକାର ମଞ୍ଜି ବୁଡ଼ୁବୁଡ଼ୁ କାମ ଯିମିତି ସରିଯାଇଥାଏ ।

ରାତି ଦି'ଘଡ଼ି ବେଳକୁ ଆଗ ସରୁ । ଗୋକୁଳବାବୁ କହିଲେ—ହଇଜା ମଡ଼ାକୁ ପୋତି ଦିଅନ୍ତେ । ତାଙ୍କ ଘରେ ପୋଡ଼ିବାକୁ ବୋଧେ ରାଜି ହେବେନି । ବିଲୁଆ ଶାଗୁଣା ଖୋଳି ଖାଇଯିବେ ।

ସେଆଡ଼ୁ ଧଇଁସଇଁ ହୋଇ ଦଉଡ଼ି ଦଉଡ଼ି ଆସୁଛି କାଳିଆ-
ସାଆନ୍ତର । ଲୋକର ବାପା । ଗୋକୁଳବାବୁ କହିଲେ—ଦେଖ୍
ଲୋକ, ବାପା ଆସିଗଲେଣି ।

ଆସୁଥାଆନ୍ତୁ ।

ଗୋକୁଳବାବୁ ଅନ୍ୟମନସ୍କ ଦେଖାଯାଉଥିଲେ ।

କ ରେ ଲୋକ—ଏଠିକି କାହିଁକି ଆସିଛୁ ? ମନ କ'ଣ ଘର
ଧରୁନି ? ତୋ ବୋଉ ତେଣେ ଡାକୁଛି—

ବୋଉକୁ ମନା କରିଦିଅ । ମୁଁ ଏଇନେ ଯାଇପାରିବିନି ।

ଆସୁଛୁ ଟି—କାଳିଆ ସାଆନ୍ତର ପୁଅ ସାଙ୍ଗେ କଥା ହୋଇ
ଗୋକୁଳବାବୁଙ୍କୁ ନାଲି ଆଖି ଦେଖେଇଲା ।

ଗୋକୁଳବାବୁ ମୁହଁ ବୁଲେଇଦେଲେ । କଥାରେ କାନ
ଦେଲେନି । ବୁଝେଇଲେ ବି ଆଉ କିଛି ଲାଭ ନାହିଁ । ପରସ୍ରା
କରିବା ବାହାନାରେ ସେ କାନ୍ଥ ମୂଳେ ଯାଇ ବସି ପଡ଼ିଲେ ।

କାଳିଆ ସାଆନ୍ତର ଶେଷଥର ପାଇଁ ପୁଅକୁ ପଚାରିଲା—
ତାହାହେଲେ ଆସିବୁନି ?

ନାଇଁ ମୁଁ ଯିବିନି । ଲୋକ ମୁହଁ ଟୁଣ୍ଡାଇ ମନା କରିଦେଲା ।
କୌଣସି କଥା ଶୁଣିବାକୁ ସେ ରାଜି ନୁହେଁ

କାଳିଆ ସାଆନ୍ତର ଦେହରେ ଛୁରୀ ଗଳିଗଲା ଭଳି ତାକୁ
ଜଣା ପଡ଼ିଲା । ପୁଅ ତା'ର କଥା ମାନିଲାନି । ରାଗ ଜରଜର ହୋଇ
ଦୁମ୍ ଦୁମ୍ ପାଦ ପକେଇ ଘରଆଡ଼େ ଫେରିଲା । କାଳିଆ
ସାଆନ୍ତର ମନେ ମନେ ଭାବୁଥାଏ—ତା' ଜେଜେ ଆଉ ତା ବୋଉ
ଝୁରୁଥାଆନ୍ତୁ । ସେମାନେ ଆସି ଡାକନ୍ତୁ । ନଡାକିଲେ ନାଇଁ ।
ମୁଁ ତାକୁ ପାରିବିନି । ଆଚ୍ଛା ଗୋଟେ ଗୋକୁଳବାବୁ ଆସି ଜୁଟିଛି ।
ଦେଖି ଦଉଡୁଛି ତାକୁ । ଖାଲି ଏ ସମୟଟା ଗଲାଯାଉ । ଲୋକ ଓ

ଗୋକୁଳବାବୁ କାହା ମୁହଁକୁ ଚାହିଁବାକୁ କାଳିଆ ସାଆନ୍ତଙ୍କର ଇଚ୍ଛା ହେଉନ । କଥା କହିବା ତ ଦୂରର କଥା ।

× × × ×

ମାଗା ପଧାନ ପୁଅ ପରେ ପରେ ଜେନାଙ୍କର ସାଇର ଭମର ଜେନାର ପାଳି ପଡ଼ିଛି । ଗୋଲଖ ମାଡ଼ଖାଇଯିବା ଖବର ଗାଁସାରା ହଲ୍ଲା ହୋଇଯିବ । ସାଙ୍ଗେ ସାଙ୍ଗେ ଭମର ଜେନା କଥା ଗାଁ ଲୋକେ ଆସ୍ତେ ଆସ୍ତେ ଜାଣିଲେଣି । ଇଆ ଘରକୁ ତା' ଘର, ଇଆ କାନକୁ ତା' କାନ ହୋଇ କଥାଟା ଗୁଡ଼ାଆଡ଼େ ବ୍ୟାପିଗଲା । ଭମରଟା ବଡ଼ କଉତୁକିଆ । ଲୋକଟା ହସୁରା ଓ ମଉଜି ଲୋକ । କାନ୍ଦିଲା ଲୋକଙ୍କୁ ହସେଇବ । ଆଜି ସକାଳ ପର୍ଯ୍ୟନ୍ତ ବେଶ୍ ଭଲ ଥିଲା । ସଭା ବସିଥିବା ଭିତରେ କେତେ କଥା ଯେ ଗପି ଲାଗିଥିଲା, ତା'ର ହିସାବ ନାହିଁ । ଗୋଟିଏ କଥା—ଆଜି ସକାଳେ ତା' ପେଟଟା କାହିଁ ଭଲ ନଥିଲା । କହୁଥିଲା—ପେଟଟା କେମିତି ମୋଡ଼ି ମୋଡ଼ି ହଉଚି । ସଭା ଭାଙ୍ଗିଯିବା ପରେ କାହାକୁ କିଛି ନ କହି ଘରେ ଯାଇ ଶୋଇ ରହିଲା । ଖାଇବାକୁ ଡାକିଲେ ମନା କରି ଦେଲା । ଝାଡ଼ାବାନ୍ତି ହୋଇଗଲା ପରେ ସେ ଅନୁଭବ କଲା—ଗୋଡ଼ହାତରେ ସତେ ଅବା ତା'ର ପ୍ରାଣ ନାହିଁ । ତା' ସାଙ୍ଗକୁ ଭୁହାକୁ ଭୁହା ବାନ୍ତି । ଘରେ ଓ ବାହାରେ କାନ୍ଦବୋବାଳି ପଡ଼ିଗଲା ।

ଗୋକୁଳବାବୁ ଓ ଲୋକ, ମାଗା ପଧାନ ଦୁଆର ମୁହଁରେ ଠିଆ ହୋଇ ଶବଟା କିମିତି ଉଠିବ, ଏ ବିଷୟ କଥା ହଉ ହଉ ଖବର ପାଇଲେ ଭମର ଜେନାର ଝାଡ଼ା ବାନ୍ତି ଆରମ୍ଭ ହେଲାଣି ।

ଇଆଡ଼େ ଭମର ଜେନା ଘରକୁ ଯିବେ ନା, ଇଆଡ଼େ ଏ କାମ କରିବେ ? କିଛି ହେଲେ ସେମାନେ ଠିକ୍ କରିପାରୁ ନଥାନ୍ତି

ବେଲ ଏଣେ ଗଡ଼ି ଯାଉଛି । ଉଚ୍ଛୁର ହେଲଣି । କାହିଁ କେହି ତ ଖୋର୍ଦ୍ଧାରୁ ଆସିଲେନି ?

ମାଗା ପଧାନର ବଡ଼ ପୁଅ ଗୀର ସଜବାଜ ହୋଇ ବାହାରି ପଡ଼ିଲଣି । ବାପ, ପୁଅକୁ ଜାବୁଡ଼ି ଧରି ଡାକ ଛାଡ଼ୁଛି । ମାଇପ ଦି'ଚାରି ଯାଗାରେ ମୁଣ୍ଡ ବାଡ଼େଇ ସାରିଲଣି । ମୁଣ୍ଡଟା ତା'ର ଫୁଲିଛି । ଗୋଲଖର ଛୋଟ ଛୋଟ ଛୁଆଗୁଡ଼ାକ କିଛି ବୁଝି ନପାରି ସମସ୍ତଙ୍କ ସାଙ୍ଗେ କାନ୍ଦିବାକୁ ଆରମ୍ଭ କରିଦେଲେଣି । ଗୋକୁଳବାବୁ ଘର ଭିତରକୁ ଯାଇ ସମସ୍ତଙ୍କୁ ମନା କରିଦେଲେ—କେହି ହେଲେ ଏ ଯାଗାକୁ ଆସନି । ପିଲାଝିଲାଙ୍କୁ ଗୋଟିଏ ଘରେ ନେଇ ରଖି ଦିଆଗଲା ।

ଚାରିଜଣ ଲୋକ ଗୋଲଖକୁ ଦି'ଖଣ୍ଡ ଚାରିହାତିଆ ବାଉଁଶ ଭିତରେ ଚାରିଟା ଆଡ଼ବାଉଁଶ ବାନ୍ଧି ତା ଉପରେ ଶୁଆଇ ଦେଲେ । ଗାଁମୁଣ୍ଡ ଓସ୍ତଗଛଠୁ ଅଳ୍ପ ଦୂର ଛଡ଼ି ମଶାଣିରେ ନେଇ ପୋଡ଼ିଦେବେ ।

ଗୋଲଖ, ଲୋକ ସାଙ୍ଗର ଗୋଟେ ଗନ୍ଧା ଠୋକା । ତା'ଠୁ ଦି'ତିନି ବର୍ଷ ବଡ଼ ହବ । ନିଆଁ ହୁତୁହୁତୁ ହୋଇ ଜଳିଲା ବେଳେ ତା' ଦେହରୁ ଖଣ୍ଡଖଣ୍ଡ ଧଳା ମାଉଁସର ଅଉଡ଼ା ଖସି ଯେତେବେଳେ ନିଆଁ ଭିତରେ ଛିଡ଼ିବାକୁ ଆରମ୍ଭ କଲା, ଲୋକ ଭାବୁଥିଲେ—ଏଇ ପୁଅ, ବାପକୁ ଖାଇବାକୁ ଦଉନଥିଲା । ମାଇପ ବୋଲରେ ପଡ଼ି ସାନଭାଇକି ଭାଗ ନଦେଇ ବଡ଼ ଦି'ଭାଇ ଜବରଦସ୍ତି ଧାନ କାଟି ନେବେ ବୋଲି ମସୁଧା କରୁଥିଲେ । ସେ ସବୁ ଆଜି ପୋଡ଼ି ପାଉଁଶ ହୋଇଗଲା ।

ମୁଠିଏ ପାଉଁଶର ମଣିଷ । ଲୋଭ, ଅହଙ୍କାର, ସବୁ ଜିନିଷ ମୋ'ର କରିବାକୁ ତା'ର ପ୍ରାଣାନ୍ତକ ଚେଷ୍ଟା, ରାଗ, ଓ ମମତା

ବଞ୍ଚିଥିବା ଭିତରେ ତାଙ୍କୁ ମାୟାପାଶରେ ଆବଦ୍ଧ କରି ରଖିଥାଏ । ମଣିଷ ସଦାବେଳେ ଦେଖେ, ତା' ସାଙ୍ଗର କେତେ କେତେ ମଣିଷ ସବୁଦିନ ମରୁଛନ୍ତି । ଇଆଡ଼ି ମଣିଷ ଭାବୁଛି ସେ ଜଗତରେ ଅମର ହୋଇ ଯାଇଛନ୍ତି । ତା'ର ପିଲା ମାଇପ, ଟଙ୍କାସୁନା, ଧନଧାନ, କୋଠାବାଡ଼ି ଆଦି ସେ ଯେପରି ଛାଡ଼ି ପାରିବନି । ମଲାବେଳେ ସେ ସବୁ ସାଙ୍ଗରେ ନେଇ ଯିବ । ଲୋକ ତୁନିଟି ହୋଇ କେତେ କ'ଣ ଭାବୁଥିଲା—

ଗୋକୁଳବାବୁ ତାଙ୍କ ଜୀବନରେ ଏମିତି କେତେ କେତେ ମଡ଼ା ପୋଡ଼ିଛନ୍ତି । କୋଡ଼ିଏ ପଚିଶଟା ହବ । ତାଙ୍କୁ କିଛି ନୂଆ ଲାଗୁନି । ମନ ତାଙ୍କର ଉମର ଜେନା ପାଖରେ । କ'ଣ ତା'ର ହେଲା । ଡାକ୍ତରମାନେ ଏ ପର୍ଯ୍ୟନ୍ତ ଆସିଲେନି । ଲୋକ ଆଡ଼କୁ ଅନେଇ ଦେଖିଲେ—ସେ ତୁନିଟି ହୋଇ ନିଆଁ ଆଡ଼କୁ ଅନେଇଛି । ହଠାତ୍ ସେ ବୁଝି ପାରିଲେ—ଲୋକ ପିଲା ଲୋକ । ବୋଧେ ପ୍ରଥମ କରି ଆସିଛି । ତା'ର ବାପା ବୋଉ ଓ କେକେ ତା' ଉପରେ ଉତ୍କଣ୍ଠିତ ହେଉଥିବେ । ଗୋକୁଳବାବୁଙ୍କର ମନେ ପଡ଼ିଗଲା— କାଲିଆ ସାଆନ୍ତରା, ଘରକୁ ଫେରିଲାବେଳେ ତାଙ୍କ ଆଡ଼କୁ କେମିତି କଡ଼ମଡ଼ କରି ସେ ଅନେଇଥିଲା । ତା' ସାଙ୍ଗେ ସାଙ୍ଗେ ସେ ମନକୁ ମନ ସାନ୍ତ୍ୱନା ଦେଲେ, ତାଙ୍କ ପୁଅକୁ ତ ସେ ଶିଖେଇ କରି ଆଣି ନାହାନ୍ତି ? ସେ ମନକୁ ମନ ଆସିଛି । ଲୋକ ତ ଛୋଟ ପିଲା ନୁହେଁ ?

ଗୋକୁଳବାବୁ କହିଲେ—ଲୋକ, ଆ ଯିବା । ତା' କାନ୍ଧ ଧରି ସେ ଅଳ୍ପ ଝୁଲେଇ ଦେଲେ ।

ଲୋକ ପାଟିରୁ କଥା ବାହାରୁନି । ସେ ଭାବୁଥିଲା—ମଣିଷ ଜୀବନଟା କି ଗୋଟେ ପାଣି ଫୋଟକା ? ଏଇନେ ଅଛି, ଏଇନେ ନାହିଁ ।

ଆଉ ଦି' ଗୁରିଖଣ୍ଡ କାଠଗଡ଼ ଗୁରିପାଖେ ବେଢ଼େଇ ଦେଇ ମସ୍ତେ ନଈଆଡ଼େ ଗୁଲିଲେ । ଗାଧୁଆ ପାଧୁଆ ସାରି ଘରକୁ ଫେରିବେ ।

ଗାଧୋଇଲା ବେଳେ ଲୋକ ମଶାଣିଆଡ଼େ ଅନେଇ ଦେଖିଛି, ଗୋଲଖ ଯୋଉ ନିଆଁରେ ଜଳିପୋଡ଼ି ପାଉଁଶ ହଉଛି ସେଇଠୁ ଧିକ ଧିକ୍ ହୋଇ ଜିଭ ଲହ ଲହ କରି ଉପରକୁ ଉପରକୁ ଉଠିଯାଉଛି ।

ପଶ୍ଚିମ ଆକାଶରେ ସୂର୍ଯ୍ୟ ଲାଲ ପଡ଼ି ଆସୁଛି । ପଞ୍ଚା ପଞ୍ଚା କୁଆ, ଚଢ଼ିଆ ଓ ପାରା ନଈକୂଳେ ଆସି ସଭା କରିବାକୁ ଆରମ୍ଭ କରି ଦେଲେଣି । କେତେ କ'ଣ ସେମାନେ କଥା ହଉଛନ୍ତି । ଲୋକ ମନେ ମନେ ଭାବିଲା— ବୋଧେ ମଣିଷର ଏଇ ଦୁଃଖ ଦୁର୍ଦ୍ଦଶାର ବିଷୟ ସେମାନେ କଥା ହଉଛନ୍ତି । ପଶ୍ଚିମ ଆକାଶରେ ବୁଡ଼ି ଯାଉ ଯାଉ ସେଦିନର ସୂର୍ଯ୍ୟ ମଣିଷର ଗୁରିଦିନିଆ ଅହଙ୍କାର ଦେଖି ସତେ ଅବା ହସି ଉଠୁଥିଲା । ଅଲପ ଦିନର ଏଇ ମଣିଷକୁ ଉପହାସ କରୁଥିଲା ।

## —ଏକୋଇଶି—

ଶାମ ଚମ୍ପତିରାୟ, ମାଗା ପଧାନ ଘରର ଖବର ଶୁଣିଛନ୍ତି କି ନାହିଁ, ସାଙ୍ଗେ ସାଙ୍ଗେ ସୁଦାମକୁ ଯାଇ ଧରି ପକେଇଲେ । ସାଆନ୍ତରା ବୁଢାକୁ ଡାକି ଧାନ ଗୁେଶ ଓ ଦାସିଆ ବାଉରି ଉପରେ ମାଡ଼ ହବା ବିଷୟରେ ଆଉ କଥା ପକେଇବେ କ'ଣ ଦୁଆର କାଳି

ଦେଇ ସିଧା ଯାଇ ଘର ଭିତରେ । ସୁଦାମବୋଉ ଯେମିତି ଶୁଣି ଦେଇଛନ୍ତି, ପିଣ୍ଡରେ ତାଙ୍କର ପ୍ରାଣ ରହିଲାନି କ ପାଟିରୁ କଥା ବାହାରିଲାନି । ଆଖି ଆଗରେ ଆସି ନାଚିଲେ ସୁର ଓ ରଘୁ । ସୁରକୁ ଏକୋଇଶ ବର୍ଷ ହୋଇଥିଲା । ରଘୁକୁ ସତର ପୂରି ଅଠର ଚାଲୁଥିଲା ।

ଯୋଉ ବର୍ଷ ବଶି ପଧାନର ଏ ଘର କଣା ହେଲା, ସମସ୍ତେ କହିଲେ— ତା'ର ତିହ ବାଡ଼ି ଉଠିଗଲା ସେ ନିଶ୍ୱାସ ପକେଇ ଦେଲା । ପୁଅ ଦି'ଟା ଥିଲେ ଘରେ । ଏତେବେଳକୁ ଗୋଟା ଗୋଟା ନାତି ନାତୁଣୀ ହାଉଯାଉ ହଉଥାଆନ୍ତେ । ଘର ଦୂର୍ଦୂର୍ କମ୍ପୁଥାଆନ୍ତା । ନାତି ନାତୁଣୀ ବାହା ହବାକୁ ଆସି ହେଇ ଯାଆନ୍ତେଣି । ସୁଦାମ ସେତେବେଳେ ତିନି ଚାରି ବର୍ଷର ଗୋଟିଏ ବୋଲି କୋଡ଼ ପୋଛା ପୁଅ । ଷଠୀଦୋସେଇଁଙ୍କର ଦୟାରୁ ଏତିକିଟିଏ ଆସି ହେଲାଣି । ଏ ଗାଁର ମାଁଙ୍କର ପୁଣି ଆଖି ପଡ଼ିଛି । ହେ, ମା ମଙ୍ଗଳା, କଳା ଧଳା କରି ଦି'ଟା ବୋଦା ବଳି ପକେଇବି । ସୁନାରେ ଗୋଡ଼ ହାତ ଦେବି । ବଞ୍ଚିଥିବା ପର୍ଯ୍ୟନ୍ତ ମଙ୍ଗଳବାର କରିବି । ଭାବିଗଲେ ଏମିତି କେତେ କ'ଣ ।

ସୁଦାମବୋଉଙ୍କର ହପ୍ତାକେ ତିନି ଦିନ ଓଷା । ରବିବାର, ଗୁରୁବାର ଓ ମଙ୍ଗଳବାର । ଏଇ ଦିନମାନଙ୍କରେ ସେ ଆଇଁଷ ଓ ଭଟୁନା ଖାଆନ୍ତିନି । ତା' ସାଙ୍ଗେ ଏକାଦଶୀ, ଅମାବାସ୍ୟା, ସଂକ୍ରାନ୍ତି, ବୁଢ଼େଇ ଓଷା, ଏକବାର, ବାଳିତୃଣ୍ଡପୂ, ଦୁଣ୍ଡପୂ ଓଷା, ସୁଦଶାବ୍ରତ ଓ ବଡ଼ଓଷା ଆଦି ଏ ସବୁ ତ ଅଛି । ମୋଟଉପରେ ମାସକେ ତାଙ୍କର ପନ୍ଦର ଦିନ ଓଷା ଉପାସ । ସକାଳ ପାଇଲେ ତୁଳସୀଚଉଁରା ମୂଳେ, ଦିଅଁଙ୍କ ଘରେ ମାଳି ଗଡ଼େଇବା ଓ ସଂଜବେଳେ ଆଖି ବୁଜି ଦିଅଁଙ୍କୁ

ଡାକିବା ଆଦି ସବୁ ମୂଳରେ ଥାଏ, ସୁଦାମଟି ତାଙ୍କର ଭଲରେ ରହୁ । ମା' ଷଠୀଦୋସେଇଁ ଆଇଷ ଦେଇ ତାକୁ ବଞ୍ଚେଇ ଥାଆନ୍ତୁ ।

ବୋଉ ସୁଦାମକୁ ଆଣି ଦାଅଁଙ୍କ ଆଗରେ କହିଲେ, ମୁଣ୍ଡିଆ-ମାର୍ । ସୁଦାମ ମୁଣ୍ଡିଆଟିଏ ମାରି ତା ଶୋଇଲା ଘରକୁ ଗୁଲିଗଲା ।

ସୁଦାମବୋଉ ଆଖି ବୁଜି ବୁଜି ଓ ମାଳା ଟପ୍ ଟପ୍ କରି କେତେ କ'ଣ ଗୁଣୁ ଗୁଣୁ ହେଲେ । ସୁର ଓ ରଘୁ ଦାଆଁଙ୍କ ଏଡ଼ୁଟିଏରୁ ଏଡ଼ୁଟିଏ ସେ କରିଥିଲେ । କିନ୍ତୁ ହେଲା କ'ଣ ? ଗୋଟିଏ ଝାଡ଼ାକୁ ଆଇଷ ଅଣ୍ଟିଲାନି । ସଂଜବେଳେ ଖାଇଲେ ପିଇଲେ । କିଛି ବୋଲି କିଛି ନଥିଲା । ପାହାନ୍ତିଆ ପହରକୁ ଗୋଟିଏ ଗୋଟିଏ ଝାଡ଼ା । ସେ ଦିନ ସେ କୂଅରେ ପଡ଼ିଯାଇଥାଆନ୍ତେ କି ଦଉଡ଼ି ଲଗେଇ ଦେଇଥାଆନ୍ତେ । ଜୀବନ ରଖି ଲାଭ କ'ଣ ଥିଲା ? ଖାଲି ସୁଦାମ ମୁହଁକୁ ଅନେଇ ବଞ୍ଚି ରହିଲେ । ସୁଦାମ ସେତେବେଳେ ଗୁରି ବର୍ଷର ପିଲା । ଗୁରି ବର୍ଷରୁ ତାକୁ ଏକୋଇଶି ବର୍ଷର କଲେଣି । ବାଇଶି ଡେଇଁଲେ ତା' ହାତଗଣ୍ଠି ପକେଇ ଦେଲେ ମାମ୍ଁ ମାଇଁ ଦାହେଁ ଆଖି ବୁଜିବେ ।

ବାପା ଯାଇ ସିନ୍ଦୂକ ଘରର ପଲଙ୍କ ଉପରେ । ତାଙ୍କର କଡ଼ା ହୁକୁମ—ବାହାରଦୁଆର କି ଦାଣ୍ଡଦୁଆର ମୋଟେ ହେଲେ ଫିଟିବନି । ଅବସ୍ଥା ଥାଣ୍ଡା ନ ପଡ଼ିଲା ପର୍ଯ୍ୟନ୍ତ ସୁଦାମ କୁଆଡ଼େ ହେଲେ ଯାଇ ପାରିବନି । ଛଅମାସ ପର୍ଯ୍ୟନ୍ତ ଦୋକାନ ବଜାରକୁ ନ ଗଲେ ବି ଚଳିହେବ । ଘର ଭିତରେ କୂଅ । ବାହାରେ ପୋଖରୀ । ପନିପରିବା ଓ ଶାଗମୁଗ ଯାହା ଖୋଜିବ ସବୁ ଭରପୂର ହୋଇ ରହିଛି ।

ଦାଅଁଙ୍କ ପାଖରେ ମୁଣ୍ଡିଆଟେ ମାରିଦେଇ ସୁଦାମ ଯାଇ ତା ଶୋଇଲା ଘରେ ଗଡ଼ି ପଡ଼ିଲା । ସୁଦାମ ଶୋଇ ରହି ଭାବୁଥାଏ—

ଏଗୁଡ଼ାଙ୍କ ଘରେ ହଇଜା ଲଗିବନି ଆଉ ଲଗିବ କାହା ଘରେ ? ଦିନେ କ'ଣ ଗୋଟେ ଦରକାର ଥିଲା, ସେ ମାଗା ପଧାନ ଘର ଭିତରକୁ ପଶି ଯାଇଥିଲା, ଦେଖିଲା,—ଅଗଣାରେ ଗୋଟେ ଖାଲ । ଆଉ ପଟକୁ ପଥରଟେ ପଡ଼ିଛି । ତା'ର ଭିତରେ ବାସନ ମଜା, ହାତ ଧୁଆ, ପରିସ୍ରା ଆଦି ବାର ପ୍ରକାର କାମ । ସେଇ ପଙ୍କ ଭିତରେ ପୋକ ଗୁଡ଼ାଏ ସଲବଲ ହଉଥାଆନ୍ତି । କି ଗୋଟେ ଦୁର୍ଗନ୍ଧ ବାହାରି ନାକ ଫାଟି ପଡ଼ୁଥାଏ । ପାଖରେ ଗୋଟିଏ ଗ୍ଲେଠ ପାଳ ଗଦା । ତା' ଭିତରେ ପାଣି ପଶି ପାଳଗୁଡ଼ାକ ଅନେକ ଦିନୁ ସଢ଼ି ଯାଇଥିଲା । ଦଶ ବାରଟା ହବ ପାଳ ଛତୁ ବି ଫୁଟିଥିଲା । ତାଙ୍କ ଘରର ପିଲା କ'ଣ ବଡ଼ କ'ଣ, ଏମିତି ଆବୁରଜାବୁର କରି ସେମାନେ ଖାଆନ୍ତି ? ସେଦିନ ମନେ ଅଛି—ତା ଘରର ତିନି ଚାରିଟା ଛୁଆ ଗୋଟେ ଭାତ ବେଲା ପାଖରେ ବେଢ଼ିଥାଆନ୍ତି । ବେଳେ ହବ ଭାତ ସାଙ୍ଗେ ବିରିଡ଼ାଲି । ଲୁଣ ସେମାନେ ଚଳୁ ଠୁଙ୍କି ଖାଉ-ଥାଆନ୍ତି । ତରକାରି ହଉଛି ଆମ୍ବୁଲ ପାଣି । ନାକରୁ ସିଙ୍ଘାଣି ବୋହି ଯାଉଥାଏ । ପିଲାଗୁଡ଼ାଙ୍କୁ ଗାଧେଇ ଦେଲେ ପୋଖରୀ ବି ଗୋଳି ହେଇଯିବ । ଦେହ ତାଙ୍କର ଧୂଳି ସରସର । ଦାଦୁଯାକ ଧଳା ଧଳା ଦାଗ ସେଦିନ ତା' ଭିତରୁ ପିଲାଟିଏ ଗୋଟେ ହାତରେ ଏଣେ ଖାଉଥାଏ, ଆଉ ଗୋଟେ ହାତରେ ଗୋଟେ ମଢ଼ିଆ କୁକୁର ପିଲା ସାଙ୍ଗେ ଖେଳ ହଉଥାଏ । ଘର ତାଙ୍କର ଅଳିଆ ଅସନାରେ ଭର୍ତ୍ତି । ସେଗୁଡ଼ାକ ପଚି ସଢ଼ି ଯାଇ ଗମୁଗମୁ ଗନ୍ଧ ବାହାରୁଥିଲା ।

ସେଦିନ ଖାର ସାଙ୍ଗେ କ'ଣ ଗୋଟେ କଥାବାର୍ତ୍ତା ହବାକୁ ମାଗା ପଧାନର ଘର ଭିତରକୁ ପଶି ଯାଇ ଏ ଦୃଶ୍ୟ ଦେଖିଦେଲା ମାତ୍ରେ ସୁଦାମ ଫେରିଆସିଲା ନାକରେ ରୁମାଲ ଦେଇ । ତା' ଘରଟା ପାରହେଇ ଆସି ଦାଣ୍ଡଦୁଆରେ ଠିଆ ହେଇଥିଲା ।

ବାଣ୍ଡୁଆରେ ଆସି ହେଲାବେଳକୁ ଆସୁଛି ମୂତ ଗନ୍ଧ । ବାଟ ନାହିଁ ଅବାଟ ନାହିଁ ଲୋକେ ପରଶ୍ରା କରୁଛନ୍ତି । ପିଲେ କାହା ମୂଳ ଦେଖି ଝାଡ଼ା ଫେରୁଛନ୍ତି । ବାନା ମାନସିଂହର କଦଳୀବାଡ଼ି ପାଖରେ ମଲା ବିରାଡ଼ିଟିଏ ହଉ, କୁକୁର ପିଲାଟିଏ ହଉ, ମୂଷା, ଚୁଚୁନ୍ଦ୍ରା କି ବେଙ୍ଗଟିଏ ହେଲେ ବି ମରି ସଢ଼ୁଥିବ । ସମସ୍ତେ ସେଇ ବାଟେ ନାକରେ ହାତ ଦେଇ ଯାଉଥିବେ । କିନ୍ତୁ କେହି ହେଲେ ସେଇଟାକୁ କାଢ଼ିବାର ବ୍ୟବସ୍ଥା କରିବେନି । ଯୋଉଠୁ ଗାଁ ଲୋକେ ପାଣି ପିଉଛନ୍ତି, ସେ କଥା ତ ଛୁଇଁଦିଅ । ଯେଉଁଥିରୁ ପାଣି ଖାଇବେ, ସେଇଠି ଶଉଚ ହେବେ । ବଳଦଙ୍କୁ ଗାଧେଇ ଦେବେ । ପିଲାଙ୍କ ଗୁହକନା ଆଣି ଧୋଇବେ ଓ ଅଇଁଠା ବାସନ ଆଣି ମାଜିବେ । ସୁଦାମର ମନେ ଅଛି—ତାଙ୍କ ଗାଁର ସେଇ ଚରଣ ରାଉତରା ଆସି ଦରବୁଢ଼ା ହେଲାଣି । ଗୋଡ଼ ଆଙ୍ଗୁଠି ଓ ହାତ ଆଙ୍ଗୁଠି ତାର ଛୁଣ୍ଡି ପଡ଼ିଲାଣି । ଦିହଯାକ ନାଲି ଠିହା ଠିହା ଘାଆ, ଭଣ ଭଣ ମାଛି ବେଢ଼ୁଛନ୍ତି । ଜାଣିଶୁଣି ସେ ପୋଖରୀ କୂଳେ ଲୋକମାନଙ୍କ ସାଙ୍ଗେ ଆସି ମିଶେ । କଥାବାର୍ତ୍ତା ହୁଏ । ଘରକୁ ପିଠି କରି ବସି ପୋଖରୀ ତୁଠକୁ କରି ଖୋଲପି ପକାଏ । ଲୋକେ ଯୋଉ ତୁଠରେ ଗାଧାନ୍ତି, ସେଇଠି ଆବୁଡ଼ା ପଡ଼ି ଗାଧେଇ ବସେ । କୁଷ୍ଠରୋଗୀ ବୋଲି ବାରଣ ନାହିଁ । ସେ ବି ଶଙ୍କୋଚ ବୋଧ କରେନି । ଗାଳି ଦବାରୁ ଅବଶ୍ୟ ଏବେ ତା'ର ସେ ଖରାପ ପ୍ରକୃତି ଆଉ ନାହିଁ । ତେବେ ଏ ଗାଁବାଲାଙ୍କ କଥା ଦେଖିଲ ? ମୂର୍ଖ ହେଲେ କଥା ସରିଲା । ଏମାନେ ଯେବେ ସହରରେ ଯାଇ ଦେଖନ୍ତେ, ଲୋକେ କେଡ଼େ ସଫାସୁତରା ହେଇ ଚଳୁଛନ୍ତି, ତାହା ହେଲେ ସିନା କିଛି ନା କିଛି ଶିଖନ୍ତେ । ଯୁଆଙ୍କର କାମ ହେଲା—ଘୁଷୁରି ଭଳି ଗୁହ ଗୋବର କରି ଗୁଡ଼େ ଗିଳିବେ ଓ ପ୍ରତିବର୍ଷ ଗୋଟେ ଗୋଟେ

ପିଲାଙ୍କନ୍ଧ କରିବେ । ଇଏ ଗାଁରୁ ସମ୍ପର୍କ ତୁଟେଇ ଦେଇ ସହରକୁ ଉଠିଗଲେ ଭଲ ହୁଅନ୍ତା ।

ସୁଦାମ ଖଟ ଉପରେ ପଡ଼ି ଏମିତି କେତେ କ'ଣ ଭାବୁଥିଲା । ଗାଁ ଲୋକଙ୍କ ଉପରେ ତା'ର ବୁକୁଫଟା ଘୃଣା । ଏଗୁଡ଼ାକ ମଣିଷ ନୁହନ୍ତି, ପଶୁ । ତା'ର ଇଚ୍ଛା ହଉଥିଲା—ବାପା ତ ବାହାରକୁ ଯିବାକୁ ମନା କରୁଛନ୍ତି—ଏଇ ସମୟରେ ସହରକୁ ଚାଲିଯାଇ ଗାଁ ଅବସ୍ଥା ଥଣ୍ଡା ପଡ଼ିଆସିଲେ ସେ ଫେରନ୍ତା । ବୋଉ କ'ଣ ହେଲେ ଗୁଡ଼ିବ ?

ହାଇ ଉପରେ ହାଇ ଆସି ତାକୁ ଅସ୍ଥିର କରି ପକେଇଲା । ଆଖି ଟିକେ ପଡ଼ି ଆସିଲା ବେଳକୁ—ଗାଁମୁଣ୍ଡ ଆଡ଼ୁ ଘଣ୍ଟ ମାର୍ଦଳ ଶୁଭିଲା । ସୁଦାମ ସାଙ୍ଗେ ସାଙ୍ଗେ ଜାଣି ପାରିଲା—ମଙ୍ଗଳା ମାଜଣା ହଉଛନ୍ତି । ବୋଉ ତର ତର ହେଇ ଦିଅଁଙ୍କ ଘରୁ ମୁଅ ପାଖକୁ ଦୌଡ଼ି ଆସିଲା । ଯାହା ହେଉ, ଭଲ ହେଲା । ମଙ୍ଗଳାଙ୍କୁ ଏ ସମୟରେ ମାଜଣା କରିଦେଇ ଗୋଟେ ଭଲ କାମ କରିଛନ୍ତି । ଜେନାଘର ବୁଢ଼ୀ ଦେହରେ ମଙ୍ଗଳା ବିଜେ ହୋଇ ସାଙ୍ଗେ ସାଙ୍ଗେ ଏଇନେ କହିଦେବ —ଠାକୁରାଣୀ ଏ ଗାଁରୁ କେତେଟା ମୁଣ୍ଡ ନେବ । ସୁଦାମବୋଉଙ୍କର ଇଚ୍ଛା ହଉଥିଲା—ମଙ୍ଗଳାଙ୍କ ପାଖକୁ ଯାଇ ସେ ଥରେ ସୁଦାମ ପାଇଁ ମୁଣ୍ଡିଆଟିଏ ମାରିଦେଇ ଆସନ୍ତେ । ଘିଅ ଦୀପ ବସେଇ ଆସନ୍ତେ ଓ କେତେ କ'ଣ ଯାଚି ପକାନ୍ତେ । ମଙ୍ଗଳାଙ୍କ ପାଖକୁ ଯିବାକୁ ସୁଦାମ ବାପାଙ୍କୁ ପଚାରିବାରୁ ସେ ସାଙ୍ଗେ ସାଙ୍ଗେ ମନା କରିଦେଲେ । ଗାଁମୁଣ୍ଡ ମଙ୍ଗଳା ବଡ଼ ପ୍ରତ୍ୟକ୍ଷ ଠାକୁରାଣୀ । ସୁଦାମ-ବୋଉ ଏ ଗାଁକୁ ବୋହୂ ହେଇ ଆସିବା ଦିନରୁ ଏକଥା ଭଲରୂପେ ଜାଣନ୍ତି ।

ଗାଁ ଖବର କାହିଁ ନା କାହିଁ ଜଣା ପଡ଼ିଲାନି । ଟମ୍ପଡ଼ିଗସ୍ଥ ବୁଢ଼ା ବି ଛଟପଟ ହଉଥାଆନ୍ତି । ଗାଁ ଦାଣ୍ଡରେ ବଗାଡ଼ ପିଲାଟିଏ

ହେଲେ ଦେଖା ମିଳୁନ । ଉଦୁଉଦିଆ ଖରାବେଳ ନଇଁ ଆସିଲା । ଖରା ନେଉଟିଲା । କେହିହେଲେ ଗୋଟିଏ ଯା' ଆସ କରୁ ନାହାନ୍ତି । ଯୋଉ ଗାଁରେ ଅନ୍ୟ ଦିନମାନଙ୍କରେ କାନ ଅତଡ଼ା ପଡ଼ିଯାଏ, ସେଇ ଗାଁରେ ଆଜି ହୋରଶବଦ ନାହିଁ । ଗାଁମୁଣ୍ଡ ଆଡ଼ୁ ଶୁଭୁଛି ଘଣ୍ଟା ମାଦଳ ଶବ୍ଦ । କୁଆଗୁଡ଼ାକ ଗୃହ ଉପରେ ବସି ରାଉ ରାଉ ହଉଛନ୍ତି ।

ଯାହା କିଛି ଖିଆ ପିଆ ଆଗୁଆ ସରି ଯାଇଛି । ଖାଇବାରେ ଆଉ କି ସୁଖ ଅଛି । ଦିଅଁଙ୍କ ଆଗରେ ସମସ୍ତେ ଆସି ଅଧିଆ ପଡ଼ିଗଲେ । ସିଏ ରଖିଲେ ରଖିବେ, ନ ରଖିଲେ ନାହିଁ । ମାଗା ପଧାନ ପୁଅକୁ ଝାଡ଼ାବାନ୍ତି ହଉଛି ବୋଲି ଶୁଣିବା ମାତ୍ରେ ସୁଦାମବୋଉ କଳାକାଠ ପଡ଼ି ସାରିଲାଣି । ଓଠ ତାଙ୍କର ଥରା ଥରା । ପାଟିରୁ କଥା ବାହାରୁନ । ଦିଅଁଙ୍କ ଘରେ ବସି କେବଳ ହେ ମା ବିମଳା, ମା ମଙ୍ଗଳା, ହେ ଲୋକନାଥେ, ହେ ଜଗନ୍ନାଥେ ହବାରେ ଲାଗିଛନ୍ତି । ଆଖି ଆଗରେ ତାଙ୍କର ଗଣଗଣିଆ ମାଛି ଭଳି ଆସି ନାଚି ଯାଉଛନ୍ତି ସୁର ଓ ରଘୁ । ଯେତେ ଯୁଆଡ଼େ ଭୁଲେଇଲେ ବି ମନ ବୁଝୁନି । ଲୁହରେ ଆଖି ଟଳଟଳ ହୋଇ ଯାଉଛି । ସୁଦାମ ଗୋଟିଏ ବୋଲି ପୁଅ । ଷଠୀଦୋସେଇଁ ତାକୁ ଆଇଷ ଦେଇ ବଞ୍ଚେଇ ରଖିଥାଆନ୍ତୁ ।

ଗାଁ ଆଡ଼େ ଯିବାକୁ ମନା କରିଦେଇ ଥିବାରୁ ସୁଦାମ ମନରେ ଦୁଃଖ ନାହିଁ । ବରଂ ସେ ଖୁସି ଅଛି । ଯେମିତି ଅପରିଷ୍କାର ରହୁଛନ୍ତି, ସେମିତି ମରୁଛନ୍ତି ଓ ଭୋଗ ପାଉଛନ୍ତି । ମାଗା ପଧାନ ପୁଅ ଗୋଲଖକୁ ଖାଲି କ'ଣ ହେଲାଣି ସମସ୍ତଙ୍କୁ ତ ହବ । ଯୋଉ ମଇଳା ପୋଖରୀ ଓ ସର ପଡ଼ା ପାଣି, ସମସ୍ତେ ସେଇ ପାଣି ପିଇବେ । ସମସ୍ତଙ୍କୁ ହଇଜା ହବ । ମରନ୍ତୁ କୁଢ଼ କୁଢ଼ ହୋଇ । ଏଇଆ, ଘର ଭିତରେ ସବୁବେଳେ ପଡ଼ି ରହିଲେ ମନ ଖରାପ ଲାଗିବ । ସହରକୁ

ବୁଲିଗଲେ—ସିନେମାରେ ଭଲ ଖେଳ ଥିବ । ଦେଖିଲେ ଯାଇ ହୁଅନ୍ତା । ବାପା ବୋଉ ଇଆଡେ଼ ରହୁଥାଆନ୍ତେ । ଗାଆଁରୁ ହଇଜା ଗୁଡ଼ିଲେ ସେ ଫେରନ୍ତା ।

ସୁଦାମ ତା ଶୋଇଲା ଘର ଖଟ ଉପରେ ଗଡ଼େଇ ଗଡ଼େଇ ହେଇ କେତେ କ'ଣ ଇମିତି ଭାବୁଛି । ବୋଉ ଝିଅଁଙ୍କ ପାଖରେ । ବାପା ଦାଣ୍ଡ ଘରେ । କିଏ ଜଣେ ଆସି ଦାଣ୍ଡ ଦୁଆରେ ଧକା ମାରିଲା । ଚମ୍ପତିରାୟ ବୁଢ଼ା ସାଙ୍ଗେ ସାଙ୍ଗେ ଉଠି ପାଟି କଲେ—କିଏସେ । ସୁଦାମ ଉଠି ବସିଲା । ବୋଉଙ୍କର ମାଳା ଗଡ଼େଇବା ବନ୍ଦ ହୋଇଗଲା ।

ମୁଁ—

କିଏସ୍—ନାଁ, ନାଇଁ—

ମୁଁ ଗୋପାଳିଆ ।

ନିଜେ ଚମ୍ପତିରାୟ ବୁଢ଼ା ଦୁଆର ଫିଟେଇ ଦେଲେ । ଗୋରୁ ଗାଈ ଏ ପର୍ଯ୍ୟନ୍ତ ଦହଡ଼ ଖାଇନାହାନ୍ତି । ଗୋପାଳିଆ ଆସି ନଥିଲା । ଦାଣ୍ଡକୁ ଆଉ କେହି ଲୋକ ବାହାରୁ ନାହାନ୍ତି । ଗୋପାଳିଆ ଆସିବ ବା କମିତି ?

କାହିଁକି ଏପର୍ଯ୍ୟନ୍ତ ଆସି ନଥିଲୁ ବୋଲି ତାକୁ ପଚାରିଲେ । ବୁଢ଼ା କହିଲେ—ଗୋପାଳିଆ ଗାଁ ଖବର କ'ଣ ?

ଆପଣ ଶୁଣି ନାହାନ୍ତି—

ନାଁ—

ସୁଦାମ ଓ ତା' ବୋଉ ଆସି ବେଢ଼ିଗଲେ ।

ମାଗା ପଧାନ ପୁଅ ଗୋଲଖ ମାଡ଼ ଖାଇଗଲାଣି । ତାକୁ ଉଠେଇବାକୁ ଲୋକ କେହି ମିଳୁନାହାନ୍ତି । ସେଇ ଯୋଉ ଗୋକୁଳ-ବାବୁ ନରଣପୁରରୁ ଆସିଥିଲେ ସେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ତାଙ୍କ

ଡାକ୍ତରଦୁଆରେ ଅଛନ୍ତି । ତାଙ୍କର ଯୋଗୁ କାମଟା ଉଠି ଯାଇପାରେ ।

ବୋଉ ପଚାରିଲେ—ମଙ୍ଗଳା, ଜେନାଘର ବୁଢ଼ୀଟି ସକେ ହୋଇ କ'ଣ କହିଲେ ?

ତିନ ମୁଣ୍ଡ ନେବେ ।

ଆଉ ଖବର କ'ଣ ?

ଶୁଣିକରି ଆସିଲି—ଜେନାଘର ସାଇର ଭ୍ରମର ଜେନାର ଝାଡ଼ା ବାନ୍ତି ହେଉଛି ।

କେତେ ବେଳୁ ?

ଏଇ ସାଙ୍ଗେ ସାଙ୍ଗେ—ଗୋଲଖ ପରେ ପରେ ।

ସୁଦାମ ପଚାରିଲା—ଆଚ୍ଛା, ଲୋକ କ'ଣ କରୁଛି ?

ସେ ନରାକାରପୁର ଯାଇଥିଲା । ଗୋକୁଳବାବୁ ସେଇଠୁ ତାକୁ ପଠେଇଥିଲେ । ଷ୍ଟେସନରୁ ତାର କଲେ ଖୋର୍ଦ୍ଧାକୁ । ଡାକ୍ତର ଆସିବେ । ଇଞ୍ଜେକ୍‌ସନ୍ ଦେବେ । କୂଅପୋଖରୀରେ ଔଷଧ ପକେଇବେ ।

ବର୍ତ୍ତମାନ ସେ କ'ଣ କରୁଛି ?

ଗୋକୁଳବାବୁଙ୍କ ପଛେ ପଛେ । ଜଣେ କି ଦି'ଜଣ ମିଶିଗଲେ ଗୋଲଖକୁ ନେଇଯିବେ ବୋଲି ସେମାନେ ଲାଗି ପଡ଼ିଛନ୍ତି । ଗାଁର ଆଉ କଏ ହେଲେ ବାହାରୁ ନାହାନ୍ତି ।

ଲୋକ ବାପା ତାକୁ ଗାଳି ଦଉନାହାନ୍ତି ?

ବାପା ଡାକିବାକୁ ଆସିଥିଲେ । ବାପା କଥା ସେ ମାନିଲାନି ।

ଆଚ୍ଛା, ଗୋପାଳିଆ—ସାଙ୍ଗେ ସାଙ୍ଗେ ତା'ପରେ କଥା ଆରମ୍ଭ କରିଦେଇ ଚମ୍ପତିରାୟ ବୁଢ଼ା କହିଲେ—ତୁ ଗୋଟେ କାମ କରିବୁ ।

କ'ଣ ଆଜ୍ଞା—

ଦହଣ୍ଡ଼ ଦେଇ ଗୁଲଗଲା ପରେ ଯେତେବେଳେ ଦେଖିବୁ, ଡାକ୍ତରମାନେ ଗାଁରେ ଆସି ପହଞ୍ଚିଗଲେ ଆମକୁ ଡାକ ଦବୁ ।

ଇଂଜେକ୍ସନ ଦେଲେ କ'ଣ ହଇଜା ହବନି ?

ତେବେ ଔଷଧ କାହିଁ ବାହାରିଛୁ ?

ସମସ୍ତଙ୍କୁ କ'ଣ ଦେବେ ?

ଘର ଘର ପଶି ପିଲାପିଚିକା ସ୍ତ୍ରୀ ପୁରୁଷ ବୁଢ଼ା ବୁଢ଼ୀ, ଠୋକା ଠୋକି ସମସ୍ତଙ୍କୁ ସେମାନେ ଫୋଡ଼ିବେ ।

ସୁଦାମ କଣ୍ଟୁ ହେଲେ ଶୁଣିନ । ସେ ଗୋକୁଳବାବୁ ଓ ଲୋକ ହିମ୍ବିଙ୍କ କଥା ଏକଠି ଭାବୁଥିଲା । କେଡ଼େ ସାହସୀ ସେଇମାନେ ?

ସୁଦାମବୋଉ ମନେ ମନେ ଭାବୁଥିଲେ—ମା' ମଙ୍ଗଳା ଯାହାକୁ ରଖିବେ, ରଖିବେ । ଇଂଜେକ୍ସନ ଫୋଡ଼ିଦେଲେ ଲୋକେ ଯେବେ ଭଲ ହୋଇ ଯାଉଥାଆନ୍ତେ, ତାହା ହେଲେ ଲୋକେ ତ ମୋଟେ ମରନ୍ତେନି । ଅମର ହେଇ ଯାଆନ୍ତେ ।

## —ବାଇଶି—

ଗୋଲଖର ଶରୀର ବାରପଣିଆ ପୋଡ଼ା ସରିଥିଲା । ଚନ୍ଦ୍ରଉଦଆ ବାଣରୁ ନିଆଁ ଫୁଲ ଖସିଲାଭଳି ତା' ଦେହର ମାଂସ ସବୁ ଛୁଣ୍ଡି ଛୁଣ୍ଡି ନିଆଁରେ 'ପଡ଼ ପାଉଁଶ ହେଇଗଲା । ଆଖି ପିଛୁଳାକେ ତା'ର ଏଡ଼େ ସୁନ୍ଦର ଶରୀରର ଘଟା ରହିଲାନି । ଯେଉଁ ଧୂଳିରୁ ଆସିଥିଲା

ସେଇ ଧୂଳରେ ପୁଣି ସେ ଲୀନ ହୋଇଗଲା । ହାଡ଼ କେଇଖଣ୍ଡି ଉପରେ ମାଂସ ଓ ଚର୍ମର କାରୁକାର୍ଯ୍ୟରେ ଗଢ଼ା । ମଣିଷ ଶରୀରର ସ୍ଥାପତ୍ୟ ତାକୁଇ ନେଇ ତା'ର ଗର୍ବ । ଶରୀର ପ୍ରତି ଏତେ ମୋହ ଓ ମମତା । ସେ ସବୁ କେତେ ଦିନର— ?

କଟି ହାଡ଼ଟା ଜଳି ପାଉଁଶ ହବାକୁ ଅନେକ ସମୟ ବାକୀ ଥିଲା । ମେରୁଦଣ୍ଡଟା କଅଁା ଘୋଡ଼ ଭଳି ଜଳୁଥିଲା । ଗୋଡ଼ର ଆଣ୍ଠୁ ହାଡ ସମ୍ପୂର୍ଣ୍ଣରୂପେ ପାଉଁଶ ହୋଇ ନଥିଲା । ଗୋକୁଳବାବୁ ଲୋକ ଓ ଆଉ ସମସ୍ତେ ତା' ଶବପାଖେ କାଠଗଡ଼ ଦେଇଦେଇ ଦେଇ ନଈକୂଳ ଆଡେ ବାହାରି ଯାଇଥିଲେ । ଯାହା ବା ନ ଜଳି ରହିଯାଇଥିଲା, ସେତକ କାଠରେ ଜଳି ପୋଡ଼ି ପାଉଁଶ ହୋଇଯିବ । ବସି ରହିବା କିଛି ଦରକାର ନାହିଁ । ପୁଣି ଭମର ଜେନା କଥା । ତା'ର କ'ଣ ହେଲା, ଜଣା ପଡ଼ିଲାନି ।

ଦି' ଶବରଟା ହବ କୁକୁର ଗୋଲଖରି ଯୂଇ ଶବପାଖ ଘେରି ଖାଉଥିଲେ । ଏମାନେ ସମସ୍ତେ ପୋଖରୀ ହୁଡ଼ା ଦେଇ ଘରକୁ ଫେରୁଛନ୍ତି । ଦେଖିଲେ-ଗାଁ'ମୁଣ୍ଡେ କଅଁାଗୋହିରୀ ଦେଇ ଦି'ଟା ମଟରଗାଡ଼ି ଆସି ପହଞ୍ଚି ଗଲାଣି । ଯାହା ହଉ, ଡାକ୍ତରମାନେ ଆସି ଠିକ୍ ସମୟରେ ପହଞ୍ଚି ଯାଇଛନ୍ତି । ମନେ ମନେ ସମସ୍ତେ ଆଶ୍ୱସ୍ତ ହେଲେ । ଲୋକ ଭାବିଲା—ଖବରରେ ସେ ଏତେ ବାଟ ଦଉଡ଼ି ଦଉଡ଼ି ଯାଇଥିଲା । ଯିବା ତା'ର ସାର୍ଥକ ହୋଇଛି ।

ମାଗ ପଧାନ ଦୁଆର ମୁହଁରେ ଗାଳେ ଲେଖାଏଁ ପାଣିରେ ଗୋଡ଼ ଧୋଇଦେଇ ସମସ୍ତଙ୍କୁ ଲିମ୍ବ ପିତା ଟିକିଏ ଟିକିଏ ଦାନ୍ତରେ ଲଗେଇବାକୁ ପଡ଼ିଲା । ପ୍ରଥା ଅନୁସାରେ ନିର୍ମାଲ୍ୟ ଗୋଟେ ଗୋଟେ ସେମାନେ ପାଟିରେ ପକେଇ ଦେଲେ । ଓଦା ଲୁଗାଗୁଡାକ ଗୋଟେ କଣକୁ କରି ଫୋପାଡ଼ି ଦିଆଗଲା । ଗୋକୁଳବାବୁ ନରଣପୁରରୁ

ଆସିଲାବେଳେ ତାଙ୍କ ବ୍ୟାଗରେ ଦୁ'ଖଣ୍ଡ ଲୁଗା ଓ ସାର୍ଟ ଦୁ'ଖଣ୍ଡ ନେଇ ଆସିଥିଲେ । ସମସ୍ତ ନ ପାଇଲେ ସିଧାସଳଖ ମାସସିଂହ ପାଟଣାଠୁଁ ନରକାରପୁର ଗୁଲବେ । ଲୋକ ଘରକୁ ଗଲେ ଆଉ ଥରେ ଆସି ପାରିବେନ । ଏଣେ ଡାକ୍ତରମାନେ ଆସିଗଲେଣି ସେମାନଙ୍କୁ କାମରେ ସାହାଯ୍ୟ କରିବାକୁ ପଡ଼ିବ । ଦୁ' ହାଲ ଧୋତି ସାର୍ଟରୁ ଲୋକ ଓ ଗୋକୁଳବାବୁ ହଲେ ହଲେ ପିନ୍ଧିଲେ ।

କାଳିଆ ସାଆନ୍ତରି ଭଗବତଘର ଦୁଆର ମୁହଁରେ ଆସି ପହଞ୍ଚି ଗୋକୁଳବାବୁଙ୍କ ସାତ ପୁରୁଷ ଧରି କେତେ କ'ଣ ଗାଳି ଦେଲି । ପୁଅଟାକୁ ଶିଖେଇ ଖରାପ କରି ସାରିଲଣି । ଆଜି ଭଲ ଅଛି କି ମନ୍ଦ ଅଛି । କିଏ ଆସି ପିଟିରେ ପଡ଼ିବ ? ଲୋକବୋଉ ଭଗବତ ଘର ପର୍ଯ୍ୟନ୍ତ ଆସି ପୁଅକୁ ଭିଡ଼ିନେବେ ବୋଲି କହିବାରୁ କାଳିଆ ସାଆନ୍ତରି ମନା କଲି । ସାଆନ୍ତରି ବୁଢ଼ା କହିଲି—ଯିବା ଦରକାର ନାହିଁ । ମୁଁ ଯାଉଛି ।

ବାପା ଓ ଜେଜଙ୍କୁ ଭଗବତ ଘର ଆଡ଼କୁ ଆସୁଥିବାର ଦେଖି ଲୋକିର କାରଣ ବୁଝିବାକୁ ଆଉ ବାକି ରହିଲାନି । ଏମାନେ ଆସୁଛନ୍ତି—ତାକୁ ରାତି ହବା ଆଗରୁ ଘରକୁ ଫେରେଇ ନେବେ । ଆସି ଦେଖନ୍ତି ତ ଗାଁ ମହାଦେବଙ୍କ ସିମେଣ୍ଟ ଚଟାଣ ପାଖରେ ମଟର ଦୁ'ଟା ଆସି ଥୁଆ ହେଇଛି । ଯୋଉ ଡାକ୍ତରମାନଙ୍କୁ ଆସିବାକୁ ଖବର ଦିଆଯାଇଥିଲା ସେମାନେ ଆସିଛନ୍ତି ।

ବାପା ଓ ଜେଜେଙ୍କୁ ଲୋକି ବୁଝେଇ କରି କହିଦେଲା—ବେଶୀ ରାତି ପର୍ଯ୍ୟନ୍ତ ସେ ବାହାରେ ରହିବନି । ଏମାନେ ସବୁ ଆସିଛନ୍ତି । ଏମାନଙ୍କୁ ଘର ଘର କରି ଦେଖେଇ ନ ଦେଲେ ସମସ୍ତଙ୍କୁ ଇଞ୍ଜେକ୍‌ସନ ଦିଆ ହେଇ ପାରିବନି ।

ଗୋକୁଳବାବୁ ବ ହସି ହସି ସେଇଆ କହିଲେ । କାଳିଆ ସାଆନ୍ତଘରର ନାଲି ଆଖିକି କି ଗାଳି ଗୁଳଜକୁ କି ସେ କିଛି ହେଲେ ଭୟ ନାହାନ୍ତି । ଲୋକିକି ସେ ଆଗୁଆ ବୁଝେଇ ଦେଇଥାନ୍ତି—ସେମାନେ ତ ସେମିତି କହିବେ । କଥା ଧରି ବସିଲେ କାମ ହୋଇ ପାରିବନି ।

କାଳିଆ ସାଆନ୍ତର, ପୁଅର ଡେଣାକୁ ଧରିପକେଇ ଭିଡ଼ି ନେବ ବୋଲି ବାହାରିଥିଲି । ବାପା, ପୁଣି ତାର ଜେଜେ । ଲୋକ ଟିଲାଟେ ମନା କଲେ କ'ଣ ସେମାନେ ଶୁଣିବେ ? ଲୋକ କ'ଣ କରିବ, ଏପଟ ସେପଟ ହୋଇ ମନେ ମନେ ଭାବି ଲାଗିଥିଲା । ଦେଖିଲା—ପାଞ୍ଚ ଛ' ଜଣ ଲୋକ ଖପାଖପ୍ ମଠରରୁ ଓହ୍ଲେଇ ପଡ଼ି ସେମାନଙ୍କ ଆଗରେ ଆସି ଠିଆ ହୋଇଗଲେ ।

ଜଣେ ଆସି ପଚାରିଲେ, ଗୋକୁଳବାବୁ କିଏ ?

ଗୋକୁଳବାବୁ ନମସ୍କାର କରି ନିଜର ପରିଚୟ ଦେଲେ ।

ଲୋକ ବ ନମସ୍କାର ହେଲା ।

ଖବର କ'ଣ ?

ଗୋକୁଳବାବୁ ଗୋଟି ଗୋଟି କରି ସବୁ କଥା କହିଗଲେ । ସେମାନେ ଏଇ ସାଙ୍ଗେ ସାଙ୍ଗେ ମଶାଣିରୁ ଫେରିଛନ୍ତି । ଏଇ ଗାଁରେ ସମସ୍ତଙ୍କର ଛାତି କବାଟ ବନ୍ଦ ହୋଇ ଯାଇଛି । ଶବଟା ଉଠେଇବାକୁ ବାହାର ଲୋକଙ୍କ କଥା ଛାଡ଼ିଦିଅ, ନିଜ ଘର ଲୋକେ ବି ମଙ୍ଗୁ ନାହାନ୍ତି ।

ଭଦ୍ରଲୋକ ଜଣକ ଡାକ୍ତର ବାବୁ । କହିଲେ—ଇଞ୍ଜେକ୍ସନ ଦିବା ଏତିକି ବେଳୁ ସେ ଆରମ୍ଭ କରିଦେବେ । ପୋଖରୀ ଗାଡ଼ିଆରେ ଔଷଧ ପଡ଼ିବ । କାଲି ସକାଳୁ କାମଟା ଆଉରି ଭଲ ଭାବରେ ଚାଲିବ । ଇଞ୍ଜେକ୍ସନ ଦିଏ ନ ନେବ ସାଙ୍ଗେ ସାଙ୍ଗେ ସେ ଥାନାକୁ

ଯିବ । ବସ୍ତୁର ନାହିଁ । କେବଳ ଜେଲ୍ ଖଟିବା କଥା । ଲୋକମାନଙ୍କୁ ଏଇକଥା ବୁଝେଇ ଦବାକୁ ପଡ଼ିବ । ସେମାନଙ୍କୁ ସାହାଯ କରିବା, ସେ ଗୋକୁଳବାବୁ ଓ ଲୋକ ଦୁହିଁଙ୍କି ଅନୁରୋଧ କଲେ

ଭଗବତ ଘରେ ସେତେବେଳେ ବିଜୁଳି ଆଲୁଅ ଜଳୁଥିଲା ଘର ଘର କରି ଇଞ୍ଜେକ୍‌ସନ ଦବାକୁ ପେଟ୍ରୋମାକ୍ସ ଆଲୁଅ ଲା ସାରିଲେ କାମ ଆରମ୍ଭ ହେବ ।

× × × ×

ଚମ୍ପତିରାୟ ବୁଢ଼ା, ଗୋପାଳଆକୁ ସାଙ୍ଗରେ ଧରି ଭଗବ ଘର ପାଖରେ ଆସି ପହଞ୍ଚିଲେ । ମଠର ହର୍ଣ୍ଣ ଓ ଗାଁମୁଣ୍ଡ ପୋ ଘ ଶବ୍ଦ ଶୁଣି ଗୋପାଳଆଠୁ ସେ ଖବର ପାଇଲେ—ଡାକ୍ତରବାବୁ ମାନେ ଆସିଛନ୍ତି । ସୁଦାମ ବି ଆସିଥାଆନ୍ତା । ବୋଉ ଗୁଡ଼ିଲେନ ସଞ୍ଜ ହେଲାଣି । ପୁଅକୁ ସେ ଦାଣ୍ଡ ଦୁଆରକୁ ଗୁଡ଼ି ଦେବେନ

ଗୋକୁଳବାବୁ, ଡାକ୍ତର ବାବୁଙ୍କ ସାଙ୍ଗେ ଗାଁର ଧନ ଜମିଦାର ଶ୍ୟାମ ସୁନ୍ଦର ଚମ୍ପତିରାୟଙ୍କୁ ଚିହ୍ନା କରେଇଦେଲେ ସୁଦାମବାବୁ ଆସିଥିବେ ବୋଲି ଗୁରୁଆଡ଼େ ଅନେଇଲେ ପାଇଲେନ ।

ଶ୍ୟାମବାବୁ ଡାକ୍ତରବାବୁଙ୍କୁ ନମସ୍କାର କରି କହିଲେ ଯାହାହେଉ ଆପଣମାନେ ସବୁ ଆସିଗଲେ । ଆମ ପିଣ୍ଡିରେ ପ୍ରା ପଶିଲା ।

ଡାକ୍ତରବାବୁ କହିଲେ—କିଛିହେଲେ ଭାବିବା ଦରକା ନାହିଁ । ରୋଗ ସମ୍ପୂର୍ଣ୍ଣରୂପେ ଭଲ ନ ହେବା ଯାଏଁ, ମାନସିଂହ ପାଠଶାଳ ପୋଖରୀ କୂଅ ଓ ଗାଡ଼ିଆ ପାଣି ଭଲ ନ ହେବା ଯାଏଁ କି ବା ଘାଟ ପରିଷ୍କାର ପରିଚ୍ଛନ୍ନ ନ ହେବାଯାଏଁ, ଆମେ ଏ ଗାଁ ଛାଡ଼ି ଯାଉନୁ । ହଁ, ଆଉ ଗୋଟେ କଥା—ସମସ୍ତଙ୍କି ଗାଁରେ ଖବରଦେଇ

ଅନ୍ତୁ, ସେମାନେ ଥଣ୍ଡା କି ବାସି ଜିନିଷ କିଛି ଖାଇବେନି । ପାଣି
ଜି କି ଖାଇବା ଜିନିଷ ହଉ ସବୁ ଗରମ ଅବସ୍ଥାରେ ଖାଇବେ ।

ଶ୍ୟାମସୁନ୍ଦର ଚମ୍ପତିରାୟ ମୁଣ୍ଡ ହଲେଇ ହଁ କଲେ ।
ପଚାରିଲେ—ଆପଣମାନଙ୍କର ଖାଇବା କଥା ।

ସେ ବିଷୟରେ ଆପଣ ଭାବିବା କିଛି ଦରକାର ନାହିଁ ।
ଆମେ ଆମର ବ୍ୟବସ୍ଥା କରିବୁ । ଏତିକି ଦରକାର, ଆମେ
ପ୍ରତ୍ୟେକ ଘରେ ଯେପରି ଇଞ୍ଜେକ୍‌ସନ ଦେଇ ପାରିବୁ । ଗୋଟିଏ
ହେଲେ କାହାକୁ ଛାଡ଼ିବୁନି ।

ଗୋକୁଳବାବୁ ଭ୍ରମର ଜେନା କଥା ଡାକ୍ତରବାବୁଙ୍କୁ ଯେମିତି
ହିଛନ୍ତି, ସେ କହିଲେ—ଚାଲନ୍ତୁ ଯିବା । ଇଞ୍ଜେକ୍‌ସନ ଆରମ୍ଭ କରି
ବା । ସିରିଞ୍ଜଟା ଗରମ ପାଣିରେ ଫୁଟେଇ ରଖିବାକୁ ସେ କହିଗଲେ ।
ସେ ନିଜେ ରହିବେ ଭ୍ରମର ଜେନା ପାଖରେ । ଆଉ ଦି'ଜଣ ଘର
ଘର ବୁଲି ଇଞ୍ଜେକ୍‌ସନ ଦେବେ । ଜଣେ ସେମାନଙ୍କୁ ସାହାଯ୍ୟ
କରିବ । ଲୋକ ସାଙ୍ଗରେ ରହି ସେମାନଙ୍କୁ ଘର ଚିହ୍ନେଇ ଦଉଥିବ ।
କିଏ ନେଲେ କିଏ ନ ନେଲେ ତା'ର ହିସାବ ଦଉଥିବ ।

ଲୋକ ତିରିଶି ଚାଳିଶି ଜଣ ହବ ଆସି ଜମା ହେଇଗଲେଣି ।
ସମସ୍ତଙ୍କ ମନରେ ଅଳ୍ପ ଅଳ୍ପ ସାହସ ଆସିଲାଣି । ଏଥର ଆଉ କିଛି
ହବନି । ରାଧୁ ଦୁଆର ଫିଟେଇ ବାହାରେ ଆସି ଠିଆ ହେଇଛି ।
ଗଉରୀ ଝରକା ଦରମେଲା କରି ଏସବୁ ଲକ୍ଷ୍ୟ କରୁଥିଲା । ରାଘବ
ପରିଡ଼ାର ଦୁଆର ମୁହଁକୁ କରି ଠିଆ ରହିଥିଲା ଗୋଟିଏ [illegible] ।

## —ତେଇଶି—

ସର୍କସରେ ଥିବା ପୋଷାବାଘ ଭଳି ସୁଦାମ ଘର ଭିତରେ ରହି ଛଟପଟ ହଉଥିଲା । ଗାଁ ଦାଣ୍ଡରେ ଯୋଡ଼ା ଯୋଡ଼ା ମଟର। କେତେ ନୂଆ ନୂଆ ଲୋକ । ଗାଁ ଲୋକେ ଆସି ଜମା ହେଉଥିବେ । ବାପା ବି ଯାଇ ଦାଣ୍ଡରେ । ସେ ମାଇକିନିଆ ଝିଅ ଭଳି ଘର କଣରେ ବସି ରହିଥିବ ? ନାଁ—ଏକଥା ସେ ସହ୍ୟ କରି ପାରିବନି ।

ଗୋକୁଳବାବୁ ଓ ଲୋକ— ପ୍ରକୃତରେ ସେମାନେ ଗାଁ ଲୋକଙ୍କ ପାଇଁ କଷ୍ଟନାକଷ୍ଟ କରୁଛନ୍ତି । ଯିଏ ଯାହାର ତାନ୍ଟି କବାଟ କିଳି ଘର ଭିତରେ । କ'ଣ ତାଙ୍କର ଦରକାର ଅଛି ? କାଇଁ ଅବା ସେମାନେ ଜୀବନକୁ ପାଣି ଛଡ଼େଇ ରୋଗୀଙ୍କୁ ମଶାଣିକି ନେଇ ଯାଉଥିଲେ ? କ'ଣ ତାଙ୍କର ଯାଏଆସ୍ ଥିଲା ? ଲୋକ ଯାଇ ଷ୍ଟେସନରେ ଖବର ଦେବାରୁ ସିନା ଖୋର୍ଦ୍ଧାରୁ ଡାକ୍ତରମାନେ ଆସିଲେ । ନୋହିଲେ କେତେ ଜନ ଇମିତି ଯାଇଥାନ୍ତା କେଜାଣି ? ଗାଁ ପଦାହେଇ ସାରିଲା ପରେ ସେମାନେ ଯାଇ ଖବର ପାଇଥାନ୍ତେ । ଯାହାହଉ, ଗୋଟେ ଭଲ କାମ କରିଛନ୍ତି । ସେମାନେ ଲାଗି ନଥିଲେ ଗାଁରୁ ମୁର୍ଦ୍ଧାର ବି ଉଠିପାରି ନଥାନ୍ତା ।

ଲୋକ ଓ ଗୋକୁଳବାବୁ ଦହିଁଙ୍କି ସେ ଏକାଠି ଭାବିବାକୁ ଚେଷ୍ଟା କଲା । କେତେ ପାଠଶାଠ ପଢ଼ିନାହାନ୍ତି ଏଇ ଗୋକୁଳ-ବାବୁ । କେତେ ଆଡ଼ର କେତେ କଥା ସେ ନଜାଣନ୍ତି ? ତଥାପି ତାଙ୍କ ମନରେ ଗର୍ବ ବୋଲି ଟିକଏ ହେଲେ ନାହିଁ । କେଡ଼େ ସାଧା ସିଧା ଲୋକ ।

—ଆଉ ଲୋକ । ଗୋକୁଳବାବୁଙ୍କ ପଛରେ ଗୋଡ଼େଇଛୁ । ଲୋକମାନଙ୍କ ପାଇଁ ଅନେକ କାମ ବି କଲଣି । ହେଲେ—ସେଇଟା ମୂର୍ଖଟେ । ସେ ଅବା ଜାଣିଛୁ କ'ଣ ? ଭାବିଛୁ ଗୋକୁଳବାବୁଙ୍କ ପିଠି ଧରି ଗାଁରେ ଗୋଟେ ମାମଲତକାରି ସାଜିବ। ଆଚ୍ଛା ଦେଖିବା—

ବଣିଗଲା ଆସି ଗଉଣୀ । ତା'ର ଆଖି ଆଗରେ ଗଉଣୀର କଳଦେଲା ଭଳି ଶରୀର ନାଚ ନାଚ ଓ ଦୋଳି ଖେଳ ଖେଳ ଆସି ତା' ମନ ଭିତରେ ପ୍ରବେଶ କଲା । ଯାହାକୁ ଚେଷ୍ଟା କଲେ ବି ସେ ମନ ଭିତରୁ ବାହାର କରିପାରେନି । କାଇଁ ସିଏ ତ ତାକୁ କେବେହେଲେ ବୁଲିପଡ଼ି ଅନେଇନି ? ତା ଆଡ଼କୁ ଚାହିଁ ହସିନି ? କି ତା'କୁ ଭଲ ପାଇନି ? ବରଂ ଝରକାପାଖେ ଠିଆ ହେଇଥିଲେ ଦରଜାଟା ଜୋରରେ ଦେଇଦେଇ ଘର ଭିତରକୁ ସେ ଗୁଳିଯାଏ । ସଦାବେଳେ ଆଡ଼େଇ ଆଡେଇ ହେଇ ରହେ ।

ସୁଦାମ ମନରେ ଆଉ ଗୋଟେ ପାଖେ—ନାଚୁଥିଲା ଲୋକ । ଭାରି ଭଲପିଲା । ଗାଁପାଇଁ ଅନେକ କାମ କରୁଛି । ପରର ଦୁଃଖ ସେ ସହିପାରେନି । ନିଜ କାମଦାମ ଛାଡ଼ି ପରକାମରେ ଲାଗିଯାଏ । ଯାହା ହଉ, ଗୋକୁଳବାବୁ ତାକୁ ମନଷ କରିଦେଇ ଗଲେ ।

ଦେଖିବା—ଗଉଣୀକ ସେ କମିତି ବାହା ହେଇ ପଡ଼ିବ ? ଗଉଣୀ ଅନ୍ୟ ଗାଁକୁ ପଛେ ଯିବ, ସୁଦାମ ବଞ୍ଚି ଥାଉ ଥାଉ ସେ ସାଆନ୍ତର ଘରର ବୋହୂ ହେଇ ପାରିବନି । ସେ ଥାଇ ଏକଥା କରେଇ ଦବନା ! ତା'ର ଉପର ଖଡ଼ି ଦାନ୍ତ ତଳ ଖଡ଼ି ଉପରେ ଅଜାଣତରେ ଚପି ହେଇଗଲା । ନିଶ୍ୱାସରେ ତା'ର ବେଗ ସଂଯୋଗ ହେଲା । ପଲଙ୍କ ଉପରେ ପଡ଼ିରହି ସେ ଛଟପଟ ହବାକୁ ଆରମ୍ଭ କଲା ।

ପଲଙ୍କ ଉପରୁ ଉଠି ସୁଦାମ ବାହାରକୁ ଚାଲି ଆସିଲା ଚାରିଆଡ଼େ ଆଲୁଅ ଅନ୍ଧାରର ମେଳଣ । ଆଲୁଅ, ଅନ୍ଧାରର ହିରଣ୍ୟଗର୍ଭ ଭିତରେ ସେତେବେଳେ ହଜି ଯାଉଥିଲା ସବୁଦିନଭଳି ଗାଁ ଦାଣ୍ଡରେ କଥାବାର୍ତ୍ତା ଚାଲିନ । ପିଲାଙ୍କର ଦଉଡ଼ ଦଉଡ଼ି ଲୁଚାଲୁଚି କରୁହେଲେ ନାହିଁ । ଗାଁ ମାଇପେ ସବୁଦିନ ଭଳି ଗରା ଗରା, ମାଠିଆ ମାଠିଆ ପାଣି ବୋହିଆଣୁ ନାହାନ୍ତି ।

ସୁଦାମ ଦାଣ୍ଡଘର ଆଡ଼କୁ ଦଉଡ଼ି ଗଲା ବେଳକୁ ବୋଉ ତା' ହାତକୁ ଭିଡ଼ି ଧରିଲେ । ବାପା ଆସନ୍ତୁ ଘରେ । ସେ ଆସିଲେ ତୁ ତାଙ୍କୁ କହିଦେଇ ଯିବୁ ।

କାହିଁକି ଅବା ସେ ଯିବ ? କି ଦରକାର ଅଛି ? କ'ଣ କରିବେ ସେମାନେ କରୁଥାଆନ୍ତୁ । ଡାକ୍ତରମାନେ ଆସିଛନ୍ତି । ବାପକୁ ମଉସା କହି ଦୁଆର ମୁହଁରେ ଆସି ଇଞ୍ଜେକସନ ଦେଇଯିବେ ।

ସୁଦାମ ଦେଖିଲା—ଭଗବତ ଘରୁ ବିଜୁଳି ଆଲୁଅର ଛିଟିକା ଦାଣ୍ଡରେ ଆସି ପଡ଼ୁଛି । କିନ୍ତୁ ଗାଁ ଲୋକଙ୍କର କାଲିଭଳି ଖୁସି ଓ ଆନନ୍ଦ ଆଜି ନାହିଁ । ସୁଦାମ ତା ଶୋଇଲା ଘରକୁ ଫେରିଯାଇ ଭାବୁଥିଲା—ଗ୍ରାମ୍‌ଫୋନ୍‌ଟା ବଜେଇବ । ପୁଣି ଭାବିଲା—ନାଁ, ଭଲ ହବନି । ଗାଁରେ ଏମିତି ଗୋଟେ ଅସୁବିଧା ପଡ଼ିଛି । ଲୋକେ ହଇରାଣ ହଉଛନ୍ତି । ଭୁଣ୍ଡିରୁ କାହାରି କଥା ବାହାରୁନି । ସେ ଘରେ ବସି ଗ୍ରାମ୍‌ଫୋନ୍ ବଜେଇବ ? ମଜା କରିବ ? ନାଁ—ସେ କରିପାରିବନି । ଲୋକେ ଶୁଣିଲେ କ'ଣ କହିବେ ?

ଲୋକଙ୍କ ସାଙ୍ଗରେ ତା'ର କ'ଣ ବା ଦରକାର ଅଛି ? ଯାହାର ଯାହା ହଉ, ତାଙ୍କ ବିଲବାଡ଼ିରୁ ତ କିଏ ଚୋରେଇ ନେଇ ଯାଉନି ? ତାଙ୍କ କୋଠା ତ ଗାଳ ହେଇ ଯାଉନି ?

ସୁଦାମ ପୁଣି ଯାଇ ପଲଙ୍କ ଉପରେ ଗଡ଼ି ପଡ଼ିଲା । ଦି’ ଜଙ୍ଘମଝିରେ ହାତଆଟେ ରଖି ଆଖିବୁଜିଦେଲା ବେଳକୁ ଶୁଣିଲା, ଲୋକ ଗୋଟେ ଗୋଟେ ପଦାକୁ ବାହାରିଲେଣି । କାଁଭାଁ ଦାଣ୍ଡରେ ଆସି କଥା ହେଲେଣି । ଝରକା ପାଖରେ କାନପାରି ସେ ଶୁଣିଲା— ଡାକ୍ତରବାବୁ ଆସିଲା ପରେ ଭମର ଜେନାର ଦେହ ଭଲ ଆଡ଼କୁ ଗତି କରୁଛି । ଯାହାହେଉ, ଭମର ଜେନାଟା ତା ହେଲେ ବଞ୍ଚିଯିବ । ଯିଏ ମରୁ ବା ବଞ୍ଚୁ ତା’ର କଣ ଅଛି ? ବାପାଙ୍କ ଉପରେ ତା’ର ରାଗ ହେଲା । ତାକୁ ଘର ଭିତରେ ଗୁଡ଼ିଦେଇ ସେ ଅବା କାହିଁକି ଦାଣ୍ଡରୁ ଆସୁ ନାହାନ୍ତି ।

ସୁଦାମ ଲଣ୍ଠନଟା ତେଜି ଦେଲା । କ’ଣ ସେ କରିବ କିଛି ଭାବିପାରିଲା ନାହିଁ ।

ସୁଦାମର ଦି’ଟି ଭାବନା । ଯିବ, ନା ଯିବନି ? ଘରେ ବସି ରହିବ, ନା ଗାଁ ଦାଣ୍ଡକୁ ଯିବ ? କିଛି ହେଲେ ସେ ଠିକ୍ କରି ପାରୁନଥିଲା । ଶେଷକୁ ପଲଙ୍କ ଉପରୁ ଉଠିଯାଇ ଘର ଭିତରେ ସେ ପଦଚାରଣ କରିବାକୁ ଆରମ୍ଭ କଲା ।

## —ଚବିଶ—

ଗାଁ ମୁଣ୍ଡରେ ପ୍ରଥମ ଘର ରାଘବ ପରିଡ଼ାର । ସେଇଠୁ ବାଁହାତି ଗଲେ ପଡ଼େ ଧୋବା ସାହି । ରାଘବ ପରିଡ଼ା ଘରଠୁ ଇଞ୍ଜେକ୍‌ସନ୍ ଫୋଡ଼ା ଆରମ୍ଭ କରାଗଲା । ସମୁଦାୟ ପାଞ୍ଚ ଜଣ ଲୋକ । ଡାକ୍ତର ବାବୁ; ନାଁ, ବାପ ନାଁ ଓ ବୟସ ଲେଖିବା ପାଇଁ ଜଣେ ଲୋକ;

ଆଉ ଜଣେ ଔଷଧ ଧରିବାକୁ; ସାଙ୍ଗରେ ଲୋକ ଓ ଗୋକୁଳବାବୁ ଗୋଟେ ପେଟ୍ରୋମାକ୍ସ ଲାଇଟ ଧରି ସମସ୍ତେ ରାଘବ ପରିଡ଼ା ଘରେ ଯାଇ ପହଞ୍ଚିଗଲେ । ରାଧୁ ସେତେବେଳେ ଦାଣ୍ଡ ଦୁଆରେ ଠିଆ ହୋଇଥିଲା । ଦାଣ୍ଡଘର ଗୁହାଳରେ ରାଘବ ପରିଡ଼ା, ଗୋରୁଙ୍କ ମୁହଁରେ ପାଳ ପକାଉଥିଲା । ଗଉରୀ ଓ ତା' ବୋଉ ଝରକା ପାଖେ ଠିଆ ହୋଇଥିଲେ । ଯେମିତି ଦେଖିଦେଇଛନ୍ତି—ସମସ୍ତେ ତାଙ୍କ ଦୁଆରେ ଆସି ପହଞ୍ଚିଗଲେଣି, ଦିହେଁ ଝରକା ଦେଇ ଘର କଣରେ ଯାଇ ପଶିଲେ । ଡର ମାଡିଲା । ରୁହୁଁ ଥିବେ—ଏଣେ, ଏତେଡ଼ ବଡ଼ ଛୁଞ୍ଚିଟା କଞ୍ଚା ମାଉଁସରେ ଫୋଡ଼ିଦେବେ । ଆଇଷ ଥିଲେ ତ ବଞ୍ଚିବ, ନୋହିଲେ ତ ନାହିଁ । ଆଇଷ ନଥିଲେ କ'ଣ ଏଇ ଇଞ୍ଜେକ୍ସନ ବଞ୍ଚେଇ ଦବ ? ତା'ହେଲେ ତ ସବୁ ଲୋକେ ଇଞ୍ଜେକ୍ସନ୍ ନେଇ ଅମର ହୋଇ ଯାଉଥାଆନ୍ତେ ? ରଖିଲେ ରଖିବେ ଓସ୍ତଗଛ ମୂଳର ସେଇ ମା ମଙ୍ଗଳା ।

ଲୋକ ଓ ଗୋକୁଳବାବୁ ଅଳ୍ପ ବୁଝେଇ ଦବାରୁ ରାଧୁ ଇଞ୍ଜେକ୍ସନ୍ ନେଇଗଲା । ରାଘବ ପରିଡ଼ା ମନା କରୁଥିଲା—ତା' ଜୀବନରେ ଇଞ୍ଜେକ୍ସନ ସେ ନେଇନା । କେତେଟା ଦିନ ଆଉ ବଞ୍ଚିବା ପିଛରେ ଅବା କାହିଁ ଗୋଟେ ଛୁଞ୍ଚି ଆଣି ଦେହରେ ଫୋଡ଼ିହବ । ଅନେକ ବୁଝା ସୁଝା କଲାପରେ ସେ ବି ହାତ ଦେଖେଇଲା ।

ବାକୀ ରହିଲେ ଗଉରୀ ଓ ତା ବୋଉ । ଲୋକ କହିବା ଅନୁସାରେ ରାଧୁ ଘର ଭିତରକୁ ଯାଇ ସେମାନଙ୍କୁ ଦାଣ୍ଡ ଘରକୁ ନେଇ ଆସିଲା । ଦାଣ୍ଡଆଡ଼ୁ ମୁରବୀ ପଣିଆ ଦେଖେଇ ପାଟିକଲା ।

ଲୋକ ମନେ ମନେ ଭାବୁଥିଲା—ଏତେ ଲୋକ ନ ଥିଲେ, ସେ ସିଧା ଘର ଭିତରକୁ ପଶିଯାଇ ଗଉରୀର ବେଣୀ ଧରି ଭିଡ଼ି ଆଣନ୍ତା । ତା'ର ଶକ୍ତ ଆଙ୍ଗୁଠି ସ୍ପର୍ଶରେ ଗଉରୀର ମାଂସଳ ବାହୁ

ୱାଲ ପଡ଼ଯା'ନ୍ତା । ସିଏ ନାହିଁ ନାହିଁ କରୁଥାନ୍ତା । ଲୋକ ତାକୁ
ୂଢ଼ ଭଢ଼ ଆଣନ୍ତା । ଜହ୍ନୀ ତୋଳନ୍ତ ବେଳର ଗଉଣୀ ତା ଆଖି
ାଗରେ ଆସି ନାଚଗଲା । ଫିଟିଲା ବେଣୀ, ହୁଗୁଳା ଲୁଗା, ମୁକୁଳା
ିଠି ଓ ବାହା, ଭରିଲା ଯୌବନ ଓ ପୂରିଲା ଦେହ । ଲୋକ
ବନାରେ ଶିହରି ଉଠୁ ଉଠୁ ଡାକ ଛାଡ଼ିଲା—ଗଉଣୀ, ଆସିଲୁ—

ପଣତ କାନରେ ମୁହଁ ଲୁଚେଇ ଗଉଣୀ ଘରେ ଥାଇ ହାତ
ଦେଖେଇଦେଲା । ତା' ପରେ ବୋଉ । ରାଧବ ପରିଡ଼ା ଘର
ରିଦେଇ ସମସ୍ତେ ତା' ପାଖ ହରି ସାଆନ୍ତର ଘରକୁ ଗଲେ ।

ଅପେକ୍ଷା କରିବାକୁ ଆଉ ସମୟ ନାହିଁ । ରାତିହେଲେ ବି
କଟୁ ନା କଟୁ କାମ ସାରିଦବାକୁ ପଡ଼ିବ । ଆଉ ଯାହା ବାକି
ରହିଯିବ ସେ ହବ ସକାଳେ ।

ହରି ସାଆନ୍ତର ପରେ ବୁଲୁ ମହାରଣା । ତା'ପରେ ବନା
ିଡ଼ା, ବଇଁଶି ମାନସିଂହ, ସୁବଳ ଦଳବେହେରା, ଶ୍ୟାମସୁନ୍ଦର
ଚମ୍ପତିରାୟ, ବୁଲୁ ସୁବାହୁସିଂହ, କାଶିଆ ରାଉତରା, ଭରତ ଜେନା,
ସପନ ପଧାନ, ବାନା ପଧାନ, କାଶି ସାହୁ, ରମିଆ ସାହୁ, ଦାସିଆ
ଗୁଡ଼ିଆ, ହନା ବେହେରା, ଲକ୍ଷ୍ମଣ ନାୟକ, ବାଜ ଡିଆଡ଼ି, କୁଳମଣି
ବାହ୍ମାପତି, ରାମ ମିଶ୍ରେ, ରଘୁ ମହାନ୍ତି, ଘନ ମଲ୍ଲିକ ଓ ଦାସିଆ
ବାଉରି, ଏମିତି ସମସ୍ତିଙ୍କର କେତେ ବୋଲି କେତେ ଘର ମିଶି
ମାନସିଂହ ପାଟଣା ଗାଁ । ପାଞ୍ଚଶ' ଘର ବସ୍ତି । ଏତେ ବଡ଼ ଏ ଗାଁ ।
ଗାଁର ସମସ୍ତେ ପୁଣି ଇଞ୍ଜେକ୍‌ସନ ନେବେ ।

ରାତି ପହରେ ପର୍ଯ୍ୟନ୍ତ ଇଂଜେକସନ୍ ଦିଆ ଚାଲିବ । ନାଳ,
ିତଗଦା ଓ ଅନ୍ୟାନ୍ୟ ଅପରିଷ୍କାର ସ୍ଥାନମାନଙ୍କରେ ଧଳା ଧଳା
ହଇ କ'ଣ ଗୁଡ଼େ ପଡ଼ି ସାରିଲାଣି । କୂଅ ପୋଖରୀ ଓ ଗାଡ଼ିଆ
ାଣି ନେଇ ସେଗୁଡ଼ାକ ପକେଇ ଦେଇଛନ୍ତି । ପାଣି କେମିତି ଗୋଟେ

ଗନ୍ଧ ହଉଛି । ଲୋକେ ଘର କଣରେ ପୋଡ଼ ପଶିଥିଲେ, ଆସ୍ତେ ଆସ୍ତେ ଦାଣ୍ଡ ଦୁଆରମାନଙ୍କରେ ଆସି ଠିଆ ହବାକୁ ଆରମ୍ଭ କଲେଣି । ମନରେ କମିତି ଗୋଟେ ସାହସ ଆସିଲାଣି ।

ଗାଁର କେତେ କେତେ ଲୋକ ଗୋକୁଳବାବୁ ଓ ଲୋକ ଝିଅଁଙ୍କି ଘର ପ୍ରଶଂସା କରିବାରେ ଲାଗିପଡ଼ିଲେ । ଯେତେହେଲେ ସାଆନ୍ତଘର ବୁଢ଼ାର ନାତିଟି ? କୁଳର ସେ ନାଁ ରଖିବ ।

ଗାଁ ଦାଣ୍ଡରେ ପଞ୍ଚେ ଲୋକ ଠିଆ ହୋଇ କଥା ହଉଥିଲେ । ତାଙ୍କ ଭିତରେ ଥିଲା କଣ୍ଢୁ ଭାଇନା । ସେ କହୁଥିଲା, କାଲି ରାତିରେ ସୁକଖିଆ ବାଜିଲା ବେଳେ ସେ ଗାଁ ମଶାଣି ଆଡ଼େ ଯେମିତି ଅନେଇ ଦେଇଛି, ଦେଖିଥିଲା—କଏ ଗୋଟେ ଲମ୍ବ ହୋଇ ଠିଆ ହେଇଛି । ତାକୁ ଅନେଇଲେ ଆଖି ପାଇବନି । ସବୁଦିନ କଣ୍ଢୁ ଭାଇନା ରାତି ପାଞ୍ଚ ଛଅ ଘଡ଼ି ବେଳକୁ ନଈକୂଳ ଆଡ଼େ ଝାଡ଼ା ଯାଏ । କାହିଁ କେବେ ହେଲେ ତ ସେ ଏମିତି ଦେଖିନି । କିନ୍ତୁ କାଲି ସଞ୍ଜ ପହରଟାରୁ ନଈକୂଳ ଖାଁ ଖାଁ ଗୋଡ଼ଉଥିଲା । ଗାଁ ମୁଣ୍ଡଟା କମିତି ମାଡ଼ି ମାଡ଼ି ପଡ଼ିଲା ଭଳି ଜଣା ପଡ଼ୁଥିଲା ।

ଗାଁ ମୁଣ୍ଡ ଭଗବତ ଘରେ କାଲି ଭଳି ବିଜୁଳି ଆଲୁଅ ଜଳୁଛି । ମଝି ଦାଣ୍ଡରେ ଦି'ଟା ମଟର । ମଟର ଦେହରେ ବିଜୁଳି ଆଲୁଅ ପଡ଼ି ଚକ୍‌ଚକ୍ କରୁଛି । ମାନସିଂହ ପାଟଣା କଏ, ମଟର କଏ ? ଗାଁରେ ଏମିତି ବିପଦ ନ ପଡ଼େ କି ମଟର ନ ଆସେ । ଭଲ ଦିନ ହୋଇଥିଲେ ଗାଁ ଦାଣ୍ଡରେ ଲୋକ ଗହଳରେ ରଥଯାତ୍ରା ହେଇଥାନ୍ତା କିନ୍ତୁ ଆଜି କେହି ବୋଲି କେହି ନାହାନ୍ତି । କାହାର ସୋରଶବଦ ନାହିଁ । ଘର ଭିତରୁ କାହାର କଅଁଳା ପିଲାଟି ବି କାନ୍ଦି ଉଠୁନି । ଗାଁରେ କେହି ଲୋକ ନ ଥିଲା ଭଳି ଜଣା ପଡ଼ୁଛି ।

ଗୋଟିଏ ଘର ସାରି ସମସ୍ତେ ଆଉ ଘରକୁ ଯାଉଥାଆନ୍ତି । ଇଞ୍ଜେକ୍‌ସନ ଦିଆ ଚାଲିଛି । ଚମ୍ପତିରାୟଙ୍କ ଘରେ ଦିଆ ସରିଲାଣି । ଚମ୍ପତିରାୟଙ୍କ ଘରେ ଇଞ୍ଜେକ୍‌ସନ ଦେଲାବେଳକୁ ସୁଦାମବାବୁଙ୍କ କହିବା ଅନୁସାରେ ଛୁଞ୍ଚିଟା ବଦଳା ହେଲା । ଗାଁର ଅପରିଷ୍କାର ଲୋକଗୁଡ଼ାକଙ୍କର ରକ୍ତ କାଳେ ତାଙ୍କ ଦେହରେ ପଶିଯିବ ! ଡାକ୍ତରବାବୁଙ୍କ ସାଙ୍ଗେ ଲୋକଙ୍କ ଦେଖି ସୁଦାମର ମନ ଜଳି ଯାଉଥିଲା । ଗାଁରେ ସେ ମାମଲତକାର ସାଜିବ । ବାପା ବୋଉ ଏବେ ତାକୁ ବାହାରକୁ ଯିବାକୁ ମନା କରୁଛନ୍ତି ।

ଲୋକଟା ପ୍ରକୃତରେ ଗାଁ ଲୋକଙ୍କ ପାଇଁ ଅନେକ କାମ କଲାଣି । ଗୋକୁଳବାବୁଙ୍କ ସାଙ୍ଗେ ଗୋଲଖକୁ ନେଇ ମଶାଣିକି ଯାଇଥିଲା । ଇଆର ଏତେ ସାହସ ଆସିଲା କୁଆଡ଼ୁ ? ଲୋକଟା ତା' କେଜେ କାଠର ହବ ।

ତେବେ—ଦେଖାଯାଉ, ଗଉଣିକ ସେ କମିଟି ବାହାହେଇ ପଡ଼ିବ ? ସେ ଯେବେ ଶ୍ୟାମ ସୁନ୍ଦର ଚମ୍ପତିରାୟଙ୍କ ପୁଅ ହେଇ-ଥିବ, ଲୋକ ସାଙ୍ଗେ ତାକୁ ବାହା କରେଇ ଦବନ ।

ଇଞ୍ଜେକ୍‌ସନ ନେଇସାରି ସୁଦାମ ସିଧା ସଳଖ ତା' ଶୋଇଲା ଘର ଭିତରକୁ ପଶିଯାଉଥିଲା ।

ତା' ଶୋଇଲା ଘର ଆଉ ତିନିଟା ଘର ଛଡ଼ା । ଲୋକ ଗୋକୁଳବାବୁଙ୍କୁ ଠାରିଦେଲା । ହାତମାରି ଡାକି ଆଣିଲା । ସେମାନେ ଇଞ୍ଜେକ୍‌ସନ ଦଉଥାଆନ୍ତି । ତାଙ୍କ ଘର ପଡ଼ିଗଲେ କେଜେ, ବାପା କି ବୋଉ ତାକୁ ଘର ଭିତରକୁ ଡାକି ନେଇଗଲେ ସେ ଆଉ ଆସି ପାରିବନ । ସେମାନେ ଆପେ ଆପେ ଲୋକଙ୍କୁ ଡାକି ଇଞ୍ଜେକ୍‌ସନ ଦଉଥାଆନ୍ତି ।

ଲୋକ ଗୋକୁଳବାବୁଙ୍କୁ ଡାକି କ'ଣ କହିବ ବୋଲି ଭିଡ଼ିଆଣିଲା ।

0/304

## —ପଚିଶ—

ଲୋକ କଥା ତା' ତୁଣ୍ଡରେ କେବଳ ଲାଖି ରହିଛି । ଗୋକୁଳବାବୁ ପଚାରିଲେ—ଲୋକ, ଭରତ ଜେନା ଘର ଆଡ଼େ ଟିକେ ଯାଇ ଥାଆନ୍ତେ ?

ସିଏ ତ ଭଲ ଅଛି । ଡାକ୍ତର ବାବୁ କହୁଥିଲେ—ଭୟର କିଛି ହେବନି । ଔଷଧ ଠିକ୍ ସମୟରେ ଦିଆ ଯାଇଛି । ତା'ର ଭଲ ଅବସ୍ଥା ଫେରି ଆସିଲାଣି ।

ସତେ ? ଗୋକୁଳବାବୁ ଲୋକ ମୁହଁକୁ କେବଳ ଚାହିଁ ରହିଥିଲେ । ଏଣେ କେତେ କ'ଣ ବି ଭାବି ଲାଗିଥିଲେ ।

ଭାସି ଆସୁଥିଲା ଅଦୂରରୁ ଧୁ—ଧୁ ଶବ୍ଦ । ପ୍ରକାଣ୍ଡକାୟ ରାକ୍ଷସ ଭଳି ମାଡ୍ରାଜ କଲିକତା ରେଲ ଲାଇନ୍ ଉପରେ ଗାଡ଼ିଟେ ଚାଲି ଯାଉଥିଲା । ମାନସିଂହ ପାଟଣାଠୁ ନରକାର ପୁର, ବାଟ ତିନି ମାଇଲ । ରାତି ଆସି ଘଡ଼ିଏ ହେବ ।

ଆଜି କଟକ ଯିବାର ଥିଲା । ଭଉଣୀମାନେ ଅପେକ୍ଷା କରିଥିବେ । ଆଗୁଆ ଚିଠି ଲେଖି ଦେଇଛି । ସେମାନେ ଷ୍ଟେସନକୁ ତ ନିଶ୍ଚୟ ଆସିଥିବେ । ଆସି ଫେରିଯିବେ । ଗୋକୁଳବାବୁ ଲୋକ ଆଡ଼କୁ ଅନେଇ ଏମିତି କେତେ କ'ଣ ଭାବୁଥିଲେ ।

ଲୋକ ପଚାରିଲା—ଗୋକୁଳବାବୁ, ଆଜି ପରା ଆପଣ କଟକ ଯାଇଥାନ୍ତେ ?

ହଁ, ଯାଇଥାନ୍ତି—ଠିକ୍ କରିଥିଲି । କିନ୍ତୁ ଯିବିନି ।

କାରଣ ?

ମୁଁ ଠିକ୍ କରିଛି—ନରଣପୁରରୁ ମାନସିଂହପାଟଣାକୁ ଘୁଞ୍ଚି ଆସିବି । କାଲି ସକାଳୁ କାହାକୁ ଜଣେ ପଠେଇ ଦେଲେ ସେ ମୋ

ଜିନିଷପତ୍ର ଯାଇ ନେଇ ଆସିବ । ତମ ଗାଁର ଭଗବତ ଘରେ ରହିବ ।

କାଇଁ ?

ସେଠାରେ ମୋର କାମ ସରିଯାଇଛି ।

ଗୋକୁଳବାବୁ କ'ଣ କହୁଛନ୍ତି, ଲୋକ କିଛି ହେଲେ ବୁଝି ପାରିଲାନି । ତାଙ୍କ ମୁହଁକୁ କେବଳ ବକ୍‌ବକ୍ କରି ଚାହିଁ ରହିଲା ।

କ'ଣ ଅନଉଛୁ ଲୋକ । ଏଥରକ ତୁମ ଗାଁରେ ଆସି ରହିବ । ଆ—ମାନସିଂହ ପାଟଣାରେ ସ୍କୁଲ ବସେଇବା, ଗାଁକୁ ସଡ଼କ ପକେଇବା, ଗାଡ଼ିଆ, କୂଅ, ପୋଖରୀ ଉଖାଳିବା, ଦଳ କାଢ଼ିବା, ଗାଁ ସଫା କରିବା, ଗାଁ ସଭା କରି ଗାଁ କଳି ଗାଁରେ ଭାଙ୍ଗିବା । ଏ ସବୁ କାମ, ଆ—ସାଙ୍ଗ ହୋଇ ଆରମ୍ଭ କରିଦବା । ତୋ' ଭଳି ପାଞ୍ଚ ଦଶଟା ଟୋକା ଯେବେ ଏ ଗାଁରୁ ବାହାରି ପଡ଼ନ୍ତି, ମାନସିଂହ-ପାଟଣାର ରୂପ ବଦଳିଯିବ । ଭାଗ୍ୟ ତାର ଫେରି ଆସିବ ।

ଘରକୁ ଘର ବୁଲି ସେମାନେ ଇଞ୍ଜେକ୍‌ସନ୍ ଦେବାରେ ଲାଗିଥାଆନ୍ତି ।

ଲୋକ, ଗୋକୁଳବାବୁଙ୍କ ମୁହଁକୁ ଅନେଇ କେତେ କ'ଣ ଭାବି ଯାଉ ଯାଉ, ଆଉରି ଥରେ ପଚାରିଲା—ଆପଣ ସତ ଏଇ ମାଲଗାଡ଼ିରେ କଟକ ଯାଉଥିଲେ ? ଗାଡ଼ି ତ ହେଇଟି ହୁଇସିଲ୍ ଦେଇ ଚାଲିଗଲା—

ଗୋକୁଳବାବୁ ଲୋକକୁ କୁଣ୍ଢେଇ ପକେଇ କହିଲେ—ମୁଁ ଆଜି କଟକ ଯିବନି ଲୋକ । ଗାଁ ଗାଁ ବୁଲି ଜୀବନଟା ଏମିତି କଟେଇ ଦେବି ।

ମଣିଷ ମୁହଁରେ ହସ ଟିକିଏ ଦେଖିଲେ ପେଟ ମୋର ପୂରି ଉଠିବ ।

---